ମନୀଷୀ ଶ୍ରୀଧର

ସାରଳା ସାହିତ୍ୟ ସଂସଦ

Digitized by srujanika@gmail.com

ମନୀଷୀ ଶ୍ରୀଧର

ସଂପାଦନା :
ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁ

ସହ ସଂପାଦନା :
ଡକ୍ଟର ରବିନାରାୟଣ ମହାରଣା
ସଂଜିତ୍ କୁମାର ପଟ୍ଟନାୟକ

ସଙ୍କଳନ :
ସାରଳା ସାହିତ୍ୟ ସଂସଦ
ସାରଳା ଭବନ, କଟକ - ୭୫୩୦୦୮

ଭାଷା ପ୍ରକାଶନ
ବ୍ରଜଧାମ, ଏଫ୍ - ୮୨୯, ସେକ୍ଟର - ୭
ମର୍କତନଗର, କଟକ - ୭୫୩୦୧୪

Digitized by srujanika@gmail.com

ମନୀଷୀ ଶ୍ରୀଧର

ସମ୍ପାଦନା ଓ ସଙ୍କଳନ :

ସାରଳା ସାହିତ୍ୟ ସଂସଦ

ବିଜୁ ପଟ୍ଟନାୟକ ଛକ, ତୁଳସୀପୁର,

କଟକ - ୮

©ସାରଳା ସାହିତ୍ୟ ସଂସଦ

ପ୍ରକାଶକ :

ଭାଷା ପ୍ରକାଶନ

ବ୍ରଜଧାମ,ଏଫ୍ ୮୨୯, ସେକ୍ଟର-୭,

ମର୍କତନଗର, କଟକ-୧୪

ମୋ. : ୯୮୬୧୦୫୯୫୫୫

ଚିତ୍ର ଓ ପ୍ରଚ୍ଛଦ :

ଶ୍ରୀ ବିଜୟ ପ୍ରଧାନ

ପ୍ରଥମ ସଂସ୍କରଣ :

୨୦୧୮

ମୁଦ୍ରଣ :

ସତ୍ୟବ୍ରତ ଅଫ୍‌ସେଟ୍

ଡି - ୧୧୧୧, ସେକ୍ଟର-୬,

କଟକ-୭୫୩୦୧୪

ମୂଲ୍ୟ : ୩୦୦ ଟଙ୍କା

MANISHI SRIDHAR

Edited & Compiled by :

Sarala Sahitya Sansad

Biju Patnaik Chhak,

Tulsipur, Cuttack - 8

©Sarala Sahitya Sansad

Published by :

Bhasa Prakasan

Brajadham, F/829, CDA

Sector-7, Cuttack - 14

Cover Design :

Sri Bijay Pradhan

Printed at :

Satyabrata Offset

D /1111, Sector-6,

CDA, Cuttack-14

Price : Rs.300.00

Digitized by srujanika@gmail.com

ଅଗ୍ରଲେଖ

ଆମ ଭାଷା ସାହିତ୍ୟର ଆଦିକବି ହେଉଛନ୍ତି ସାରଳା ଦାସ । ସେ ସମୃଦ୍ଧ ଓଡ଼ିଆ ସାହିତ୍ୟର ଜନକ । କେବଳ ଭାରତୀୟ ସାହିତ୍ୟ କାହିଁକି; ସମଗ୍ର ବିଶ୍ୱ ସାହିତ୍ୟରେ ସେ ହେଉଛନ୍ତି ଏକ ବିସ୍ମୟକର ପ୍ରତିଭା । ଏହି ମହାନ ପ୍ରତିଭାଧରଙ୍କ ସ୍ମୃତିରକ୍ଷା ପାଇଁ ମୁଁ ୧୯୮୧ ମସିହା ଡିସେମ୍ବର ମାସରେ ଓଡ଼ିଶାର ସାରସ୍ୱତ ପ୍ରାଣକେନ୍ଦ୍ର କଟକଠାରେ 'ସାରଳା ସାହିତ୍ୟ ସଂସଦ' ଗଠନ କରିଥିଲି । ଏହି ସଂସଦ ବିଭିନ୍ନ କାର୍ଯ୍ୟକ୍ରମ ସହିତ ବିଗତ ୩୭ ବର୍ଷ ମଧ୍ୟରେ ପ୍ରାୟ ୬୦ ଖଣ୍ଡ ଉପାଦେୟ ଗ୍ରନ୍ଥ ପ୍ରକାଶ କରିସାରିଛି । ଚଳିତବର୍ଷ ସଂସଦ ଆମ ଭାଷା ସାହିତ୍ୟର ଜଣେ ମହାନ ସ୍ରଷ୍ଟା ମନୀଷୀ ପ୍ରଫେସର ଶ୍ରୀଧର ଦାସଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱର ଉପସ୍ଥାପନା ପାଇଁ 'ମନୀଷୀ ଶ୍ରୀଧର' ନାମକ ଏକ ଗ୍ରନ୍ଥ ପ୍ରକାଶ କରୁଅଛି । ଏହି ଗ୍ରନ୍ଥରେ ଓଡ଼ିଶାର ବହୁ ଖ୍ୟାତନାମା ସାରସ୍ୱତ ସ୍ରଷ୍ଟା ଶ୍ରୀଧର ଦାସଙ୍କ ଜୀବନୀ ଓ କୃତି ଉପରେ ଆଲେଖ୍ୟ ପ୍ରଦାନ କରିଛନ୍ତି । ଏହି ସଙ୍କଳନରେ ଭିନ୍ନ ସମୟରେ ବିଭିନ୍ନ ଲେଖକଙ୍କ ଦ୍ୱାରା ଲିଖିତ ଶ୍ରୀଧର ଦାସଙ୍କ ସମ୍ପର୍କିତ ରଚନାମାନ ସ୍ଥାନିତ ହୋଇଛି । ଏହି ଅବକାଶରେ ସମସ୍ତ ଲେଖକ ଲେଖିକାଙ୍କୁ ମୁଁ କୃତଜ୍ଞତା ଜଣାଉଛି ।

ଏହି ଗ୍ରନ୍ଥରେ ତିନୋଟି ପ୍ରସଙ୍ଗ ପରିଲକ୍ଷିତ ହୁଏ । ଏଗୁଡ଼ିକ : (କ) ଏକାନ୍ତ ଅନୁଭବ (ଖ) ମୁଗ୍ଧ ଦୃଷ୍ଟିରେ ସାରସ୍ୱତ ଆକଳନ ଓ (ଗ) ଦୂର ପାହାଡ଼ । ପ୍ରଥମଟିରେ ଯାହାଙ୍କର ସ୍ମୃତିଚାରଣ କରାଯାଉଛି ତାହାଙ୍କୁ ଅତି ନିକଟରୁ ଯେଉଁମାନେ ଦେଖିଛନ୍ତି, ତାଙ୍କ ସହିତ ମିଶିଛନ୍ତି, କଥାବାର୍ତ୍ତା ହୋଇଛନ୍ତି ଓ କାର୍ଯ୍ୟ କରିଛନ୍ତି; ସେମାନଙ୍କ ନିଜସ୍ୱ ଅଭିବ୍ୟକ୍ତି । ଦ୍ୱିତୀୟଟିରେ ଯେଉଁମାନେ ତାଙ୍କ ସୃଷ୍ଟିକୁ ଚିହ୍ନିଛନ୍ତି, ତାକୁ ପଢ଼ି ଆତ୍ମସ୍ଥ ହୋଇଛନ୍ତି ଓ ଆହ୍ଲାଦିତ ହୋଇଛନ୍ତି, ସେମାନଙ୍କର ସାରସ୍ୱତ ଆକଳନ ଏବଂ ତୃତୀୟଟିରେ ଯେଉଁମାନେ କେବଳ ତାଙ୍କ ଆତ୍ମଜୀବନୀରୁ ତାଙ୍କୁ ଯେପରି ଚିହ୍ନିଛନ୍ତି

Digitized by srujanika@gmail.com

ଓ ବୁଝିଛନ୍ତି, ତାହାର ପରିପ୍ରକାଶ । ଏହି ଦୃଷ୍ଟିରୁ ସଂଶିତ ଗ୍ରନ୍ଥକୁ ତାଙ୍କ ଜୀବନୀର ସଂକ୍ଷିପ୍ତ ପରିପ୍ରକାଶ ବୋଲି କୁହାଯାଇପାରିବ ।

ଏହି ଗ୍ରନ୍ଥକୁ ଲୋକଲୋଚନକୁ ଆଣିବାରେ ପ୍ରଫେସର ଶ୍ରୀଧର ଦାସଙ୍କ ସୁପୁତ୍ର ସରସ୍ୱତୀ ସମ୍ମାନ ପ୍ରାପ୍ତ ପ୍ରଖ୍ୟାତ ଲେଖକ ଡଃ ଜଗନ୍ନାଥ ପ୍ରସାଦ ଦାସ, ଇଂ ରଘୁନାଥ ପ୍ରସାଦ ଦାସ, ପୁତ୍ରବଧୂ ଓ କବି ପ୍ରମୋଦା ଦାସଙ୍କ ସାହାଯ୍ୟ ଓ ସହଯୋଗ ସର୍ବାଗ୍ରେ ଉଲ୍ଲେଖନୀୟ । ଏହି ଅବସରରେ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି । ଏହାର ପ୍ରକାଶନ ଦାୟିତ୍ୱ ବିଶିଷ୍ଟ ପ୍ରକାଶନ ସଂସ୍ଥା 'ଭାଷା ପ୍ରକାଶନ' ବହନ କରିଥିବାରୁ ମୁଁ ତାଙ୍କୁ ମଧ୍ୟ ସାଧୁବାଦ ଜଣାଉଛି ।

ଶେଷରେ ଏହି ଗ୍ରନ୍ଥ ପାଠକୀୟ ଆଦୃତି ଲାଭ କରିବ ବୋଲି ମୁଁ ଆଶା କରୁଛି ।

୨୪ ଏପ୍ରିଲ, ୨୦୧୮
ସାରଳା ଭବନ, କଟକ

ପ୍ରତିଷ୍ଠାତା ଓ ସଭାପତି,
ସାରଳା ସାହିତ୍ୟ ସଂସଦ

Digitized by srujanika@gmail.com

ଦି' ପଦ

ଓଡ଼ିଆ ଭାଷା ସାହିତ୍ୟର ଆଦିସ୍ରଷ୍ଟା ସାରଳା ଦାସଙ୍କ ସ୍ମୃତି ରକ୍ଷା ପାଇଁ ସାହିତ୍ୟିକ ଇଂ ପ୍ରଭାକର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ୧୯୮୧ ମସିହା ଡିସେମ୍ବର ମାସର ଏକ ପବିତ୍ର ଲଗ୍ନରେ କଟକଠାରେ ଜନ୍ମ ନେଇଥିଲା ସାରଳା ସାହିତ୍ୟ ସଂସଦ । ଏହା ମଧ୍ୟରେ ୩୭ ବର୍ଷ ବିତିଗଲାଣି । ସଂସଦ ଏହି ସମୟ ମଧ୍ୟରେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରାୟ ୬୦ ଖଣ୍ଡ ଉପାଦେୟ ଗ୍ରନ୍ଥ ପ୍ରକାଶ କରିପାରିଛି । ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ଓ ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗଦ୍ୱାରା ପ୍ରକାଶିତ 'ସାରଳା ମହାଭାରତ' ଉପଲବ୍ଧ ହେଉ ନ ଥିବାରୁ ସଂସଦ ୨୦୦୭ ମସିହା ମାଘ ସପ୍ତମୀରେ ନବ ପରିପାଟୀ ସହିତ ୨୦୦୦ ସେଟ୍ ସାରଳା ମହାଭାରତ ପ୍ରକାଶ କରିଥିଲା । ଫଳତଃ ଆଦିକବି ସାରଳା ଦାସଙ୍କ ଶ୍ରେଷ୍ଠକୃତି 'ସାରଳା ମହାଭାରତ' ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇପାରିଥିଲା । ସଂସଦ ଦ୍ୱାରା ପ୍ରକାଶିତ ପ୍ରାୟ ୨୦୦୦ ସେଟ୍ ବିକ୍ରୟ ହୋଇଯିବାରୁ ୨୦୧୭ରେ ପୁଣି ଏହାର ପୁନଃମୁଦ୍ରଣ କରାଯାଇଛି । ଏ ଦିଗରେ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ ପ୍ରଭାକର ସ୍ୱାଇଁ ଏବଂ ଉପଦେଷ୍ଟା ଶ୍ରୀ ସହଦେବ ସାହୁଙ୍କ ଉଦ୍ୟମର ମୁଁ ଭୂୟସୀ ପ୍ରଶଂସା କରୁଛି । ଅତ୍ୟନ୍ତ ସୁଖର କଥା ସଂସଦ ଚଳିତବର୍ଷ ଓଡ଼ିଆ ସାହିତ୍ୟର ଜଣେ ବିଦ୍ୱାନ ପ୍ରଫେସର ଶ୍ରୀଧର ଦାସଙ୍କ ଜୀବନୀ ଓ କୃତି ସମ୍ପର୍କିତ ଏକ ଗ୍ରନ୍ଥ ପ୍ରକାଶ କରୁଛି । ଏହି ଅବସରରେ ଏହାର ଲେଖକ ଲେଖିକାଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି ।

ସଂସଦ ପ୍ରାୟ ଅଧ ଏକର ପରିମିତ ଜମି ମଧ୍ୟରେ ୨୫,୦୦୦ ବର୍ଗଫୁଟ ବିଶିଷ୍ଟ ତ୍ରିତଳ ସୁଦୃଶ୍ୟ ଅଟ୍ଟାଳିକା 'ସାରଳା ଭବନ' ନିର୍ମାଣ କରିଛି । ଏହି ଭବନରେ ୬୦୦ ସ୍ଥାନ ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ସଭାକକ୍ଷ ସମେତ ଲାଇବ୍ରେରୀ, ରିଡ଼ିଂ ରୁମ୍, ଆଦିବାସୀ ସଂଗ୍ରହାଳୟ ଓ ଲେଖକ ଗ୍ୟାଲେରୀ ରହିଛି । ସଂସଦର ବିଭିନ୍ନ ଉତ୍ସବରେ ଦେଶର ବହୁ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜ୍ଞାନପୀଠ ଓ ସରସ୍ୱତୀ ସମ୍ମାନପ୍ରାପ୍ତ ବହୁ ଲେଖକ ଲେଖିକା ଯୋଗ ଦେଇ ଏହାର ବିଭିନ୍ନ କାର୍ଯ୍ୟାବଳୀ ଉପରେ ସନ୍ତୋଷ ପ୍ରକାଶ କରିବା ସହିତ ଏହାକୁ ଏକ ଜାତୀୟ ସାରସ୍ୱତ ଅନୁଷ୍ଠାନ ରୂପେ ଅଭିହିତ କରିଛନ୍ତି । ଏହି ସଂସଦ ପ୍ରତିଷ୍ଠାର ୧୦ ବର୍ଷ ମଧ୍ୟରେ ଅର୍ଥାତ୍ ୧୯୯୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ହୋଇଥିଲା । ସାରଳା ସାହିତ୍ୟ ସଂସଦ ପ୍ରତ୍ୟେକ ମାସରେ ଅନ୍ତତଃ ୪/୫ ସାରସ୍ୱତ ଉତ୍ସବ, ଆଲୋଚନାଚକ୍ର ଓ କର୍ମଶାଳାର

Digitized by srujanika@gmail.com

ଆୟୋଜନ କରି ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ୨୦୧୬ ନଭେମ୍ବର ୨ ଓ ୩ ତାରିଖ ଏବଂ ୨୦୧୭ ଅପ୍ରେଲ ୨ ଓ ୬ ତାରିଖରେ ସାରଳା ସାହିତ୍ୟ ସଂସଦର ଚାରୋଟି ଶାଖା ଯଥାକ୍ରମେ ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁରଠାରେ ଉଦ୍‌ଘାଟିତ ହେବା ସହିତ ସେଠାରେ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସଂସଦ ପକ୍ଷରୁ ପ୍ରତିବର୍ଷ ମର୍ଯ୍ୟାଦାଜନକ 'ସାରଳା ସମ୍ମାନ, କଳିଙ୍ଗ ରତ୍ନ ସମ୍ମାନ, ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ, ମାନସିଂହ ସମ୍ମାନ, ଗଙ୍ଗାଧର ମେହେର ସମ୍ମାନ, ପ୍ରଫେସର ଶ୍ରୀଧର ଦାସ ସମ୍ମାନ' ପ୍ରଦାନ କରାଯାଉଛି ।

ଏଠାରେ ସୂଚନାଯୋଗ୍ୟ ଯେ, ଇଂ ପ୍ରଭାକର ସ୍ୱାଇଁ ପାରାଦ୍ୱୀପ ବନ୍ଦରର ଟ୍ରଷ୍ଟି ଥିବା ସମୟରେ ତାଙ୍କର ଉଦ୍ୟମ କ୍ରମେ ବନ୍ଦର କର୍ତ୍ତୃପକ୍ଷ ପାରାଦ୍ୱୀପର ଏକ ପ୍ରଧାନ ରାସ୍ତାକୁ 'ଆଦିକବି ସାରଳା ଦାସ ମାର୍ଗ' ରୂପେ ନାମିତ କରିବା ସହିତ ଆଦିକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଇଥିଲେ । ତାଙ୍କର ଉଦ୍ୟମ କ୍ରମେ କଟକ ମହାନଗର ନିଗମ ୨୦୧୬ ଅଗଷ୍ଟ ୩୧ ତାରିଖରେ କଟକ ସିଡ଼ିଏ ଅଞ୍ଚଳର ଏକ ପ୍ରଧାନ ରାସ୍ତାର ନାମ 'ଆଦିକବି ସାରଳା ଦାସ ମାର୍ଗ' ରଖିବା ସହିତ ସାରଳା ଭବନ ସମ୍ମୁଖରେ ଆଦିକବିଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି ।

ସାରଳା ସାହିତ୍ୟ ସଂସଦର ଆରମ୍ଭ ଦିନରୁ ଏଯାବତ୍ ଯାହା ସବୁ ସମ୍ଭବ ହୋଇଛି, ତାହାର ମୁଖ୍ୟ ସ୍ଥପତି ହେଉଛନ୍ତି ଇଂ ପ୍ରଭାକର ସ୍ୱାଇଁ । ସେ ମନ, ଧନ ଓ ତନ ଦେଇ ଏ ସଂସଦକୁ ଗଢ଼ି ତୋଳିଛନ୍ତି । ସଂସଦକୁ ଗଢ଼ିବା ପାଇଁ ସେ ବହୁ ଶ୍ରମ ଓ ତ୍ୟାଗ ସ୍ୱୀକାର କରିଛନ୍ତି । ତା'ର ମୂକସାକ୍ଷୀ ହେଉଛି ସାରଳା ସାହିତ୍ୟ ସଂସଦ ଓ ସାରଳା ଭବନର ପ୍ରତ୍ୟେକ ଅଣୁକଣିକା ଏବଂ ଜୀବନ୍ତ ସାକ୍ଷୀ ହେଉଛୁ ଆମ୍ଭେମାନେ (ସାରଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଓ ସଭ୍ୟ ସଭ୍ୟାବୃନ୍ଦ) । ସେ ବହୁ ଲୋକଙ୍କଠାରୁ ସାହାଯ୍ୟ ଆଦାୟ କରି ସାରଳା ଭବନ ଗଢ଼ିଛନ୍ତି ସତ, ମାତ୍ର ସାହାଯ୍ୟ ଆଦାୟ କରିବା ବହୁ କଷ୍ଟକର ବ୍ୟାପାର । ଏହା ଆମେ ସମସ୍ତେ ଅନୁଭବ କରିଛୁ । ସର୍ବୋପରି ଇଂ ଶ୍ରୀ ସ୍ୱାଇଁଙ୍କୁ ସାରଳା ସାହିତ୍ୟ ସଂସଦର ଏକକ ସ୍ଥପତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସାରଳା ସାହିତ୍ୟ ସଂସଦର ବିଭିନ୍ନ କାର୍ଯ୍ୟକ୍ରମରେ ଯେଉଁମାନେ ସହଯୋଗର ହାତ ବଢ଼ାଇ ଅଛନ୍ତି, ମୁଁ ସମସ୍ତଙ୍କୁ ଏହି ଅବସରରେ ଧନ୍ୟବାଦ ଜଣାଉଛି ।

ନିରଞ୍ଜନ ତ୍ରିପାଠୀ

ସାରଳା ଭବନ, କଟକ
୨୪ ଏପ୍ରିଲ, ୨୦୧୮

ସମ୍ପାଦକ, ସାରଳା ସାହିତ୍ୟ ସଂସଦ

Digitized by srujanika@gmail.com

ସୂଚିପତ୍ର

ଭାଷା ଶିକ୍ଷକ ପଣ୍ଡିତ ଶ୍ରୀଧର ଦାସ	ପ୍ରଫେସର ଖଗେଶ୍ୱର ମହାପାତ୍ର	୯
ଅର୍ଦ୍ଧଶତାବ୍ଦୀର ବରିଷ୍ଠ ସାଧକ	ପ୍ରଫେସର ଗୌରୀ କୁମାର ବ୍ରହ୍ମା	୧୩
ବିଦଗ୍ଧ ବସୁନ୍ଧରା	ପ୍ରଫେସର କାହ୍ନୁଚରଣ ମିଶ୍ର	୧୬
ଅକଳୁଷ କର୍ମଯୋଗୀ	ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି	୨୧
ଅଭୁଲା ସ୍ମୃତି	ପ୍ରଫେସର ବଂଶୀଧର ମହାନ୍ତି	୨୬
ନିରଳସ ସାଧକ	ପ୍ରଫେସର କୃଷ୍ଣଚରଣ ସାହୁ	୩୧
ସାର୍	ପ୍ରଫେସର ଗୋପାଳ ଚନ୍ଦ୍ର ମିଶ୍ର	୩୬
ସ୍ମୃତିରୁ ଖିଏ	ଡକ୍ଟର ଦେବେନ୍ଦ୍ର ମହାନ୍ତି	୫୮
ଶ୍ରୀଧର ଦାସ : ସୁଅ ମୁହଁର ପତର	ପ୍ରଫେସର ଦାଶରଥୀ ଦାସ	୬୭
ପରପାରିରେ ମୋ ସାର୍	ଭଞ୍ଜକିଶୋର ପଟ୍ଟନାୟକ	୭୧
ସଂଗ୍ରାମ ଓ ସୃଷ୍ଟିର ସମନ୍ୱିତ ପ୍ରତିଭା	ଡକ୍ଟର ଅରବିନ୍ଦ ଗିରି	୭୭
କ୍ରାଏଷ୍ଟ କଲେଜର ଭୀଷ୍ମ ପିତାମହ	ଗୋପାଳ ମିଶ୍ର	୯୦
ଆଦର୍ଶ ମଣିଷ	ଡକ୍ଟର ବିଭୂତି ପଟ୍ଟନାୟକ	୯୩
କର୍ମଯୋଗୀ ଶ୍ରୀଧର ଦାସ	ଶ୍ରୀକାନ୍ତ ପଣ୍ଡା	୯୯
ସାରସ୍ୱତ ସାଧକ ଶ୍ରୀଧର ଦାସ	ପ୍ରଫେସର ପଠାଣି ପଟ୍ଟନାୟକ	୧୦୨
ସୁଅ ମୁହଁର ପତର	ଡଃ ମହେଶ୍ୱର ମହାନ୍ତି	୧୧୬
ମନେ ଅଛନ୍ତି- ମନେ ରହିବେ	ରାଜକିଶୋର ନାୟକ	୧୨୧
ଶ୍ରୀଧର ବାବୁଙ୍କ ସ୍ମରଣରେ	ଅଧ୍ୟାପକ ସ୍ମୃତିରଞ୍ଜନ ମୁଖାର୍ଜୀ	୧୨୫
କର୍ମଯୋଗୀ ଶ୍ରୀଧର ଦାସ	ଅଧ୍ୟାପକ ନିତ୍ୟାନନ୍ଦ ଦର୍ଜୀ	୧୨୮
ଏକ କର୍ମମୟ ସଫଳ ଜୀବନ	ଅଧ୍ୟାପକ ବନମାଳୀ ମିଶ୍ର	୧୩୧
ଉର୍ମିକି ପାରଇ କଳି ସାଗରର...	ଶ୍ରୀ ପ୍ରଭାତ କୁମାର କର	୧୩୬

Digitized by srujanika@gmail.com

ଶିକ୍ଷା, ଶିକ୍ଷାବିତ୍ ଓ ଶିକ୍ଷକ		
ସାହିତ୍ୟିକ ଶ୍ରୀଧର ଦାସ :...	ପ୍ରଫେସର ବୈଷ୍ଣବ ଚରଣ ସାମଲ	୧୪୩
ମନୀଷୀ ଶ୍ରୀଧର	ଡଃ ପ୍ରଭାକର ସ୍ୱାଇଁ	୧୫୧
ପ୍ରଫେସର ଶ୍ରୀଧର ଦାସଙ୍କୁ...	ଶ୍ରୀ କୃଷ୍ଣଚନ୍ଦ୍ର ନାୟକ	୧୫୫
ଆମ ପ୍ରିୟ ସାର୍	ଶ୍ରୀ ପିତାମ୍ବର ଜେନା	୧୫୮
ସଂଘର୍ଷର ଅନ୍ୟନାମ ଶ୍ରୀଧର	ଡ. ନାରାୟଣ ସାହୁ	୧୬୪
ଜୀବନ ବେଦର ନିର୍ବେଦ ପୂଜାରି	ବିରଞ୍ଚି ନାରାୟଣ ତ୍ରିପାଠୀ	୧୭୦
କୃତି ଶିକ୍ଷାବିତ୍ ଓ ଏକନିଷ୍ଠ ସାହିତ୍ୟ		
ସାଧକ ଅଧ୍ୟାପକ ଶ୍ରୀଧର ଦାସ	ପ୍ରଫେସର ଶ୍ରୀନିବାସ ମିଶ୍ର	୧୭୬
ନିଖିଳର କର୍ମଯୋଗୀ ଶ୍ରୀଧର ଦାସ	ଡ. ଶକୁନ୍ତଳା ବଳିଆରସିଂହ	୧୯୦
ମାଟିର ମହାମୁନି	ନିଳାଦ୍ରୀ ଭୂଷଣ ହରିଚନ୍ଦନ	୧୯୫
'ସୁଅ ମୁହଁର ପତର' ନୁହଁନ୍ତି ସେ...	ସଂଘମିତ୍ରା ମିଶ୍ର	୨୦୧
ବହୁବିଧ ଗୁଣର ସାଧକ	ପ୍ରଫେସର ଗଣେଶ୍ୱର ଦାସ	୨୧୨
ଶ୍ରୀଧର ମଉସା	ରବୀନ୍ଦ୍ର ନାରାୟଣ ମିଶ୍ର	୨୧୫
ଯୋଗଜନ୍ମା ସାଧକ : ଶ୍ରୀଧର	ଡଃ ସ୍ନେହଲତା ମିଶ୍ର	୨୧୮
ମହାନ କର୍ମଯୋଗୀ ପ୍ର. ଶ୍ରୀଧର ଦାସ	ଡକ୍ଟର ହେମନ୍ତ କୁମାର ପରିଡ଼ା	୨୨୩
ଚିର ଅମ୍ଳାନ ପ୍ରତିଭା ଏବଂ ଜୀବନ...	ଶ୍ରୀମତୀ ମୀରା ବେଉରା	୨୨୮
ସାରଙ୍କ ସ୍ମରଣେ	ଶ୍ରୀ ନୃସିଂହ ଚରଣ ପାତ୍ର	୨୩୨
କର୍ମଯୋଗୀ ଓ ଜ୍ଞାନଯୋଗୀ ଆଚାର୍ଯ୍ୟ	ଡକ୍ଟର ପ୍ରଫୁଲ୍ଲ କୁମାର ଦାଶ	୨୩୭
ଅନନ୍ୟ ବ୍ୟକ୍ତିତ୍ୱ ଶ୍ରୀଧର ଦାସ	ଶ୍ରୀ ବସନ୍ତ ଦାସ	୨୪୮
ଅଧ୍ୟବସାୟୀ ଶ୍ରୀଧର ସାର୍	ଚନ୍ଦ୍ରଶେଖର ମହାପାତ୍ର	୨୫୩
ମୋ ସାର୍ ପ୍ରଫେସର ଶ୍ରୀଧର ଦାସ	ବିବେକାନନ୍ଦ ଦାଶ	୨୫୮
ପତର ନୁହେଁ ସେ ପଥର	ଶ୍ରୀ ସତ୍ୟଜିତ୍ ମହାପାତ୍ର	୨୬୨
ଏ ଅଞ୍ଚଳର ଶିକ୍ଷାର ବିକାଶରେ...	ଡଃ ବିଜୟ କୁମାର ସାହୁ	୨୬୬
ଶ୍ରୀଧର ଦାସ : ଏକ ସଂକ୍ଷିପ୍ତ ପରିଚିତି	ଡକ୍ଟର ରବିନାରାୟଣ ମହାରଣା	୨୭୦
ପରିଶିଷ୍ଟ		୨୮୭

■■■

Digitized by srujanika@gmail.com

ଭାଷା ଶିକ୍ଷକ ପଣ୍ଡିତ ଶ୍ରୀଧର ଦାସ

ପ୍ରଫେସର ଖଗେଶ୍ୱର ମହାପାତ୍ର

ଭାଷାର ମୂଳପିଣ୍ଡ ଶବ୍ଦସମ୍ଭାର ଏବଂ ଯବନିକାରେ ଏହି ଶବ୍ଦାବଳୀର ଅର୍ଥପ୍ରଦ ସଂସ୍ଥାନ କରାଏ ବ୍ୟାକରଣ । ଏଣୁ, ଶବ୍ଦକୋଷ ବା ଅଭିଧାନ ଏବଂ ରଚନାବିଧି ବା ବ୍ୟାକରଣ ଯେକୌଣସି ଭାଷାର ସ୍ଥିତି-ସ୍ୱାତନ୍ତ୍ର୍ୟର ପରିଚାୟକ ।

ଅଧ୍ୟାପକ ପଣ୍ଡିତ ଶ୍ରୀଧର ଦାସ ଓଡ଼ିଆ ଭାଷା ଓ ସାହିତ୍ୟର ବିବିଧ ପ୍ରଭାବର ପର୍ଯ୍ୟାପ୍ତ ଚର୍ଚ୍ଚା କରିଛନ୍ତି । ବିଦ୍ୟାଳୟ ସ୍ତରରୁ ଛାତ୍ରଟିଏ ଗଢ଼ିବା ପାଇଁ ଯାହା ଅତ୍ୟାବଶ୍ୟକ ଜ୍ଞାନ ଉପଯୋଗୀ, ସେ ତାଙ୍କ ରଚନାବଳୀରେ ପ୍ରଦାନ କରିଛନ୍ତି । ଭାଷାକୁ ମୁହଁରେ କହିବା ଓ କାଗଜରେ ଲେଖିବା ମଧ୍ୟରେ ସମସ୍ୟା ଅନେକ । ଉପଯୁକ୍ତ ଶବ୍ଦଚୟନ, ସଠିକ୍, ସଜୀବ ଅର୍ଥ ସଂଚାରଣ, ନିର୍ଭୁଲ ବନାନ ପ୍ରୟୋଗ ଇତ୍ୟାଦି ସମସ୍ୟାଗୁଡ଼ିକ ପାଇଁ ଅଭିଧାନ ଯେପରି ସହାୟକ, ସେପରି ଶବ୍ଦ ସମୂହର ଅର୍ଥବାହକ ରୀତିରେ ବିନ୍ୟାସ, ଶବ୍ଦ ଶକ୍ତି ନିରୂପଣ, ଶବ୍ଦ ବ୍ୟୁତ୍ପାଦନ କୌଶଳ ଇତ୍ୟାଦି ବିଷୟରେ ବ୍ୟାକରଣ ଉପଯୋଗୀ । ସେଥିପାଇଁ ଭାଷାପ୍ରେମୀ ଓ ଛାତ୍ରବତ୍ସଳ ପଣ୍ଡିତ ଦାସ ଦୁଇଖଣ୍ଡ ଅଭିଧାନ (ନବ ଅଭିଧାନ, Student's English-Oriya Dictionary), ଖଣ୍ଡିଏ କୋଷ (ବିବିଧ କୋଷ), ଆଉ ଆଠ ଖଣ୍ଡ ଓଡ଼ିଆ ବ୍ୟାକରଣ ଗ୍ରନ୍ଥ (ସର୍ବସାର ବ୍ୟାକରଣ, ସଉକ ବ୍ୟାକରଣ, ମଧ୍ୟ ଓଡ଼ିଆ ବ୍ୟାକରଣ, ଲଘୁ ବ୍ୟାକରଣ ଇତ୍ୟାଦି) ଏବଂ ତିନିଖଣ୍ଡ ସଂସ୍କୃତ ବ୍ୟାକରଣ (ସରଳ ସଂସ୍କୃତ ବ୍ୟାକରଣ, ସଂସ୍କୃତ ବ୍ୟାକରଣ ପ୍ରବେଶ, ସଂସ୍କୃତ ବ୍ୟାକରଣ ଓ ରଚନା) ପ୍ରଣୟନ କରିଥିଲେ । ଏହି ଗ୍ରନ୍ଥ ସମୂହ ମଧ୍ୟରେ 'ନବ ଅଭିଧାନ' ଏବଂ 'ସର୍ବସାର ବ୍ୟାକରଣ' ତାଙ୍କର ଶାଶ୍ୱତ କୃତି ।

ସର୍ବସାର ବ୍ୟାକରଣ :

ଓଡ଼ିଆ ବ୍ୟାକରଣଗୁଡ଼ିକର ଏକ ଐତିହାସିକ ପରିକ୍ରମା କଲେ ଉପଲବ୍ଧ ହୁଏ ଯେ ଏହି ଭାଷାର ବ୍ୟାକରଣ କ୍ରମାନୁସାରେ କେବଳ କେତେକ ଆରୋପିତ ଢାଞ୍ଚାରେ ବାରମ୍ବାର ପରିକଳ୍ପିତ ହୋଇଛି । ଏହି ବ୍ୟାକରଣଗୁଡ଼ିକ ମଧ୍ୟରୁ ଅଧିକାଂଶ ବୈଧାନିକ ବର୍ଗର, ଯାହାକି କେବଳ ଶିଷ୍ଟ ଭାଷାର ଆଦର୍ଶ ଶିକ୍ଷାଦାନ କରେ; କେତେକ

Digitized by srujanika@gmail.com

ଐତିହାସିକ ବର୍ଗର ଯାହାକି ବ୍ୟୁତ୍ପତ୍ତି ଓ ଶବ୍ଦତତ୍ତ୍ୱ ଉପରେ ଗୁରୁତ୍ୱ ଦେଇ ସଂସ୍କୃତ ଓ ପ୍ରାକୃତିକ ସହିତ ସମ୍ବନ୍ଧ ଦର୍ଶାଇବାରେ କେବଳ ସାହାଯ୍ୟ କରେ; କେତେକ ତୁଳନାତ୍ମକ ବର୍ଗର, ଯାହାକି ସମଗୋଷ୍ଠୀୟ ଅନ୍ୟାନ୍ୟ ଭାଷାଠାରୁ ସ୍ୱାତନ୍ତ୍ର୍ୟ ବା ଉତ୍କର୍ଷ କେବଳ ପ୍ରଦାନ କରେ ।

ରେଭରେଣ୍ଡ ଆମସ୍ ସର୍ଟନ୍ ଖ୍ରୀ ୧୮୩୫ରେ ଓଡ଼ିଆ ଭାଷାର ପ୍ରଥମ ବ୍ୟାକରଣ ଗ୍ରନ୍ଥ ପ୍ରଣୟନ କରିଥିଲେ । ଓଡ଼ିଆ ଭାଷା ସମ୍ବନ୍ଧରେ ତାଙ୍କର ଧାରଣା ଥିଲା ଯେ "ଏହା ବର୍ତ୍ତମାନ ଏକ ଅତ୍ୟନ୍ତ ଅମାର୍ଜିତ ସ୍ତରରେ ଅବସ୍ଥିତ ହୋଇଥିବାରୁ ବ୍ୟାପକ ଭାବେ ସଂସ୍କାରଯୋଗ୍ୟ ।" ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବିଦ୍ୟାଳୟ ପାଠ୍ୟକ୍ରମରେ ଯେତେବେଳେ ବ୍ୟାକରଣକୁ ଅନ୍ତର୍ଭୁକ୍ତ କରାଗଲା, ସର୍ଟନଙ୍କର ବ୍ୟାକରଣ ଏକମାତ୍ର ସୁଲଭ ଗ୍ରନ୍ଥରୂପେ ପାଠ୍ୟପୁସ୍ତକ ପ୍ରଣେତାମାନଙ୍କର ଆଦର୍ଶ ହୋଇଥିଲା । ଖ୍ରୀ. ୧୮୮୫ରେ ଉଇଲିୟମ୍ ସି.ଲେସି ଲେଖିଲେ, "ଓଡ଼ିଆ ବ୍ୟାକରଣ ସାର" । ବହିଟିର ବିଜ୍ଞାପନରେ ଲେଖା ଯାଇଥିଲା – "ଯଦ୍ୟପି ସ୍ୱୀୟ ଭାଷା ଶୁଦ୍ଧରୂପେ କହିବାକୁ ଆଉ ଲେଖିବାକୁ କାହାରି ଆକାଂକ୍ଷା ଥାଏ, ତେବେ ବ୍ୟାକରଣ ନ ଜାଣିଲେ ତାହାର ସେଇ ଇଷ୍ଟ କଦାପି ସଫଳ ହୋଇପାରିବ ନାହିଁ ।" ବସ୍ତୁତଃ, ବ୍ୟାକରଣ ଶିକ୍ଷାର ଉଦ୍ଦେଶ୍ୟ ଥିଲା ଓଡ଼ିଶା ଭାଷା-ରୀତିର ସଂସ୍କୃତ ବା ଇଂରାଜୀ ଆଦର୍ଶରେ ପରିମାର୍ଜନ ଏବଂ 'ସାଧୁ ଭାଷା' ନାମରେ ଏକ କୃତ୍ରିମ ସାହିତ୍ୟିକ ରୀତିର କ୍ରମ ବିବର୍ତ୍ତନ ।

ଓଡ଼ିଆ ଏକ ଭାରତୀୟ ଆର୍ଯ୍ୟ ଭାଷା । ଏଣୁ ସଂସ୍କୃତ ଓ ପ୍ରାକୃତ ଭାଷାର ବ୍ୟାକରଣିକ ବିଧି-ବିଧାନ ଅନୁରୂପ ଏହାର ଗଠନ ତନ୍ତ୍ର । ରେଭରେଣ୍ଡ ସର୍ଟନଙ୍କଠାରୁ ଆରମ୍ଭ କରି ଅଦ୍ୟାବଧି ସମସ୍ତ ବ୍ୟାକରଣକାର ଓଡ଼ିଆ ଭାଷାର ବ୍ୟାକରଣ ତଦନୁରୂପ ଢାଞ୍ଚାରେ ପ୍ରଣୟନ କରି ଆସୁଛନ୍ତି । ଅବଶ୍ୟ, ଅନେକ ମତ ଦିଅନ୍ତି ଯେ ସଂସ୍କୃତ ବ୍ୟାକରଣ କବଳରୁ ଓଡ଼ିଆକୁ ମୁକ୍ତ କରିବା କାମ୍ୟ । କିନ୍ତୁ ଏହା ଯେପରି ପିତା, ପିତାମହଙ୍କୁ ଭୁଲିଯିବା ପାଇଁ ଆହ୍ୱାନ । ଓଡ଼ିଆ ଭାଷାର ଭିତ୍ତି ସଂସ୍କୃତ, କିଛି ଲୌକିକ, କିଛି ଅନ୍ୟ ଭାଷାରୁ ଆହୃତ ଉପାଦାନ ଏହାର କ୍ରମବିକଶିତ ନିଜସ୍ୱ ସତ୍ତା ପ୍ରତିପାଦନ କରେ । ଉପେନ୍ଦ୍ର ଭଞ୍ଜଙ୍କ ଉକ୍ତି – 'ତରଳ ସାବର୍ଣ୍ଣ୍ୟ ଯାହା ବ୍ୟାକରଣେ କହି" (ଲାବଣ୍ୟବତୀ) ଯେଉଁ ବ୍ୟାକରଣ ପରମ୍ପରାକୁ ନିର୍ଦ୍ଦେଶ କରେ, ତାହା ସଂସ୍କୃତ ।

ଉପରୋକ୍ତ ଉପୋଦ୍‌ଘାତର ଅଭିଲକ୍ଷ୍ୟ 'ସର୍ବସାର ବ୍ୟାକରଣ'ରେ ଉଭୟ ସଂସ୍କୃତ ଏବଂ ଓଡ଼ିଆ ଭାଷାର ସଂରଚନାତତ୍ତ୍ୱ ସମାନ୍ତରାଳ ଉପସ୍ଥାପନ ଏହାର

Digitized by srujanika@gmail.com

ବ୍ୟାବହାରିକ ବୈଶିଷ୍ଟ୍ୟ । ଶିଷ୍ଟ ଓଡ଼ିଆ ଯାହା, ସଂସ୍କୃତ ଅନୁଶାସନମାନ ଏବଂ ଚଳନ୍ତି ଓଡ଼ିଆ, ଯାହା ନିଜସ୍ୱ ନିୟମାଧୀନ ମଧ୍ୟରେ ବିରୋଧ ପରିବର୍ତ୍ତେ ସହାବସ୍ଥାନ ମୂଳକ ସ୍ଥିତି ସମ୍ଭାବ୍ୟ । ପଣ୍ଡିତ ଶ୍ରୀଧର ଦାସଙ୍କ ବ୍ୟାକରଣର ଢାଞ୍ଚା ସଂସ୍କୃତ, ମାତ୍ର ଏହା ଆର୍ତ୍ତତ୍ରାଣ ଶତପଥୀକୃତ 'ଅପଭ୍ରଂଶ ବୋଧିନୀ' (୧୮୯୧) କିମ୍ବା ଫକୀର ମୋହନଙ୍କ ଅବଧାନଙ୍କ ଶୁଦ୍ଧ ସାଧୁଭାଷା (ଆତ୍ମଚରିତ) ପ୍ରକରଣଠାରୁ ସ୍ୱତନ୍ତ୍ର ଆଦର୍ଶର ଅନୁବର୍ତ୍ତୀ । ସେହି ଆଦର୍ଶ ହେଉଛି, ସଂସ୍କୃତ ନିୟମଠାରୁ ଓଡ଼ିଆ ଭାଷାର ସ୍ୱାଭାବିକ ନୀତିନିୟମର ବ୍ୟତିକ୍ରମ ପ୍ରଦର୍ଶନ । ତାଙ୍କର ଅଭୀଷ୍ଟ ପାଠକଗଣ ହେଉଛନ୍ତି ବିଦ୍ୟାଳୟ ସ୍ତରର ବିଦ୍ୟାର୍ଥୀଗଣ ଏବଂ ସେମାନଙ୍କ ପକ୍ଷରେ ବ୍ୟାକରଣ ଏକ ବିଦ୍ୟା ସ୍ୱରୂପ ଶିକ୍ଷଣୀୟ ।

ସର୍ବସାର ବ୍ୟାକରଣ ୩୫ ଅନୁଚ୍ଛେଦ ବିଶିଷ୍ଟ । ଧ୍ୱନିତତ୍ତ୍ୱ, ଶବ୍ଦତତ୍ତ୍ୱ, ରୂପତତ୍ତ୍ୱ ଓ ବାକ୍ୟତତ୍ତ୍ୱ ;ଅତିରିକ୍ତ ଛନ୍ଦ ଓ ଅଳଙ୍କାର ମଧ୍ୟ ଏଥିରେ ଆଲୋଚିତ ହୋଇଛି । ବ୍ୟାକରଣର ନିଜସ୍ୱ ପରିଭାଷା ଥାଏ । ସେ ତାହା ସଂସ୍କୃତ ଅନୁକ୍ରମେ ସ୍ୱୀକାର କରିଛନ୍ତି । ପ୍ରତ୍ୟେକ ବ୍ୟାକରଣିକ ସଂବର୍ଗର ପରିଭାଷିକ ନାମ ଦେଇ ବିଷୟ ଆରମ୍ଭରେ ତାହାର ସଂଜ୍ଞା ଓ ବ୍ୟାଖ୍ୟା ପ୍ରଦାନ କରାଯାଇଛି । ଧରାଯାଉ, ପରିଭାଷାଟି 'କାରକ' । ତାହାର ସଂଜ୍ଞା "ବାକ୍ୟ ମଧ୍ୟରେ କ୍ରିୟା ସହିତ ପାଦର ସମ୍ବନ୍ଧକୁ କାରକ କହନ୍ତି" ଏବଂ ବ୍ୟାଖ୍ୟା ଦିଆଯାଇଛି – 'ଗୃହସ୍ଥ ରାତ୍ରରେ ଭିକ୍ଷୁକକୁ ଗୃହରୁ ସ୍ୱହସ୍ତରେ ତଣ୍ଡୁଳ 'ଦେଲେ' – ଭଳି ଏକ ବାକ୍ୟରେ 'ଦେଲେ' କ୍ରିୟାପଦ ସହିତ ଅନ୍ୟ ପଦଗୁଡ଼ିକର ସମ୍ବନ୍ଧ କେତୋଟି ପ୍ରଶ୍ନର ଉତ୍ତର ଦେବା ଛଳରେ ଭିନ୍ନ ଭିନ୍ନ କାରକ ବୁଝାଇ ଦିଆଯାଇଛି । (ଯଥା : କିଏ ଦେଲେ ? କ'ଣ ଦେଲେ ? କାହାକୁ ଦେଲେ ? ଇତ୍ୟାଦି)

ପଣ୍ଡିତ ଦାସ ପ୍ରତ୍ୟେକ ବିଷୟରେ ସଂସ୍କୃତାନୁମୋଦିତ ବିଧି-ବିଧାନ ସହିତ ଓଡ଼ିଆରେ ପ୍ରଚଳିତ ତଥ୍ୟ ମଧ୍ୟ ଦେଇଛନ୍ତି । ସନ୍ଧି, ସମାସ, କୃଦନ୍ତ, ତଦ୍ଧିତ, ଶତ୍ୱ, ବିଧି, ଷତ୍ୱବିଧି ଇତ୍ୟାଦିଂ ପର୍ଯ୍ୟାୟରେ ଏହା ଲକ୍ଷଣୀୟ । ସେହିପରି ଇଂରାଜୀ ଅନୁସାରେ ବିରାମ ଚିହ୍ନ, ବାକ୍ୟାନ୍ୱୟ, ବାଚ୍ୟ ପରିବର୍ତ୍ତନ, ପ୍ରତ୍ୟକ୍ଷୋକ୍ତି ଓ ପରକ୍ଷୋକ୍ତି ଇତ୍ୟାଦି ଆଲୋଚନା କରିଛନ୍ତି । ବ୍ୟାବହାରିକ ବା ପ୍ରୟୋଗାତ୍ମକ ଭାଷାଜ୍ଞାନ ପରିବର୍ଦ୍ଧନ ଓ ପରିମାର୍ଜନ ଉଦ୍ଦେଶ୍ୟରେ ଶବ୍ଦାର୍ଥ, ସଂକ୍ଷେପଣ, ସମୋଚ୍ଚାରିତ ଭିନ୍ନାର୍ଥକ ଶବ୍ଦ ଇତ୍ୟାଦି ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ବ୍ୟାକରଣ ସମ୍ବନ୍ଧରେ ସମ୍ୟକ ସାଧାରଣ ଜ୍ଞାନ ଏପରି ସ୍ପଷ୍ଟ ଭାବରେ ଅନ୍ୟାନ୍ୟ ଗ୍ରନ୍ଥରେ ମିଳୁ ନ ଥିବାରୁ ଏହା ଯଥାର୍ଥରେ 'ସର୍ବସାର' ବ୍ୟାକରଣ ।

Digitized by srujanika@gmail.com

ନବ ଅଭିଧାନ :

ଓଡ଼ିଆରେ ୧,୮୪,୦୦୦ ଶବ୍ଦ ବିଶିଷ୍ଟ ବୃହତ୍ତ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଏବଂ ବହୁ ସଂଖ୍ୟକ ଅନ୍ୟାନ୍ୟ ଅଭିଧାନ ସଂକଳିତ ହୋଇଛି । ଏହି ଶ୍ରେଣୀର ଗ୍ରନ୍ଥମାଳା ମଧ୍ୟରେ 'ନବ ଅଭିଧାନ' ଖଣ୍ଡିଏ ଉପାଦେୟ ସଂଯୋଜନ ।

ଅଭିଧାନ କୌଣସି ଭାଷାର ଶାବ୍ଦିକ ଉପାଦାନ ଓ ସେଗୁଡ଼ିକର ତାତ୍ପର୍ଯ୍ୟ କ୍ରମାନୁସାରେ ସୂଚୀବଦ୍ଧ ହୋଇଥିବା ଗ୍ରନ୍ଥ । ଅଭିଧାନ ପ୍ରଣୟନ ଏକାଧାରରେ ବିଜ୍ଞାନ ଓ କଳା, ସଂରଚନା ଓ ଅଭିଲକ୍ଷ୍ୟ ଦୃଷ୍ଟିରୁ ଅଭିଧାନର ପ୍ରକାରଭେଦ ଦେଖାଯାଏ । ଯଥା – ସମଭାଷିକ, ବହୁଭାଷିକ, ତୁଳନାତ୍ମକ, ବ୍ୟୁତ୍ପତ୍ତିମୂଳକ ଇତ୍ୟାଦି । ନବ ଅଭିଧାନ ଦ୍ୱିଭାଷିକ ଏଥିରେ ଓଡ଼ିଆ ଶବ୍ଦର ଅର୍ଥ ଓଡ଼ିଆରେ ଏବଂ ଇଂରାଜୀରେ ଦିଆଯାଇଛି । ଏହା ମଧ୍ୟ ଏକ ବ୍ୟବହାରିକ ଗ୍ରନ୍ଥ, ଯାହାକୁ ହାତ ମୁଠାରେ ରଖି ନିତ୍ୟ ବ୍ୟବହାର କରାଯାଇପାରିବ । ବିଶେଷତଃ ବିଦ୍ୟାଳୟ, ଏପରିକି ମହାବିଦ୍ୟାଳୟ ସ୍ତରର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାର୍ଥୀମାନଙ୍କ ପକ୍ଷରେ ଏହା ଏକ ଉପଯୋଗୀ ଅଭିଧାନ ।

କୌଣସି ଅଭିଧାନରେ କୌଣସି ଭାଷାର ଯାବତ୍ ଶବ୍ଦ କେହି କେବେ ସଂକଳନ କରି ନ ପାରେ । ଅଭୀଷ୍ଟ ବ୍ୟବହାରକାରୀଙ୍କୁ ସମ୍ମୁଖରେ ରଖି ଶବ୍ଦ ଚୟନ କରିବା, ନିର୍ଦ୍ଦିଷ୍ଟ ନିୟମରେ ବର୍ଣ୍ଣାନୁକ୍ରମିକ ଭାବେ ସୂଚୀବଦ୍ଧ କରିବା, ଅଭିଧା ଅର୍ଥ ସହିତ ଅପରାପର ସାଂକେତିକ ଅର୍ଥ ପ୍ରଦାନ କରିବା ଏବଂ ଆବଶ୍ୟକ ସ୍ଥଳେ ତାହାର ଦୃଷ୍ଟାନ୍ତ ଦେବା ଆଦି ଉପଯୋଗୀ ଅଭିଧାନର ଅଭିଲକ୍ଷଣ । ପଣ୍ଡିତ ଶ୍ରୀଧର ଦାସ ଏହି ଦୃଷ୍ଟିରୁ ନିର୍ଦ୍ଦିଷ୍ଟ ଶ୍ରେଣୀର ବ୍ୟବହାର କର୍ତ୍ତାମାନଙ୍କ ପାଇଁ ଅଭିଧାନ ଖଣ୍ଡକ ସଂକଳନ କରିଛନ୍ତି । ଗ୍ରନ୍ଥଟି ସର୍ବତ୍ର, ବିଶେଷତଃ ଶିକ୍ଷାନୁଷ୍ଠାନଗୁଡ଼ିକରେ ସମାଦୃତ ହୋଇପାରିଛି ।

ଉପସଂହାର :

ପଣ୍ଡିତ ଶ୍ରୀଧର ଦାସ ଭାଷାବିଜ୍ଞାନୀ ନ ଥିଲେ । କିନ୍ତୁ ସେ ଥିଲେ ଜଣେ ସାର୍ଥକ ଭାଷାଶିକ୍ଷକ । ଭାଷାଜ୍ଞାନର ମୂଳଦୁଆ ମନରେ ପକାଇ ଦେବା ପାଇଁ ସେ କିଶୋର ଓ ତରୁଣ ଛାତ୍ରମାନଙ୍କୁ ଆଗରେ ରଖି ବ୍ୟାକରଣ ଓ ଅଭିଧାନ ପ୍ରଣୟନରେ ଆଗ୍ରହ ରଖିଥିଲେ । ତାଙ୍କର ସର୍ବସାର ବ୍ୟାକରଣ ଏବେ ବି ଅନତିକ୍ରମ୍ୟ ଏବଂ ନବ ଅଭିଧାନ ଅନ୍ୟତମ ଉପଯୋଗୀ ସହାୟକ ଗ୍ରନ୍ଥ ଭାବରେ ଅନସ୍ୱୀକାର୍ଯ୍ୟ ।

■■■

Digitized by srujanika@gmail.com

ଅର୍ଦ୍ଧଶତାବ୍ଦୀର ବରିଷ୍ଠ ସାଧକ

ପ୍ରଫେସର ଗୌରୀ କୁମାର ବ୍ରହ୍ମା

ଦୀର୍ଘ ପଚାଶ ବର୍ଷ ଧରି ଓଡ଼ିଆ ସାହିତ୍ୟର ନିରବଚ୍ଛିନ୍ନ ସାଧକ ଅଧ୍ୟାପକ ଶ୍ରୀଧର ଦାସ ଆଜି ଆଉ ଆମ ଗହଣରେ ନାହାନ୍ତି । ୧୯୪୧ ମସିହା ଶ୍ରୀପଞ୍ଚମୀ ଦିନ ବାଣପୁର ନିବାସୀ, ଉତ୍କଳ ବିଖ୍ୟାତ କବି ଗୋଦାବରୀଶ ମହାପାତ୍ରଙ୍କର ଜାମାତା ହେବାର ସୌଭାଗ୍ୟ ମୁଁ ଲାଭ କରିଥିଲି । ତାହାର ପ୍ରାୟ ଚାରିମାସ ପରେ ମୁଁ ବାଣପୁର ହାଇସ୍କୁଲରେ ଶିକ୍ଷକ ରୂପେ ଯୋଗଦାନ କଲି । ସେତେବେଳେ ଉଚ୍ଚ ବିଦ୍ୟାଳୟମାନଙ୍କ ମଧ୍ୟରେ ବାଣପୁରର ଗୌରବ ଥିଲା ଅସାଧାରଣ । ସ୍ୱନାମଧନ୍ୟ କବି, ଜନନାୟକ, ସାହିତ୍ୟ ସ୍ରଷ୍ଟା ଏବଂ ଦେଶ ସେବକ ପଣ୍ଡିତ ଗୋଦାବରୀଶ ମିଶ୍ର ଥିଲେ ସେ ବିଦ୍ୟାଳୟର ପ୍ରାଣସ୍ୱରୂପ । ମୁଁ ତାଙ୍କରି ଶୁଭଦୃଷ୍ଟି ଲାଭ କରି ଶିକ୍ଷକ ରୂପେ ସେଠାରେ ଯୋଗ ଦେଲି ଏବଂ ବର୍ଷାଧିକ କାଳ ରହିଲି । ସୁପ୍ରିମ୍‌କୋର୍ଟର ବିଚାରପତି ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର ସେତେବେଳେ ସେଠାରେ ଦଶମ ଶ୍ରେଣୀର ଛାତ୍ର । ଓଡ଼ିଶାର ଅନେକ କୃତବିଦ୍ୟ ବ୍ୟକ୍ତି ବାଣପୁର ବିଦ୍ୟାଳୟର ଶିକ୍ଷକ ଭାବରେ ସୁନାମ ଅର୍ଜନ କରିଥିଲେ । ବିଦ୍ୟାଳୟର ଚତୁର୍ଦ୍ଦିଗରେ ମନୋରମ ପ୍ରାକୃତିକ ଦୃଶ୍ୟ ଏବଂ ବିଦ୍ୟାଳୟ ମଧ୍ୟରେ ଉଚ୍ଚକୋଟୀର ଶିକ୍ଷାଦାନ, ଅନୁଷ୍ଠାନଟିକୁ ସମଗ୍ର ଓଡ଼ିଶାରେ ଜନପ୍ରିୟ କରାଇ ଦେଇଥିଲା । ମନେଅଛି, କଟକ ନିବାସୀ କେତେଜଣ ବରିଷ୍ଠ ରାଜକର୍ମଚାରୀଙ୍କ ପୁଅ କଟକରେ ଭଲ ଭାବରେ ପଢୁ ନ ଥିବାରୁ ପଢ଼ିବା ପାଇଁ ବାଣପୁରକୁ ପଠା ଯାଇଥିଲା ।

ବିଦ୍ୟାଳୟର ପ୍ରାୟ ଦଶଜଣ ଶିକ୍ଷକଙ୍କ ମଧ୍ୟରେ ମୋର ବନ୍ଧୁ ଶ୍ରୀଧର ଦାସ ଥିଲେ ଛାତ୍ରପ୍ରିୟ ଏବଂ ଜନପ୍ରିୟ ମଧ୍ୟ । ଗୋଟିଏ ଦୃଷ୍ଟିରୁ ଦେଖିଲେ ମୋର

Digitized by srujanika@gmail.com

ଶ୍ୱଶୁର ଗୋଦାବରୀଶ ମହାପାତ୍ରଙ୍କର ସେ ଥିଲେ ବନ୍ଧୁ । ତେଣୁ ତାଙ୍କ ପ୍ରତି ମୋର ସ୍ୱତନ୍ତ୍ର ସମ୍ମାନ ରହିବା ସ୍ୱାଭାବିକ । ଅନ୍ୟ ଦୃଷ୍ଟିରୁ ଦେଖିଲେ, ମୁଁ ତାଙ୍କର ତରୁଣ ସହକର୍ମୀ ଥିଲି । ତେଣୁ ଶିକ୍ଷକ ବନ୍ଧୁ ଭାବରେ ବହୁ ବିଷୟରେ ଆଳାପ ଆଲୋଚନା ହେଉଥିଲା ।

ମୋର ଏପର୍ଯ୍ୟନ୍ତ ଅନେକ କଥା ଗତକାଲିର ଘଟଣାପରି ମନେଅଛି । ସେ ଥିଲେ ଛାତ୍ର ସମାଜର ପିତୃତୁଲ୍ୟ । ପାଠ ସହିତ ଶାଠ ମଧ୍ୟ ଜାଣିଥିଲେ । ସେଥିରୁ ଗୋଟିଏ ହେଉଛି, ବିନା ମୂଲ୍ୟରେ ହୋମିଓପାଥିକ୍ ଔଷଧ ବିତରଣ । ସୂର୍ଯ୍ୟୋଦୟ ପୂର୍ବରୁ ନିତ୍ୟକର୍ମ ଶେଷ କରି, ସ୍କୁଲ ପାଠ୍ୟ ଉପରେ ଦୃଷ୍ଟିପାତ କରୁଥିଲେ । ସେ ଥିଲେ ଏକାନ୍ତ ନିରଳସ । ସେଭଳି ନିରାଡ଼ମ୍ବର ଲୋକ ଆଜିକାଲି ଅତ୍ୟଳ୍ପ ଦେଖାଯାନ୍ତି । ଭଗବାନଙ୍କଠାରେ ତାଙ୍କର ଥିଲା ଗଭୀର ବିଶ୍ୱାସ । ଖର୍ଚ୍ଚ କରିବା ପାଇଁ ତାଙ୍କର କୁଣ୍ଠା ନ ଥିଲା । କିନ୍ତୁ ନୀତି ଶାସ୍ତ୍ରରେ ଯେଉଁ ମିତବ୍ୟୟିତା କଥା କୁହାଯାଇଛି, ସେ ଥିଲେ ତାହାର ପରମ ଉପାସକ । ଖାଦ୍ୟଦ୍ରବ୍ୟ ଭୋଜି ଭାତରେ ପ୍ରଚୁର ପରିମାଣରେ ଫିଙ୍ଗାଯାଏ, ବି ନଷ୍ଟ ମଧ୍ୟ ହୁଏ, ସେ ଥିଲେ ତାହାର ଘୋର ବିରୋଧୀ । ପିଲାମାନଙ୍କୁ ଦେଖିଲେ ସରଳ ଜୀବନ ଯାପନ କରି ଉଚ୍ଚ ଚିନ୍ତା କରିବା ପାଇଁ ପରାମର୍ଶ ଦେଉଥିଲେ ।

ଶିକ୍ଷକ ଜୀବନର ମହନୀୟତା ପ୍ରତି ସେ ଥିଲେ ସଚେତନ । ଇଂରାଜୀ ସାହିତ୍ୟରେ ତାଙ୍କର ଗଭୀର ପ୍ରବେଶ ଥିଲା । ମନେଅଛି, ଅନେକ ଇଂରାଜୀ କବିତା ସେ ଓଡ଼ିଆରେ ଅନୁବାଦ କରିଥିଲେ । ନିଜର ଅନୁବାଦଗୁଡ଼ିକୁ ସହଶିକ୍ଷକମାନଙ୍କୁ ପଢ଼ି ଶୁଣାଉଥିଲେ । ସେମାନଙ୍କର ମତାମତ ଲୋଡ଼ୁଥିଲେ । ଯଦିଓ ବେଳେବେଳେ ପ୍ରତିକୂଳମତ ପ୍ରକାଶ ପାଉଥିଲା, ସେ ଆଦୌ ବିରକ୍ତ ହେଉ ନ ଥିଲେ । ପ୍ରାଚୀନ ଓଡ଼ିଆ ସାହିତ୍ୟ ମଧ୍ୟ ତାଙ୍କର ପ୍ରିୟପାଠ୍ୟ ଥିଲା । ହାତୀମୁଣ୍ଡା ପୋଖରୀ ଚାରିପଟେ ଶିକ୍ଷକମାନଙ୍କର ବାସଗୃହ ଥିଲା । ତେଣୁ ସନ୍ଧ୍ୟାବେଳେ ଶିକ୍ଷକମାନଙ୍କର ମିଳନ ଏବଂ ଆଳାପ ଥିଲା ଅତି ସାଧାରଣ କଥା । ଦୈନିକ 'ସମାଜ' ପତ୍ରିକା ସେ

Digitized by srujanika@gmail.com

ବରାବର ପଢୁଥିଲେ । ତାଙ୍କର ଜୀବନ ସମୟାନୁବର୍ତ୍ତୀ ଥିବାରୁ ସେ ଶେଷ ପର୍ଯ୍ୟନ୍ତ ରୁଗ୍ଣ ନ ଥିଲେ ।

ସ୍ୱର୍ଗତ ଶ୍ରୀଧର ବାବୁଙ୍କ ପାଇଁ ସ୍ମରଣିକା ପ୍ରକାଶନ ଅବକାଶରେ ଅନେକଙ୍କର ପ୍ରସ୍ତାବ ଥିଲା, ତାଙ୍କର ସମସ୍ତ ରଚନା ଗୋଟିଏ ଗ୍ରନ୍ଥାବଳୀ ରୂପେ ପ୍ରକାଶ କରାଯାଉ । ଅନ୍ତତଃ ଦଶହଜାର ଟଙ୍କାର ଗୋଟିଏ 'ସ୍ଥାୟୀଜମା' କୌଣସି ବ୍ୟାଙ୍କରେ କରାଯାଉ । ତହିଁରୁ ପ୍ରତିବର୍ଷ ଯେଉଁ ସୁଧ ଆସିବ, ବାଣପୁର ହାଇସ୍କୁଲର କୃତି ଛାତ୍ରଙ୍କୁ ତାହା ପୁରସ୍କାର ରୂପେ ଦିଆଯାଉ । ତାଙ୍କର ଗୋଟିଏ ତୈଳଚିତ୍ର ଉତ୍କଳ ସାହିତ୍ୟ ସମାଜରେ ରଖାଯାଉ ଏବଂ ବାଣପୁର ହାଇସ୍କୁଲରେ ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯାଉ । ତାଙ୍କର ଶେଷ ଜୀବନ କଟକ ଖ୍ରୀଷ୍ଟକଲେଜରେ ଯାପିତ ହୋଇଥିବାରୁ ସ୍ମୃତରକ୍ଷା ନିମନ୍ତେ କୌଣସି ପଦକ୍ଷେପ ସେଠାରେ ମଧ୍ୟ ନିଆଯାଉ ।

■■■

Digitized by srujanika@gmail.com

ବିଦଗ୍ଧ ବସୁନ୍ଧରା

ପ୍ରଫେସର କାହ୍ନୁଚରଣ ମିଶ୍ର

ସାଧନାର ପଥ ଚିରକାଳ ବନ୍ଧୁର। ପୁଣି, 'ସିଦ୍ଧି'ର ରାସ୍ତା କସ୍ମିନ୍ କାଳେ 'ସିଧା' ହୁଏ ନାହିଁ। ତେଣୁ ସାଧକକୁ ସିଦ୍ଧିର ଅଧିକାରୀ ହେବାପାଇଁ ବହୁ ଦୁଃଖ, ଯନ୍ତ୍ରଣା ସହ୍ୟ କରିବାକୁ ପଡ଼ିଥାଏ। ମାନବ ସଭ୍ୟତାର ଆଦିକାଳଠାରୁ ଆରମ୍ଭ କରି ଆଜି ଯାଏ, ଜୀବନ ବହୁ ବିଚିତ୍ର ବିବର୍ତ୍ତନ ଓ ରୂପାନ୍ତର ଭିତର ଦେଇ ଗଡ଼ି ଆସିଥିଲେ ମଧ୍ୟ 'ସାଧନା ସିଦ୍ଧି'ର ଏହି ଆତ୍ମଦର୍ଶନ ମଧ୍ୟରେ ବିଶେଷ କୌଣସି ମୌଳିକ ପରିବର୍ତ୍ତନ ଘଟିନାହିଁ। ସେଥିପାଇଁ ପୁରାଣ ଇତିହାସରେ ଆମେ ଯେତେବେଳେ କୌଣସି ବିଶିଷ୍ଟ ଚରିତ୍ରର ଦୁଃଖ-ଯନ୍ତ୍ରଣା ଅନୁଭବ କରୁ, ସେତେବେଳେ ସଭ୍ୟତାର ଏ ମୌଳିକ ସତ୍ୟଟି ଆମ ଆଗରେ ବେଶ୍ ସ୍ପଷ୍ଟ ଓ ପ୍ରାଞ୍ଜଳ ହୋଇଯାଏ।

ଅଧ୍ୟାପକ ଶ୍ରୀଧର ଦାସ ଥିଲେ ଏହିପରି ଜଣେ ସାଧକ, ଯାହାଙ୍କର ଜୀବନ ଦୁଃଖ-ଯନ୍ତ୍ରଣା ଭିତର ଦେଇ ହିଁ ଆଗେଇ ଯାଇଥିଲା ଉତ୍ତରଣ ପଥରେ। ସାମ୍ପ୍ରତିକ କାଳରେ ମଣିଷର ସାମାଜିକ ଜୀବନ ଦର୍ଶନ ବହୁ ଭାବରେ ବଦଳି ଯାଇଛି। ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନରେ ଅବକ୍ଷୟର ଯେଉଁ ମହାନାଟକ ଆରମ୍ଭ ହୋଇଥିଲା ସ୍ୱାଧୀନତା - ଉତ୍ତର କାଳର ସପ୍ତମ ଦଶକରେ, ଏବେ ତାହା ଶୀର୍ଷ ବିନ୍ଦୁ ସ୍ପର୍ଶ କରିବାକୁ ଯାଉଛି। ଦେଶର ସବୁଠାରୁ ମୂଲ୍ୟବାନ ସଚେତନତା ହେଉଛି, ସେ ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ। କିନ୍ତୁ ଆମ ଦେଶରେ ଏ ଦୁଇଟିଯାକ ବିଭାଗ ଉଦାସୀନତା ଓ ଅବହେଳାର ଶିକାର। ଏ ପରିସ୍ଥିତିରେ 'ଶିକ୍ଷକତା'କୁ 'ଅଧମ ଉଦ୍ଧାରଣ ପନ୍ଥା' ଭାବରେ ଚିତ୍ରଣ କରିବା, ସ୍ୱାଭାବିକ ହୋଇପାରେ; କିନ୍ତୁ ଗୋଟିଏ ସଂସ୍କୃତି ସଚେତନ ଜାତି ପକ୍ଷରେ ତାହା କେବେହେଲେ ସମୀଚୀନ ହୋଇ ନ ପାରେ।

Digitized by srujanika@gmail.com

କିନ୍ତୁ ଶିକ୍ଷକତା ହିଁ ଦିନେ ଥିଲା ମଣିଷର ଏକ ମହତ କର୍ମ । ବିଦ୍ୟାଦାନ ଥିଲା ମହାନ୍ ଦାନ । ସମାଜରେ ଶିକ୍ଷକମାନଙ୍କୁ ଆଜିପରି 'ଦେଶ ଓ ଜାତିର ମେରୁଦଣ୍ଡ' କହି ସେମାନଙ୍କର ମେରୁହାଡ଼କୁ ଭାଙ୍ଗିବା ପାଇଁ କୁତ୍ସିତ ଷଡ଼ଯନ୍ତ୍ର ହେଉ ନ ଥିଲା । ଗୁରୁମାନଙ୍କୁ ସାକ୍ଷାତ ପରଂବ୍ରହ୍ମ ଓ ଈଶ୍ୱର ରୂପରେ ଗଣ୍ୟ କରା ହେଉଥିଲା । ଗୁରୁମାନେ ମଧ୍ୟ ବିଦ୍ୟାର ଆଲୋକରେ ସମାଜରୁ ଅଜ୍ଞାନ ଅନ୍ଧକାରକୁ ଦୂରେଇ ରଖିବାକୁ ଯତ୍ନବାନ ହେଉଥିଲେ । ଅଧ୍ୟାପକ ଶ୍ରୀଧର ଦାସ ଯେପରି ଥିଲେ ଏକ ମହାନ ପରମ୍ପରାର ସାର୍ଥକ ଉତ୍ତର ସୂରୀ । ୧୯୨୪ ମସିହା ଜୁଲାଇ ମାସରେ ତାଙ୍କର ଶିକ୍ଷକ ଜୀବନ ଆରମ୍ଭ ହୋଇ, ଶେଷ ହୋଇଥିଲା ୧୯୬୮ ମସିହା ଜୁନ୍ ମାସରେ । ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ସେ ଯେଉଁ ଜୀବନକୁ ଆପଣାର କରି ନେଇଥିଲେ, ସେ ଜୀବନରେ ପ୍ରାଚୁର୍ଯ୍ୟ ହୁଏତ ନ ଥିଲା, କିନ୍ତୁ ଐଶ୍ୱର୍ଯ୍ୟ ଥିଲା ପୂର୍ଣ୍ଣମାତ୍ରାରେ । ସେଥିପାଇଁ ଜୀବନରେ ସେ ସହସ୍ର ସହସ୍ର ଛାତ୍ରଙ୍କ ମଣିଷ କରି ଗଢ଼ି ପାରିଥିଲେ । ନିଜେ ସେ ଜଣେ ଉଚ୍ଚକୋଟୀର ମଣିଷ ଥିବାରୁ, ତାଙ୍କ ମଣିଷପଣିଆର ଦୁର୍ଲ୍ଲଭ ସ୍ୱାକ୍ଷର ବହୁ ଛାତ୍ରଙ୍କୁ ଜୀବନକୁ କରି ପାରିଥିଲା ପ୍ରଭାବିତ ଓ ଜ୍ଞାନାଲୋକିତ । ବିନୟୀ, ଭଦ୍ର, ମାର୍ଜିତ ଓ ସରଳ ବିଶ୍ୱାସୀ ମଣିଷ ଶ୍ରୀଧର ବାବୁ ଯଥାର୍ଥରେ ହୋଇ ପାରିଥିଲେ ମଣିଷ ଆତ୍ମାର ଏକ ସଫଳ ବିନ୍ଧାଣୀ ।

ଛାତ୍ର ଜୀବନରେ ଶ୍ରୀଧର ବାବୁ ଥିଲେ ଅତ୍ୟନ୍ତ ମେଧାବୀ । ନିମ୍ନ ମାଧ୍ୟମିକଠାରୁ ଆରମ୍ଭ କରି ଆଇ.ଏ. ପାସ୍ କରିବା ପର୍ଯ୍ୟନ୍ତ ସେ ସବୁ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ଲାଭ କରିଥିଲେ । ବସ୍ତୁତଃ ଏହି 'ବୃତ୍ତି' ହିଁ ଥିଲା ତାଙ୍କ ଅଧ୍ୟୟନର ଏକମାତ୍ର ସମ୍ବଳ । ତାଙ୍କର ପିତା ମଧ୍ୟ ଥିଲେ ପ୍ରାଇମେରୀ ସ୍କୁଲର ଶିକ୍ଷକ । କିନ୍ତୁ ଏବେ ଯେପରି ପ୍ରାଇମେରୀ ସ୍କୁଲ ଶିକ୍ଷକମାନେ 'ବୃତ୍ତି'ସୀମା ଲଙ୍ଘନ କରି 'ପ୍ରବୃତ୍ତି'ର ଶିକାର ହୋଇ ପଡ଼ିଛନ୍ତି, ସେତେବେଳ ତାହା ନ ଥିଲା । ତେଣୁ ଶ୍ରୀଧର ବାବୁଙ୍କୁ ଆର୍ଥିକ ପୃଷ୍ଠପୋଷକତା ଯୋଗାଇ ମଣିଷ କରିବା ପାଇଁ ପିତାଙ୍କର ପ୍ରଚୁର ଆଗ୍ରହ ଥିଲେ ମଧ୍ୟ ଆର୍ଥିକ ପରିସ୍ଥିତି ସେଥିରେ ବହୁ ପ୍ରତିକୂଳ ପ୍ରଭାବ ବିସ୍ତାର କରିଥିଲା । କିନ୍ତୁ ଯିଏ ସାଧନାର ପଥ ବାଛି ନେଇଥାଏ, କାଳେ କାଳେ ତା'ର ଭାଗ୍ୟରେ ଜୁଟିଥାଏ ପଙ୍କ-ତିଳକ । ଶ୍ରୀଧର ବାବୁଙ୍କ ଜୀବନ ମଧ୍ୟ ଏଇ ପରିଣତିରେ ଗ୍ରଥିତ ହୋଇଥିଲା ।

Digitized by srujanika@gmail.com

ସେଥିପାଇଁ ଛାତ୍ରାବସ୍ଥାରେ କଠିନ ପରିଶ୍ରମ କରି ସେ ବୃତ୍ତିଲାଭ କରି ନ ଥିଲେ, ହୁଏତ ଉଚ୍ଚଶିକ୍ଷା ଲାଭ କରିବା ତାଙ୍କ ପକ୍ଷରେ ହୋଇଥାଆନ୍ତା ଆକାଶ-କୁସୁମ । ଖୁବ୍ ପିଲା କାଳରୁ 'ଶିକ୍ଷକ'ଟିଏ ହେବା ତାଙ୍କ ଜୀବନର ମହାନ ଲକ୍ଷ୍ୟ । ହୁଏତ ଶିକ୍ଷକ ପିତାଙ୍କର ଆଦର୍ଶର ପ୍ରଭାବ ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । କିନ୍ତୁ ତାହା ହିଁ ବୋଧହୁଏ ଏ ସମ୍ପର୍କରେ ସର୍ବଶେଷ କଳନା ନୁହେଁ । ଶ୍ରୀଧର ବାବୁ ଯେଉଁ ଯୋଗ୍ୟତାର ଅଧିକାରୀ ହୋଇଥିଲେ, ସେତେବେଳେ ସେପରି ଯୋଗ୍ୟତାର ଅଧିକାରୀ ହେବା ଲୋକଙ୍କ ସଂଖ୍ୟା ଥିଲା ଅଙ୍ଗୁଳିମେୟ । ସେ ତେଣୁ ଇଚ୍ଛା କରିଥିଲେ, ପରାଧୀନ ଭାରତ ବର୍ଷରେ ନିହାତି କମ୍‌ରେ ସବ୍ ଡେପୁଟିଟାଏ ହୋଇ ବେଶ୍ ଆରାମରେ ଜୀବନ କଟାଇ ପାରିଥାଆନ୍ତେ ଓ ଉତ୍ତର ପୁରୁଷମାନଙ୍କ ପାଇଁ ଅନେକ କିଛି ରଖି ଯାଇଥାନ୍ତେ । କିନ୍ତୁ ତାଙ୍କ ଜୀବନରେ ସେପରି ଲକ୍ଷ୍ୟ କେବେ ନ ଥିଲା । ତାଙ୍କ ନିଜ ଭାଷାରେ ତାଙ୍କ ଜୀବନ ଏକ 'ସୁଅ ମୁହଁର ପତର' ହେଲେ ମଧ୍ୟ, ସେ ସ୍ରୋତ ଓ ପତ୍ରର ଲକ୍ଷ୍ୟ କିନ୍ତୁ ଥିଲା ସୁନିର୍ଦ୍ଦିଷ୍ଟ । ସେଥିପାଇଁ ସେ ଜୀବନର ଶେଷ ପର୍ଯ୍ୟନ୍ତ ଅକୂଳରେ ନ ଭାସି କୂଳରେ ହିଁ ଲାଗିଥିଲେ । ବୈଦିକ ଚେତନାରେ ସେଇ କୂଳର ଅନ୍ୟ ନାମ ହେଉଛି ଯଥାର୍ଥତଃ 'ଗୁରୁକୂଳ' । ଗୁରୁକୂଳର ଜୀବନ ଦର୍ଶନ ତାଙ୍କ ଜୀବନକୁ ଅନୁପ୍ରାଣିତ କରିଥିଲା ବୋଲି ସେ କାକଟପୁର ମଧ୍ୟ ଭର୍ଣ୍ଣାକୁଳାର ସ୍କୁଲରେ ଶିକ୍ଷକ ଜୀବନ ଆରମ୍ଭ କରି ଖ୍ରୀଷ୍ଟ କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଭାବରେ ଅବସର ଗ୍ରହଣ କରିଥିଲେ । ଇତିହାସରେ, ଉତ୍ତରଣର ଏପରି ଉଦାହରଣ ଦେଖିବାକୁ ମିଳେ ନାହିଁ । ସେଥିପାଇଁ ଏପରି ବ୍ୟକ୍ତିମାନେ ଇତିହାସ ସୃଷ୍ଟି କରି ପାରନ୍ତି । ପରବର୍ତ୍ତୀ କାଳରେ ସେମାନଙ୍କର ସେ ସୃଷ୍ଟି ଇତିହାସର ଅକ୍ଷରରେ ଜୀବନ୍ୟାସ ପାଇ, ଉତ୍ତର କାଳ ପାଇଁ ହୋଇଯାଏ ଯଥାର୍ଥ ପ୍ରେରଣାର ଉତ୍ସ ।

ଶ୍ରୀଧର ବାବୁ ମଧ୍ୟ ଥିଲେ ଜଣେ ସୁଲେଖକ । ବ୍ୟାକରଣ, ବିଭିନ୍ନ ପାଠ୍ୟପୁସ୍ତକ ବିଷୟକ ଗ୍ରନ୍ଥ, ଅନୁବାଦ, ଜୀବନୀ ଓ ବିଭିନ୍ନ କାବ୍ୟର ସମ୍ପାଦନା ମଧ୍ୟରେ ତାଙ୍କର ସାରସ୍ୱତ ପ୍ରତିଭା ବିକଶିତ ହୋଇଛି । ସେ ୧୨୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ଓଡ଼ିଶାର ସବୁ ଶ୍ରେଣୀ ଓ ସବୁ ବୟସର ପାଠକଙ୍କ ହୃଦୟକୁ ଜୟ କରିଛନ୍ତି । ତାଙ୍କ ଜୀବନ ପରି, ତାଙ୍କ ରଚିତ ପୁସ୍ତକ ସବୁ ଯେପରି ସରଳ, ସେହିପରି ହୃଦୟଗ୍ରାହୀ ।

Digitized by srujanika@gmail.com

ଓଡ଼ିଶାର ପ୍ରାଚୀନ କାବ୍ୟ, ବିଶେଷ କରି 'ରୁକ୍ମିଣୀ ବିଭା', 'ମଥୁରା ମଙ୍ଗଳ', 'ରସକଲ୍ଲୋଳ' ଓ 'ବିଦଗ୍ଧ ଚିନ୍ତାମଣି'ର ସେ ଯେପରି ସୁ-ସମ୍ପାଦନା କରି ଅଛନ୍ତି; ତାହା ଆଜି ପର୍ଯ୍ୟନ୍ତ ଆଦର୍ଶ ସ୍ଥାନୀୟ ହୋଇ ରହିଛି । ବୈଷ୍ଣବ ଦର୍ଶନର ନିଗୂଢ଼ ତତ୍ତ୍ୱରାଜିକୁ ସେ ଯେପରି ସରଳ ଭାବରେ ବୁଝାଇ ଅଛନ୍ତି, ତାହା ତାଙ୍କ ପ୍ରାଣର ସରଳତାର ସୂଚନା ଦେଇଥାଏ । ଇଂରାଜୀ, ହିନ୍ଦୀ, ବଙ୍ଗଳା ଓ ସଂସ୍କୃତ ସାହିତ୍ୟରେ ତାଙ୍କର ଥିଲା ଅଗାଧ ପ୍ରବେଶ । ସେଥିପାଇଁ ସେ ବହୁ ମୂଲ୍ୟବାନ ସଂସ୍କୃତ ତଥା ଇଂରାଜୀ ଗ୍ରନ୍ଥକୁ ସରଳ ଓଡ଼ିଆରେ ଅନୁବାଦ କରି ଯଶସ୍ୱୀ ହୋଇଅଛନ୍ତି । ପ୍ରାବନ୍ଧିକ, ଜୀବନୀକାର, ଅନୁବାଦକ, ସଂପାଦକ ଓ ସଂକଳକ ଭାବରେ ତାଙ୍କ ପ୍ରତିଭାକୁ ସ୍ୱୀକୃତି ଦେଇ ଓଡ଼ିଆ ସାହିତ୍ୟ ଏକାଡ଼େମୀ ତାଙ୍କୁ ଯେ ସମ୍ବର୍ଦ୍ଧିତ କରିଅଛନ୍ତି, ତାହା ଯଥାର୍ଥ ।

ଅଧ୍ୟାପକ ଶ୍ରୀଧର ଦାସଙ୍କ ଜୀବନ ଥିଲା ସାଧାରଣ; କିନ୍ତୁ ତାଙ୍କର ବ୍ୟକ୍ତିତ୍ୱ ଥିଲା ଅସାଧାରଣ । ତାଙ୍କର ଛାତ୍ରମାନେ, ତାଙ୍କ ବ୍ୟକ୍ତିତ୍ୱର ପରଶରେ ଜୀବନରେ ସୁପ୍ରତିଷ୍ଠିତ ହୋଇ ପାରିଛନ୍ତି । କୁଡ଼ିଆ ଘରର ଧୂଳି ଶେଯ, ଇଟା ନିର୍ମିତ ପକ୍କା ଘର, ଶୂନ୍ୟ ଦେହରେ ପୁଣି ଦାମିକା ଶାଲ, ଶହ ଶହ ମାଇଲ ପଦ ଯାତ୍ରାରୁ ଏରୋପ୍ଲେନ ଯାତ୍ରା, ଜୀବନର ବିଚିତ୍ର ଉଠାଣି ଗଡ଼ାଣି ମଧ ଦେଇ ତାଙ୍କ ଜୀବନ ନିୟନ୍ତ୍ରିତ ହୋଇଛି । ପ୍ରଚଳିତ ଅର୍ଥରେ ସେ ସୁଖୀ ମଧ ହୋଇଛନ୍ତି । ତଥାପି ଏ ସବୁ ଭିତରେ, ଜୀବନର କୌଣସି ପରିସ୍ଥିତିରେ ସେ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ନାହାନ୍ତି । ଶ୍ରୀଧର ବାବୁ ଯେଉଁ ପୀଢ଼ିର ମଣିଷ, ସେ ପୀଢ଼ିରେ, ଜୀବନର ମୂଲ୍ୟବୋଧ ଓ ତା'ର ସଂରକ୍ଷଣ ବେଳେ ବେଳେ ଜୀବନ ଅପେକ୍ଷା ଅଧିକା ମୂଲ୍ୟବାନ ହୋଇଛି । ଏହି ମୂଲ୍ୟବୋଧର ପ୍ରତିଷ୍ଠା ଓ ସଂରକ୍ଷଣ ତ ଯୁଗେ ଯୁଗେ ଶିକ୍ଷାର ଆଦର୍ଶ ହୋଇ ଆସିଅଛି । ପୁରୁଷାକାର ଓ ଈଶ୍ୱର ନିର୍ଭରତା, ଏହି ଦୁଇଟି ଉପାଦାନରେ ଶ୍ରୀଧର ବାବୁଙ୍କ ଜୀବନ ନିୟନ୍ତ୍ରିତ ହୋଇଥିଲା । ଏହି ଦୁଇଟି ଉପାଦାନ ଅଥବା ପ୍ରବୃତ୍ତିର ଯେଉଁଠି ସୁଷମ ସମନ୍ୱୟ ଘଟିଥାଏ, ଜୀବନ ସେଠାରେ ଚମତ୍କାର ଭାବରେ ବଂଚିପାରେ । ସେଠାରେ ଜୀବନର ଛୋଟ ଛୋଟ ଦୁଃଖ, ଯନ୍ତ୍ରଣା, ଅତୃପ୍ତି, ହତାଶା ଅଥବା ହାହାକାର କୌଣସି ଭାବରେ ବ୍ୟକ୍ତିକୁ ବିଚଳିତ କରିପାରେ ନାହିଁ । ଶ୍ରୀଧର ବାବୁଙ୍କ ଜୀବନରେ ସେଇ ଅବିଚଳିତ ଆଦର୍ଶ, ଜୀବନର ଶେଷ ପର୍ଯ୍ୟନ୍ତ ବଂଚି ରହିଥିଲା । ସେଥିପାଇଁ ସେ

Digitized by srujanika@gmail.com

ଜୀବନରେ କୌଣସି ପରିସ୍ଥିତିରେ ସୁଦ୍ଧା ଭାଙ୍ଗି ପଡ଼ି ନ ଥିଲେ । ଏ ପୃଥିବୀରେ ଜନ୍ମ ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ । ଏପରିକି ମର୍ତ୍ତ୍ୟ ମଣ୍ଡଳରେ ଦେବତା ସୁଦ୍ଧା ଜନ୍ମଗ୍ରହଣ କଲେ, ତାଙ୍କୁ ମୃତ୍ୟୁବରଣ କରିବାକୁ ପଡ଼ିଥାଏ । କିନ୍ତୁ ଜଣେ ବ୍ୟକ୍ତି ମରି ସୁଦ୍ଧା ବଞ୍ଚି ରହନ୍ତି । ସେ ଯେଉଁ କାର୍ଯ୍ୟ କରିଥାଆନ୍ତି, ସେହି ମହାନ କର୍ମର ପ୍ରତିଟି ପୃଷ୍ଠାରେ ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଯାଏ । ପରବର୍ତ୍ତୀ କାଳ ପାଏ ସେଥିରୁ ଶାଶ୍ୱତ ପ୍ରେରଣା । ଅଧ୍ୟାପକ ଶ୍ରୀଧର ଦାସ ଥିଲେ ସେହିପରି ଏକ ପ୍ରେରଣାର ଉତ୍ସ । ମଣିଷ, ତା'ର ସାଧନା ଓ ଅଧ୍ୟବସାୟ ବଳରେ ତା'ର ବ୍ୟକ୍ତିତ୍ୱକୁ କେଉଁ ପର୍ଯ୍ୟାୟରେ ନେଇ ସ୍ଥାପନ କରିପାରେ, ସେ ଦିଗ୍‌ଦର୍ଶନ ଶ୍ରୀଧରବାବୁଙ୍କ ଜୀବନରୁ ମିଳିଥାଏ ପ୍ରଚୁର । ତାଙ୍କର ମରଶରୀରକୁ ବସୁନ୍ଧରାର ମାଟି ଗ୍ରାସ କରିଅଛି ସତ, କିନ୍ତୁ ତାଙ୍କର ଅଗଣିତ ଛାତ୍ର ତଥା ଅନୁରକ୍ତଙ୍କ ମନରେ ସେ ଚିର ଆୟୁଷ୍ମାନ ।

ଶ୍ରୀଧର ବାବୁ ଥିଲେ ଯେପରି ଏକ ବିଦଗ୍ଧ ବସୁନ୍ଧରା । ସେ ବସୁନ୍ଧରାରୁ ରସ ସଂଗ୍ରହ କରି ବହୁ ବୃକ୍ଷ ଅସାଧାରଣ ମହୀରୁହରେ ପରିଣତ ହୋଇଛନ୍ତି । ତାହାର ପୁଷ୍ପିତ ଛାୟାରେ ଦଣ୍ଡେ ବିଶ୍ରାମ କଲେ, ମନରେ ଯେଉଁ ପୂର୍ଣ୍ଣତା ଓ ପ୍ରଶାନ୍ତି ଆସେ, ଜୀବନର ସବୁ ମିଶାଣ-ଫେଡ଼ାଣ ମଧ୍ୟରେ ତାହା ହିଁ ହେଉଛି ପରମ ପ୍ରାପ୍ତି ।

■■■

Digitized by srujanika@gmail.com

ଅକଳୁଷ କର୍ମଯୋଗୀ

ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)

ଦୀର୍ଘ ପଞ୍ଚତିରିଶ ବର୍ଷ ଶିକ୍ଷା ବିଭାଗରେ କର୍ମଜୀବନ ଅତିବାହିତ କରିବା ମଧ୍ୟରେ ମୋତେ ବହୁ ଶିକ୍ଷକ ଓ ସହକର୍ମୀଙ୍କ ସମ୍ପର୍କରେ ଆସିବାକୁ ପଡ଼ିଛି । ସେମାନଙ୍କ ମଧ୍ୟରେ ଅନେକ ଆଜି ସ୍ମୃତିରେ ମଳିନ ହୋଇ ଆସିଲେଣି । ମାତ୍ର ସ୍ୱର୍ଗତ ଶ୍ରୀଧର ଦାସ ଏବେ ମଧ୍ୟ ମୋ ସ୍ମୃତିରେ ଉଜ୍ଜ୍ୱଳ ହୋଇ ରହି ଯାଇଛନ୍ତି । ତାଙ୍କ ପରି କର୍ତ୍ତବ୍ୟପରାୟଣ, ସଫଳ, ସଚ୍ଚୋଟ ଲୋକ ମୁଁ ଖୁବ୍ କମ୍ ଦେଖିଛି । ସେ ମୋ ସହକର୍ମୀ ନ ଥିଲେ କିମ୍ବା ତାଙ୍କ ସହ ଯେ ମୁଁ ଖୁବ୍ ଘନିଷ୍ଠ ହୋଇପାରିଥିଲି ଏହା ମଧ୍ୟ ଦୃଢ଼ତାର ସହିତ କରିପାରିବି ନାହିଁ । ତଥାପି ତାଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ମୁଁ ଯେତିକି ଜାଣିବାକୁ ପାଇଛି ତାହା ମୋ ମନରେ ଅମଳିନ ରହି ଯାଇଛି ।

ରେଭେନ୍ସା କଲେଜରେ ଅଧ୍ୟାପକ ଭାବେ ମୁଁ ଯୋଗ ଦେବା ବେଳକୁ (୧୯୫୫) ସେ ଥିଲେ ଖ୍ରୀଷ୍ଟ କଲେଜର ଅଧ୍ୟାପକ । ମୋ'ଠାରୁ ଯଥେଷ୍ଟ ବରିଷ୍ଠ, ବୟସରେ ତଥା ଶିକ୍ଷକ ଭାବରେ । ଏଣୁ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ପରୀକ୍ଷା ସଂକ୍ରାନ୍ତୀୟ ବିଭିନ୍ନ କାମରେ ତାଙ୍କ ସହ କାମ କରିବାର ସୁଯୋଗ ମୋତେ ବହୁବାର ମିଳିଥିଲା । ସମ୍ଭବତଃ ଏହି ଭାବରେ ଆମ ପରିଚୟର ସୂତ୍ରପାତ ହୋଇଥିଲା । ସେତେବେଳକୁ ଶ୍ରୀଧର ବାବୁ ପରିଣତ ବୟସ୍କ, ବାର୍ଦ୍ଧକ୍ୟର ଦ୍ୱାର ଦେଶରେ । ମାତ୍ର ବାର୍ଦ୍ଧକ୍ୟ ଯେପରି ତାଙ୍କୁ ଛୁଇଁ ପାରି ନ ଥିଲା । କୃଷ୍ଣକାୟ, ଦୀର୍ଘ, ସବଳ ଦେହ, ଦେଖିବାକୁ କିଞ୍ଚିତ୍ ରୁକ୍ଷ, ହୁଏତ ଅନାକର୍ଷଣୀୟ । ପୋଷାକ ପରିଚ୍ଛଦରେ ତାଙ୍କର କୌଣସି ବିଶେଷତ୍ୱ ନ ଥିଲା । ତାହା ଥିଲା ଅତି ସରଳ, କେବଳ ଧୋତି ଓ ପଞ୍ଜାବୀ । ମାତ୍ର ବିଶେଷତ୍ୱ ଥିଲା ତାଙ୍କର ଚଳଣୀରେ । ସେ ଥିଲେ ଅତ୍ୟନ୍ତ ନିରଳସ ଓ କର୍ମମୟ । ସବୁବେଳେ ନିଜକୁ ସେ କିଛି ନା କିଛି କାମରେ ନିୟୋଜିତ ରଖୁଥିଲେ ।

Digitized by srujanika@gmail.com

ତାଙ୍କର ଜୀବନ ଥିଲା ସଂଯତ ଓ ଶୃଙ୍ଖଳିତ । କଲେଜ ଅଫିସ୍‌ର ଅଧିକାଂଶ ଦାୟିତ୍ୱପୂର୍ଣ୍ଣ କାମ ସେ ଏକାକୀ ତୁଲାଇ ନେଉଥିଲେ; ଚିଠିପତ୍ରର ମୂଳ କପି ପ୍ରସ୍ତୁତ କରିବାଠାରୁ ଟାଇପ୍ କରି ସେଗୁଡ଼ିକୁ ପଠାଇବା ପର୍ଯ୍ୟନ୍ତ ।

ସେ ଥିଲେ ଖୁବ୍ ମେଟିକୁଲସ୍, ସବୁ କିଛି ଟିକିନିଖି ଦେଖିବା ଲୋକ । ଯେଉଁ କାମଟି କରୁଥିଲେ ତାକୁ ନିଷ୍ଠାର ସହ ଭଲ ଭାବରେ କରୁଥିଲେ । ଅଧାପନ୍ତରିଆ, ଉପର ଠାଉରିଆ ବା ଏଣୁ ତେଣୁ ଭାବରେ କରି ଦେଉ ନ ଥିଲେ । ତେଣୁ ତାଙ୍କ କାମ ଥିଲା ସୁନ୍ଦର, ତ୍ରୁଟିହୀନ । କେତେଥର ସେ ମୁଖ୍ୟ ପରୀକ୍ଷକ ଓ ମୁଁ ସହକାରୀ ପରୀକ୍ଷକ ଭାବରେ କାମ କରିଛୁ । କେତେଥର ମଧ୍ୟ ପରୀକ୍ଷା ପ୍ରଶ୍ନର ସମୀକ୍ଷକ ଭାବରେ କାମ କରିଛୁ । ସବୁ କ୍ଷେତ୍ରରେ ମୁଁ ତାଙ୍କର ସେହି ଗୁଣର ନିଦର୍ଶନ ଦେଖିବାକୁ ପାଇଛି । ବହୁ ବରିଷ୍ଠ ଅଧ୍ୟାପକଙ୍କ ସଙ୍ଗେ କାମ କରିଥିଲେ ହେଁ ତାଙ୍କ ଭଳି ପୁଙ୍ଖାନୁପୁଙ୍ଖ ବିଚାରବନ୍ତ ବ୍ୟକ୍ତି ମୁଁ ଖୁବ୍ କମ୍ ଦେଖିଛି । ସେ ମଧ୍ୟ ଥିଲେ ଖୁବ୍ ସଚ୍ଚୋଟ, ନୀତିନିଷ୍ଠ ଓ ଆଦର୍ଶବାଦୀ । ନିଜେ ପ୍ରତାରିତ ହୋଇଥିଲେ ହେଁ କାହାକୁ ଠକାଇ ସେ ଲାଭବାନ ହେବାକୁ ଚାହିଁ ନ ଥିଲେ । ନିଜ ଉଦ୍ୟମରେ ଆପଣାକୁ ଉନ୍ନତ କରାଇବାକୁ ସେ ଥିଲେ ସତତ ଯତ୍ନଶୀଳ । ଉଦ୍ୟମ କରୁ କରୁ ଯାହା ମିଳିଲା ସେଥିରେ ସେ ସନ୍ତୁଷ୍ଟ ରହି ଆସିଛନ୍ତି । ଅନ୍ୟର ସମୃଦ୍ଧି, ସାଫଲ୍ୟ ବା ସଂପଦ ଲାଗି ଈର୍ଷା ବା ହିଂସା ଜର୍ଜରିତ ହୋଇ ନାହାନ୍ତି ।

ଆପାତତଃ ରୁକ୍ଷ ମନେ ହେଉଥିବା ଏହି ବ୍ୟକ୍ତିଙ୍କର ହୃଦୟ କିପରି କୋମଳ, ସ୍ନେହପ୍ରବଣ ଓ ସରସ ତାହା ତାଙ୍କ ସମ୍ପର୍କରେ ଆସିବା ପରେ ହିଁ ଜାଣି ପାରିଥିଲି । ଆହୁରି ଭଲ ଭାବରେ ଜାଣିପାରିଥିଲି ତାଙ୍କର ଅପ୍ରକାଶିତ ଆତ୍ମଚରିତ 'ସୁଅ ମୁହଁର ପତର' ଗ୍ରନ୍ଥଟି ପଢ଼ିବାକୁ ପାଇ । ଜୀବନରେ ସେ ବହୁ ଘାତ ପ୍ରତିଘାତ ସହିଛନ୍ତି । ଅତ୍ୟନ୍ତ ଦୁଃସ୍ଥ ଅବସ୍ଥାରୁ ହିଁ କଠୋର ପରିଶ୍ରମ ଓ କଷ୍ଟ ସହିଷ୍ଣୁତା ଫଳରେ ଆପଣାର ଉନ୍ନତି କରି ପାରିଥିଲେ । ଶେଷ ପର୍ଯ୍ୟନ୍ତ ସେ ଥିଲେ କର୍ମଠ । ଅଶିବର୍ଷ ବୟସରେ ସେ ଦୃଷ୍ଟିଶକ୍ତି ହରାଇ କ୍ରମେ ଅକର୍ମଣ୍ୟ ହୋଇ ପଡ଼ିଥିଲେ ।

ମୋର ବିଶ୍ୱାସ, ଶ୍ରୀଧର ବାବୁଙ୍କ ଜୀବନ ସାର୍ଥକ ଓ ସାଫଲ୍ୟମଣ୍ଡିତ । ଶୈଶବରୁ ହିଁ ଦୁଃସ୍ଥ ପରିସ୍ଥିତି ତାଙ୍କୁ ଆତ୍ମସ୍ଥ, ଆତ୍ମସଚେତନ ଓ ଆତ୍ମପ୍ରତ୍ୟୟଶୀଳ କରାଇ ଦେଇଥିଲା ।

Digitized by srujanika@gmail.com

ଫଳରେ ସେ ହୋଇ ପଡ଼ିଥିଲେ ଖୁବ୍ ହିସାବୀ, ହାତେ ମାପି ଚାଖଣ୍ଡେ ଚାଲିବାରେ ଧୁରନ୍ଧର । ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରି ସେ ଜୟଯୁକ୍ତ ହୋଇ ପାରିଥିଲେ । ମାତ୍ର ଏଥିପାଇଁ ସେ ନୈତିକତା ବା ଆତ୍ମ ସମ୍ମାନକୁ ବଳି ଦେଇ ନାହାନ୍ତି । ଦୃଢ଼ ଆତ୍ମବିଶ୍ୱାସ ଓ କଠୋର ପରିଶ୍ରମ ଫଳରେ ହିଁ ସେ ଜୀବନରେ ସଫଳକାମୀ ହୋଇପାରିଥିଲେ । ସଫଳତାର ଅନ୍ତରାଳରେ ତାହାଙ୍କ ସହଧର୍ମିଣୀଙ୍କ ଦାନ ମଧ୍ୟ କେତେକ ପରିମାଣରେ ନିହିତ ଥିବା ଅନୁମେୟ ।

ସୀମିତ ସମ୍ବଳ ସତ୍ତ୍ୱେ ସେ ଆପଣାର ସନ୍ତାନମାନଙ୍କର ଉଚ୍ଚଶିକ୍ଷାର ବ୍ୟବସ୍ଥା କରିଛନ୍ତି, ସେମାନଙ୍କୁ ଉପଯୁକ୍ତ ଭାବେ ମଧ୍ୟ ଗଢ଼ି ଯାଇଛନ୍ତି । ସେମାନେ ଆଜି ବିଭିନ୍ନ କ୍ଷେତ୍ରରେ ସୁପ୍ରତିଷ୍ଠିତ । ସେମାନଙ୍କ ସାଫଲ୍ୟ ପଛରେ ଶ୍ରୀଧର ବାବୁଙ୍କ 'ସୁକୃତ' ଯେ ନିହିତ ଏହା କହିବା ଅନାବଶ୍ୟକ । ଏ ଦେଶର ପିଲାମାନଙ୍କ ଲାଗି ମଧ୍ୟ ସେ ବହୁ ଉପାଦେୟ ଗ୍ରନ୍ଥ ରଚନା କରିଯାଇ ଅଛନ୍ତି । ସେଗୁଡ଼ିକର ଉପାଦେୟତା ସ୍ୱତନ୍ତ୍ର ଆଲୋଚନାସାପେକ୍ଷ ।

ପିତୃପ୍ରତିମ ଶ୍ରୀଧର ବାବୁ କେଜାଣି କାହିଁକି ମୋ ପ୍ରତି ଖୁବ୍ ସ୍ନେହଶୀଳ ଥିଲେ । ବୋଧହୁଏ ସେ ମୋ'ଠାରେ ଦେଖିଥିଲେ ତାଙ୍କରି ଭଳି ଏକ ସଂଗ୍ରାମଶୀଳ କ୍ଷତାକ୍ତ ବ୍ୟକ୍ତିକୁ ଯିଏ ଆପଣା ଉଦ୍ୟମରେ ହିଁ ଏକପ୍ରକାର ନିଜକୁ ଗଢ଼ିଛି । ସେତେବେଳେ ପାଠ୍ୟପୁସ୍ତକ ସବୁ ଜାତୀୟକରଣ ହୋଇ ନ ଥାଏ । ଦିନେ ସେ ପ୍ରସ୍ତାବ ଦେଲେ – ଜାନକୀ ବାବୁ ! ଆପଣଙ୍କର ପାଠ୍ୟ ପୁସ୍ତକ ରଚନାରେ ଅଭିଜ୍ଞତା ଅଛି । ଶିଶୁ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ ମନୋନୟନ ପାଇଁ ବିଜ୍ଞାପନ ବାହାରିଛି । ଆମେ ଗୋଟାଏ ପ୍ରସ୍ତୁତ କଲେ କିପରି ହୁଅନ୍ତା !

ମୁଁ କହିଲି – ଏମ୍.ଏ. ପରୀକ୍ଷା ଦେଇ ଅନିଶ୍ଚିତ ଭାବେ ପୁରୀରେ କିଛି ଦିନ ରହୁଥିବା ବେଳେ ପୁରୀର ଜଣେ ପ୍ରକାଶକଙ୍କ ଅନୁରୋଧରେ ୨ୟ ଓ ୩ୟ ଶ୍ରେଣୀ ପାଠ୍ୟ ପୁସ୍ତକ ଲେଖି ଦେଇଥିଲି । ସେତେବେଳେ ପଣ୍ଡିତ ନୀଳକଣ୍ଠ, ଗୋଦାବରୀଶ, ରାମକୃଷ୍ଣ ନନ୍ଦଙ୍କ ପୁସ୍ତକ ସହ ମୋ ବହିଟି କେଜାଣି କିପରି ମନୋନୀତ ହୋଇ ଯାଇଥିଲା । ପ୍ରକାଶକ ମୋତେ ୧୦୦ ଟଙ୍କା ମାତ୍ର ଦେଇଥିଲେ । ତା'ପରେ ମୋର ସରକାରୀ ଚାକିରି ହୋଇଗଲା । ପ୍ରକାଶକ ମୋତେ ଆଉ ଟଙ୍କା ଦେଇ ନ ଥିଲେ ।

Digitized by srujanika@gmail.com

ମୁଁ ମଧ୍ୟ ଆଉ ପାଠ୍ୟ ପୁସ୍ତକ ଲେଖିବାକୁ କେବେ ଆଗ୍ରହୀ ହୋଇ ନାହିଁ । ଆପଣ ଯଦି ଚାହୁଁଛନ୍ତି ତେବେ ମୁଁ କିଛି ଲେଖିପାରେ ।

ସେ କହିଲେ – ଆପଣ କବିତା ଲେଖନ୍ତି, କବିତା ଅଂଶ ତକ ଆପଣ ଲେଖନ୍ତୁ – ଅବଶିଷ୍ଟ ମୁଁ କରେଇ ନେବି ।

ତା'ପରେ ଆମେ ଦୁହେଁ କିଏ କ'ଣ ଲେଖିବୁ ତା'ର ଏକ ଖସଡ଼ା ପ୍ରସ୍ତୁତ ହୋଇଗଲା । କେତେଦିନ ମଧ୍ୟରେ ଲେଖା ମଧ୍ୟ ପ୍ରସ୍ତୁତ ହୋଇ ଯାଇଥିଲା । ଏଇ ପାଠ୍ୟ ପୁସ୍ତକ ରଚନାର ଅଧିକାଂଶ କାମ ଶ୍ରୀଧର ବାବୁ ହିଁ କରିଥିଲେ । ନିଜ ହାତରେ ସେ ତାକୁ ଉତାରି ଛପାଇବାର ବ୍ୟବସ୍ଥା କରିଥିଲେ । ଏହା ହେଉଛି ୧୯୫୯ ମସିହାର କଥା । ବହିଟି କିନ୍ତୁ ମନୋନୀତ ହୋଇପାରି ନ ଥିଲା । ଯେତେ ଦୂର ମନେପଡୁଛି ବହିଟିର ନାମ ଥିଲା 'କୌତୁକ ପାଠ' ।

ବରିଷ୍ଠ ଅଧ୍ୟାପକ ହେଲେ ହେଁ ଜ୍ଞାନୀ, ଗୁଣୀ ବୋଲି ତାଙ୍କର ଅଭିମାନ ନ ଥିଲା କିମ୍ବା ଲେଖକ ଭାବରେ ଯଶସ୍ୱୀ ହେବାକୁ ମଧ୍ୟ ସେ କାମନା କରି ନ ଥିଲେ । ତଥାପି ସୁଶିକ୍ଷକ ଓ ବହୁ ଗ୍ରନ୍ଥର ରଚୟିତା ଭାବେ ସେ ଆମର ନମସ୍ୟ ଓ ସ୍ମରଣୀୟ । କେହି କେହି କହନ୍ତି, ଉଇଲିୟମ୍ ସେକ୍ସପିଅର ନାମ, ଯଶ ବା ସାହିତ୍ୟ ଉନ୍ନତି ଲକ୍ଷ୍ୟରେ ନାଟକ ରଚନାରେ ବ୍ରତୀ ହୋଇ ନ ଥିଲେ । ଅର୍ଥ ଉପାର୍ଜନ ହିଁ ଥିଲା ତାଙ୍କର ଲକ୍ଷ୍ୟ । ସେହିପରି କୁଆଡ଼େ ଥିଲେ ବାଲଜାକ୍ । ମୋର ମନେହୁଏ ଶ୍ରୀଧର ବାବୁ ସେହିପରି ଅର୍ଥ ଲକ୍ଷ୍ୟରେ ହିଁ ବହୁ ଗ୍ରନ୍ଥର ଅନୁବାଦ, ଅଭିଧାନ ସଂକଳନ, ବ୍ୟାକରଣ ଗ୍ରନ୍ଥ ଓ ବହୁ ଶିଶୁ ଉପଯୋଗୀ ସାହିତ୍ୟ ରଚନାରେ ଲାଗି ପଡ଼ିଥିଲେ । ଏଇ ଗ୍ରନ୍ଥ ସମୂହ ଯେ ନିଶ୍ଚିତ ଭାବେ ଉପାଦେୟ ଓ ତାଙ୍କୁ ସ୍ମରଣୀୟ ରଖିବ ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ଦୀର୍ଘଜୀବନ କାଳ ମଧ୍ୟରେ ଶ୍ରୀଧର ବାବୁ ବହୁ ଅଭିଜ୍ଞତା ଓ ଅନୁଭୂତି ଅର୍ଜନ କରିଥିଲେ । ସେ ସମ୍ପର୍କରେ ସେ ବେଳେ ବେଳେ କିଛି କିଛି ବର୍ଣ୍ଣନା କରିଥାନ୍ତି । ଇଚ୍ଛା କରିଥିଲେ ସେ ଭଲ ଗଳ୍ପ ଉପନ୍ୟାସ ମଧ୍ୟ ଲେଖିପାରିଥାନ୍ତେ । ମାତ୍ର ସେ ଚିତ୍ତବିନୋଦକ ଗ୍ରନ୍ଥ ରଚନା ପରିବର୍ତ୍ତେ ସହାୟକ ଗ୍ରନ୍ଥ ରଚନାରେ ହିଁ ମୁଖ୍ୟତଃ ଆତ୍ମନିଯୋଗ କରିଥିଲେ ।

Digitized by srujanika@gmail.com

ବ୍ୟକ୍ତିଗତ ସାଧନା ଓ ଉଦ୍ୟମର ଉପଯୁକ୍ତ ପୁରସ୍କାର ଲାଭ ନିଶ୍ଚିତ ଭାବେ ଗୌରବାବହ । ଅତୀତରେ ଏହାର ବହୁ ଦୃଷ୍ଟାନ୍ତ ଦେଖିବାକୁ ମିଳୁଥିଲା । ସେଥିପାଇଁ ଅନେକ ସାଧନାରତ ହେଉଥିଲେ । ମାତ୍ର ଏବେ ବୋଧହୁଏ ଅବସ୍ଥା ବଦଳି ଯାଇଛି । ଅନେକ ନିଜର ନିଷ୍ଠା, ସାଧନା ଅପେକ୍ଷା ଭିନ୍ନ ଭିନ୍ନ ପନ୍ଥା ଅନୁସରଣ କରୁଛନ୍ତି ଓ ତଦ୍ୱାରା ମଧ୍ୟ କିଛି ସଫଳତା ଅର୍ଜନ କରିବାକୁ ସମର୍ଥ ହେଉଛନ୍ତି । ଫଳରେ ନିର୍ମଳ ବ୍ୟକ୍ତିତ୍ୱ ଓ ସାଧନାର ଦୃଷ୍ଟାନ୍ତ କମିଯାଉଛି । ବହୁ ଅନିପୁଣ, ଅନୁପଯୁକ୍ତ ବ୍ୟକ୍ତି ସମାଜର ବିଭିନ୍ନ କ୍ଷେତ୍ରରେ ତଥାକଥିତ ସାଫଲ୍ୟର ଅଧିକାରୀ ହେଉଛନ୍ତି । ସେମାନଙ୍କ ସଫଳତା ପଛରେ ଅନେକ କଳୁଷ କାଳିମାର ବିଷୟ ଶୁଣିବାକୁ ମିଳୁଛି । ମାତ୍ର ମୁଁ ଯେତେଦୂର ଜାଣେ ଶ୍ରୀଧର ବାବୁ ଥିଲେ ଜଣେ ଅକଳୁଷ କର୍ମଯୋଗୀ ।

■■■

Digitized by srujanika@gmail.com

ଅଭୁଲା ସ୍ମୃତି

ପ୍ରଫେସର ବଂଶୀଧର ମହାନ୍ତି

ଅଧ୍ୟାପକ ଶ୍ରୀଧର ଦାସଙ୍କୁ ଜଣେ ଆଦର୍ଶ ଶିକ୍ଷକ ଓ ଆଦର୍ଶ ଅଧ୍ୟାପକ ଭାବରେ ମୁଁ ବହୁତ ଦିନରୁ ଜାଣେ । ମୁଁ ରେଭେନ୍‌ସା କଲେଜରେ ପଢ଼ିଲା ବେଳେ ସେ ଥିଲେ ମୋ ଗାଁ ହାଇସ୍କୁଲ ଶ୍ରୀକୃଷ୍ଣ ଏକାଡ଼େମୀର ହେଡ୍‌ମାଷ୍ଟର । ସେ ଜଗତସିଂହପୁର ବା ହରିହରପୁରରେ ୧୯୪୩ ରୁ ୧୯୪୮ ପର୍ଯ୍ୟନ୍ତ ହେଡ୍‌ମାଷ୍ଟର ଥିବାବେଳେ ତାଙ୍କ ସହିତ ଥରେ ଦୁଇଥର ଦେଖା ହୋଇଥିଲା ଓ କଥାବାର୍ତ୍ତା ହୋଇଥିଲା । ସେଇ ଡେଙ୍ଗା ଚେହେରା, ହସ ହସ ମୁହଁ ଓ ସ୍ନେହପୂର୍ଣ୍ଣ କଥାବାର୍ତ୍ତା ଏବେ ବି ମନେ ପଡୁଛି ।

ମୁଁ କଲେଜ ପଢ଼ା ସାରି ରେଭେନ୍‌ସା କଲେଜରେ ଅଧ୍ୟାପକ ହେଲି ୧୯୪୯ ମସିହାରେ । ୧୯୪୮ ମସିହାରେ କଟକ ଖ୍ରୀଷ୍ଟ କଲେଜରେ ଓଡ଼ିଆ ଅଧ୍ୟାପକ ଭାବରେ ଶ୍ରୀଧର ଦାସ ଯୋଗ ଦେଲେ ।

ତାଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ହେଲା । ବହୁତ ଦିନ ପର୍ଯ୍ୟନ୍ତ ତାଙ୍କ ପାଖରେ ବାରମ୍ବାର ନିଯୁକ୍ତି ପାଇଥିଲି ସହକାରୀ ପରୀକ୍ଷକ ଭାବରେ । ପ୍ରାୟ ସାତ ଆଠଥର ତାଙ୍କ ସହିତ କାମ କରିବାକୁ ପଡ଼ିଛି । ଖାତା ପାଇବା ପରେ ଦୁଇ ତିନିଦିନ ମଧ୍ୟରେ ଅଧ୍ୟାପକ ଦାସଙ୍କ ପାଖରେ ନମୁନା ଖାତା ନ ପହଞ୍ଚିଲେ ସେ ପୋଷ୍ଟକାର୍ଡରେ କଡ଼ା ନିର୍ଦ୍ଦେଶ ଦେଇଥାନ୍ତି । ରେଭେନ୍‌ସା କଲେଜରୁ ସାଇକେଲରେ ତୁଳସୀପୁର ଖାତା ପ୍ରସଙ୍ଗରେ ଧାଇଁବାକୁ ପଡ଼ିଥାଏ ।

ମୁଁ ଭାବେ ଏଭଳି ଅଧ୍ୟାପକଙ୍କ ନିକଟରେ ପରୀକ୍ଷକ ହେବା ଏକ କଠିନ ଶାସ୍ତି । ନମୁନା ଖାତାଗୁଡ଼ିକ ଗୋଟି ଗୋଟି କରି ଦେଖିବେ । ନିକିତି ତଉଲ ଭଳି ନମ୍ବର । ଟିକିଏ ବେଶି ହୋଇଥିଲେ କହିବେ "ବଂଶୀ ବାବୁ ତୁମେ ଭାରି ତରତରରେ

Digitized by srujanika@gmail.com

ଖାତା ଦେଖୁଛ । ୟୁନିଭରସିଟି କଥା ଜାଣିଛ ତ । ଶେଷକୁ ତୁମେ ଯିବ, ମୁଁ ଯିବି ।” ସେ ବହୁତ ଅନୁରୋଧ କରନ୍ତି ଭଲ ଭାବରେ ଖାତା ଦେଖିବାକୁ ।

ତା’ପରେ ମୁଁ ଖାତା ଦେଖିସାରି ହାତଟଣା ରିକ୍‌ସାରେ ଖାତା ବିଡ଼ା ବୋଝେଇ କରି ଯାଏ ଅଧ୍ୟାପକ ଦାସଙ୍କ ଘରକୁ । ଦିନ ଦଶଟା ବେଳକୁ ଗଲେ ମୋତେ ସେଠାରୁ ଫେରିବାକୁ ପଡ଼େ ସନ୍ଧ୍ୟା ବେଳକୁ । ଗୋଟି ଗୋଟି ଖାତାକୁ ସେ ଦେଖିବେ । ମୁଁ ଭୁଲ କାଟିଲା ପରେ ଛାଡ଼ି ଯାଇଥିବା ଭୁଲକୁ କାଟି ମୋ ଆଡ଼କୁ ଅନେଇ ହସନ୍ତି । ଘଣ୍ଟା ଘଣ୍ଟା ଧରି ପୁନର୍ବାର ସଂଶୋଧନ । ସେ କହନ୍ତି “ବଂଶୀବାବୁ, ଏ ସବୁ ତ ପିଲାଖେଳ କଥା ନୁହେଁ– ଦେଖିଲ, କେତେ ଭୁଲ ଛାଡ଼ିଯାଇଛ ।” ଦିନକରେ ସରେ ନାହିଁ – ଖାତା ଦେଇସାରିବା ପରେ ବି ମୋତେ ହପ୍ତାଏ ଖଣ୍ଡେ ତାଙ୍କ ଘରକୁ ଦଉଡ଼ିବାକୁ ପଡ଼ିଥାଏ । ଯେଉଁଦିନ ଡେରି ହୋଇଯାଏ ସେ କହନ୍ତି, “ବଇଁଶୀ ବାବୁ, ଆମ ଘରେ ଯାହା ଅଛି ଗଣ୍ଡାଏ ଖାଇଦିଅ । ତୁମେ ପଖାଳ ଖାଅଟି ?” ଅନେକ ଥର ଖରାଦିନେ ତାଙ୍କ ଘରେ ପଖାଳ ଖାଇଛି ।

କେତେ ନିରାଡ଼ମ୍ବର ଜୀବନ । ତାଙ୍କର ଜୀବନରେ ସଉକିନିଆ ଜିନିଷ ହେଉଛି ପାନ । ଏଣେ ଖାତା ଦେଖା । ଜଗତସିଂହପୁର ହାଇସ୍କୁଲର ବିଭିନ୍ନ ଅନୁଭୂତି ନେଇ ଗପ । ଶ୍ରୀକୃଷ୍ଣ ମହାପାତ୍ରଙ୍କ ସହିତ ତାଙ୍କର ସମ୍ବନ୍ଧ । ସ୍କୁଲ କିରାଣୀ ଅନାଦି ବାବୁଙ୍କର ଅଫିସ୍ ପରିଚାଳନାରେ ଦକ୍ଷତା । ତାଙ୍କ ପୂର୍ବରୁ ସ୍କୁଲ ଅବସ୍ଥା କିପରି ଶୋଚନୀୟ ଥିଲା, ଏମିତି ଅନେକ କଥା । ଏ ସବୁ କଥା କହି ସେ ନିଜେ ହସୁଥିଲେ ଓ ହସାଉଥିଲେ । ଖାତା ଦେଖା, ମଝିରେ ମଝିରେ ଗପ । ଗପ ମଝିରେ କହନ୍ତି, ବଇଁଶୀ ବାବୁ ପାନ ଖାଇବ କି ? ଉଭୟ ଗୁଣ୍ଡିପାନ ଭକ୍ତ । ତେଣୁ ଘଣ୍ଟା ଘଣ୍ଟା ଧରି ଅଖାଡୁଆ ପରୀକ୍ଷା କାମ ନମ୍ବରଗୁଡ଼ିକର ମିଶାଣ ଜଣାପଡ଼େ ନାହିଁ ।

ତାଙ୍କ ପିଲାଙ୍କ ଭିତରେ ମୁଁ ଜାଣିଥିଲି ତାଙ୍କର ବଡ଼ପୁଅ ଜଗନ୍ନାଥଙ୍କୁ । ପୁଅଟିର ନାଁ ଜଗନ୍ନାଥ ପ୍ରସାଦ ଦାସ । ସେ ତାକୁ ଜଗନ ଜଗନ ବୋଲି ଡାକିଥାନ୍ତି । ଝିଅଟିର ନାଁ ବିଷ୍ଣୁ । ସେ ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ପ୍ରଫେସର ଡକ୍ଟର ନବକିଶୋର ବେହୁରାଙ୍କର ପତ୍ନୀ । ପରେ ଡକ୍ଟର ଜଗନ୍ନାଥ ପ୍ରସାଦ ଆଇ.ଏ.ଏସ୍ ଚାକିରୀ କଲେ । ଏବେ ସେ ଚାକିରୀରୁ ଇସ୍ତଫା ଦେଇ ବିଭିନ୍ନ ସାଂସ୍କୃତିକ କାମରେ ମନୋନିବେଶ କରିଛନ୍ତି ।

Digitized by srujanika@gmail.com

ତାଙ୍କ ଘରେ ସେତେବେଳେ 'ଅଭ୍ୟୁଦୟ ସାହିତ୍ୟ ସମାଜ' ଗଠିତ ହୋଇଥିଲା । ମୁଁ ତହିଁରେ ମେମ୍ବର ଥିଲି ଓ ଦେଉଳ ସାହିରେ ଅନେକ ଥର ସେ ସଭାରେ ଯୋଗ ଦେଇଥିଲି ।

ପରୀକ୍ଷା ଖାତା ଏତିକିରେ ସରେ ନାହିଁ । ସେତେବେଳେ ପ୍ରଧାନ ପରୀକ୍ଷକ ଶ୍ରୀଧର ବାବୁଙ୍କ ନାଁ ଶୁଣିଲେ ମୋତେ ଭାରି ଭୟ ଆସେ । ଖାତା ଦେଖିଲା ପରେ ବି ଏତେ ଭୁଲ ସେ ବାହାର କରନ୍ତି । ମିଶାଣରେ ଭୁଲ ଦେଖି ବାରମ୍ବାର ସତର୍କ କରାଇ କହନ୍ତି, ବଇଁଶୀ ବାବୁ, ମୋର ମନେ ହେଉଛି କେତେବେଳେ ତୁମେ କଟିଯିବ ।

ପ୍ରକୃତରେ ସେଇଆ ହିଁ ଘଟିଲା ଅନେକ ଦିନ ପରେ । ମୁଁ ବଦଳି ହୋଇଗଲି ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜକୁ ୧୯୬୨ ମସିହାରେ । ସେହିବର୍ଷ ପୁଣି ଥାଏ ସହକାରୀ ପରୀକ୍ଷକ ତାଙ୍କ ପାଖରେ । ପରୀକ୍ଷା ନମ୍ବର ହିସାବରେ ଭୁଲ ବାହାରିଲା । ଅଧାପକ ଦାସ ବିଶ୍ୱବିଦ୍ୟାଳୟକୁ ରିପୋର୍ଟ କରିବା ଫଳରେ ମୋର ପରୀକ୍ଷକ ହେବା ନିଷିଦ୍ଧ ହୋଇଗଲା । ସାମାନ୍ୟ ମିଶାଣ ଭୁଲରେ ଏ ପ୍ରକାର ଦଣ୍ଡ ଭୋଗିବାକୁ ପଡ଼େ ବୋଲି ମୁଁ ଜାଣି ନ ଥିଲି । ପରେ ବାଟରେ ଅଧାପକ ଦାସ ଦେଖାହେଲେ । ମୁଁ ତାଙ୍କୁ ପରୀକ୍ଷା ବିଷୟ ପଚାରନ୍ତେ ସେ ହସିଦେଲେ ଓ କହିଲେ କ'ଣ କରିବି, ମୁଁ ରିପୋର୍ଟ କରିବାକୁ ବାଧ୍ୟ ହେଲି । ତା'ପରେ ଅବଶ୍ୟ ସ୍ୱର୍ଗତ ସୁରଜ ମଲ ସାହାଙ୍କୁ ଜଣାଇଲି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇବାରେ ସେ ଦଣ୍ଡ କୋହଳ କଲେ । ବର୍ଷକ ପାଇଁ ପରୀକ୍ଷକ ପଦରୁ ମୋତେ ବାଦ୍ ଦିଆଗଲା ।

ଅଧାପକ ଦାସ କେତେ ସ୍ନେହୀ ପୁଣି ନିୟମ କାନୁନ୍, ତ୍ରୁଟି ବିଚ୍ୟୁତିରେ ସେ କେଡ଼େ କଠୋର ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ପରେ ତାଙ୍କ ସହ ବହୁବାର ମିଶିଛି । ଘରୋଇ କଥା ସହିତ ତାଙ୍କ ସହ ଲେଖାଲେଖି ବିଷୟ ବହୁତ ଆଲୋଚନା ହୋଇଥାଏ । ସେ ଅଧିକାଂଶ ସମୟ ତାଙ୍କର ଅତୀତ ଜୀବନର ଦୁଃଖମୟ କାହାଣୀ କହି ବସନ୍ତି । ସେ କିପରି ନିଜେ କଠୋର ଜୀବନ ସଂଗ୍ରାମ କରି ପଖାଳ, ପିଆଜ ଓ ଶୁଖୁଆ ପୋଡ଼ା ଖାଇ ଏ ପର୍ଯ୍ୟନ୍ତ ଆସିଛନ୍ତି – ଏହିସବୁ ବିଷୟ ତାଙ୍କର ଆତ୍ମଜୀବନୀ 'ସୁଅ ମୁହଁର ପତର' ବହିରେ ଲେଖି ଯାଇଛନ୍ତି ।

Digitized by srujanika@gmail.com

ଅଧ୍ୟାପକ ଶ୍ରୀଧର ଦାସଙ୍କୁ ନ ଜାଣେ କିଏ ? ତାଙ୍କର 'ସର୍ବସାର ବ୍ୟାକରଣ' ତାଙ୍କୁ ଓଡ଼ିଶାର ପୁରପଲ୍ଲୀର ଘରେ ଘରେ ଛାତ୍ର ଶିକ୍ଷକ ସମାଜରେ ଅମର କରି ରଖିଛି । ଆମର ଓଡ଼ିଆ ଭାଷାରେ ଖଣ୍ଡେ ଭଲ ବ୍ୟାକରଣ ନ ଥିଲା । ସେ ଏହି ଅଭାବ ପୂରଣ କରିଥିଲେ । ଆଜି ପର୍ଯ୍ୟନ୍ତ ତାଙ୍କ ବହିଟିକୁ ପରିପୂରଣ କରିବା ପାଇଁ ସେପରି କୌଣସି ଷ୍ଟାଣ୍ଡାର୍ଡ ବ୍ୟାକରଣ ବହି ଲେଖାଯାଇ ନାହିଁ । ଗତ ୫୦ ବର୍ଷ ଧରି ଓଡ଼ିଶାର ସ୍କୁଲ କଲେଜରେ ତାଙ୍କ ବ୍ୟାକରଣ ହିଁ ଅଦ୍ୟାବଧି ଓଡ଼ିଆ ଭାଷାର ଶ୍ରେଷ୍ଠ ବ୍ୟାକରଣ ଭାବରେ ପ୍ରସିଦ୍ଧି ଲାଭ କରିଛି ।

ଅଧ୍ୟାପକ ଦାସ ଜଣେ ନିରଳସ ସାହିତ୍ୟ ସାଧକ । ସେ ତାଙ୍କର ଜୀବନକାଳ ମଧ୍ୟରେ ପ୍ରାୟ ୧୨୦ ଖଣ୍ଡରୁ ଅଧିକ ପୁସ୍ତକ ରଚନା କରି ଯାଇଛନ୍ତି । ସେ ସର୍ବସାର ବ୍ୟାକରଣ ଅଭିଧାନ ସଂକଳନ କରି ଯାଇଛନ୍ତି । ପାଠ୍ୟ ପୁସ୍ତକ ରାଜ୍ୟରେ ସେ ଥିଲେ ଏକ ସମୟରେ ଅଗ୍ରଣୀ । ସେ ଅର୍ଦ୍ଧ ଶତାଧିକ ଅନୁବାଦ ପୁସ୍ତକ ସହିତ ଅଜସ୍ର ଶିଶୁ ସାହିତ୍ୟ ଲେଖି ଯାଇଛନ୍ତି । ପ୍ରାଚ୍ୟ ସମିତି ରୀତିରେ ସେ ଅନେକ ପ୍ରାଚୀନ ଓ ଆଧୁନିକ କାବ୍ୟର ସମ୍ପାଦନା କରିଛନ୍ତି । ନିଜ ଜୀବନୀ ସହିତ ଅନେକ ମହାପୁରୁଷଙ୍କର ଜୀବନୀ ମଧ୍ୟ ରଚନା କରିଛନ୍ତି ।

ସେ ସୁଲେଖକ ଏବଂ ବୈୟାକରଣ ଭାବରେ ଓଡ଼ିଶାରେ ସୁପରିଚିତ । ତାଙ୍କର ଅନେକ ଗବେଷଣାମୂଳକ ପ୍ରବନ୍ଧ ସେ କାଳରେ 'ସହକାର', 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇଥିଲା । ପରିବାର ପ୍ରତିପୋଷଣ ପାଇଁ ତାଙ୍କୁ ଜୀବନବ୍ୟାପୀ ସାଧନା କରିବାକୁ ପଡ଼ିଛି । ସେତେବେଳେ ଅଧ୍ୟାପକର ଦରମା ଥିଲା ବହୁତ କମ୍ । ସେଥିପାଇଁ ବହିପତ୍ର ଲେଖାଲେଖିରୁ ସେତେବେଳେ ସେ ଯଥେଷ୍ଟ ଆୟ କରିଥିଲେ ଏବଂ ସେଥିରେ ହିଁ ସେ କଟକରେ ଘରଦ୍ୱାର କରିବା ସହିତ ସବୁ ପିଲାଙ୍କୁ ଉଚ୍ଚତମ ଶିକ୍ଷା ଦେଇ ମଣିଷ କରି ଠିଆ କରାଇଥିଲେ । ସେ ଏ ବିଷୟ ମୋ ଆଗରେ ଅନେକଥର ପ୍ରକାଶ କରିଛନ୍ତି । ତାଙ୍କର ବିଳାସ ବ୍ୟସନ ବୋଲି କିଛି ନ ଥିଲା । ଯେତେବେଳେ ଦେଖ ସେ କିଛି ନା କିଛି ସାହିତ୍ୟିକ କାର୍ଯ୍ୟ ଓ ଗୃହକର୍ମରେ ବ୍ୟସ୍ତ ରହୁଥିଲେ । ତାଙ୍କ ଜୀବନରେ ନ ଥିଲା ଆରାମ ବା ଫୁରୁସତ । ସେ ଥିଲେ ଜଣେ ଅଭିଜ୍ଞ ଶାସକ ।

Digitized by srujanika@gmail.com

ମୋର ବ୍ୟକ୍ତିଗତ ମତ ଯେ ତାଙ୍କର ସମସ୍ତ ସାହିତ୍ୟିକ କୃତି ସଂଗ୍ରହ କରାଯାଇ "ଶ୍ରୀଧର ରଚନାବଳୀ" ଗ୍ରନ୍ଥ ପ୍ରକାଶିତ ହେଲେ ତାଙ୍କର ଯଥାର୍ଥ ସ୍ମୃତି ରକ୍ଷିତ ହୋଇ ପାରନ୍ତା ଓ ଭବିଷ୍ୟତ ଦାୟାଦଙ୍କ ଗବେଷଣା ପାଇଁ ତାହା ଉତ୍କୃଷ୍ଟ ସମ୍ପଦ ହୋଇ ରହନ୍ତା ।

ଅଧ୍ୟାପକ ଦାସ କେବେ ଦୁଃଖରେ ଭାଙ୍ଗି ପଡ଼ି ନାହାନ୍ତି ବା ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟି ନାହିଁ । ସେ ଥିଲେ ଆମ ସମୟର ଜଣେ ଆଦର୍ଶ କର୍ମବୀର ଓ ସାହିତ୍ୟ ସାଧକ । ସେ ମଣିଷ ଭାବରେ ଅଯାଚିତ ଭାବରେ ବହୁ ଛାତ୍ରଙ୍କୁ ସାହାଯ୍ୟ କରିଛନ୍ତି – ଅନେକ ଲୋକଙ୍କୁ ସେ ମଣିଷ କରି ଯାଇଛନ୍ତି । ତାଙ୍କର ଓଡ଼ିଆ ଭାଷା ଓ ସାହିତ୍ୟକୁ ମହାନ୍ ଅବଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ । କବିବର ରାଧାନାଥଙ୍କ ଭାଷାରେ –

"ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।"

■■■

Digitized by srujanika@gmail.com

ନିରଳସ ସାଧକ

ପ୍ରଫେସର କୃଷ୍ଣଚରଣ ସାହୁ

ଶ୍ରମ ଓ ସାଧନାର ପ୍ରତୀକ ଅଧ୍ୟାପକ ଶ୍ରୀଧର ଦାସଙ୍କ ସହିତ ମୋର ପରିଚୟ ଅତି ସାମାନ୍ୟ । ସେ ଯେତେବେଳେ ୧ ୯ ୪୩ ମସିହାରେ ହରିହରପୁର ଏକାଡ଼େମୀ, ଜଗତସିଂହପୁରରେ ହେଡ଼ମାଷ୍ଟର ହୋଇ ଯୋଗଦାନ କଲେ ସେହି ସମୟରେ ମୁଁ ହରିହରପୁର ଏକାଡ଼େମୀରୁ ଟି.ସି. ନେଇ ପ୍ୟାରୀମୋହନ ଏକାଡ଼େମୀରେ ନାମ ଲେଖାଇବା ପାଇଁ ଚାଲି ଆସିଲି । ବୋଧହୁଏ ଟି.ସି. କାଗଜରେ ଦସ୍ତଖତ କରିବା ପାଇଁ ମୁଁ ଗଲି ତାଙ୍କ ବସାକୁ । ସେତେବେଳେ ସେ କେନାଲ କୂଳରେ ଗୋଟିଏ ବସାଘରରେ ରହୁଥିଲେ । ଜଗତସିଂହପୁରକୁ ଆସିବା ଅଳ୍ପଦିନ ହୋଇଥାଏ । ତେଣୁ ଛାତ୍ର ମହଲରେ ଶ୍ରୀଧର ବାବୁଙ୍କର ନାଁ ବହୁତ ଥିଲା । ସେଥିପାଇଁ ମୋ ମନରେ କ୍ଷଣକ ପାଇଁ ଜଗତସିଂହପୁରରେ ରହିଯିବାର ଇଚ୍ଛା ହେଉଥିଲା । କିନ୍ତୁ ମ୍ୟାଲେରିଆ ଜ୍ୱର ଡରରେ ସେ ଇଚ୍ଛାକୁ ଦମନ କରି ମୁଁ କଟକ ଆସିଲି । କିନ୍ତୁ ସେ ଦିନର ସେହି ଖଦଡ଼ ପିନ୍ଧା ଶ୍ରୀଧର ବାବୁଙ୍କୁ ଯେ ଦେଖିଥିଲି, ପରବର୍ତ୍ତୀ ଜୀବନରେ ବହୁବାର ସେହି ଭାବରେ ତାଙ୍କୁ ଦେଖିବାର ସୁଯୋଗ ମିଳିଥିଲା ।

ବିହାର ବିଶ୍ୱବିଦ୍ୟାଳୟ, ରାଞ୍ଚି କଲେଜରେ ଅଧ୍ୟାପକ ଭାବରେ ଯୋଗ ଦେବା ପରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ଓ ଅଧ୍ୟାପକ ଶ୍ରୀଧର ଦାସ କିଛିଦିନ ପାଇଁ ବିହାର ବିଶ୍ୱବିଦ୍ୟାଳୟର ଓଡ଼ିଆ ବୋର୍ଡ଼ରେ ମେମ୍ବର ଥିଲେ । ସେତେବେଳେ ତାଙ୍କ ସହିତ ସାକ୍ଷାତ ହୁଏ ପାଟଣାରେ । ତା'ପରେ ରାଞ୍ଚି ବିଶ୍ୱବିଦ୍ୟାଳୟର ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଶ୍ନକର୍ତ୍ତା ଭାବେ ତାଙ୍କ ସହ ମୋର ବହୁଥର ସାକ୍ଷାତ ହୋଇଛି, ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କ ଘରେ ଏବଂ ତାଙ୍କ ନିଜ ଘରେ । ସେ ମୋଠାରୁ ବୟସରେ ବହୁତ ବଡ଼ ଓ ଅଧ୍ୟାପକ ଭାବରେ ବରିଷ୍ଠ; ତଥାପି ପ୍ରଶ୍ନ ନିର୍ବାଚନ ବୋର୍ଡ଼ରେ ସେ

Digitized by srujanika@gmail.com

ମୋତେ କୌଣସି ସୁବିଧା ନ ଦେଇ ନିଜେ ସବୁ କରି ନିଅନ୍ତି । ତାଙ୍କର ଅମାୟିକ ବ୍ୟବହାର ସବୁବେଳେ ମୋତେ ମୁଗ୍ଧ କରିଥିଲା ଏବଂ ମୁଁ ତାଙ୍କୁ ଶିକ୍ଷକ ଭାବେ ସବୁଦିନେ ସମ୍ମାନ ଦେଉଥିଲି ।

ଶ୍ରୀଧର ବାବୁ ତାଙ୍କର ସର୍ବସାର ବ୍ୟାକରଣ ପାଇଁ ଓଡ଼ିଶାର ସମସ୍ତ ସ୍କୁଲ କଲେଜର ଛାତ୍ର ଶିକ୍ଷକ ତଥା ଅଭିଭାବକ ମହଲରେ ସୁପରିଚିତ । ଏହା ବ୍ୟତୀତ 'ନବ ବିଧାନ' ଓ 'ବିବିଧ କୋଷ' ପାଇଁ ମଧ୍ୟ ସେ ପ୍ରସିଦ୍ଧ । କିନ୍ତୁ ସେ ଯେ ଛୋଟ ବଡ଼ ୧୨୦ଟି ଗ୍ରନ୍ଥ ଲେଖିଥିଲେ ଏବଂ ସେସବୁ ସ୍କୁଲଠାରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ଏପରିକି ସାଧାରଣ ପାଠକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, ଏକଥା ଜାଣିବା ସହଜ ନ ଥିଲା । ତାଙ୍କର ଗ୍ରନ୍ଥସବୁକୁ ଅବଲୋକନ କଲେ ତାଙ୍କ ବିଦ୍‌ବତ୍ତାର ପରିଚୟ ମିଳିଥାଏ । ବିଶ୍ୱବିଦ୍ୟାଳୟର ପାଠ୍ୟ ପୁସ୍ତକ ଭାବରେ ସ୍ୱୀକୃତ ହୋଇଥିବା ରୁକ୍ମିଣୀ ବିଭା, ଚିଲିକା, ଦରବାର, ଚନ୍ଦ୍ରଭାଗା, ମଥୁରାମଙ୍ଗଳ, ରସକଲ୍ଲୋଳ ଓ ବିଦଗ୍ଧ ଚିନ୍ତାମଣିକୁ ସମ୍ପାଦନ । କରି ସେ ଛାତ୍ର ଓ ଅଧ୍ୟାପକମାନଙ୍କର ଅଭାବ ପୂରଣ କରିବାରେ ଯେ ସାହାଯ୍ୟ କରିଥିଲେ ତା' ନୁହେଁ, ତାଙ୍କ ସହକର୍ମୀ ଭାବେ କାର୍ଯ୍ୟ କରୁଥିବା ଅଧ୍ୟାପକୁ ଏପରି ଗ୍ରନ୍ଥ ରଚନା ପାଇଁ ପ୍ରୋତ୍ସାହନ ଦେଇଥିଲେ ଫଳରେ ଅଧ୍ୟାପକମାନଙ୍କ ମଧ୍ୟରୁ ଗୌରୀକୁମାର ବ୍ରହ୍ମା, ପଠାଣି ପଟ୍ଟନାୟକ, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଅଧ୍ୟାପକ ବିଭିନ୍ନ ପାଠ୍ୟ ପୁସ୍ତକର ସମ୍ପାଦନା ଏବଂ ମୁଖବନ୍ଧ ଲେଖି ପ୍ରସିଦ୍ଧି ଲାଭ କରିଥିଲେ । ଓଡ଼ିଶାର ଅନ୍ୟାନ୍ୟ କଲେଜମାନଙ୍କରେ ଏପରି ସାମୂହିକ ପ୍ରଯତ୍ନ ଦେଖିବାକୁ ମିଳେ ନାହିଁ । ଅନୁବାଦ କ୍ଷେତ୍ରରେ ମଧ୍ୟ ସେ ଅତ୍ୟନ୍ତ ଯଶସ୍ୱୀ ଥିଲେ । ଇଂରାଜୀ ଓ ସଂସ୍କୃତ ସାହିତ୍ୟର ପ୍ରସିଦ୍ଧ ଗ୍ରନ୍ଥ ସବୁ ଅନୁବାଦ କରି ସେ ଓଡ଼ିଆ ସାହିତ୍ୟର ଅନୁବାଦ ବିଭାଗକୁ ପରିପୁଷ୍ଟ କରିଛନ୍ତି । ସେ ରାମାୟଣ, ମହାଭାରତ, ବୌଦ୍ଧଜାତକ, ମିତ୍ରଲାଭ, ପଞ୍ଚତନ୍ତ୍ର, ମିତ୍ରପ୍ରାପ୍ତି, ମାଳବିକାଗ୍ନି ମିତ୍ର, ବେତାଳ ପଞ୍ଚବିଂଶତି, ଅଭିଜ୍ଞାନ ଶକୁନ୍ତଳମ୍, ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ ପ୍ରଭୃତି ସଂସ୍କୃତ ସାହିତ୍ୟର ଲୋକପ୍ରିୟ ଅମର ଗ୍ରନ୍ଥରାଜିକୁ ସରଳ ଭାଷାରେ ଓ ସଂକ୍ଷିପ୍ତ ରୂପରେ ଓଡ଼ିଆ ପାଠକଙ୍କ ନିକଟରେ ଉପସ୍ଥାପନ କରି ଯେପରି ସୁନାମ ଅର୍ଜନ କରିଥିଲେ, ସେହିପରି ଗଲିଭରଙ୍କ ଭ୍ରମଣ କାହାଣୀ, ଅଲିଭର ଟୁଇଷ୍ଟ, ଲିଓ ଟଲଷ୍ଟୟଙ୍କ ଗଳ୍ପମାଳା, ରବିନ୍ ହୁଡ୍, ଗର୍କି, ହୋମର ଓ ମୋପାଁସାଙ୍କ କାହାଣୀକୁ

Digitized by srujanika@gmail.com

ଓଡ଼ିଆରେ ପ୍ରକାଶ କରି ଓଡ଼ିଆ ସାହିତ୍ୟର ଅଭାବ ପୂରଣ କରିଥିଲେ । ତାଙ୍କର ଅନୁବାଦ ସାହିତ୍ୟ ଉପରେ ଦୃଷ୍ଟିପାତ କଲେ ଜଣାଯାଏ ଯେ ସେ କାହାଣୀ ଉପରେ ହିଁ ବିଶେଷ ଗୁରୁତ୍ୱ ଦେଇଥିଲେ ଏବଂ ତାଙ୍କଦ୍ୱାରା ଅନୁଦିତ ଗ୍ରନ୍ଥ ସବୁ ମଧ୍ୟରୁ ଅଧିକାଂଶ ସେଥିପାଇଁ 'କାହାଣୀ' ନାମରେ ନାମିତ ।

ଅଧ୍ୟାପକ ଶ୍ରୀଧର ଦାସଙ୍କ ଅନୁବାଦ କରିବାର ସୀମା ଏତିକିରେ ସୀମାବଦ୍ଧ ନ ଥିଲା । ସାହିତ୍ୟ ବ୍ୟତୀତ ସେ ୟୁ.ଏସ୍.ଏ. ଇନ୍‌ଫରମେସନ୍ ଆନୁକୁଲ୍ୟରେ ବହୁଗ୍ରନ୍ଥ ଅନୁବାଦ କରିଥିଲେ – ସେଥିରେ ଥିଲା ଇତିହାସ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଏବଂ ରାଜନୀତି ବିଜ୍ଞାନର ବହୁ ଗ୍ରନ୍ଥ ।

ସ୍କୁଲ ପିଲାଙ୍କ ପାଇଁ ସେ ପାଠ୍ୟ ପୁସ୍ତକ ରଚନା କରିଥିଲେ । ସମୟ ଥିଲା ସେ ପାଠ୍ୟ ପୁସ୍ତକ ପ୍ରଣେତା ଭାବେ ଓଡ଼ିଆ ସାହିତ୍ୟରେ ଅଗ୍ରଗଣ୍ୟ ଥିଲେ । କେବଳ ସାହିତ୍ୟ ଗ୍ରନ୍ଥ ବ୍ୟତୀତ ଇତିହାସ ଓ ଭୂଗୋଳ ପ୍ରଭୃତି ଗ୍ରନ୍ଥ ମଧ୍ୟ ସେ ଲେଖିଥିଲେ ।

ବ୍ୟାକରଣ ରଚନାରେ ସେ ଥିଲେ ଓଡ଼ିଶାରେ ଅଦ୍ୱିତୀୟ । ବିଭିନ୍ନ ଶ୍ରେଣୀର ପାଠ୍ୟ ଭାବରେ ସେ ପ୍ରାୟ ଦଶ ଖଣ୍ଡ ବ୍ୟାକରଣ ଗ୍ରନ୍ଥ ଲେଖିଥିଲେ । ସେଥିମଧ୍ୟରୁ ସର୍ବସାର ବ୍ୟାକରଣ ଅପ୍ରତିଦ୍ୱନ୍ଦ୍ୱୀ ଗ୍ରନ୍ଥ ଭାବରେ ଆଜି ମଧ୍ୟ ପ୍ରସିଦ୍ଧ ।

ସେ କେତେକ ଜୀବନୀ ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ଓଡ଼ିଆ ସାହିତ୍ୟର ସାହିତ୍ୟିକମାନଙ୍କ ମଧ୍ୟରୁ ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, କବିସୂର୍ଯ୍ୟ ବଳଦେବ ରଥ ଓ ସାଧୁ ସୁନ୍ଦର ଦାସଙ୍କର ଜୀବନୀ ଲେଖି ସେ ଯେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ତାହା ନୁହେଁ; ନିଜର ଜୀବନୀ "ସୁଅ ମୁହଁର ପତର" ଲେଖି ମଧ୍ୟ ସେ ଖ୍ୟାତି ଅର୍ଜନ କରିଛନ୍ତି । ଅଶୀବର୍ଷ ବୟସରେ ସେ ନିଜର ଜୀବନୀ ରଚନା କରିଥିଲେ । ସେଥିପାଇଁ ଏହି ଗ୍ରନ୍ଥରେ ଭାଷାର ସରସତା ପ୍ରାୟ ଦେଖିବାକୁ ମିଳୁ ନ ଥିଲେ ହେଁ ଏହା ଯେ ତାଙ୍କର ଘଟଣାବହୁଳ ଜୀବନର ଏକ ମୂଲ୍ୟବାନ ଇତିହାସ ଏକଥା ଅସ୍ୱୀକାର କରି ହେବ ନାହିଁ । ତାଙ୍କ ଜୀବନରେ ସେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ । ସେମାନଙ୍କ ମଧ୍ୟରୁ କେତେକ ଉପକାରୀ ମିତ୍ର, ପୁଣି କେତେକ ଅପକାରୀ ଶତ୍ରୁ । କିନ୍ତୁ ସବୁଠାରୁ ବିଚିତ୍ର ଲୋକ ସେହିମାନେ, ଯେଉଁମାନେ ମିତ୍ରତାର ଦ୍ୱାହି ଦେଇ ଶ୍ରୀଧର ବାବୁଙ୍କର ସରଳତାର ସୁଯୋଗ ନେଇଛନ୍ତି । ଏପରି ତଥାକଥିତ

Digitized by srujanika@gmail.com

ବନ୍ଧୁମାନଙ୍କ ସମ୍ପର୍କରେ ମନ୍ତବ୍ୟ ଦେଲାବେଳେ ଶ୍ରୀଧର ବାବୁଙ୍କ ଭାବ ପ୍ରକାଶର ଶକ୍ତି ବହୁଗୁଣିତ ହୋଇଥାଏ । ଏହିପରି ଜଣେ ଲୋକ ହେଉଛନ୍ତି ଜଗତସିଂହପୁରର ଭଦ୍ରବ୍ୟକ୍ତି ଭଗତ ଚରଣ ମହାନ୍ତି । ଜଗତସିଂହପୁରରେ ଥିଲାବେଳେ ସେ ଭଗୁବାବୁଙ୍କଠାରୁ ଜମି ଖଣ୍ଡେ ପାଇଥିଲେ । ସେ ମହନ୍ତଙ୍କଠାରୁ ଦୁଇଶହ ଟଙ୍କା ଦେଇ ଦଶଗୁଣ୍ଠ ଜମି ପଟ୍ଟା କରିଥିଲେ । ସେହି ଜମିକୁ ଶ୍ରୀଧରବାବୁ ଭଗତବାବୁଙ୍କୁ ବିକ୍ରି କଲେ । ଦଲିଲ ରେଜିଷ୍ଟ୍ରୀ ହୋଇଯିବା ପରେ କିନ୍ତୁ ଶ୍ରୀଧର ବାବୁଙ୍କୁ କିଭଳି ଅବସ୍ଥା ଭୋଗ କରିବାକୁ ହୋଇଥିଲା ତାହା ସେ ଆତ୍ମ ଜୀବନୀରେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି, "ସେ ମୋ ହାତକୁ ବସ୍ ଟିକଟ ଖଣ୍ଡେ ବଢ଼ାଇ ଦେଇ କହିଲେ, ମୋର ଟିକେ କାମ ଅଛି । ସେ କାମ ସରିଗଲେ କଟକ ଯାଇ ଟଙ୍କା ଦେଇ ଆସିବି । କିନ୍ତୁ ତାଙ୍କ ସହିତ ଆଉ ଭେଟ ମିଳିଲା ନାହିଁ । ସେ ଏବେ ସ୍ୱର୍ଗପୁରରେ ।" ଏ ବିଷୟରେ ମନ୍ତବ୍ୟ ଦେଇ ଶ୍ରୀଧର ବାବୁ କହନ୍ତି, "ସେ ଜଣେ ବିଶିଷ୍ଟ ଧନୀ ବ୍ୟକ୍ତି । ତାଙ୍କ ଭାଇ ନୃସିଂହ ଚରଣ ମହାନ୍ତି ବାରିଷ୍ଟରୀ ପାସ୍ କରିଥିଲେ, ତାଙ୍କ ପୁଅ ମୋର ଛାତ୍ର ଥିଲା । ତା'ର ସ୍ୱଭାବ ମଧ୍ୟ ଅତି ଉତ୍ତମ । ଭଗତ ବାବୁଙ୍କ ସହ ଦୀର୍ଘ ଦିନ ଧରି ମୋର ସୌହାର୍ଦ୍ଦ୍ୟ ଥିଲା । ତାଙ୍କୁ ବିଶ୍ୱାସ କରି ମୁଁ ଏହି ବ୍ୟବହାର ପାଇଥିଲି । ଏବେ ଜଣେ କହୁଥିଲେ ସେ ଜମିର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ତାଙ୍କର ପୁଅମାନେ କୁଆଡ଼େ ତା' ଉପରେ ପ୍ରକାଣ୍ଡ କୋଠାଘର ତୋଳି ଅଛନ୍ତି ।"

ଶ୍ରୀଧର ବାବୁ କେବଳ ଜଣେ ଭଗତ ମହାନ୍ତିଙ୍କଠାରୁ ନୁହେଁ, ତାଙ୍କ ଜୀବନରେ ବହୁ ଭଗତ ମହାନ୍ତିଙ୍କଦ୍ୱାରା ପ୍ରବଞ୍ଚିତ ହୋଇଛନ୍ତି । ଶ୍ରୀଧର ବାବୁଙ୍କ ଜୀବନୀ ପାଠ କଲାବେଳେ ପ୍ରତ୍ୟେକ ପାଠକ ନିଶ୍ଚିତ ଭାବରେ ଅନୁଭବ କରିଥିବେ ଯେ ଏହା କେବଳ ଶ୍ରୀଧର ବାବୁଙ୍କର ଜୀବନର କଥା ନୁହେଁ, ଏହା ହେଉଛି ସାର୍ବଜନୀନ ସତ୍ୟ । ସମସ୍ତଙ୍କ ଜୀବନରେ ଏପରି ବହୁ ଲୋକ ମିଳିବେ, ଯେଉଁମାନେ ମୁହଁରେ ମିଠା କହି ପଛରେ ଛୁରୀ ଚଳାନ୍ତି । ଶ୍ରୀଧର ବାବୁ ତାଙ୍କ ପରିବାର ବର୍ଗଙ୍କ ସମ୍ପର୍କରେ ଯାହା ଲେଖିଛନ୍ତି ତାହା ହିଁ ହେଉଛି ଓଡ଼ିଶାର ସାଧାରଣ ଜୀବନ । ଜଣେ ଶିକ୍ଷିତ ହୋଇ ଚାକିରୀ ଖଣ୍ଡେ କଲା ପରେ ପରେ ଲୋକେ ଭାବନ୍ତି, ସେ ସ୍ୱର୍ଗରେ ଅଛି । ସେଥିପାଇଁ ସେମାନେ ସବୁବେଳେ ତାଙ୍କୁ ଲୁଣ୍ଠନ କରିବାରେ ଲାଗି ପଡ଼ନ୍ତି ବିଭିନ୍ନ

Digitized by srujanika@gmail.com

ପ୍ରକାର ଆଳ ଦେଖାଇ । କେତେବେଳେ ମା'ର ଶୁଦ୍ଧଘର, ପୁଅର ପାଠପଢ଼ା, ଝିଅର ବାହଘର ତ କେତେବେଳେ ଏ ବର୍ଷ ଫସଲ ସବୁ ଅନାବୃଷ୍ଟିରେ ନଷ୍ଟ ହୋଇଗଲା । ଯେତେଦିନ ପର୍ଯ୍ୟନ୍ତ ତୁମେ ଏହି ସବୁ ଟଙ୍କା ଦେଇ ଚାଲିଥିବ, ସେମାନେ ତୁମକୁ ମିଠା କଥା କହୁଥିବେ । ଟଙ୍କା ଦେବା ବନ୍ଦ କରିଦେଲେ ସେମାନେ ହେବେ ତୁମର ପରମ ଶତ୍ରୁ ।

ଶ୍ରୀଧର ବାବୁଙ୍କ ଜୀବନୀ ଜଣେ ସାଧାରଣ ଶିକ୍ଷକର ଦୁର୍ଦ୍ଦଶାର କାହାଣୀ । ସେ ଜୀବନରେ ଯେତେ ଘାତ ପ୍ରତିଘାତ ସହ୍ୟ କରିଥିଲେ ଏବଂ ସେ ସବୁକୁ ଅତିକ୍ରମ କରି ଶେଷରେ ଖ୍ରୀଷ୍ଟ କଲେଜର ଜଣେ ବରେଣ୍ୟ ଅଧ୍ୟାପକ ଭାବେ ସମ୍ମାନିତ ହୋଇଥିଲେ, ଏହି କଥା କହିଲା ବେଳେ ସେ କେବଳ ନିଜ କଥା ନ କହି ତାଙ୍କ ସମକାଳୀନ ବହୁ ଶିକ୍ଷକଙ୍କ ଦୁର୍ଦ୍ଦଶା କଥା କହିଛନ୍ତି । ଓଡ଼ିଶାରେ ଥିବା ବିଭିନ୍ନ ହାଇସ୍କୁଲର ବିଭିନ୍ନ ସେକ୍ରେଟାରୀ ଏବଂ ସାଙ୍ଗ ଶିକ୍ଷକଙ୍କ ମନୋଭାବ ଏଥିରେ ଅତି ସ୍ପଷ୍ଟ । ଏଥିରେ ହିଁ ଶ୍ରୀଧର ବାବୁ ବଞ୍ଚି ମଣିଷ ହୋଇଥିଲେ । ପ୍ରଗାଢ଼ ସାଧନାର ପ୍ରତୀକ ଋଷିପ୍ରତିମ ଶ୍ରୀଧର ବାବୁଙ୍କ ଜୀବନୀର ପାଠ କଲାବେଳେ ନିଜ ଜୀବନରେ ବହୁ ଅକୁହା କଥା ଆପେ ଆପେ କହି ହୋଇଯାଏ, ଏହା ହିଁ ତାଙ୍କ ଜୀବନର ସାର୍ଥକତା ।

■■■

Digitized by srujanika@gmail.com

ସାର୍

ପ୍ରଫେସର ଗୋପାଳ ଚନ୍ଦ୍ର ମିଶ୍ର

ତାଙ୍କ କଥା ମନେ ପଡ଼ିଲେ, ସାମନାରେ ତାଙ୍କର ଦୀର୍ଘ ଚେହେରାଟି କେବଳ ଉଙ୍କିମାରେ ନାହିଁ, ଢେର ଢେର ସ୍ମୃତିର ପତଳା ପରଦାର ଅନ୍ତରାଳରୁ କେତେ ଦିନ, କେତେ ମାସ ଏବଂ କେତେ ବର୍ଷର ଚହଲା ଚହଲା ମୁହୂର୍ତ୍ତଗୁଡ଼ିକ ଜୀବନ୍ତ ହୋଇ ଉଠନ୍ତି । ନୂଆ ନୂଆ ରୂପରେ ବିଗତ ଦିନର ଘଟଣାଗୁଡ଼ିକ ସମୁଦ୍ର ତରଙ୍ଗ ଭଳି ମନର ବେଳାଭୂମିରେ ନାଚି ନାଚି ଆସନ୍ତି । ହେଇତ, ସାର୍ ଥିଲେ, ସେହି ବାଣପୁରର ଶାଳିଆ ନଈ କୂଳ ଭୂମି, ସେହି ଉତ୍ତରାୟଣୀ ଆମ୍ବ ତୋଟା, ସେହି ଆମ୍ବ ତୋଟାରେ ଦୁଇ ଚାରିଟା ନାଗେଶ୍ୱର ଗଛ । ହେଇପାରେ ଫଗୁଣ ମାସର ପେନ୍ଥା ପେନ୍ଥା ଆମ୍ବ ବଉଳ ପିନ୍ଧି ଗଛଗୁଡ଼ିକ ଗୋଟାଏ ମୁନୀ ଆଶ୍ରମଭଳି ଠିଆ ହୋଇଛନ୍ତି । ଆମ୍ବ ବଉଳର ସେ ବାସ୍ନାରେ ଆତ୍ମା ଯେପରି କେଉଁ ସ୍ୱପ୍ନପୁରୀକୁ କ୍ଷେପି ଯାଉଛି । ହୋଇପାରେ ମାତ୍ର ନାଗେଶ୍ୱର ଫୁଲର ଚେପ୍‌ଟା ଚେପ୍‌ଟା ପାଖୁଡ଼ାରୁ ଝରି ପଡୁଥିବା ମତୁଆଲା ବାସ୍ନାରେ ଯୁବକ ଯେପରି ସଂସାରର ଜଞ୍ଜାଳରୁ ସେହି ମୁହୂର୍ତ୍ତରେ ଦୂରେଇ ଯାଇ ଧ୍ୟାନମଗ୍ନ ହୋଇ ଯାଉଛି । ସେହି ଧ୍ୟାନ ଏବଂ ଧାରଣାର ଲକ୍ଷ୍ୟ ହେଉଛି ସେ ହେବ ଏତେ ବଡ଼ ଦୁନିଆରେ ଗୋଟାଏ ଭିକ୍ଷୁ । ହୋଇପାରେ ସେ ଚାହିଁବ ଜୀବନରେ ମୁକ୍ତି ଏବଂ ଆଲୋକର ନିର୍ବାଣ ଶିଖା । ତା'ର ସେହି ଚେତନାରେ ଥିବ ପ୍ରେମ ଏବଂ ପ୍ରଣୟର ନିଷ୍ଠା, ଆଶ୍ରମ ଜୀବନର ଏକନିଷ୍ଠ ଭକ୍ତି ।

ଅଧ୍ୟାପକ ଶ୍ରୀଧର ଦାସ ବାଣପୁର ହାଇସ୍କୁଲରେ ମୋର ପରମ ଧ୍ୟେୟ ସାର୍ ଥିଲେ । ଅବଶ୍ୟ କଲେଜରେ ସେ ମୋର ସାର୍ ନ ଥିଲେ; ମାତ୍ର ସଂକ୍ଷେପରେ ଏହା କହିଲେ ଯଥାର୍ଥ ହେବ ଯେ ସେ ମୋର ଜୀବନର ସାର୍ ଥିଲେ ଏବଂ ମୋର ପଥ ପ୍ରଦର୍ଶକ ହୋଇଥିଲେ । ହାଇସ୍କୁଲରେ ପଢ଼ିବା ସମୟରେ ସେ ନିର୍ଦ୍ଦିଷ୍ଟ ପିରିୟଡ଼ରେ

Digitized by srujanika@gmail.com

ମୋର ଇଂରାଜୀ ରଚନା ସଂଶୋଧନ କରୁଥିଲେ, କଲେଜରୁ ଉତ୍ତୀର୍ଣ୍ଣ ହେବା ପରେ ସେ ମୋର ଚାକିରୀ ପାଇଁ ଦରଖାସ୍ତ ଡ୍ରାଫ୍ଟ କରି ଦେଇଥିଲେ ଏବଂ ଚାକିରୀରେ କେବେ କେମିତି କର୍ତ୍ତୃପକ୍ଷଙ୍କର ଗୋପନ ପତ୍ର ପାଇଲେ ସାର୍ ମୋ ପାଇଁ କୈଫିୟତ ପତ୍ର ଲେଖି ଦେଉଥିଲେ । ସୁବିଧା ଅସୁବିଧା ସମୟରେ ସାର୍ ହିଁ ମୋ ପାଇଁ ଥିଲେ ନିକଟତମ ଶୁଭାକାଂକ୍ଷୀ ଏବଂ ଉପଦେଷ୍ଟା । ମୋ ପାଇଁ ତାଙ୍କର ଯେଉଁ ଅତୁଟ ଶ୍ରଦ୍ଧା, ତାହା ଭୁଲିବାର ନୁହେଁ, କି ତାଙ୍କ ଋଣ ପରିଶୋଧ କରିବା ମଧ୍ୟ ସହଜ ନୁହେଁ ।

ବାଣପୁର ହାଇସ୍କୁଲର ସାଳିଆ ନଦୀ ଏବଂ ଆମ୍ରକୁଞ୍ଜ ବେଷ୍ଟିତ ଘଣ୍ଟଶିଳା ପର୍ବତର ଛାୟାଘନ ପରିବେଶ ଏବଂ ସ୍କୁଲର ଅନତି ଦୂରରେ ସାର୍ ତାଙ୍କର ବ୍ୟକ୍ତିଗତ ଉଦ୍ୟମରେ ନିର୍ମାଣ କରିଥିବା ଚାଳ ଘରଟିର ଅବସ୍ଥିତି ସହିତ ମୋର ସ୍କୁଲ ଛାତ୍ର ଜୀବନ ଯେତିକି ନିବିଡ଼ ଭାବରେ ଜଡ଼ିତ, ପରବର୍ତ୍ତୀ କାଳରେ ମୋର କଲେଜ ଛାତ୍ର ଜୀବନ ଏବଂ କଲେଜ ପରବର୍ତ୍ତୀ ଅଧ୍ୟାପକ ଜୀବନ ବହୁ ଭାବରେ ଗୋଟାଏ ଅପୂର୍ବ ପ୍ରେରଣାରେ ସମ୍ପର୍କିତ ହୋଇ ପାରିଥିଲା । ସେହି ସମୟରେ ବାଣପୁର ହାଇସ୍କୁଲର ଆଶ୍ରମ ସୁଲଭ ବ୍ୟବସ୍ଥା ଏବଂ ସାଳିଆ ଘଣ୍ଟଶିଳାର ମନୋଜ୍ଞ ଦୃଶ୍ୟ ମୋତେ ଯେପରି କାବ୍ୟ ଜଗତକୁ ଆକୃଷ୍ଟ କରି ନେଇଥିଲା । ଆଜି ସେଥିପାଇଁ ସାର୍‌ଙ୍କର ସ୍ମୃତିଚାରଣ କରିବା ଅବସରରେ ବାଣପୁରର ସାଳିଆ ଘଣ୍ଟଶିଳା ବନଭୂମିର ପ୍ରତ୍ୟେକ ଶୀଳାଖଣ୍ଡକୁ ପଚାରିବାକୁ ଇଚ୍ଛା ହୁଏ, ହେ ହାତୀମୁଣ୍ଡା, ତୁମେ ସାର୍‌ଙ୍କ ସମ୍ପର୍କରେ ଆଜି କିଛି କୁହ । (ହାତୀମୁଣ୍ଡା ଏକ ଜଳାଶୟ) ହେ ଉତ୍ତରାୟଣୀ, ନାଗେଶ୍ୱର, ଆମ୍ରକୁଞ୍ଜ, ତୁମେ ଆଜି ତୁମର ମୌନ ବ୍ରତ ଭଙ୍ଗ କର, ହେ ବାଣପୁର ବନ ବିଦ୍ୟାଳୟର ପ୍ରତ୍ୟେକ ପ୍ରାକ୍ତନ ଛାତ୍ରଛାତ୍ରୀ, ତୁମେମାନେ ଆଜି କୁହ, ଜଣେ ସାଧାରଣ ଶିକ୍ଷକ କିପରି ତାଙ୍କ ଜିଜ୍ଞାସା, ସରଳତା, କର୍ତ୍ତବ୍ୟନିଷ୍ଠା ଫଳରେ ସମସ୍ତଙ୍କ ନିକଟରେ ବନ୍ଦନୀୟ ହୋଇ ପାରିଥିଲେ । ତୁମେମାନେ ସମସ୍ତେ କୁହ ଅଭାବ ଅନାଟନ ମଧ୍ୟରେ, ଶିକ୍ଷକ ଜୀବନର ସମସ୍ତ ଯନ୍ତ୍ରଣା ମଧ୍ୟରେ ସେଦିନର ଶିକ୍ଷକ ଶ୍ରୀଧର ଦାସଙ୍କର ଜୀବନ କିପରି ସ୍ୱର୍ଣ୍ଣଖଣ୍ଡ ପରି ପ୍ରଜ୍ଜ୍ୱଳିତ ହୋଇ ଉଠିଥିଲା । ଅଭାବ ଏବଂ ପରିବାରର ଜଞ୍ଜାଳ ମଧ୍ୟରେ ଜଣେ ସାଧାରଣ ଶିକ୍ଷକ ସାଧନା ବଳରେ କ୍ରମାଗତ ଭାବରେ ଉଚ୍ଚ ଶିକ୍ଷା ପାଇଁ ପରୀକ୍ଷା ପରେ ପରୀକ୍ଷା ଦେଇ ଚାଲିଥିଲେ ।

Digitized by srujanika@gmail.com

କାକଟପୁର ଅଞ୍ଚଳର ନାଉସିରା ଗ୍ରାମରେ ୧୯୦୧ ମସିହା ଅକ୍ଟୋବର ୪ ତାରିଖରେ ତାଙ୍କର ଜନ୍ମ । ପିତା ମଧ୍ୟ ଜଣେ ସେତେବେଳର ଟ୍ରେନିଂ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଥିଲେ । ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ବେଳେ ସାମାନ୍ୟ କେତେ ଗୌଣୀ ଧାନ ଏବଂ ମାଣ୍ଡିଆ ବଦଳରେ ତାଙ୍କର ପୈତୃକ ଭୂ-ସମ୍ପତ୍ତି ବିକ୍ରି ହୋଇ ଯାଇଥିଲା । ୧୯୩୯ ମସିହାରେ ତାଙ୍କ ପିତାଙ୍କର ମୃତ୍ୟୁ ସମୟକୁ କିଛି ମକଦ୍ଦମି ସମେତ ପ୍ରାୟ ବାର ଏକର ଜମି ସେ ନିଜ ଉଦ୍ୟମରେ ଅର୍ଜନ କରି ପାରିଥିଲେ । ତାଙ୍କ ପିତାଙ୍କର ପ୍ରାଥମିକ ଶିକ୍ଷକ ଜୀବନ ଏବଂ ସେତେବେଳର ଆମ ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା ବିଚିତ୍ର ଥିଲା । ନିଜେ ସାର ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ସମୟରେ ମଧ୍ୟ ଦେଶର ଅବସ୍ଥା ସେତିକି ସ୍ୱଚ୍ଛଳ ନ ଥିଲା । କମିଜ୍, ଗେଂଜି ପିନ୍ଧିବା ସେତେ ପ୍ରଚଳିତ ନ ଥିଲା । ୧୯୧୧ ମସିହା ଡିସେମ୍ବର ମାସ ୧୨ ତାରିଖରେ ଭାରତର ଇଂରେଜ ସମ୍ରାଟ ପଞ୍ଚମ ଜର୍ଜଙ୍କର ରାଜ୍ୟାଭିଷେକ ଉତ୍ସବ ପାଳିତ ହୋଇଥିଲା । ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ପଞ୍ଚମ ଜର୍ଜ ଛବି ଲେଖା ଥିବା ମାଳି ଗୋଟିଏ ଲେଖାଏ ପିନ୍ଧି ସମ୍ରାଟଙ୍କର ଜୟଗାନ କରିବା ପାଇଁ ଚାଲି ଚାଲି ସଭା ସ୍ଥଳକୁ ଯାଇଥିଲେ । ସଙ୍ଗୀତର ମର୍ମ ଏହିପରି–

"ପଞ୍ଚମ ଜର୍ଜ ସମ୍ରାଟ ଆମ୍ଭମାନଙ୍କର
ହେ ଈଶ୍ୱର ଅତି ଯତ୍ନେ ତାଙ୍କୁ ରକ୍ଷାକର"

ନିମ୍ନ ପ୍ରାଥମିକ ବୃତ୍ତି ପରୀକ୍ଷାରେ ସାର୍ ଉତ୍ତୀର୍ଣ୍ଣ ହୋଇ ମାସିକ ଦୁଇ ଟଙ୍କ ବୃତ୍ତି ଲାଭ କରିଥିଲେ । ସାର୍ କାକଟପୁର ଭର୍ଣ୍ଣାକୁଲାର ସ୍କୁଲରେ ଭର୍ତ୍ତି ହେଲେ । ସେତେବେଳକୁ ତାଙ୍କ ମୁଣ୍ଡରେ ଚୁଟି, ହାତରେ ରୂପା ଖଡୁ ଏବଂ ବେକରେ ମାଳି । ତାଙ୍କ ହେଡ୍ ପଣ୍ଡିତ ଥିଲେ ଦିବ୍ୟସିଂହ ମହାନ୍ତି । ସ୍କୁଲର ସ୍ୱତନ୍ତ୍ର ବୋର୍ଡିଙ୍ଗ ଘର ନ ଥିଲା । ସ୍କୁଲ ଘରେ ଦିନ ବେଳେ ପାଠ ପଢ଼ି ରାତି ବେଳେ ବେଞ୍ଚ ଯୋଡ଼ି ଶୋଇବାକୁ ପଡୁଥିଲା । ବ୍ରାହ୍ମଣ ଏବଂ ଅବ୍ରାହ୍ମଣ ଛାତ୍ରମାନେ ମିଳିମିଶି ଶିକ୍ଷକମାନଙ୍କ ପାଇଁ ରୋଷେଇ କରି ଦେଉଥିଲେ । ସେତେବେଳେ କାକଟପୁର ମଙ୍ଗଳାଙ୍କର ସେବା କରିବା ପାଇଁ ସେଠାରେ କେତୋଟି ବେଶ୍ୟା ଘର ଥିଲା । ବେଶ୍ୟାଘର ଝିଅମାନେ ମଙ୍ଗଳାଙ୍କ ମଣ୍ଡପରେ ନୃତ୍ୟଗୀତ ପରିବେଷଣ କରୁଥିଲେ । ସେଥିପାଇଁ ସେମାନେ ଜମିବାଡ଼ି ଭୋଗ

Digitized by srujanika@gmail.com

କରୁଥିଲେ । ବେଶ୍ୟା ଝିଅମାନଙ୍କୁ ପୁଅମାନଙ୍କର ସହିତ ପାଠ ପଢ଼ିବା ପାଇଁ ନିଷେଧ ଥିଲା । ସେତେବେଳେ ଦେଶରେ ସାକ୍ଷର ସଂଖ୍ୟା ଖୁବ୍ କମ୍ ଥିଲା । ସମ୍ଭବତଃ ଶତକଡ଼ା ପାଞ୍ଚ ଛଅ ହୋଇଥିବ ।

ଯାହାହେଉ ଶ୍ରୀଧର ବାବୁ ପୁରୀ ଜିଲ୍ଲା ସ୍କୁଲରେ ଭର୍ଣ୍ଣାକୁଲାର ବୃତ୍ତି ପରୀକ୍ଷା ଦେଲେ । ଏହା ୧୯୧୫ ମସିହାର ଘଟଣା । ଏହି ପରୀକ୍ଷାରେ ତାଙ୍କୁ ବୃତ୍ତି ମିଳିଥିଲା, ବୃତ୍ତିର ପରିମାଣ ମାସିକ ପାଞ୍ଚ ଟଙ୍କା । ଏହାପରେ ବହୁ ଦ୍ୱନ୍ଦ୍ୱ ମଧ୍ୟରେ ତାଙ୍କର ବାପା ତାଙ୍କୁ ପୁରୀ ଜିଲ୍ଲା ସ୍କୁଲରେ ମାଟ୍ରିକ୍ ପଢ଼ିବା ପାଇଁ ଭର୍ତ୍ତି କରାଇ ଦେଇଥିଲେ । କଷ୍ଟେ ମଷ୍ଟେ ପୁରୀ ଜିଲ୍ଲା ସ୍କୁଲରେ ଛଅଟି ବର୍ଷ ଅତିବାହିତ ହେଲା । ୧୯୨୨ ମସିହାରେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ସେତେବେଳେ ପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ଓଡ଼ିଶା ଡିଭିଜନରେ ସେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେତେବେଳେ ଦୁଇଗୋଟି ପରୀକ୍ଷା ଦେବାକୁ ପଡୁଥିଲା । ପ୍ରଥମରେ ମାଟ୍ରିକ୍ୟୁଲେସନ ପରୀକ୍ଷା ଏବଂ ଦ୍ୱିତୀୟରେ ସ୍କୁଲ ଲିଭିଙ୍ଗ ସାର୍ଟିଫିକେଟ ପରୀକ୍ଷା । ପୁରୀ ଜିଲ୍ଲା ସ୍କୁଲରେ ହିଁ ତାଙ୍କ ଜୀବନର ମୂଳଦୁଆ ପଡ଼ିଥିଲା । ସେହି ସମୟରେ ସେ ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, କବି ପଦ୍ମଚରଣ ପଟ୍ଟନାୟକ, ଜଗବନ୍ଧୁ ସିଂହ, ଲକ୍ଷ୍ମୀ ନାରାୟଣ ସାହୁ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ସଂସର୍ଗରେ ଆସି ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ମାଟ୍ରିକ୍ ପରୀକ୍ଷା ପରେ ଉଚ୍ଚ ଶିକ୍ଷାର ପ୍ରବଳ ଆଗ୍ରହ ନେଇ ସେତେବେଳେ ଚାଉଳିଆଗଞ୍ଜରେ ଗଢ଼ି ଉଠୁଥିବା ରେଭେନ୍ସା କଲେଜରେ ନାମ ଲେଖାଇଥିଲେ । ସେତେବେଳେ କଲେଜ ଶିକ୍ଷାରେ ମାସିକ ପାଞ୍ଚଟଙ୍କା ଖର୍ଚ୍ଚ ପଡୁଥିଲା, ତଥାପି ଅଧିକ ବ୍ୟୟ ଆଶଙ୍କାରେ ସେ ମଙ୍ଗଳାବାଗସ୍ଥିତ ଗୋଟିଏ କାଠଗୋଲାରେ ରହିଥିଲେ । ସେତେବେଳେ ଆଜିକାଲିର କଲେଜ ଛକ କେବଳ ବାଲୁକାପୂର୍ଣ୍ଣ ବାଉଁଶ ଜଙ୍ଗଲ । ଆଉ ରାଣୀହାଟ ଅଞ୍ଚଳ ଥିଲା ସପ୍ତଫେଣୀ ବଣ । ହଠାତ୍ କଲେଜ ଛାଡ଼ି ମାସିକ କୋଡ଼ିଏ ଟଙ୍କା ବୃତ୍ତିକୁ ସମ୍ବଳ କରି ସେ ଇଞ୍ଜିନିୟରିଙ୍ଗ ପଢ଼ିବା ପାଇଁ ପାଟଣା ଚାଲିଗଲେ ମାତ୍ର ଇଞ୍ଜିନିୟରିଙ୍ଗ ପାଠରେ ତାଙ୍କ ମନ ଲାଗିଲା ନାହିଁ । ତେଣୁ ଅଗତ୍ୟା ସେହି ପାଟଣାରେ ଆଇ.ଏ. ଶ୍ରେଣୀରେ ନାମ ଲେଖାଇଲେ । କଲେଜ ବୃତ୍ତି, ଟିଉସନ ଏବଂ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କର ସାମୟିକ ସାହାଯ୍ୟ, ଏହା

Digitized by srujanika@gmail.com

ହିଁ ତାଙ୍କ କଲେଜ ଜୀବନର ଥିଲା ପାଥେୟ । ଆଇ.ଏ. ପଢ଼ିବା ସମୟରେ ଅଧ୍ୟାପକମାନେ ତାଙ୍କର ଅଧ୍ୟବସାୟ ଏବଂ ସରଳତାରେ ବିଶେଷ ମୁଗ୍ଧ ହୋଇ ଯାଉଥିଲେ । ତାଙ୍କର ଓଡ଼ିଶା ସହପାଠୀମାନେ ପାଟନାରେ ସ୍ୱଚ୍ଛନ୍ଦରେ ଚଳୁଥିଲେ, ମାତ୍ର ଶ୍ରୀଯୁକ୍ତ ଦାସ ନିଜର ଆର୍ଥିକ ଅଭାବ ପ୍ରତି ସର୍ବଦା ସଚେତନ ଥିଲେ । ଥରେ ତାଙ୍କୁ ଜଣେ ବିହାରୀ ସହପାଠୀ ପଚାରିଲେ "ତୁମେ ଦାବୁ ପାଟନା ସହରରେ କ'ଣ ଦେଖିଲ ?" ଶ୍ରୀଧର ବାବୁ ଚୁପ୍‌ଚାପ୍ ରହିଥିଲେ । ସହପାଠୀମାନେ ବିଦ୍ରୂପ କରି କହିଲେ "ଆରେ, ତୁମେ 'ମିନିଆଁ' ବଜାର ଦେଖିଲ ନାହିଁ ।" ମିନିଆଁ ବଜାର ସେତେବେଳେ ବେଶ୍ୟାପଡ଼ାକୁ ବୁଝାଉଥିଲା । ଯାହାହେଉ ୧୯୨୪ ମସିହାରେ ଶ୍ରୀଧର ବାବୁ ଆଇ.ଏ. ପାଶ୍ କରିଥିଲେ । ୧୯୨୮ ମସିହା ବେଳକୁ ପ୍ରାଇଭେଟ ଭାବରେ ବି.ଏ. ପାଶ୍ କରିଥିଲେ । ଆଇ.ଏ. ପଢ଼ିବା ସମୟରେ ପାଟନାସ୍ଥିତ ସଦାକତ୍ ଆଶ୍ରମକୁ କେତେଥର ଶ୍ରୀଧର ବାବୁ ବୁଲି ଯାଇଥିଲେ । ଖଦଡ଼ ଲୁଗାର ମହାତ୍ମ୍ୟ ଏବଂ ଜାତୀୟ ଗୁରୁତ୍ୱ ସେହି ସମୟରେ ସ୍ୱାଧୀନତା ଆନ୍ଦୋଳନର ପ୍ରତୀକ ଥିଲା । ଏକଦା ସେ ଥରେ ସଦାକତ୍ ଆଶ୍ରମରୁ ଖଣ୍ଡିଏ 'ଖଦୀ' ଲୁଗା କିଣିଥିଲେ । ଏହା ବ୍ୟତୀତ ସେହି ସମୟରେ ଅନେକ ଜାତୀୟ କଂଗ୍ରେସ ନେତାଙ୍କର ପ୍ରଭାବରେ ସେ ପ୍ରଭାବିତ ହୋଇଥିବାର ଜଣାଯାଏ । ସମ୍ଭବତଃ ତାଙ୍କ ଜୀବନର ସରଳ ଚଳଣିର ମୂଳ ପ୍ରେରଣା ହେଉଛି ମହାତ୍ମା ଗାନ୍ଧୀଙ୍କର ବହୁ ପ୍ରଚାରିତ ଗ୍ରାମ୍ୟ ଢାଞ୍ଚାର ଜୀବନଧାରା । ଫଳରେ କ୍ରମେ କ୍ରମେ ସ୍ୱାଧୀନ ମନବୃତ୍ତି ତାଙ୍କ ଚରିତ୍ରକୁ ଏକ ସ୍ୱାବଲମ୍ବୀ ଧାରାରେ ଗଢ଼ି ତୋଳିଥିଲା ।

କେତେବେଳେ ବଉଦ ଗଡ଼ଜାତରେ ଚାକିରୀ, ଓଳସିଂହ ହାଇସ୍କୁଲରେ ଶିକ୍ଷକତା, ତତ୍‌ପରେ ବାଣପୁର ହାଇସ୍କୁଲରେ ଶିକ୍ଷକତା । ବାଣପୁରରେ ଅବସ୍ଥାନ ସମୟରେ ୧୯୪୨ ମସିହାରେ ପ୍ରାଇଭେଟ ଭାବରେ ପାଟନା ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ୍.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା, ବାଣପୁର ହାଇସ୍କୁଲ କର୍ତ୍ତୃପକ୍ଷଙ୍କର ବେଖାତିର ବ୍ୟବହାରରେ ବାଣପୁର ହାଇସ୍କୁଲରୁ ବିଦାୟ, ଖଣ୍ଡାମଉଜା ହାଇସ୍କୁଲରେ ଯୋଗଦାନ ଏବଂ ଜଗତସିଂହପୁର ହାଇସ୍କୁଲରେ ହେଡ଼ମାଷ୍ଟର ଭାବେ ଯୋଗଦାନ କରିବା – ଧାରାବାହିକ ଶିକ୍ଷକତାର ଏକ ଅବିସ୍ମରଣୀୟ କାହାଣୀ । ବାଣପୁର ହାଇସ୍କୁଲରେ ଶିକ୍ଷକତା କରିବା ସମୟରେ ସେଠାରେ ତାଙ୍କର ତିନୋଟି ପୁତ୍ର ଜାତ

Digitized by srujanika@gmail.com

ହୋଇଥିଲେ (ଜଗନ୍ନାଥ ୧୯୩୬, କୃଷ୍ଣ ୧୯୩୯, ରଘୁନାଥ ୧୯୪୨)। ତାଙ୍କର ଏକମାତ୍ର କନ୍ୟା ବିଷ୍ଣୁପ୍ରିୟାର ଜନ୍ମ (୧୯୩୨) ହୋଇଥିଲା ବଉଦରେ। ଶ୍ରୀଧର ବାବୁ ଯେତେବେଳେ ଯେଉଁ ଶିକ୍ଷାନୁଷ୍ଠାନରେ ଯୋଗ ଦେଉଥିଲେ, ସେହି ଅନୁଷ୍ଠାନର ଉନ୍ନତି ଏବଂ ଅଗ୍ରଗତି କାର୍ଯ୍ୟରେ ନିଜକୁ ଗଭୀର ଭାବରେ ସାମିଲ କରି ଦେଉଥିଲେ। ବାଣପୁରରେ ଜମି ଖଣ୍ଡିଏ କିଣି ଚାରି ପାଞ୍ଚ ବଖରା ଚାଳଘର କରିଥିଲେ। ଜଗତସିଂହପୁରରେ ସେ ସମସ୍ତ ପ୍ରକାର ପରିସ୍ଥିତି ସହିତ ନିଜକୁ ମିଶେଇ ନେଇ ପାରୁଥିଲେ। ମାତ୍ର ହାଇସ୍କୁଲ କର୍ତ୍ତୃପକ୍ଷମାନଙ୍କର ଯେଉଁ ହାମ୍‌ବଡ଼ା ଶିକ୍ଷକ ଅବମାନନା ନୀତି, ସେହି ନୀତିରେ ଶ୍ରୀଧର ବାବୁ ସାଲିସ କରିପାରୁ ନ ଥିଲେ। ତଥାପି ବାଣପୁରରେ ଦୀର୍ଘ ଛଅ ବର୍ଷର ଶିକ୍ଷକତା ତାଙ୍କ ଜୀବନର ଯେତିକି ସ୍ମୃତି ସଂପଦ, ମୋର ତରୁଣ ଜୀବନ ପାଇଁ ତାଙ୍କର ସହାୟତା ଏବଂ ତାଙ୍କ ପରିବାରର ଆନ୍ତରିକତା, ତାହା ପରବର୍ତ୍ତୀ କାଳରେ ସମସ୍ତ ନୈରାଶ୍ୟ ଏବଂ ଦୁଃଖ ମଧ୍ୟରେ ଆଲୋକ ବର୍ତ୍ତିକା ସଦୃଶ କାର୍ଯ୍ୟ କରିଥିଲା। ଶ୍ରୀଧର ବାବୁ ବଉଦରେ ମାସିକ ବେତନ ପାଉଥିଲେ ମାତ୍ର ୩୦ ଟଙ୍କା। ଯେଉଁ ପରିସ୍ଥିତିର ଚାପରେ ଏବଂ ସ୍ୱାଭିମାନର ତାଡ଼ନାରେ ସେ ବାଣପୁର ହାଇସ୍କୁଲ ଚାକିରି ଛାଡ଼ି ଦେଇଥିଲେ, ଠିକ୍ ଅନୁରୂପ ପରିସ୍ଥିତିରେ ସେ ଜଗତସିଂହପୁର ଶିକ୍ଷକତା ପରେ କଟକ ଜିଲ୍ଲାର ଚକାରୁଆ ହାଇସ୍କୁଲକୁ ମାତ୍ର କେତେଦିନ ପାଇଁ ଯାଇଥିଲେ।

ଏକ ନିର୍ମାଖି ନିରଳସ ଶିକ୍ଷକ ଜୀବନର ସ୍ମୃତିକୁ ପଛରେ ପକାଇ ଶ୍ରୀଧର ବାବୁ କଟକ ସ୍ଥିତ ଖ୍ରୀଷ୍ଟ କଲେଜରେ ୧୯୪୭ ମସିହାରେ ଓଡ଼ିଆ ଅଧ୍ୟାପକ ଭାବରେ ଯୋଗ ଦେଲେ ଏବଂ ଦୀର୍ଘ କୋଡ଼ିଏ ବର୍ଷର ସଫଳତା ପୂର୍ଣ୍ଣ ନିଃସ୍ୱାର୍ଥପର ଅଧ୍ୟାପନା ପରେ ୧୯୬୮ ମସିହାରେ ସେହି କଲେଜରୁ ଅବସର ନେଇଥିଲେ। ହାଇସ୍କୁଲରେ ଶିକ୍ଷକତା ହେଉ କିମ୍ବା କଲେଜରେ ଅଧ୍ୟାପନା ହେଉ, ଶ୍ରୀଯୁକ୍ତ ଦାସଙ୍କର ବୃତ୍ତିଗତ ବିବିଧତା ମଧ୍ୟରେ ତାଙ୍କର ଗୋଟିଏ ମାତ୍ର ଭାବମୂର୍ତ୍ତି ଦେଖିବାକୁ ମିଳେ, ତାହା ହେଉଛି ତାଙ୍କର ଜ୍ଞାନ ଆହରଣ ପ୍ରବଣତା ଏବଂ ଶିକ୍ଷାଦାନ କୁଶଳତା। ଜ୍ଞାନ ଆହରଣ ଏବଂ ଶିକ୍ଷାଦାନ ନିଶ୍ଚିତ ଭାବରେ ଏକ ସାଂସ୍କୃତିକ ବ୍ୟକ୍ତିତ୍ୱର ବଳିଷ୍ଠ ପ୍ରତିବିମ୍ବ। ଏହି ପ୍ରତିବିମ୍ବର ଏକ ମୁକ୍ତ ଆଲୋକ ରେଖା ହେଉଛି ତାଙ୍କର ସାରସ୍ୱତ ସାଧନା ଏବଂ

Digitized by srujanika@gmail.com

ସାରସ୍ୱତ ଅଭିନିବେଶ । ଅଧ୍ୟାପକ ଶ୍ରୀଧର ଦାସ ତାଙ୍କର ଅଗଣିତ ଛାତ୍ରଛାତ୍ରୀଙ୍କ ନିକଟରେ ଅବଶ୍ୟ ପୂଜ୍ୟ; ମାତ୍ର ଶ୍ରୀଯୁକ୍ତ ଦାସଙ୍କର ସମଗ୍ର ଭାବମୂର୍ତ୍ତି ମୋ ପାଖରେ ସର୍ବଦା ବନ୍ଦନୀୟ । ସେ ମୋ ପାଖରେ ଏକ ମହାନ କିମ୍ବଦନ୍ତୀର ପୁରୁଷ ଏବଂ ପରମ୍ପରାର ପୌରୁଷ । ପୂର୍ବତନ ଗଡ଼ଜାତ ରଣପୁର ଅନ୍ଧାରି ମୂଳକରୁ ମାଇନର ପାଶ୍ କରିବା ପରେ ମୁଁ ବାଣପୁର ହାଇସ୍କୁଲରେ ପାଦ ନ ଦେଲା ପର୍ଯ୍ୟନ୍ତ ସାର୍‌ଙ୍କୁ ସ୍ୱଚକ୍ଷୁରେ ଦେଖି ନ ଥିଲି । ହୁଏତ ଶୁଣାଶୁଣିରେ ତାଙ୍କର ଶିକ୍ଷକ-ପୌରୁଷ ମୋ ପାଖରେ ସେତେବେଳେ ଏକ ଉପଦ୍ୱୀପର ଆଚାର୍ଯ୍ୟ ସଦୃଶ ଅବୋଧ ଥିଲା ।

ଏହି ଅବସରରେ ଏଠାରେ ଆଉ ଏକ ଘଟଣା ଉଲ୍ଲେଖ ନ କରି ରହିପାରୁ ନାହିଁ, ତାହା ହେଉଛି ମୋର ଅଗ୍ରଜ ପଣ୍ଡିତ ନାରାୟଣ ମହାପାତ୍ର ବାଣପୁର ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ଭାବରେ ସମ୍ଭବତଃ ୧୯୩୫ ମସିହାରୁ ଯୋଗ ଦେଇ ସାରିଥିଲେ । ତେଣୁ ମୋର ମାଇନର ପାଠ ଶେଷ ହେବା ପରେ ଭାଇନାଙ୍କ ତତ୍ତ୍ୱାବଧାନରେ ବାଣପୁର ହାଇସ୍କୁଲରେ ମୋର ପଢ଼ିବା ବ୍ୟବସ୍ଥା ହୋଇଥିଲା । ପ୍ରଥମତଃ ସାରା ଓଡ଼ିଶାରେ ୧୯୪୦ ମସିହା ବେଳକୁ ବାଣପୁର ହାଇସ୍କୁଲ ସେତେବେଳେ ଦ୍ୱିତୀୟ ସତ୍ୟବାଦୀ ସ୍କୁଲ ସଦୃଶ ଏକ ଭାବମୂର୍ତ୍ତି ସୃଷ୍ଟି କରିପାରିଥିଲା । ଉତ୍କଳମଣିଙ୍କ ଆଦର୍ଶରେ ଅନୁପ୍ରାଣିତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ପରିକଳ୍ପନା, ଭାବପ୍ରବଣତା ଏବଂ ତୀବ୍ର ଜାତୀୟତା ଏହି ଅନୁଷ୍ଠାନର ଥିଲା ପ୍ରେରଣାର ଉତ୍ସ । ତଥାପି ସେହି ଯୁଗରେ ସ୍ଥାପିତ କେଉଁ କେଉଁ ହାଇସ୍କୁଲର ଶିକ୍ଷକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଆକର୍ଷଣ ସୃଷ୍ଟି କରି ପାରିଥିଲେ । ବାଣପୁର ହାଇସ୍କୁଲର ଶିକ୍ଷକ ଗୋଷ୍ଠୀ ସେତେବେଳେ ଓଡ଼ିଶାରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜାତୀୟ ପ୍ରେରଣା ସୃଷ୍ଟି କରି ପାରିଥିଲେ ବୋଲି ଜଣାଯାଏ । ଏଥିରେ ଶିକ୍ଷକମାନଙ୍କର ସାମୂହିକ ଉଦ୍ୟମ, ନିଷ୍ଠା ଯେତିକି ସହାୟକ ଥିଲା, ଶ୍ରୀଧର ଦାସ ଏବଂ ପଣ୍ଡିତ ନାରାୟଣ ମହାପାତ୍ର, ଶ୍ରୀଯୁକ୍ତ ଜଗନ୍ନାଥ ମହାପାତ୍ର ଏବଂ ଶ୍ରୀଯୁକ୍ତ ବିଶ୍ୱନାଥ ଶତପଥୀ ଏବଂ ଶ୍ରୀ ବାମନ ଚରଣ ଦାସଙ୍କର ଶିକ୍ଷକ ଏବଂ ଛାତ୍ର ଜୀବନର ନିୟାମକ ଭାବରେ ବେଶ୍ ସୁନାମ ଥିଲା ।

ସ୍କୁଲରେ ଏବଂ ସାଧାରଣ ଜୀବନରେ ଶ୍ରୀଯୁକ୍ତ ଶ୍ରୀଧର ଦାସଙ୍କର ଅଧ୍ୟବସାୟ, କର୍ତ୍ତବ୍ୟ ସଚେତନତା ସମ୍ଭବତଃ ସମସ୍ତଙ୍କର ପ୍ରଶଂସା ଦାବି କରୁଥିଲା । ଶ୍ରେଣୀ ଗୃହରେ

Digitized by srujanika@gmail.com

ପାଠ ପଢ଼ାଇବାର ଚମତ୍କାରିତା, ଇଂରେଜୀ, ଗଣିତ ଏବଂ ଓଡ଼ିଆ ସାହିତ୍ୟରେ ତାଙ୍କର ଦକ୍ଷତା ଉଚ୍ଚକୋଟୀର । ଶିକ୍ଷକ ଶ୍ରୀଧର ଦାସ ସମଗ୍ର ଓଡ଼ିଶାରେ ଓଡ଼ିଆ ବୟାକରଣିକ ଭାବରେ ନବଯୁଗର ପ୍ରବର୍ତ୍ତକ ଭାବରେ ପରିଚିତ ହୋଇଥିଲେ । ଏହାର ଏକମାତ୍ର କାରଣ ହେଉଛି ଉଭୟ ଶ୍ରୀଯୁକ୍ତ ଦାସ ଏବଂ ପଣ୍ଡିତ ନାରାୟଣ ମହାପାତ୍ରଙ୍କର ମଣିକାଞ୍ଚନ ସଂଯୋଗ । ଉଭୟେ ଏକ ପ୍ରାଣ ଏକ ମନରେ ଘଣ୍ଟା ଘଣ୍ଟା ବସି ଗୋଟାଏ ପରେ ଗୋଟାଏ ବ୍ୟାକରଣ ପାଣ୍ଡୁଲିପି ପ୍ରସ୍ତୁତ କରୁଥିବାର ଦୃଶ୍ୟ ମୁଁ ନିଜେ ଆଖିରେ ଦେଖିଛି । ଉଭୟଙ୍କର ମିଳିତ ଉଦ୍ୟମ ଏବଂ ସାଧନାର ପରିଣତି ହେଲା ଲଘୁ ବ୍ୟାକରଣ, ମଧ୍ୟ ବ୍ୟାକରଣ ଏବଂ ସର୍ବସାର ବ୍ୟାକରଣ । ଏହି ବ୍ୟାକରଣଗୁଡ଼ିକ ବିଭିନ୍ନ ପର୍ଯ୍ୟାୟ ପାଇଁ ଉଦ୍ଦିଷ୍ଟ ଥିଲା । ଏହିପରି ଶିକ୍ଷକତା ଏବଂ ଅଧ୍ୟାପକତ୍ୱରେ ହିଁ ଶ୍ରୀଧର ଦାସଙ୍କର ଜୀବନର ସ୍ୱପ୍ନ, ପ୍ରସ୍ତୁତି, ସାଧନା ଏବଂ ସିଦ୍ଧିର ଚୌହଦୀ ।

ଏଇ ତ କାଲି ପରି ଲାଗୁଛି । ୧୯୪୧ ମସିହାରେ ବାଣପୁର ହାଇସ୍କୁଲରୁ ପୁରୀ ଜିଲ୍ଲା ସ୍କୁଲ କେନ୍ଦ୍ରରେ ବାର୍ଷିକ ମାଟ୍ରିକ୍ ପରୀକ୍ଷା ଦେଇଥିଲି । ମୋର ସହାଧ୍ୟାୟୀମାନଙ୍କ ମଧ୍ୟରେ ଗଣେଶ୍ୱର ପ୍ରହରାଜ, ଅନନ୍ତ ରଥ, ରାଧାନାଥ ରଥ ପ୍ରଭୃତିଙ୍କ ନାମ ମନେ ପଡୁଛି । ଆମ ମଧ୍ୟରେ ଅନନ୍ତ ରଥଙ୍କ ଘର ବାଣପୁର ହାଇସ୍କୁଲ ପାଖ ଗ୍ରାମ ଶ୍ରୀନିବାସପୁର । ତାଙ୍କର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନ ଥିଲା । ରାଧାନାଥ ଘର କଟକ ଫୁଲନଖରା ପାଖ ନଛିପୁର ଗ୍ରାମ ଏବଂ ଗଣେଶ୍ୱରଙ୍କ ଘର ବାଣପୁର ବାଲୁଗାଁ ପାଖ ନିମିକ୍ଷତା । ମୋର ମନେ ପଡୁଛି ସାର୍ ଏହି କେତେ ଜଣ ଛାତ୍ରଙ୍କୁ ବିଶେଷ କରି ଭଲ ପାଉଥିଲେ ଏବଂ ସ୍କୁଲବେଳାକୁ ମିଶାଇ ସକାଳ ସନ୍ଧ୍ୟାରେ ମଧ୍ୟ ମାଟ୍ରିକ୍ ପରୀକ୍ଷାର୍ଥୀମାନଙ୍କୁ ଅତିରିକ୍ତ କୋଚିଙ୍ଗ ଦେଉଥିଲେ । ସାର୍‌ଙ୍କ ହାତରେ ଖଣ୍ଡେ ଟେଷ୍ଟପେପର । ଆମ କେତେ ଜଣଙ୍କୁ ବରାବର ଇଂରେଜୀ, ଗଣିତ, ଓଡ଼ିଆ, ସଂସ୍କୃତ ପାଠରେ ବାନ୍ଧି ଦେଉଥିଲେ । ସାର୍‌ଙ୍କ ଶିକ୍ଷକ ଜୀବନଟା କେମିତି ଏକାଧାରରେ ଶିକ୍ଷା, ଦୀକ୍ଷା, ସାମାଜିକ, ଗ୍ରାମ୍ୟ ଲୋକଙ୍କ ସେବାରେ ଏକ ସ୍ୱୟଂସମ୍ପୂର୍ଣ୍ଣ ଭାବମୂର୍ତ୍ତି ଭାବରେ ଗଢ଼ି ଉଠିଥିଲା । ବାଣପୁର ହାଇସ୍କୁଲର ଉଦ୍ଦୀପ୍ତ ଜାତୀୟ ଚେତନାର ପ୍ରସାରଣଶୀଳ ପାଠ୍ୟକ୍ରମରେ ଶ୍ରେଣୀଗୃହର ନିୟମିତ ତର୍କ ସଭାକୁ ଉଚ୍ଚସ୍ଥାନ ଦିଆ ଯାଇଥିଲା । ସାର୍ ଯେତେବେଳେ ଆମ ଶ୍ରେଣୀରେ 'ଡିବେଟିଙ୍ଗ' ସୋସାଇଟିରେ

Digitized by srujanika@gmail.com

ଠିଆ ହୋଇ ବକ୍ତୃତା ଦେଉଥିଲେ, ସେଥିରେ ଯେତେ ଅମାନିଆ ଚଗଲା ପିଲା ମଧ୍ୟ ତାଙ୍କୁ ଶୁଣିବା ପାଇଁ ବେଞ୍ଚରେ ବସି ପଡୁଥିଲେ । ସେଥିପାଇଁ ସ୍କୁଲର ଅନ୍ୟାନ୍ୟ ଶିକ୍ଷକ ଯଥା ଦୁର୍ଗାଚରଣ ମହାନ୍ତି (ଘର ଡେଲାଙ୍ଗ), ଲକ୍ଷ୍ମୀକାନ୍ତ ମହାନ୍ତି (ଘର ଭଦ୍ରଖ), ବିଶ୍ୱନାଥ ଶତପଥୀ (ଘର ଖୋର୍ଦ୍ଧା-ଟାଙ୍ଗିଆପଡ଼ା), ଜଗନ୍ନାଥ ମହାପାତ୍ର (ଘର କୁମାରଙ୍ଗ)ମାନଙ୍କ ମଧ୍ୟରେ ସାର୍‌ଙ୍କ ପାଇଁ ଯଥେଷ୍ଟ ଖାତିର ଏବଂ ସମ୍ମାନ ଥିଲା । ସାର୍‌ଙ୍କର ଶୈକ୍ଷିକ ବ୍ୟକ୍ତିତ୍ୱର ଏକ ଅସଲ ଦିଗନ୍ତ ହେଉଛି ତାଙ୍କ ଗାନ୍ଧୀଧର୍ମୀ ସରଳତା । ମୋର ମନେପଡୁଛି ସାର୍ ସେତେବେଳେ ଖଦଡ଼ ପିନ୍ଧୁଥିଲେ । ତାଙ୍କ ବେଶଭୂଷାର ଏକ ପ୍ରଧାନ ଆକର୍ଷଣ ଥିଲା ତାଙ୍କର ଖଣ୍ଡେ କୋଟ୍ । ତାଙ୍କର ଲମ୍ବା ଲମ୍ବା ଚେହେରାକୁ 'କଳାକୋଟ୍'ଟା ଆଚ୍ଛା ମାନୁଥିଲା । ସାର୍‌ଙ୍କର ଛାତ୍ରବତ୍ସଳତା ଏ ଯୁଗରେ ଦୁର୍ଲ୍ଲଭ । ସ୍କୁଲ ନିକଟବର୍ତ୍ତୀ ଗାଁ ଗଣ୍ଡା ଯଥା କୁମାରଙ୍ଗ, ରାଣୀପଡ଼ା, ତୁମୁରାପୁଟ, ପୁଞ୍ଜିଆମା, ତୁଳସୀପୁର, ଅଖରୋଳପୁର, ଭୀମପୁର, ଶ୍ରୀନିବାସପୁର, ପାଳସାହି ଏବଂ ଖୋଦ ବାଣପୁର ସହରାଞ୍ଚଳରେ ସାର୍ ବେଶ୍ ଲୋକପ୍ରିୟ ଥିଲେ । ଶିକ୍ଷକତା ବ୍ୟତୀତ ତାଙ୍କ ଜୀବନରେ ସାହିତ୍ୟ-ପ୍ରୀତି ତ ତାଙ୍କୁ ଉବେଇ ଟୁବେଇ ବାନ୍ଧି ରଖିଥିଲା ।

ସାର୍‌ଙ୍କର ଉତ୍କୃଷ୍ଟ ଉଲ୍ଲେଖଯୋଗ୍ୟ କୃତିତ୍ୱ ଥିଲା ତାଙ୍କର 'ହୋମିଓପାଥି' ଚିକିତ୍ସା । ବାଣପୁର ହାଇସ୍କୁଲ ସାମନାରେ ଲମ୍ବି ଯାଇଥିବା ଧୂଳି ଧୂସରିତ ନାଲି ରାସ୍ତାକୁ ଲାଗି ସାର୍‌ଙ୍କର ସେହି ଆଶ୍ରମ ସ୍କୁଲର ଚାଳଘର, ସାର୍ ଘର ବାରଣ୍ଡାରେ ବସିଥିବେ, ତାଙ୍କୁ ଘେରି ଛାତ୍ର ଏବଂ ଗାଉଁଲି ଲୋକ କେତେ ଜଣ ଅପେକ୍ଷା କରିଥିବେ । ସମସ୍ତଙ୍କର ହୋମିଓପାଥି ଔଷଧ ଦରକାର । 'ହୋମିଓପାଥି'ର 'ନକ୍ସ, ବେଲାଡନା, ଚାଇନା, ବ୍ରାଓନିଆ, ଏକୋନାଇଟ୍, ପଲ୍‌ସେଟିଲା, ଲାଇକୋପୋଡ଼ିୟମ୍, ପ୍ରଭୃତି ଔଷଧର ନାମ ସାର୍‌ଙ୍କ ମୁହଁରୁ ହଷ୍ଟେଲ ଛାତ୍ରମାନେ ଶୁଣି ଶୁଣି ମନେ ରଖି ହୋମିଓପାଥି ଚିକିତ୍ସା ପ୍ରତି ଆକୃଷ୍ଟ ହେଉଥିଲେ । ଯିବା ଆସିବା ରାସ୍ତାରେ କେହି ରୋଗୀ ପଚାରିଲେ, ସେ ସଙ୍ଗେ ସଙ୍ଗେ ତାଙ୍କୁ ଔଷଧ ବତାଇ ଦେଉଥିଲେ । ସାର୍ କେବେ ଟିଉସନର ପକ୍ଷପାତି ନ ଥିଲେ । ଅଥଚ 'ଟିଉସନ୍'ର ଯେଉଁ ପରିକ୍ରମା, ଜଞ୍ଜାଳ ଏବଂ ଉତ୍‌ପରତା ତାଙ୍କୁ ଛାଡ଼ି ନ ଥିଲା । କାରଣ ଶ୍ରେଣୀ ବାହାରେ ଶ୍ରେଣୀରେ ଛାତ୍ରମାନଙ୍କର ପାଠ ପଢ଼ା ତତ୍ତ୍ୱାବଧାନ ମନରେ ସେଥିପାଇଁ ଈର୍ଷା ଉଙ୍କି ମାରୁଥିଲା । ଫଳରେ ବେସରକାରୀ

Digitized by srujanika@gmail.com

ଶିକ୍ଷାନୁଷ୍ଠାନମାନଙ୍କରେ ଯାହା ଘଟିବା କଥା, ସେମିତି କେତେ କଥା ଘଟିଥିଲା । ବେସରକାରୀ ଅନୁଷ୍ଠାନର କର୍ତ୍ତୃପକ୍ଷ ଯେବେ ଚୁଗୁଲି ଶୁଣନ୍ତି ଏବଂ ଜଣେ ଅଧେ କର୍ମଚାରୀଙ୍କ ତୋଷାମୋଦରେ ଭାସି ଯାଆନ୍ତି, ତାହାହେଲେ ଜାଣିବାକୁ ହେବ ଅନୁଷ୍ଠାନ ପକ୍ଷରେ ଏହା ଆଦୌ ମଙ୍ଗଳକର ନୁହେଁ । ସବୁ ଯୁଗରେ ସବୁ କାଳରେ ସବୁ ଅନୁଷ୍ଠାନରେ ଖୋସାମଦିଆ ପ୍ରଶଂସକମାନଙ୍କର ଆତଯାତ ହୁଏ । ବାଣପୁର ହାଇସ୍କୁଲର କର୍ତ୍ତୃପକ୍ଷ ହୁଏତ ଅନିଚ୍ଛାକୃତ ଭାବରେ ଏମିତି ଘଟଣାକୁ ପ୍ରଶ୍ରୟ ଦେଇଥିଲେ । ତଥାପି ସାମଗ୍ରିକ ଭାବରେ ଦେଖିଲେ ବାଣପୁର ହାଇସ୍କୁଲର ସେତେବେଳର ଶିକ୍ଷକମାନଙ୍କର ଜାତୀୟ ମହତ୍ୱବୋଧ, ଶିକ୍ଷାନୁରାଗ ଏବଂ ଛାତ୍ରବତ୍ସଳତା ଓଡ଼ିଶାର ବହୁ ଦୂରଦୂରାନ୍ତରୁ ଛାତ୍ରମାନଙ୍କୁ ଆକୃଷ୍ଟ କରିଥିଲା । ଏପରି ସୁନାମରେ ସାର୍‌ଙ୍କର ଅବଦାନ କମ୍ ନ ଥିଲା । ମାଟ୍ରିକ୍ କ୍ଲାସରେ ସାର୍‌ଙ୍କ ସହିତ ମୋର ଏବଂ ଅନ୍ୟାନ୍ୟ ଛାତ୍ରମାନଙ୍କର ସମ୍ପର୍କ ଏହିପରି ଶିକ୍ଷାଲାଭ, ଭାବପ୍ରବଣତା, ଅତୁଟ ଭକ୍ତି ଏବଂ ସରଳ ଜୀବନର ସମ୍ମୋହନତା ମଧ୍ୟରେ ହିଁ ଗଢ଼ି ଉଠିଥିଲା ।

୧୯୪୨ ମସିହାରେ ମେ' ମାସ ବେଳକୁ ପାଟନା ବିଶ୍ୱବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ ହେଲା । ଆମ ସ୍କୁଲ ପରୀକ୍ଷା ଫଳ ମଧ୍ୟ ଆଶାନୁରୂପ ହୋଇଥିଲା, ଆମ୍ଭେ ଦୁଇ ଚାରିଜଣ ସେକେଣ୍ଡ ଡିଭିଜନ ପାଇଥିଲୁ । ଏବେ ଓଡ଼ିଶାରେ ସେକେଣ୍ଡାରୀ ବୋର୍ଡ଼ ପରୀକ୍ଷାରେ ଯେତେ ଛାତ୍ରଛାତ୍ରୀ ଫାଷ୍ଟ ଡିଭିଜନରେ ଉତ୍ତୀର୍ଣ୍ଣ ହେଉଛନ୍ତି, ସେତେବେଳେ ସମଗ୍ର ଓଡ଼ିଶାରେ ପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସମ୍ଭବତଃ ତାହାଠାରୁ ଢେର କମ୍ ଥିଲା । ସୁତରାଂ ସେତେବେଳେ ତୃତୀୟ ଡିଭିଜନରେ ପାଶ୍ କରିବାରେ ମଧ୍ୟ ଗୌରବ ଥିଲା । ସେକେଣ୍ଡ ଡିଭିଜନରେ ମୁଁ ଉତ୍ତୀର୍ଣ୍ଣ ହେବାର ଖବର ସାର୍ ପାଇବା ମାତ୍ରେ ଜଣାଇଥିଲେ ଏବଂ ଏହାପରେ ମୁଁ କେଉଁଠି କେମିତି ଆଉ ଦୁଇବର୍ଷ ପଢ଼ି ପାରିବି, ସେଥିପାଇଁ ମୋ ବଡ଼ଭାଇଙ୍କ ସହିତ କଥାବାର୍ତ୍ତା କରିଥିଲେ । ମୁଁ ସେତେବେଳକୁ ଆମ ଗାଁରେ ଥାଏ । କାରଣ ପରୀକ୍ଷା ଦେଇ ସାରିବା ପରେ ସାଧାରଣତଃ ଛାତ୍ରମାନେ ଗାଁକୁ ଚାଲି ଯାଇଥାନ୍ତି । ତେବେ ସେତେବେଳକୁ ସାର୍‌ଙ୍କ ସମ୍ପର୍କରେ ମୋର ଯେଉଁ ଧାରଣା ହୋଇଥିଲା, ଏଇ କାଳି

Digitized by srujanika@gmail.com

ପରି ଲାଗୁଛି, ସାର୍ ମୋ ପାଇଁ କଟକରେ ଜଣେ ଅଧେ ଭଦ୍ରଲୋକଙ୍କୁ ସୁପାରିଶମୂଳକ ପତ୍ର ଲେଖିଦେଲେ । ମୋ ବଡ଼ ଭାଇଙ୍କୁ (ପଣ୍ଡିତ ନାରାୟଣ ମହାପାତ୍ର) ବରାବର କହିଲେ ମୋତେ କଟକ ପଠାଇଦେବା ପାଇଁ । କଟକ ରେଭେନ୍‌ସା କଲେଜରେ ନାମ ଲେଖାଇଲି ଆଇ.ଏ. ପଢ଼ିବା ପାଇଁ । ତା'ପରେ ସେଠି ବି.ଏ. ଅନର୍ସ, ଏମ୍.ଏ. ପଢ଼ିଲି । କଟକରେ କେଉଁ ମେସ୍, କେଉଁ ଭଡ଼ାଘର, କେଉଁ ବନ୍ଧୁଘର, କେଉଁ ହଷ୍ଟେଲରେ ମୋର ଛାତ୍ର ଜୀବନ ପ୍ରସାରିତ ହୋଇଥିଲା, ଏହା ସବୁ ଆଉ ଏକ କାହାଣୀର ସ୍ମୃତି । ତେବେ କ୍ରମେ କ୍ରମେ ସାର ଏବଂ ତାଙ୍କ ପରିବାର ଓ ତାଙ୍କ ପୁଅ-ଝିଅଙ୍କ ସହିତ ମୋର ସ୍ମୃତି ମଧୁର ସୁଖ ଦୁଃଖର ସମ୍ପର୍କ-ଲତିକାଟି ପଲ୍ଲବିତ ହୋଇ ଉଠିଥିଲା । ସ୍କୁଲର ଛାତ୍ରାବସ୍ଥାରେ ମୁଁ ସାର୍‌ଙ୍କ ଯେତିକି ନିକଟ ହୋଇଥିଲି, କଟକରେ ରହି ରେଭେନ୍‌ସା କଲେଜରେ ପଢ଼ିବା ସମୟରେ ଆହୁରି ନିକଟତର ହେଲି ଏବଂ ୧୯୪୮ ମସିହାରେ ଓଡ଼ିଆରେ ଏମ୍.ଏ. ପାଶ୍ କରିବା ପରେ ନିକଟତମ ହୋଇଥିଲି । ଏହାର ଏକମାତ୍ର କାରଣ ହେଲା, ମୋର ବଡ଼ଭାଇ ବାଣପୁର ହାଇସ୍କୁଲର ସଂସ୍କୃତ ପଣ୍ଡିତ ଥାଆନ୍ତି ଏବଂ ହାତୀମୁଣ୍ଡା ପୋଖରୀ ହୁଡ଼ାରେ ସ୍କୁଲର ଏକ ଚାଳଘରେ ରହୁଥିଲେ । ତେଣୁ କଲେଜରେ ଛୁଟି ସମୟରେ ମୁଁ ଆମ ଗାଆଁକୁ ନ ଯାଇ ବଡ଼ଭାଇଙ୍କ ପାଖେ ରହୁଥିଲି । ସେଠାରେ ବଡ଼ଭାଇଙ୍କ ପରିବାର ରହୁଥିଲେ । ଭାଉଜ ଏବଂ ଝିଆରୀ ପୁତୁରାମାନେ, ବେଳେ ବେଳେ ମୋର ନନା ମଧ୍ୟ ଆମ ପାଖରେ ରହୁଥିଲେ । ମୋର ଏମିତି ଧାରଣା ହୋଇଥିଲା ଯେ ସାର୍ କେବଳ ତାଙ୍କର ସଂସାର ଏବଂ ପରିବାର ନେଇ ବ୍ୟସ୍ତ ନ ଥିଲେ, ମୋ ପରି ଛାତ୍ରମାନଙ୍କ ପାଇଁ ଏବଂ ଯୁବକମାନଙ୍କ ପାଇଁ ତାଙ୍କର ଅସୀମ ଦରଦ ଥିଲା, ଆବେଗ ଥିଲା, ଏବଂ ଯେକୌଣସି ଉତ୍ତମ କାର୍ଯ୍ୟରେ ସେ ନିଜକୁ ସାମିଲ କରିପାରୁଥିଲେ । ତାଙ୍କ ନିଜର ଆର୍ଥିକ ଉନ୍ନତି ପାଇଁ କଠୋର ପରିଶ୍ରମ କରୁଥିଲେ, ଶିକ୍ଷକ ଜୀବନର ଅଭାବ ଅନଟନରେ କେବେ ଭାଙ୍ଗି ପଡ଼ୁ ନ ଥିଲେ, ସ୍କୁଲରେ ଶିକ୍ଷକତା କରି ତାଙ୍କର ପୁଅଝିଅଙ୍କର ପଢ଼ାପଢ଼ିର ଯତ୍ନ ନେଇ ପାରୁଥିଲେ । ପ୍ରଥମେ ପ୍ରଥମେ ସ୍କୁଲ ଏବଂ ପରବର୍ତ୍ତୀ କାଳରେ କଲେଜ କାର୍ଯ୍ୟରେ ବେଶ୍ ଦୌଡ଼ି ପାରୁଥିଲେ । କାହିଁ କେବେ ସାର୍ କ୍ଳାନ୍ତି ବୋଧ କରିବାର ମୁଁ ଜାଣିପାରୁ ନ ଥିଲି । ଯେଉଁ ଅନୁଷ୍ଠାନରେ ପାଦ ଦେଉଥିଲେ, ତାହାରି ସେବାରେ ସେ ନିଜକୁ ସମର୍ପି

Digitized by srujanika@gmail.com

ଦେଉଥିଲେ । ବଉଦ, ଓଳସିଂହ, ଜଗତସିଂହପୁର, କୋରୁଆ, କଟକ ଏ ସମସ୍ତ ସ୍ଥାନ ଅପେକ୍ଷା ତାଙ୍କର ବାଣପୁର ରହଣୀ ସର୍ବାପେକ୍ଷା ପରବର୍ତ୍ତୀ କାଳରେ ଭିତ୍ତିଭୂମିର ସ୍ମୃତିପୂର୍ଣ୍ଣ, ସ୍ୱପ୍ନ ମଧୁର ଏବଂ ତାଙ୍କ ଜୀବନର ବେଳାଭୂମିରେ ବାଣପୁର ସାଳିଆ-ଘଣ୍ଟଶିଳା ଆଶ୍ରିତ ପ୍ରକୃତିର ନୂପୁର ଧ୍ୱନି ବରାବର ଅନୁରଣିତ ହୋଇଥିଲା । ସେଥିପାଇଁ ତାଙ୍କର ସ୍ମୃତିଚାରଣ କରିବା ଅବସରରେ ମୋ ମନରେ ବାଣପୁରର ସେହି ଆଶ୍ରମ ସ୍କୁଲର ଶିକ୍ଷାଶ୍ରମ ପାଇଁ ଅନେକ ଆଲୋଡ଼ନ, ଅନେକ ଦରଦ ଏବଂ ବିଶେଷ ଯନ୍ତ୍ରଣା । ସେହି ବାଣପୁର ମାଟି ଉଦ୍ଦେଶ୍ୟରେ ପ୍ରଣତି ବାଢ଼ି କହିବାକୁ ଇଚ୍ଛା ହୁଏ, "ତୁମ ପାଇଁ ମୋର ପ୍ରୀତିଭରା ଶୁଭେଚ୍ଛା, ମୋର ସେହି ତାରୁଣ୍ୟର ଉଷାଲଗ୍ନରେ ମୁଁ ତୁମର ନିଟୋଳ ହସ ହସ ମୁହଁ, ନରମି ନରମି ଚେହେରା ପାଖରେ ନିଜକୁ ସମର୍ପି ଦେଇଥିଲଇ ପରା ।"

ଏହା ଜଣାଶୁଣା କଥା ଯେ ସାର୍ ସେହି ସମୟରେ ଜଣେ ଲୋକପ୍ରିୟ ଶିକ୍ଷକ ଥିଲେ । ତାଙ୍କର ଶିକ୍ଷକ ସୁଲଭ ଗୁଣ ଯୋଗ୍ୟତା ଏବଂ ସରଳ ବ୍ୟବହାର ପ୍ରକୃତରେ ତାଙ୍କର ଏକମାତ୍ର ସାର୍ଟିଫିକେଟ । ଶିକ୍ଷକ ଭଳି ଜଣେ ଶିକ୍ଷକ । ପ୍ରାଚୀନ ଗୁରୁକୁଳର ପରମ୍ପରା ତାଙ୍କର ଶିକ୍ଷକ ଜୀବନରେ ପ୍ରତିଫଳିତ ହୋଇଥିଲା । ସେଥିପାଇଁ ଜଗତସିଂହପୁର ହାଇସ୍କୁଲର (ଶ୍ରୀକୃଷ୍ଣ ଏକାଡ଼େମୀ) ପ୍ରତିଷ୍ଠାତା ପୋଲିସ ସାହେବ ଶ୍ରୀକୃଷ୍ଣ ମହାପାତ୍ର ତାଙ୍କୁ ତାଙ୍କ ସ୍କୁଲର ପ୍ରଧାନ ଶିକ୍ଷକ ଭାବରେ ନିମନ୍ତ୍ରଣ କଲେ । ସାର୍ କିଛିଦିନ ସେଠାରେ ହେଡ୍‌ମାଷ୍ଟର ଭାବରେ କାର୍ଯ୍ୟ କରିଥିଲେ । ସାର୍ ଥାଆନ୍ତି ଜଗତସିଂହପୁରରେ । ତାଙ୍କ ପରିବାର ଥାଆନ୍ତି ବାଣପୁରରେ । ତାଙ୍କର ବସାଘର ଠିକ୍ ଜଗତସିଂହପୁର ବଜାର ରାସ୍ତା ଉପରେ ଅବସ୍ଥିତ ଥିଲା । ବସାଘର ପଛପଟେ ମାଛଗାଁ କେନାଲ । ସମଗ୍ର କଟକ ଜିଲ୍ଲାର ପଲ୍ଲୀ ସୌନ୍ଦର୍ଯ୍ୟ, ଗାଆଁ ଗହଳର ଆମ୍ବତୋଟା ବଉଳ ଭିଜା ମୁକ୍ତ ପବନ, ବର୍ଷକ ବାରମାସ କେନାଲ ପାଣି, ତାଳ ନାରୀକେଳ ଛାୟା ଶୀତଳ ମାଟିର ଆକର୍ଷଣ ଭାଷାରେ ପ୍ରକାଶ କରାଯାଇ ନ ପାରେ । ଜଗତସିଂହପୁର ବଜାର ପାଖ ସେତେବେଳେ ବାଉଁଶ ଜଙ୍ଗଲରେ ପରିପୂର୍ଣ୍ଣ, ମେଲେରିଆର ପ୍ରକୋପ ସେମିତି ମଧ ଖୁବ୍ ବେଶି । ମଝିରେ ମଝିରେ ସାର୍ ମୋତେ ଚିଠି ଲେଖି ମୋର ପଢ଼ାପଢ଼ି କଥା ଏବଂ ଭଲମନ୍ଦ ବୁଝୁଥିଲେ । ୧୯୪୪ ମସିହା । ମୋର ଆଇ.ଏ.

Digitized by srujanika@gmail.com

ପରୀକ୍ଷା ଏପ୍ରିଲ ମାସରେ ସରି ଯାଇଥାଏ । ପରୀକ୍ଷା ପରେ କଟକ ମେସ୍ ଛାଡ଼ି ମୁଁ ବାଣପୁରକୁ ମୋର ବଡ଼ ଭାଇଙ୍କ ପାଖକୁ ଯିବା କଥା । ହଠାତ୍ ସାର୍‌ଙ୍କର ଖଣ୍ଡିଏ ଚିଠି ପାଇଲି । ଗୋପାଳ, ତୁମର ତ ପରୀକ୍ଷା ସରିଲା । ବର୍ତ୍ତମାନ କିଛି ଦିନ ପାଇଁ ଜଗତସିଂହପୁର ହାଇସ୍କୁଲରେ ଆସି କାମ କଲେ ଭଲ ହୁଅନ୍ତା । ସାର୍‌ଙ୍କର ଚିଠି ଖଣ୍ଡକ ପାଇ ସେଦିନ ମୋ ମନରେ ଯେଉଁ ସ୍ଫୂର୍ତ୍ତି ଏବଂ ଉତ୍ସାହ, ତାହା ଏବେ ମନେ ପଡ଼ିଯାଉଛି । ଭାବିଲି, ହାଇସ୍କୁଲର ଗ୍ରୀଷ୍ମ ଅବକାଶ ହେଉ ହେଉ ଜୁନ୍ ମାସ । ଏଇଲେ ମାସେ ଦେଢ଼ମାସ ଜଗତସିଂହପୁରରେ ମାଷ୍ଟ୍ର ଚାକିରୀ କରିପାରିଲେ ଅନ୍ତତଃ ଚାକିରୀ ଅଭିଜ୍ଞତା ସହିତ କେତେଟା ଟଙ୍କା ମିଳନ୍ତା । ଯେବେ ଟଙ୍କା କିଛି ବଂଚି ପାରିବ, ତାହା ହେଲେ ବି.ଏ. କ୍ଲାସରେ ନାମ ଲେଖା ପାଇଁ ସୁବିଧା ହୁଅନ୍ତା । ଆଉ ଆଗ ପଛ କିଛି ନ ଭାବି ଜଗତସିଂହପୁରରେ ଯାଇ ହାଜର ହେଲି ।

ଆଜିକାଲି କଟକ ଜଗତସିଂହପୁର ରାସ୍ତାରେ ପ୍ରତି ମୁହୂର୍ତ୍ତରେ କେତେ ବସ୍, ଟ୍ରକ୍, ଟ୍ରାକ୍‌ଟର, ସ୍କୁଟର ଛୁଟି ଚାଲିଛି । ପୁଣି ପାରାଦ୍ୱୀପକୁ ରେଳ ଲାଇନ୍ ପଡ଼ିଲାଣି । ସେତେବେଳେ ସେହି ନାଲିଗୋଡ଼ି, ଅଣଓସାରିଆ ରାସ୍ତା, ଆଉ ଏକମାତ୍ର ଯାନବାହନ କଟକ ମଟର ଆସୋସିଏସନ୍ ବସ୍ । ଅବଶ୍ୟ ମାଛଗାଁ କେନାଲରେ ଲଞ୍ଚ ଏବଂ ଡଙ୍ଗା ଚାଲୁଥିଲା । ସାର୍ ମୋତେ କହିଲେ, ତୁମେ ମୋ ବସାରେ ରହିବ । ସ୍କୁଲରେ ଅଷ୍ଟମ ନବମ ଶ୍ରେଣୀରେ ଅଙ୍କ ଏବଂ ସାହିତ୍ୟ ପଢ଼ାଇବ । ତମକୁ ମାସକୁ ଦରମା ଟ ୫୫ ଙ୍କା ମିଳିବ । ସେତେବେଳେ ପଞ୍ଚାବନ ଟଙ୍କା ମୋ ପାଇଁ ଯଥେଷ୍ଟ ଥିଲା । ପ୍ରଥମେ ମୁଁ ସାର୍‌ଙ୍କ ପାଖରେ ରହିଥିଲି । ସାର୍‌ଙ୍କ ପାଖରେ ସେତେବେଳେ ତାଙ୍କ ଝିଅ ବିଷ୍ଣୁ ରହୁଥିଲା । ସମ୍ଭବତଃ ସେ ସ୍କୁଲରେ ମାଇନର କ୍ଲାସରେ ପଢୁଥିଲା । ସାର୍‌ଙ୍କ କ୍ୱାଟର ପାଖରେ ବାଣପୁର ଅଚ୍ୟୁତରାଜପୁର ଗ୍ରାମର ଭାଗୀରଥୀ ମିଶ୍ର ମେସ୍ କରି ରହୁଥିଲେ । ଭାଗିରଥୀ ମିଶ୍ରେ ସ୍କୁଲରେ ସଂସ୍କୃତ ପଢ଼ାଉଥିଲେ । ପରେ କିଛିଦିନ ପାଇଁ ପଣ୍ଡିତଙ୍କ ମେସ୍‌ରେ ମଧ ଖାଇଥିଲି । ସେତେବେଳର ମେସ୍ ଖର୍ଚ୍ଚ, ପୁଣି ଜଗତସିଂହପୁର ଭଳିଆ ପନିପରିବା ମାଛ ବହୁଳ ଜାଗାରେ ଖୁବ୍ କମ୍ ପଡୁଥିଲା । ଚାଉଳ, ପୋଟଳ, କଖାରୁ, କଦଳୀ, ମାଛ ଖୁବ୍ ଶସ୍ତା ଥିଲା । ମୋର ମନେପଡୁଛି ମେସ୍‌ରେ ଖାଇବା ଖର୍ଚ୍ଚ ମୁଣ୍ଡ ପିଛା ୨୦ ଟଙ୍କା ଭିତରେ ପଡୁଥିଲା । କ୍ଲାସରେ ମୋର ପଢ଼ାଇବା ପଦ୍ଧତି ପିଲାମାନଙ୍କୁ

Digitized by srujanika@gmail.com

ଭଲ ଲାଗିଲା । ରୁଟିନ୍ କାମ ବ୍ୟତୀତ, ମୁଁ ପିଲାମାନଙ୍କ ମଧ୍ୟରେ ସଭାସମିତି ତର୍କ ପ୍ରତିଯୋଗିତା ପ୍ରଭୃତି ବ୍ୟବସ୍ଥା କରିବାରୁ ସ୍କୁଲର ଶିକ୍ଷକମାନେ ମୋତେ ଭାରି ପସନ୍ଦ କଲେ । ଦିନେ ପୋଲିସ ସାହେବ ଶ୍ରୀକୃଷ୍ଣ ମହାପାତ୍ର ହେଡ଼ମାଷ୍ଟରଙ୍କ କ୍ୱାଟରରେ ଆସି ପହଞ୍ଚିଗଲେ ଏବଂ ମୋତେ ଦେଖି ସର୍ବପ୍ରଥମେ ଜେରା ଆରମ୍ଭ କରିଦେଲେ । ବାବୁ, ତୁମେ ଆମ ସ୍କୁଲରେ ରହିବ, ଏଇଲେ ଚାକିରୀ ଛାଡ଼ି ଯାଇ ପାରିବ ନାହିଁ । କଅଣ କହୁଛ ?"ଏତିକିରେ ମୋ ମନରେ ଛାନିଆ ପଶିଲା, ଭାବିଲି, ଇଏ ମୋତେ ଏଇ ସ୍କୁଲରେ ସବୁଦିନ ପାଇଁ ଅଟକାଇ ରଖିଦେବେ କି ?

ଜଗତସିଂହପୁରର ପ୍ରାଚୀନ ନାମ ହରିହରପୁର । ସେତେବେଳେ ଏପ୍ରିଲ୍ ମାସ ପହିଲାରୁ ସକାଳୁଆ କ୍ଲାସ ହେଉଥିଲା । ଏଗାରଟା ବେଳକୁ ସ୍କୁଲ ଛୁଟି । ଦ୍ୱିପ୍ରହରଟା ବିଲକୁଲ ସମୁଦ୍ର କୂଳିଆ ପବନରେ ଅସ୍ଥିର ଲାଗୁଥିଲା । ସନ୍ଧ୍ୟାବେଳକୁ ମଶାମାନଙ୍କର ଉପଦ୍ରବ । ସେତେବେଳର ସ୍କୁଲ ମାଷ୍ଟ୍ରମାନଙ୍କ ମଧ୍ୟରେ ବେଶ୍ ସଂହତି ଏବଂ ସଖ୍ୟ ଥିଲା । ଜଗତସିଂହପୁରରେ ମାତ୍ର ଅଳ୍ପ ଦିନର ରହଣି ମଧ୍ୟରେ ଆଖ ପାଖ ଗାଁମାନଙ୍କ ସହିତ ମୋର ଗୋଟାଏ ସମ୍ପର୍କ ବଢ଼ି ଉଠିଥିଲା । ବିଶେଷତଃ ଚାନ୍ଦୁରା ଗ୍ରାମରେ ପରମାନନ୍ଦ ବାବୁଙ୍କ ପରିବାର ସହିତ ମୁଁ ବେଶ୍ ପରିଚିତ ହୋଇଥିଲି । ତାଙ୍କର ପୁଅଝିଅଙ୍କୁ ସନ୍ଧ୍ୟାବେଳେ ଟିଉସନ୍ କରିବାକୁ ମୋତେ ପରମାନନ୍ଦ ବାବୁ ପ୍ରସ୍ତାବ ଦେଲେ । ବଡ଼ ଖାନଦାନୀ ଘର, ଗଛ, ମାଛ, ପୋଖରୀ, ଧାନବିଲ ତାଙ୍କର ବଡ଼ ଜମିଦାରିଆ ଚଳଣି । ଗ୍ରୀଷ୍ମ ଛୁଟିରେ ବାଣପୁରକୁ ଆସିଲି ଏବଂ ଗ୍ରୀଷ୍ମ ଛୁଟି ଭିତରେ ମୋର ଇଣ୍ଟରମିଡ଼ିଏଟ୍ ପରୀକ୍ଷା ଫଳ ପ୍ରକାଶିତ ହେଲା । ସେତେବେଳେ ସମଗ୍ର ଓଡ଼ିଶାରେ ଖୁବ୍ କମ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିଲେ । କଲେଜ ସଂଖ୍ୟା ତ ଆଙ୍ଗୁଠିରେ ଗଣି ହେଉଥିଲା । ଆଇ.ଏ.ରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି । ଅଧିକାଂଶ ତୃତୀୟ ଶ୍ରେଣୀ ପାଇଥିଲେ । ରେଭେନ୍‌ସା କଲେଜରୁ ଆମେ ସାତ ଆଠ ଜଣ ମାତ୍ର ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲୁ । ଫାଷ୍ଟ ଡିଭିଜନ ସେତେବେଳେ ପ୍ରାୟ କ୍ୱଚିତ୍ ମିଳୁଥିଲା । ମୋର ସହପାଠୀ ଗଣେଶ୍ୱର ପ୍ରହରାଜ ମଧ୍ୟ ଦ୍ୱିତୀୟ ଶ୍ରେଣୀ ପାଇଥିଲେ ।

ଆଉ ଜଣେ ସହପାଠୀ ଥିଲେ ମନ୍ମଥ ନାଥ ଦାସ । ତାଙ୍କର ପରୀକ୍ଷା ଫଳ ଆଶାନୁରୂପ ହୋଇ ନ ଥିଲା । ଆର୍ଥିକ ଅଭାବ ଯୋଗୁଁ ମୁଁ ଯାହା ପଢ଼ି ନ ଥାନ୍ତି

Digitized by srujanika@gmail.com

ଆଇ.ଏ. ଦ୍ୱିତୀୟ ଶ୍ରେଣୀ ଅଧିକାର କରିଥିବାରୁ, ବଡ଼ଭାଇଙ୍କର ପ୍ରସ୍ତାବ ହେଲା, ମୁଁ ଯେମିତି ହେଲେ ସେହି ରେଭେନ୍‌ସା କଲେଜରେ ବି ଦୁଇବର୍ଷ ବି.ଏ ଟା ପଢ଼ିବି । ବିଶେଷତଃ ସାର୍ ଜିଦ୍ କଲେ ଯେ ମୋତେ ଯେମିତି ହେଲେ ବି.ଏ. ପଢ଼ିବାକୁ ପଡ଼ିବ । ଆଇ.ଏ. ପଢ଼ିବା ସମୟରେ ମୋତେ ଜଣେ ଭଦ୍ରବ୍ୟକ୍ତି ବରାବର ସାହାଯ୍ୟ କରିଥିଲେ । ସେ କଟକ ବକ୍‌ସି ବଜାର ପାଖ ବେପାରୀ ସାହିରେ ରହୁଥିଲେ । ସେ ସ୍କୁଲ ଇନ୍‌ସପେକ୍ଟର ଅଫିସ୍‌ରେ ମୁଖ୍ୟ ଅଡ଼ିଟର ଭାବରେ କାର୍ଯ୍ୟ କରୁଥିଲେ । ବାଣପୁର ହାଇସ୍କୁଲ ହିସାବପତ୍ର ଅଡ଼ିଟ କରିବାକୁ ଯିବା ସମୟରେ ତାଙ୍କ ସହିତ ମୋର ବଡ଼ ଭାଇ ଏବଂ ସାର୍‌ଙ୍କର ବନ୍ଧୁତା ଗଢ଼ି ଉଠିଥିଲା । ମୁଁ ଆଇ.ଏ. ପାଶ୍ କରିବା ଖବର ପାଇ ସେ ମଧ୍ୟ ସାର୍‌ଙ୍କୁ କହିଥିଲେ ଯେ ମୁଁ ଯେପରି ବି.ଏ. ପଢ଼ିବି । ସେହି ଅଡିଟରଙ୍କ ନାମ ପୁରୁଷୋତ୍ତମ ମିଶ୍ର, ଘର ସମ୍ବଲପୁର ଅଞ୍ଚଳରେ । କଟକରେ ମେସ୍‌ରେ ରହି ଆଇ.ଏ. ଏବଂ ବି.ଏ. ପଢ଼ିବା ସମୟରେ ମୁଁ ଅନେକବାର ତାଙ୍କ ଘରକୁ ଯାଉଥିଲି । ବେଳେ ବେଳେ ତାଙ୍କ ଘରେ ଖାଇବା ପାଇଁ ତାଙ୍କ ସ୍ତ୍ରୀ ମୋତେ ବାଧ କରୁଥିଲେ । ତାଙ୍କର ଅନାବିଳ ସ୍ୱେଚ୍ଛାକୃତ ସାହାଯ୍ୟ ଏ ଯୁଗରେ ବିରଳ । ବି.ଏ.ରେ କି କି ସବ୍‌ଜେକ୍ଟ ନେଇ ପଢ଼ିବି ତାହା ମଧ୍ୟ ସାର୍ ସ୍ଥିର କରିଥିଲେ । ତେବେ ଅଭାବଗ୍ରସ୍ତ ଜୀବନରେ ମୁଁ ମୋର ଶକ୍ତି ଏବଂ ସମୟର ବରାବର ସଚେତନ ଥିଲି । ମୋତେ ଟିଉସନ କରିବାକୁ ପଡ଼ିବ, ସେଥିପାଇଁ ପଢ଼ାରେ ବେଶି ସମୟ ଦେଇପାରିଲି ନାହିଁ । ତେଣୁ ମୁଁ ବାଛି ବାଛି ବିଷୟ ନେଇଥିଲି । ଇତିହାସ ଏବଂ ଓଡ଼ିଆ ଅନର୍ସ । ମଫସଲର ଗରିବ ପିଲାମାନଙ୍କ ପାଇଁ କଟକ ସହରର ଓକିଲ, ଜମିଦାର, ବଡ଼ବଡ଼ିଆ ଲୋକଙ୍କ ସାହାଯ୍ୟ ବିଶେଷତଃ 'ଟିଉସନ' ପ୍ରଥା ଏକ ଐତିହାସିକ ଅଣ ଅନୁଷ୍ଠାନିକ ବ୍ୟାପାର । ମୋର ଆଇ.ଏ. ଏବଂ ବି.ଏ. ପଢ଼ିବା ସମୟରେ ମୁଁ ଏମିତି କେତେକ ଭଦ୍ରବ୍ୟକ୍ତିଙ୍କ ଘରେ ପୁଅ ଝିଅଙ୍କୁ ଟିଉସନ କରି ନିଜର ଅଭାବ ପୂରଣ କରୁଥିଲି । ହୃଦାନନ୍ଦ ରାୟଙ୍କ ବାପା ମୋତେ ଡାକି ତାଙ୍କ ଘରେ ଟିଉସନ ଖଞ୍ଜିଦେଲେ । ଟିଉସନରୁ ସେତେବେଳେ ଗୋଟାଏ ଘରୁ ଆଠ ଦଶ ଟଙ୍କା ମିଳିଲେ ଯଥେଷ୍ଟ । ରେଭେନ୍‌ସା କଲେଜରେ ମୁଁ ଆଇ.ଏ., ବି.ଏ. ପଢ଼ିବା ସମୟରେ ଡକ୍ଟର ପ୍ରାଣକୃଷ୍ଣ ପରିଜା, ଶ୍ରୀଯୁକ୍ତ ସତ୍ୟାନନ୍ଦ ରାୟ ଏବଂ ପରେ ମହେଶ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷ ଥିଲେ । ଯାହାହେଉ ମୁଁ ରେଭେନ୍‌ସା କଲେଜରେ ୧୯୪୪ ମସିହାରେ ଜୁଲାଇ ମାସରେ ନାମ ଲେଖାଇଲି । ଅପ୍ରତ୍ୟାଶିତ

Digitized by srujanika@gmail.com

ଭାବରେ ମୋତେ ଗଡ଼ଜାତ ବୃତ୍ତି ମାସିକ ୧୫ ଟଙ୍କା କରି ମିଳିଥିଲା । କଲେଜ ଅଧ୍ୟକ୍ଷଙ୍କର ମୋ ଉପରେ କୃପା ଦୃଷ୍ଟି ପଡ଼ିଥିଲା । ଏମିତି ମୁଁ ବି.ଏ. ଶ୍ରେଣୀରେ ନାମ ଲେଖାଇଲି ସିନା, ତେଣେ ଜଗତସିଂହପୁର ହାଇସ୍କୁଲର କର୍ତ୍ତୃପକ୍ଷ ପୋଲିସ ସାହେବ ମୋ ଉପରେ ଭାରି ଖପା ହୋଇଥିଲେ । ସେତେବେଳକୁ ମୁଁ ସ୍କୁଲ ଛାଡ଼ି ସାରିଥିଲି । ମୋ ପାଇଁ ସାର୍‌ଙ୍କୁ ପୋଲିସ ସାହେବଙ୍କୁ ସଫେଇ ଦେବାକୁ ପଡ଼ିଥିଲା । ଜଗତସିଂହପୁର ହାଇସ୍କୁଲ ସବୁଦିନ ପାଇଁ ମୋ ମନରେ ଦରଦ ସୃଷ୍ଟି କରିଥିଲା । ବି.ଏ. ପଢ଼ିବା ସମୟରେ ମୁଁ ବରାବର ବାଣପୁର ଯିବା ଆସିବା କରୁଥିଲି । ସାର୍ ଛୁଟିରେ ତାଙ୍କ ଘରକୁ ଆସୁଥିଲେ ଏବଂ ବରାବର ମୋର ପାଠପଢ଼ା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ । ୧୯୪୬ ମସିହାରେ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି । ସେତେବେଳକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ସାରିଥାଏ । ଓଡ଼ିଆରେ ଦ୍ୱିତୀୟ ଶ୍ରେଣୀ ଅନର୍ସ ପାଇଥିଲି । ଫାଷ୍ଟ କ୍ଲାସ କେହି ପାଇ ନ ଥିଲେ । ବି.ଏ. ପାଶ୍ କରିବା ପରେ ଏମ୍.ଏ. ପଢ଼ିଲି ।

ଏହି ସମୟଟା ମୋ ଜୀବନରେ ଦେଖା ଦେଇଥିଲା ଆଉ ଏକ ସମ୍ପୂର୍ଣ୍ଣ ଆଦର୍ଶ ଜଗତ ତଥା ସ୍ୱପ୍ନର ପ୍ରସାରିତ ବେଳାଭୂମି । ଦୁଃଖ ଅଭାବ ପ୍ରପୀଡ଼ିତ ଏକ ନିମ୍ନ ମଧ୍ୟବିତ୍ତ ପରିବାରର ଜଣେ ସଂଗ୍ରାମୀ ଛାତ୍ର ଜୀବନରେ ଦେଖା ଦେଇଥିଲା ଆଉ ଏକ ସଂଗ୍ରାମୀ ଇଲାକା । ତାହା ହେଉଛି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଉଦାର ଭାବମୂର୍ତ୍ତି ଏବଂ ଓଡ଼ିଶା ଗଡ଼ଜାତଗୁଡ଼ିକରେ ଚାଲିଥିବା ପ୍ରଜାମଣ୍ଡଳ ଆନ୍ଦୋଳନ । ସେହି ବାଣପୁର ହାଇସ୍କୁଲ ପାଖ ହାତୀମୁଣ୍ଡା ପୋଖରୀ ହୁଡ଼ାରେ ଚାଳଘରେ ବସିଥାଏ । ଦିନେ ଦ୍ୱିପ୍ରହରର ଘଟଣା । ରଣପୁର ଗଡ଼ରୁ ଜଣେ ବାର୍ତ୍ତାବହ ଏକ ଚିଠି ଧରି ପହଞ୍ଚିଥିଲେ । ତାଙ୍କର ନାମ ରତ୍ନାକର ପଟ୍ଟନାୟକ । ରଣପୁର ପ୍ରଜାମଣ୍ଡଳ ସଭାପତିଙ୍କର ହୁକୁମନାମା, ମୋତେ ରଣପୁରରେ ଯଥାଶୀଘ୍ର ଉପସ୍ଥିତ ହେବାକୁ ପଡ଼ିବ । ଉଦ୍ଦେଶ୍ୟଟା ବୁଝିବାକୁ ଡେରି ହେଲା ନାହିଁ । ଗଡ଼ଜାତର ସ୍ୱାଧୀନତା ଆନ୍ଦୋଳନରେ ମୋତେ ସକ୍ରିୟ ଭାବେ ଯୋଗ ଦେବାକୁ ପଡ଼ିବ । ଆମ ଘରେ ଭାଇନା, ଭାଉଜ ଏହି ପ୍ରସ୍ତାବ ଶୁଣି ଏକବାର ଖପା ହୋଇଉଠିଲେ । କହିଲେ, "ଆମେ ଏଥିପାଇଁ ପଇସା ଖର୍ଚ୍ଚ କରି ପାଠ ପଢ଼େଇଥିଲୁ ।" ଆଉ ସାର୍‌ଙ୍କ କାନରେ ଏହି କଥାଟା ଯେମିତି ପଡ଼ିଲା, ସେ ଏକବାର ନାସ୍ତିବାଣୀ ଶୁଣାଇଲେ । ସେ କହିଥିଲେ, "ଗୋପାଳ ପଢ଼ିବାକୁ ଚାଲିଯାଉ ।

Digitized by srujanika@gmail.com

ପାଖରେ ରହିଲେ ସିନା ସମସ୍ତେ ଏପରି ତାଙ୍କୁ ଆସି ପ୍ରଭାବିତ କରିବେ ।" ଯାହାହେଉ ମୋ ନିକଟରେ ସ୍ୱାଧୀନତା ଆନ୍ଦୋଳନର ମୂଲ୍ୟ ଅଧିକ ବୋଲି ବିଚାର କଲି । ମୁଁ ଲୁଚିକରି ରଣପୁର ଚାଲି ଯାଇଥିଲି । ପରେ ପରେ ଭାଇନାଙ୍କର ଚିଠି ଏବଂ ସାର୍‌ଙ୍କର ଧମକ ପୂର୍ଣ୍ଣ ପତ୍ର ମିଳିଥିଲା । ଅଗତ୍ୟା ମୁଁ ଦ୍ୱନ୍ଦ୍ୱରେ ଛଟପଟ ହେଲି । ଶେଷରେ ଭାବିଲି ସାର୍‌ଙ୍କ ପରାମର୍ଶକୁ ମାନିବି ଏବଂ ସ୍ୱାଧୀନତା ଆନ୍ଦୋଳନର ଆହ୍ୱାନକୁ ମଧ ଅମାନ୍ୟ କରିବି ନାହିଁ । ତାହା ହିଁ ହେଲା । ସାର୍ ତଥାପି ବରାବର ମୋତେ ତାଗିଦ୍ କରୁଥିଲେ । ଏହିପରି ଆଉ ଏକ ଘଟଣା ଘଟିଥିଲା, ଯେତେବେଳେ ମୁଁ ସାର୍‌ଙ୍କ ଉପଦେଶ ପ୍ରତି କର୍ଣ୍ଣପାତ କରି ନ ଥିଲି । ଏହା ହେଉଛି ୧୯୪୮ ମସିହାର ଘଟଣା । ଗଡ଼ଜାତ ଆନ୍ଦୋଳନର ଜଣେ ନେତା ଛାପ ମୋ ଦେହରେ ବାଜି ଯାଇଥିଲା । ଠିକ୍ ଗଡ଼ଜାତ ମିଶ୍ରଣ ପରେ ପରେ ଓଡ଼ିଶା ସରକାର ମୋତେ ଷଢ଼େଇକଳାର Administrative Officer ଭାବରେ ନିଯୁକ୍ତି ଦେଇଥିଲେ । ମୁଁ ସେତେବେଳକୁ ଏମ୍.ଏ. କ୍ଲାସର ପଢ଼ା ଛାଡ଼ି ଗଡ଼ଜାତ ଆନ୍ଦୋଳନରେ ସାମିଲ ହୋଇ ସାରିଥିଲି । ବଡ଼ ଭାଇ ସରକାରୀ ଟେଲିଗ୍ରାମଟା ପାଇ ପ୍ରଥମେ ନେଇ ସାର୍‌ଙ୍କୁ ଦେଖାଇଥିଲେ । ସାର୍‌ଙ୍କ ମନରେ ଆନନ୍ଦ କହିଲେ ନ ସରେ । ବଡ଼ଭାଇଙ୍କ ମାରଫତରେ ଟେଲିଗ୍ରାମ ବାଣପୁର ଠିକଣାରେ ଆସିଥାଏ । ସେତେବେଳେ ମୁଁ ରଣପୁରର ମଫସଲରେ ବୁଲୁଥିଲି । ସାର୍‌ଙ୍କ ମୋ ପାଇଁ ଯେଉଁ ଉତ୍କଣ୍ଠା, ତାହା କେବଳ ତାଙ୍କର ଉଦାରତା ଏବଂ ଅନାବିଳ ଶ୍ରଦ୍ଧାର ପ୍ରତୀକ ମାତ୍ର । ଓଡ଼ିଶାର ସେତେବେଳର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଗଡ଼ଜାତ ଆନ୍ଦୋଳନ ପରିପ୍ରେକ୍ଷିରେ ମୋତେ ଖୁବ୍ ଭଲ ପାଉଥିଲେ । ଅବଶ୍ୟ ସେତେବେଳକୁ ମୁଁ ପତ୍ରପତ୍ରିକାରେ ଧାରାବାହିକ ଲେଖକ ଥିଲି । ମୋର ଅନୁପସ୍ଥିତିରେ ସାର୍ ମୋ ତରଫରୁ ଟେଲିଗ୍ରାମର ଉତ୍ତର ଟେଲିଗ୍ରାମରେ ଦେଇଥିଲେ "Appointment accepted joining soon" ବାଣପୁରକୁ ଫେରି ଏହିସବୁ ଘଟଣା ଜାଣିବା ପରେ ମୁଁ ଆହୁରି ଏକ ଦ୍ୱନ୍ଦ୍ୱରେ ପଡ଼ିଲି । ଗଡ଼ଜାତ ରାଜନୀତିରେ ରହିବି ନା ଓଡ଼ିଆରେ ଏମ୍.ଏ ପରୀକ୍ଷା ଦେବି, ନା ଷଢ଼େଇକଳାରେ ସରକାରୀ ଚାକିରୀରେ ଯୋଗ ଦେବି ? ଟାଳଟୁଳ କରି ମୁଁ ସେଦିନ ଚାକିରୀରେ ଯୋଗ ଦେଇ ନ ଥିଲି । ଏହାପରେ ମହତାବ ବାବୁ ଯେଉଁଠାରେ ଯେତେଥର ମୋତେ ଦେଖୁଥିଲେ ହସି ହସି ସମସ୍ତଙ୍କୁ କହୁଥିଲେ "ଆମର ଜଣେ ଯୁବକଙ୍କୁ ଦେଖ, ତାଙ୍କୁ ଡେପୁଟି

Digitized by srujanika@gmail.com

ମାଜିଷ୍ଟ୍ରେଟ ଚାକିରୀ ଦିଆଗଲା । ସେ କିନ୍ତୁ ସେ ଚାକିରୀକୁ ଉପେକ୍ଷା କଲେ” ପରବର୍ତ୍ତୀ କାଳରେ ମହତାବ ବାବୁ ଗୋଟିଏ ଚିଠିରେ ମୋତେ ଲେଖିଥିଲେ “ତୁମେ ଷଢ଼େଇକଲା ଚାକିରୀରେ ଯୋଗ ଦେଇଥିଲେ ଏତେବେଳକୁ ସେକ୍ରେଟାରୀ ହୋଇ ସାରନ୍ତଣି”ଠିକ୍ ଏହି ମର୍ମରେ ସାର୍ ମୋତେ ବରାବର ମୋର ଚାକିରୀ କଥା ମନେ ପକାଇ ଦେଉଥିଲେ । ଜଣେ କଲେଜ ଶିକ୍ଷକର ନିଅଣ୍ଡିଆ ଏବଂ ନିରାମିଷାଶୀ ଚାକିରୀ ଜୀବନର ଦହନ ଏବଂ ଯନ୍ତ୍ରଣା ମଧ୍ୟରେ ପ୍ରଶାସନିକ ଏବଂ ଅଧ୍ୟାପନା ଚାକିରୀର ତୁଳନା ଆପେ ଆପେ ମନକୁ ଚପାଇ ରଖେ ।

ସାର୍ କଟକ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବରେ ଯୋଗଦାନ କରିବା ତାଙ୍କ ଜୀବନର ଏକ ବିଶିଷ୍ଟ ଘଟଣା । କାରଣ ଏହାପରେ ସାର୍ କଟକ ନଗରୀକୁ ତାଙ୍କର କର୍ମଭୂମି ରୂପେ ଗ୍ରହଣ କରିନେଲେ । ଅନେକ ଦିନ ପର୍ଯ୍ୟନ୍ତ ବାଣପୁର ଘର ଏବଂ ଜମିବାଡ଼ି ବିଷୟ ବୁଝୁଥିଲେ । କଟକରେ ପ୍ରଥମେ ସେ ଷ୍ଟୁଆର୍ଟ ପାଟଣାରେ ଜଣେ ଖ୍ରୀଷ୍ଟିୟାନ୍ ମହିଳାଙ୍କ ଘରେ ଭଡ଼ାରେ ରହୁଥିଲେ । ଚାହୁଁ ଚାହୁଁ ସମୟ ବଢ଼ି ଚାଲିଲା । ରେଭେନ୍‌ସା କଲେଜରେ ପ୍ରଥମେ ଓଡ଼ିଆ ସ୍ନାତକୋତ୍ତର ବିଭାଗ ଆରମ୍ଭ ହେଲା ୧୯୪୬ ଡିସେମ୍ବର ମାସରେ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି, ଅଧ୍ୟାପକ ଡକ୍ଟର କରୁଣାକର କର ଥିଲେ ବିଭାଗର ସର୍ବୋଚ୍ଚ କର୍ତ୍ତା । ଆମେ ତିନିଜଣ ରେଭେନ୍‌ସା କଲେଜରେ ଓଡ଼ିଆ ଏମ୍.ଏ. କ୍ଲାସରେ ପ୍ରଥମେ ନାମ ଲେଖାଇଥିଲୁ । କଳାହାଣ୍ଡିର ଅର୍ଜୁନ ଯୋଷୀ, ମୁଁ ଏବଂ ଶାନ୍ତି ଦେବୀ । ଏହା ପୂର୍ବରୁ ମୁଁ କଲିକତା ଯାଇ ଓଡ଼ିଆ ଏମ୍.ଏ ପଢ଼ିବି ବୋଲି ବ୍ୟବସ୍ଥା କରିଥିଲି । ପଣ୍ଡିତ ବିନାୟକ ମିଶ୍ର ଏ ଦିଗରେ ମୋତେ ଉତ୍ସାହିତ କରିଥିଲେ । ସାର୍ ଏବଂ ପଣ୍ଡିତ ବିନାୟକ ମିଶ୍ର ବାଣପୁରରେ ପଡ଼ୋଶୀ ଥିଲେ ଏବଂ ପରବର୍ତ୍ତୀ କାଳରେ ସେମାନେ ଘନିଷ୍ଠ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇଥିଲେ । ସେହିପରି ଖ୍ରୀଷ୍ଟ ମହାବିଦ୍ୟାଳୟର ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ମଧ୍ୟ ସାର୍‌ଙ୍କର ଖୁବ୍ ଆତ୍ମୀୟ ଥିଲେ । ୧୯୪୬ ମସିହାରେ କଲିକତାରେ ହିନ୍ଦୁ ମୁସଲମାନ ସାମ୍ପ୍ରଦାୟିକ ଦଙ୍ଗାର ବିଭୀଷିକା ମଧ୍ୟରେ ରାତି ରାତି ମୋତେ କଲିକତା ଛାଡ଼ିବାକୁ ହୋଇଥିଲା । କଲିକତାରେ ବିନାୟକ ମିଶ୍ରଙ୍କ ବାସସ୍ଥାନ ବେଙ୍ଗଲ ବୋର୍ଡ଼ିଙ୍ଗରୁ

Digitized by srujanika@gmail.com

ହାଓଡ଼ା ଷ୍ଟେସନ ଯାଏଁ ପହଞ୍ଚିବା ପାଇଁ ମୋତେ ବହୁ ଆୟାସ କରିବାକୁ ପଡ଼ିଥିଲା । ସାର୍ ଏହାପରେ ମୋତେ ମାସେ ଦୁଇମାସ ପାଇଁ ତିର୍ତ୍ତୋଲ ହାଇସ୍କୁଲକୁ ପଠାଇଥିଲେ ।

ସେହି ବର୍ଷ ଡିସେମ୍ବର ମାସରେ ରେଭେନ୍‌ସା କଲେଜରେ ଓଡ଼ିଆ ଏମ୍.ଏ ଶ୍ରେଣୀ ଆରମ୍ଭ ହୋଇଥିଲା । ଏମ୍.ଏ. ପଢ଼ିବା ସମୟରେ ସାର୍ ବହୁ ଭାବରେ ମୋତେ ସାହାଯ୍ୟ କରିଥିଲେ । ମୁଁ ସେତେବେଳେ କଲେଜର ପଶ୍ଚିମ ଛାତ୍ରାବାସରେ ରହୁଥିଲି । ଗଡ଼ଜାତ ଆନ୍ଦୋଳନ ମିଶ୍ରଣ ପରେ ଧିମେଇ ଆସିଥିଲା, ମାତ୍ର ମୋ ପରି ରାଜଦ୍ରୋହୀଙ୍କ ବିରୋଧରେ ରାଜତନ୍ତ୍ରର ପ୍ରତିଶୋଧ ପାଲା ଲାଗି ରହିଥିଲା । ଲୋକନାଥ ଚୌଧୁରୀ ସେତେବେଳେ ମୋ ରୁମ୍‌ରେ ଆତ୍ମଗୋପନ କରି ରହିଥିଲେ । ଦିନକର ଘଟଣା । ମୁଁ ଏବଂ ଲୋକନାଥ ରୁମ୍ ଭିତରେ ଶୋଇଥିଲୁ । ସମୟ ରାତି ୧୨ଟା ହେବ । ରୁମ୍ ବାହାରେ କବାଟରେ ଠକ୍ ଠକ୍ ଶବ୍ଦ ଶୁଣାଗଲା । କବାଟ ଖୋଲି ଦେଖି ଚମକି ପଡ଼ିଲି । ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଦାସଗୁପ୍ତ । ତାଙ୍କର ପ୍ରଶ୍ନ 'ଏକଟା ଓ୍ୟାରେଣ୍ଟ ଆଛେ ।' ଓ୍ୟାରେଣ୍ଟ ଶବ୍ଦ ଶୁଣି ଲୋକନାଥ ଖଟିଆ ତଳକୁ ଖସି ଯାଇଥିଲେ । ମୁଁ କହିଲି, 'କାଲି ସକାଳେ ଆପଣଙ୍କୁ ଦେଖା କରିବି ।' ସତକୁ ସତ ମୋ ନାମରେ ରଣପୁର କୋର୍ଟରୁ ଓ୍ୟାରେଣ୍ଟ ଆସିଥିଲା । ମଙ୍ଗଳାବାଗ ଥାନା ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ପ୍ରଥମେ ମୋ ବିଷୟରେ ପଚରା ଉଚରା କରିଥିଲା । ଯାହାହେଉ ପ୍ରଫେସର ଦାସଗୁପ୍ତ ମୋତେ ପୋଲିସ ହାତରେ ଧରାଇ ଦେଲେ ନାହିଁ । ଏହାପରେ ମୁଁ ସିଧା କୋର୍ଟରେ ହାଜିରା ଦେଲି । ବନ୍ଧୁ ରାମଚନ୍ଦ୍ର ରାମ ମୋତେ ଜାମିନିରେ ଆଣିଥିଲେ । ଏମିତି କେତେ ଘଟଣା ସେତେବେଳେ ମୋର ରାଜନୈତିକ ଏବଂ ଛାତ୍ର ଜୀବନକୁ ଅସ୍ତବ୍ୟସ୍ତ କରି ଦେଇଥିଲା । ପ୍ରତ୍ୟେକ ଘଟଣାରେ ସାର୍‌ଙ୍କୁ ଖବର ଦେଇ ପରାମର୍ଶ ମାଗୁଥିଲି । ୧୯୪୮ ମସିହାରେ ଏମ୍.ଏ. ପରୀକ୍ଷା ଦେଇ ପାଶ୍ କଲି । ହଠାତ୍ ଦିନେ ସାର୍‌ଙ୍କ ଦସ୍ତଖତରେ ଖ୍ରୀଷ୍ଟ କଲେଜରୁ ଖଣ୍ଡିଏ ଚିଠି ପାଇଲି "You are appointed lecturer in Oriya in this college on a consolidated pay of Rs. 190 only."

ଏହି ସମୟରେ ମହାନଦୀ, ଚିତ୍ରୋତ୍ପଳା, ଲୁଣା, କରାଣ୍ଡିଆ ପ୍ରଭୃତି ନଦୀ ଘେରରେ ପାଟକୁରା ଥାନାର କୋରୁଆ ହାଇସ୍କୁଲରେ ତିନିଚାରି ମାସ ପାଇଁ ଅଟକି

Digitized by srujanika@gmail.com

ଯାଇଥିଲି । ସେତେବେଳେ କଟକ-ପାରାଦ୍ୱୀପ ରାସ୍ତାର ନୂଆପଡ଼ାଠାରେ ବସରୁ ଓହ୍ଲାଇ, ମହାନଦୀ, ପାଇକା ପାର ହୋଇ ତେଣ୍ଡାକୁଡ଼ା, କଙ୍କଡ଼ା, ବିଲହାଟ, ଚୁଡ଼ିଆପଡ଼ା, ନାଗଣପୁର, କୋଶିଦା, ମାହାଙ୍ଗା ଗାଁ ବାଟେ କୋରୁଆରେ ପହଞ୍ଚିବାକୁ ପଡୁଥିଲା । ଦିନେ ଦିନେ ପ୍ୟାଣ୍ଟ କାଢ଼ି, ଲୁଙ୍ଗି ପିନ୍ଧି ନଈ ପାଣିରେ ପଶି ଯିବାକୁ ପଡୁଥିଲା । ମୋର କୋରୁଆ ହାଇସ୍କୁଲରେ ରହଣି ସମୟ ବଡ଼ ରୋମାଣ୍ଟିକ୍ ଏବଂ ଆବେଗପୂର୍ଣ୍ଣ ଥିଲା । ଚିତ୍ରୋତ୍ପଳା ନଦୀର ବନ୍ୟା, କୋରୁଆ ଜମିଦାର ଶ୍ୟାମସୁନ୍ଦର କାନୁନ୍‌ଗୋଙ୍କର ସାମନ୍ତବାଦୀ ଚଳଣି । ଆଶ୍ରମ ବାଲିକୁଦାର ବାୟା ବାବାଙ୍କର ନାମଯଜ୍ଞ ସାଧନା, ମୋର ଭାବପ୍ରବଣ ଯୁବକ ମନରେ ସ୍ୱପ୍ନର ଇନ୍ଦ୍ରଧନୁ ତୋଳିଥିଲା । ଦିନେ ସାର୍ କୋରୁଆ ହାଇସ୍କୁଲରେ ପ୍ରଧାନଶିକ୍ଷକ ଥିଲେ । ପୁରୁଣା ଫାଇଲ୍ ପତ୍ରରେ ତାଙ୍କର ହସ୍ତାକ୍ଷର ଦେଖିଲେ, ମୋତେ ବଡ଼ ଖୁସି ଲାଗୁଥିଲା । ଜମିଦାର କାନୁନ୍‌ଗୋ, ହେଡ୍‌ମାଷ୍ଟର ବୈଷ୍ଣବ ଚରଣ ମହାନ୍ତି, କିରାଣୀ ଦୟାନିଧି ମହାନ୍ତି, ଶିକ୍ଷକ ରାଜକିଶୋର ନାୟକ, ଭଗବାନ ନାୟକ, ପ୍ରଫୁଲ୍ଲ କୁମାର ମିଶ୍ର, ପିଅନ ଚନ୍ଦ୍ରମଣି – ସମସ୍ତଙ୍କର ଏକା ଜିଦ୍, ମୁଁ କୋରୁଆରେ ଯେମିତି ରହିବି । ସେହି ସମୟରେ ଷ୍ଟିୱାର୍ଟ ବିଜ୍ଞାନ କଲେଜର ଅଧ୍ୟକ୍ଷ ବାମଫିଲ୍‌ଡ ସାହେବ ତାଙ୍କ କଲେଜରେ ପ୍ରତି ସପ୍ତାହରେ ଗୋଟାଏ ପିରିଅଡ଼ ପଢ଼ାଇବା ପାଇଁ ନିଯୁକ୍ତି ପତ୍ର ଦେଲେ । କୋରୁଆରେ ରହି ମାସେ ଦୁଇମାସ ଷ୍ଟିୱାର୍ଟ ବିଜ୍ଞାନ କଲେଜରେ ପଢ଼ାଇଥିଲି ମଧ୍ୟ । ମାତ୍ର ସର୍ବଶେଷରେ ସାର୍‌ଙ୍କର ପ୍ରସ୍ତାବ ହେଲା, ଯେବେ ଚାକିରୀ କରିବା କଥା, ତେବେ କଟକ ସହରରେ ରହି ଯୋଗାଡ଼ କରିବାକୁ ପଡ଼ିବ । ରାଜନୀତି ଓ ସମାଜସେବା କଲେ ଶେଷରେ ଅନୁତାପ କରିବାକୁ ପଡ଼ିବ । ସାର୍‌ଙ୍କର ଯୁକ୍ତି ନିକଟରେ ମୁଣ୍ଡ ନୁଆଁଇଲି । କିଛିଦିନ ପରେ ସରକାରଙ୍କର ନିଯୁକ୍ତିପତ୍ର ମିଳିଲା । ମୁଁ ରେଭେନ୍‌ସା କଲେଜରେ ଅକ୍ଟୋବର ମାସ ୧୯୪୯ ମସିହାରେ ଓଡ଼ିଆ ଅଧ୍ୟାପକ ଭାବରେ ଯୋଗଦେଲି । ଛାତ୍ର ଜୀବନର ଯୁବକ ସୁଲଭ ଉନ୍ମାଦନା, ସ୍ୱାଧୀନତା ସଂଗ୍ରାମର ଭାବପ୍ରବଣତା, ବାଣପୁର ଜୀବନର ସ୍ୱପ୍ନ ଓ ପ୍ରଣୟ, ପଛରେ ପଡ଼ି ରହିଲା । ସ୍ୱାଧୀନତା ଏବଂ ମୁକ୍ତିର କେତେ ପ୍ରତିଶ୍ରୁତି । ସାର୍‌ଙ୍କର ସରଳ ନିରଳସ ଜୀବନର ଆକର୍ଷଣ । ପରବର୍ତ୍ତୀ କାଳରେ ଚାକିରୀ ସର୍ବସ୍ୱ ଜୀବନର ଯନ୍ତ୍ରଣା ମଧ୍ୟରେ ଯେମିତି ଧୀରେ ଧୀରେ ଶିଥିଳ ହୋଇ ଆସିଥିଲା ।

Digitized by srujanika@gmail.com

ମୋ ଜୀବନର କର୍ମଭିତ୍ତିକ ଆଦର୍ଶରେ ସାର୍‌ଥିଲେ ଏକ ଅପୂର୍ବ ଭାବମୂର୍ତ୍ତି । ଆଇ.ଏ., ବି.ଏ. ଏବଂ ଏମ୍.ଏ. ପଢ଼ିବା ବେଳର ଯଥାକ୍ରମେ ମିନର୍ଭା ମେସ୍, ପ୍ରଗତି ମେସ୍, ବଙ୍ଗାଳି ସାହି ମେସ୍, ଝୋଲା ସାହି ମେସ୍, ଚାଉଳିଆଗଞ୍ଜର ଭାରତୀ ଭବନ ମେସ୍ ଏବଂ ଓଏଷ୍ଟ ହଷ୍ଟେଲରେ ରହିବା ସମୟରେ ସାର୍ ବରାବର ମୋ ନିକଟକୁ ଆସୁଥିଲେ ଏବଂ ମୋର ପଢ଼ାପଢ଼ି ସୁବିଧା ଅସୁବିଧା ବୁଝୁଥିଲେ । ବିଷ୍ଟୁ ବକ୍‌ଲେ ହାଇସ୍କୁଲରେ ପଢ଼ିବା, ଜଗନ୍ନାଥ ପ୍ରଭୃତି ଖ୍ରୀଷ୍ଟ ହାଇସ୍କୁଲରେ ପଢ଼ିବା ବେଳର ସମ୍ପର୍କ ଗୋଟିଏ ପରିବାରର ବନ୍ଧନ ସ୍ୱରୂପ ଥିଲା । ମିସେସ୍ ଦାସଙ୍କର ମୋ ପ୍ରତି ଯେଉଁ ସ୍ନେହ ମମତା ତାହା ଭୁଲିବାର ନୁହେଁ । ସାର୍ ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଭାବରେ ବହୁ ବର୍ଷ ସଫଳତାର ସହିତ କାର୍ଯ୍ୟ କରିଥିଲେ । କଲେଜ କର୍ତ୍ତୃପକ୍ଷ ଛାତ୍ର ତଥା ସହକର୍ମୀଙ୍କ ମଧ୍ୟରେ ତାଙ୍କର ଖୁବ୍ ସୁନାମ ଥିଲା । ସାର୍‌ଙ୍କର ଇଂରେଜୀ ଜ୍ଞାନ ଏବଂ ଫାଇଲ୍ କାମ କରିବାର ଦକ୍ଷତା ଉଚ୍ଚ ଧରଣର ଥିଲା । ସଂସ୍କୃତ ଜ୍ଞାନ ମଧ୍ୟ ଉଲ୍ଲେଖଯୋଗ୍ୟ ।

ମୁଁ ରେଭେନ୍‌ସା କଲେଜରେ କୋଡ଼ିଏ ବର୍ଷ ଅଧ୍ୟାପନା କରିବା ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଚାଲିଗଲି । ସାର୍‌ଙ୍କ ସହିତ ଚିଠି ପତ୍ରରେ ସମ୍ପର୍କ ଥିଲା । ଶିକ୍ଷକ ଏବଂ ଅଧ୍ୟାପକ ଶ୍ରୀଧର ଦାସ ଓଡ଼ିଆ ସାହିତ୍ୟରେ ବିଶେଷତଃ ଶିଶୁ ସାହିତ୍ୟ ଜଗତରେ ଲେଖନୀର ଚୂଡ଼ାନ୍ତ ସିଦ୍ଧି ଏବଂ ସଫଳତା ଅର୍ଜନ କରିଥିଲେ । ଇଂରେଜ କାବ୍ୟ କବିତାର ଅନୁବାଦଠାରୁ, ବିଶ୍ୱ ସାହିତ୍ୟର ଲୋକପ୍ରିୟ ଉପନ୍ୟାସ ଏବଂ କାହାଣୀକୁ ଓଡ଼ିଆ ପାଠକମାନଙ୍କ ପାଖରେ ପହଞ୍ଚାଇବାରେ ସେ ଥିଲେ ଅଗ୍ରଣୀ । ତାଙ୍କର ରାଶି ରାଶି ଶିଶୁ ରଚନା, ଗଳ୍ପ କାହାଣୀରେ ଓଡ଼ିଆ ଶିଶୁ ସାହିତ୍ୟ ସମୃଦ୍ଧ । ତାଙ୍କ ଚରିତ୍ରରେ ପ୍ରତିଫଳିତ ପ୍ରାଚୀନ ଗୁରୁକୁଳର ଆଦର୍ଶ, ତପୋନିଷ୍ଠା, ଏକାଗ୍ରତା ଏବଂ ଅଧ୍ୟବସାୟ ଅନନ୍ୟ ସାଧାରଣ । ଲୋକଦୃଷ୍ଟିର ଅନ୍ତରାଳରେ ଏପରି ଏକ ଦିବ୍ୟ ପ୍ରତିଭାଶାଳୀ ବ୍ୟକ୍ତି ଏବଂ ରାଷ୍ଟ୍ର ଜୀବନରେ ଏକ ମହାନ କର୍ମ ପରମ୍ପରା ଏବଂ ଏକ ଭିନ୍ନ ସାହିତ୍ୟିକ ରୁଚି ସୃଷ୍ଟି କରିଥିଲେ । ପଞ୍ଚତନ୍ତ୍ରର ଓଡ଼ିଆ ଅନୁବାଦ ତାଙ୍କରି କୃତିତ୍ୱ । ସାର୍‌ଙ୍କ ସହିତ ଏବଂ ତାଙ୍କ ପିଲାମାନଙ୍କ ସହିତ ମୋର ଯେଉଁ ସହୃଦୟତାର ସମ୍ପର୍କ, ତାହା ମୋ ଜୀବନର ବହୁ ପ୍ରେରଣା ଏବଂ ସ୍ମୃତିର ସାମଗ୍ରୀ । ତାଙ୍କର ଅଧ୍ୟାପକ ଜୀବନରେ ତାଙ୍କ ସହିତ ବିଶ୍ୱବିଦ୍ୟାଳୟ ଏବଂ ବୋର୍ଡ଼ କାର୍ଯ୍ୟରେ ମୁଁ ବହୁ ଭାବରେ ସମ୍ପୃକ୍ତ ହୋଇଥିଲି ।

Digitized by srujanika@gmail.com

ସେ ସବୁ ବିବରଣୀର ବର୍ଣ୍ଣନା ଏହି କ୍ଷୁଦ୍ର ଲେଖାରେ ସମ୍ଭବ ନୁହେଁ । ତାଙ୍କର ଏକମାତ୍ର କନ୍ୟା ସରକାରୀ ହାଇସ୍କୁଲରେ ଶିକ୍ଷୟତ୍ରୀ । ତିନି ପୁଅ ଯଥାକ୍ରମେ ଆଇ.ଏ.ଏସ୍., ରେଳବାଇ ସର୍ଭିସ୍ ଏବଂ ଇଞ୍ଜିନିୟରିଂ ସର୍ଭିସ୍‌ରେ ପ୍ରତିଷ୍ଠିତ । ଜୀବନର ଶେଷ ପର୍ଯ୍ୟନ୍ତ କର୍ମବୀର ପୌରୁଷ ଭାବରେ ସେ ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇଥିଲେ । ଶେଷରେ ସାର୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ହିତୋପଦେଶ'ରୁ ଗୋଟିଏ ଶ୍ଳୋକ ଉଦ୍ଧାର କରୁଛି ।

"ଯସ୍ୟ ମିତ୍ରେଣ ସମ୍ଭାଷୋ ଯସ୍ୟ ମିତ୍ରେଣ ସଂସ୍ଥିତିଃ
ଯସ୍ୟ ମିତ୍ରେଣ ସଂଳାପସ୍ତତୋ ମସ୍ତୀହ ପୁଣ୍ୟବାନ୍ ।"

ଏହାର ଅର୍ଥ ହେଲା ଯିଏ ମିତ୍ର ସହିତ ସମ୍ଭାଷଣ କରେ, ମିତ୍ର ସହିତ ବାସ କରେ, ମିତ୍ର ସହିତ ଆଳାପ କରେ, ତାହାଠାରୁ ପୁଣ୍ୟବାନ୍ ଆଉ କେହି ନାହିଁ ।

■■■

Digitized by srujanika@gmail.com

ସ୍ମୃତିରୁ ଖିଏ

ଡକ୍ଟର ଦେବେନ୍ଦ୍ର ମହାନ୍ତି

ଏବେ ବି ମନେଅଛି – ସେ ଚିଠିଟି ଏବେ ବି ମୋ ପାଖରେ ଅଛି । ୧୯୫୯ ମସିହା ଅଗଷ୍ଟ ମାସ ୯ ତାରିଖ ସକାଳେ ଖ୍ରୀଷ୍ଟ ମହାବିଦ୍ୟାଳୟର ତତ୍କାଳୀନ ଜଣେ କର୍ମଚାରୀ ବାଞ୍ଛାନିଧି ଚୌଧୁରୀ ହଠାତ୍ ମୋର ସୁତାହାଟସ୍ଥିତ ବାସଗୃହରେ ପହଞ୍ଚି ମୋତେ ଖଣ୍ଡିଏ ପତ୍ର ଦେଲେ । ପତ୍ରଟି ଦେଇଥିଲେ ଅଧ୍ୟାପକ ଶ୍ରୀଧର ଦାସ । ଇଂରେଜୀରେ ଲେଖିଥିଲେ, ମୋର ଚାକିରୀ ପାଇଁ ସେ କାହିଁକି ପତ୍ର ଲେଖୁଥିଲେ, ଏହା ଏକ ସାଧାରଣ ପ୍ରଶ୍ନ ହୋଇପାରେ । ସେଥିପାଇଁ ମୂଳରୁ କହି ରଖୁଛି, ସେତେବେଳେ ଖ୍ରୀଷ୍ଟ କଲେଜ କହିଲେ ବୁଝାଉଥିଲା ଜଣେ ଲୋକର ଉତ୍ସର୍ଗୀକୃତ ଜୀବନର କର୍ମକ୍ଷେତ୍ର । ସେହି ଲୋକଟି ଥିଲେ ଅଧ୍ୟାପକ ଶ୍ରୀଧର ଦାସ । ଅଧ୍ୟାପକଙ୍କଠାରୁ ଆରମ୍ଭ କରି ପିଅନଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କର ସେ ଥିଲେ ପରାମର୍ଶଦାତା । କେବଳ ଶିକ୍ଷାଦାନ ନୁହେଁ, କଲେଜରେ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର କର୍ମପ୍ରବଣତା ସମ୍ପୂର୍ଣ୍ଣ ଭାବରେ ବ୍ୟାପ୍ତ ଥିଲା । ଖ୍ରୀଷ୍ଟ କଲେଜରେ କର୍ମରତ ଥିବା ସମୟ ମଧ୍ୟରେ ସେ କଲେଜ କର୍ତ୍ତୃପକ୍ଷଙ୍କୁ ବହୁ କାର୍ଯ୍ୟରେ ସହାୟତା କରିଥିଲେ କହିଲେ ତାଙ୍କ ପ୍ରଶଂସା ଯଥେଷ୍ଟ ହେବ ନାହିଁ । ମାତ୍ର ତାଙ୍କର ସ୍ୱତଃ ସାହାଯ୍ୟକାରୀ ମନୋବୃତ୍ତିର ପ୍ରତିଦାନରେ ସେ ଯେ ବିଶେଷ କିଛି ପାଇନାହାନ୍ତି, ଏକଥାକୁ ଅସ୍ୱୀକାର କରିବାର ଉପାୟ ନାହିଁ ।

ସେ ଥିଲେ ଓଡ଼ିଆ ସାହିତ୍ୟର ଅଧ୍ୟାପକ । ତାଙ୍କର ଶିକ୍ଷାଦାନ ପ୍ରଣାଳୀ ଅନ୍ୟ ଅଧ୍ୟାପକମାନଙ୍କ ନିକଟରେ ଶିକ୍ଷଣୀୟ ବିଷୟ । ତାଙ୍କ ବିଜ୍ଞତା ନିକଟରେ ଆମେ ସବୁ ନତମସ୍ତକ ହେଉଥିଲୁ । ପ୍ରାଚୀନ ସାହିତ୍ୟରେ ତାଙ୍କର ଦକ୍ଷତା ଅକଳନୀୟ । ତଥାପି ଆଧୁନିକ ସାହିତ୍ୟରେ ତାଙ୍କ ପ୍ରବେଶ ଯଥେଷ୍ଟ ଥିଲା । ତାଙ୍କ ସହିତ କର୍ମ କରିବାର ସୌଭାଗ୍ୟ ଆମେ କେତେଜଣ ପାଇଥିଲୁ ଏବଂ କୌଣସି ପ୍ରକାର ଅସୁବିଧା ଦେଖାଦେଲେ

Digitized by srujanika@gmail.com

ତାଙ୍କ ପରାମର୍ଶ ପାଇଁ ଅପେକ୍ଷା କରୁଥିଲୁ । ଯେତେ ଯାହା ଅସୁବିଧା ହେଉନା କାହିଁକି, ସେସବୁକୁ ସେ ହସି ହସି ଅତ୍ୟନ୍ତ ସହଜ ଭାବରେ ଦୂର କରିବାର ପଥ ପ୍ରଦର୍ଶନ କରୁଥିଲେ । କେବଳ କଲେଜ ଜୀବନର ସହକର୍ମୀ ଭାବରେ ନୁହେଁ, ଆମେ ସବୁ ଅନୁଭବ କରି ପାରୁଥିଲୁ, ସତେ ଯେପରି ଆମେ ସବୁ ତାଙ୍କ ପରିବାରଭୁକ୍ତ । ସହକର୍ମୀମାନଙ୍କୁ ଏପରି ଆନ୍ତରିକତା ସହିତ ଆପଣାର କରିନେବା ସ୍ୱଭାବ ଓଡ଼ିଶାରେ ଖୁବ୍ କମ୍ ଲୋକଙ୍କ ମଧ୍ୟରେ ଦେଖାଦିଏ । ଏ ପ୍ରସଙ୍ଗରେ ଗୋଟିଏ ଦୁଇଟି ଘଟଣା ଏଠାରେ ଉଲ୍ଲେଖ ନ କରି ରହିପାରୁ ନାହିଁ ।

ସେତେବେଳେ କଲେଜର ଅଧ୍ୟକ୍ଷ ଥିଲେ ରେଭରେଣ୍ଡ ବ୍ରହ୍ମାନନ୍ଦ ମହାନ୍ତି । ସେ ଥିଲେ ଜଣେ ସୁଦକ୍ଷ ପ୍ରଶାସକ ଓ ଅଭିଜ୍ଞ ଅଧ୍ୟାପକ । ଇଂରେଜୀ ସାହିତ୍ୟରେ ତାଙ୍କ ଅଧ୍ୟାପନା ଅତ୍ୟନ୍ତ ଉଚ୍ଚକୋଟୀର । ସକାଳୁ ଆସି ସେ ପ୍ରତ୍ୟେକ କ୍ଲାସରେ ବୁଲି ବୁଲି ଅଧ୍ୟାପନା ପର୍ଯ୍ୟବେକ୍ଷଣ କରନ୍ତି । ଦିନେ ଆମରି ବିଭାଗର ଜଣେ ଅଧ୍ୟାପକ ଆସି କ୍ଲାସ ନେବା ପାଇଁ ଦଶ ମିନିଟ୍ ଡେରି ହୋଇଗଲା । ଅଧ୍ୟକ୍ଷ ସେହି ଅଧ୍ୟାପକଙ୍କୁ କୈଫିୟତ୍ ମାଗିବା ପାଇଁ ଅଧ୍ୟାପକ ଶ୍ରୀଧର ଦାସଙ୍କୁ ଆଦେଶ ଦେଲେ । ଆମେ ସବୁ ଅଧ୍ୟାପକମାନଙ୍କ ବସିବା ଘରେ ବସିଛୁ । ହଠାତ୍ ଅଧ୍ୟାପକ ଶ୍ରୀଧର ଦାସ ଦୁଇଖଣ୍ଡି ଟାଇପ୍‌କରା କାଗଜ ଆଣି ସମ୍ପୃକ୍ତ ଅଧ୍ୟାପକଙ୍କୁ ଦେଲେ ଓ ଖଣ୍ଡିକରେ ଦସ୍ତଖତ କରି ତାଙ୍କୁ ଫେରାଇ ଦେବାକୁ କହିଲେ । ସମ୍ପୃକ୍ତ ଅଧ୍ୟାପକ ଜଣକ ହୁଏତ କଥାଟାକୁ ଭଲଭାବରେ ଗ୍ରହଣ କଲେ ନାହିଁ । ସେହି ଦୁଇଖଣ୍ଡି କାଗଜରୁ ଖଣ୍ଡିଏ ଥିଲା କୈଫିୟତ୍ ମାଗିବାର ଚିଠି ଓ ଅନ୍ୟଟି ଥିଲା କୈଫିୟତ୍ । କୈଫିୟତ୍‌ରେ ଅଧ୍ୟାପକ ଶ୍ରୀଧର ଦାସ କାରଣ ଦର୍ଶାଇଥିଲେ ଯେ, ସମ୍ପୃକ୍ତ ଅଧ୍ୟାପକ ସାଇକେଲ୍‌ରେ କଲେଜକୁ ଆସୁଥିବା ସମୟରେ ବାଟରେ ସାଇକେଲ୍ ଚକରୁ ପମ୍ପ ବାହାରିଯିବା ଫଳରେ ସେ ଠିକ୍ ସମୟରେ ଆସି କଲେଜରେ ପହଞ୍ଚି ପାରିଲେ ନାହିଁ । ଏଠାରେ କେବଳ ଏତିକି କହିବାର କଥା, କର୍ତ୍ତୃପକ୍ଷ କେବଳ କୈଫିୟତ୍ ମାଗିବା ପାଇଁ ସିନା ଆଦେଶ ଦେଇଥିଲେ, ମାତ୍ର କୈଫିୟତ୍‌ଟା ତିଆରି କରିଦେବା ପାଇଁ ନୁହେଁ । ଅଧ୍ୟାପକ ଶ୍ରୀଧର ଦାସ ତାଙ୍କ ସହକର୍ମୀମାନଙ୍କୁ କେତେ ଆପଣାର ଭାବୁଥିଲେ ତାହା ଏହି ପ୍ରକାର ବହୁ ଘଟଣାରୁ ଜଣାପଡ଼େ ।

Digitized by srujanika@gmail.com

ବୋଧହୁଏ ୧୯୬୧ ମସିହା । ମୁଁ ସେତେବେଳେ ମୋର କେତେଖଣ୍ଡି ବହି ତାଙ୍କୁ ଉପହାର ସ୍ୱରୂପ ଦେଇଥିଲି । ସେ ତାକୁ ପାଇ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । କେବଳ ସେତିକି ନୁହେଁ ମୋତେ ଏ ଦିଗରେ ଉତ୍ସାହିତ କରିବା ପାଇଁ ସେ ତାଙ୍କଦ୍ୱାରା ଲିଖିତ ଏକ ପୁସ୍ତକରେ ମୋର ବହିଗୁଡ଼ିକୁ ଉଦାରତାର ସହିତ ସ୍ୱୀକୃତି ଦେଇଥିଲେ । ଏହା ମୋ ପକ୍ଷରେ କମ୍ ଗୌରବର କଥା ନୁହେଁ । ସେହିବର୍ଷ ସେ ଥରେ ମୋ ଘରକୁ ଯାଇଥିଲେ । ମୁଁ ସେତେବେଳେ ବାହାରକୁ ଯାଇଥିଲି । ସେ ମୋ ପଢ଼ା ଟେବୁଲ ପାଖରେ ବସି ବହିପତ୍ର ଦେଖୁଥିଲେ । ମୁଁ ଯେତେବେଳେ ଆସି ପହଞ୍ଚି ଦେଖେ ତ ସେ ଟେବୁଲ ପାଖରେ ବସି ଅତ୍ୟନ୍ତ ନିବିଷ୍ଟ ଚିତ୍ତରେ କ'ଣ ଗୁଡ଼ାଏ ଲେଖୁଛନ୍ତି । ମୋତେ ଦେଖି ତାଙ୍କ ଲେଖା ବନ୍ଦ କଲେ ଏବଂ କହିଲେ ଅଳ୍ପ ସମୟ ମଧ୍ୟରେ ଯେତିକି ସମ୍ଭବ ହେଲା ସେତିକି ସାହାଯ୍ୟ ସେ ମୋତେ କରିଛନ୍ତି । ଦେଖିଲି, ସେହି ସମୟରେ ରାଧାନାଥ ରାୟଙ୍କର 'ଚନ୍ଦ୍ରଭାଗା' କାବ୍ୟକୁ ସମ୍ପାଦନା କରିବା ନିମନ୍ତେ ବାରଜଣ ଗୋଟାଏ ପାଖରେ ପାଠୋଦ୍ଧାର କରି ପୃଷ୍ଠାର ନିମ୍ନଦେଶରେ ଟୀକା ନିମନ୍ତେ ଯେଉଁ ସ୍ଥାନ ଛାଡ଼ିଥିଲି ସେଗୁଡ଼ିକୁ ସେ ଲେଖି ଦେଇଛନ୍ତି । ପ୍ରାୟ କାବ୍ୟର ଅର୍ଦ୍ଧାଂଶ ସେ ଟୀକା ଲେଖି ଦେଇଥିଲେ । କୃତଜ୍ଞତାରେ ମୋର ମୁଣ୍ଡ ନଇଁ ଯାଇଥିଲା ସେଦିନ । କର୍ମପ୍ରବଣତାର ଏହା ଏକ ଅପୂର୍ବ ଦୃଷ୍ଟାନ୍ତ ।

ସେମିତି, ଆଉ ଦିନକର କଥା । ମୋର ଗୋଟିଏ ବହିର ପ୍ରୁଫ୍ ପ୍ରେସବାଲା ଆଣି ମୋତେ କଲେଜରେ ଦେଇଗଲା । ମୁଁ ତାକୁ ବ୍ୟାଗ୍ ଭିତରେ ରଖିବା ପୂର୍ବରୁ ସେ ତାକୁ ମୋ ହାତରୁ ନେଇଗଲେ । ତା'ପରେ ମୁଁ କ୍ଲାସକୁ ଚାଲିଗଲି । କ୍ଲାସରୁ ଫେରି ଦେଖେ ତ, ସେ ପ୍ରୁଫ୍‌ଟିକୁ ସମ୍ପୂର୍ଣ୍ଣ ସଂଶୋଧନ କରି ପିଅନ ହାତରେ ଧରାଇ ଦେଇ ଯାଇଛନ୍ତି । ଅଯାଚିତ ଭାବରେ ଅନ୍ୟକୁ କାର୍ଯ୍ୟରେ କେତେଜଣ ଏପରି ଭାବରେ ସାହାଯ୍ୟ କରିପାରନ୍ତି ? ଅଧ୍ୟାପନା ସମୟରେ ବେଳେ ବେଳେ ବାଟବଣା ହେଲେ ନିଃସଙ୍କୋଚ ଭାବରେ ମୁଁ ତାଙ୍କର ସାହାଯ୍ୟ ଭିକ୍ଷା କରିଛି, ସେ ମଧ୍ୟ ଅକୁଣ୍ଠିତ ଭାବେ ମୋର ଅଭାବ ଦୂର କରିଛନ୍ତି ତାଙ୍କର ଜ୍ଞାନଗର୍ଭ ଉପଦେଶ ଦ୍ୱାରା ।

ତାଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ଅଧ୍ୟାପକ ବନ୍ଧୁ ପଠାଣି ପଟ୍ଟନାୟକ ଓ ମୁଁ କେବେହେଲେ କୌଣସି ପ୍ରକାର ଧରାବନ୍ଧା ରୀତି ଅନୁସରଣ କରିନାହୁଁ ।

Digitized by srujanika@gmail.com

ଆମେ ତାଙ୍କ ସହିତ କଥାବାର୍ତ୍ତା ସମୟରେ ଯଦି କେହି ଶୁଣନ୍ତି ତେବେ ସେ ମନେ କରିବେ ଯେ ଆମେ ତିନିହେଁ ଯେପରି ଘନିଷ୍ଠ ବନ୍ଧୁ । ମାତ୍ର ତାଙ୍କ ଆମ ଭିତରେ ବୟସର ବ୍ୟବଧାନ ବହୁତ ଅଧିକ । ସେ ପିତୃତୁଲ୍ୟ, ଆଉ ଆମେ ତାଙ୍କର ସନ୍ତାନୋପମ । ତଥାପି ମମତା ଆମକୁ ତାଙ୍କର ଏତେ ପାଖକୁ ଟାଣି ନେଇଥିଲା । ମମତାର ସେଇ ସ୍ୱାଦ ପାଇବା ପାଇଁ ତାଙ୍କର ଅବସରପ୍ରାପ୍ତି ପରେ ଆମେ ଦୁହେଁ ବାରମ୍ବାର ତାଙ୍କ ପାଖକୁ ଧାଇଁ ଯାଉଥିଲୁ । କେବେ ଆମର ଯିବାରେ କିଛିଦିନ ବିଳମ୍ବ ହୋଇଗଲେ ସେ ଖବର ପଠାଉଥିଲେ ଆମକୁ ଯିବା ଲାଗି । ଆମେ ଯଦି କୌଣସି ଦିନ ଉପରବେଳା ତାଙ୍କ ପାଖରେ ପହଞ୍ଚି ଯାଉଥିଲୁ, ତେବେ ସେ ଆମକୁ ବସାଇ ଦେଇ ସଙ୍ଗେ ସଙ୍ଗେ ନିଜେ ରାସ୍ତା ଉପରକୁ ବାହାରି ପଡୁଥିଲେ ଆମ ପାଇଁ ଜଳଖିଆ ଆଣିବାକୁ । ତାଙ୍କର ସ୍ନେହ ଆମ ପ୍ରତି ସବୁବେଳେ ଅସରନ୍ତି ।

ମୋର ଯେତେବେଳେ ବହି ଖଣ୍ଡିଏ ବାହାରେ, ସେତେବେଳେ ମୁଁ ସେ ଖଣ୍ଡିକ ଧରି ତାଙ୍କ ନିକଟକୁ ଯାଏ । ବହିଟି ଦେଖି ଅତ୍ୟନ୍ତ ଆନନ୍ଦିତ ହୁଅନ୍ତି ସେ । ପୁଣି, କେତେ ପ୍ରକାର ଉପଦେଶ ଦିଅନ୍ତି । ତାଙ୍କର ଉପଦେଶକୁ ସମ୍ପୂର୍ଣ୍ଣ ଭାବରେ ପାଳନ କରିବା ଏ ପର୍ଯ୍ୟନ୍ତ ମୋ ପକ୍ଷରେ ସମ୍ଭବ ହୋଇ ନାହିଁ । ତଥାପି ମୋର ଚେଷ୍ଟା ଏପର୍ଯ୍ୟନ୍ତ ସରି ନାହିଁ । ସେ ଯେତେବେଳେ ଜାଣିବାକୁ ପାଇଲେ ଯେ ମୁଁ ଓଡ଼ିଆ ସାହିତ୍ୟର ଇତିହାସ ଲେଖିବାକୁ ଉଦ୍ୟମ କରୁଛି, ସେତେବେଳେ ସେ ତାଙ୍କ ନିକଟରେ ଥିବା କେତେକ ଦୁଷ୍ପ୍ରାପ୍ୟ ବହି ମୋତେ ଦେଇଥିଲେ ଓ ସେହି ବହି ବିଷୟରେ କେତେକ ଅଜ୍ଞାତ ତଥ୍ୟ ପ୍ରକାଶ କରିଥିଲେ । ସେ ବାରମ୍ବାର ମୋତେ ଆଦେଶ ଦେଇଛନ୍ତି ଖଣ୍ଡିଏ ଓଡ଼ିଆ ଅଭିଧାନ ପ୍ରଣୟନ କରିବାକୁ । ସେ ନିଜେ ନବ ଅଭିଧାନ ପ୍ରଣୟନ କରିଛନ୍ତି । ମାତ୍ର ସେଥିରେ ତାଙ୍କର ସନ୍ତୋଷ ଆସି ନାହିଁ । ତାହା ଅପେକ୍ଷା ଉଚ୍ଚମାନର ଏକ ଓଡ଼ିଆ ଅଭିଧାନ ପ୍ରଣୟନ ପାଇଁ ତାଙ୍କର ବାରମ୍ବାର ଉପଦେଶ ମୋତେ ସେହି କାର୍ଯ୍ୟରେ ଉତ୍ସାହିତ କରିଅଛି ।

ଜ୍ଞାନ ରାଜ୍ୟର ଯେ କୌଣସି ଇଲାକାରେ ତାଙ୍କର ପ୍ରବେଶକୁ ସ୍ୱୀକାର କରିବାର କଥା । ଇଂରେଜୀ ଭାଷା ଓ ସାହିତ୍ୟରେ ତାଙ୍କର ଦକ୍ଷତା ବିଶେଷ ଭାବରେ ଥିଲା । ଇତିହାସ, ଭୂଗୋଳ, ଗଣିତ, ବିଜ୍ଞାନ, ଅର୍ଥନୀତି, ସମାଜନୀତି, ଦର୍ଶନ, ଜ୍ୟୋତିଷ

Digitized by srujanika@gmail.com

ଯାହା ହେଉନା କାହିଁକି ସବୁ ବିଷୟରେ ତାଙ୍କର ଜ୍ଞାନ ଥିଲା ପର୍ଯ୍ୟାପ୍ତ । ସେଥିପାଇଁ ଅଧ୍ୟାପକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଦର୍ଜୀ ତାଙ୍କୁ ନାମିତ କରିଥିଲେ "ଚଳନ୍ତି ଜ୍ଞାନକୋଷ" । ତାଙ୍କର ଏସବୁ ବିଷୟରେ ଜ୍ଞାନ କିପରି ଏତେ ବ୍ୟାପ୍ତ ବୋଲି ଅନେକ ସମୟରେ ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି । ସେଇମାନେ ମଧ୍ୟ ପ୍ରଶ୍ନର ଉତ୍ତର ଦିଅନ୍ତି ଯେ ସେ ଥିଲେ ଜଣେ ପୁରୁଣାକାଳର ହେଡ୍‌ମାଷ୍ଟର । ସେ ସମୟରେ ହେଡ୍‌ମାଷ୍ଟର କହିଲେ ଯାହା ବୁଝାଉଥିଲା ଆଜି ତାହା ବୁଝାଏ ନାହିଁ । ଖ୍ରୀଷ୍ଟ କଲେଜରେ ଓଡ଼ିଆ ବିଭାଗରେ ଅଧ୍ୟାପକ ଚାକିରୀ ଗ୍ରହଣ କରିବା ପୂର୍ବରୁ ସେ ଓଡ଼ିଶାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ କର୍ମ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଶେଷରେ ଯେତେବେଳେ ତାଙ୍କୁ ଓଡ଼ିଆ ଅଧ୍ୟାପକ ଭାବରେ ରେଭେନ୍‌ସା କଲେଜରେ ଯୋଗ ଦେବାକୁ ସୁଯୋଗ ମିଳିଥିଲା, ସେତେବେଳେ ସେ ସେହି ସୁଯୋଗକୁ ଗ୍ରହଣ କରିପାରି ନ ଥିଲେ । କାରଣ ଜଣେ ପ୍ରଧାନଶିକ୍ଷକ ଭାବରେ ସେତେବେଳେ ସେ ଯାହା ଦରମା ପାଉଥିଲେ, ତାହା ଅଧ୍ୟାପକ ଭାବରେ ପାଇବାକୁ ଥିବା ଦରମାଠାରୁ ଅଧିକ ଥିଲା । ସେତେବେଳେ ଓଡ଼ିଆ ଅଧ୍ୟାପକ ପଦକୁ ପ୍ରତ୍ୟାଖାନ କରି ପୁଣି କର୍ମଚକ୍ରର ଆବର୍ତ୍ତନରେ ସେ ଖ୍ରୀଷ୍ଟ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ପଦ ଗ୍ରହଣ କରିଥିଲେ । ସାହିତ୍ୟର ଅଧ୍ୟାପକ, ବିଭିନ୍ନ ଜ୍ଞାନର ଅଧିକାରୀ ହୋଇ ମଧ୍ୟ ତାଙ୍କ ମନରେ ଗର୍ବ ବା ଅଭିମାନର ସତ୍ତା କେହି କେବେ ଲକ୍ଷ୍ୟ କରି ନାହିଁ । ହୋମିଓପାଥି ଚିକିତ୍ସାରେ ମଧ୍ୟ ତାଙ୍କର କମ୍ ଦକ୍ଷତା ନ ଥିଲା ।

ସମୟ ସମୟରେ ଆମେ ତାଙ୍କୁ ତାଙ୍କ ପିଲାବେଳର କଥା, ପାଠପଢ଼ା ବେଳର କଥା, ଭାରତର ସ୍ୱାଧୀନତା ଆନ୍ଦୋଳନର କଥା ପଚାରୁ । ସେ କଥାର ଖିଅ ଏପରି ଭାବେର ଯୋଡ଼ି ଦିଅନ୍ତି ଯେ ଆମେ ସବୁ ତହିଁରେ ମୁଗ୍ଧ ହୋଇଯାଉ । ସ୍ୱାଧୀନତା ଆନ୍ଦୋଳନ ବିଷୟରେ ବହୁତ କଥା ସେ ଆମକୁ କହିଛନ୍ତି । ସେପରି ଗୋଟିଏ ଦୁଇଟି କଥା ଏଠି ପ୍ରକାଶ ନ କରି ରହିପାରୁ ନାହିଁ ।

ଥରେ ଗୋପବନ୍ଧୁ ଦାସ କଟକ ଆସି କାଠଯୋଡ଼ି ବାଲିରେ ସଭା କରୁଥାଆନ୍ତି । ସେତେବେଳେ ଇଂରେଜ ସରକାରର ଉତ୍ପାତ କହିଲେ ନ ସରେ । ଶ୍ରୀଧର ବାବୁ ସେତେବେଳେ ଟ୍ରେନିଂସ୍କୁଲ ହଷ୍ଟେଲରେ ଥାଆନ୍ତି । ଜଣେ ପୋଲିସ

Digitized by srujanika@gmail.com

ସବ୍‌ଇନ୍ସପେକ୍ଟର ହଷ୍ଟେଲକୁ ଆସି ଜଣେ ପିଲାକୁ ସଭାସ୍ଥଳକୁ ଯିବା ପାଇଁ ବାରମ୍ବାର ପ୍ରବର୍ତ୍ତାଇଲେ । ପିଲାଜଣକ ଗିରଫ ହେବା ଆଶଙ୍କା କରି ତାଙ୍କ କଥାରେ ରାଜି ହେଲା ନାହିଁ । ସେ ତାକୁ ସବୁପ୍ରକାର ଆଶ୍ୱାସନା ଦେଇ ସଭାକୁ ଯିବା ପାଇଁ ଏକରକମ ବାଧ କଲେ । ଅନ୍ୟ ପିଲାମାନେ ଏହାର କାରଣ ପଚାରିବାରୁ ଜଣାପଡ଼ିଲା ଯେ ପୋଲିସ ସବ୍‌ଇନ୍‌ସପେକ୍ଟର ଜଣକ ଗୋପବନ୍ଧୁଙ୍କ ସଭା ଦେଖିବାକୁ ଅତ୍ୟନ୍ତ ଆଗ୍ରହୀ । ମାତ୍ର ନିଜ ଇଚ୍ଛାରେ ସେ ସେଠାକୁ ଯାଇପାରିବେ ନାହିଁ । ପିଲାଟି ସେହି ସଭାକୁ ଗଲେ ତା' ପଛରୁ ଗୋଡ଼ଇ ସେ ସଭାସ୍ଥଳକୁ ଯିବେ ଓ ତାକୁ ଧରିଆଣି ନଇବନ୍ଧ ଉପରେ ଛାଡ଼ିଦେବେ । ଏହି ଉପାୟରେ ସେ ଗୋପବନ୍ଧୁଙ୍କ ସଭା ଦେଖିବାର ସୁଯୋଗ ପାଇବେ ।

ଆଉ ଗୋଟିଏ କଥା, ଥରେ ମହାତ୍ମାଗାନ୍ଧୀ କୌଣସି ଏକ ଅଞ୍ଚଳକୁ ଯାଇଥିଲେ । ସେହି ଅଞ୍ଚଳରେ ରେଳଷ୍ଟେସନରେ ଗାଡ଼ି ରହିବା ପରେ ପ୍ରବଳ ଜନଗହଳି ହେଲା । ଜନଗହଳିକୁ ଆୟତ୍ତ କରିବା ପୋଲିସ ପକ୍ଷରେ କଷ୍ଟକର ହୋଇପଡ଼ିଲା । ଲୋକମାନେ ମହାତ୍ମା ଗାନ୍ଧିଙ୍କୁ ଦେଖିବା ପାଇଁ ଏତେ ବ୍ୟାକୁଳ ହୋଇପଡ଼ିଲେ ଯେ ସେମାନଙ୍କ ଠେଲାପେଲାରେ ବହୁଲୋକ ଆହତ ହେଲେ । ମହାତ୍ମାଗାନ୍ଧୀ ଗାଡ଼ିରୁ ଓହ୍ଲାଇବା ସମୟରେ ତାଙ୍କ ଗଳାରେ ଫୁଲମାଳ ପିନ୍ଧାଇ ଦିଆଯିବା ସମୟରେ ତାହା ଖସି ପଡ଼ିବା ଅବସ୍ଥାରେ ପାଖରେ ଠିଆ ହୋଇଥିବା ଜଣେ ପୋଲିସ ଅଫିସର ତାଙ୍କ ବାଡ଼ିରେ ଫୁଲମାଳଟିକୁ ଅଟକାଇ ଦେଇ ଉପରକୁ ଉଠାଇଦେଲେ ଓ ମାଳା ପିନ୍ଧାଇବା ଲୋକ ସହଜରେ ମାଳଟିକୁ ମହାତ୍ମାଙ୍କ ଗଳାରେ ପିନ୍ଧାଇଦେଲେ । ଘଟଣାଟି ବେଶ୍ ପ୍ରଚାରିତ ହୋଇଗଲା । ଉପରିସ୍ଥ ହାକିମଙ୍କଠାରୁ ଉକ୍ତ ପୋଲିସ ଅଫିସରଙ୍କୁ କୈଫିୟତ ତଲବ ହେଲା । ସେ କୈଫିୟତ ଦେଲେ ଯେ ମହାତ୍ମାଗାନ୍ଧୀ ଗୋଟିଏ ଦେଶର ଜନନେତା । ତାଙ୍କ ଗସ୍ତ କ୍ରମରେ ଶାନ୍ତିରକ୍ଷା ଦାୟିତ୍ୱରେ ଥାଇ ତାଙ୍କ ଫୁଲମାଳଟିକୁ ରକ୍ଷା କରିବା ଅପରାଧ ହୋଇ ନ ପାରେ । ସେ ତ ମହାତ୍ମାଜୀଙ୍କୁ ଫୁଲମାଳ ପିନ୍ଧାଇ ନାହାନ୍ତି, କେବଳ ମାଳଟି ଭୂମିରେ ପଡ଼ିଯିବା ପୂର୍ବରୁ ତାକୁ ଉଦ୍ଧାର କରିଛନ୍ତି । ତାଙ୍କର କୈଫିୟତ ସେତେବେଳେ ଉପରିସ୍ଥ ହାକିମଙ୍କ ବିବେଚନାରେ ଅପରାଧ ଭାବରେ ବିବେଚିତ ହୋଇ ନ ଥିଲା ।

Digitized by srujanika@gmail.com

ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ନେତୃବୃନ୍ଦଙ୍କ ବିଷୟରେ ସେ ବହୁତ କଥା କହିଛନ୍ତି । ସେଗୁଡ଼ିକ ଯେପରି ଶିକ୍ଷାପ୍ରଦ ସେହିପରି ଅନୁଭୂତି ସିଦ୍ଧ । ଲକ୍ଷ୍ମୀନାରାୟଣ ସାହୁ, ମାୟାଧର ମାନସିଂହ, ପଣ୍ଡିତ ବିନାୟକ ମିଶ୍ରଙ୍କ ବିଷୟରେ ତାଙ୍କର ଅନୁଭୂତିର କଥା ଆମକୁ ବିଶେଷ ଭଲ ଲାଗିବାର କଥା ।

ପଣ୍ଡିତ ବିନାୟକ ମିଶ୍ରଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଅତ୍ୟନ୍ତ ଗଭୀର । କଟକ ଆସିଲେ ସେ ଅଧିକାଂଶ ସମୟ ଅଧ୍ୟାପକ ଶ୍ରୀଧର ଦାସଙ୍କ ଘରେ ରହନ୍ତି । ତାଙ୍କର ସାହିତ୍ୟ ସାଧନା ସମ୍ପର୍କରେ ଆମେ ବହୁକଥା ଅଧ୍ୟାପକ ଶ୍ରୀଧର ଦାସଙ୍କଠାରୁ ଶୁଣିବାକୁ ପାଇଛୁ । କେବଳ ଶୁଣି ନାହୁଁ, ଏ ବିଷୟରେ ମୋର କିଛି ଅନୁଭୂତି ଆଜି ମନେପଡୁଛି । ଥରେ ଗୋଟିଏ ଅଳଙ୍କାର ବିଷୟରେ ମୁଁ ଓ ପଠାଣି ବାବୁ ଶ୍ରୀଧର ବାବୁଙ୍କୁ ପଚାରିଲୁ । ସେ ତା'ର ସଠିକ ଉତ୍ତର କହିପାରିଲେ ନାହିଁ । ସେ ଆମକୁ କହିଲେ ଯେ ପଣ୍ଡିତ ମହାଶୟ ତିନି ଚାରିଦିନ ଭିତରେ ଆସିବେ । ସେ ଆସିଲେ ତାଙ୍କୁ ପଚାରିବା । ତିନି ଚାରିଦିନ ପରେ ପଣ୍ଡିତ ମହାଶୟ କଟକ ଆସିଲେ ଓ ତାଙ୍କ ଘରେ ରହିଲେ । ଆମେ ଖବର ପାଇ ଶ୍ରୀଧର ବାବୁଙ୍କ ଘରେ ଦିନେ ସନ୍ଧ୍ୟା ସମୟରେ ପହଞ୍ଚିଲୁ । ସେତେବେଳେ ପଣ୍ଡିତ ମହାଶୟ ଶ୍ରୀଧର ବାବୁଙ୍କ ସହିତ ତାଙ୍କ ଘର ବାରଣ୍ଡାରେ ବସି ଗପ କରୁଥିଲେ । ପଣ୍ଡିତ ମହାଶୟଙ୍କର ଆକ୍ଷେପୋକ୍ତିର ଶିକାର ହେଲେ ଶ୍ରୀଧର ବାବୁ । ପଣ୍ଡିତ ମହାଶୟ କହିଲେ, ପିଲାମାନେ ତ ଖୋଜି ଖୋଜି ପାଇଲେ ନାହିଁ, ଆଉ ତୁମେ ନିଜେ କ'ଣ କରୁଥିଲ ? ସେ କହିଲେ, ମୁଁ ମଧ ପାଇଲି ନାହିଁ । ଆମ ସମସ୍ତଙ୍କ ଉପରେ ତାଙ୍କର ଅସନ୍ତୋଷ ପ୍ରକାଶ ପାଇଲା । ତା'ପରେ ବହୁତ ସାହସ ବାନ୍ଧି ମୁଁ କହିଲି, ଆଜ୍ଞା, ଆପଣ ରାଗନ୍ତୁ ବା ମାଡ଼ ମାରନ୍ତୁ ଆମେ ସହିବୁ । ତା'ପରେ, ଆପଣ କ'ଣ ଖାଲି ଗାଳି ଦେଉଥିବେ ? ଆମର ଦୋଷ କ'ଣ ? ବାପ ବଞ୍ଚିଥିବା ଅବସ୍ଥାରେ ପୁଅ କାହିଁକି ଅଡୁଆରେ ପଡ଼ିବ । ଆପଣ ତ ବସିଛନ୍ତ, ଆମେ କାହିଁକି ହଇରାଣ ହେବୁ ? କ'ଣ ଭାବିଲେ ସେ କେଜାଣି, ତାଙ୍କ ମୁହଁ ଟିକିଏ ପ୍ରସନ୍ନ ଦେଖାଗଲା । ତା'ପରେ ସେ ଆମ ପ୍ରଶ୍ନର ଉତ୍ତର ଦେଲେ ଏବଂ ସେହି ପ୍ରଶ୍ନର ଉତ୍ତର ଆମେ ତାଙ୍କଠାରୁ ଆଶା କରୁଥିଲୁ ବୋଲି ସେ ଆନନ୍ଦିତ ହୋଇଥିଲେ ।

Digitized by srujanika@gmail.com

ଶେଷରେ କହିଲେ, ମୁଁ ସିନା ତମମାନଙ୍କୁ ଏତେ ଗାଳିଦେଲି; ମାତ୍ର ମୋ ଗାଳିକୁ ତୁମେମାନେ ଯେ ମନରେ ଧରି ନାହଁ, ଏଇଟା ତୁମମାନଙ୍କରର ଉଦାରତା । କାରଣ, ଏହି ଅଳଙ୍କାର ବିଷୟରେ କୌଣସି ଅଧ୍ୟାପକ ତୁମମାନଙ୍କୁ ଉତ୍ତର ଦେବା ଅସମ୍ଭବ । ଆମେ ସେଦିନ ଅନୁଭବ କରିଥିଲୁ, ଜ୍ଞାନାଲୋକ ପାଇଥିବା ମୁନରଷିମାନେ ମୂର୍ଖଙ୍କ ଉପରେ କିପରି କ୍ରୁଦ୍ଧ ହେଉ ନ ଥିବେ । ଦୁର୍ବାସାଙ୍କର ଶକୁନ୍ତଳାଙ୍କ ଉପରେ କ୍ରୋଧର ରୂପ କିପରି ଉତ୍କଟ ହୋଇଥିବ, ତାହା ଆମେ କେତେକାଂଶରେ ସେଦିନ ଅନୁଭବ କରିବାକୁ ସମର୍ଥ ହୋଇଥିଲୁ ।

ପଣ୍ଡିତମାନଙ୍କର ଆଚରଣ ବିଶେଷତଃ କ୍ରୋଧଭାବ ବିଷୟରେ ସେ ଅନେକ କଥା କହନ୍ତି । ଥରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀଙ୍କର ଅଟଳ ଚରିତ୍ର ବିଷୟରେ ସେ କେତେକ ଉଦାହରଣ ଆମକୁ ଦେଇଥିଲେ । ସେ କହିଥିଲେ ଯେ ସଂସ୍କୃତ ପଣ୍ଡିତମାନେ ସ୍ୱଭାବତଃ ଏକଜିଦିଆ । ସେହି ପ୍ରସଙ୍ଗରେ ଜଣେ ପଣ୍ଡିତଙ୍କ କଥା ସେ ଆମକୁ କହିଥିଲେ । ଥରେ କୌଣସି ଏକ ଟ୍ରେନିଂ କ୍ୟାମ୍ପକୁ କେତେକ ଶିକ୍ଷକ ଯାଇଥିଲେ । ସେମାନଙ୍କ ମଧ୍ୟରେ ଜଣେ ସଂସ୍କୃତ ପଣ୍ଡିତ ଥିଲେ । ପଣ୍ଡିତେ ଜ୍ୟୋତିଷ ଶାସ୍ତ୍ର ପ୍ରତି ବିଶେଷ ଅନୁରକ୍ତ । ତେଣୁ କ୍ୟାମ୍ପରେ ଥିବା ଅନ୍ୟ ଶିକ୍ଷକମାନେ ସୁଯୋଗ ପାଇ ତାଙ୍କୁ ଥଟ୍ଟା କରନ୍ତି । ମାତ୍ର ପଣ୍ଡିତ ମହାଶୟ ପରିହାସ ନ ବୁଝି ଅତିମାତ୍ରାରେ ରାଗିଯାଆନ୍ତି । ଦିନେ ଜଣେ ଶିକ୍ଷକଙ୍କ ପରିହାସରେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ପଣ୍ଡିତ ମହାଶୟ ତାଙ୍କୁ ଉଚ୍ଚସ୍ୱରରେ ତିରସ୍କାର କରିବା ସମୟରେ ଅନ୍ୟ ଜଣେ ଶିକ୍ଷକ କ୍ୟାମ୍ପର ରୋଷଶାଳରେ ଭାତ ଗାଳିବା ବେଳେ ଅସାବଧାନତା ହେତୁ ହାଣ୍ଡିଟି ତାଙ୍କ ହାତରୁ ଖସିପଡ଼ିଲା । ଫଳରେ ତାଙ୍କର ଗୋଡ଼ରେ ଗରମ ପେଜ ପଡ଼ି ପୋଡ଼ିଗଲା । ସେ ଅତ୍ୟନ୍ତ ବ୍ୟସ୍ତ ହୋଇ ଯନ୍ତ୍ରଣାରେ ଚିତ୍କାର କଲେ । କ୍ୟାମ୍ପରେ ଉପସ୍ଥିତ ଥିବା ଅନ୍ୟ ଶିକ୍ଷକମାନେ ତାଙ୍କ ନିକଟକୁ ଦଉଡ଼ିଗଲେ । ଉଚ୍ଚସ୍ୱରରେ ଚିତ୍କାର କରୁଥିବା ପଣ୍ଡିତ ମହାଶୟ ମଧ୍ୟ ସେଠାକୁ ଦଉଡ଼ିଗଲେ । ଅନ୍ୟମାନେ ତାଙ୍କର ଯନ୍ତ୍ରଣା ଦୂର କରିବାର ଉପାୟ ଭାବିବାରେ ଅସ୍ଥିର । ସେତିକିବେଳେ ପଣ୍ଡିତ ମହାଶୟ ତାଙ୍କ ପାଖକୁ ଯାଇ ଯନ୍ତ୍ରଣା ଉପଶମ କଥା କିଛି ଚିନ୍ତା ନ କରି ତାଙ୍କୁ ପ୍ରଶ୍ନ କଲେ ଯେ ତାଙ୍କର କି ରାଶି । ରାଶି ଜାଣିଥିଲେ ଘାତ ଚନ୍ଦ୍ରରୁ ରକ୍ଷା ପାଇବା ପାଇଁ ଆଗରୁ

Digitized by srujanika@gmail.com

ସାବଧାନ ହୋଇ ପାରିଥାଆନ୍ତ । ତାଙ୍କ କଥା ଶୁଣି ଅନ୍ୟମାନେ ହସିଲେ । ପଣ୍ଡିତ ମହାଶୟ ସେମିତି ରାଗି ସେଠାରୁ ଚାଲିଆସିଲେ ।

ଏହିପରି ବହୁକଥା ତାଙ୍କଠାରୁ ଆମେମାନେ ଶୁଣିଛୁ । ତାଙ୍କଠାରୁ ବହୁ ଉପଦେଶ ପାଇଛୁ । ତାଙ୍କଠାରୁ ବହୁ ଭାବରେ କର୍ମର ପ୍ରେରଣା ପାଇଛୁ । ଜୀବନରେ କର୍ମ ବ୍ୟତୀତ ଅନ୍ୟ କିଛି ତାଙ୍କର ଶ୍ରେୟବସ୍ତୁ ନ ଥିଲା । ନିରଳସ ଭାବରେ ସେ ପଠନ ଓ ଲେଖନରେ ବ୍ୟସ୍ତ ରହୁଥିଲେ । ତାଙ୍କର ଦେହାବସାନର କେତେମାସ ପୂର୍ବେ ତାଙ୍କର ରଚିତ ପୁସ୍ତକଗୁଡ଼ିକର ଏକ ତାଲିକା ତାଙ୍କୁ ମାଗିଲି । ସେ ନିଜ ହାତରେ ଲେଖିଥିବା ତାଲିକା ମୋତେ ଦେଲେ ଓ ସେଥିରେ ଆଉ କେତେଗୋଟି ନାମ ଲେଖିବାକୁ ଡାକିଦେଲେ । ସେ ଖଣ୍ଡିକ ଅତି ଯତ୍ନର ସହିତ ମୁଁ ସାଇତି ରଖିଛି । ସେ ଖଣ୍ଡିକ ତାଙ୍କର ଏକ ଅମଳିନ ସ୍ମୃତି ।

ହଠାତ୍ ଦିନେ ଖବର ପାଇଲି ଯେ ସେ ହୃଦ୍‌ରୋଗରେ ଆକ୍ରାନ୍ତ । ପଠାଣିବାବୁଙ୍କ ପାଖକୁ ଖବର ପଠାଇଲେ ମୋତେ ନେଇ ତାଙ୍କ ପାଖକୁ ଯିବାକୁ । ଆମେ ଦୁହେଁ ଗଲୁ । ତା' ପୂର୍ବରୁ ମୁଁ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ସାରିଥାଏ । ତାଙ୍କ ରୋଗର ବିବରଣୀ ଜାଣିବା ପରେ ମୋ ତୁଳନାରେ ତାଙ୍କ ରୋଗ କିଛି ନୁହେଁ ବୋଲି ତାଙ୍କୁ ବହୁ ଭାବରେ ଆଶ୍ୱାସନା ଦେଲି । ସେ ବୋଧହୁଏ, ବୟସ ଦୃଷ୍ଟିରୁ ଜୀବନ ସୂର୍ଯ୍ୟର ଗତିକୁ ଅପରାହ୍ନର ଆକାଶରେ ନୀରିକ୍ଷଣ କରୁଥିଲେ । ତଥାପି ତାଙ୍କ ମୁହଁରେ ନୈରାଶ୍ୟର ଚିହ୍ନ ଜଣା ପଡୁ ନ ଥିଲା ।

ପୁଣି ଦିନେ ଖବର ପାଇ ଗଲି । ସନ୍ଧ୍ୟାର ଛାପଛାପିକା ଆଲୁଅରେ ସେ ମୋତେ ହଠାତ୍ ଚିହ୍ନିପାରିଲେ ନାହିଁ । ନାମ କହିଲି । ଖଟ ଉପରୁ ଖଣ୍ଡିଏ ବହି କାଢ଼ିଲେ – 'ସୁଅ ମୁହଁର ପତର' ତାଙ୍କରି ଆତ୍ମଚରିତ । ପ୍ରଥମ ପୃଷ୍ଠାରେ ମୋ ନାମ ଲେଖିଥିଲେ । ଅକ୍ଷରର ପୂର୍ବ ସୌନ୍ଦର୍ଯ୍ୟ ଆଉ ନ ଥିଲା । ତଥାପି ତାଙ୍କ ହାତର ଲେଖା 'ସୁଅ ମୁହଁର ପତର' ପଢ଼ିଲି । ପୁସ୍ତକର ପ୍ରତ୍ୟେକ ପୃଷ୍ଠାରେ ତାଙ୍କ ଜୀବନକୁ ତିଳେ ତିଳେ ଅନୁଭବ କଲି । ଆଜି ସେଇ ଅନୁଭୂତି ଭିତରେ ତାଙ୍କୁ ଏଠି ମୋର ସହସ୍ର ପ୍ରଣାମ । ସେଇ ପ୍ରଣାମ କରି ଆଜି ତାଙ୍କ ପାଖରେ ଭିକ୍ଷା କରୁଛି ଆଶୀର୍ବାଦ – ଐଶ୍ୱର୍ଯ୍ୟର ନୁହେଁ, କର୍ମର । ତୁମରି ପରି କର୍ମବୀର ହେବାକୁ ଆମକୁ ବଳ ଦିଅ, ସାହସ ଦିଅ ।

■■■

Digitized by srujanika@gmail.com

ଶ୍ରୀଧର ଦାସ : ସୁଅ ମୁହଁର ପତର

ପ୍ରଫେସର ଦାଶରଥୀ ଦାସ

ଶ୍ରୀଧର ଦାସ ଆମ ସମୟରେ ଜଣେ ଗଣ୍ୟମାନ୍ୟ ଅଧ୍ୟାପକ ଥିଲେ । ଓଡ଼ିଆ ବିଭାଗର ଅଧ୍ୟାପକ ମାତ୍ରେ ତାଙ୍କୁ ଜାଣନ୍ତି । ଶ୍ରୀଧର ଦାସ ଓ ଶ୍ରୀ ନାରାୟଣ ମହାପାତ୍ରଙ୍କ ଯୁଗଳବନ୍ଦୀ 'ସର୍ବସାର ବ୍ୟାକରଣ' ପୁଣି ନ ପଢ଼ିଛି କିଏ ? ସେହି ସୂତ୍ରରେ ଏହି ଲେଖକ ତାଙ୍କୁ ଜାଣିଥିଲା । ତାଙ୍କଦ୍ୱାରା ଅନୂଦିତ ବିଶ୍ୱସାହିତ୍ୟ ବି କିଛି ପଢ଼ିଥିଲା । କିନ୍ତୁ ବ୍ୟକ୍ତିଗତ ପରିଚୟ ନ ଥିଲା । ତାଙ୍କୁ ଏ ଲେଖକ ମାତ୍ର ଦୁଇଥର ଭେଟିଛି; ଯଥାସମ୍ଭବ ୧୯୮୨ରେ ଲେଖକ କଟକରେ ଯେଉଁ ଗଳିରେ ରହେ ସେହି ଗଳିରେ ତାଙ୍କ ସମୁଦିଙ୍କ ଘର । ସେ ବେଳେବେଳେ ସମୁଦି ଦଇତାରି ମହାନ୍ତିଙ୍କ ଘରକୁ ଆସନ୍ତି, ବାଟରେ ତାଙ୍କ ସହିତ ଦେଖାହୁଏ । କଥାବାର୍ତ୍ତା ଲେଖାଲେଖି ସମ୍ବନ୍ଧରେ ହୋଇଥାଏ । ସେତେବେଳକୁ ତାଙ୍କ ଦୃଷ୍ଟିଶକ୍ତି କମି ଆସିଥାଏ ଓ ସେ ତାଙ୍କ ଜୀବନୀ ରଚନାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଶେଷରେ ଜୀବନୀ ଛପାହେଲା । ବହିଟିରୁ ତାଙ୍କର ପ୍ରକୃତ ପରିଚୟ ମିଳିଲା । ବିଂଶ ଶତାବ୍ଦୀର ସମବୟସୀ ସେ । ଜନ୍ମ ୧୯୦୧ରେ । ଜୀବନଟି ଗତିଶୀଳ । କିନ୍ତୁ ପ୍ରଗତି କି ଅଧୋଗତିରେ ତାଙ୍କର କର୍ତ୍ତୃତ୍ୱ କମ୍ । ଯଦିଓ ସଂଗ୍ରାମଶୀଳତା ତାଙ୍କ ଚରିତ୍ରର ଅବିଚ୍ଛେଦ୍ୟ ଅଙ୍ଗ, ଭାଗ୍ୟ ଓ ପୁରୁଷକାରର ଭୂମିକା ବିଚାରରେ ସେ ଭାଗ୍ୟକୁ ବା ନିୟତିକୁ ଶେଷପର୍ଯ୍ୟନ୍ତ ଅଧିକ ଶକ୍ତିଶାଳୀ ବୋଲି ସୂଚାଇଥିଲେ ହେଁ ଶ୍ରମ, ଉଦ୍ୟମ, ଅଧ୍ୟବସାୟ ଓ ସଂଗ୍ରାମଶୀଳତାକୁ କେଉଁଠି ଅସ୍ୱୀକାର କରିନାହାନ୍ତି । କିନ୍ତୁ ମଣିଷର କର୍ତ୍ତୃତ୍ୱ ବା କେତେ ? ନିୟତିକୁ ନିଜ ଇଚ୍ଛାପଥରେ ନେବାର ଶକ୍ତି କାହାର ବା ଅଛି ? ସେ ତେଣୁ ନିଜକୁ ସୁଅ ମୁହଁର ପତରଟିଏ ବୋଲି ଭାବିଛନ୍ତି । ବୁଢ଼ାଦିନେ ବୁଝିହୁଏ, ହୁଏତ ଭାଗ୍ୟ ରୁଚି ଅନୁକୂଳ ହୁଏ ନାହିଁ – ରୁଚି ଓ ଆକାଙ୍କ୍ଷା ଭାଗ୍ୟସ୍ରୋତରେ ଭାସିଯାଏ ।

Digitized by srujanika@gmail.com

ଅନେକ କାରଣରୁ ଆତ୍ମଜୀବନୀ ଲେଖା ଯାଇଥାଏ । ବନ୍ଧୁମାନଙ୍କ ଅନୁରୋଧ, ପତ୍ରପତ୍ରିକାର ତାଗିଦ୍, ଅତୀତର ସ୍ମୃତିମନ୍ଥନର ଆନନ୍ଦ ଉଲ୍ଲାସ ଓ ସୁଗଭୀର ଆତ୍ମଜୀବନୀ ରଚନା ପାଇଁ ପ୍ରେରଣା ଆସେ । ଶ୍ରୀଧର ଦାସ ବନ୍ଧୁମାନଙ୍କର ଅନୁରୋଧ ଏଡ଼ାଇ ନ ପାରି ଆତ୍ମଜୀବନୀଟି ଲେଖିଛନ୍ତି । ତେଣୁ ଏଥିରେ ଗତିଶୀଳ ଜୀବନର ଗତିଧାରାଟି ଅଛି – ଆତ୍ମକୃତ କର୍ମପ୍ରଶଂସାର ତାଲିକା ଅଛି । ଯାହା ଶ୍ରୀ ଦାସଙ୍କ ଜୀବନରେ ସତକୁ ସତ ଘଟିଛି ତାହାର ଯଥାଯଥ ଅନୁଲେଖ ଅଛି । କିନ୍ତୁ ଗତିର ଧାରାଟି ଭିତରର ସାକ୍ଷ୍ୟ ଅର୍ଥାତ୍ ଭାବପରିଣତିର କୌଣସି ଇତିହାସଦ୍ୱାରା ଉନ୍‌ମୋଚିତ ହୋଇ ନାହିଁ । ତେଣୁ ଜୀବନ ପ୍ରତି ଗଭୀର ଦୃଷ୍ଟି ଆମୂଳାନ୍ତ ଅନୁପସ୍ଥିତ । ଶ୍ରୀଧର ଦାସ ଏଥିରେ ୧୯୦୧ ରୁ ୧୯୮୨ ପର୍ଯ୍ୟନ୍ତ ନିଜ ଜୀବନର ପରିଚୟ ଦେଇଛନ୍ତି । ସେ ସେଦିନ ଏକ ଦରିଦ୍ର ଶିକ୍ଷକ ପରିବାରରେ ଭୂମିଷ୍ଠ ହୋଇ, ୧୯୮୨ ବେଳକୁ ନିଜ ଶ୍ରମ ଓ ସାଧନା ବଳରେ ଆମ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଅନ୍ୟତମ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ପ୍ରତିପତ୍ତି ଅର୍ଜିଥିଲେ । ୮୦ ବର୍ଷର ଇତିହାସ ତାଙ୍କର ସଂଗ୍ରାମ ଓ ସାଧନାର ଇତିହାସ । ବାପା ଓ ଭାଇଙ୍କ ପ୍ରତି ସେ ଯଥୋଚିତ କର୍ତ୍ତବ୍ୟ କରିଛନ୍ତି ଆଜୀବନ – କିନ୍ତୁ ପରିବର୍ତ୍ତେ ପାଇ ନାହାନ୍ତି କିଛି । ତାଙ୍କ ଜୀବନଟି ପ୍ରକୃତରେ ତାଙ୍କ ଜୀବନ ଦୃଷ୍ଟି । ଭାଗ୍ୟ ତାଙ୍କୁ ଭସାଇ ନେଇଛି ଅବଶ୍ୟ । କିନ୍ତୁ ଅନୁକୂଳ ନ ହେଲେ ବି ଅପ୍ରସନ୍ନ ହୋଇ ନାହିଁ କେବେ । ତେଣୁ ଦୁଃଖ ଦୁର୍ବିପାକ ଅଛି । ଅଛି ବି ସେଥିରୁ ମୁକ୍ତିର ଦ୍ୱାର ସଦା ଉନ୍ମୁକ୍ତ । ଉଜ୍ଜ୍ୱଳ ପୁତ୍ରକନ୍ୟାର ସଂସାର, ପ୍ରତିଷ୍ଠିତ ଅଧ୍ୟାପକ ଜୀବନ, ଆତ୍ମନିର୍ଭରଶୀଳ ଆର୍ଥିକ ସଂଗତି, ସାରସ୍ୱତ ସାଧନାଲବ୍ଧ ଯଶଖ୍ୟାତି, ଏସବୁ ତାଙ୍କର ନିଜସ୍ୱ ଉପାର୍ଜନ; କାହାର ଦାନ ନୁହେଁ କି ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ନୁହେଁ । ବ୍ୟକ୍ତିତ୍ୱ ବଡ଼ ଅନମନୀୟ – ଅଥଚ ସରଳ ଓ ପ୍ରତାରଣାଶୂନ୍ୟ । ତେଣୁ ତାଙ୍କୁ ଅପଦସ୍ତ ହେବାକୁ ପଡ଼ିଛି । ପ୍ରତାରିତ ହେବାକୁ ହୋଇଛି । କିନ୍ତୁ ଶେଷ ପର୍ଯ୍ୟନ୍ତ ତାଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠା ଉଜ୍ଜ୍ୱଳଦୀପ୍ତ ରହିଛି । ସେ ଜୀବନ ଯୁଦ୍ଧରେ ହାରି ନାହାନ୍ତି । ସ୍ରୋତରେ ଭାସି ଯାଇଛନ୍ତି । ତେଣୁ ତାଙ୍କ ଆତ୍ମଜୀବନର ସାରସ୍ୱତ ମୂଲ୍ୟ ସ୍ୱଳ୍ପ ହେଲେ ହେଁ ପାଠକଙ୍କ ପାଇଁ ତାହା ସାନ୍ତ୍ୱନା ଓ ଉତ୍ସାହର ଉତ୍ସ ହୋଇ ରହିବ । ଏଇଠି ଗୋଦାବରୀଶ ମିଶ୍ରଙ୍କ ଜୀବନୀ କଥା ମନେପଡ଼େ । ଜୀବନୀ ସମ୍ବନ୍ଧରେ ତାଙ୍କର ବନ୍ଧୁମାନେ ମନେ କରନ୍ତି, "ଘଟଣାବଳୀ ସହିତ ଅନନ୍ତ ଯୁଦ୍ଧ ଚଳାଇ ସେ ଜୀବନମାର୍ଗରେ ଗତି କରିଛନ୍ତି ।"

Digitized by srujanika@gmail.com

କଥାଟା ଶ୍ରୀଧର ଦାସଙ୍କ ଜୀବନୀରେ ବୈତଥ୍ୟ ନୁହେଁ । ଏ ଦୁହିଁଙ୍କ ଜୀବନରେ "ବାମନ ହାତ ଓ ଆକାଶର ଚନ୍ଦ୍ର" କଥା ପଢ଼ି ଅନେକ ଅସହାୟ ଅଭୁକ୍ତ ହତଭାଗ୍ୟ ଜୀବନ ସହିତ ଲଢ଼ିବାକୁ ପ୍ରେରଣା ପାଇବେ ନିଶ୍ଚୟ । କୋଟି କୋଟି ବାମନ ପୃଥିବୀକୁ ଆସି ବନର ମାଳତୀ ପରି ବନରେ ଫୁଟି ଝଡୁଛନ୍ତି । ତାଙ୍କ କଥା କେହି ଜାଣୁ ନାହାନ୍ତି; କିନ୍ତୁ ସେମାନଙ୍କ ଭିତରୁ ଯେ ଚନ୍ଦ୍ରକୁ ହାତବଢ଼ାଇ ଧରି ପାରୁଛି ସେ ବଡ଼ ହେଉଛି ଓ ଉଚ୍ଚତାରେ ଲକ୍ଷ ଲକ୍ଷ ଡେଙ୍ଗା ଲୋକଙ୍କୁ ଟପିଯାଉଛି । ଶ୍ରୀଧର ଦାସ ତାଙ୍କ ସମସାମୟିକ ଲକ୍ଷ ଲକ୍ଷ ଲୋକଙ୍କୁ ଉଚ୍ଚତାରେ ଯେ ଟପି ଯାଇଛନ୍ତି, ଏହା ନିଃସନ୍ଦେହ । ଶ୍ରୀଧର ଦାସ ନିଜ କାମର ପରିଚୟରେ ପରିଚିତ ।

ଶ୍ରୀଧର ଦାସଙ୍କ ଶୈଶବ ଓ ଛାତ୍ରଜୀବନ ତତ୍କାଳୀନ ଶିକ୍ଷା ପ୍ରସଙ୍ଗର କୌତୂହଳ ମେଣ୍ଟାଏ । ପ୍ରକୃତରେ ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଶ୍ରୀଧର ଦାସଙ୍କ ଅବସର ଗ୍ରହଣକାଳ ୧୯୬୮ ପର୍ଯ୍ୟନ୍ତ ଓଡ଼ିଶାର ଶିକ୍ଷାବ୍ୟବସ୍ଥା ବିଷୟରେ ସେ ଯେଉଁ ବିବରଣୀ ଦେଇଛନ୍ତି ତାହା ଅବଶ୍ୟ ବିବରଣୀ ମାତ୍ର । ନାମୋଲ୍ଲେଖ ଅନେକତ୍ର ହିସାବ ଲେଖାପରି । ଅର୍ଥାତ୍ ନାମର ସମାବେଶ ଅଛି, ମଣିଷଗୁଡ଼ିକ ଫୁଟି ଉଠିପାରି ନାହାନ୍ତି । ତଥାପି ଶେଷପର୍ଯ୍ୟନ୍ତ କିଛି ବିବର୍ଣ୍ଣ କି ବିରସ ନୁହେଁ । Reference ଗ୍ରନ୍ଥାଭାବରେ ଗ୍ରନ୍ଥଟିର ମୂଲ୍ୟ ଅନସ୍ୱୀକାର୍ଯ୍ୟ ।

ବହିଟିର "ମୋର ଅନୁଭୂତି" ଅଧ୍ୟାୟଟି ସୁଖପାଠ୍ୟ । ଏଠାରେ ଘଟଣାର ଭିଡ଼ ନାହିଁ, ଆତ୍ମପ୍ରସାଦ କି ଆତ୍ମବିଜ୍ଞପ୍ତିର ଅତ୍ୟୁତ୍ସାହ ବି ନାହିଁ । ନିଜ ଜୀବନକୁ ଯେପରି ସେ ଜୀବନ ବାହାରେ ଠିଆ ହୋଇ ଦେଖୁଛନ୍ତି । ଭାସି ଚାଲିଛି ଜୀବନ - ବିଚିତ୍ର ଗତିରେ । ଦୁଃଖ, ଦାରିଦ୍ର୍ୟ ଯେପରି ସତ୍ୟ, ସୁଖ, ସୌଭାଗ୍ୟ ଓ ଅର୍ଥ ସଂଗତି ବି ସେମିତି ସତ୍ୟ । ଭାଗବତର ସୁଅ ମୁହଁରେ କୁଟାକାଠି ଭାସିଯିବାର ଚିତ୍ରକଳ୍ପରୁ 'ସୁଅ ମୁହଁର ପତର' କଥାଟି ଆସିଛି, ପୁଣି ସେମାନଙ୍କଠାରୁ ବିଚ୍ଛିନ୍ନ ହୋଇ ଯାଇଛି । ସବୁ ଅନିତ୍ୟ ଶତ ଶତ ପତ୍ର ସହିତ ମିଶିଛି, ପୁଣି ସେମାନଙ୍କଠାରୁ ବିଚ୍ଛିନ୍ନ ହୋଇ ଯାଇଛି । ସବୁ ଅନିତ୍ୟ ଶତ ଶତ ପତ୍ର ସହିତ ମିଶିଛି, ପୁଣି ସେମାନଙ୍କଠାରୁ ବିଚ୍ଛିନ୍ନ ସବୁ ଅନିତ୍ୟ – ବାହ୍ୟ ସମ୍ପର୍କଠାରୁ ଆରମ୍ଭ କରି ପାରିବାରିକ ସମ୍ପର୍କ ପର୍ଯ୍ୟନ୍ତ । ଜୀବନ ବି ଅନିତ୍ୟ । କେତେ ପତ୍ର ତଳକୁ ବୁଡ଼ି ଗଲେଣି – ଏ ପତ୍ରଟି ବି ବୁଡ଼ି ଯିବ । ତେବେ କ'ଣ ଏ

Digitized by srujanika@gmail.com

ଜୀବନର ଉପଲବ୍ଧି ? ସୁଖ ନା ଦୁଃଖ ? ପାପ ନା ପୁଣ୍ୟ ? ସାମର୍ଥ୍ୟ ନା ଅସହାୟତା ? ଶ୍ରୀଧରବାବୁ ଦୂରରୁ ଦେଖୁଛନ୍ତି ନିଜକୁ - ସେ ବଡ଼ ଅସହାୟ । ଅନେକାଂଶରେ ଦୁଃଖୀ ଓ ନିଃସଙ୍ଗ । ସେ ପାପ ପୁଣ୍ୟର ନିର୍ଦ୍ଦିଷ୍ଟ ସୀମା ନିର୍ଣ୍ଣୟ କରିବାକୁ ଚାହିଁ ନାହାନ୍ତି, ଗାନ୍ଧୀ ବିଚାରଧାରା ପ୍ରୟୋଜନାତିରିକ୍ତ ସମ୍ପଦକୁ ଚୌର୍ଯ୍ୟ ଅପରାଧ ବୋଲି ସ୍ୱୀକାର କରିନାହାନ୍ତି । ତାଙ୍କର ନିଜସ୍ୱ ବିଶ୍ୱାସ ଅଛି, ଧାରଣା ଅଛି ଓ ବିଚାର ଅଛି । ସେ ଧର୍ମ ଅର୍ଜନ କରିବାକୁ ଚେଷ୍ଟା କରି ନାହାନ୍ତି ବରଂ ମାନି ଯାଇଛନ୍ତି ଯେ, ଧନ ଅର୍ଜନରେ ତାଙ୍କର ଉତ୍ସାହ ଥିଲା । ବଡ଼ ସରଳ ଲୋକଟିଏ ଶ୍ରୀଧର ଦାସ । ତେଣୁ ଏ ସ୍ୱୀକାରୋକ୍ତି ପ୍ରାଣକୁ ଛୁଏଁ । ସେ ଜନ୍ମାନ୍ତରରେ ବିଶ୍ୱାସ ନ କଲେ ବି କର୍ମଫଳରେ ବିଶ୍ୱାସ ରଖନ୍ତି । ଜନ୍ମାନ୍ତର ନ ଥିଲେ କର୍ମଫଳର ମାନେ ବା କ'ଣ ? ସେ ପୁରୁଷକାରର ଉପାସକ, ଅଥଚ ଶେଷ ପର୍ଯ୍ୟନ୍ତ ଭାଗ୍ୟ ଓ ଭଗବାନଙ୍କ ନିକଟରେ ଆତ୍ମସମର୍ପଣ ନ କରି ରହି ପାରି ନାହାନ୍ତି । ସେ ସବୁର ଅନିତ୍ୟତା ବୁଝନ୍ତି, ଅଥଚ ନାମ ରଖିଯିବା ଉଦ୍ୟମରୁ ବର୍ତ୍ତି ନାହାଁନ୍ତି । ମୃତ୍ୟୁ ପରେ ଜୀବନ ଅଛି – ଯଦିଓ ପୁନର୍ଜନ୍ମ ଥାଇ ପାରେ, ନ ଥାଇ ପାରେ । ଏ ସବୁଥିରୁ ମନେହୁଏ ତାଙ୍କ ବିଚାର ଓ ଜୀବନ ଉପଲବ୍ଧି ସାଧାରଣ ମଣିଷଟିଏର ଜୀବନୋପଲବ୍ଧି । ଦ୍ୱନ୍ଦ୍ୱ ଅଛି । ଗଭୀର ଦର୍ଶନ ଭିତରକୁ ସେ ଯିବେ ନାହିଁ; କିନ୍ତୁ ଦର୍ଶନ ବିନା ଜୀବନକୁ ଚିହ୍ନିପାରିବେ ନାହିଁ । ଶେଷ ପର୍ଯ୍ୟନ୍ତ ତାଙ୍କ ଜୀବନୀ ଆତ୍ମକୈନ୍ଦ୍ରିକତାରୁ ମୁକ୍ତ ହୋଇ ବହିଟିର ଉପସଂହାର କରିଛନ୍ତି । ତେଣୁ ଶ୍ରୀଧର ଦାସଙ୍କୁ ସାଧାରଣଙ୍କ ଭିତରେ ଜଣେ ଅସାଧାରଣ ବ୍ୟକ୍ତି ବୋଲି ମାନିବାକୁ ହେବ ଓ ତାଙ୍କ ନୈତିକ ମୂଲ୍ୟବୋଧ ନିକଟରେ ନତ ସ୍ୱୀକାର କରିବାକୁ ହେବ । ପରମୁଖାପେକ୍ଷିତାହୀନ ତାଙ୍କ ସଂଗ୍ରାମଶୀଳ ବ୍ୟ ିତ୍ୱକୁ ଶ୍ରଦ୍ଧା କରିବାକୁ ହେବ ।

■■■

Digitized by srujanika@gmail.com

ପରପାରିରେ ମୋ ସାର୍

ଭଞ୍ଜକିଶୋର ପଟ୍ଟନାୟକ

ମଣିଷ ସଂସାରରେ ପାଦ ଦିଏ । ଶୈଶବରୁ ବାର୍ଦ୍ଧକ୍ୟ ଅବସ୍ଥା ପର୍ଯ୍ୟନ୍ତ ସେ କରିଯାଏ କର୍ମ, ତ୍ୟାଗ ଓ ସାଧନା । ତା'ପରେ ନିଏ ବିଶ୍ରାମ, ଚିରକାଳ ପାଇଁ । ତା'ର କର୍ମମୟ ଜୀବନ ଚିରକାଳ ପାଇଁ ରହିଯାଏ ତା'ର ସାର୍ଟିଫିକେଟ ହୋଇ । ମଣିଷର ମର ଦେହ ପାଉଁଶ ହୋଇଗଲା ପରେ ମଧ୍ୟ ସେହି ସାର୍ଟିଫିକେଟ ଜଳୁଥାଏ ଦାଉ ଦାଉ ହୋଇ । ତା'ର ମୃତ୍ୟୁ ନାହିଁ ।

ପୂଜ୍ୟଗୁରୁ ଶ୍ରୀଧର ଦାସ ଆଜି ଇହଜଗତରେ ନାହାନ୍ତି ସତ; କିନ୍ତୁ ତାଙ୍କର ସାଧନା, ତପସ୍ୟା ଓ ଆତ୍ମବଳି ଯୁଗ ଯୁଗ ଧରି ଉତ୍ତର ପୀଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବ । ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ସେ ଥିଲେ ମଣିଷ ପରି ମଣିଷଟିଏ ।

ସତ୍ୟ, ନିଷ୍ଠା ଓ ବାସ୍ତବତାର ସେ ଥିଲେ ପୂଜାରୀ । ସେ ଈଶ୍ୱର ବିଶ୍ୱାସୀ ଥିଲେ କିନ୍ତୁ ତାଙ୍କର ଈଶ୍ୱର ମନ୍ଦିର ଭିତରେ ନୁହେଁ, ହୃଦୟ ଓ ମନ ଭିତରେ ଥିଲେ । ପ୍ରତିଟି ମଣିଷର ସେ ଥିଲେ ବନ୍ଧୁ, ସହଯୋଗୀ, ସହକର୍ମୀ ଓ ଉପଦେଷ୍ଟା । ନିରଳସ ସାଧନା ଓ ତ୍ୟାଗ; କର୍ମପ୍ରବଣ ଜୀବନଯାପନ ହିଁ ଥିଲା ତାଙ୍କର ଈଶ୍ୱର ଆରାଧନା ।

ତାହାଙ୍କର ଛାତ୍ର ହେବାର ପରମ ସୌଭାଗ୍ୟ ମୁଁ ଲାଭ କରିଥିଲି । ବର୍ଷେ ମାସେ ନୁହେଁ, ଦୀର୍ଘ ଚାରିବର୍ଷ । କଟକ ସହରର ଅନ୍ୟତମ ପୁରାତନ ଉଚ୍ଚଶିକ୍ଷାର ପ୍ରାଣକେନ୍ଦ୍ର ଖ୍ରୀଷ୍ଟ ମହାବିଦ୍ୟାଳୟ । କହିବା ବାହୁଲ୍ୟ ଯେ ସେ ସମୟରେ ଖ୍ରୀଷ୍ଟ ମହାବିଦ୍ୟାଳୟ ରାଜ୍ୟର ଯେକୌଣସି ଶ୍ରେଷ୍ଠ ମହାବିଦ୍ୟାଳୟର ସମକକ୍ଷ ଥିଲା । ପୁଣି ଏହି ମହାବିଦ୍ୟାଳୟ ସୃଷ୍ଟି କରିଥିଲା ବହୁ ଲେଖକ, ସାହିତ୍ୟିକ, ଦାର୍ଶନିକ, ପ୍ରଶାସକ ଓ ଚିନ୍ତାନାୟକଙ୍କୁ ।

Digitized by srujanika@gmail.com

ସେ ସମୟରେ ଆମ କଲେଜର ପାଠପଢ଼ା ଥିଲା ଖୁବ୍ ଉନ୍ନତମାନର । ଶିକ୍ଷକ ଛାତ୍ରଛାତ୍ରୀ ମଧ୍ୟରେ ବିଶ୍ୱାସ ଓ ସହଯୋଗୀ ମନୋଭାବ ଅତୁଟ ଥିଲା । ଅଧ୍ୟକ୍ଷ ରେଭେରେଣ୍ଡ ବ୍ରଜାନନ୍ଦ ମହାନ୍ତି ଥିଲେ ଜଣେ ସ୍ୱାଭିମାନୀ କରିତ୍‌କର୍ମା ପୁରୁଷ । କର୍ମଯୋଗୀ ଅଧ୍ୟାପକମାନଙ୍କ ମଧ୍ୟରେ ସୁସାହିତ୍ୟିକ, କବି ଓ ପ୍ରାବନ୍ଧିକ ଶ୍ରୀଧର ଦାସଙ୍କ ସହ ପଣ୍ଡିତ ବାନାମ୍ୱର ଆଚାର୍ଯ୍ୟ, ଶାନ୍ତିରଞ୍ଜନ ବାନାର୍ଜୀ, ଏମ୍.ଏନ୍. ରାୟ, ଏସ୍.ଆର୍. ମୁଖାର୍ଜୀ, ଭି. ସୁବ୍ରମନିୟମ ଶିକ୍ଷାଦାନ କରୁଥିଲେ ।

ମୋର ପ୍ରିୟ ସାର୍ ଶ୍ରୀଯୁକ୍ତ ଦାସଙ୍କର ପାଠପଢ଼ା ଥିଲା ଅତି ଉଚ୍ଚକୋଟୀର ଓ ସ୍ୱତନ୍ତ୍ର । ସେ ଆମ୍ଭମାନଙ୍କୁ ଛାତ୍ର ନୁହେଁ ପ୍ରିୟତମ ପୁତ୍ର ଦୃଷ୍ଟିରେ ଦେଖୁଥିଲେ । ଏଣୁ ତାଙ୍କର ପାଠ ପଢ଼ାଇବାରେ ପୂରି ରହିଥିଲା ଶ୍ରଦ୍ଧା ଓ ଆନ୍ତରିକତା । ବିଶେଷତଃ ତାହାଙ୍କ କବିତା ଶିକ୍ଷାଦାନ ମୋତେ ଖୁବ୍ ପ୍ରଭାବିତ କରିଥିଲା । ସେ ନିଜସ୍ୱ ଶୈଳୀରେ ଶିକ୍ଷାଦାନ କରୁଥିଲେ । ପ୍ରଥମେ କବିତାଟିକୁ ପ୍ରାଞ୍ଜଳ ଭାବେ ଉଚ୍ଚ ସ୍ୱରରେ ଏକାଧିକବାର ଆବୃତ୍ତି କଲାପରେ ସେ କ୍ଲିଷ୍ଟ ଶବ୍ଦଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଅର୍ଥ କରି ଦେଉଥିଲେ । ତାହାପରେ କବିତାଟିର ସାରାଂଶ ସେ ଗଦ୍ୟରେ କହି ଦେଉଥିଲେ । ଆମେ ଯେଉଁମାନେ ମୋଧାବୀ ଛାତ୍ର ଥିଲୁ ଅଧ୍ୟାପକ ଦାସ କବିତାର ବ୍ୟାଖ୍ୟା କରିବା ପୂର୍ବରୁ କବିତାଟିକୁ ପ୍ରାଞ୍ଜଳ ଭାବେ ବୁଝି ଯାଉଥିଲୁ । ତାହାଙ୍କର ତୃତୀୟ ସୋପାନ ଆଲୋଚନା ପରେ କୌଣସି ଛାତ୍ରଙ୍କର କିଛି ଅବୋଧ ବୋଧହୁଏ ରହୁ ନ ଥିଲା ।

ଶ୍ରେଣୀଗୃହରେ ସାର୍ ପାଠ ପଢ଼ାଉଥିବା ବେଳେ ମନେ ହେଉଥିଲା ସତେ ଯେପରି ସାହିତ୍ୟ ଏକ ମଧୁର ରସ ଭଳି ଛାତ୍ରମାନଙ୍କ ହୃଦୟକୁ ପ୍ଲାବିତ କରୁଅଛି । କହିବାରେ ଅନର୍ଗଳ, ଅଦ୍‌ଭୂତ ଭଙ୍ଗୀ ସହିତ ଭାବ ଓ ଭାଷା ଏପରି ଇନ୍ଦ୍ରଜାଲ ସୃଷ୍ଟି କରୁଥିଲା ଯେ ମୋର ମନେ ହେଉଥିଲା ପାଠ୍ୟ ପୁସ୍ତକର ଆବଶ୍ୟକତା ଆଉ ନାହିଁ । ଯେପରି ଏକ ଚୁମ୍ବକୀୟ ଶକ୍ତିର ଅଧିକାରୀ ଥିଲେ ସେ । ଆମେ ଛାତ୍ରମାନେ ତାଙ୍କ ବ୍ୟକ୍ତିତ୍ୱଦ୍ୱାରା ଆକର୍ଷିତ ହୋଇଯାଉଥିଲୁ ଆପେ ଆପେ । ତାଙ୍କର ମୁଖମଣ୍ଡଳରୁ ଏକ ଉଜ୍ଜ୍ୱଳ ଜ୍ୟୋତି ବିଚ୍ଛୁରିତ ହେଉଥିଲା ।

ଉଲ୍ଲେଖଯୋଗ୍ୟ ଯେ ସେତେବେଳକୁ ମୁଁ ଓଡ଼ିଶାର ପୁରପଲ୍ଲୀରେ ଜଣେ ନାଟ୍ୟକାର ଭାବେ ସ୍ୱୀକୃତି ପାଇ ସାରିଥାଏ । ଅନ୍ନପୂର୍ଣ୍ଣା ଥିଏଟର 'ଏ' ଗ୍ରୁପ୍ ଓ 'ବି'

Digitized by srujanika@gmail.com

ଗ୍ରୁପ୍‌ଦ୍ୱାରା ମୋର ବହୁନାଟକ ଅତି ସୁନାମର ସହିତ ମାସ ମାସ ଧରି ଅଭିନୀତ ହେବା ସଙ୍ଗେ ସଙ୍ଗେ ମୋତେ ଆଣି ଦେଇଥାଏ ଯଥେଷ୍ଟ ସମ୍ମାନ ଓ ପ୍ରତିଷ୍ଠା । ସେହିସବୁ ନାଟକ ଭିତରେ ଦେବୀ, ବେନ୍‌ନାମୀ, ଜହର, ଶିକାରୀ, ଆଲୋକ, ଗରିବ, ତୋଫାନ, ମାଣିକଯୋଡ଼ି ପ୍ରଭୃତି ଉଲ୍ଲେଖଯୋଗ୍ୟ । ମୋର ନାଟକ 'ଜହର' କଲେଜସ୍ତରରେ ପାଠ୍ୟପୁସ୍ତକ ଭାବେ ଅନ୍ତର୍ଭୁକ୍ତ ଥାଏ ।

ମୋ ପୂଜ୍ୟଗୁରୁ ଶ୍ରୀଧର ସାର୍ ମୋର ସାଧନା ପଥର ଥିଲେ ଅନ୍ୟତମ ମାର୍ଗ ନିର୍ଦ୍ଦେଶକ । ବାରିପଦାରେ ବାଲ୍ୟ ଓ କୈଶୋର ଗୁରୁଜୀ ଭାବେ ମୁଁ ଆହେ ଦୟାମୟର ରଚୟିତା ରାମକୃଷ୍ଣ ନନ୍ଦ, ପଣ୍ଡିତ ବାସୁଦେବ ମହାପାତ୍ର, ଜଗତ୍ ମୋହନ ସେନ୍ ଓ ବ୍ରଜସୁନ୍ଦର ଦାସ ପ୍ରମୁଖଙ୍କୁ ପାଇଥିଲି । ପରେ କଟକରେ ଯୌବନରେ ଅଧ୍ୟକ୍ଷ ରେଭେରେଣ୍ଡ ବ୍ରଜାନନ୍ଦ ମହାନ୍ତି, ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଓ ଅଧ୍ୟାପକ ଶ୍ରୀଧର ଦାସଙ୍କୁ ପାଇଲି ।

ଜୀବନର ପ୍ରତିଟି ମୁହୂର୍ତ୍ତରେ ମୁଁ ଅନୁଭବ କରେ ମୋ ପ୍ରତି ସେମାନଙ୍କର ଅବଦାନକୁ । ବିଶେଷତଃ ଶ୍ରୀଧର ସାର୍‌ଙ୍କ ବହୁ ଅନ୍ତରଙ୍ଗ ମୁହୂର୍ତ୍ତକୁ ମୁଁ କଟାଇଛି । କେତେବେଳେ ଛାତ୍ର ଭାବେ, କେତେବେଳେ ଛାତ୍ର ନେତା ଭାବେ ୟୁନିୟନ କାମରେ ଅବା ଆଉ କେତେବେଳେ ଜଣେ ଉଦୀୟମାନ ଲେଖକ ଭାବେ । ପ୍ରତିଟି ମୁହୂର୍ତ୍ତରେ ମୁଁ ତାଙ୍କର ସାନ୍ନିଧ ପାଇ ନିଜକୁ ଧନ୍ୟ ମନେକରେ । ମତେ ଦେଖିଲା କ୍ଷଣି ସେ ଆଦରରେ ଘର ଭିତରକୁ ଡାକିନେଇ କୁଶଳ ପ୍ରଶ୍ନ ଜିଜ୍ଞାସା କରନ୍ତି । ବେଳେ ବେଳେ ସେ ମୋର ସଫଳ ନାଟ୍ୟ କୃତିରେ ଅଭିଭୂତ ହୋଇପଡ଼ି ଭୂୟସୀ ପ୍ରଶଂସା କରନ୍ତି ଏବଂ ମୋର ଉତ୍ତରୋତ୍ତର ଉନ୍ନତି କାମନା କରନ୍ତି । ବିଭିନ୍ନ ବିଷୟରେ ଘଣ୍ଟା ଘଣ୍ଟା ତାଙ୍କ ସହ ଆଲୋଚନା କରି ଘରକୁ ଫେରେ । ଫେରିଲାବେଳେ ତାଙ୍କର ପାଦଧୂଳି ନେବାକୁ ଭୁଲେ ନାହିଁ । ସାର୍ ମଧ କଲ୍ୟାଣର ବର୍ଷା ଢାଳି ଦିଅନ୍ତି ଅବାରିତ ଭାବେ ।

ପୂର୍ବରୁ ତ କହିଚି ଓଡ଼ିଆ ଅଧ୍ୟାପକ ଭାବେ ତାଙ୍କର ଶିକ୍ଷାଦାନ ଥିଲା ସ୍ୱତନ୍ତ୍ର ଓ ଖୁବ୍ ଉଚ୍ଚମାନର । କୌଣସି ବିଷୟରେ ସନ୍ଦେହ ଥିଲେ ସେ ବିଭିନ୍ନ ଦିଗରୁ ବ୍ୟାଖ୍ୟା କରୁଥିଲେ । ଶ୍ରେଣୀରେ ପିଲାମାନଙ୍କୁ ପ୍ରଶ୍ନ ପଚାରି ଉତ୍ତର ଆଦାୟ କରୁଥିଲେ । ଖ୍ରୀଷ୍ଟ କଲେଜର ଭଲ ପରୀକ୍ଷା ଫଳ ମୂଳରେ ମୋର ପୂଜ୍ୟ ଶ୍ରୀଧର

Digitized by srujanika@gmail.com

ସାର ଓ ଅନ୍ୟ ସାର୍‌ମାନଙ୍କ ଅବଦାନ ଯେ ଯଥେଷ୍ଟ ଥିଲା, ଏହା ମୁକ୍ତ କଣ୍ଠରେ ସ୍ୱୀକାର କରାଯାଇପାରେ । ଛାତ୍ରମାନଙ୍କର ସୁଖରେ ସୁଖୀ ଓ ଛାତ୍ରମାନଙ୍କର ଦୁଃଖରେ ଦୁଃଖୀ ଏହି ବିଦ୍ୱାନ ଅଧ୍ୟାପକଙ୍କୁ ପାଇ ଖ୍ରୀଷ୍ଟ କଲେଜରେ ଓଡ଼ିଆ ବିଭାଗ ଗୌରବାନ୍ୱିତ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ତାହାଙ୍କ ରଚିତ ଶତାଧିକ ପୁସ୍ତକ ବିଶେଷତଃ ବହୁ ଚର୍ଚ୍ଚିତ ସର୍ବସାର ବ୍ୟାକରଣ, ପାଠ୍ୟପୁସ୍ତକ, ଶିଶୁ ସାହିତ୍ୟ, ସମ୍ପାଦିତ ଓ ଅନୂଦିତ କୃତି ଯୁଗ ଯୁଗ ଧରି ତାଙ୍କର ଯଶଗାନ କରୁଥିବ । କବିବର ରାଧାନାଥଙ୍କ ଭାଷାରେ –

"ବୃଥା ମାଟି ଦେହ ଗ୍ରାସିଛି ଶ୍ମଶାନ,
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ୍ ।"

ମରଣର ବାଲୁକା-ଶଯ୍ୟାରେ ଚାଲି ଚାଲି ମନୁଷ୍ୟ ପରପାରିକୁ ଚାଲିଯାଏ । ଆଉ ଫେରି ଆସେନା । ତା'ର ପଦଚିହ୍ନ ମଧ୍ୟ ଲିଭିଯାଏ । କିନ୍ତୁ ଯେଉଁ ବ୍ୟକ୍ତି ଏ ମର-ସଂସାରରେ ଆମ୍ଭମାନଙ୍କଠୁ ଚିରବିଦାୟ ଘେନି ମଧ୍ୟ ସେହି ମହାଯାତ୍ରା ଆମ୍ଭମାନଙ୍କର ନୈତିକ-ଜୀବନ ଉପରେ ଗଭୀର ରେଖାପାତ କରିଥାଏ, ସେଇ ମଧୁର ସ୍ମୃତିକୁ ଆଦୌ ଭୁଲିହୁଏ ନାହିଁ ।

ଏହିଭଳି ଜଣେ ମହାନ୍ ବ୍ୟକ୍ତି ଥିଲେ, ମୋ କଲେଜ ଜୀବନର ଗୁରୁ ଅଧ୍ୟାପକ ସ୍ୱର୍ଗତ ଶ୍ରୀଧର ଦାସ ।

ଅଧ୍ୟାପକ ଦାସ କେବଳ ଜଣେ ଉଚ୍ଚକୋଟୀର ଶିକ୍ଷାବିତ୍ କିମ୍ବା ଛାତ୍ରବତ୍ସଳ ଶିକ୍ଷକ ନ ଥିଲେ; ସେ ଥିଲେ ଆମର ପରାମର୍ଶଦାତା ଏବଂ ଜଣେ ହିତୈଷୀ ଅଭିଭାବକ । ଛାତ୍ରମାନଙ୍କ ସୁଖରେ ସୁଖୀ ଓ ଦୁଃଖରେ ସମବେଦନଶୀଳ । ତାଙ୍କୁ ଅଧ୍ୟାପକ ଭାବରେ ପାଇ ଖ୍ରୀଷ୍ଟ କଲେଜର ଓଡ଼ିଆ ବିଭାଗ ଗୌରବାନ୍ୱିତ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଖ୍ରୀଷ୍ଟ କଲେଜର ଜଣେ ମେଧାବୀ ଛାତ୍ର ଭାବେ ମୁଁ ଆଇ.ଏ. ଓ ବି.ଏ. (ଡିଷ୍ଟିଂସନ୍ ସହ) ପାଶ୍ କରିଥିଲି । କଲେଜର ତତ୍କାଳୀନ ଅଧ୍ୟକ୍ଷ ରେଭରେଣ୍ଡ ବ୍ରଜାନନ୍ଦ ମହାନ୍ତି ଓ ଅନ୍ୟାନ୍ୟ ଅଧ୍ୟାପକମାନଙ୍କର ଆଶୀର୍ବାଦ ମୋ ପ୍ରତି ପ୍ରଚ୍ଛନ୍ନ ଭାବରେ

Digitized by srujanika@gmail.com

ରହିଥିଲା । ସେହି ସମୟରେ ଓଡ଼ିଶାର ଜଣେ ବିଶିଷ୍ଟ ନାଟ୍ୟକାର ଭାବେ ମୁଁ ଯଥେଷ୍ଟ ଖ୍ୟାତି ଲାଭ କରିଥିଲି । ମୋର ସଫଳ ନାଟ୍ୟକୃତିରେ ଅଭିଭୂତ ହୋଇ ଶ୍ରୀଧର ବାବୁ ଭୂୟସୀ ପ୍ରଶଂସା କରୁଥିଲେ ଏବଂ ମୋର ଉତ୍ତରୋତ୍ତର ଉନ୍ନତି କାମନା କରୁଥିଲେ ।

ଆଜି ସେ ଆମ ଭିତରେ ନାହାନ୍ତି; ହେଲେ ତାଙ୍କର ସେ ଅପୂର୍ବ କର୍ତ୍ତବ୍ୟନିଷ୍ଠା, ପ୍ରଗାଢ଼ ପାଣ୍ଡିତ୍ୟ ଓ ମହନୀୟ ଚରିତ୍ରବତ୍ତା ଆମ୍ଭମାନଙ୍କ ନିକଟରେ ଏକ ବଳିଷ୍ଠ ବ୍ୟକ୍ତିତ୍ୱର ମହତ ଆଦର୍ଶ ଉଜ୍ଜୀବିତ କରି ରଖିଅଛି ।

ଦିନକର କଥା । କଲେଜ ୟୁନିୟନର କୌଣସି ଗୋଟିଏ କାମରେ ମୁଁ ତାଙ୍କ ଘରକୁ ଯାଇଥିଲି । ମତେ ଦେଖିଲାକ୍ଷଣି ସେ ଆଦରରେ ଘର ଭିତରକୁ ଡାକି ନେଲେ ଓ କୁଶଳ ପ୍ରଶ୍ନ ଜିଜ୍ଞାସା କଲେ । ଯେଉଁ କାମରେ ଯାଇଥିଲି, ସେ ଦିଗରେ ମତେ ଉପଯୁକ୍ତ ପରାମର୍ଶ ଦେଲେ । ତା'ପରେ ତାଙ୍କଠୁଁ ବିଦାୟ ନେଇ ଆସିବାକୁ ବାହାରିଛି, ମତେ ପଛରୁ ଡାକି କହିଲେ, "ଭଞ୍ଜ କିଶୋର, ଟିକିଏ ଅପେକ୍ଷା କର ।" ମୁଁ ଅପେକ୍ଷା କଲି । ସେ ଘର ଭିତରକୁ ଯାଇ ବିଡ଼ାଏ ଖାତା ଧରି ଆସଲେ, କହିଲେ, "ୟେ ସବୁ ତୁମରି ଖାତା । ମୁଁ ଦେଖି ସାରିଲିଣି । ତୁମର କେତେ ନମ୍ବର ଅଛି ଜାଣିବାକୁ ଚାହୁଁଚ କି ?"

"ସାର୍, ଯଦି କହିବେ, ଦୟାକରି କେତେ ନମ୍ବର ଅଛି କୁହନ୍ତୁ ।" ମୁଁ ବିନମ୍ର କଣ୍ଠରେ ଉତ୍ତର ଦେଲି । ଟିକିଏ ହସି ଦେଇ ସେ କହିଲେ, "ତୁମେ ତ ଜଣେ ସୁଲେଖକ, ନାଟ୍ୟକାର । ତା'ଛଡ଼ା ଶ୍ରେଣୀର ଜଣେ ମେଧାବୀ ଛାତ୍ର । କେତେ ନମ୍ବର ଥିବ ବୋଲି ଭାବୁଚ ?"

ଟିକିଏ ଇତସ୍ତତଃ ହୋଇ କହିଲି, "ସାର୍, ମୋର ବୋଧହୁଏ ୬୩ କିମ୍ବା ୬୪ ଥିବ ?"

"ତୁମର ଏତେ Confidence ରହିଛି ନିଜ ଉପରେ ?"

"ଧୃଷ୍ଟତା ମାର୍ଜନା କରିବେ ସାର୍ ! M.I.L. ରେ ଭଲ କରିଚି ବୋଲି ମୋର ଧାରଣା ।"

"ହଉ ତେବେ ଦେଖିବା" କହି ସାର୍ ସବୁ ଖାତା ଭିତରୁ ମୋ ଖାତାଟିକୁ ଖୋଜି ବାହାର କଲେ । M.I.L. ରେ ମୋର ୬୫ ନମ୍ବର ଥିଲା ।

Digitized by srujanika@gmail.com

ଖୁସି ହୋଇ ଅଧ୍ୟାପକ ଦାସ ମୋ ପିଠି ଥାପୁଡ଼ାଇ ଦେଲେ । କହିଲେ, "ତୁମେ ଠିକ୍ କହିଥିଲ । ପ୍ରକୃତରେ ନିଜକୁ Assess କରିପାରିବା ଉତ୍ତମ ଛାତ୍ର ପକ୍ଷରେ ହିଁ ସମ୍ଭବ ।"

ତାଙ୍କ ପାଦଧୂଳି ନେଇ ଘରକୁ ଫେରିଲି ।

ଦୀର୍ଘ ଚାରିବର୍ଷ କାଳ ମୁଁ ତାଙ୍କ ଛାତ୍ର ଥିଲି । ଓଡ଼ିଆ ଅଧ୍ୟାପକ ଭାବରେ ତାଙ୍କ ଶିକ୍ଷାଦାନ ପଦ୍ଧତି ଅତି ଉଚ୍ଚକୋଟୀର ଥିଲା । କୌଣସି ବିଷୟରେ ସନ୍ଦେହ ଥିଲେ, ସେ ଭଲ ଭାବେ ବୁଝାଇ ଦେଉଥିଲେ ଓ ବିଭିନ୍ନ ଦିଗରୁ ବ୍ୟାଖ୍ୟା କରୁଥିଲେ । ଶ୍ରେଣୀରେ ପିଲାମାନଙ୍କୁ ପ୍ରଶ୍ନ ପଚାରି ଉତ୍ତର ଆଦାୟ କରୁଥିଲେ ।

ଗୁଣୀ ଲୋକଙ୍କର ଗୁଣ ବର୍ଣ୍ଣନା କଲେ ସରେ ନାହିଁ । ବହୁ ସଦ୍‌ଗୁଣରେ ମଣ୍ଡିତ ହୋଇ ସେ ଥିଲେ ଜଣେ ସରଳ, ନିରାଡ଼ମ୍ବର ମନୁଷ୍ୟ । ତାଙ୍କ ନିକଟରେ ଛାତ୍ରସମାଜ ବହୁ ଦିଗରୁ ଋଣୀ । ଜଣେ ଅନୁରାଗୀ ଛାତ୍ର ହିସାବରେ, ତାଙ୍କ ପ୍ରତି ମୋର ଏଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

■■■

Digitized by srujanika@gmail.com

ସଂଗ୍ରାମ ଓ ସୃଷ୍ଟିର ସମନ୍ୱିତ ପ୍ରତିଭା

ଡକ୍ଟର ଅରବିନ୍ଦ ଗିରି

ଶ୍ରୀଧର ଦାସଙ୍କ ନାମ ଶୁଣିଥିଲି ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ । ଅଧ୍ୟାପନାର ନିଷ୍ଠା, ଆଦର୍ଶ ଚରିତ୍ରବତ୍ତା, କଠୋର କାର୍ଯ୍ୟଦକ୍ଷତା, ଏକନିଷ୍ଠ ସାହିତ୍ୟ ସାଧନା ହିଁ ତାଙ୍କୁ ଓଡ଼ିଶାର ଜଣେ ସ୍ୱନାମଧନ୍ୟ ଅଧ୍ୟାପକ ହେବାର ଗୌରବ ପ୍ରଦାନ କରିଛି ।

କଲେଜରେ ଫାଷ୍ଟୟିଅର ପଢ଼ିଲାବେଳେ 'ଓଡ଼ିଆ ଅଭିଧାନ'ଟିଏ କିଣିବାର ବିଶେଷ ପ୍ରୟୋଜନ ଅନୁଭବ କଲି । ବଜାରରେ ମିଳୁଥିବା ଦୁଇ ତିନି ପ୍ରକାର ଅଭିଧାନ ମଧ୍ୟରୁ କାହିଁକି କେଜାଣି ତାଙ୍କର "ନବ ଅଭିଧାନ"ଟିଏ କିଣିବା ପାଇଁ ବିଶେଷ ଆଗ୍ରହ ସୃଷ୍ଟି ହୋଇଥିଲା । ବହିଟି ଏବେ ବି ମୋର ଅଧ୍ୟାପନା ଜୀବନର ଏକ ସହାୟକ ପୁସ୍ତକ ଭାବରେ ବହୁ ଉପକାରରେ ଲାଗୁଛି ।

ଘଟଣାକ୍ରମରେ ହେଉ ବା ବିଧିର ବିଧାନରୁ ହେଉ ତାଙ୍କ ସହିତ ପରେ ମୋର ଏକ ସୁସମ୍ପର୍କ ପ୍ରତିଷ୍ଠା ହୋଇଥିଲା । ସେତେବେଳେ ତାଙ୍କ ବୟସର ସୂର୍ଯ୍ୟ ଅସ୍ତଗାମୀ ପ୍ରାୟ । ଅଙ୍ଗ ଶିଥିଳତା, ଦୃଷ୍ଟିଶକ୍ତିହୀନତା, ଶ୍ରୁତି ଓ ସ୍ମୃତିଶକ୍ତିହୀନତା ହେତୁ ସୃଷ୍ଟି ଚେତନାରେ ସେ ଏକପ୍ରକାର ସ୍ଥବିର ପାଲଟିଥିଲେ । ବହୁ ନିଃସଙ୍ଗତା ଓ ନିଃସହାୟତା ଅନୁଭବ କରୁଥିବାର ଦେଖିଛି । କୌଣସି ଆଗନ୍ତୁକ, ଶୁଭେଚ୍ଛୁ ଆସି କଥାବାର୍ତ୍ତା ଟିକେ କଲେ ସେ ପ୍ରାୟ ତାଙ୍କୁ ଛାଡ଼ିବାକୁ ନାରାଜ ।

ଗବେଷଣା କାର୍ଯ୍ୟରେ ଥିବାବେଳେ ବିଶିଷ୍ଟ ଗାନ୍ଧିବାଦୀ ସମାଜସେବୀ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାରଣାଠାରୁ ଜାଣିଲି ଅଧ୍ୟାପକ ଶ୍ରୀଧର ଦାସ ହେଉଛନ୍ତି ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣାଙ୍କ ପୁରୀ ଜିଲ୍ଲା ସ୍କୁଲର ଛାତ୍ର । ତାଙ୍କୁ ସାକ୍ଷାତ କରିବାର

Digitized by srujanika@gmail.com

ସୁଯୋଗ ପାଇଲି । ସେତେବେଳେ ଚନ୍ଦ୍ରମୋହନଙ୍କ କୌଣସି ପୁରାତନ ଛାତ୍ରଙ୍କୁ ଭେଟିବାରେ ଖୁବ୍ ଆତ୍ମତୃପ୍ତି ଅନୁଭବ କରୁଥିଲି । ବହୁ କଷ୍ଟରେ 'ଚନ୍ଦ୍ରମୋହନ ପରିକ୍ରମା' ପାଇଁ ତାଙ୍କଠାରୁ ଏକ ପ୍ରବନ୍ଧ ମଧ୍ୟ ଆଣିଥିଲି । ତା'ପରେ ତାଙ୍କ ସହିତ ଏକାଧିକ ପତ୍ର ବିନିମୟ ଘଟିଥିଲା । ଚନ୍ଦ୍ରମୋହନଙ୍କ ସୃଷ୍ଟି ପ୍ରତିଭା, ଆଦର୍ଶ ଶିକ୍ଷକ ଜୀବନ ତଥା ତାଙ୍କ ଛାତ୍ର ଜୀବନର ସ୍ମୃତି ସଙ୍କେତ ସ୍ୱରୂପ କେତେଖଣ୍ଡ ଚିଠି ମଧ୍ୟ ସେ ଦେଇଥିଲେ । ତାଙ୍କ ପ୍ରଥମ ଚିଠିଟି ସେ ଲେଖିଥିଲେ –

୧୧ ।୨ । ୮୦
ଦେଉଳସାହି,
କଟକ-୭୫୩୦୦୮

ଶ୍ରଦ୍ଧେୟ ଅରବିନ୍ଦ,

ଚିଠିଟି ପାଇ ଅତ୍ୟନ୍ତ ଆନନ୍ଦିତ ହେଲି । ମୁଁ ପୁରୀଜିଲ୍ଲା ସ୍କୁଲର ଛାତ୍ର ଥିଲା ବେଳେ (୧୯୧୯) ଚନ୍ଦ୍ରମୋହନ ବାବୁ ଆମର ହେଡ୍‌ମାଷ୍ଟର ହୋଇ ଆସିଥିଲେ । ମାତ୍ର ୩/୪ ମାସ ପରେ ବାଲେଶ୍ୱରକୁ ବଦଳି ହୋଇ ଯାଇଥିଲେ । ସେ ଅତି କଠୋର ଥିଲେ ହେଁ ମୋ ପ୍ରତି ସଦୟ ଥିଲେ । ତାଙ୍କ ସ୍ମୃତି ମୋର ଜାଗ୍ରତ ରହିଛି । ତାଙ୍କର କଲେଜ ପଢ଼ା ସମୟରେ ଲେଖା କବିତା ବହି 'ଅବକାଶ' ମିଳୁ ନାହିଁ । ଶରତଙ୍କୁ (ଭୂଦାନ କର୍ମୀ) ପଚାରିଥିଲି । ତାଙ୍କ ପାଖେ ନାହିଁ ବୋଲି ଶୁଣିଲି । ତାଙ୍କ ଭାଇ ଲୋକନାଥ ରେମୁଣା ହାଇସ୍କୁଲରେ ଶିକ୍ଷକ ଥିଲେ । ଏବେ ସେ କେଉଁଠି ଜାଣେ ନାହିଁ । ଲୋକନାଥ ପୁରୀ ଜିଲ୍ଲା ସ୍କୁଲରେ ମୋର ସହପାଠୀ ଥିଲେ । ତାଙ୍କଠାରୁ ସନ୍ଧାନ ନେବା ଆବଶ୍ୟକ । 'କଥାବଳୀ' ବହିରେ ତାଙ୍କର ଋତୁ ବର୍ଣ୍ଣନା ମୂଳକ ଛଅଟି କବିତା ଥିଲା । ମୋ ପାଖରେ ଖଣ୍ଡିଏ 'କଥାବଳୀ' ଥିଲା । ତାକୁ ନୟାଗଡ଼ ଦାଶରଥି ପଟ୍ଟନାୟକ ତାଙ୍କ ଉଦୟପୁର ପାଠାଗାରକୁ ନେଇଯାଇ ଅଛନ୍ତି । ପୁରୁଣା ଉତ୍କଳ ସାହିତ୍ୟରେ ତାଙ୍କର କେତେକ ଲେଖା ଅଛି । ଗୋଟିଏ ଲେଖା ହେଉଛି – ଉତ୍କଳ ସାହିତ୍ୟ ସମାଜରେ ପ୍ରଦତ୍ତ ତାଙ୍କ ଅଭିଭାଷଣ; ଅନ୍ୟ ଗୋଟିଏ ହେଉଛି 'ଫକୀରମୋହନ' ସଂଖ୍ୟାରେ ଲିଖିତ ପ୍ରବନ୍ଧ । ଏ ଦିଓଟି ମୋର ସ୍ପଷ୍ଟ ମନେଅଛି । ବୋଧହୁଏ, 'ସାହିତ୍ୟ ଦର୍ପଣକାର' ବିଶ୍ୱନାଥଙ୍କ ବିଷୟରେ ସେ ଗୋଟିଏ ପ୍ରବନ୍ଧ

Digitized by srujanika@gmail.com

ଲେଖିଥିଲେ । ତାଙ୍କର 'ବ୍ୟାକରଣ ସୋପାନ' ଦୁଇଭାଗ ସହିତ ଛାତ୍ର ସମାଜ ସୁପରିଚିତ । ତାଙ୍କର ସ୍ୱାକ୍ଷର ମୋର ଖଣ୍ଡିଏ ପ୍ରାଇଜ୍ ବହିରେ ଥିଲା । ସେଇଟି ମୁଁ ଲୋକରତ୍ନ କୁଞ୍ଜବିହାରୀ ଦାଶଙ୍କୁ ଦେଇଥିଲି ବିଶ୍ୱଭାରତୀରେ ରଖିବା ପାଇଁ । ତାଙ୍କର ହାତଲେଖା ମୋ ପାଖରେ କିଛି ନାହିଁ ।

ତାଙ୍କର ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ ଯାହା କିଛି ସ୍ମରଣ ଅଛି ଲେଖି ପଠାଇପାରିବି । ସେଭଳି ଲେଖା କିଛି କାମରେ ଲାଗିବ କି ?

ମୁଁ ୭୯ ବର୍ଷରେ ପାଦ ଦେଲିଣି । ସ୍ମୃତିଶକ୍ତି କ୍ଷୀଣ ହୋଇ ଆସିଲାଣି । କାର୍ଯ୍ୟ କରିବା ବା ଗଭୀର ଚିନ୍ତା କରିବା ସମ୍ଭବ ହେଉ ନାହିଁ । ତଥାପି ମୋଦ୍ୱାରା ଯାହା ସାହାଯ୍ୟ ସମ୍ଭବ ତାହା କରିବାକୁ ପ୍ରସ୍ତୁତ ଅଛି ।

ପତ୍ର ସହିତ ଏ Inland Letter ଖଣ୍ଡି ପାଇ ଦୁଃଖୀତ ହୋଇଛି । ସ୍ୱଚ୍ଛନ୍ଦରେ ଚିଠି ଦେଲେ ମୁଁ ସମର୍ଥ ଥିଲେ ନିଶ୍ଚୟ ଉତ୍ତର ଦେବି । କେବେ ଦେଖାହେଲେ ବିଶେଷ ଆନନ୍ଦ ଅନୁଭବ କରିବି । ପତ୍ର ଆଶାରେ ରହିଲି ।

ଇତି

ତୁମର ଶ୍ରୀଧର

ଉପରୋକ୍ତ ଚିଠିର ଠିକ୍ ୧୫ ଦିନ ପରେ ସେ ଅନ୍ୟ ଏକ ପତ୍ରରେ ଲେଖିଥିଲେ

ଦେଉଳ ସାହି, କଟକ

୨୬।୨।୮୦

କଲ୍ୟାଣୀୟ ଅରବିନ୍ଦ,

ଆଜି ଚିଠିଟା ପାଇବା ମାତ୍ରେ ମୁଁ ମୋର ଗୋଟିଏ ଭୁଲକୁ ସଂଶୋଧନ କରିବା ଉଦ୍ଦେଶ୍ୟରେ ଏ ଚିଠିଟି ଲେଖୁଛି । ମୁଁ ଭୁଲରେ 'ଅବକାଶ' ବୋଲି ଯାହା ଲେଖିଥିଲି, ତାହା ଅବକାଶ ନୁହେଁ 'ନବୋଦ୍ୟମ' । ମୁଁ ଭ୍ରମବଶତଃ ତୁମକୁ ବୃଥା ହଇରାଣରେ ପକାଇଛି । 'ନବୋଦ୍ୟମ' ମିଳିଥିବା ଆନନ୍ଦର କଥା । 'ଅବକାଶ' ବୋଲି କିଛି ମେ

Digitized by srujanika@gmail.com

ଲେଖି ନ ଥିଲେ । ଚନ୍ଦ୍ରମୋହନ ବାବୁ ଖଣ୍ଡିଏ ଅଭିଧାନ ଆରମ୍ଭ କରିଥିବା କଥା ଆମେ ସେ ସମୟରେ ମଧ୍ୟ ଶୁଣିଥିଲୁ; କିନ୍ତୁ ତାଙ୍କ ନିଜ ମୁହଁରୁ ଶୁଣିନାହୁଁ । ତେବେ ତାହା ସମ୍ପୂର୍ଣ୍ଣ ହୋଇ ନ ଥିଲା ବୋଲି ବିଶ୍ୱାସ ।

ଆଉ ଗୋଟିଏ କଥା ମନେପଡ଼ିଲା ବୋଲି ଲେଖୁଛି । ରାଧାନାଥ ବାବୁଙ୍କ 'ମହାଯାତ୍ରା'ର କେତେକ ଅଂଶ ଇଂରେଜ ସରକାରଙ୍କ ବିରୋଧୀ ବୋଲି କେହି ସରକାରଙ୍କୁ ଜଣାଇବାରୁ ସେ ତାକୁ ନଷ୍ଟ କରି ଦେଇଥିଲେ । ଆମେ ଶୁଣିଥିଲୁ ଯେ ଚନ୍ଦ୍ରମୋହନ ବାବୁ ହିଁ ସରକାରଙ୍କ ଦୃଷ୍ଟିକୁ ଏହା ଆଣିଥିଲେ । କିନ୍ତୁ ସେ ତାହା କରି ନ ଥିଲେ ବୋଲି କହିଥିଲେ । ସେ ରାଧାନାଥଙ୍କ ଗୁଣଗ୍ରାହୀ ଭକ୍ତ ଥିଲେ । 'ଚିଲିକା'ର ପ୍ରଥମ ଦୁଇଧାଡ଼ି ବୁଝାଇବାରେ ଥରେ ସେ ଘଣ୍ଟାଏ ସମୟ ନେଇଥିଲେ – ଅବଶ୍ୟ ଆମ ଶ୍ରେଣୀରେ ନୁହେଁ, ଆମ ଉପର ଦଶମ ଶ୍ରେଣୀରେ ।

ମୋର ଭ୍ରମ 'ନବୋଦ୍ୟମ' ସ୍ଥଳରେ 'ଅବକାଶ' ଲେଖିବା ତୁମ୍ଭଙ୍କୁ ଅଯଥା କଷ୍ଟ ଦେଇଥିବ । କ୍ଷମା କରିବ ।

ଅନ୍ୟାନ୍ୟ ବିଷୟରେ ପରେ ଲେଖିବି । ମୁଁ ବର୍ତ୍ତମାନ ଶାରୀରିକ ତଥା ମାନସିକ ଶକ୍ତିର ଅଭାବ ଅନୁଭବ କରୁଛି ।

ତୁମର

ଶ୍ରୀଧର ଦାସ

ପ୍ରକାଶିତ 'ଚନ୍ଦ୍ରମୋହନ ପରିକ୍ରମା' ପୁସ୍ତକରେ ସନ୍ନିଷ୍ଟ 'ଗୁରୁଦେବ ଚନ୍ଦ୍ରମୋହନ' ପ୍ରବନ୍ଧରେ ସ୍ୱୀୟ ଛାତ୍ର ଜୀବନର ସ୍ମୃତି ସେ ଚାରଣ କରିଛନ୍ତି । ଏହା ତାଙ୍କ ପୁରୀ ଜିଲ୍ଲାର ଘଟଣା । ଚନ୍ଦ୍ରମୋହନ ଦ୍ୱିତୀୟଥର ପୁରି ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷ ଦାୟିତ୍ୱ ନେବାର ଅଳ୍ପଦିନ ପରେ ଥରେ ସଂସ୍କୃତ କ୍ଲାସ ପରିଦର୍ଶନ କଲେ । ନବମ କ୍ଲାସରେ ସଂସ୍କୃତ ପଢ଼ାଉଥିଲେ ପଣ୍ଡିତ ଜଗନ୍ନାଥ ରଥ, ଯେ କି କଟକ ଟ୍ରେନିଂ ସ୍କୁଲରେ ଚନ୍ଦ୍ରମୋହନଙ୍କ ଛାତ୍ର ଥିଲେ । ଚନ୍ଦ୍ରମୋହନ ପିଲାମାନଙ୍କୁ ସଂସ୍କୃତ ପାଠ୍ୟ ବିଷୟରୁ କେତୋଟି ବାକ୍ୟ ପଚାରିଲେ । ତା' ସହିତ ବାକ୍ୟ ମଧ୍ୟରେ ଥିବା ଏକବଚନ ଅର୍ଥରେ ବହୁବଚନ ପ୍ରୟୋଗର କାରଣ ମଧ୍ୟ ଜିଜ୍ଞାସା କରି କିଛି ଉତ୍ତର ପାଇ ନ

Digitized by srujanika@gmail.com

ଥିଲେ । ଏ ପ୍ରସଙ୍ଗରେ ଶ୍ରୀଧର ବାବୁ ଲେଖିଛନ୍ତି, "ପଛ ବେଞ୍ଚରୁ ମୁଁ ଉତ୍ତର କଲି, 'ସାର୍ ମାନ୍ୟାର୍ଥେ ବହୁ ବଚନ' । ତାହାପରେ ଆଦେଶ ହେଲା, "You come here" ସେ ଗମ୍ଭୀର ନିର୍ଘୋଷରେ ମୋର ହୃତ୍‌କମ୍ପ । ଥରି ଥରି ଟେବୁଲ ପାଖକୁ ଆସିଲି । ଏଣିକି ତାଙ୍କର ପ୍ରଶ୍ନର ଗତି ବଦଳିଲା । ଘର କେଉଁଠି, ଘରେ କିଏ କିଏ ଅଛନ୍ତି, ଆର୍ଥିକ ଅବସ୍ଥା କିପରି, ପୂର୍ବରୁ କେଉଁଠାରେ ପଢ଼ିଥିଲ ଇତ୍ୟାଦି । ମୁଁ ଭୀତ ଚକିତ ଭାବରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଲି । ତା'ପରେ ମୂଳ ପ୍ରଶ୍ନକୁ ଫେରି ଆସି ପଚାରିଲେ, ତୁମେ ମାନ୍ୟାର୍ଥ କହିଲ; ଆଚ୍ଛା କି ପଦ ?" ମୁଁ ଉତ୍ତର ଦେଲି 'ବିଶେଷଣ' । ପୁଣି ପ୍ରଶ୍ନ ହେଲା 'ମାନ୍ୟର ଅର୍ଥ କ'ଣ ?' ମୋର ଉତ୍ତର, ମାନ ଅର୍ଥ ସମ୍ମାନର ଯୋଗ୍ୟ । ପ୍ରଶ୍ନ, ତେବେ ଅର୍ଥଟା ହେଉଛି ସମ୍ମାନର ଯୋଗ୍ୟ ? ଏତେବେଳକୁ ମୋର ଭୁଲ ବୁଝିପାରିଲି । ମୁଁ କହିଲି "ସାର୍, ମାନ୍ୟାର୍ଥେ ହେବ ନାହିଁ, ସମ୍ମାନାର୍ଥେ ହେବ ।" ହଁ ସମ୍ମାନାର୍ଥେ କହିବ, "ଗୌରବାର୍ଥେ ମଧ୍ୟ କହିପାର ।" ନିଜ ସ୍ଥାନକୁ ଯିବାର ଆଦେଶ ପାଇଲି । ମନେକଲି ଗୋଟାଏ ଭୟଙ୍କର ବିପଦରୁ ତ୍ରାହି ମିଳିଲା ।

ଅନ୍ୟ ଏକ ପ୍ରସଙ୍ଗରେ ସେ ଗୁରୁଦେବଙ୍କ ବିଷୟରେ ଲେଖିଛନ୍ତି, "ଚନ୍ଦ୍ରମୋହନଙ୍କର ପୁରୀରୁ ବିଦାୟ ଆକସ୍ମିକ ଥିଲା । ଏପରିକି ସେ ସ୍କୁଲର ଦାୟିତ୍ୱ ହସ୍ତାନ୍ତର କରିବା ପରେ ଆମେ ସେ କଥା ଶୁଣିଲୁ । ସେ ଦିନ ରାତିରେ ଆମେ ହଷ୍ଟେଲ ଛାତ୍ରମାନେ ଗୋଟିଏ ବିଦାୟ ସଭା କଲୁ । କୁଣ୍ଠିତ ଭାବରେ ସେ ସଭାରେ ଯୋଗ ଦେବାକୁ ସ୍ୱୀକୃତି ଦେଲେ । ହଷ୍ଟେଲ ସାମ୍‌ନାରେ ଥିବା ଖୋଲା ବାଲି ପଡ଼ିଆରେ ସଭା ହେଲା । କେତେଜଣ ଛାତ୍ର ତାଙ୍କର ଗୁଣ କୀର୍ତ୍ତନ କଲେ । ପରିଶେଷରେ କିଛି ଉପଦେଶ ଦେବା ପାଇଁ ତାଙ୍କୁ ଅନୁରୋଧ କରାଗଲା । ସେ ଏତିକି ମାତ୍ର କହିଲେ "ମୁଁ ଆଶା କରୁଛି, ତୁମମାନଙ୍କର ଚରିତ୍ର ଏପରି ହେଉ, ଯେପରି ତୁମର ଶତ୍ରୁ ସୁଦ୍ଧା ସେଥିରେ ଦୋଷ ଖୋଜି ନ ପାଉ" । ବୋଧହୁଏ ଅନ୍ୟ କେହି ଏତେ ସଂକ୍ଷିପ୍ତ ଓ ଏତେ ସାରଗର୍ଭକ ବିଦାୟ ଭାଷଣ ଦେଇ ନ ଥିବେ ।

ଶ୍ରୀଧର ବାବୁଙ୍କ ଆଚାର, ବ୍ୟବହାର ଓ ଜ୍ଞାନାର୍ଜନରେ ପ୍ରୀତ ହୋଇ ଚନ୍ଦ୍ରମୋହନ ତାଙ୍କୁ ଖୁବ୍ ସ୍ନେହ କରୁଥିଲେ । ସେ ଥିଲେ ପ୍ରକୃତରେ ଗୁରୁଭକ୍ତ ଛାତ୍ର । ଚନ୍ଦ୍ରମୋହନ ବାଲେଶ୍ୱର ଜିଲ୍ଲାସ୍କୁଲରେ ପ୍ରଧାନଶିକ୍ଷକ ଥିବା ବେଳେ ଥରେ ପୁରୀ Sanskrit

Digitized by srujanika@gmail.com

Convocationରେ ଯୋଗ ହେବାକୁ ଆସି ଜଗନ୍ନାଥ ସଂସ୍କୃତ କଲେଜ ହତା ମଧ୍ୟରେ ଥିବା ଚାଳଘରେ ରହିଥିଲେ । ଶ୍ରୀଧର ବାବୁ ଲେଖିଛନ୍ତି, "ଚନ୍ଦ୍ରମୋହନ ବାବୁ ମୋତେ ହଷ୍ଟେଲରୁ ଡକାଇ ଆଣି ଦିନଟି ଯାକ ତାଙ୍କ ପାଖରେ ରଖାଇଥିଲେ । ସେହିଠାରେ ମୋର ଖାଇବା ବ୍ୟବସ୍ଥା କରିଥିଲେ । ହରେକୃଷ୍ଣ ବାବୁ ଓ ମୁଁ ତାଙ୍କ ସଙ୍ଗେ ଜଗନ୍ନାଥଙ୍କ ମନ୍ଦିରକୁ ଯାଇ ଦେବଦେବୀ ଦର୍ଶନ କରିଥିଲୁ ।" ଏହି ଗୁରୁଦେବଙ୍କ ବିଷୟରେ ସ୍ୱୀୟ ଆତ୍ମଜୀବନୀ 'ସୁଅ ମୁହଁରେ ପତର' ପୁସ୍ତକରେ ଲେଖିଛନ୍ତି, "ସେ ଯେ କେଉଁ ବିଷୟରେ ପ୍ରବୀଣ ନ ଥିଲେ କହିହେବ ନାହିଁ । ତାଙ୍କ ପ୍ରକୃତି ଥିଲା 'ବଜ୍ରାଦପି କଠୋରାଣି ମୃଦୁନି କୁସୁମା ଦପି' । ତାଙ୍କୁ ବେଶିଦିନ ହେଡ଼ମାଷ୍ଟ୍ର ରୂପେ ପାଇବା ଆମ ଭାଗ୍ୟରେ ଘଟି ନ ଥିଲା ।"

ଶ୍ରୀଧର ବାବୁଙ୍କ ଜୀବନ ଥିଲା ସଂଗ୍ରାମଶୀଳ ଜୀବନ । ଜୀବନରେ ବହୁ ଘାତ ପ୍ରତିଘାତର ସମ୍ମୁଖୀନ ହୋଇ ସେ ନିଜକୁ ଗଢ଼ିବାର ସ୍ୱପ୍ନ ଦେଖିଛନ୍ତି । ଦୁଃଖରେ ସେ ବ୍ୟଥିତ ହୋଇ ନାହାନ୍ତି କି ସୁଖରେ ବି ଆତ୍ମବିଭୋର ହୋଇ ନାହାନ୍ତି । ବରଂ ଜୀବନ ସଂଗ୍ରାମକୁ କର୍ମମୁଖର କରିବା ଦିଗରେ ଜଣେ ଏକନିଷ୍ଠ ସାଧକର ପରିଚୟ ଦେଇଛନ୍ତି । ଯେକୌଣସି ପରିସ୍ଥିତିରେ, ଯେକୌଣସି ଅବସ୍ଥାରେ ନିଜ ଜୀବନ ନୌକାକୁ ସମୟର ପ୍ରତିକୂଳ ସ୍ରୋତରେ ବାହିବାର ଅପାର ଆନନ୍ଦାନୁଭୂତି ମଧ୍ୟରେ ସାମିଲ ହୋଇଛନ୍ତି । ଏଥିପାଇଁ ନ ଥିଲା ତାଙ୍କର କେତେବେଳେ ପ୍ରତିବାଦ କି ପ୍ରତିରୋଧ । ଈଶ୍ୱରବାଦୀ ଜୀବନରେ ସବୁକିଛି ଈଶ୍ୱରଙ୍କ ଆଶୀର୍ବାଦ ସଦୃଶ ସେ ଗ୍ରହଣ କରି ନେଇଥିଲେ । ବାସ୍ତବିକ ଜୀବନ ସ୍ରୋତରେ ପତର ଭଳି ଥିଲେ ମଧ୍ୟ ପଥର ସଦୃଶ ସମସ୍ତ ପ୍ରତିକୂଳତାକୁ ମୁଣ୍ଡପାତି ଗ୍ରହଣ କରି ନେଇଥିଲେ । ନିଜ ଅନୁଭୂତିପୂର୍ଣ୍ଣ ଜୀବନ ବିଷୟରେ କହିବାକୁ ଯାଇ ସ୍ୱରଚିତ ଆତ୍ମଜୀବନୀରେ ସେ ଲେଖିଛନ୍ତି, 'ମୋ ଜୀବନକୁ ସୁଅ ମୁହଁରେ ଭାସି ଯାଉଥିବା ପତ୍ର ଭଳି ମନେକରି ଆସିଅଛି । ଲକ୍ଷ୍ୟହୀଦ ଭାବରେ କେତେବେଳେ କେଉଁ ଆଡ଼େ ଭାସି ଯାଉଛି ତାହାର ସ୍ଥିରତା ନାହିଁ... ଦିନରେ ସୂର୍ଯ୍ୟ, ରାତ୍ରିରେ ଚନ୍ଦ୍ର ଦେଖା ଯାଉଥିବା କୁଡ଼ିଆ ଘରେ ଧୂଳିଶଯ୍ୟାରେ ଶୋଇବାଠାରୁ ଆରମ୍ଭ କରି ଇଷ୍ଟକ ନିର୍ମିତ ପକ୍କା ଘରେ ରହିଅଛି । ଶୂନ୍ୟ ଦେହରେ ପ୍ରବଳ ଶୀତ ସହିବାଠାରୁ ଆରମ୍ଭ କରି ଶତ ଶତ ଟଙ୍କା ମୂଲ୍ୟର ଶାଲ ବ୍ୟବହାର କରିଅଛି । ପାଦଯାନରେ ଶତ ଶତ

Digitized by srujanika@gmail.com

ମାଇଲ ଚାଲିବାଠାରୁ ଆରମ୍ଭ କରି ଘୋଡ଼ା ହାତୀ ପ୍ରଭୃତି ବାହନ, ସାଇକେଲ, ମୋଟର, ବସ୍, ଏରୋପ୍ଲେନ ପ୍ରଭୃତି ଯାନ ବ୍ୟବହାର କରିଛି । ପୁନଶ୍ଚ ନିଜ ଜୀବନ ବିଷୟରେ 'ଶେଷଆଶା' ପ୍ରସଙ୍ଗରେ କହିଛନ୍ତି, ସମୟ ସ୍ରୋତରେ ମୋର ଜୀବନପତ୍ର ଅନେକଦୂର ଭାସି ଆସିଲାଣି । ପଥ ମଧ୍ୟରେ ଶତ ଶତ ପତ୍ର ସହିତ ମିଶିଛି, ପୁଣି ସେମାନଙ୍କଠାରୁ ଅଲଗା ହୋଇଯାଇଛି । କେତେ ପତ୍ର ତଳକୁ ବୁଡ଼ିଗଲାଣି । ଦିନେ ଏହି ପତ୍ରଟି ମଧ୍ୟ ଟୁବ୍ କରି ତଳକୁ ଦବିଯିବ, ତାହାର ଅସ୍ତିତ୍ୱ ରହିବ ନାହିଁ । ସେତେବେଳେ କ'ଣ ହେବ ତାହା କଳ୍ପନା କରିହେଉ ନାହିଁ । ତଥାପି ସେ ସମୟ ଅତି ନିକଟ ବୋଲି ଭାବୁଛନ୍ତି ।"

ଶ୍ରୀଧର ବାବୁଙ୍କ କର୍ମ ଓ ସାଧନାପୂର୍ଣ୍ଣ ଜୀବନ, ତାଙ୍କର ବ୍ୟକ୍ତି ସମ୍ପର୍କ, ବନ୍ଧୁ ବିଚ୍ଛେଦ, ନିଜେ ସେହି ଅଦୃଶ୍ୟ ପଥର ଯାତ୍ରୀ ହୋଇ ବେଶ୍ ସୁଦୀର୍ଘ ଅନୁଭୂତି, ଅଭିଜ୍ଞତା ଯାହା ସ୍ରୋତୋନ୍ମୁଖୀ ନବୀନପତ୍ର ପାଇଁ ଖୁବ୍ ଉପାଦେୟ, ଖୁବ୍ ଶିକ୍ଷଣୀୟ ଏବଂ ସଂଗ୍ରାମଶୀଳ ହେବାରେ କଠୋର ପ୍ରବୃତ୍ତିକୁ ସୁଦୃଢ଼ କରିଥାଏ ।

ସାହିତ୍ୟ ରଚନା କ୍ଷେତ୍ରରେ ଶ୍ରୀଧର ବାବୁଙ୍କ ପ୍ରତିଭା ଥିଲା ବହୁମୁଖୀ । ପ୍ରାୟ ଶତାଧିକ ପୁସ୍ତକର ସେ ରଚୟିତା । ଜଣେ ଅଭିଧାନ ସଂକଳକ, ବୟାକରଣ, ବିବିଧ ପାଠ୍ୟ ପୁସ୍ତକ ରଚୟିତା ଓ ଅନୁବାଦକ ଭାବରେ ସେ ଓଡ଼ିଶାରେ ପରିଚିତ । ଏହାଛଡ଼ା ରୁକ୍ମିଣୀ ବିଭା, ମଥୁରା ମଙ୍ଗଳ, ରସକଲ୍ଲୋଳ, ବିଦଗ୍ଧ ଚିନ୍ତାମଣି, ଚିଲିକା, ଦରବାର, ଚନ୍ଦ୍ରଭାଗା ପ୍ରଭୃତି ମଧ୍ୟଯୁଗୀୟ ତଥା ଆଧୁନିକ ଯୁଗର କାବ୍ୟଗୁଡ଼ିକୁ ଟୀକା ଓ ମୁଖବନ୍ଧ ସହିତ ସମ୍ପାଦନ କରି ନିଜ ସୃଷ୍ଟି ପ୍ରତିଭାର ପରିଚୟ ସେ ଦେଇଛନ୍ତି । ଜଣେ ସଫଳ ଜୀବନୀ ଲେଖକ ଭାବରେ ମଧ୍ୟ ତାଙ୍କର ସୁନାମ ରହିଛି । ଗଙ୍ଗାଧର ମେହେର, ନନ୍ଦକିଶେରର ବଳ, କବିସୂର୍ଯ୍ୟ ବଳଦେବ, ସାଧୁ ଚରଣ ଦାସ ପ୍ରଭୃତି କବିମାନଙ୍କ ଜୀବନୀ ରଚନା କରିଛନ୍ତି ।

ବିଶେଷ କରି ନବ ଅଭିଧାନ (ଓଡ଼ିଆ-ଓଡ଼ିଆ-ଇଂରାଜୀ) Student's English Oriya Dictionary, ସର୍ବସାର ବ୍ୟାକରଣ, ସଂସ୍କୃତ ବ୍ୟାକରଣ ଓ ରଚନା, ସଂସ୍କୃତ ବ୍ୟାକରଣ ପ୍ରବେଶ, କଥା କୁସୁମ (୧ମ, ୨ୟ ଭାଗ) ଯଜ୍ଞ ପ୍ରଦୀପ, ଅଳଙ୍କାର-ମଞ୍ଜରୀ, ଅଳଙ୍କାର-ପ୍ରବେଶ ତଥା ବିବିଧ ପ୍ରାଚ୍ୟ ପାଶ୍ଚାତ୍ୟ

Digitized by srujanika@gmail.com

ସାହିତ୍ୟରୁ ଅନୁବାଦ କାହାଣୀ ପାଇଁ ସେ ଓଡ଼ିଆ ପାଠକମାନଙ୍କ ପାଖରେ ଚିର ପରିଚିତ । ପ୍ରାପ୍ତ ବୟସ୍କଙ୍କଠାରୁ ସାରା ଓଡ଼ିଶାର ଛାତ୍ର ସମାଜ ବା କିଶୋର ପାଠକ ତାଙ୍କର ସବୁଠାରୁ ଅଧିକ ପ୍ରିୟ । ଫଳରେ ଉପରୋକ୍ତ ପୁସ୍ତକ ଲୋକପ୍ରିୟତା ଦୃଷ୍ଟିରୁ ଏକାଧିକ ମୁଦ୍ରଣ ହୋଇପାରିଛି ।

ତାଙ୍କର ବହୁଳ ପ୍ରସାରିତ 'ନବ ଅଭିଧାନ' ଓଡ଼ିଆ ଶବ୍ଦ ଭଣ୍ଡାର ତଥା ଭାଷା ସାହିତ୍ୟ ଆଲୋଚନାର ଏକ ଅମୂଲ୍ୟ ସାରସ୍ୱତ ସମ୍ପଦ । ଓଡ଼ିଆ ଭାଷା ସାହିତ୍ୟର ଛାତ୍ରଛାତ୍ରୀ, ଶିକ୍ଷକ, ଅଧ୍ୟାପକ ତଥା ଓଡ଼ିଆ ଭାଷା ସାହିତ୍ୟ ଅନୁରାଗୀମାନଙ୍କ ପାଇଁ ଏହା ଏକ ଅଭିନବ ସହାୟକ ଗ୍ରନ୍ଥ । ଏହି ପୁସ୍ତକର ପ୍ରଥମ ସଂସ୍କରଣରେ ଲେଖକ ସୂଚନା ଦେଇ ଲେଖିଛନ୍ତି, ଏଥିରେ ପ୍ରାୟ ୨୦,୦୦୦ ପ୍ରଚଳିତ ଶବ୍ଦର ପଦ ପ୍ରକରଣ, ବିଭିନ୍ନ ସରଳାର୍ଥ, ସମ୍ମାନାର୍ଥକ ଇଂରାଜୀ ପଦ ବା ତାହାର ତାତ୍ପର୍ଯ୍ୟବୋଧକ ସଂକ୍ଷିପ୍ତ ବିଶ୍ଳେଷଣ ଦିଆଯିବା ସଙ୍ଗେ ସଙ୍ଗେ ସ୍ଥଳ ବିଶେଷରେ ମୂଳ ଶବ୍ଦର ପ୍ରକୃତି ପ୍ରତ୍ୟୟ, ବିପରୀତାର୍ଥବୋଧକ ପଦ, ବିପରୀତ ଲିଙ୍ଗ ବା ଅନ୍ୟ ପଦରେ ରୂପାନ୍ତର ପ୍ରଦତ୍ତ ହୋଇଛି । ସୁତରାଂ ଏ ଅଭିଧାନ ଖଣ୍ଡକ ଓଡ଼ିଆ ଛାତ୍ର ଛାତ୍ରୀମାନଙ୍କୁ ଭାଷା ଓ ସାହିତ୍ୟ ସାଧନା ପଥରେ ଯଥୋପଯୁକ୍ତ ସହାୟକ ହେବ ଏବଂ ଓଡ଼ିଆରୁ ଇଂରାଜୀ ଅନୁବାଦ କାର୍ଯ୍ୟରେ ମଧ୍ୟ ସାହାଯ୍ୟ କରିପାରିବ ବୋଲି ଆଶା କରୁ । ବିଦେଶରେ ଥିବା ଓଡ଼ିଆ ଶିକ୍ଷାର୍ଥୀ ବୈଦେଶିକମାନେ ମଧ୍ୟ ଖଣ୍ଡିଏ ଉପଯୁକ୍ତ ଅଭିଧାନ ଆବଶ୍ୟକ କରିଥାନ୍ତି । ପ୍ରଦତ୍ତ ଇଂରାଜୀ ଅର୍ଥଗୁଡ଼ିକ ସେମାନଙ୍କର ଆବଶ୍ୟକତା ପୂରଣ କରିପାରିବ । ଉକ୍ତ ଅଭିଧାନ ସଙ୍କଳନ ଅବସରରେ ସେ ଏକାଧିକ ଇଂରାଜୀ ଓ ଓଡ଼ିଆ ଅଭିଧାନ, ଭାଷାକୋଷ, ଶବ୍ଦକୋଷର ସାହାଯ୍ୟ ନେଇଥିଲେ । ଏହି ଅଭିଧାନ ଖଣ୍ଡିକର ଉପାଦେୟତା ଦୃଷ୍ଟିରୁ ଏହା ଅଧିକ ୫୦,୦୦୦ ଶବ୍ଦାର୍ଥ ଓ ଅର୍ଥାନ୍ତର ସହିତ ୧୯୬୭ ମସିହାରେ ପରିମାର୍ଜିତ ଦ୍ୱିତୀୟ ସଂସ୍କରଣ ହୋଇପାରିଲା ।

ଓଡ଼ିଆ ଅନୁବାଦ ସାହିତ୍ୟକୁ ଶ୍ରୀଧର ବାବୁଙ୍କର ଦାନ ଅତୁଳନୀୟ । ଜଣେ ସଫଳ ଅନୁବାଦକ ଭାବରେ ସେ ସୁପରିଚିତ । ଓଡ଼ିଆ ତଥା ଭାରତୀୟ ସଂସ୍କୃତ ସାହିତ୍ୟର ବିବିଧ କାହାଣୀ ସହିତ ବିଶିଷ୍ଟ ଲେଖକମାନଙ୍କର ରଚନାକୁ ଓଡ଼ିଆରେ ଅନୁବାଦ କରିବାରେ ସେ ସିଦ୍ଧହସ୍ତ ଥିଲେ । ଏଥିରୁ ତାଙ୍କର ଇଂରାଜୀ, ସଂସ୍କୃତ, ହିନ୍ଦୀ ଭାଷାରେ ଦକ୍ଷତା ଥିବାର ପ୍ରମାଣ ମିଳେ ।

Digitized by srujanika@gmail.com

ପିଲାମାନଙ୍କ ପାଇଁ ଇଂରାଜୀ ସାହିତ୍ୟ ଉପାଦେୟ ଓ ଶିକ୍ଷଣୀୟ, ଏକଥା ଅନୁଭବ କରି ସେ ପ୍ରଥମେ Gulliver's Travels ଓ Oliver Twist ପୁସ୍ତକ ଦୁଇଟି ଅନୁବାଦ କରିଥିଲେ । ଏହା ପାଠ୍ୟ ପୁସ୍ତକ ରୂପେ ମଞ୍ଜୁରି ପାଇବା ଫଳରେ ବେଶ୍ କିଛି ଅର୍ଥ ପାଇଲେ । ଅନ୍ୟାନ୍ୟ ବହୁ ଇଂରାଜୀ ପୁସ୍ତକର ସଂକ୍ଷିପ୍ତ ଅନୁବାଦ କରିବା ଦ୍ୱାରା ସେସବୁ ଖୁବ୍ ଆଦୃତ ହୋଇ ପାରିଥିଲା । ଏହାଛଡ଼ା ନିଜ ଆତ୍ମଜୀବନୀରେ ଲେଖିଛନ୍ତି "ଗ୍ରନ୍ଥ ମନ୍ଦିର କେତେକ ବିଶିଷ୍ଟ ଲୋକପ୍ରିୟ ଇଂରାଜୀ ଓ ସଂସ୍କୃତ ବହିର ଓଡ଼ିଆ ଅନୁବାଦ କରିବାର ଭାର ମୋ ଉପରେ ନ୍ୟସ୍ତ କରିଥିଲେ ଓ ସେଥି ନିମନ୍ତେ ପୃଷ୍ଠା ପ୍ରତି କିଛି ପାରିଶ୍ରମିକ ଦେବାର ବ୍ୟବସ୍ଥା ହୋଇଥିଲା । ପାରିଶ୍ରମିକର ପରିମାଣ ନଗଣ୍ୟ ହେଲେ ସୁଦ୍ଧା ଏହା ଫଳରେ ମୁଁ ଅନେକଗୁଡ଼ିଏ ବହି ଲେଖିପାରିଅଛି । ସେଗୁଡ଼ିକ ଇଂରାଜୀ, ସଂସ୍କୃତରୁ ଅନୂଦିତ । ଏହିସବୁ ପୁସ୍ତକଗୁଡ଼ିକ ହେଉଛି ସେକ୍ସପିଅର କାହାଣୀ (୧ମ, ୨ୟ, ୩ୟ ଖଣ୍ଡ), ଟଲଷ୍ଟୟ କାହାଣୀ (୧ମ, ୨ୟ, ୩ୟ ଖଣ୍ଡ), ମୋପାସାଁ କାହାଣୀ (୧ମ, ୨ୟ, ୩ୟ, ୪ର୍ଥ), ଈଷପ୍ କାହାଣୀ, ଗ୍ରୀସ୍ ଦେଶର ଉପକଥା (ଟ୍ରୟ ଯୁଦ୍ଧ ଓ ଓଡ଼ିସିଅସ୍‌ଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ), ଗର୍କୀ କାହାଣୀ, ରବିନ୍ ହୁଡ୍, ଋଷିଆ ଦେଶର ଲୋକ କାହାଣୀ, ରତ୍ନଦୀପ, ଡେଭିଡ୍ କପର ଫିଲଡ୍, ଆଇଭାନ୍ ହୋ ଇତ୍ୟାଦି । ଏହା ବ୍ୟତୀତ ଆମେରିକାର Information Service ଆନୁକୂଲ୍ୟରେ ପୃଥିବୀ ପାଇଁ ଜଳ, ଶାନ୍ତି ପଥର ବୀର ସୈନିକ, ଜର୍ଜ ଓ ଏଷ୍ଟିଙ୍ଗ ହାଉସ୍, ମାର୍କିନ୍ ରାଷ୍ଟ୍ରରେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ, ଭିଏତନାମ ଯୁଦ୍ଧ କାହିଁକି ? ଭିଏତ୍ କିଙ୍ଗ୍ ପ୍ରଭୃତି ତାଙ୍କର କେତୋଟି ପୁସ୍ତକ ମଧ୍ୟ ପ୍ରକାଶ ପାଇଥିଲା । ଏଇଥିପାଇଁ ସେ ପାରିଶ୍ରମିକ ସ୍ୱରୂପ ସାତ-ଆଠ ହଜାର ଟଙ୍କା ମଧ୍ୟ ପାଇଥିଲେ ।

ଶ୍ରୀଧର ବାବୁ ପାଶ୍ଚାତ୍ୟ ସାହିତ୍ୟର କାହାଣୀଗୁଡ଼ିକୁ ଅନୁବାଦ କରିବା ସହିତ ପ୍ରାଚୀନ ଭାରତୀୟ ସଂସ୍କୃତ, ପୁରାଣ ସାହିତ୍ୟ: ରାମାୟଣ, ମହାଭାରତ, ବୌଦ୍ଧ ଜାତକ ପ୍ରଭୃତିରେ ଥିବା ନୀତିଶିକ୍ଷା, ଚରିତ୍ର ଗଠନ, କର୍ତ୍ତବ୍ୟ ପାଳନ, ସତ୍‌କର୍ମ, ସତ୍‌ବାକ୍ୟ ଓ ଧର୍ମଶିକ୍ଷାମୂଳକ କାହାଣୀଗୁଡ଼ିକ ଅନୁବାଦ କରିଥିଲେ । ଏହିସବୁ କାହାଣୀ ମଧ୍ୟରୁ ସଂସ୍କୃତ ସାହିତ୍ୟରୁ ବେତାଳ ପଞ୍ଚବିଂଶତି, ଶକୁନ୍ତଳା, ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ, ପଞ୍ଚତନ୍ତ୍ରରୁ ମିତ୍ରଲାଭ (୧ମ, ୨ୟାର୍ଦ୍ଧ), ମିତ୍ରଭେଦ

Digitized by srujanika@gmail.com

(୧ମ, ୨ୟାର୍ଦ୍ଧ), ମିତ୍ର ପ୍ରାପ୍ତ (୨ୟ ଖଣ୍ଡ), ଲବ୍‌ଧ ପ୍ରଣାସ (୪ର୍ଥ ଖଣ୍ଡ), ଅପରୀକ୍ଷିତ କାରକ (୫ମ ଖଣ୍ଡ), ମାଳବିକା ଅଗ୍ନିମିତ୍ର ଓ ଉର୍ବଶୀ, ହିତୋପଦେଶ (୧ମ, ୨ୟ, ୩ୟ ଖଣ୍ଡ), ପୁରାଣ ସାହିତ୍ୟରୁ ରାମାୟଣ କାହାଣୀ, ମହାଭାରତ କାହାଣୀ, ବୌଦ୍ଧ ଜାତକରୁ ଜାତକ କାହାଣୀ (୧ମ, ୨ୟ, ୩ୟ, ୪ର୍ଥ ଖଣ୍ଡ) ଇତ୍ୟାଦି ଏହି ଅନୁଦିତ ଗ୍ରନ୍ଥଗୁଡ଼ିକ ପ୍ରକାଶକମାନେ ଖୁବ୍ ଆଗ୍ରହର ସହିତ ପ୍ରକାଶ କରି ବେଶ୍ ଲାଭବାନ୍ ହେଉଥିଲେ । କାରଣ ପୁସ୍ତକର ଉପାଦେୟତା ତଥା ସ୍ୱଳ୍ପ ମୂଲ୍ୟ ଦୃଷ୍ଟିରୁ ଓଡ଼ିଶାର ସମସ୍ତ ମାଇନର ଓ ହାଇସ୍କୁଲ, ଗ୍ରାମ୍ୟ ପାଠାଗାର, ସାଧାରଣ ପୁରସ୍କାର ତଥା ବ୍ୟକ୍ତି ବିଶେଷଙ୍କ ପରିବାର ପାଇଁ କିଣିବା ଖୁବ୍ ସହଜ ଓ ସମ୍ଭବ ହୋଇ ପାରୁଥିଲା । ଶ୍ରୀଧର ବାବୁ ସ୍ୱୀୟ ଆତ୍ମଜୀବନୀରେ ଲେଖିଛନ୍ତି, "ଏପରି କି ବର୍ତ୍ତମାନ 'ଗ୍ରନ୍ଥ ମନ୍ଦିର' ବିଶ୍ୱ ସାହିତ୍ୟ ନାମରେ ଏହି ପ୍ରକାର ଅନୁବାଦ ଗ୍ରନ୍ଥମାଳା ପ୍ରକାଶ କରୁଅଛନ୍ତି । ସେହିପରି ସଂସ୍କୃତ ସାହିତ୍ୟର 'ହିତୋପଦେଶ' ଓ 'ପଞ୍ଚତନ୍ତ୍ର' ପ୍ରଭୃତି କେତେକ ଗ୍ରନ୍ଥର ଅନୁବାଦ କରିଅଛି ।"

ଶିଶୁର ସର୍ବଦା ଜିଜ୍ଞାସୁ ମନକୁ ଘେରିଲା ଭଳି ବିଷୟ ନିର୍ବାଚନ, ତା'ର ସରଳ ନିଷ୍ପାପ ଶିଶୁ ପ୍ରାଣକୁ ଛୁଇଁଲା ଭଳି କଥନଭଙ୍ଗୀ, ଶିଶୁମୁଖର ଭାଷା, ତା'ର ଆଚାର ବ୍ୟବହାର, ଆଦର୍ଶ ଚରିତ୍ର ଗଠନମୂଳକ ନୀତିଶିକ୍ଷା, ଯାହା ଶିଶୁର ମାନସିକ ଓ ବୌଦ୍ଧିକ ବିକାଶକୁ ପୂର୍ଣ୍ଣାଙ୍ଗ ପରିପକ୍ୱ କରିବା ସହିତ ଏକ ସୁସ୍ଥ କର୍ତ୍ତବ୍ୟବାନ, ନୀତିବାନ୍, ଚରିତ୍ରବାନ୍ ନାଗରିକ ହେବାର ଅନୁକୂଳତା ପ୍ରଦାନ କରିଥାଏ । ଫଳରେ ଏଥିରେ ଶିଶୁର କଲ୍ୟାଣ ସାଧିତ ହୋଇଥାଏ । ଉପରୋକ୍ତ ପାଶ୍ଚାତ୍ୟ ଓ ପ୍ରାଚ୍ୟ ସାହିତ୍ୟର କାହାଣୀଗୁଡ଼ିକରେ ଶିଶୁ ଗଠନ ଉପଯୋଗୀ ଉପାଦାନ ଭରପୂର । ପ୍ରାଚ୍ୟ ସାହିତ୍ୟର ପଶୁ, ପକ୍ଷୀ, ଆଦର୍ଶ ଚରିତ୍ରଧର୍ମୀ କାହାଣୀରୁ ପାଶ୍ଚାତ୍ୟ ଆଚାର ବ୍ୟବହାର, ରୀତି ନୀତି ସର୍ବସ୍ୱ କାହାଣୀଗୁଡ଼ିକ ପ୍ରତ୍ୟେକଟି ଶିଶୁର ବିକାଶ ଓ ଗଠନ ଉପଯୋଗୀ ।

ଶ୍ରୀଧର ବାବୁ ଓଡ଼ିଆ ଶିଶୁ ସାହିତ୍ୟର ପ୍ରକୃତ ଅଭାବ ଅନୁଭବ କରିବା ସହିତ ଶିଶୁର ଉପଯୁକ୍ତ ବିକାଶକୁ ଲକ୍ଷ୍ୟ ରଖି ଶିଶୁପାଠ୍ୟ ଅନୁବାଦ କ୍ଷେତ୍ରରେ ବ୍ରତୀ ହୋଇଥିଲେ । ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଯେ ଶିଶୁ ପାଇଁ ଭାରତୀୟ ସଂସ୍କୃତି, ବୌଦ୍ଧ

Digitized by srujanika@gmail.com

ଜାତକ, ରାମାୟଣ, ମହାଭାରତ ଓ ଉତ୍କଳ କାହାଣୀଗୁଡ଼ିକ ଯେତିକି ଉପାଦେୟ, ପାଶ୍ଚାତ୍ୟର ବିବିଧ କାହାଣୀଗୁଡ଼ିକ ତଦନୁରୂପ ଶିକ୍ଷଣୀୟ । ପାଶ୍ଚାତ୍ୟ ସାହିତ୍ୟର ରୀତି, ନୀତି, ଆଚାର, ବ୍ୟବହାର ଓ ଶିକ୍ଷା ବିଷୟରେ ଶିଶୁ ଅନେକ କିଛି ଜାଣିପାରେ । ଅନୁବାଦ କ୍ଷେତ୍ରରେ ଶ୍ରୀଧର ବାବୁଙ୍କ ସ୍ୱକୀୟ ମୌଳିକତାର ପରିଚୟ ମିଳେ । ଏହି ଅନୁବାଦଗୁଡ଼ିକ ପ୍ରାଚ୍ୟ ପାଶ୍ଚାତ୍ୟ କଥାବସ୍ତୁର ଆକ୍ଷରିକ ଅନୁବାଦ ନୁହେଁ ବରଂ ମର୍ମାନୁବାଦ ବା ଭାବାନୁବାଦ ।

ଏହା ନିଶ୍ଚିତ ଯେ ଏହିସବୁ ପ୍ରାଚ୍ୟ, ପାଶ୍ଚାତ୍ୟ କାହାଣୀକୁ ଓଡ଼ିଆରେ ଅନୁବାଦ କରିବା ଦିଗରେ ତାଙ୍କର ଗୁରୁଦେବ ଚନ୍ଦ୍ରମୋହନଙ୍କ ପ୍ରଭାବ ଥିଲା ଯଥେଷ୍ଟ; କାରଣ ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣାଙ୍କ 'କଥାବଳୀ' (୧ମ, ୨ୟ ଭାଗ) ପୁସ୍ତକରେ ଅନେକ ଗଳ୍ପ ସଂସ୍କୃତ ପଞ୍ଚତନ୍ତ୍ର, ମିତ୍ରଲାଭ, ଇଶପ୍ କାହାଣୀ, ଭାରତୀୟ ଓ ପାଶ୍ଚାତ୍ୟ ଇତିହାସରୁ କଥାବସ୍ତୁ ଗ୍ରହଣ କରିଥିଲେ । ଶିଶୁ ଶିକ୍ଷାର ମାନଦଣ୍ଡକୁ ଗଠନ କଲା ଭଳି ଏହି ପୁସ୍ତକ ଦୁଇଖଣ୍ଡ ସେତେବେଳେ ଓଡ଼ିଶାରେ ବହୁଳ ଭାବରେ ପ୍ରସାର ଲାଭ କରିଥିଲା । ଇଂଲଣ୍ଡର ମ୍ୟାକ୍‌ମିଲାନ୍ କମ୍ପାନୀ କଥାବଳୀ (୧ମ, ୨ୟ ଖଣ୍ଡକୁ) ଏକାଧିକ ଭାଷାରେ ଅନୁବାଦ କରି ସେସବୁ ପ୍ରଦେଶମାନଙ୍କର ଶିଶୁପାଠ୍ୟ ରୂପେ ପ୍ରଚଳନ କରି ବହୁ ଲାଭାଂଶ ପାଇଥିଲେ । ଶ୍ରୀଧର ବାବୁ ଚନ୍ଦ୍ରମୋହନଙ୍କ 'କଥାବଳୀ' ନିଶ୍ଚିତ ପଢ଼ିଥିଲେ । ତାଙ୍କ ପାଖରେ ଥିବା 'କଥାବଳୀ' ପୁସ୍ତକ ନୟାଗଡ଼ ଉଦୟପୁର ଦାଶରଥି ପଟ୍ଟନାୟକଙ୍କୁ ଦେଇଥିବା କଥା ମଧ୍ୟ ସ୍ୱୀକାର କରିଛନ୍ତି । ସେହିଭଳି ତାଙ୍କ ବ୍ୟାକରଣ ପୁସ୍ତକ ରଚନା ଦିଗରେ ଚନ୍ଦ୍ରମୋହନଙ୍କ ମୌଳିକ 'ଓଡ଼ିଆ ବ୍ୟାକରଣ' (୧ମ, ୨ୟ ଖଣ୍ଡ) ପୁସ୍ତକ ଦୁଇଟି ବହୁ ପ୍ରେରଣା ଯୋଗାଇଥିଲା ।

ଯା' ବି ହେଉ, ଶ୍ରୀଧର ବାବୁଙ୍କ କାହାଣୀଗୁଡ଼ିକ ଓଡ଼ିଆ ଶିଶୁ ସାହିତ୍ୟ ଓ କିଶୋର ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ । ସବୁଠୁ ବଡ଼ କଥା, ଶ୍ରୀଧର ବାବୁ ତାଙ୍କ ସମଗ୍ର ଜୀବନର ଅନୁଭୂତି ଓ ଅଭିଜ୍ଞତାର ପରିପକ୍ୱ ଜ୍ଞାନକୁ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ନିୟୋଜିତ କରିଥିଲେ । ତାଙ୍କ ରଚିତ ପୁସ୍ତକଗୁଡ଼ିକ ଓଡ଼ିଶାର ବର୍ତ୍ତମାନ ତଥା ଉତ୍ତର ଦାୟାଦ ଶିଶୁ ଶିକ୍ଷାର ମାନଦଣ୍ଡକୁ ଗଠନ କରିବା ଦିଗରେ ବିଶେଷ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ । ଏହି ପ୍ରସଙ୍ଗରେ ଓଡ଼ିଶାର

Digitized by srujanika@gmail.com

ସ୍ୱନାମଧନ୍ୟ ଜାତୀୟତାବାଦୀ କବି ପଦ୍ମଚରଣ ପଟ୍ଟନାୟକ ଏକ ବ୍ୟକ୍ତିଗତ ପତ୍ରରେ (ପୁରୀ, ତା ୨୪/୯/୧୯୩୧ ମସିହା) ଶ୍ରୀଧର ବାବୁଙ୍କ ପାଖକୁ ଲେଖିଥିଲେ, "ତୁମ୍ଭର ସ୍ନେହର ଦାନ "ପିଲାଙ୍କ ସେକ୍‌ସପିଅର" ଗ୍ରହଣ କରି ରଚନାବଳୀରେ ତୁମ୍ଭେ ଯେଉଁ ଦକ୍ଷତା ତୁମ୍ଭର ଛାତ୍ରାବସ୍ଥାରେ ଦେଖାଇଥିଲ, ଜ୍ଞାନ ଅଭିଜ୍ଞତା ବୃଦ୍ଧି ସଙ୍ଗେ ସଙ୍ଗେ ତାହାର ପରିଣତି ଦେଖି ମୁଁ କେତେଦୂର ଆନନ୍ଦିତ ହୋଇଅଛି, ତାହା ଏ କ୍ଷୁଦ୍ର ପତ୍ରରେ ବା କ'ଣ ଜଣାଇବି ? ବହୁ ଖଣ୍ଡରେ ଏହି "ପିଲାଙ୍କ ସେକ୍‌ସପିଅର" ଗ୍ରନ୍ଥ ଶେଷ କରି ପାରିଲେ ତୁମ୍ଭେ ଓଡ଼ିଶାର ବାଳକ ବାଳିକାମାନଙ୍କ ପାଇଁ ଜ୍ଞାନ ଓ ଆନନ୍ଦର ଗୋଟିଏ ଅନନ୍ତ ଉତ୍ସ ଖୋଲି ଦେଇଯିବ । ସେଥି ସଙ୍ଗେ ସଙ୍ଗେ ଉତ୍କଳ ସାହିତ୍ୟ କ୍ଷେତ୍ରରେ ସ୍ଥାୟୀ କୀର୍ତ୍ତି ଅର୍ଜନ କରିପାରିବ । ଏଥିରେ ଅଣୁ ମାତ୍ର ସନ୍ଦେହ ନାହିଁ । ତୁମ୍ଭର ରଚନାର ଭଙ୍ଗୀ, ବାକ୍ୟ ବିନ୍ୟାସର କୌଶଳ ମୋତେ ଯଥେଷ୍ଟ ଆନନ୍ଦ ଦେଇଅଛି । ଏ ଦିଗରେ ତୁମ୍ଭ ଅଧ୍ୟବସାୟ ଅକ୍ଷୁଣ୍ଣ ରଖିପାରିଲେ ଉତ୍କଳର ଶିଶିକୂଳ କାଳେ କାଳେ ତୁମ୍ଭ ନିକଟରେ ଋଣୀ ହୋଇ ରହିବେ । ସିଦ୍ଧିଦାତା ଭଗବାନ ତୁମ୍ଭର ସହାୟ ହୁଅନ୍ତୁ ।" ଉପରୋକ୍ତ ଚିଠିରୁ ତାଙ୍କ ସାର୍ଥକ ଅନୁବାଦକ ଜୀବନର ସ୍ପଷ୍ଟ ପରିଚୟ ମିଳେ ।

କେବଳ ଏତିକି ନୁହେଁ ଏକନିଷ୍ଠ ସାରସ୍ୱତ ସାଧନା ପାଇଁ ଓଡ଼ିଶାର ଓ ବାହାରର ବିଭିନ୍ନ ସାହିତ୍ୟ ତଥା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନର ସହିତ ମାନପତ୍ରାଦି ପ୍ରଦାନ କରାଯାଇଥିଲା । ୧୯୭୨ ମସିହା ଉତ୍କଳ ସାହିତ୍ୟ ସମାଜର ହୀରକ ଜୟନ୍ତୀ ଉତ୍ସବରେ ତାଙ୍କ ପରି ମହାନ୍ ପ୍ରତିଭାକୁ ସମ୍ମାନ ଜଣାଇ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ୧୯୭୪ ମସିହାରେ ଟଲଷ୍ଟୟ କାହାଣୀ (୧ମ, ୨ୟ ଭାଗ), ଗର୍କୀ କାହାଣୀ ଓ ଚେକଭ କାହାଣୀ ପାଇଁ 'ସୋଭିଏତ ଦେଶ ନେହେରୁ ପୁରସ୍କାର' ସ୍ୱରୂପ ମାନପତ୍ର, ବ୍ରୋଞ୍ଜପଦକ ସହିତ ୧୫୦୦ ଟଙ୍କାର ଆର୍ଥିକ ଅନୁଦାନ ପାଇଥିଲେ । ୧୯୭୮ ମସିହାରେ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ତାଙ୍କ ସୃଷ୍ଟି ପ୍ରତିଭାକୁ ଯଥାର୍ଥ ସମ୍ମାନ ଦେବାକୁ ଯାଇ ଏକାଧାରରେ ଜଣେ ବିଶିଷ୍ଟ ପ୍ରାବନ୍ଧିକ, ଅନୁବାଦକ, ଜୀବନୀକାର, ସମ୍ପାଦକ ଏବଂ ସଙ୍କଳକ ଭାବରେ ତାଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ୧୯୮୦ ମସିହାରେ ନିଜ ସାହିତ୍ୟିକ ଜୀବନ ଓ ଅଧ୍ୟାପନା ଜୀବନର କର୍ମପୀଠ ଖ୍ରୀଷ୍ଟ

Digitized by srujanika@gmail.com

ମହାବିଦ୍ୟାଳୟର 'ଓଡ଼ିଆ ସାହିତ୍ୟ ସମାଜ, ପକ୍ଷରୁ ଉଭୟ ଛାତ୍ର ଓ ଶିକ୍ଷକ ତାଙ୍କ କର୍ମଯୋଗର ବନ୍ଦନା କରିଥିଲେ ହୃଦୟର ଭକ୍ତିପୂତ ଶ୍ରେଷ୍ଠ ନୈବେଦ୍ୟ ଦେଇ ।

ସେ ଜନ୍ମ ହୋଇଥିଲେ ଏହି ସମାଜରେ, ଯେଉଁ ସମାଜରେ ସେ ବହୁ ପ୍ରତିକୂଳତା ମଧ୍ୟରେ ସ୍ରୋତର ଉଜାଣି ମୁଖରେ ଉଠିବାର ପ୍ରୟାସ କରି ନିରାଶ ହୋଇ ନ ଥିଲେ । ବରଂ ପ୍ରତିକୂଳତା ରୂପକ ପ୍ରତାରଣାକୁ ହୃଦୟର ଗଭୀର ସ୍ନେହ ମମତା ଓ ବିଶ୍ୱାସ ଦେଇ ଆପଣାର, ନିଜର କରିଥିଲେ । ତାଙ୍କ ନିଜ ଭାଷାରେ "ଏପରି ଜୀବନରେ ମୁଁ ବାରମ୍ବାର ପ୍ରତାରିତ ହୋଇଛି । ତଥାପି ମନୁଷ୍ୟକୁ ବିଶ୍ୱାସ କରିବାର ଅଭ୍ୟାସ ଛାଡ଼ି ପାରି ନାହିଁ ।" ହୁଏତ ସାମାଜିକ, ସାଂସାରିକ ବା ଜାଗତିକ ଦୃଷ୍ଟିକୋଣରୁ ସେ ଅନ୍ୟଦ୍ୱାରା ପ୍ରତାରିତ ହୋଇଛନ୍ତି କିନ୍ତୁ କର୍ତ୍ତବ୍ୟ, ଜ୍ଞାନ, ଧର୍ମ ଓ ମନୁଷ୍ୟୋଚିତ କର୍ମ ଦୃଷ୍ଟିରୁ ମନୁଷ୍ୟ ଜନ୍ମକୁ ସାର୍ଥକ କରିଛନ୍ତି ଜଣେ ସତ୍ୟନିଷ୍ଠ, କର୍ତ୍ତବ୍ୟ ପରାୟଣ, ଏକନିଷ୍ଠ ବାଣୀସାଧକ ଭାବରେ ।

■■■

Digitized by srujanika@gmail.com

କ୍ରାଏଷ୍ଟ କଲେଜର ଭୀଷ୍ମ ପିତାମହ

ଗୋପାଳ ମିଶ୍ର

ମାତ୍ର ଦୁଇ ଅଢ଼େଇ ବର୍ଷର ସମ୍ପର୍କ । କିନ୍ତୁ ଏବେ ମଧ୍ୟ ସାର୍‌ଙ୍କ ପ୍ରତିଛବି ମନକୁ ଆସିଲେ ଭକ୍ତିରେ ମୁଣ୍ଡ ନଇଁଯାଏ । ତା'ର ଯେ କାରଣ ନାହିଁ ଏପରି ନୁହେଁ । କିନ୍ତୁ କାରଣ ତୁଳନାରେ ତାଙ୍କ ବ୍ୟକ୍ତିତ୍ୱର ଭାବମୂର୍ତ୍ତି ଆପେ ଆପେ ମୁଣ୍ଡ ତଳକୁ କରିଦିଏ । ୧୯୫୨ ସାଲରେ କ୍ରାଏଷ୍ଟ କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇଲା ବେଳକୁ ସାର୍‌ଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ନ ଥିଲି । ମୋର ମାମୁ ସମ୍ପର୍କୀୟ ଅଥଚ କନିଷ୍ଠ ବନ୍ଧୁ ସ୍ୱର୍ଗତଃ ହରେକୃଷ୍ଣ ଦାସ ମୋ ପୂର୍ବରୁ କ୍ରାଏଷ୍ଟ କଲେଜରେ ପଢୁଥିଲେ ଏବଂ ସାର୍‌ଙ୍କ ଘନିଷ୍ଠ ସାନ୍ନିଧ୍ୟ ଲାଭ କରିବାର ସୁଯୋଗ ପାଇଥିଲେ । ତାଙ୍କରିଠାରୁ ସାର୍‌ଙ୍କ ପାଣ୍ଡିତ୍ୟ, ସାହିତ୍ୟ କୃତି ଏବଂ ଛାତ୍ରବତ୍ସଳତା ସମ୍ପର୍କରେ ଅନେକ କଥା ଶୁଣିଥିଲି । ଯୋଗକୁ କ୍ରାଏଷ୍ଟ କଲେଜରେ ପଢ଼ିବା ସମୟରେ ତାଙ୍କ ସହିତ ଏକାଠି ଗୋଟିଏ ମେସ୍‌ରେ ରହିଲି । ତାଙ୍କ ସହିତ ସାର୍‌ଙ୍କ ଡଗରପଡ଼ା ବସାକୁ ଯିବା ଆସିବା କ୍ରମରେ ମୁଁ ମଧ୍ୟ ସାର୍‌ଙ୍କୁ ନିକଟରୁ ଦେଖିବାର ସୁଯୋଗ ପାଇଲି । ମୋ' ଭଳି ଜଣେ ଦରପାଠୁଆ ପକ୍ଷରେ ସାର୍‌ଙ୍କ ପାଣ୍ଡିତ୍ୟ ବା ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିବା ଧୃଷ୍ଟତା ବ୍ୟତୀତ ଆଉ କିଛି ନୁହେଁ ।

କିନ୍ତୁ ଅଦ୍ଭୁତ ଥିଲା ସାର୍‌ଙ୍କ ବ୍ୟକ୍ତିତ୍ୱ । ଯେଉଁ ବୟସରେ କଟକ ସହର ଏବଂ କଲେଜର ଚାକଚକ୍ୟ ପରିବେଶ ମଧ୍ୟରେ ଜଣେ ନାନା ପ୍ରକାର ସ୍ୱପ୍ନ ଦେଖିବାକୁ ଭଲ ପାଇଥାଏ ଏବଂ ଅନାଗତ କୁହୁଡ଼ିରେ ପହଁରି ଆନନ୍ଦ ପାଇଥାଏ, ସେହି ବୟସରେ ଏପରି ଜଣେ ସାଧାରଣ ଧୋତି ପଞ୍ଜାବୀର ନିରାଡ଼ମ୍ବର ବେଶଭୂଷା ସମ୍ପନ୍ନ ନିରଳସ ବ୍ୟକ୍ତିତ୍ୱ, ଅଥଚ ଅଗାଧ ପାଣ୍ଡିତ୍ୟର ଅଧିକାରୀ ବ୍ୟତିକ୍ରମ ମନେ ହେବା ସ୍ୱାଭାବିକ । ସେହି ବ୍ୟତିକ୍ରମ ହିଁ ତାଙ୍କୁ ଅନେକଙ୍କ ମଧ୍ୟରେ ଗୋଟିଏ ସ୍ୱତନ୍ତ୍ର ଆସନ ଦେଇଥିଲା ।

Digitized by srujanika@gmail.com

ଖୁବ୍ ନିରୀକ୍ଷଣ କରି ଦେଖିଛି, ସାର୍‌ଙ୍କ ପାଇଁ ଦିନ ଭିତରେ ଏପରି କୌଣସି ସମୟ ନ ଥିଲା, ଯେତେବେଳେ ସେ କିଛି ନା କିଛି କରୁ ନ ଥିଲେ । ଲେଖନ୍ତୁ, ପଢ଼ନ୍ତୁ, ଛାତ୍ର ଓ ଅନ୍ୟ ସହକର୍ମୀମାନଙ୍କ ସହିତ ଆଲୋଚନା କରନ୍ତୁ ବା କ୍ରାଏଷ୍ଟ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ତତ୍ପର ଥାଆନ୍ତୁ, ସବୁବେଳେ ସେ ଥିଲେ କର୍ମମୁଖର । ଆଳସ୍ୟ ବୋଲି ଗୋଟିଏ ଶବ୍ଦ ତାଙ୍କ ଅଭିଧାନରେ ନ ଥିଲା ।

ପାଠପଢ଼ାରେ ବିଶେଷ କିଛି କୃତି ଅର୍ଜନ କରିବା ଭଳି ଛାତ୍ର ମୁଁ ନ ଥିଲି ଯଦିଓ ଲେଖାଲେଖି କରିବାରେ କିଛିଟା ଆଗ୍ରହ ଥିଲା । ବୋଧହୁଏ ସାର୍ ତାକୁ ହିଁ ଲକ୍ଷ୍ୟ କରି ମଝିରେ ମଝିରେ ମତେ ଡାକନ୍ତି ଏବଂ ଆଲୋଚନା ଛଳରେ କୌଣସି କୌଣସି ବିଶିଷ୍ଟ ଲେଖକଙ୍କ ଲେଖା ତର୍ଜମା କରି ବୁଝାନ୍ତି । ସେ ମନେ କରୁଥିଲେ ମୋର ଯେଉଁ ଟିକକ ଆଗ୍ରହ ଅଛି, ତାକୁ ସେ ଅଧିକ ଶାଣିତ କରିବେ । ମୁଁ ଯେ ତାଙ୍କର ଏହି ଆଶା ପୂରଣ କରିବାରେ ସମ୍ପୂର୍ଣ୍ଣ ଅପାରଗ ସେ କଥା ସାର୍ ଜାଣି ନ ଥିଲେ । ତଥାପି ମନେଅଛି କଲେଜ ମାଗାଜିନ୍‌ରେ ମୁଖ୍ୟ ସମ୍ପାଦକ ହିସାବରେ ମାଗାଜିନ୍ ପାଇଁ ଯେଉଁସବୁ ଲେଖା ଆସେ, ଅନେକ ସମୟରେ ମତେ ସେ ପଢ଼ିବାକୁ ଦେଉଥିଲେ । ମୋର ମତାମତ ପଚାରୁଥିଲେ । ଯଦିଓ କେଉଁ ଲେଖାଟି ଛପାହେବ, ନ ହେବ ସେ ସମ୍ପର୍କରେ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଥିଲା ।

ଗୋଟିଏ ନିର୍ଦ୍ଦିଷ୍ଟ ଲେଖା ଛପା ହେବା ପାଇଁ ତାହା ଉପଯୁକ୍ତ କି ନୁହେଁ ସେ ସମ୍ପର୍କରେ ଅନେକ ଥର ମତେ ବୁଝାଇଛନ୍ତି । ସାର୍‌ଙ୍କ ଅନ୍ୟ ଯେଉଁ ଦିଗଟି ମୋତେ ପ୍ରଭାବିତ କରିଥିଲା, ତାହା ହେଉଛି ବେଳେବେଳେ ଏକାନ୍ତରେ ବ୍ୟକ୍ତିଗତ ଭଲମନ୍ଦ ବୁଝିବାକୁ ଚେଷ୍ଟା କରିବା ଓ ଆବଶ୍ୟକ ସ୍ଥଳେ ପରାମର୍ଶ ଦେବା । ସାର୍‌ଙ୍କ ଘରେ ତାଙ୍କ ବଡ଼ପୁଅ ଯାହାକୁ ସେ ଜଗନ (ଜଗନ୍ନାଥ ପ୍ରସାଦ) ବୋଲି ଡାକୁଥିଲେ ତାଙ୍କ ସହିତ ସମ୍ପର୍କ ଗଢ଼ିଉଠି ବନ୍ଧୁତାରେ ପରିଣତ ହୋଇଥିଲା । ଏବେ ମଧ୍ୟ ତାହା ଅତୁଟ ରହିଛି । ବନ୍ଧୁ ମହଲରେ ସେ ଜେ.ପି. ଭାବରେ ପରିଚିତ । ସିଭିଲ ସର୍ଭିସ୍‌ର ଆକର୍ଷଣ ଅଧା ବାଟରେ ତ୍ୟାଗ କରି ସେ ପୂରା ସମୟ ସାହିତ୍ୟ ସେବାରେ ନିଜକୁ ନିୟୋଜିତ କରିଛନ୍ତି ଏବଂ ଜଣେ ସୃଜନଶୀଳ ବରିଷ୍ଠ ଲେଖକ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ।

Digitized by srujanika@gmail.com

ବ୍ୟକ୍ତିଗତ ସମ୍ପର୍କକୁ ବାଦ୍ ଦେଇ କ୍ରାଏଷ୍ଟ କଲେଜକୁ ଫେରିଗଲେ ସାର୍‌ଙ୍କ ପ୍ରତ୍ୟେକ ଅଧ୍ୟାପକ ବନ୍ଧୁ ଓ ଛାତ୍ର ସ୍ୱୀକାର କରିବେ ଯେ, କଲେଜ ପ୍ରତି ତାଙ୍କର ଅଙ୍ଗୀକାରବଦ୍ଧତା ଥିଲା ଶତକଡ଼ା ୧୦୦ ଭାଗ ବା ତା'ଠାରୁ ଅଧିକ । କଲେଜର ପ୍ରତ୍ୟେକଟି କାର୍ଯ୍ୟରେ ତାଙ୍କର ପରାମର୍ଶ ଓ ସାହାଯ୍ୟର ଚିହ୍ନ ବାରି ହୋଇ ପଡୁଥିଲା । କଲେଜର ସାମଗ୍ରିକ ପରିଚାଳନା ପାଇଁ ଅଧକ୍ଷ ତାଙ୍କ ଉପରେ ଯେପରି ସମ୍ପୂର୍ଣ୍ଣ ଆସ୍ଥାର ସହିତ ନିର୍ଭର କରୁଥିଲେ, ସେହିପରି ଅଧ୍ୟାପକମାନେ ତାଙ୍କୁ ଗୁରୁ ସଦୃଶ ସମ୍ମାନ ଦେଉଥିଲେ ଏବଂ ଆବଶ୍ୟକ ସ୍ଥଳେ ତାଙ୍କର ସାହାଯ୍ୟ ମିଳିବା ସମ୍ପର୍କରେ ସେମାନେ ନିଷ୍ଚିତ ଥିଲେ । ଦରଜୀ ସାର୍, ମୁଖାର୍ଜୀ ସାର୍, ସେନ୍ ସାର୍ ପ୍ରମୁଖ କିପରି ତାଙ୍କୁ ସମ୍ମାନ କରୁଥିଲେ ତାହା ନିଜେ ଦେଖିଛି । ଅଧ୍ୟାପକ ନିଯୁକ୍ତିରେ ତାଙ୍କର ମତାମତ ପ୍ରାଥମିକତା ପାଉଥିଲା । ଛାତ୍ର ବା ସହକର୍ମୀ କାହାରି ଉପରେ ସେ କେବେ ରାଗିବାର ଦେଖିନାହିଁ । କିଛି ଅସୁବିଧା ଦେଖାଦେଲେ ଛାତ୍ରମାନେ ନିଃସଙ୍କୋଚରେ ତାଙ୍କ ପାଖକୁ ଯାଇପାରୁଥିଲେ ।

କ୍ରାଏଷ୍ଟ କଲେଜ, ତା'ର ଅଧ୍ୟାପକ, ଛାତ୍ର ଓ କର୍ମଚାରୀମାନଙ୍କ ପରି ସାର୍‌ଙ୍କ ଆନ୍ତରିକତା ଓ ତାଙ୍କ ପ୍ରତି ସମସ୍ତଙ୍କର ସମ୍ମାନ ଓ ଶ୍ରଦ୍ଧା ମହାଭାରତର ଭୀଷ୍ମ ପିତାମହଙ୍କ କଥା ସ୍ମରଣ କରାଇଦିଏ । ବାସ୍ତବିକ ସାର୍ ଥିଲେ କ୍ରାଏଷ୍ଟ କଲେଜର ଭୀଷ୍ମ ପିତାମହ ।

■■■

Digitized by srujanika@gmail.com

ଆଦର୍ଶ ମଣିଷ

ଡକ୍ଟର ବିଭୂତି ପଟ୍ଟନାୟକ

ସାର୍‌ଙ୍କ କଥା ଭାବିଲେ ହଠାତ୍ "ସର୍ବସାର ବ୍ୟାକରଣ" କଥା ମନେ ପଡ଼ିଥାଏ ଏବଂ ବ୍ୟାକରଣ ଅଜ୍ଞତା-ଜନିତ ଭୟ ଜ୍ୱରର ଉତ୍ତାପ ଭଳି ମୋର ଚେତନାକୁ ଗ୍ରାସ କରିଥାଏ ।

ସେଥିପାଇଁ ସେ ଦିନଗୁଡ଼ିକରେ ଟିଉଟୋରିଆଲ କ୍ଲାସରେ ମୁଁ ଅପେକ୍ଷା କରିଥାଏ ସାର୍ ଅନ୍ୟମାନଙ୍କ ଖାତା ସଂଶୋଧନ କରୁ କରୁ କିପରି ପିରିୟଡ଼ ଶେଷର ଘଣ୍ଟା ବାଜିଯିବ ଏବଂ ମୋ ଖାତା ଆଉ ଦେଖାହେବ ନାହିଁ କି ଲେଖାରେ ବ୍ୟାକରଣଗତ ତ୍ରୁଟି ଯୋଗୁଁ ଅନ୍ୟମାନଙ୍କ ସାମ୍ନାରେ ମତେ ଅପଦସ୍ତ ହେବାକୁ ପଡ଼ିବ ନାହିଁ ।

ସାର୍, ଅର୍ଥାତ୍ ଅଧ୍ୟାପକ ଶ୍ରୀଧର ଦାସ, ନିବିଷ୍ଟ ମନରେ ଅନ୍ୟମାନଙ୍କ ଟିଉଟୋରିଆଲ ଖାତାରେ ଗାର ଟାଣି ଚାଲିଥାଆନ୍ତି । ମଝିରେ ମଝିରେ ପାନ ବଟାରୁ ଖଣ୍ଡେ ଖଣ୍ଡେ ଖିଲିପାନ ବାହାର କରି କଳରେ ଜାକି ଦେଉଥାନ୍ତି ଏବଂ ଚଷମା କାଚର ଅନ୍ତରାଳରୁ ଦୃଷ୍ଟି ଟେକି ମୋ ଆଡ଼କୁ ଚାହିଁଦେଲେ, ମୋର ରକ୍ତ ଶୁଖି ଯାଉଥାଏ ।

ଖ୍ରୀଷ୍ଟ କଲେଜରେ ଆଇ.ଏ. ପଢ଼ିଲା ବେଳେ ମଧ୍ୟ ମୋର କିଛି କିଛି ଗଳ୍ପ କବିତା 'ଝଙ୍କାର', 'ଡଗର', 'ଆସନ୍ତାକାଲି' ଇତ୍ୟାଦି ପତ୍ରପତ୍ରିକାରେ ପ୍ରକାଶିତ ହୋଇ ମତେ ଲେଖକୀୟ ସ୍ୱୀକୃତି ଆଣି ଦେଇଥାଏ । ସଂସ୍କୃତ ବ୍ୟାକରଣ ନୀତି ନିୟମ କଡ଼ା କଡ଼ି ଭାବରେ ମାନି ଚଳିଲେ ଆଧୁନିକ ପାଠକର ଚେତନାରେ ଚମକ ସୃଷ୍ଟି କଲା ଭଳି ବାକ୍ୟ ଗଠନ ଓ ନୂତନ ଶବ୍ଦ ଚୟନ କରିବା ସମ୍ଭବ ହେବ ନାହିଁ ବୋଲି ମୋର ସେତେବେଳେ ଏକ ପ୍ରକାର ଧାରଣା ବଦ୍ଧମୂଳ ହୋଇଥାଏ । ତେଣୁ କର୍ତ୍ତା-କର୍ମ-କ୍ରିୟାମାନଙ୍କୁ ବାକ୍ୟମାନଙ୍କର ଯେ କୌଣସି ସ୍ଥାନରେ ବସାଇବା କିମ୍ବା ବାଦ ଦେବା – ମୋର ପ୍ରାୟ ଏକପ୍ରକାର ନିଶା ହୋଇ ଯାଇଥିଲା ।

Digitized by srujanika@gmail.com

ସେଥିପାଇଁ ସାରଙ୍କ ପାଖରୁ ମତେ ଅନେକ ସମୟରେ ଗାଳି ଶୁଣିବାକୁ ପଡୁଥିଲା ।

ସାର୍ ସେତେବେଳେ ଆମକୁ 'ରସକଲ୍ଲୋଳ' ପଢ଼ାଉଥିଲେ ଏବଂ ପ୍ରତ୍ୟେକ ପଦରେ ଥିବା ଅଳଙ୍କାର, ବ୍ୟବହୃତ ଶବ୍ଦର ଉତ୍ପତ୍ତି ସମ୍ପର୍କରେ ଏତେ ବେଶି ଗୁରୁତ୍ୱ ଦେଉଥିଲେ ଯେ କାବ୍ୟରେ ନିୟୋଜିତ ରସଧାରା ପ୍ରାୟ ଶୁଷ୍କ ମନେ ହେଉଥିଲା ।

କିନ୍ତୁ ତାଙ୍କର ପଢ଼ାଇବାର ଢଙ୍ଗ, ବୁଝାଇବାର ଠାଣିରେ ଏପରି ମୌଳିକତା ଥିଲା ଯେ, କ୍ଲାସରେ ଅନ୍ୟମନସ୍କ ହେବା ପ୍ରାୟ ଏକ ପ୍ରକାର ଅସମ୍ଭବ ବ୍ୟାପାର ଥିଲା । ସେ ପ୍ରାୟ କ୍ଲାସର ଅଧିକାଂଶ ଛାତ୍ରଙ୍କୁ ବ୍ୟକ୍ତିଗତ ଭାବରେ ଚିହ୍ନି ରଖିଥିଲେ । ମଝିରେ ମଝିରେ ବୁଝିପାରୁଛ କି ନାହିଁ ବୋଲି ନାମ ଧରି ପଚାରି ଦେଲେ ଅନମନସ୍କ ଛାତ୍ରର ଛାତିରୁ ଅତଡ଼ା ଖସି ପଡୁଥିଲା ।

ସେସବୁ ଦିନ ଥିଲା ସେମିତି ।

ଛାତ୍ର ଓ ଅଧ୍ୟାପକମାନଙ୍କ ମଧ୍ୟରେ ଏକ ପ୍ରକାର ଘନୀଭୂତ ଆତ୍ମୀୟତା ଥିଲା । ଆଜିପରି ସେଦିନ ଖ୍ରୀଷ୍ଟ କଲେଜ ଏଭଳି କୋଳାହଳମୟ ନ ଥିଲା । ଆମ୍ରକୁଞ୍ଜ ପରିବେଷ୍ଟିତ ସେଇ ଛାୟାଶୀତଳ ପରିବେଶରେ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟଙ୍କ ପାଖରେ 'ବିଦ୍‌ଗଧ ଚିନ୍ତାମଣି' ଆଉ ସାରଙ୍କ ପାଖରେ "ରସକଲ୍ଲୋଳ" ପଢିଲା ବେଳେ ମଧ୍ୟଯୁଗୀୟ ଗୌଡ଼ୀୟ ବୈଷ୍ଣବ କାବ୍ୟର ରହସ୍ୟମୟ ଜଗତ ଧୀରେ ଧୀରେ ଆମ ଆଖି ଆଗରେ ବିକଚ ଶତଦଳ ଭଳି ଉନ୍ମୋଚିତ ହୋଇ ଯାଉଥିଲା ।

ସାର୍ କଲେଜରେ ଥିଲେ ମୋର ଓଡ଼ିଆ ସାହିତ୍ୟର ଅଧ୍ୟାପକ, ବିଭାଗୀୟ ମୁଖ୍ୟ । କିନ୍ତୁ ସ୍କୁଲ ଜୀବନରେ ଚାରିବର୍ଷ ଧରିଥିଲେ ମୋର ହେଡ୍‌ମାଷ୍ଟର । ପ୍ରଧାନଶିକ୍ଷକ ।

ସ୍କୁଲର ନାମ ଶ୍ରୀକୃଷ୍ଣ ଏକାଡେମୀ, ଜଗତସିଂହପୁର ।

ଚତୁର୍ଥ ଶ୍ରେଣୀରୁ ସପ୍ତମ ଶ୍ରେଣୀ; ଏଇ ଚାରିବର୍ଷ ମୁଁ ସେଠାରେ ପଢୁଥିଲା ବେଳେ ସେ ଥିଲେ ହେଡ୍‌ମାଷ୍ଟର । ତଳ ଶ୍ରେଣୀର ଛାତ୍ରମାନଙ୍କ ସହିତ ହେଡ୍‌ମାଷ୍ଟରଙ୍କର କିଛି ସମ୍ପର୍କ ନ ରହିବାର କଥା ।

Digitized by srujanika@gmail.com

କେବଳ ଗୋଟିଏ କଥାରେ ଆମେ ଯାଇଥିଲୁ ସାର୍‌ଙ୍କ ପାଖକୁ ।

ଶ୍ରେଣୀରେ କୌଣସି କାରଣରୁ ଅନୁପସ୍ଥିତ ରହିଲେ ଦିନ ପିଛା ଅଣାଏଁ ଲେଖାଏଁ ହିସାବ କରି ଦରମା ସହିତ ଜୋରିମାନା ଦେବାକୁ ହେଉଥିଲା । ଏଇ ଅନୁପସ୍ଥିତି ଜୋରିମାନା ଆଜିକାଲି ସ୍କୁଲରେ ଆଦାୟ ହେଉଛି କି ନାହିଁ ମତେ ଜଣା ନାହିଁ । କିନ୍ତୁ ଆମ ବେଳେ ସ୍କୁଲରେ ଛାତ୍ରର ଅନୁପସ୍ଥିତିକୁ ଏକ ସାମାନ୍ୟ ଘଟଣା ବୋଲି ମନେ କରାଯାଉ ନ ଥିଲା । ସ୍କୁଲରେ ବିଳମ୍ବରେ ପହଞ୍ଚିଲେ ଏଲ.ପି., ବା ଲେଟ୍ ପ୍ରେଜେଣ୍ଟ ଜୋରିମାନା ମଧ୍ୟ ଦେବାକୁ ହେଉଥିଲା ।

ଏ ଜୋରିମାନା ମାଫ୍ କରିବାର କ୍ଷମତା ଥିଲା କେବଳ ହେଡ୍‌ମାଷ୍ଟ୍ରଙ୍କର ।

ଅନୁପସ୍ଥିତ ଛୁଟି ମଞ୍ଜୁର କରିବା ପାଇଁ ଦରଖାସ୍ତ ଧରି ହେଡ୍‌ମାଷ୍ଟ୍ରଙ୍କ ରୁମ୍‌ରେ ପ୍ରବେଶ କରୁଥିବା ବେଳେ ଆମର ଛାତି ଦୁକ୍ ଦୁକ୍ ହେଉଥିଲା ।

ସାର୍ ଖୁବ୍ କାର୍ଯ୍ୟବ୍ୟସ୍ତ ଥିବାବେଳେ ଦରଖାସ୍ତ ନେଇ ଯିବା ପାଇଁ ଆମେ ସୁଯୋଗ ଖୋଜୁଥିଲୁ । କାରଣ ଛୁଟି ନେବାର କାରଣ ଓ ତା'ର ସତ୍ୟାସତ୍ୟ କଥା ନ ପଚାରି ସେ "Granted" ବୋଲି ଲେଖି ତଳେ 'S. Das' ଦସ୍ତଖତ କରି ଦେଉଥିଲେ । ଖାଲି ବସିଥିବା କିମ୍ବା ବହି ପଢୁଥିବା ବେଳେ ଗଲେ ନାନା ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଥିଲା ।

ଆଜି ମନେପଡୁଛି ଥରେ ଜ୍ୱରରେ ପଡ଼ି ସାତଦିନ ସ୍କୁଲ ଯାଇ ନ ଥିଲି । ଛୁଟି ଦରଖାସ୍ତ ମଂଜୁର କରିବା ପାଇଁ ପହଞ୍ଚିବା ମାତ୍ରେ ସାର୍ ଦସ୍ତଖତ ଉପରେ ଆଖି ବୁଲାଇ ନେଲେ ।

କ୍ଲାସ ଟିଚର ମାଗୁଣି ବାବୁ ଦରଖାସ୍ତ ଉପରେ "ରେକମେଣ୍ଡେଡ୍" ବୋଲି ନ ଲେଖି, 'ଫରଓ୍ୱାର୍ଡ' କରି ଦେଇଥିଲେ । ମୁଁ ଷଷ୍ଠ ଶ୍ରେଣୀର ଛାତ୍ର । 'ରେକମେଣ୍ଡେସନ୍' ଆଉ 'ଫରଓ୍ୱାର୍ଡ' ଶବ୍ଦ ଦୁଇଟି ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ମତେ ଜଣା ନ ଥିଲା ।

'ଫରଓ୍ୱାର୍ଡ' ବୋଲି ଲେଖା ହୋଇଥିବା ଦେଖି ସାର୍ ପଚାରିଲେ – "ତମକୁ ଯେ ଜ୍ୱର ହୋଇଥିଲା - ଏକଥା ସତ୍ୟ ବୋଲି ମୁଁ ଜାଣିବି କିପରି ?"

Digitized by srujanika@gmail.com

ସାର୍‌ଙ୍କୁ କ'ଣ କହି ମୁଁ ସନ୍ତୁଷ୍ଟ କରିପାରିବି, ମତେ ଜଣା ନଥିଲା ।

ହଠାତ୍ ମୋ ପାଟିରୁ ବାହାରି ପଡ଼ିଥିଲା –

– ସାର୍ ! ମୁଁ ଜଣେ ସ୍କୁଲ ଶିକ୍ଷକଙ୍କ ପୁଅ । ମତେ ମିଛ କିପରି କହିବାକୁ ହୁଏ ଜଣା ନାହିଁ । ମୁଁ ସତ କହୁଛି - ମତେ ଜ୍ୱର ହୋଇଥିଲା -

ବାସ୍, ସେଇ ପଦିଏ କଥା । ସାର୍‌ଙ୍କ ମୁହଁରେ ଫୁଟି ଉଠିଥଲା ପରିତୃପ୍ତିର ହସ ।

ମତେ ଆଉ ଦ୍ୱିତୀୟ ପ୍ରଶ୍ନ ନପଚାରି ସେ ଛୁଟି ମଂଜୁର କରି ଦେଇଥିଲେ ଏବଂ ବାପାଙ୍କ ବିଷୟରେ ଟିକିନିଖି ଖବର ବୁଝି ବାପାଙ୍କୁ ତାଙ୍କ ସହିତ ଦେଖା କରିବାକୁ କହିଥିଲେ ।

ବାପା ହେଡ୍‌ମାଷ୍ଟରଙ୍କୁ ଭେଟିଥିଲେ କି ନାହିଁ ମୋର ମନେ ପଡୁ ନାହିଁ; କିନ୍ତୁ ମୋର ମନେ ଅଛି ସେହି ବର୍ଷ ମୋ ଦରମା ଅଧା ଫ୍ରି ହୋଇ ଯାଇଥିଲା ।

କାରଣ ମୁଁ ଜଣେ ସ୍କୁଲ ଶିକ୍ଷକଙ୍କ ପୁଅ ! ତା'ପରେ ସେହି ବର୍ଷ କିମ୍ବା ତା' ଆର ବର୍ଷ ସାର୍ ଜଗତସିଂହପୁର ହାଇସ୍କୁଲ ଛାଡ଼ି ଚାଲି ଆସିଥିଲେ । ତାଙ୍କ ବଦଳରେ ପ୍ରଥମେ ବାସୁଦେବ ମହାନ୍ତି, ନୃସିଂହ ଚରଣ କାନୁନଗୋ ଓ ଶେଷରେ ଭୂଗୋଳ ଶିକ୍ଷକ ଯୋଗେନ୍ଦ୍ର ନାଥ ଦାଶ ଅବଶିଷ୍ଟ କେତେ ବର୍ଷ ପ୍ରଧାନ ଶିକ୍ଷକ ଦାୟିତ୍ୱ ବହନ କରିଥିଲାବେଳେ ମୁଁ ସେ ସ୍କୁଲର ଛାତ୍ର ଥିଲି । କିନ୍ତୁ ମୋ କିଶୋର ମନର ଓଦା ମାଟିରେ ସାର୍‌ଙ୍କ ସରଳ, ନିରଳସ, ସ୍ନେହ ସକଳ ବ୍ୟକ୍ତିତ୍ୱର ଯେଉଁ ଦାଗ ଲାଗିଥିଲା, ଅନ୍ୟ କେହି ସେଭଳି ପ୍ରଭାବ ବିସ୍ତାର କରି ପାରି ନଥିଲେ । ବାସୁବାବୁ ଖୁବ୍ ଅଳ୍ପଦିନ ପାଇଁ ପ୍ରଧାନ ଶିକ୍ଷକ ଥିଲେ । ତାଙ୍କ ସହିତ ବ୍ୟକ୍ତିଗତ ପରିଚୟର ସୁଯୋଗ ନଥିଲା । ନୃସିଂହ ଚରଣ କାନୁନ୍‌ଗୋ ଥିଲେ ଗମ୍ଭୀର ପ୍ରକୃତିର ଲୋକ । କଡ଼ା ମିଜାଜ୍‌ର ବଳିଷ୍ଠ ବ୍ୟକ୍ତିତ୍ୱ । ଛୁଟି ଦରଖାସ୍ତ ନିଜେ ନ ନେଇ ପିଅନ ହାତରେ ତାଙ୍କ ପାଖକୁ ପଠାଉଥିଲୁ । ମନେ ମନେ ତାଙ୍କୁ ଭୟ କରୁଥିବା ହେତୁ ତାଙ୍କ ସହିତ ଆମର ଏକ ପ୍ରକାର ଅନତିକ୍ରମ୍ୟ ଦୂରତ୍ୱ ସୃଷ୍ଟି ହୋଇଯାଇଥିଲା । ଯୋଗେନ୍ଦ୍ର ବାବୁ ଆଗରୁ କ୍ଲାସ୍ ଟିଚର ଥିଲେ । ତେଣୁ ହେଡ୍‌ମାଷ୍ଟ୍ର ନିଯୁକ୍ତି ପରେ ମଧ୍ୟ ଆମେ ତାଙ୍କୁ ଭିନ୍ନ ଦୃଷ୍ଟିରେ ଦେଖି ପାରୁ ନଥିଲୁ ।

Digitized by srujanika@gmail.com

ଐତିହାସିକ ଫିରିଙ୍ଗିକୁଦ ଉପରେ ପ୍ରତିଷ୍ଠିତ ସେଇ ଉଚ୍ଚ ବିଦ୍ୟାଳୟର ପବିତ୍ର ପରିବେଶରେ, ନିମଫୁଲର ବାସ୍ନା ଯେତେବେଳେ ଭାସି ଆସେ, ହଠାତ୍ ସାର୍‌ଙ୍କ ସ୍ମୃତି ମନକୁ ମହକାଇ ଦିଏ । କୈଶୋର ନିର୍ମୋକ ଛାଡ଼ି ହାପ୍‌ପ୍ୟାଣ୍ଟ ବଦଳରେ ଫୁଲପ୍ୟାଣ୍ଟ୍ ପିନ୍ଧି କଲେଜରେ ପଢ଼ିବା ପାଇଁ ମୁଁ ଯେତେବେଳେ ଖ୍ରୀଷ୍ଟ କଲେଜରେ ନାମ ଲେଖାଇଲି; ପୁଣି ସାର୍‌ଙ୍କୁ ଅଧ୍ୟାପକ ଭାବରେ ଦେଖିବି ବୋଲି କେବେ କଳ୍ପନା ସୁଦ୍ଧା ନଥିଲି ।

ସାର୍ ଭୁଲି ଯାଇଥିଲେ ।

ମୁଁ ଭାରି ନଥିଲି ।

ପରିଚୟ ଦେବାମାତ୍ରେ ତାଙ୍କର ରେଖାଙ୍କିତ ମୁହଁରେ କଲେଜ କରି – ଡରରେ ଯେଉଁ ସ୍ନିଗ୍ଧ ହସର ଆଲୋଡ଼ନ ସେଦିନ ଉଦ୍ଭାସିତ ହୋଇ ଉଠିଥିଲା; ତାହା କୌଣସି ଦିନ ମୁଁ ଭୁଲତି ପାରିବି ନାହିଁ ।

ସାର୍‌ଙ୍କ ବୟସ ବଢୁଥିଲା; କିନ୍ତୁ ସାର୍ ବଦଳି ନଥିଲେ । ଧୋତି ଉପରେ ତାଙ୍କର ସେଇ କୋଟ୍, ଆଖିର ଚଷମା ଅନ୍ତରାଳରୁ ତାଙ୍କର ସେହି ସ୍ନେହ-କୋମଳ ଦୃଷ୍ଟି; ସବୁ ସେହିପରି ଅପରିବର୍ତ୍ତିତ ଥିଲା ।

ହାଇସ୍କୁଲରେ ପଢ଼ିଲା ବେଳେ ସେ ହେଡ୍‌ମାଷ୍ଟ ଚାକିରୀ ଛାଡ଼ି ଅଧ୍ୟାପକ ହୋଇ ଆସିଥିଲେ । ମୁଁ ବି.ଏ. ପଢୁଥିବା ସମୟରେ ସାର୍ ଖ୍ରୀଷ୍ଟ କଲେଜରୁ ଅବସର ନେଲେ । କିନ୍ତୁ କଟକ ଅବସ୍ଥାନ କାଳରେ ତାଙ୍କ ସହିତ ବାରମ୍ବାର ଦେଖା ହୋଇଥିଲା ।

ଦିନେ ମୁଁ ଛାତ୍ର ଥିଲି, ଆଉ ଦିନେ ଲେଖକ ହୋଇଗଲି, କଲେଜରେ ଛାତ୍ର ଥିଲାବେଳେ ଦେଖାହେଲେ ସାର୍ ପଚାରୁ ଥିଲେ "କେମିତି ପଢ଼ାପଢ଼ି କରୁଛ ?" ଚାକିରୀରୁ ଅବସର ନେଲା ପରେ ରାସ୍ତାରେ କିମ୍ବା "ଗ୍ରନ୍ଥମନ୍ଦିର" ବହି ଦୋକାନରେ ଦେଖା ହେଲେ ତାଙ୍କର ପ୍ରଶ୍ନ ଥିଲା, "ଆଉ ନୂଆ କ'ଣ ଲେଖୁଛ ?"

ସେ ନିଜେ ମଧ୍ୟ ଲେଖାଲେଖିରେ ମନୋନିବେଶ କରିଥିଲେ । କିଶୋର ପାଠକମାନଙ୍କ ପାଇଁ ସ୍ମରଣୀୟ ଉପନ୍ୟାସମାନଙ୍କ ମୂଳ କାହାଣୀକୁ ନେଇ ନିଜ ଭାଷାରେ ଛୋଟ ଛୋଟ ବହି ଲେଖି ସେ ସୁଖ୍ୟାତି ଅର୍ଜନ କରିଥିଲେ । ଚାର୍ଲସ ଡିକେସନ୍‌ସଙ୍କ "ଡେଭିଡ଼ କପର୍ ଫିଲ୍‌ଡ୍", ଜୁଲଭେର୍ଣ୍ଣଙ୍କ "ଟୋଣ୍ଟି ଥାଉଜେଣ୍ଡ ଲିଗ୍

Digitized by srujanika@gmail.com

ଅଣ୍ଡର ଦି ସି", ମାର୍କ ଟ୍ୱେନ୍‌ଙ୍କ "ଆଡ୍‌ଭେଞ୍ଚର ଅଫ୍ ଟମ୍ ସୟର", ଜେନ୍ ଅଷ୍ଟିନଙ୍କ "ପ୍ରାଇଡ୍ ଏଣ୍ଡ ପ୍ରିଜୁଡ଼ିସ୍", ଜନ କାରୋଙ୍କ "ମ୍ୟୁଟିନି ଅନ୍ ଦି ବାଉଣ୍ଟି" ଓ ୱିଲିକ୍ କଲିନ୍‌ସଙ୍କ "ଦି ମୁନ୍ ଷ୍ଟୋନ୍" ପ୍ରଭୃତି ସ୍ମରଣୀୟ ବିଦେଶୀ ଉପନ୍ୟାସକୁ ଜିଜ୍ଞାସୁ କିଶୋର ପାଠକମାନଙ୍କ ପାଇଁ ସରଳ, ସାବଲୀଳ ଭାଷାରେ ସେ କେବଳ ସଂକ୍ଷେପରେ ଲେଖି ନ ଥିଲେ, ଫକୀର ମୋହନ ସେନାପତିଙ୍କ "ଛ'ମାଣ ଆଠଗୁଣ୍ଠ" ଉପନ୍ୟାସକୁ ମଧ୍ୟ ପିଲାମାନେ ବୁଝିପାରିବା ଭଳି ଶୈଳୀରେ "ପିଲାଙ୍କ ଛ'ମାଣ ଆଠଗୁଣ୍ଠ" ନାମରେ ରଚନା କରିଥିଲେ । ଏହା ବ୍ୟତୀତ 'ହୋମର କାହାଣୀ' ଗ୍ରୀସ୍ ଦେଶର ଉପକଥା ଓ ପୁରାଣ କାହାଣୀ, ରାମାୟଣ କାହାଣୀ, "ଆଲିବାବା" ଏବଂ "ଶକୁନ୍ତଳା" ପ୍ରଭୃତି କିଶୋର ଗ୍ରନ୍ଥରେ ସେ ଦେଶ ବିଦେଶର ସ୍ମରଣୀୟ କାହାଣୀକୁ ଆକର୍ଷଣୀୟ ଶୈଳୀରେ ପରିବେଷଣ କରିଥିଲେ । ଓଡ଼ିଆ ଭାଷାରେ କିଶୋର ସାହିତ୍ୟ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ତାଙ୍କର ଏ ଆନ୍ତରିକ ଉଦ୍ୟମ କେବଳ ଖାଲି ତାଙ୍କର ସାହିତ୍ୟ ପ୍ରତି ନୁହେଁ; କିଶୋର ପାଠକମାନଙ୍କ ପ୍ରତି ଜଣେ ଆଦର୍ଶ ଶିକ୍ଷକ ଭାବରେ ତାଙ୍କର ମହାନ୍ କର୍ତ୍ତବ୍ୟବୋଧର ପରିଚୟ ବହନ କରିଛି ।

ସାର୍ ଆଜି ଆଉ ଆମ ଭିତରେ ନାହାନ୍ତି; କିନ୍ତୁ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବରେ ତାଙ୍କର ଅବଦାନ, ସାରସ୍ୱତ ସାଧନା କ୍ଷେତ୍ରରେ ତାଙ୍କର ଅପୂର୍ବ ନିଷ୍ଠା, ମୋ ମନ ଭିତରେ ଅମଳିନ ହୋଇ ରହିଛି, ରହିବ । ଏକା ମୋର ନୁହଁନ୍ତି; ସେ ଥିଲେ ତାଙ୍କର ଅଗଣିତ ଛାତ୍ର, ସାହିତ୍ୟ ରସିକ ପାଠକମାନଙ୍କ ପାଇଁ ଜଣେ ଅନୁକରଣୀୟ ବ୍ୟକ୍ତିତ୍ୱ, ଆଦର୍ଶ ମଣିଷ ।

■■■

Digitized by srujanika@gmail.com

କର୍ମଯୋଗୀ ଶ୍ରୀଧର ଦାସ

ଶ୍ରୀକାନ୍ତ ପଣ୍ଡା

ଅନେକ ଦିନ ତଳର କଥା । ଏ ଭିତରେ କେତୋଟି ଦଶନ୍ଧି ଯେ କେତେବେଳେ ବିତିଗଲାଣି ଜାଣି ହୋଇନାହିଁ । ଆଜି ପଛକୁ ଚାହିଁଲେ ସେ ସବୁ ବେଳର କଥା ଛାଇ ଛାଇ ପରି ଜଣାପଡୁଛି । କେତେ କଥା ଭୁଲି ଯାଇଛି । କେତେ କଥା ଏପରି ଘନିଷ୍ଠ ଭାବରେ ଜୀବନ ଉପରେ ଛାପ ପକାଇଛି ଯେ ହେଇଟି କାଲି ପରି ଘଟିଯାଇଥିବା ପରି ସ୍ପଷ୍ଟ ମନେଅଛି ।

୧୯୬୭ ମସିହା ଆରମ୍ଭ କଥା । ମୁଁ ଦେଉଳ ସାହିର ସେଲଟରଛକ ନିକଟରେ ନୂଆ କରି ଘରତୋଳି ବାପା, ମା ଓ ପରିବାର ବର୍ଗଙ୍କ ସହ ଆସି ହାଲି ହାଲି ରହୁଥାଏ । ଅବଶ୍ୟ ଦେଉଳ ସାହି ସହିତ ମୁଁ କଲେଜରେ ପଢ଼ିଲାବେଲୁ ପରିଚିତ । ଏହି ଅଞ୍ଚଳର ବିଶିଷ୍ଟ ସମାଜସେବୀ ସେ ଯୁଗର ଡବଲ ଏମ୍.ଏ. ପାସ୍ କରି ମଧ୍ୟ ସେ ଆଣ୍ଠୁ ଉପରକୁ ଲୁଗା ପିନ୍ଧୁଥିଲେ ଓ ସମାଜର କଲ୍ୟାଣ ପାଇଁ ନିଜର ସମସ୍ତ ସ୍ୱାର୍ଥକୁ ତ୍ୟାଗ କରି କୁସଂସ୍କାର ବିରୁଦ୍ଧରେ ଆଜୀବନ ଲଢ଼େଇ କରିଗଲେ । ସେ ପ୍ରାୟ ମୋ ପିତାଙ୍କ ସହିତ ସାକ୍ଷାତ କରିବାକୁ ବହୁ ସମୟରେ ଆମ ସରକାରୀ ବସାଘରକୁ ଆସୁଥିଲେ । ମୋ ପିତା ଅନେକ ଛୁଟି ଦିନଗୁଡ଼ିକରେ ଲକ୍ଷ୍ମୀନାରାୟଣ ବାବୁଙ୍କୁ ତତ୍କ୍ଷଣାତ୍ ନିମନ୍ତ୍ରଣ କରି ଏକାଠି ଭାତ ଡାଲି ଆଦି ଭୋଜନ କରିବାରେ ଆନନ୍ଦ ନେଉଥିଲେ । ସେତେବେଳେ ଆମେ ସବୁ ଲକ୍ଷ୍ମୀନାରାୟଣ ବାବୁଙ୍କ ପାଖରେ ବସି ବହୁ କଥା ଦେଶ ସମ୍ପର୍କରେ କୌତୂହଳର ସହିତ ଶୁଣୁଥିଲୁ । ତାଙ୍କ ପ୍ରତି ଆମର ଶ୍ରଦ୍ଧା ଭକ୍ତି ଓ ଆଦର ଥିଲା । ସେତେବେଳେ ତାଙ୍କ ଦେଉଳସାହି ଘରକୁ ଅନେକଥର ଆସିବାର ସୁଯୋଗ ମିଳିଥିଲା ।

ଯେତେବେଳେ ସେଲଟର ଛକରେ ଘର ଆସି ରହିଲୁ ସେତେବେଳେ ଏ ଅଞ୍ଚଳ ପ୍ରତି ମୋର ତଥା ଆମ ପରିବାରର ମମତା ବହୁତ ବଢ଼ିଗଲା । ଏ ଅଞ୍ଚଳର

Digitized by srujanika@gmail.com

ଅନ୍ୟତମ ବିଶିଷ୍ଟ ଶିକ୍ଷାବିତ୍ ପ୍ରବୀଣ ସାହିତ୍ୟିକ ଶ୍ରୀଧର ଦାସଙ୍କ ସହିତ ଦେଖାହେଲା । ମୋ ପିତା ଅବସର ଗ୍ରହଣ କରିଥାନ୍ତି ସରକାରୀ ଚାକିରୀରୁ । ବେଶି ସମୟ କଟାଉଥିଲେ ସାହିତ୍ୟ ସଭାରେ ତଥା ସାହିତ୍ୟ ଆଲୋଚନା କରିବାରେ । ଶ୍ରୀଧର ବାବୁ ଅନେକ ସମୟରେ ଆମଘରକୁ ଆସୁଥିଲେ । ବାପାଙ୍କ ସହିତ ବସି ସାହିତ୍ୟ ଆଲୋଚନା ହେଉଥିଲା । ଏହି ସମୟରେ ଆସିଲା କଟକ ପୌରସଭା ନିର୍ବାଚନ । ଦେଉଳସାହି, ବିଡ଼ାନାସୀ ଓ ତୁଳସୀପୁର ଅଞ୍ଚଳକୁ ନେଇ କଟକ ପୌରସଭାର ଥିଲା ଏକ ନମ୍ବର ୱାର୍ଡ଼ । ସହରର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଏହି ଏକନମ୍ବର ୱାର୍ଡ ଅଞ୍ଚଳ ଥିଲା ଅନୁନ୍ନତ । ବହୁ ରାସ୍ତାରେ ପିଚୁ ନ ଥିଲା । ବହୁ ରାସ୍ତାରେ ବିଜୁଳି ଆଲୁଅ ନ ଥିଲା । ଆବଶ୍ୟକତାକୁ ଚାହିଁ ମାଇନର ସ୍କୁଲ ନ ଥିଲା । ହାଇସ୍କୁଲ, କଲେଜ କଥା ଉଠୁଛି କେଉଁଠି । ଆମର ଜଣେ ସାଧାରଣ ପ୍ରତିନିଧି ଓ ଜଣେ ହରିଜନ ପ୍ରତିନିଧି ଏହିପରି ଦୁଇଜଣ କାଉନସିଲର ନିର୍ବାଚିତ ପଦ୍ଧତି ଚାଲୁଥିଲା । ସେତେବେଳେ ଦେଉଳସାହିର ଲୋକପ୍ରିୟ ପ୍ରତିନିଧି ସ୍ୱର୍ଗତ ନବକୁମାର ସେଠୀ ନିର୍ବାଚିତ କାଉନସିଲର ହୋଇଥିଲେ । ଆଉ ଜଣେ ଏହି ଅଞ୍ଚଳ ବାହାରର ବ୍ୟକ୍ତି ହିଁ ଦଳୀୟ ଟିକଟର ପ୍ରଭାବରେ ନିର୍ବାଚିତ ହୋଇଆସୁଥିଲେ । ଏହି ଅବସ୍ଥାର ସମାପ୍ତି ଘଟିଲା ଯେତେବେଳେ ସ୍ଥାନୀୟ ବାସିନ୍ଦାମାନେ ନିଜ ଇଚ୍ଛାରେ ଦୁଇଜଣଯାକ କାଉନସିଲରଙ୍କୁ ହିଁ ନିଜ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରୁ ପ୍ରଥମଥର ପାଇଁ ଦୃଢ଼ତାର ସହିତ ନିର୍ବାଚିତ କଲେ । ସେତେବେଳେ ସାଧାରଣ ଶଗଡ଼ ଗାଡ଼ିଚାଳକ ପାଣୁ ଅଜାଙ୍କଠାରୁ ଆରମ୍ଭ କରି ଶ୍ରମିକ ଜଗାଭାଇ, ଚିନ୍ତାମଣି ପ୍ରମୁଖ ଏକ ସ୍ୱରରେ ନିଜର ଦାବିକୁ ସାବ୍ୟସ୍ତ କଲେ । ଏ ସମସ୍ତଙ୍କ ପଛରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଦାସଙ୍କ ଦୃଢ଼ ସମର୍ଥନ ଓ ନିର୍ଭୀକ ସିଦ୍ଧାନ୍ତ ହିଁ ସଫଳ କାର୍ଯ୍ୟ କରିଥିଲା ।

ପରେ ପ୍ରଫେସର ଦାସଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦରେ ମାଇନର ସ୍କୁଲ ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ରଘୁନାଥଜୀଉ ବିଦ୍ୟାପୀଠ, ବିଡ଼ାନାସୀର ମାଇନର ସ୍କୁଲ ପରେ ପରେ ହାଇସ୍କୁଲ ଇତ୍ୟାଦି ଏ ଅଞ୍ଚଳରେ ଗଢ଼ି ଉଠିଲା । ଶିକ୍ଷାର ପ୍ରସାର ପାଇଁ ଭିତ୍ତିଭୂମି ସ୍ଥାପିତ ହେଲା । ସ୍ୱର୍ଗତ ନବକୁମାର ସେଠୀ ସେତେବେଳେ ଅକୁଣ୍ଠିତ ଚିତ୍ତରେ ଅର୍ଥ ସାହାଯ୍ୟ ଦେଇ ରଘୁନାଥଜୀଉ ବିଦ୍ୟାପୀଠର ଜମି ଖରିଦରେ ସାହାଯ୍ୟ କରିଥିଲେ । ମୋର ସ୍ୱର୍ଗତ ପିତା ମଧ୍ୟ ଏଥିପାଇଁ ଅର୍ଥ ଦେଇଛନ୍ତି । ମିଳିତ ଉଦ୍ୟମ ସହିତ ସାହିର

Digitized by srujanika@gmail.com

ଅନ୍ୟ ବାସିନ୍ଦାମାନଙ୍କ ସାହାଯ୍ୟ ସହଯୋଗରେ ପ୍ରଥମେ ଏହି ବିଦ୍ୟାଳୟଟି ଏଠାରେ ସ୍ଥାପିତ ହୋଇପାରିଛି । ପରବର୍ତ୍ତୀ ସମୟରେ ରଘୁନାଥଜୀଉ ମହାବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠିତ ହୋଇଛି । ଶ୍ରୀଧର ବାବୁଙ୍କ ସକ୍ରିୟ ସହଯୋଗ ଓ ଅର୍ଥଦାନ ଆଦି ଏସବୁ ଶିକ୍ଷାନୁଷ୍ଠାନକୁ ପ୍ରତିଷ୍ଠା ହେବାରେ ସାହାଯ୍ୟ ସହଯୋଗ କରିପାରିଛି ।

ତାଙ୍କ ସୁପୁତ୍ରମାନଙ୍କ ମହତ ଦାନରେ ଜମି ମିଳିଛି ଓ ଦେଉଳସାହିର ଦେବୀଘର ସେଠାରେ ସର୍ବସାଧାରଣଙ୍କ ସହଯୋଗରେ ତିଆରି ହୋଇଛି ।

ଶ୍ରୀଧର ବାବୁ ଅତ୍ୟନ୍ତ ମେଳାପି ଓ ଅତି ସରଳ ଜୀବନ ଯାପନ କରୁଥିଲେ । ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ଖାଲି ଏ ଅଞ୍ଚଳର ନୁହେଁ ଅନେକ ସ୍ଥାନରେ ବହୁ ଭାବରେ ସାହାଯ୍ୟ କରିଛି । ବାସ୍ତବିକ ଶ୍ରୀଧର ବାବୁ ଥିଲେ ଜଣେ ନିସ୍ୱାର୍ଥପର କର୍ମଯୋଗୀ । ସମସ୍ତଙ୍କର ପୂଜ୍ୟ ଓ ପରାମର୍ଶଦାତା ।

■■■

Digitized by srujanika@gmail.com

ସାରସ୍ୱତ ସାଧକ ଶ୍ରୀଧର ଦାସ

ପ୍ରଫେସର ପଠାଣି ପଟ୍ଟନାୟକ

ଶ୍ରୀଧର ଦାସ ପାଟନା ସହରରେ ବି.ଇଡ଼ି. ଟ୍ରେନିଂ ପଢୁଥାଆନ୍ତି । ସେ ଛାତ୍ରାବସ୍ଥାରେ "ସହକାର" ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ଭାରତ ସେବକ ଲକ୍ଷ୍ମୀନାରାୟଣ ସାହୁଙ୍କ ନିକଟ ସମ୍ପର୍କରେ ଆସିଥିଲେ । ଶ୍ରୀଯୁକ୍ତ ସାହୁ ତାଙ୍କୁ ଉତ୍ସାହିତ କରିଥିଲେ, ଓଡ଼ିଆ ସାହିତ୍ୟ ପାଇଁ କିଛି ଲେଖିବା ପାଇଁ । ଏ ହେଉଛି ଚଳିତ ଶତାବ୍ଦୀର ତୃତୀୟ ଦଶକର ଓଡ଼ିଆରେ ଲେଖିବା ପାଇଁ ଶିକ୍ଷିତ ତଥା ଯୁବକମାନଙ୍କୁ "ସହକାର" ଉତ୍ସାହିତ କରୁଥାଏ । ଏହି ପତ୍ରିକାରେ ପାଟନା ସହରରେ ଛାତ୍ର ଥିବା ଶ୍ରୀଧର ଦାସ ଲେଖିଥିଲେ "ନିତସ୍ ଓ ସୃଜନ ବିଦ୍ୟା" ଶୀର୍ଷକ ଏକ ଚିନ୍ତାତ୍ମକ ପ୍ରବନ୍ଧ । ପ୍ରସଙ୍ଗକ୍ରମେ ଏଥିରେ ଲେଖକ ଗୋଟାଏ ସ୍ଥାନରେ ଲେଖିଥିଲେ – "କଷ୍ଟ ନ କଲେ କୃଷ୍ଣ ପାଇବା ଅସମ୍ଭବ ।" ମନୁଷ୍ୟ ଜାତିର ଉନ୍ନତି ବିଧାନ କରିବାକୁ ହେଲେ ଚେଷ୍ଟା କରିବା ଦରକାର । ପ୍ରତ୍ୟେକ ଲୋକର କେତେକ ବଂଶାନୁଗତ hereditary ଗୁଣ ଥାଏ । ଏହି ଗୁଣଗୁଡ଼ିକ ଓ ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବଦ୍ୱାରା ମନୁଷ୍ୟର ରୀତିଗତି ଗଠିତ ହୁଏ । ଏହି ପ୍ରଭାବକୁ ଏପରି ନିୟନ୍ତିତ କରିବାକୁ ହେବ, ଯେପରି ମନୁଷ୍ୟ ତାହାର ପୂର୍ବ ବଂଶଧରଠାରୁ ଉନ୍ନତତର ହେବ । ଆମ୍ଭମାନଙ୍କର ପୂର୍ବପୁରୁଷ ଯାହା କରିଥିଲେ, ତାହା କରିବାଦ୍ୱାରା ଜାତି ଉନ୍ନତ ହୋଇ ନ ପାରେ । ସର୍ବଦା ଚେଷ୍ଟା କରିବାକୁ ହେବ ଯେପରି କି ଆମ୍ଭେମାନେ ପୂର୍ବପୁରୁଷଙ୍କଠାରୁ ଉଚ୍ଚତର ହେବୁ ।

"କୌଣସି ଜାତିର ସୌନ୍ଦର୍ଯ୍ୟ, ମେଧା, ବିଦ୍ୟା ଓ ବୁଦ୍ଧି, ଚେଷ୍ଟା ବିନା ସାଧିତ ହୋଇ ନ ପାରେ । ଜଣେ ଲୋକ ଯତ୍ନ ଓ ଅଧ୍ୟବସାୟଦ୍ୱାରା, ନିଜର ବୃଦ୍ଧି ବୃତ୍ତିଦ୍ୱାରା ନିଜକୁ ଉନ୍ନତ କରିପାରେ । ସେହିପରି ଯତ୍ନ ଓ ଅଧ୍ୟବସାୟଦ୍ୱାରା ଅନେକ ପୁରୁଷ

Digitized by srujanika@gmail.com

(Generation)ର ଫଳସ୍ୱରୂପ ଆମ୍ଭେମାନେ ଗୋଟିଏ ଉଚ୍ଚଶ୍ରେଣୀର ମନୁଷ୍ୟ ପାଇପାରିବା ।" (ସହକାର-୩ୟ ଭାଗ-୧୧ଶ ସଂଖ୍ୟା-ପୃ. ୩୩୯)

ଶ୍ରୀଧର ଦାସ ପୁରୀ ଜିଲ୍ଲାର କାକଟପୁରରେ ୧୯୦୧ ମସିହା ଅକ୍ଟୋବର ଚାରି ତାରିଖରେ ଏକ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ଏହି କର୍ମମୟ ସଂସାରରୁ ଚିର ବିଦାୟ ନେଇଥିଲେ ୧୯୮୮ ମସିହା ଏପ୍ରିଲ୍ ୨୪ ତାରିଖରେ । ଶ୍ରୀଯୁକ୍ତ ଦାସ ଥିଲେ ଆବାଲ୍ୟରୁ କର୍ମଯୋଗୀ ଏବଂ ଉଚ୍ଚାଭିଳାଷୀ । ଅନୁନ୍ନତ ପଲ୍ଲୀ ଅଞ୍ଚଳ ଏବଂ ଦାରିଦ୍ର୍ୟର ତୀବ୍ର କଷାଘାତ ତାଙ୍କୁ ସାଧନା ପଥରୁ ବିଚ୍ୟୁତ କରି ପାରି ନ ଥିଲା । ନିଟଶେଙ୍କ ଜୀବନ ଦର୍ଶନରେ ସେ ଜୀବନସାରା ଅନୁପ୍ରାଣିତ ହୋଇଥିଲେ । ତାଙ୍କ ପରି କର୍ମଯୋଗୀ ସାଧାରଣ ପରିବାରରେ କ୍ୱଚିତ ଦେଖିବାକୁ ମିଳିବେ । ନିରବଚ୍ଛିନ୍ନ ସାଧନା ଜରିଆରେ ସେ କେବଳ ନିଜର ଭୌତିକ ଐଶ୍ୱର୍ଯ୍ୟ ଲାଭ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ସାରସ୍ୱତ ସିଦ୍ଧିର ମଧ୍ୟ ସେ ଅଧିକାରୀ ହୋଇଥିଲେ । କର୍ମ ହିଁ ଥିଲା ତାଙ୍କର ତପସ୍ୟା । ଆଳସ୍ୟ କ'ଣ ସେ ଜାଣୁ ନ ଥିଲେ । ସାମାନ୍ୟ ବିଶ୍ରାମ ଗ୍ରହଣ ଥିଲା ଅଗ୍ରସର ହେବା ପାଇଁ ଶକ୍ତି ସଞ୍ଚୟର ଏକ ମାଧମ ମାତ୍ର ।

ଯେଉଁକାଳରେ ସହକାର ପୃଷ୍ଠାରେ ଯୁବକ ଶ୍ରୀଧର ଦାସଙ୍କର ଲେଖା ପ୍ରକାଶିତ ହେଉଥିଲା, ସେହି ସମୟରେ ସହକାରର ଅନ୍ୟ ଲେଖକମାନଙ୍କ ମଧ୍ୟରେ ଥିଲେ କାଳିନ୍ଦୀ ଚରଣ ପାଣିଗ୍ରାହୀ, ବୈକୁଣ୍ଠ ପଟ୍ଟନାୟକ, ଅନ୍ନଦାଶଙ୍କର ରାୟ, ହରିହର ମହାପାତ୍ର, ଉଦୟନାଥ ଷଡ଼ଙ୍ଗୀ, ଭଗବାନ ପତି ଓ ମାୟାଧର ମାନସିଂହ ପ୍ରଭୃତି । ପରବର୍ତ୍ତୀ କାଳରେ ଏହି ଲେଖକମାନେ ସ୍ୱନାମଧନ୍ୟ ହେଇଛନ୍ତି । ଶ୍ରୀଯୁକ୍ତ ଦାସ ମଧ ନିଜର ପ୍ରତିକୂଳ ପରିବେଶ ମଧ୍ୟରେ ଲେଖନୀ ଚାଳନା କରି ଚାଲିଥିଲେ । ଇଂରେଜୀ ସାହିତ୍ୟର ଅନ୍ୟତମ ଚିନ୍ତାନାୟକ ଯୋସେଫ୍ ମାଜିନୀଙ୍କ ଲିଖିତ Duties of Man ପୁସ୍ତକର ଅନୁବାଦ ତାଙ୍କଦ୍ୱାରା ପ୍ରକାଶିତ ହୁଏ ସହକାର ପୃଷ୍ଠାରେ (ଷଷ୍ଠଭାଗ ଷଷ୍ଠ ସଂଖ୍ୟା) । କେବଳ ସେତିକି ନୁହେଁ, ସଂସ୍କୃତ ସାହିତ୍ୟରୁ ଅନୁବାଦ କରି ସେ ମାତୃ ସାହିତ୍ୟର ସମୃଦ୍ଧି ପାଇଁ ଉଦ୍ୟମ କରିଥିବା ଜଣାଯାଏ । ସଂସ୍କୃତ ସାହିତ୍ୟର ବିଖ୍ୟାତ

Digitized by srujanika@gmail.com

କାବ୍ୟ 'ହଂସଦୂତ'ର ପ୍ରକାଶିତ କିଛି ଅଂଶ ଏହିପରି :

"ପର୍ବତ ପ୍ରାନ୍ତେ ଶୋଭା ତମାଳ ତରୁ
କୃଷ୍ଣ-ଶ୍ୟାମଳ-ଅଙ୍ଗ ସମ ସେ ଚାରୁ ।
ତା ଦେଖି କରି ଚିତ୍ତେ କୃଷ୍ଣ ସ୍ମରଣ
ତପ୍ତ ଶରୀରେ ଥାନ୍ତି ପୁଳନ୍ଦୀଗଣ ।
କାଳନ୍ଦୀ-ଜଳସିକ୍ତ-ସ୍ନିଗ୍ଧ-ସମୀର
ତବ ପତତ୍ର ବେଗେ ହେବ ସଞ୍ଚାର ।
ପରଶି ତାହା ତାଙ୍କ ତପ୍ତ ଶରୀର
ବେଗେ କରିବ ତାଙ୍କ ତାପ ଅନ୍ତର ।
ତହିଁ ବିରାଜ କୃଷ୍ଣ କେଳି ସଦନ
ରସିକ ଜନ କାବ୍ୟ ନୀପ ଭବନ ।
ଦେଖି ନୟନେ ତାର ସୁନ୍ଦର ପଣ
ପୁଲକେ ନ ନାଚିବ କାହାର ମନ ।
କରିବ ତଦୁପରି ଉପବେଶନ
ଦିବ୍ୟ ଆନନ୍ଦେ ତୋର ବୁଡ଼ିବ ମନ ।
ନ କଲେ ତହିଁ ଏହି ସୁଖ-ସମ୍ଭୋଗ
କ୍ରୀଡ଼ା-ଚାତୁରୀ ତୋର ବ୍ୟର୍ଥ ବିହଗ" ଇତ୍ୟାଦି

ଲେଖକଙ୍କ ଅନୁବାଦ-କୌଶଳର ସାବଲୀଳତା ମୌଳିକ ସୃଷ୍ଟି-ବିଳାସର ପ୍ରତ୍ୟୟ ଜନ୍ମାଇଥାଏ । ଶ୍ରୀଯୁକ୍ତ ଦାସ ପ୍ରଥମରୁ ଥିଲେ ଜ୍ଞାନତପସ୍ୱୀ । ସଂସ୍କୃତ, ଇଂରାଜୀ, ଓଡ଼ିଆ ଓ ବଙ୍ଗଳା ସାହିତ୍ୟ ଅନୁଶୀଳନ କରିବାରେ ସେ ଥିଲେ ଅତ୍ୟନ୍ତ ଆଗ୍ରହୀ । ଅନ୍ୟ ସାହିତ୍ୟରୁ ମୂଲ୍ୟବାନ ରତ୍ନ ଆହରଣ କରି ସେ ମଣ୍ଡିତ କରୁଥିଲେ ମାତୃ ସାହିତ୍ୟକୁ । ସହକାରରେ (୮ମ କଳସ / ୩ୟ ଓ ୪ର୍ଥ ଅଞ୍ଜଳି) ପ୍ରକାଶିତ "ସ୍ୱଦେଶ ପ୍ରେମ" କବିତାଟି ଉଦାହରଣ ସ୍ୱରୂପ ଗ୍ରହଣ କରାଯାଇପାରେ । ଏହି କବିତାଟି ସାର୍ ୱଲ୍ଟର ସ୍କଟଙ୍କ "Love of Country" କବିତାର ଅନୁବାଦ ମାତ୍ର ।

Digitized by srujanika@gmail.com

"ଅଛି କି ଏମନ୍ତ ଜନ ଏ ଜଗତେ ?
ପାଷାଣେ ପରାଣ ବାନ୍ଧି ଅନୁବ୍ରତେ ।
ବଚନେ ନ ଭାଷେ ଅମୃତ ବିଶେଷ
ଏ ମୋ ଜନ୍ମଭୂମି ଏହି ମୋ ସ୍ୱଦେଶ ।
ସ୍ୱଦେଶ-ମାଧୁରୀ ନ ଭାବେ ଅନ୍ତରେ
ଅପୂର୍ବ ଆନନ୍ଦ ଚିତ୍ତାଙ୍ଗନେ ତାରେ ।
ଅଛି ଯଦି କେହି ସଂସାରେ ଏସନ
ଧିକ୍ ଶତ ଧିକ ତାହାର ଜୀବନ ।
କବି ପୁଣ୍ୟ କଣ୍ଠେ ଉଠେ ନାହିଁ ତାର
ସ୍ୱକୀର୍ତ୍ତି-ସଙ୍ଗୀତ-ମଧୁର-ଝଙ୍କାର ।
ଥାଉ ତା'ର ନାମ ଥାଉ ଉଚ୍ଚ ପଦ
ଥାଉ ତାର ଶକ୍ତି, ଅତୁଳ ସମ୍ପଦ ।
ସବୁ ଅତି ତୁଚ୍ଛ ସବୁ ବୃଥା ସିନା,
ନ ବାଜିଲେ ହୃଦେ ଦେଶ-ପ୍ରୀତି-ବୀଣା ।"

ଏ ହେଉଛି ୧୯୨୭/୨୮ ମସିହାର କଥା । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଭାରତ ବ୍ୟାପି ଅସହଯୋଗ ଆନ୍ଦୋଳନର ଅପୂର୍ବ ଉନ୍ମାଦନା ଖେଳାଇ ଦେଇଥାଏ । ଇଂରେଜ ସରକାରଙ୍କ ଦପ୍ତରରେ କର୍ମ କରୁଥିବା ଭାରତୀୟମାନେ ମୁକ୍ତ ମନରେ ସ୍ୱାଧୀନତାର ଜୟଗାନ କରିବାକୁ କୁଣ୍ଠିତ ହେଉଥିଲେ । ସେଥିପାଇଁ ବୋଧହୁଏ ଶ୍ରୀଧର ଦାସଙ୍କର କବିପ୍ରାଣ ମୌଳିକ ସ୍ୱଦେଶୀ ସଙ୍ଗୀତ ରଚନା ନ କରି ବିଦେଶୀ ସାହିତ୍ୟର ଏକ ଦେଶପ୍ରୀତିମୂଳକ ଗୀତର ଅନୁବାଦ ପ୍ରକାଶ କରିଥିଲେ । ପରୋକ୍ଷ ଭାବରେ ଏହା ପରାଧୀନ ଦେଶର ପାଠକମାନଙ୍କ ପ୍ରାଣରେ ସ୍ୱଦେଶ-ଭାବନାର ସଂଚାର କରିବ ପରା ! ! !

ଶ୍ରୀଧର ଦାସଙ୍କ ଜୀବନରେ କବି ହେବା ନୋହିଲା । ସେ ସଂସ୍କୃତ "ହଂସଦୂତ"ର ଅନୁବାଦ କରିଥିଲେ ପଦ୍ୟରେ । ପାଶ୍ଚାତ୍ୟ କବି ସ୍କଟଙ୍କର "Lady

Digitized by srujanika@gmail.com

of the Lake"ର ଦୁଇଟି ସର୍ଗ ଅନୁବାଦ କରିଥିଲେ । "ସରସୀ ସୁନ୍ଦରୀ" ନାମରେ ତାହା ସହକାରରେ ପ୍ରକାଶିତ ହୋଇଥିଲା । ମାତ୍ର ଏହି ସମୟରେ ଆଉ ଜଣେ ଲେଖକ ଶ୍ରୀ ଅଜୟ ଚନ୍ଦ୍ର ଦାସ ଏହି ଗ୍ରନ୍ଥର ଅନୁବାଦ "ସର ସୁନ୍ଦରୀ" ନାମରେ ପ୍ରକାଶ କଲେ । ଶ୍ରୀ ଅଜୟ ଚନ୍ଦ୍ରଙ୍କର ଅନୁବାଦ ଅଧିକ ସାର୍ଥକ, ସାବଲୀଳ ଓ ରସାପ୍ଲୁତ ହୋଇ ପାଠକୀୟ ଆଗ୍ରହ ବୃଦ୍ଧି କରିବାରୁ ଶ୍ରୀଧର ଦାସ କବିତା ରଚନାରେ ହାତଯଶ ନ ପାଇ ସବୁଦିନ ପାଇଁ ଏହି କ୍ଷେତ୍ରରୁ ଓହରିଗଲେ । ଏହି କାଳର ସାହିତ୍ୟ ପାଣିପାଗ ବିଷୟରେ "ସହକାର" ପତ୍ରିକାର ଏକ ମନ୍ତବ୍ୟ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ଗୀତିମୟ ଓଡ଼ିଆ । ସୁତରାଂ ଓଡ଼ିଆରେ ଗଦ୍ୟର ପ୍ରଭାବ ଆଜି ପର୍ଯ୍ୟନ୍ତ ହୋଇ ନାହିଁ । ହେବ ନାହିଁ ପରା... ଆମ ପାଖକୁ କବିତା ଆସୁଛି ସହସ୍ର, ଗଦ୍ୟ ଆସୁଛି ଦଶ । ସହସ୍ର କବିତାରୁ ଦଶ ମଧ୍ୟମ । ଆଉ ସବୁ ଅଧମ । ଦଶ ଗଦ୍ୟରୁ ଦଶ ଅଧମ । ଏଥିରେ କଅଣ କରିବୁ । ଅନେକ ନିର୍ଦ୍ଧୁମ ବଙ୍ଗଳାକୁ ଉତାରି ଦେଉଛନ୍ତି । (ସହକାର ୪ର୍ଥ ଭାଗ -୫୮୬ ପୃଷ୍ଠା ସଂଖ୍ୟା-ଟିପ୍ପଣୀ) ।

ଏପରିକି ସାହିତ୍ୟିକ ପାଣିପାଗ ଶ୍ରୀଧର ଦାସଙ୍କ ପରି କର୍ମଯୋଗୀଙ୍କୁ ବିଚଳିତ କରିବା ସ୍ୱାଭାବିକ । ଥରେ ଭାରତ ସେବକ ଶ୍ରୀଧରଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ – "He knows no rest and he will know no rest" । ଶ୍ରୀଧର ବାବୁ ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶ ପାଇଁ ଧ୍ୟାନ ଦେବାକୁ ଆରମ୍ଭ କଲେ ଏବଂ ଜୀବନସାରା ଲେଖିଚାଲିଲେ । ଅନେକ ପାଠ୍ୟ ପୁସ୍ତକ, ଗଦ୍ୟ ଅନୁବାଦ ଓ ମୌଳିକ ଗଦ୍ୟରଚନା । ସେ ଥିଲେ ଜଣେ ପ୍ରବୀଣ ଶିଶୁ ସାହିତ୍ୟ ଲେଖକ । ସେମାନଙ୍କ ପାଇଁ ସେ ଲେଖି ଯାଇଛନ୍ତି ସାହିତ୍ୟ, ଇତିହାସ, ଭୂଗୋଳ ଏବଂ ଅନେକ ବ୍ୟାକରଣ ପୁସ୍ତକ । ସେହିମାନଙ୍କ ଉଦ୍ଦେଶ୍ୟରେ ସଙ୍କଳନ କରିଛନ୍ତି ଏକାଧିକ ଅଭିଧାନ ।

ଜଣେ ବରିଷ୍ଠ ଅନୁବାଦକ ହିସାବରେ ସେ ଓଡ଼ିଆ ସାହିତ୍ୟରେ ଚିରସ୍ମରଣୀୟ ହୋଇ ରହିବେ । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଚାର ବିଭାଗ ଉଦ୍ଦେଶ୍ୟରେ ସେ ଅନୁବାଦ କରିଥିଲେ "ଶାନ୍ତିପଥର ବୀର ସୈନିକ", "ଜର୍ଜ ଓ ଏଷ୍ଟିଙ୍ଗ ହାଉସ୍", "ମାର୍କିନ୍ ରାଷ୍ଟ୍ରରେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ", "ଭିଏତନାମ ଯୁଦ୍ଧ କାହିଁକି ?", "ଭିଏତଙ୍ଗ

Digitized by srujanika@gmail.com

ଶିବାନୀ ପଲ୍ଲୀର କଳାଚିତା ବାଘ" । ଭାରତ ବିଖ୍ୟାତ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅନୁରୋଧରେ ତାଙ୍କ ଦ୍ୱାରା ଅନୂଦିତ ହୋଇଥିଲା 'ଆଲିବାବା', 'ଦିବ୍ୟଚକ୍ଷୁ', 'ବୃକ୍ଷଜଗତ' । Indian Council of Historical Research ତରଫରୁ ସେ ଅନୁବାଦ କରିଥିଲେ "ଭାରତର ଅର୍ଥନୈତିକ ଇତିହାସ" ।

ଉଭୟ ପାଶ୍ଚାତ୍ୟ ଓ ପ୍ରାଚ୍ୟ ସାହିତ୍ୟର ବହୁଗ୍ରନ୍ଥ ଅନୁବାଦ, ମର୍ମାନୁବାଦ ଅଥବା ସ୍ୱକୀୟ ଶୈଳୀରେ କଥାରାଗ ଅବଲମ୍ବନ କରି ଶ୍ରୀଯୁକ୍ତ ଦାସ ଲେଖି ଯାଇଛନ୍ତି ଅନେକ ଗ୍ରନ୍ଥ । ଏହାର ବର୍ଣ୍ଣବୈଚିତ୍ର୍ୟ ଅତ୍ୟନ୍ତ ଉପଭୋଗ୍ୟ ଓ ଉଲ୍ଲେଖନୀୟ । ସେହି ଗ୍ରନ୍ଥମାନଙ୍କ ମଧ୍ୟରେ ସେକ୍ସପିୟର କାହାଣୀ ୩ ଖଣ୍ଡ, ଟଲଷ୍ଟୟ କାହାଣୀ ୩ ଖଣ୍ଡ, ମୋପାସାଁ କାହାଣୀ ୩ ଖଣ୍ଡ, ଜାତକ କାହାଣୀ ୪ ଖଣ୍ଡ, ମିତ୍ରଲାଭ ୨ ଖଣ୍ଡ, ମିତ୍ରଭେଦ ୨ ଖଣ୍ଡ, ରବିନ ହୁଡ୍, ଅଲିଭରଟୁଇଷ୍ଟ, ଗଲିଭରର ଭ୍ରମଣ କାହାଣୀ, ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ, ଅଶୀଦିନରେ ପୃଥିବୀ ଭ୍ରମଣ, ବିଚିତ୍ର ତାବିଜ, ସମୁଦ୍ର ଗର୍ଭରେ କୋଡ଼ିଏ ହଜାର ଲୀଗ ଭ୍ରମଣ, ଟମ୍‌ସଏର, ଚେକଭ କାହାଣୀ, ଆଇଭାନ ହୋ, ଚନ୍ଦ୍ରକାନ୍ତ ମଣି, ରତ୍ନଦୀପ, ଡେଭିଡ୍ କପର ଫିଲ୍ଡ, ଟମକକାଙ୍କ କୁଟୀର, ହୋମର କାହାଣୀ, ଗର୍କି କାହାଣୀ, ଈଶପ କାହାଣୀ, ହିତ କଥା, ରାମାୟଣ କାହାଣୀ, ମହାଭାରତ କାହାଣୀ, ଟାଇମ୍ ମେସିନ୍, ଶ୍ରୀ, ଅହମିକା ଓ ଭ୍ରାନ୍ତି ସହୃଦ ଭେଦ, ବିଗ୍ରହ ଓ ସନ୍ଧି, ପଞ୍ଚତନ୍ତ୍ର, ମିତ୍ରପ୍ରାପ୍ତି, କକୋଲୁକୀୟ, ମାଳବିକା-ଅଗ୍ନିମିତ୍ର ଓ ଉର୍ବଶୀ, ସ୍ୱରାବ ଓ ରୁସ୍ତମ (ପଦ୍ୟାନୁବାଦ), ବେତାଳ ପଞ୍ଚବିଂଶତି, ଶକୁନ୍ତଳା, ବାଉଣ୍ଟି ଜାହାଜରେ ବିଦ୍ରୋହ, ରୁଷିଆ ଦେଶର ଲୋକ କାହାଣୀ ପ୍ରଭୃତି ଅତ୍ୟନ୍ତ ସ୍ମରଣୀୟ । ଏତଦ୍‌ବ୍ୟତୀତ ସେ ଲେଖିଛନ୍ତି ଅନେକ ଲୋକ କାହାଣୀ ଓ ଜୀବନ ଚରିତ । ଏହି ବର୍ଣ୍ଣିଳ ସାହିତ୍ୟ ସୃଷ୍ଟି ସଂସାରରେ ବିଚରଣ କଲେ ଜଣେ କିଶୋର ପାଠକ ସମଗ୍ର ପୃଥିବୀର ଚିରନ୍ତନ ସାହିତ୍ୟ-ସମ୍ଭାର ବିଷୟରେ ପରିଚୟ ଲାଭ କରିଥାଏ ।

ଶ୍ରୀଯୁକ୍ତ ଦାସ ଥିଲେ ଆଜୀବନ ଶିକ୍ଷକ । ଦୀର୍ଘ ଚଉରାଳିଶ ବର୍ଷକାଳ ସେ ଶିକ୍ଷକତା କରିଥିଲେ ମାଇନର ସ୍କୁଲ, ହାଇସ୍କୁଲଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ । ପୂର୍ବତନ ବୌଦ ଗଡ଼ଜାତରେ ଶିକ୍ଷାବିଭାଗ ଅଫିସର ମଧ୍ୟ ହୋଇଥିଲେ ।

Digitized by srujanika@gmail.com

ଦାରିଦ୍ର୍ୟର ତୀବ୍ର କଷାଘାତ ମଧ୍ୟରେ ତାଙ୍କର ପ୍ରତିଭା ଓ ବ୍ୟକ୍ତିତ୍ୱ ଯେପରି ପରାଭବ ସ୍ୱୀକାର କରି ନ ଥିଲା, ସ୍ୱଚ୍ଛଳତାର ଐଶ୍ୱର୍ଯ୍ୟ ମଧ୍ୟ ସୁଦ୍ଧା ତାହା ତିଳେହେଲେ ମୁହ୍ୟମାନ ହୋଇ ନ ଥିଲା । ସେ ଥିଲେ ଜଣେ ପ୍ରେମୀ ମଣିଷ ଓ ଛାତ୍ରବତ୍ସଳ ଅଧ୍ୟାପକ । ଅଧ୍ୟୟନ ଓ ଅନୁଶୀଳନ ଥିଲା ତାଙ୍କର ତପସ୍ୟା । ସହଯୋଗ ଓ ସଦିଚ୍ଛା ଥିଲା ତାଙ୍କର ବ୍ରତ । ସହକର୍ମୀମାନଙ୍କର ବୟସ ନିର୍ବିଶେଷରେ ସେ ଥିଲେ ଅନ୍ତରଙ୍ଗ ବନ୍ଧୁ ଓ ପରାମର୍ଶଦାତା ।

ତାଙ୍କ ନିଜ ଜୀବନର ଅଶ୍ଳୀଳ ମଧୁର ଅନୁଭୂତି ପାଠ କଲେ ଆଚମ୍ବିତ ଲାଗେ । ସେ ଲେଖିଥିଲେ – "ଦିନରେ ସୂର୍ଯ୍ୟ ରାତିରେ ଚନ୍ଦ୍ର ଦେଖାଯାଉଥିବା କୁଡ଼ିଆଘରେ ଧୂଳି ଶଯ୍ୟାରେ ଶୋଇବାଠାରୁ ଆରମ୍ଭ କରି ଇଷ୍ଟକ ନିର୍ମିତ ପକ୍କାଘରେ ରହିଅଛି । ଶୂନ୍ୟଦେହରେ ପ୍ରବଳ ଶୀତ ସହିବାଠାରୁ ଆରମ୍ଭ କରି ଶତ ଶତ ଟଙ୍କା ମୂଲ୍ୟର ଶାଲ ବ୍ୟବହାର କରିଅଛି । ପାଦଯାନରେ ଶତ ଶତ ମାଇଲ ଚାଲିବାଠାରୁ ଆରମ୍ଭ କରି ଘୋଡ଼ା, ହାତୀ ପ୍ରଭୃତି ବାହନ ଓ ସାଇକେଲ, ମଟର, ବସ୍, ଏରୋପ୍ଲେନ ପ୍ରଭୃତି ଯାନ ବ୍ୟବହାର କରିଅଛି ।' ତଥାପି ଶ୍ରୀଯୁକ୍ତ ଦାସ ମଣିଷଟିଏ ହୋଇ ରହିଛନ୍ତି, ମଣିଷକୁ ଭଲ ପାଇଛନ୍ତି, ମାନବିକ ସ୍ନେହ ପ୍ରୀତି ଓ ସହଯୋଗର ଫୁଲ ଝରାଇଛନ୍ତି । ଅମଣିଷପଣିଆକୁ ଘୃଣା କରିଛନ୍ତି ଏବଂ ଅହଙ୍କାରୀ ଅଭିମାନ ମଣିଷଠାରୁ ଚିରକାଳ ଦୂରେଇ ରହିଛନ୍ତି ।

ତାଙ୍କର ସାରସ୍ୱତ ସାଧନା ପାଇଁ ଓଡ଼ିଶାର ପ୍ରାଚୀନତମ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ତା'ର ହୀରକ ଜୟନ୍ତୀ ଉତ୍ସବରେ ଶ୍ରୀଯୁକ୍ତ ଦାସଙ୍କୁ ସମ୍ମାନିତ କରିଥିଲେ ୧୯୭୨ ମସିହା ମେ ମାସ ଆଠ ତାରିଖରେ । ଶ୍ରୀଧର ବାବୁ ୧୯୭୪ ନଭେମ୍ବର ଚଉଦ ତାରିଖରେ ସୋଭିୟେତ ଲ୍ୟାଣ୍ଡ ନେହେରୁ ପୁରସ୍କାର ଲାଭ କରି ଗୌରବାନ୍ୱିତ ହୋଇଥିଲେ । ୧୯୭୮ ମସିହା ମାର୍ଚ୍ଚମାସ ଅଠେଇଶି ତାରିଖ ଦିନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଏକଦା ଓଡ଼ିଶାର ଘରୋଇ କଲେଜ ଅଧ୍ୟାପକ ମହାସଂଘର ସେ ଥିଲେ ସଭାପତି । ଏଥିରୁ ତାଙ୍କର ସଙ୍ଗଠନ କୁଶଳତାର ପରିଚୟ ମିଳିଥାଏ ।

Digitized by srujanika@gmail.com

ଆଜୀବନ ଶିକ୍ଷକ ଓ ସାହିତ୍ୟସେବୀ ଶ୍ରୀଯୁକ୍ତ ଶ୍ରୀଧର ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତି ଅର୍ଘ୍ୟ ଅର୍ପଣ କଲାବେଳେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଗୋଟିଏ କଥା ମନେପଡ଼େ–

"ମାନବ ଜୀବନ ନୁହଇ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର, କର୍ମ ଏକା ତା'ର ଜୀବନର ମାନଦଣ୍ଡ ।"

ସାମ୍ବାଦିକତାରୁ ଅଧ୍ୟାପକ :

ସେ ହେଉଛି ଉଣେଇଶି ଶହ ଏକାବନ ମସିହା ଏପ୍ରିଲ ମାସର କଥା । ଖ୍ରୀଷ୍ଟ ମହାବିଦ୍ୟାଳୟରେ ଦୁଇଟି ଓଡ଼ିଆ ଅଧ୍ୟାପକ ପଦ ପାଇଁ ଇଣ୍ଟରଭିଉ ହେଉଥାଏ । ଇଚ୍ଛୁକ ପରୀକ୍ଷାର୍ଥୀମାନଙ୍କୁ କୌଣସି ପ୍ରଶ୍ନ ପଚରା ଯାଉ ନ ଥାଏ । ସେମାନେ କେବଳ ସାଧାରଣ କ୍ଲାସରେ ପାଠ ପଢ଼ାଇବେ । ବିଚାରକ ହେବେ ତତ୍କାଳୀନ ଅଧ୍ୟକ୍ଷ ରେଭେରେଣ୍ଡ ବ୍ରଜାନନ୍ଦ ମହାନ୍ତି ଏବଂ ଓଡ଼ିଆ ବିଭାଗୀୟ ମୁଖ୍ୟ ଶ୍ରୀଧର ଦାସ । ସାଧାରଣ କ୍ଲାସରେ ଛାତ୍ର ସଂଖ୍ୟା ପ୍ରାୟ ଦୁଇଶହ ପାଖାପାଖି । ଛାତ୍ରୀ କେହି ନ ଥିଲେ । ପଞ୍ଚାବନ ମିନିଟର କ୍ଲାସକୁ ଯଦି ଜଣେ ପ୍ରାର୍ଥୀ ସୂଚାରୁ ରୂପେ ନିୟନ୍ତ୍ରଣ କରି ଯଥାର୍ଥ ଶିକ୍ଷାଦାନ କରିପାରିବ, ସେହି କେବଳ ମନୋନୀତ ହେବ ।

ଏହି ଇଣ୍ଟରଭିଉରେ ବିଶ୍ୱବିଦ୍ୟାଳୟ ସ୍ନାତକ ଏବଂ ଉପାଧ୍ୟୁତ୍ତର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିବା ଶ୍ରୀନିବାସ ମିଶ୍ର ଓ ଲେଖକ ନିଜେ ମନୋନୀତ ହୋଇଥିଲେ । ଏହି ଶ୍ରୀନିବାସ ମିଶ୍ର ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ହୋଇ ଅବସର ଗ୍ରହଣ କରିଛନ୍ତି । ମୋ ପରି ଜଣେ ସାଧାରଣ ଛାତ୍ର ନିର୍ବାଚିତ ହେବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା । ମୋର ଶିକ୍ଷାଦାନ ଏବଂ ବକ୍ତୃତା ଶୈଳୀରେ ମୁଗ୍ଧ ହୋଇ ଅଧ୍ୟାପକ ଶ୍ରୀଧର ଦାସ କହି ପକାଇଲେ – "ତୁମେ ସିନା ଗୋଟିଏ କ୍ଲାସ ବୋଲି ଏପରି ଚମତ୍କାର କରିପାରିଲ । ଆମକୁ ଯେ ସପ୍ତାହରେ ପଚିଶ ଛବିଶ କ୍ଲାସ ନେବାକୁ ପଡ଼େ ।"

ତାଙ୍କରି ଆଶୀର୍ବାଦରୁ ଅଧ୍ୟାପକ ହୋଇ ରହିଗଲି । ସେତେବେଳକୁ 'ପ୍ରଜାତନ୍ତ୍ର' ଦୈନିକ ସମ୍ବାଦପତ୍ରରେ ଗୋଟିଏ ବର୍ଷ ସହକାରୀ ସମ୍ପାଦକ ହିସାବରେ କାର୍ଯ୍ୟ କରି ସାରିଥାଏ । ଆଉ ସେ ଆଡ଼କୁ ମୁହଁ ଫେରାଇ ନାହିଁ ।

Digitized by srujanika@gmail.com

ସ୍ନେହ ଓ ପାଣ୍ଡିତ୍ୟର ମୂର୍ତ୍ତିମନ୍ତ ପ୍ରକାଶ :

ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶ୍ରୀଧର ଦାସ କଲେଜରେ ଯୋଗଦେଲା ଦିନ ମୋର ଜନ୍ମ ତାରିଖ ପଚାରିଲେ । ୧୯୨୮ ମସିହା ବୋଲି ଜାଣିଲା ପରେ ପିଠି ଥାପୁଡ଼େଇ କହିଲେ, "ହେ ତୁମେ ପିଲାଲୋକ । ତୁମ ଜନ୍ମ ବେଳକୁ ମୁଁ ବି.ଏ. ପାସ୍ କରି ଓଳସିଂ ହାଇସ୍କୁଲରେ ଚାକିରୀ କରି ସାରିଲିଣି ।" "ଆପଣ"ରୁ "ତୁମେ" ହୋଇଗଲି । ସେହିଦିନୁ ପୁତ୍ରର ସ୍ନେହରେ ଅନୁଗୃହୀତ ହୋଇ ରହିଲି ୧୯୬୮ ମସିହା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ, ଯେଉଁଦିନ ବିଭାଗୀୟ ମୁଖ୍ୟ ଭାବରେ ଅବସର ଗ୍ରହଣ କଲେ ।

ଅଧ୍ୟାପକ ଦାସ କେବେହେଲେ ସହକାରୀ ସହକର୍ମୀମାନଙ୍କ ଉପରେ ବିରକ୍ତ ହେବା ମୁଁ ଜାଣି ନାହିଁ । ସେ ଥିଲେ ଆମ ପାଇଁ ଅମୋଘ ଅସ୍ତ୍ର ସଦୃଶ । ଅଧ୍ୟକ୍ଷଙ୍କ ବ୍ୟକ୍ତିତ୍ୱ ବହୁ ସମୟରେ ଆମ୍ଭମାନଙ୍କ ମନରେ ଭୀତି ସଂଚାର କରୁଥିଲେ ହେଁ ବିଭାଗୀୟ ମୁଖ୍ୟ ତାଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଏବଂ ପ୍ରିୟପାତ୍ର ଥିବାରୁ ଆମର କୌଣସି ଆଶଙ୍କା ନ ଥିଲା । ଶ୍ରୀଧରବାବୁ ଥିଲେ ଜଣେ ସବ୍‌ଜାନ୍‌ତା ବ୍ୟକ୍ତିତ୍ୱ । ଶିକ୍ଷାଦାନ, ଅଫିସ୍ ପରିଚାଳନା, ଶିକ୍ଷା ବିଭାଗୀୟ ଆଇନର ତର୍ଜମା, ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତୀୟ ବିଧିବ୍ୟବସ୍ଥା ଏବଂ ସର୍ବୋପରି ଇଂରେଜୀ, ବଙ୍ଗଳା, ହିନ୍ଦୀ, ଓଡ଼ିଆ ଓ ସଂସ୍କୃତ ଭାଷାରେ ଅସାଧାରଣ ବ୍ୟୁତ୍ପତ୍ତି ପାଇଁ ମହାବିଦ୍ୟାଳୟରେ ତାଙ୍କର ଉପସ୍ଥିତି ବାରି ହୋଇ ପଡୁଥିଲା । ସେ ଥିଲେ ଏକ ଅନନ୍ୟ ସାଧାରଣ ବ୍ୟକ୍ତିତ୍ୱ । କଠୋର ପରିଶ୍ରମ କରି ସେ କଲେଜରେ ବହୁ ଦାୟିତ୍ୱ ତୁଲାଇ ପାରୁଥିଲେ । ତାଙ୍କ ଯୋଗୁ ଅଧ୍ୟକ୍ଷ ମହୋଦୟ ଏକପ୍ରକାର ନିଶ୍ଚିନ୍ତ ଥିଲେ କହିଲେ ଚଳେ ।

କେବଳ କଲେଜରେ ନୁହେଁ, କଲେଜ ବାହାରେ ସମାଜର ଜଣେ ଶିକ୍ଷାବିତ୍ ଓ ସାହିତ୍ୟିକ ହିସାବରେ ତାଙ୍କର ପ୍ରତିଷ୍ଠା ଓ ସ୍ୱୀକୃତି ଥିଲା ଅପ୍ରତିହତ । ସ୍ୱନାମଧନ୍ୟ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି, ଅଧ୍ୟାପକ ବିନାୟକ ମିଶ୍ର ଏବଂ ଭାରତ ସେବକ ସମିତିର ଲକ୍ଷ୍ମୀନାରାୟଣ ସାହୁ ତାଙ୍କୁ କିପରି ସ୍ନେହ ଓ ଶ୍ରଦ୍ଧା କରୁଥିଲେ, ତାହା ଅନୁଭବ ବ୍ୟତୀତ ଭାଷାରେ ବ୍ୟକ୍ତ କରାଯାଇପାରିବ ନାହିଁ ।

Digitized by srujanika@gmail.com

ତାଙ୍କ ସହିତ କର୍ମ କରିବା ଥିଲା ଏକ ଚମତ୍କାର ସୁଯୋଗ । ଆଲୋଚନା ଛଳରେ ଜୀବନର ବିପୁଳ ଅନୁଭୂତି ସେ ବଖାଣି ବସୁଥିଲେ । ଆଳସ୍ୟ ଥିଲା ତାଙ୍କର ପରମ ଶତ୍ରୁ । ତେଣୁ ତରୁଣ ସହକର୍ମୀମାନଙ୍କୁ ଅକୁଣ୍ଠଚିତ୍ତରେ ଅଧ୍ୟୟନ ଅଧ୍ୟାପନା ସହିତ ଅବସର ସମୟରେ ଆଉ କିଛି ଅଧିକ ସାରସ୍ୱତ ସାଧନା ଅଥବା ଗବେଷଣା କରିବା ପାଇଁ ସେ ପ୍ରେରଣା ପ୍ରଦାନ କରୁଥିଲେ । ସେ ଥିଲେ ଏକ ଚଳନ୍ତି ଡିକ୍‌ସନାରୀ । ଯେ କୌଣସି ବିଷୟରେ ଆମ ମନରେ ପ୍ରଶ୍ନ ଓ ସଂଶୟ ଉତ୍‌ଥାପିତ ହେଲେ ସେ ତା'ର ସଦୁତ୍ତର ଦେଇ ପକାଉଥିଲେ କିମ୍ବା ଆମକୁ ଲାଇବ୍ରେରୀକୁ ଟାଣି ନେଇ ଉଦ୍ଦିଷ୍ଟ ପୁସ୍ତକଟି ପଢ଼ିବା ପାଇଁ ସୂଚନା ଦେଉଥିଲେ । ସହକର୍ମୀ ହିସାବରେ ଦୀର୍ଘ ପନ୍ଦରବର୍ଷ ଏବଂ ଅବସର ଗ୍ରହଣ ପରେ ଆଜୀବନ ତାଙ୍କ ସହିତ ଆଳାପ ଆଲୋଚନା କରି ମୁଁ ବହୁ ଭାବରେ ସମୃଦ୍ଧ ହୋଇଛି ।

ନିଷ୍ଠାପର ଓ ନିରଳସ ଶିକ୍ଷକ :

ଆଜୀବନ ସେ ଆଦର୍ଶ ଶିକ୍ଷକ ଭାବରେ ଜୀବନ ବିତାଇ ଆସିଥିଲେ । ମାଇନର, ସେକେଣ୍ଡାରୀ ସ୍କୁଲରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ସର୍ବତ୍ର ତାଙ୍କର ଶିକ୍ଷକ ଜୀବନ ସାର୍ଥକ ହୋଇଥିଲା । ବୈୟାକରଣ, ଶିଶୁ ସାହିତ୍ୟର ଲେଖକ, ଅନୁବାଦକ ଏବଂ ଶବ୍ଦକୋଷର ସଙ୍କଳକ ଭାବରେ ତାଙ୍କର ସ୍ଥାନ ଅପୂରଣୀୟ ରହିବ । ତାଙ୍କ ଜୀବନର ଆଦର୍ଶ ଥିଲା ନିରଳସ ଜୀବନଯାପନ ଓ ବିଦ୍ୟାନୁରାଗ । କି ପ୍ରାଚୀନ, କି ନୂତନ, ସବୁପ୍ରକାର ସାହିତ୍ୟ ସେ ଅନୁଶୀଳନ କରୁଥିଲେ । ଅତ୍ୟନ୍ତ ଦରିଦ୍ର ପରିବାରରେ ଲାଳିତ ପାଳିତ ହୋଇ ନାନା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇ ସୁଦ୍ଧା ସେ ଆବାଲ୍ୟରୁ କେବଳ ବୃତ୍ତି ପାଇ ବିଶ୍ୱବିଦ୍ୟାଳୟର ଡିଗ୍ରୀ କ୍ଲାସ ପର୍ଯ୍ୟନ୍ତ ଅଧ୍ୟୟନ କରି ପାରିଥିଲେ । ଜଣେ ପ୍ରଥମ ଶ୍ରେଣୀ ଛାତ୍ରର ଯେଉଁ ଗରିମା ଏବଂ ସ୍ୱାଭିମାନ ତାହା ତାଙ୍କର ଥିଲା । ତେବେ ଉତ୍କଟ ଦାରିଦ୍ର୍ୟ ଓ ଅବହେଳାର ଶରବ୍ୟ ହୋଇଥିବା ଯୋଗୁଁ ସାରାଜୀବନ ସେ କିପରି ଏକ ହୀନମନ୍ୟତାର ଗ୍ଲାନି ମଧ୍ୟରେ କଷ୍ଟ ପାଉଥିଲେ । "ସୁଅ ମୁହଁର ପତର" ହେଉଛି ତାଙ୍କର ଆତ୍ମଜୀବନୀ । ଜଣେ ସାଧକର ଜୀବନ କାହାଣୀ ଅତ୍ୟନ୍ତ ମାର୍ମିକ ଭାବରେ ଏଥିରେ ବର୍ଣ୍ଣିତ ହୋଇଛି ।

Digitized by srujanika@gmail.com

ସୁଅ ମୁହଁର ପତର :

ନିଜ ବିଷୟରେ ଆତ୍ମଚରିତର ଉପସଂହାରରେ ଶ୍ରୀଧରବାବୁ ଲେଖିଛନ୍ତି :

ମୋର ଜୀବନ ସୁଅ ମୁହଁରେ ଭାସି ଯାଉଥିବା ଏକ ପତ୍ର ଭଳି ମନେ କରି ଆସିଅଛି । ଲକ୍ଷ୍ୟହୀନ ଭାବରେ କେତେବେଳେ କେଉଁଆଡ଼େ ଭାସିଯାଉଛି ତାହାର ସ୍ଥିରତା ନାହିଁ । ପ୍ରଥମ ବିଶ୍ୱଯୁଦ୍ଧ କାଳରେ କିରାଣୀ ହୋଇ ମେସୋପଟାମିଆ ଯିବାକୁ ଚେଷ୍ଟା କରି ନାବାଳକ ହେତୁ ବିଫଳ ହୋଇଥିଲି । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ ସାହାଯ୍ୟରେ ରେଙ୍ଗୁନର ପ୍ରସିଦ୍ଧ ଓଡ଼ିଆ ବ୍ୟବସାୟୀ G.S. Behera ମୋତେ କାଚ ଶିଳ୍ପ ଶିଖିବା ପାଇଁ ଜାପାନ ପଠାଇବାକୁ ଆଶା ଦେଇଥିଲେ ହେଁ କୌଣସି କାରଣରୁ ତାହା ସମ୍ଭବ ହୋଇପାରି ନ ଥିଲା । ଭାରତ ସେବକ ସମିତିର ସଭ୍ୟ ହେବା ପାଇଁ ଚେଷ୍ଟା କରିଥିଲି । ସେତେବେଳକୁ ମୁଁ ଗ୍ରାଜୁଏଟ୍ ହୋଇ ନ ଥିବାରୁ ଅଯୋଗ୍ୟ ବିବେଚିତ ହୋଇଥିଲି । ଏହିପରି କେତେ ଆଡ଼େ ଯେ ବିଫଳ ହୋଇଛି ତାହା କହିହେବ ନାହିଁ । ଶିକ୍ଷକ ହେବା ପାଇଁ ଯୋଗ୍ୟତା ଅର୍ଜନ କରିବା ନିମନ୍ତେ ପ୍ରଗାଢ଼ ଉଦ୍ୟମ କରି ତାହା ହିଁ ହେଲି । ଏ କ୍ଷେତ୍ରରେ ମଧ୍ୟ ମୋତେ ନାନା ସ୍ଥାନକୁ ଯିବାକୁ ପଡ଼ିଥିଲା । ପରିଶେଷରେ କଟକରେ ଲାଖି ଯାଇଅଛି । କାହାର ଇଙ୍ଗିତରେ କେଉଁ ଆଡ଼କୁ ମୋର ଜୀବନ ରୂପକ ପତ୍ରଟି ଭାସି ଭାସି ଯାଉଛି, ତାହା ଜାଣି ନାହିଁ । ଜୀବନର ଶେଷ ଅବସ୍ଥାରେ ମୁଁ ନିଜକୁ ଏକାନ୍ତ ଅସହାୟ ମନେ କରୁଅଛି । ସମୟ ସମୟରେ ମୁଁ ମନେ କରେ ମୋଠାରୁ ବଳି ଅସହାୟ ଜୀବଜଗତରେ ନାହିଁ । ଦିନରେ ସୂର୍ଯ୍ୟ, ରାତିରେ ଚନ୍ଦ୍ର ଦେଖାଯାଉଥିବା କୁଡ଼ିଆ ଘରେ ଧୂଳିଶଯ୍ୟାରେ ଶୋଇବାଠାରୁ ଆରମ୍ଭ କରି ଇଷ୍ଟକ ନିର୍ମିତ ପକ୍‌କା ଘରେ ରହିଅଛି । ଶୂନ୍ୟ ଦେହରେ ପ୍ରବଳ ଶୀତ ସହିବାଠାରୁ ଆରମ୍ଭ କରି ଶତ ଶତ ଟଙ୍କା ମୂଲ୍ୟର ଶାଲ ବ୍ୟବହାର କରିଅଛି । ପାଦ ଯାନରେ ଶତ ଶତ ମାଇଲ ଚାଲିବାଠାରୁ ଆରମ୍ଭ କରି ଘୋଡ଼ା ହାତୀ ପ୍ରଭୃତି ବାହନ ଓ ସାଇକେଲ୍, ମୋଟର ବସ୍, ଏରୋପ୍ଲେନ ପ୍ରଭୃତି ଯାନ ବ୍ୟବହାର କରିଛି । ମୁଁ ଅନେକ ସମୟରେ ନିଜକୁ ନିତାନ୍ତ ଦୁଃଖୀ ମନେ କରିଅଛି । କିନ୍ତୁ ମୋଠାରୁ ଯେ ଦୁଃଖୀ ନ ଥିବେ ବା ନାହାନ୍ତି, ତାହା କହିହେବ ନାହିଁ । ବୋଧହୁଏ ଆଲୁଅ ଅନ୍ଧାର ପରି ସୁଖ ଦୁଃଖ ପରସ୍ପରର ପରିପୂରକ ଓ ଏହି ଦୁହିଁଙ୍କର ସହାବସ୍ଥିତି ଅଛି ।

Digitized by srujanika@gmail.com

ଅଧ୍ୟାପକ ଶ୍ରୀଧର ଦାସ ଆଜୀବନ ସାଧନା କରିଛନ୍ତି ସ୍ୱଛଳ ହେବା ପାଇଁ । ଏକ ବୌଦ୍ଧିକ ବାତାବରଣରେ ରହି ଆନ୍ତରିକ ଭାବରେ ସରସ୍ୱତୀଙ୍କର ଆରାଧନା କରିଥିଲେ ହେଁ ସେ ଲକ୍ଷ୍ମୀ ଦେବୀଙ୍କୁ ପୂଜା କରିବା ପାଇଁ ଆଦୌ ଅବହେଳା କରି ନାହାନ୍ତି । ତେଣୁ ଜୀବନ କ୍ଷେତ୍ରରେ ଏହି ଉଭୟ ଦେବୀଙ୍କର ଅନୁଗ୍ରହ ଲାଭ କରିଛନ୍ତି, ଏହା ନିଃସନ୍ଦେହରେ କୁହାଯାଇପାରିବ ।

ସାହିତ୍ୟ ସାଧନା ପାଇଁ ଉତ୍କଳର ପ୍ରାଚୀନତମ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ, ଏ ଯୁଗର ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ସୋଭିଯେତ୍ ନେହେରୁ ପୁରସ୍କାର ସଂସ୍ଥା ତାଙ୍କୁ ପୁରସ୍କୃତ ଅଥବା ସମ୍ମାନିତ କରିଅଛନ୍ତି । ତଥାପି ତାଙ୍କ ପରି ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ଏ କ୍ଷେତ୍ରରେ ଯେପରି ଯଶସ୍ୱୀ ହେବା ଆଶା କରାଯାଉଥିଲା, ତାହା ସେ ହୋଇପାରି ନାହାନ୍ତି ।

ସାହିତ୍ୟିକ ଜୀବନ :

ପିଲାଟି ଦିନରୁ କବିଟିଏ ହେବେ ବୋଲି କେତେ ସ୍ୱପ୍ନ ଦେଖୁଥିଲେ, ଲେଖନୀ ମଧ୍ୟ ଚଳାଇଥିଲେ । ମାତ୍ର "କବି ହେବା ନୋହିଲା ।" ଆତ୍ମଚରିତରେ ଶ୍ରୀଧର ବାବୁ ଲେଖିଛନ୍ତି – "ହାଇସ୍କୁଲରେ ପଢ଼ିଲା ବେଳୁ ଜଣେ କବି ହେବାର ଆଶା ଥିଲା । ସରସ୍ୱତୀ ପୂଜା ସମୟରେ କେତେଥର ଗୋଟିଏ ଲେଖାଏଁ କବିତା ରଚନା କରିଥିଲି । ସେଗୁଡ଼ିକ ଛପା ଯାଇଥିଲା । ଏପରିକି ଥରେ ସଂସ୍କୃତରେ ଗୋଟିଏ କବିତା ଲେଖି ତାହାକୁ ପଣ୍ଡିତ ଜଗନ୍ନାଥ ରଥଙ୍କଦ୍ୱାରା ସଂଶୋଧନ କରାଇଥିଲି ଓ ତାହା ଛପା ଯାଇଥିଲା । 'ସହକାର'ରେ ଏବଂ ଅନ୍ୟ ମାସିକ ପତ୍ରିକାରେ ମୋର କେତେକ କବିତା ପ୍ରକାଶ ପାଇଥିଲା । Scottଙ୍କ Lady of the Lake କାବ୍ୟକୁ ଓଡ଼ିଆରେ ଅନୁବାଦ କରି 'ସହକାର'ର ତତ୍କାଳୀନ ସମ୍ପାଦକ ବାଳକୃଷ୍ଣ କରଙ୍କୁ ଦେଇଥିଲି । ସେ ଦୁଇଟି ତାଙ୍କ ପତ୍ରିକାରେ ପ୍ରକାଶ କରିଥିଲେ । ପରେ ସେହି କାବ୍ୟର ଅନ୍ୟ ଏକ ପଦ୍ୟାନୁବାଦ ପ୍ରକାଶ ପାଉଥିବାର ଜାଣି ପରବର୍ତ୍ତୀ ସର୍ଗଗୁଡ଼ିକ ସେ ପ୍ରକାଶ କରି ନ ଥିଲେ । ପରେ ପରେ ଅନୁବାଦଟି 'ସର ସୁନ୍ଦରୀ' ନାମରେ ପ୍ରକାଶିତ ହୋଇଥିଲା । ମୋର ଅନୁବାଦର ନାମ ଥିଲା 'ସରସୀ ସୁନ୍ଦରୀ' । ବାସ୍ତବରେ 'ସର ସୁନ୍ଦରୀ'

Digitized by srujanika@gmail.com

ଅନୁବାଦଟି ମୋ ଅନୁବାଦ ଅପେକ୍ଷା ଉଚ୍ଚକୋଟିର ଥିଲା । ମୋର ପଦ୍ୟଲେଖାଗୁଡ଼ିକ ନିମ୍ନସ୍ତରର ବୋଲି ମୁଁ ଅନୁଭବ କରିଥିଲି । ଏହାପରେ କବିତା ଲେଖା ଏକବାରେ ଛାଡ଼ିଦେଲି ।"

ଅବଶ୍ୟ ଏହାପରେ ଅଧ୍ୟାପକ ଦାସ ଗଦ୍ୟ ଲେଖିବାରେ ବିଶେଷ ମନ ଦେଇଥିଲେ । ପରବର୍ତ୍ତୀ କାଳରେ ପୃଥିବୀ ବିଖ୍ୟାତ ବହୁ ଉଚ୍ଚକୋଟୀର ଉପନ୍ୟାସ ଓ ସଂସ୍କୃତ ସାହିତ୍ୟର କେତେକ ସ୍ୱନାମଧନ୍ୟ ଲେଖାକୁ ସେ ଅତ୍ୟନ୍ତ ସରଳ ଓ ସାବଲୀଳ ଭାବରେ ଅନୁବାଦ କରି ଯଶସ୍ୱୀ ହୋଇଥିଲେ । ଅର୍ଥ ମଧ୍ୟ ରୋଜଗାର କରିଥିଲେ ।

ଶ୍ରୀଧର ବାବୁଙ୍କ ବ୍ୟକ୍ତିତ୍ୱ ଓ ଆଭିମୁଖ୍ୟ :

ବୟସ ତାଙ୍କ ନିକଟରେ ପରାଜୟ ସ୍ୱୀକାର କରିଥିଲା । ଅତି ପରିଣତ ବୟସରେ ସୁଦ୍ଧା ସେ କଠୋର ପରିଶ୍ରମ କରିପାରୁଥିଲେ ଏବଂ ନିରବଚ୍ଛିନ୍ନ ଲେଖା ପଢ଼ା କରି ଆନନ୍ଦ ପାଉଥିଲେ । ସେ ଥିଲେ ଜଣେ ସାର୍ଥକ ସଂସାରୀ । ପରିବାର ମଧ୍ୟରେ ସନ୍ତାନମାନଙ୍କର ବିକଶିତ ବ୍ୟକ୍ତିତ୍ୱ ପାଇଁ ସେ ଯେପରି ଯତ୍ନବାନ୍ ଥିଲେ, ଆର୍ଥିକ ସ୍ୱଚ୍ଛଳତା ଓ ସମୃଦ୍ଧି ପାଇଁ ତାଙ୍କର ସାଧନା ମଧ୍ୟ ଆଜୀବନ ଅତୁଟ ରହିଥିଲା । ସେ ଥିଲେ ନିଜ ହାତଗଢ଼ା ମଣିଷଟିଏ । ସେଥିପାଇଁ କାହାରି ଉପରେ କେବେହେଲେ ନିର୍ଭର କରି ନାହାନ୍ତି । ଆତ୍ମଚରିତରେ ଲେଖି ଯାଇଛନ୍ତି ଏଇ ଅନୁଭୂତିର କଥାଟି – "ଆତ୍ମନିର୍ଭରଶୀଳତା ମୋର ପ୍ରଧାନ ଗୁଣ ବା ଦୋଷ । ପୁତ୍ରମାନେ ଉଚ୍ଚ ବେତନଭୋଗୀ ହେଲେ ହେଁ ସେମାନଙ୍କୁ କେବେ ସାହାଯ୍ୟ ମାଗି ନାହିଁ ।"

ଏହି କାରଣରୁ ବୋଧହୁଏ ଅତ୍ୟନ୍ତ ଅମାୟିକ ଓ ସ୍ନେହଶୀଳ ହେଲେ ହେଁ ଶ୍ରୀଧର ବାବୁ କେତେକ ପରିମାଣରେ ଅସାମାଜିକ ହୋଇ ପଡ଼ିଥିଲେ । ନିଜ ପୁରୁଷକାର ଉପରେ ଅତ୍ୟଧିକ ଆସ୍ଥା ପୋଷଣ ହେତୁ ସଂସାର ଦୃଷ୍ଟିରୁ ସେ ଜଣେ ଅଧ୍ୟାତ୍ମବାଦୀ ଥିଲେ ବୋଲି କହି ହେବ ନାହିଁ । କାରଣ ସେ କେବେ କୌଣସି ମନ୍ଦିରକୁ ଯାଇ ପ୍ରାର୍ଥନା କରିବା କେହି ଦେଖି ନାହିଁ । ଧ୍ୟାନ, ଧାରଣା, ତୀର୍ଥ ବ୍ରତରେ ସେ ବିଶ୍ୱାସୀ ନ ଥିଲେ । ତାଙ୍କରି ଭାଷାରେ – "ଆହାର, ନିଦ୍ରା, ଭୟ, ମୈଥୁନ – ଏହିସବୁ କାର୍ଯ୍ୟରେ ଜୀବନ ଅତିବାହିତ କରି ମୁଁ ସମୟ କଟାଇ ଦେଇଛି । ତେଣୁ ଖ୍ରୀଷ୍ଟିୟାନମାନଙ୍କ ପରି

Digitized by srujanika@gmail.com

ଈଶ୍ୱରଙ୍କ ନିକଟରେ କ୍ଷମା ଓ ଦୟାର ପ୍ରାର୍ଥୀ ହେବା ଛଡ଼ା ମୋ ପକ୍ଷରେ ଅନ୍ୟ କି ପନ୍ଥା ଅଛି ?" ପୁନଶ୍ଚ ଧର୍ମାଚରଣ ବିଷୟରେ ତାଙ୍କର ମତ ହେଲା – "ଧର୍ମ ଅର୍ଜନ ପାଇଁ ମୁଁ କେବେ ଚେଷ୍ଟା କରି ନାହିଁ ଏବଂ ଧର୍ମ ଅର୍ଜନ କରିବାର ପନ୍ଥା କ'ଣ ତାହା ଜାଣେ ନାହିଁ । ଅନେକ ଲୋକ ତଥାକଥିତ ଧର୍ମାଚରଣ କରିଥାନ୍ତି, କିନ୍ତୁ ସେ ପ୍ରକାର ଧର୍ମାଚରଣରେ ମୋର ବିଶ୍ୱାସ ନାହିଁ । ମୁଁ କେବଳ କାର୍ଯ୍ୟ କରିବାକୁ ଚେଷ୍ଟା କରିଛି ଏବଂ ସେହି କାର୍ଯ୍ୟରେ ସଫଳ ହୁଏ ବା ବିଫଳ ହୁଏ, ତାହା ଈଶ୍ୱରଙ୍କ ନିର୍ଦ୍ଦେଶ ବୋଲି ଧରି ନେଇଛି । ଏକ ସମୟରେ ମୁଁ ପୁରୁଷାକାରକୁ ବଡ଼ ବୋଲି ମନେ କରିଥିଲି । କିନ୍ତୁ ଏବେ ଈଶ୍ୱର ନିର୍ଭରଶୀଳ ହୋଇଅଛି ।

"ତ୍ୱୟା ହୃଷୀକେଶ ହୃଦିସ୍ଥିତେନ ଯଥା ନିଯୁକ୍ତୋଽସ୍ମି ତଥା କରୋମି ।"

ବୋଧହୁଏ ଏହି ଈଶ୍ୱର ନିର୍ଭରଶୀଳତା ଜୀବନରେ ଅକ୍ଷମତା ହେତୁ ସନ୍ଦିଗ୍ଧଚିତ୍ତ ଥିଲେ, ଏଥିରେ ସନ୍ଦେହର ଅବକାଶ ନାହିଁ । ଈଶ୍ୱର ବିଶ୍ୱାସ ଯେ ଦୁର୍ବଳ ଚିତ୍ତବୃତ୍ତିର ପରିପ୍ରକାଶ, ଏପରି ଏକ ଭାବନା ତାଙ୍କର ଅଭିମାନୀ ମନକୁ ଆଚ୍ଛନ୍ନ କରିଦେଲା ପରେ ସାମାଜିକ ଜୀବନରେ ଅନେକ ସମୟରେ ସଂଘର୍ଷ ଓ ସଂଘାତକୁ ସାଲିସ କରି ନ ପାରି ସେ ଯେ ଦୁଃଖୀ ହୋଇପଡ଼ିବେ, ଏପରି ଅନୁମାନ କରିବାର ଅନେକ କାରଣ ରହିଛି ।

କିନ୍ତୁ ଏ ସବୁ ସତ୍ତ୍ୱେ ତାଙ୍କର କର୍ମଯୋଗୀ ବ୍ୟକ୍ତିତ୍ୱ ଏବଂ ଆଜୀବନ ସାଧନା ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ସବୁଦିନ ପାଇଁ ସ୍ମରଣ କରୁଥିବେ ।

■■■

Digitized by srujanika@gmail.com

ସୁଅ ମୁହଁର ପତର

ଡଃ ମହେଶ୍ୱର ମହାନ୍ତି

ସ୍ୱର୍ଗତ ଶ୍ରୀଧର ଦାସ ୧୯୬୮ ମସିହା ମେ ମାସରେ ଖ୍ରୀଷ୍ଟ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ପଦରୁ ଅବସର ନେଲେ । ତା'ର ୩ ମାସ ପରେ ମୁଁ ସମବାୟ ବିଭାଗ ଛାଡ଼ି ତାଙ୍କ ଶୂନ୍ୟସ୍ଥାନରେ ଜଣେ କନିଷ୍ଠ ଅଧ୍ୟାପକ ଭାବରେ ଯୋଗ ଦେଲି । ଫଳରେ ତାଙ୍କର ସହକର୍ମୀ ହେବାର ସୁଯୋଗ ପାଇଲି ନାହିଁ, ମାତ୍ର ସେ କଟକର ଦେଉଳସାହିରେ ସ୍ଥାୟୀ ଭାବରେ ବସବାସ କରି ରହୁଥିବାରୁ ତାଙ୍କ ସହିତ ନିୟମିତ ଦେଖା ସାକ୍ଷାତ ହେଉଥିଲା । ସେ ସୁସ୍ଥ ସବଳ ଥିଲା ପର୍ଯ୍ୟନ୍ତ ମଝିରେ ମଝିରେ ବଜାରକୁ ଯିବା ବାଟରେ ଆମ ଘରକୁ ପଶି ଆସୁଥିଲେ ଓ କିଛି ସମୟ ଏଣୁ ତେଣୁ ଗପସପ କରି ଚାଲି ଯାଉଥିଲେ ।

ଥରେ ସେ ମୋତେ କହିଲେ, "ମହେଶ୍ୱରବାବୁ, କଲେଜ ଲାଇବ୍ରେରୀରୁ Chaucerଙ୍କ Cantebury Tales ବହିଟି ଟିକିଏ ଆଣି କିଛିଦିନ ପାଇଁ ଦେଇପାରିବେ ? ମୁଁ କହିଲି, "କାହିଁକି ? ତାହା ଆପଣଙ୍କର କ'ଣ ଦରକାର ?"

ସେ କହିଲେ, "ଅନେକ ଦିନ ତଳେ ପଢ଼ିଥିଲି, ଭୁଲିଗଲିଣି । ଆଉ ଥରେ ପଢ଼ିବାକୁ ଇଚ୍ଛା ହେଉଛି ।"

ସେ ବୟସରେ ମୋର ଥିଲେ ପିତୃତୁଲ୍ୟ । ମୁଁ ଭକ୍ତି ଓ ଶ୍ରଦ୍ଧାର ସହିତ କୌତୁକତା ପ୍ରକାଶ କରି କହିଲି "ଜୀବନଯାକ ତ ପଢ଼ି ପଢ଼ି ଆସିଲେ, ଏବେ ଏ ବୟସରେ ଆଉ ଆଖିକୁ କଷ୍ଟ ଦେଇ ପଢ଼ିଲେ ଲାଭ କଅଣ ?"

ତାଙ୍କର ଦୃଷ୍ଟିଶକ୍ତି ସେତେବେଳକୁ ଦୁର୍ବଳ ହୋଇ ଆସୁଥାଏ । ତଥାପି ତାଙ୍କ ହାତରେ ବା ଟେବୁଲ ପାଖରେ ସବୁବେଳେ ବହି ଖଣ୍ଡିଏ ଅଧା ଖୋଲା ହୋଇ

Digitized by srujanika@gmail.com

ରହିଥିବାର ଦେଖାଯାଏ । ଦୃଷ୍ଟିଶକ୍ତି ଯେତେବେଳେ ଅତ୍ୟନ୍ତ କ୍ଷୀଣ ହୋଇ ଆସିଲା ଏବଂ ସେ କିଛି ପଢ଼ାଲେଖା କରିପାରିଲେ ନାହିଁ, ସେତେବେଳେ ସେ ଖୁବ୍ ଛଟପଟ ହେବାକୁ ଲାଗିଲେ ଏବଂ କିଛି ଆଉ ପଢ଼ି ପାରୁ ନାହାନ୍ତି ବୋଲି କହି ବିକଳ ହେଲେ । ଥରେ ସେଇଭଳି ଅବସ୍ଥାରେ ମୁଁ ତାଙ୍କ ଘରକୁ ଯାଇଥିଲି ଦେଖା କରିବାକୁ । ତାଙ୍କର ପ୍ରଥମ ଦୁଃଖ ଥିଲା, "ମୁଁ ଆଉ କିଛି ପଢ଼ିପାରୁ ନାହିଁ ।"

ମୁଁ କହିଲି "ଏବେ ବିଶ୍ରାମ ନିଅନ୍ତୁ । ଏହା ଭଗବାନଙ୍କର ନିର୍ଦ୍ଦେଶ ।"

ସେ କହିଲେ, "ବିଛଣାରେ ପଡ଼ି ପଡ଼ି ଆଉ କଅଣ କରିବି ?"

ସତକଥା, ତାଙ୍କ ଜୀବନରେ ପ୍ରଧାନ 'ହବି' ଥିଲା ପଢ଼ିବା ଓ କିଛି ଲେଖିବା । ସେ ଥିଲେ ଜଣେ ବହୁପାଠୀ ପଣ୍ଡିତ ଅଧ୍ୟାପକ । ପଠନ ସ୍ପୃହା ତାଙ୍କଠାରେ ପୁରୀ ଜିଲ୍ଲା ସ୍କୁଲରେ ପଢ଼ିବା କାଳରୁ ବଳବତ୍ତର ହୋଇଥିଲା । ସ୍କୁଲ ଜୀବନରେ ସେ ରାଧାନାଥ ଗ୍ରନ୍ଥାବଳୀ, ମଧୁସୂଦନ ଗ୍ରନ୍ଥାବଳୀ, ଗଙ୍ଗାଧରଙ୍କର ତପସ୍ୱିନୀ ଓ ପ୍ରଣୟବଲ୍ଲରୀ ପ୍ରଭୃତି କାବ୍ୟ ପାଠ କରିଥିଲେ । କେବଳ ସେତିକି ନୁହେଁ, ଜିଲ୍ଲା ସ୍କୁଲ ଲାଇବ୍ରେରୀରୁ Lambs' Tales from Shakespeare, Mis Milfordଙ୍କର Our Village, ଲାଲବିହାରୀ ଦେଙ୍କର Bengal Peasant Life ଓ Flok Tales of Bengal, Burkey's Speeches on the Impeachment of Warren Hastings, R. Hagardଙ୍କର She, Confessions of a Thug, Tod's Rajsthan, Tales from Indian Chivalry ଇତ୍ୟାଦି ଇଂରାଜୀ ପୁସ୍ତକମାନ ଅଧ୍ୟୟନ କରିଥିଲେ ବୋଲି ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି ।

ଶ୍ରୀଧର ବାବୁ ପୁରୀ ଜିଲ୍ଲା ସ୍କୁଲରେ ୬ ବର୍ଷ ଅଧ୍ୟୟନ କରିଥିଲେ । ସେ ପ୍ରତ୍ୟେକ କ୍ଲାସରେ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରୁଥିଲେ । ୧୯୨୨ ମସିହାରେ ସେ ପାଟନା ବିଶ୍ୱବିଦ୍ୟାଳୟ ଅଧୀନରେ ମାଟ୍ରିକ୍ ପରୀକ୍ଷା ଦେଇ ଓଡ଼ିଶା ଡିଭିଜନରେ ୧ମ ଶ୍ରେଣୀରେ ୧ମ ସ୍ଥାନ ଅଧିକାର କରିଥିଲେ । ସେଥିପାଇଁ ତାଙ୍କୁ ଗୋଟିଏ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା । ଇଂରାଜୀ ଭାଷାରେ ତାଙ୍କର ଢେର ବ୍ୟୁତ୍ପତ୍ତି ଥିଲା । ସେ ବିଦ୍ୟାଳୟର ଉପର ଶ୍ରେଣୀର ଛାତ୍ରମାନଙ୍କ ସହିତ ପ୍ରତିଯୋଗିତା କରି ୧୯୧୯, ୧୯୨୦, ୧୯୨୧ ଏହି ୩ ବର୍ଷ ଯାକ କ୍ରମାଗତ

Digitized by srujanika@gmail.com

ଭାବେ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ହୋଇ ରୌପ୍ୟ ପଦକ ହାସଲ କରିଥିଲେ ।

ଦାରିଦ୍ର୍ୟ କିଭଳି ପ୍ରତିଭାର ବିକାଶକୁ ବିଡ଼ମ୍ବିତ କରେ ଶ୍ରୀଧର ବାବୁଙ୍କର ଜୀବନୀ ହେଉଛି ତା'ର ଏକ ନିର୍ଭୁଲ ଦୃଷ୍ଟାନ୍ତ । ଦୈନ୍ୟ ପୀଡ଼ିତ କବି ଗଙ୍ଗାଧର ମେହେର ଲେଖିଛନ୍ତି –

"ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନ-ସର
ଜଟିଳ-ଜଞ୍ଜାଳ-ଜଳେ ଆବିଳ ଉଦର ।"

ସଂସ୍କୃତରେ କୁହାଯାଇଛି, "ଦାରିଦ୍ର୍ୟ ଦୋଷୋ ବହୁଗୁଣ ନାଶୀ ।" ଶ୍ରୀଧର ବାବୁଙ୍କ ଜୀବନରେ ଏହା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରତିପାଦିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ଜଣେ କୃତି ଛାତ୍ର ଦୁଃଖ କଷ୍ଟରେ ଆଇ.ଏ. ପାଶ କରିବା ପରେ ୩ ମାସ କାଳ ନିଜ ଗାଁରେ ଦୁଃଖରେ କାଳାତିପାତ କରି ଶେଷରେ ଗୋଟିଏ ମି.ଇ. ସ୍କୁଲରେ ଶିକ୍ଷକତାକୁ ଆଦରି ନେଇଥିଲେ । ଘରୁ ବାପାଙ୍କଠାରୁ ମାତ୍ର ଆଠଅଣା ପଇସା ନେଇ ସେ କର୍ମକ୍ଷେତ୍ରକୁ ଯାତ୍ରା କରିଥିଲେ । ସେଇ ଶିକ୍ଷକତା ହିଁ ଥିଲା ତାଙ୍କ ଜୀବନର ଶ୍ରେଷ୍ଠ ପରିଚୟ ଏବଂ ଶେଷରେ ସେ ଜଣେ କଲେଜ ଶିକ୍ଷକ ଭାବରେ ଅବସର ନେଇଥିଲେ । ସେ ଘରୋଇ ଭାବରେ ବି.ଏ. ଓ ଏମ୍.ଏ. ପରୀକ୍ଷା ଦେଇ ପାଶ୍ କରିଥିଲେ । ବି.ଏ. ପରୀକ୍ଷା ଦେବା ସମୟରେ ସଂସ୍କୃତ ଓ ଫିଲୋସଫି ନିଜର ବିଷୟ ରୂପେ ବାଛିବାର ଏକମାତ୍ର କାରଣ ଥିଲା, ଏଥିରେ କମ ବହି କିଣିବାକୁ ହେବ । ଅଧିକ ବହି କିଣିବାକୁ ତାଙ୍କର ସମ୍ବଳ ନ ଥିଲା ।

ବାଣପୁର ହାଇସ୍କୁଲରେ ଶିକ୍ଷକତା କରୁଥିବା ବେଳେ ଘରୋଇ ଭାବରେ ଏମ୍.ଏ. ପରୀକ୍ଷା ଦେବା ପାଇଁ ତାଙ୍କ ମନରେ ଏକ ଅଭିଳାଷ ଜାତ ହୋଇଥିଲା । ଏଭଳି ଅଭିଳାଷର ପ୍ରଧାନ କାରଣ ଥିଲା, ସେ ଭାବୁଥିଲେ ଯେ ଏମ୍.ଏ. ପାଶ୍ କରିଗଲେ ବାଣପୁର ହାଇସ୍କୁଲରେ ସ୍ଥାୟୀ ଭାବେ ପ୍ରଧାନଶିକ୍ଷକ ପଦବୀଟି ମିଳିଯିବ । ଏହା ଅବଶ୍ୟ ତାଙ୍କର ଏକ ଭ୍ରମ ଧାରଣା ଥିଲା ବୋଲି ସେ ସ୍ୱୀକାର କରିଛନ୍ତି ।

୧୯୪୨ ମସିହାରେ ପାଟନା ବିଶ୍ୱବିଦ୍ୟାଳୟ ଅଧୀନରେ କଟକ କେନ୍ଦ୍ରରେ ସେ ଓଡ଼ିଆରେ ଏକମାତ୍ର ଏମ୍.ଏ. ପରୀକ୍ଷାର୍ଥୀ ଥିଲେ । ଏମ.ଏ. ପରୀକ୍ଷାରେ ୨ୟ

Digitized by srujanika@gmail.com

ଶ୍ରେଣୀରେ ପାଶ୍ କରିବା ପରେ ରେଭେନସା କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଥିଲେ । ଏହି ନିଯୁକ୍ତି ଥିଲା ମାତ୍ର ଛ' ମାସ ପାଇଁ ଏବଂ ବେତନ ଥିଲା ୧୨୫ ଟଙ୍କା । ପରେ ଏହାକୁ ସ୍ଥାୟୀ କରାଯାଇଥାଆନ୍ତା । କିନ୍ତୁ ହରିହରପୁର ଏକାଡ଼େମୀରେ ପ୍ରଧାନଶିକ୍ଷକ ଭାବରେ ଦରମା ଭତ୍ତା ମିଶି ୧୫୦ ଟଙ୍କା ପାଉଥିବାରୁ କଟକରେ ଘରଭଡ଼ା ଦେଇ ମାତ୍ର ୧୨୫ ଟଙ୍କାରେ ପରିବାର ଚଳାଇବା କଷ୍ଟକର ହେବ ଭାବି ସେ ଏହି ନିଯୁକ୍ତିକୁ ଗ୍ରହଣ କରି ନ ଥିଲେ । ତା'ପରେ ୧୯୪୮ ମସିହା ବେଳକୁ କଟକର ଉତ୍କଳ ଖ୍ରୀଷ୍ଟିଆନ୍ କଲେଜ ବା ବର୍ତ୍ତମାନର ଖ୍ରୀଷ୍ଟକଲେଜରେ ୧୪୫ ଟଙ୍କା ବେତନରେ ଓଡ଼ିଆ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ଏଠାରେ ତାଙ୍କର ସହକର୍ମୀ ଥିଲେ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଓ ଗୌରୀକୁମାର ବ୍ରହ୍ମା । ଖ୍ରୀଷ୍ଟ କଲେଜର ଓଡ଼ିଆ ବିଭାଗର ସୁନାମ ଓ ଉଚ୍ଚ ପରମ୍ପରା ଏମାନଙ୍କୁ ନେଇ ଗଢ଼ି ଉଠିଥିଲା । ଏଇମାନେ ଥିଲେ କଲେଜର ଗର୍ବ ଓ ଗୌରବ । ପରେ ପଣ୍ଡିତ ଆଚାର୍ଯ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ସଙ୍କଳିତ ହେଉଥିବା ଜ୍ଞାନକୋଷର ସହ ସମ୍ପାଦକ ଭାବେ ନିଯୁକ୍ତି ପାଇ ଚାଲି ଯାଇଥିଲେ । ମୁଖ୍ୟ ସମ୍ପାଦକ ଥିଲେ ଡକ୍ଟର ମାୟାଧର ମାନସିଂହ । ତାଙ୍କ ପୂର୍ବରୁ ଶ୍ରୀଯୁକ୍ତ ବ୍ରହ୍ମା ମଧ ସରକାରୀ କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇ ଚାଲି ଯାଇଥିଲେ ।

ଶ୍ରୀଧର ବାବୁ ଖ୍ରୀଷ୍ଟ କଲେଜରେ ୨୦ ବର୍ଷ ଅଧ୍ୟାପନା କରି ଶେଷରେ ଏଇଠାରୁ ଅବସର ନେଇଥିଲେ । ସେତେବେଳେ ବେସରକାରୀ କଲେଜମାନଙ୍କ ପାଇଁ ପେନସନ ଓ ଗ୍ରାଚୁଇଟି ଇତ୍ୟାଦିର କୌଣସି ବ୍ୟବସ୍ଥା ନ ଥିବାରୁ ସେ ଏକପ୍ରକାର ଶୂନ୍ୟ ହସ୍ତରେ ବିଦାୟ ନେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବା ପରେ ପ୍ରଥମ ଯୁଗରେ ଯେଉଁ କେତେଜଣ ଅଧ୍ୟାପକ ଓଡ଼ିଆ ବିଭାଗର ସୁନାମ ବୃଦ୍ଧିରେ ସାହାଯ୍ୟ କରିଥିଲେ, ସେମାନଙ୍କ ମଧରେ ସ୍ୱର୍ଗତ ଶ୍ରୀଧର ଦାସ ଥିଲେ ଅନ୍ୟତମ ।

ଖ୍ରୀଷ୍ଟ କଲେଜରେ ଶ୍ରୀଧର ବାବୁଙ୍କ ଅଧ୍ୟାପନା କାଳରେ ଅଧକ୍ଷ ଥିଲେ ରେଭରେଣ୍ଡ ବ୍ରଜାନନ୍ଦ ମହାନ୍ତି । ବ୍ରଜାନନ୍ଦ ମହାନ୍ତି ଥିଲେ କଲେଜର ପ୍ରଥମ ଅଧକ୍ଷ । ତାଙ୍କର ଜ୍ଞାନ, ପାଣ୍ଡିତ୍ୟ, ନିଷ୍ଠା, ଚରିତ୍ରବତ୍ତା, ସାଧୁତା ଏବଂ ଶୃଙ୍ଖଳାଜ୍ଞାନ ଥିଲା କଳ୍ପନାତୀତ । ତାଙ୍କର ବ୍ୟକ୍ତିତ୍ୱ ମଧ ଥିଲା ସେଇ ସ୍ତରର । ଛାତ୍ରମାନଙ୍କ କଥା ଛାଡ଼

Digitized by srujanika@gmail.com

ଅଧ୍ୟାପକମାନେ ମଧ୍ୟ ତାଙ୍କ ସମ୍ମୁଖକୁ ଯିବାକୁ ସାହସ କରୁ ନ ଥିଲେ । କେବଳ ଶ୍ରୀଧର ବାବୁ ହିଁ ଥିଲେ ତାଙ୍କର ଏକାନ୍ତ ବିଶ୍ୱସ୍ତ ଏବଂ ନିକଟତମ । ପ୍ରତ୍ୟେକ କଥାରେ ସେ ଶ୍ରୀଧର ବାବୁଙ୍କର ପରାମର୍ଶ ନେଉଥିଲେ । ଶ୍ରୀଧରବାବୁ ନିଜର କ୍ଲାସ ସମୟ ବ୍ୟତୀତ ଅନ୍ୟ ସମୟରେ ଅଫିସର କୌଣସି ନା କୌଣସି କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ପ୍ରିନ୍‌ସିପାଲ ଆବଶ୍ୟକ ସ୍ଥଳେ କେବଳ ଦସ୍ତଖତଟି ମାତ୍ର କରୁଥିଲେ । ନ ଜାଣିବା ଲୋକ ଭାବିବ ଯେ ଶ୍ରୀଧର ବାବୁ ହେଉଛନ୍ତି କଲେଜର ପ୍ରିନ୍‌ସପାଲ । ସେକାଳର କେତେକ କର୍ମଚାରୀ ଓ ଅଧ୍ୟାପକ ଶ୍ରୀଧର ବାବୁଙ୍କ ଦସ୍ତଖତରେ ନିଯୁକ୍ତି ପାଇଥିଲେ । ପ୍ରିନ୍‌ସପାଲଙ୍କ ଅତ୍ୟନ୍ତ ବିଶ୍ୱାସଭାଜନ ଥିବାରୁ ତାଙ୍କ ପାଇଁ ସେ ଦସ୍ତଖତ କରିଦିଅନ୍ତି । କିନ୍ତୁ ସେ ଥିଲେ ଅତ୍ୟନ୍ତ ନିରଭିମାନୀ ଏବଂ ସରଳ ବ୍ୟକ୍ତି । ତାଙ୍କ ବେଶ ପୋଷାକ ମଧ୍ୟ ଥିଲା ସେଇଭଳି ଅତି ସାଧାରଣ । ଚଳଣି ମଧ୍ୟ ନିରାଡ଼ମ୍ବର । ଅତ୍ୟନ୍ତ ଧୀର ଏବଂ ନମ୍ର ସ୍ୱରରେ ସେ କଥା କହନ୍ତି ।

ଶ୍ରୀଧର ବାବୁଙ୍କ ଆତ୍ମଜୀବନୀ 'ସୁଅ ମୁହଁର ପତର' ନାମରେ ପ୍ରକାଶ ପାଇଛି । ଏହି ନାମକରଣଟି ଅତ୍ୟନ୍ତ ଯଥାର୍ଥ ଅଟେ । ଜୀବନ ସଂଗ୍ରାମର ପ୍ରଖର ସ୍ରୋତରେ ସେ ଗୋଟିଏ ଶୁଖିଲା ପତର ଭଳି ଭାସି ଯାଇଛନ୍ତି । ଜୀବନର ସକଳ ଅଭାବ, ଅସନ୍ତୋଷ ଓ ଗ୍ଳାନିକୁ ସେ ଅତ୍ୟନ୍ତ ମାର୍ମିକ ଭାବରେ ଏଇ ପୁସ୍ତକରେ ପ୍ରକାଶ କରିଛନ୍ତି, ତଥାପି ତାଙ୍କ ଜୀବନ ହେଉଛି ଗୋଟିଏ ସାର୍ଥକ ଜୀବନ । ଦୁଃଖର ଦାବ ଦହନ ମଧ୍ୟରେ ସେ ଶୁଦ୍ଧ ସୁବର୍ଣ୍ଣ ଭଳି ଉତ୍ତୀର୍ଣ୍ଣ ହୋଇଛନ୍ତି । ଧନ, ମାନ, ଯଶ ଯାହା ଜଣେ ସାଧାରଣ ମଣିଷର କାମ୍ୟ, ତାହା ସେ ଲାଭ କରିଛନ୍ତି ବ୍ୟାକରଣ, ଅଭିଧାନ ଓ ଅନୁବାଦଠାରୁ ଆରମ୍ଭ କରି ସ୍କୁଲ ଉପଯୋଗୀ ପାଠ୍ୟପୁସ୍ତକ, ଶିଶୁ କାହାଣୀ ଏବଂ ଜୀବନୀ ପର୍ଯ୍ୟନ୍ତ ସେ ପ୍ରାୟ ୧୨୦ ଖଣ୍ଡ ପୁସ୍ତକ ରଚନା କରିଛନ୍ତି । ସେ ତିନୋଟି ପ୍ରତିଭାବାନ ପୁତ୍ରଙ୍କର ଜନକ । ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ପୁତ୍ରମାନେ ସ୍ୱ ସ୍ୱ କ୍ଷେତ୍ରରେ ଯଶସ୍ୱୀ ଅଟନ୍ତି । ପିତୃତୁଲ୍ୟ ସେଇ ସ୍ୱର୍ଗତ ପ୍ରତିଭାବାନ୍ ପୁରୁଷଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ମୋର ଶତ କୋଟି ପ୍ରଣାମ ।

କେନ୍ଦୁଝର କଲୋନୀ,
କଟକ-୮

■■■

Digitized by srujanika@gmail.com

ମନେ ଅଛନ୍ତି – ମନେ ରହିବେ

ଶ୍ରୀ ରାଜକିଶୋର ନାୟକ

ସ୍ୱର୍ଗତ ଅଧ୍ୟାପକ ଶ୍ରୀଧର ବାବୁଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶନର ଉଦ୍ୟମ ହିଁ ଅଭିନନ୍ଦନୀୟ । ତାଙ୍କ ଭଳି ଗୁଣୀ, ଶିକ୍ଷାବିତ୍, ମାନବବାଦୀ, ସର୍ବୋପରି ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରିବା ଉତ୍ତର ଦାୟାଦମାନଙ୍କର ପୂଜ୍ୟପୂଜାର ଏକ ଦୃଷ୍ଟାନ୍ତ ।

୧୯୪୮ ମସିହା କଥା । କୋରୁଆ ହାଇସ୍କୁଲ ସେତେବେଳକୁ ମୋଟେ ୪ ବର୍ଷର ଶିଶୁ ଅନୁଷ୍ଠାନ । ମୁଁ କୋରୁଆ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇଥାଏ । ନୂଆ ନୂଆ କଲେଜ ଛାଡ଼ି ସ୍ୱାଧୀନତାର ପୁଲକିତ ଅନୁଭବରେ ପାଗଳ ହୋଇ ଦେଶ ଓ ଦଶର ଭବିଷ୍ୟତ ଗଢ଼ିବା ସ୍ୱପ୍ନ ନେଇ ଆମେ କେତେକ ଅନ୍ୟବୃତ୍ତିକୁ ଏଡ଼ାଇ ଦେଇ ବାଛି ନେଇଥିଲୁ ଶିକ୍ଷକତା । ସେହି ଆଦ୍ୟ ଶିକ୍ଷକ ଜୀବନରେ ଶ୍ରୀଧର ବାବୁଙ୍କ ଭଳି ଆଦର୍ଶ ଶିକ୍ଷକଙ୍କ ସାହଚର୍ଯ୍ୟ ଲାଭ କରି ମୁଁ ନିଜକୁ ଧନ୍ୟ ମନେ କରିଥିଲି ।

କୋରୁଆ ସ୍କୁଲରେ ତାଙ୍କର ରହଣୀ କାଳ ବୋଧେ ଆଠ ଦଶ ମାସ ହେବ, ମୋର ପୁଣି ତାଙ୍କ ସହ ସହକର୍ମୀ ହିସାବରେ ସମ୍ପର୍କ ଅଳ୍ପ କେତେଦିନ ମାତ୍ର । ହେଲେ ଉକ୍ତ ସ୍କୁଲ ଗଠନ ଦିଗରେ କିଞ୍ଚିତ ଜଡ଼ିତ ଥିବାରୁ ବିଭିନ୍ନ ଅବସରରେ, ଶ୍ରୀଧର ବାବୁ ଖ୍ରୀଷ୍ଟ କଲେଜରେ ଥିବା ବେଳେ ସ୍କୁଲର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ତାଙ୍କ ସହିତ ମିଳିତ ହେବାର ସୁଯୋଗ ମୁଁ ପାଇଥିଲି । ମୋର ପରବର୍ତ୍ତୀ ଦୀର୍ଘ ୧୫ ବର୍ଷ ଶିକ୍ଷକ ଜୀବନରେ ସେ ମହାଶୟଙ୍କ ପ୍ରଭାବ ଏଡ଼ାଇ ପାରି ନାହିଁ ।

କୋରୁଆ ହାଇସ୍କୁଲର ଜନ୍ମ ୧୯୪୪ ମସିହାରେ – ୧୯୩୦ ମସିହାର ମାଇନର ସ୍କୁଲର ପରିସର ମଧ୍ୟରେ । ସେତେବେଳେ ଉକ୍ତ ଅନୁଷ୍ଠାନ କେବଳ ପାଟକୁରା

Digitized by srujanika@gmail.com

ନୁହେଁ, ମହାକାଳପଡ଼ା ଓ ରାଜନଗରର ଏକମାତ୍ର ଶିକ୍ଷା ଅନୁଷ୍ଠାନ । ପାଟକୁରା ଭଳି ନଈ ନାଳ ଘେରା ବନ୍ୟା ବାତ୍ୟା ମରୁଡ଼ି ପ୍ରପୀଡ଼ିତ ଦୁର୍ଗମ ଅଞ୍ଚଳରେ ଏଭଳି ଅନୁଷ୍ଠାନର କଳ୍ପନା ସ୍ୱାଧୀନତାର ପୂର୍ବବର୍ତ୍ତୀ ସମୟରେ କିଭଳି ଆୟାସସାଧ୍ୟ ତାହା କେବଳ ଅନୁଭବୀ ହିଁ ଉପଲବ୍ଧି କରିପାରିବ । ସବୁଠାରୁ ବଡ଼ ସମସ୍ୟା ଥାଏ ଉପଯୁକ୍ତ ଶିକ୍ଷକଙ୍କ ଅଭାବ । ଟ୍ରେନିଂ ପ୍ରାପ୍ତ ଅଭିଜ୍ଞ ଶିକ୍ଷକଙ୍କ କଥା ଛାଡ଼ ସାଧାରଣ ଗ୍ରାଜୁଏଟ୍ ଶିକ୍ଷକଟିଏ ପାଇବା ମଧ୍ୟ କାଠିକର ପାଠ । ଉପଯୁକ୍ତ ଶିକ୍ଷକ ଅଭାବରୁ ସମୟ ସମୟରେ ଅନୁଷ୍ଠାନରେ ନାନା ବିଶୃଙ୍ଖଳା ପ୍ରକାଶ ପାଇଥାଏ । ୧୯୪୮ ମସିହା ଥାଏ କୋରୁଆ ପକ୍ଷେ ଏକ ଘଡ଼ିସନ୍ଧି ସମୟ । ଏପର୍ଯ୍ୟନ୍ତ ଅନୁଷ୍ଠାନରୁ ୪ ଜଣ ପ୍ରଧାନଶିକ୍ଷକ ବିଦାୟ ନେଇଥାନ୍ତି । କୋରୁଆ ଭଳି ଏକ ଅନୁନ୍ନତ ଦୁର୍ଗମ ଅଞ୍ଚଳରେ ସ୍ୱଳ୍ପ ବେତନରେ ଏକ ଘରୋଇ ଅନୁଷ୍ଠାନରେ ଶିକ୍ଷକତା କରିବା ପାଇଁ ରାଜି ହେବ ବା କିଏ ? ନିକଟରେ ନୂଆ ହୋଇ ଗଢ଼ି ଉଠିଥିବା ପ୍ରତିଯୋଗୀ ସ୍କୁଲକୁ ଏ ପରିସ୍ଥିତି ବେଶ୍ ଖୋରାକ ଯୋଗାଉଥାଏ । ଠିକ୍ ଏଭଳି ଏକ ସଙ୍କଟମୟ ପରିସ୍ଥିତିରେ ଶ୍ରୀଧର ବାବୁ ଜଗତସିଂହପୁର ହାଇସ୍କୁଲ ଛାଡ଼ି ଯୋଗଦେଲେ କୋରୁଆର ପ୍ରଧାନଶିକ୍ଷକ ଭାବେ । ସେ ମହାଶୟଙ୍କ ଯୋଗଦାନ ଯେପରି ଆକସ୍ମିକ, ସେପରି ସ୍ମରଣୀୟ ମଧ୍ୟ । ତାଙ୍କର ଯୋଗଦାନ ଫଳରେ ଛାତ୍ର, ଶିକ୍ଷକ, ଅଭିଭାବକ ଓ ଉଦ୍ୟୋକ୍ତାମାନଙ୍କ ମଧ୍ୟରେ ଗୋଟିଏ ଉତ୍ସାହ, ଆତ୍ମପ୍ରତ୍ୟୟ ସୃଷ୍ଟି ହେଲା – ଅନୁଷ୍ଠାନର ଭବିଷ୍ୟତ ସ୍ଥିତି ସମ୍ପର୍କରେ । ଏଭଳି ପ୍ରବୀଣ ଶିକ୍ଷକ ମିଳିବା ଏହି ଅନୁଷ୍ଠାନ ପ୍ରତି ଭଗବାନଙ୍କର ଏକ ଆଶୀର୍ବାଦ ବୋଲି ଆମ୍ଭେମାନେ ମନେକରୁ । ହେଲେ ମନରେ ପ୍ରଶ୍ନ ଆସିଥିଲା, ଜଗତସିଂହପୁରର ସୁଖ ସୁବିଧା ଥିବା ଏକ ପ୍ରତିଷ୍ଠିତ ପୂର୍ଣ୍ଣାଙ୍ଗ ସ୍କୁଲ ଛାଡ଼ି କୋରୁଆ ଭଳି ଶିଶୁ ଅନୁଷ୍ଠାନକୁ ନିଜର କର୍ମକ୍ଷେତ୍ର ହିସାବରେ ସେ ବାଛିନେଲେ କାହିଁକି ? ତା' ମୂଳରେ ନ ଥିଲା ଅର୍ଥ, ନ ଥିଲା ସୁଖ ସୁବିଧା, ଥିଲା ନୂଆ ନୂଆ ଶିକ୍ଷାନୁଷ୍ଠାନ ଗଢ଼ିବାର ପ୍ରବଳ ଆକାଂକ୍ଷା । କୋରୁଆର ପରିବେଶ ଏ ଦିଗରେ ତାଙ୍କୁ ବେଶ୍ ଖୋରାକ ଯୋଗାଇଥିଲା । ଯାହାଫଳରେ ତାଙ୍କର ରହଣି କାଳ ମଧ୍ୟରେ ଶିଶୁ ଅନୁଷ୍ଠାନଟି ନାନା ପ୍ରତିବନ୍ଧକ ଏଡ଼ାଇ ଉନ୍ନତି ଦିଗରେ ବେଶ୍ ଆଗେଇ ଚାଲିଲା ।

ପ୍ରଧାନଶିକ୍ଷକ ହିସାବରେ ଛାତ୍ର, ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଜର କରି ଅନୁଷ୍ଠାନର ଉନ୍ନତି ସାଧନରେ ନିୟୋଜିତ କରିବା ତାଙ୍କର ଥିଲା ଏକ ଐଶ୍ୱରୀକ ପ୍ରତିଭା । ସୁପରିଚାଳନା ପାଇଁ କେବେହେଲେ ସେ କ୍ଷମତାର ଉପଯୋଗ କରିନାହାନ୍ତି

Digitized by srujanika@gmail.com

– ନାଲି ଆଖି ଦେଖାଇବା, ଉପସ୍ଥାନ ବହିରେ ନାଲିଛକି ମାରିବା ପରିବର୍ତ୍ତେ ନାଲିଓଠର ହସ ତାଙ୍କ ପ୍ରତି ସହକର୍ମୀମାନଙ୍କୁ କରି ଦେଇଥିଲା ଅତ୍ୟନ୍ତ ଅନୁଗତ । ମୌଖିକ ବା କାଗଜ କଲମରେ କୌଣସି କୈଫିୟତ କାହାକୁ ମାଗି ନାହାନ୍ତି, ତଥାପି ଶିକ୍ଷକମାନଙ୍କର ଉପସ୍ଥାନ ଠିକ୍ ସମୟରେ ହୁଏ ଓ ପାଠପଢ଼ା ଠିକ୍ ଚାଲେ । ଏହା ଥିଲା ସେ ମହାଶୟଙ୍କ କର୍ତ୍ତବ୍ୟନିଷ୍ଠା, ଚରିତ୍ରବତ୍ତା ଓ ଅକୁଣ୍ଠ ସ୍ନେହ ଶ୍ରଦ୍ଧାର ଫଳ ।

ସେ ଇଂରାଜୀ, ଓଡ଼ିଆ, ଇତିହାସ, ଭୂଗୋଳ, ସଂସ୍କୃତ ଆଦି ବହୁ ବିଷୟରେ ପ୍ରବୀଣ ଥିଲେ । ମାତ୍ର ସାହିତ୍ୟ ପ୍ରତି ତାଙ୍କର ଥିଲା ବିଶେଷ ଅନୁରାଗ । ପରେ ସାହିତ୍ୟ ଶିକ୍ଷା ତାଙ୍କର ବୃତ୍ତି ହୋଇଥିଲା । ମାତ୍ର ସ୍ୱତନ୍ତ୍ର ଆଗ୍ରହ ଥିଲା ବ୍ୟାକରଣ ଶିକ୍ଷାରେ । ବ୍ୟାକରଣ ଶିକ୍ଷା ସାଧାରଣତଃ ନୀରସ ବୋଲି ବିବେଚିତ ହୋଇଥାଏ । ମାତ୍ର ଶ୍ରୀଧର ବାବୁ ଏହାକୁ କରି ପାରିଥିଲେ ରସସ୍ନିଗ୍ଧ ।

କୋରୁଆର ପ୍ରାକୃତିକ ପରିବେଶ, ସେହି ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ, ମାର୍କଣ୍ଡ ଋଷିଙ୍କ ଆଶ୍ରମ, ପଞ୍ଚସଖା ଗଦାଧର ପୀଠ, ସେହି ବେଲମାଳ ଓ ଆମ୍ରକାନନ ତାଙ୍କୁ ଆକୃଷ୍ଟ କରିଥିଲା । ଶ୍ରୀଧରବାବୁଙ୍କ ସୁପରିଚାଳନା ଓ ଅନ୍ୟାନ୍ୟ ବନ୍ଧୁଙ୍କ ସହଯୋଗ ଲାଭ କରି ଅନୁଷ୍ଠାନଟି ଗଢ଼ି ଉଠିଥିଲା ଏକ ଆଶ୍ରମ ଭଳି । ସେହି ଶିକ୍ଷାଶ୍ରମର ଆଚାର୍ଯ୍ୟ ଥିଲେ ସାଧକ ଶ୍ରୀଧର ବାବୁ । ମାତ୍ର ସେ ଆକର୍ଷଣ ତାଙ୍କୁ ବେଶି ଦିନ ରଖିପାରିଲା ନାହିଁ । ପିଲାମାନଙ୍କ ଭବିଷ୍ୟତ ଶିକ୍ଷାକୁ ଆଖିଆଗରେ ରଖି ଖ୍ରୀଷ୍ଟ କଲେଜର ଅଧ୍ୟାପକ ଭାବେ ଯୋଗଦେବାର ସେ ନିଷ୍ପତ୍ତି ନେଲେ । ମାତ୍ର ସେଠାକାର କଲେଜ ଆବାହାଓ୍ୱା, ସହରୀ ବାତାବରଣ ତାଙ୍କ ରୁଚିର ଅନୁକୂଳ ବୋଧ ହେଲା ନାହିଁ । ତେଣୁ ପୁଣି ସେହି ସାଧନାପୀଠକୁ ଫେରିବାକୁ କେତେଥର ମନସ୍ଥ କରିଛନ୍ତି । ମାତ୍ର, ଆସିପାରି ନାହାନ୍ତି । ହେଲେ ଅନୁଷ୍ଠାନରେ ଉନ୍ନତି କଳ୍ପେ ତାଙ୍କର ସାହାଯ୍ୟ ସହାନୁଭୂତି ସବୁବେଳେ ଅତୁଟ ରହିଛି । କେତେବେଳେ କୌଣସି କାରଣରୁ ଦେଖାହେଲେ ସେ ପଚାରୁଥିଲେ – ଗୋଟି ଗୋଟି କରି ସେତେବେଳର ସହକର୍ମୀଙ୍କର ଭଲ ମନ୍ଦ, ସୁଖଦୁଃଖ କଥା । ସେହି ପ୍ରାକୃତିକ ପରିବେଶ ଚିତ୍ରୋତ୍ପଳା ନଈକୂଳରେ ସାନ୍ଧ୍ୟ ଭ୍ରମଣ ଓ ମାର୍କଣ୍ଡ ଋଷି ଆଶ୍ରମ କଥା । କୋରୁଆକୁ ସେ ଛାଡ଼ିଥିଲେ ମାତ୍ର କୋରୁଆ ତାଙ୍କୁ ଛାଡ଼ି ପାରି ନ ଥିଲା । ନିଜର ପ୍ରିୟ ଛାତ୍ରମାନଙ୍କୁ ପଠାଉଥିଲେ ସେହି ଅନୁଷ୍ଠାନକୁ ଶଙ୍ଖୋଳି ଆସିବାକୁ,

Digitized by srujanika@gmail.com

ଅନୁଷ୍ଠାନର ବିକାଶରେ ସାହାଯ୍ୟ କରିବାକୁ । ଅଧ୍ୟାପକ ଗୋପାଳ ମିଶ୍ର ସେହିଭଳି ଛାତ୍ରମାନଙ୍କ ଭିତରେ ଜଣେ ଯିଏ କି ତାଙ୍କରି ପ୍ରେରଣାରେ ଛନ୍ଦି ହୋଇ ରହି ଯାଉଥିଲେ ଏହି ଶିକ୍ଷାନୁଷ୍ଠାନ ସହିତ – "କଳାବୁଦା ଜନ୍", "ଜଟିଆ କେଳା" ଓ "ବନ ମର୍ମରକୁ ଅପେକ୍ଷା କରି" ।

ଶ୍ରୀଧର ବାବୁ ଚାଲିଗଲା ପରେ କୋରୁଆ ଅନୁଷ୍ଠାନ ହରାଇଛି ଜଣେ ପରମ ଶୁଭେଚ୍ଛୁଙ୍କୁ । ତେବେ ଜୀବନଯାବତ୍ ଶ୍ରୀଧର ବାବୁ ଯେଉଁ ଅକୁଣ୍ଠ ଉଦାର ସ୍ନେହ ବିତରଣ କରିଯାଇଛନ୍ତି, ତା' ପାଇଁ ଆମେ ଜୀବନକୁ ଧନ୍ୟ ମନେ କରୁଛୁ । ସେଥିପାଇଁ ସେ ମନେ ଅଛନ୍ତି ଓ ମନେ ରହିବେ ।

ଆଜି ତାଙ୍କ ଶ୍ରାଦ୍ଧବାସରେ ଶ୍ରଦ୍ଧାର ସହିତ ତାଙ୍କର ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ମୁଁ ଆଶା କରୁଛି ଅଧ୍ୟାପକ ଡଃ ଶ୍ରୀନିବାସ ବାବୁଙ୍କ ଭଳି ଅନ୍ୟମାନେ ମଧ୍ୟ ସ୍ୱର୍ଗତ ଦାସଙ୍କର କୃତିର ଯଥାର୍ଥ ମୂଲ୍ୟାୟନ ପାଇଁ ଉଦ୍ୟମ ଆରମ୍ଭ କରିବେ । ଏହା ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

■■■

ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରାଚୀ ଉପତ୍ୟକାରେ ଥିବା ପ୍ରାଚୀନ କୀର୍ତ୍ତି ସମୂହ ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ୧୯୫୫ରେ ମୋ ସାଙ୍ଗରେ ଇତିହାସ ଅଧ୍ୟାପକ ଡକ୍ଟର ନବୀନ କୁମାର ସାହୁ, ଓଡ଼ିଆ ଅଧ୍ୟାପକ ଶ୍ରୀ ଶ୍ରୀଧର ଦାସ ଓ ପ୍ରାଦେଶିକ ସଂଗ୍ରହାଳୟର ସଂରକ୍ଷକ ଭାବରେ ମୋତେ ନିଯୁକ୍ତ କରାଯାଇଥିଲା ।

– କେଦାରନାଥ ମହାପାତ୍ର, ଶ୍ରୀ ଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ

Digitized by srujanika@gmail.com

ଶ୍ରୀଧର ବାବୁଙ୍କ ସ୍ମରଣରେ

ଅଧ୍ୟାପକ ସ୍ମୃତିରଞ୍ଜନ ମୁଖାର୍ଜୀ

ଆଜି ଖ୍ରୀଷ୍ଟ କଲେଜରୁ ଅନେକ ଅଧ୍ୟାପକ ସୁଦୀର୍ଘ କର୍ମ ଜୀବନର ଅବସାନ ପରେ ଅବସର ଗ୍ରହଣ କରିଛନ୍ତି । କେତେକ ପ୍ରାପ୍ତ ବୟସରେ ଇହଲୋକରୁ ବିଦାୟ ମଧ୍ୟ ନେଇଛନ୍ତି । ଆଜି କଲେଜରେ ପ୍ରବୀଣ ଅଧ୍ୟାପକଙ୍କର ଅଭାବ ନାହିଁ । କିନ୍ତୁ ଯେତେବେଳେ ୧୯୪୪ ଖ୍ରୀଷ୍ଟାବ୍ଦରେ ଖ୍ରୀଷ୍ଟ କଲେଜ ନୂତନ କରି ପ୍ରତିଷ୍ଠିତ ହୋଇଥିଲା ସେତେବେଳେ ସମସ୍ତ ଅଧ୍ୟାପକ ଯୁବକ ଥିଲେ । ସେହି ବର୍ଷ ଅଥବା ବର୍ଷେ ପୂର୍ବେ M.A. ପାଶ୍ କରି ଅଧ୍ୟାପନା କାର୍ଯ୍ୟରେ ସେମାନେ ଯୋଗ ଦେଇଥିଲେ । କଲେଜର ଗାମ୍ଭୀର୍ଯ୍ୟ ରକ୍ଷା କରୁଥିଲେ ସମସ୍ତଙ୍କର ଅତି ପ୍ରିୟ ଓ ଶ୍ରଦ୍ଧାସ୍ପଦ ସ୍ୱର୍ଗତ ବାନାମ୍ବର ଆଚାର୍ଯ୍ୟ, କାରଣ ୨୩/୨୪ ବର୍ଷୀୟ ଅଧ୍ୟାପକମାନଙ୍କ ମଧ୍ୟରେ କେବଳ ସେ ୪୪ ବର୍ଷୀୟ ଥିଲେ । ଚାରିବର୍ଷ ପରେ ଆଉ ଜଣେ ପ୍ରବୀଣ ଅଧ୍ୟାପକ କଲେଜରେ ଯୋଗ ଦେଇ କଲେଜର ମର୍ଯ୍ୟାଦା ବୃଦ୍ଧି କରିଥିଲେ । ସଂସ୍କୃତ ବିଭାଗରୁ ଓଡ଼ିଆ ବିଭାଗ ପୃଥକ୍ ହେବା ପରେ ସେ ଥିଲେ କଲେଜର ଓଡ଼ିଆ ବିଭାଗର ପ୍ରଥମ ମୁଖ୍ୟ ଅଧ୍ୟାପକ ଆମ ସମସ୍ତଙ୍କର ଅତି ନିଜର ଅଧ୍ୟାପକ ଶ୍ରୀଧର ଦାସ । ପ୍ରଥମରୁ ପ୍ରଶାସନିକ କର୍ମଦକ୍ଷତା ଯୋଗୁ ସେ ଅଧ୍ୟକ୍ଷଙ୍କର ଦକ୍ଷିଣ ହସ୍ତ ହୋଇଥିଲେ । ସବୁ ବିଷୟରେ ଶ୍ରୀଧର ବାବୁ । କଲେଜର ପ୍ରାୟ ସବୁ Noticeରେ ଶ୍ରୀଧର ବାବୁଙ୍କର ଦସ୍ତଖତ । କାମ କରିବା ତାଙ୍କର ପେଶା ନୁହେଁ ମାତ୍ର ନିଶା ଥିଲା । ଆମେ କଲେଜର ଶିକ୍ଷା ବହିର୍ଭୂତ ଦାୟିତ୍ୱ ବହନ କରିଥିଲୁ ବାଧ୍ୟ ହୋଇ । ସବୁବେଳେ ସେଥିରୁ ନିଷ୍କୃତି ପାଇବାକୁ ଚେଷ୍ଟା କରିଥିଲୁ । କିନ୍ତୁ ସେ କଲେଜର ଉନ୍ନତି କଳ୍ପେ କିପରି କଠୋର

Digitized by srujanika@gmail.com

ପରିଶ୍ରମ ଆଗ୍ରହ ଓ ଆନନ୍ଦରେ କରୁଥିଲେ, ତାହା ଯେ ଦେଖି ନାହାନ୍ତି ତାହାଙ୍କୁ ବୁଝାଇବା କଷ୍ଟକର । କଲେଜର କୌଣସି ଗୋଟିଏ କାମ ଆଉ ପକାଇ ରଖିହେବ ନାହିଁ ଜାଣି ବିରକ୍ତି ସହକାରେ କରିବାକୁ ଆରମ୍ଭ କରିଛି, ଶ୍ରୀଧର ବାବୁ ଆସି ମୋ ପାଖରେ ବସି 'ଦେଖେ କ'ଣ କରୁଛନ୍ତି' କହି ମୋର କାମଟି ହାତରୁ ଛଡ଼ାଇ ନିଜେ କରି ଦିଅନ୍ତି । ସେତେବେଳେ କଲେଜ ଛୁଟି ହେଉଥିଲା ଦିନ ୧୧.୩୦ରେ, ବିଜ୍ଞାନ ବିଭାଗ ହୋଇ ନ ଥିଲା । ୧୧.୩୦ ପରେ ସାଧାରଣତଃ ଆମେ କେହି କଲେଜରେ ରହୁ ନ ଥିଲୁ । କିନ୍ତୁ ଶ୍ରୀଧର ବାବୁ ଦ୍ୱିପ୍ରହର ୧.୧୫ ପୂର୍ବରୁ କେବେ କଲେଜରୁ ଯାଉ ନ ଥିଲେ ।

ସେ ଯେ କେବଳ ପ୍ରଶାସନିକ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ, ତାହା ନୁହେଁ, ସେ ଜଣେ ଛାତ୍ରବତ୍ସଳ ସୁଦକ୍ଷ ଶିକ୍ଷକ ମଧ୍ୟ ଥିଲେ । ସେ ସମୟରେ ପ୍ରାୟ ପ୍ରତିବର୍ଷ ତାଙ୍କର ଛାତ୍ର ଓଡ଼ିଆ ଅନର୍ସରେ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପ୍ରଥମ ଅଥବା ଦ୍ୱିତୀୟ ସ୍ଥାନ ଅଧିକାର କରୁଥିଲେ । ତାଙ୍କର ସୁଯୋଗ୍ୟ ଛାତ୍ରବୃନ୍ଦ ଆଜି ଶିକ୍ଷା ଓ ଅନ୍ୟାନ୍ୟ ବିଭାଗର ଉଚ୍ଚ ପଦ ପଦବୀରେ ସୁପ୍ରତିଷ୍ଠିତ । ଶିକ୍ଷା ପ୍ରତି ତାଙ୍କର ପ୍ରବଳ ସ୍ପୃହା ଥିଲା । ସେ ପିଲାଦିନରୁ ମେଧାବୀ ଛାତ୍ର ରୂପେ ପରିଚିତ ଥିଲେ । ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢ଼ିଥିବା ବେଳେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ଅନେକଗୁଡ଼ିଏ ପଦକ ଲାଭ କରିଥିଲେ । ସେ I.A. ପରୀକ୍ଷାରେ ପାଟନା ବିଶ୍ୱବିଦ୍ୟାଳୟରୁ ପଞ୍ଚମ ସ୍ଥାନ ଅଧିକାର କରି ପ୍ରଥମ ବିଭାଗରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ପ୍ରାପ୍ତ ବୟସରେ ଘରୋଇ ଛାତ୍ର ହିସାବରେ M.A. ପାଶ୍ କରି ପ୍ରଧାନଶିକ୍ଷକତା କାର୍ଯ୍ୟରୁ ଅବ୍ୟାହତି ନେଇ ଅଧ୍ୟାପନା କାର୍ଯ୍ୟରେ ଯୋଗ ଦେଇଥିଲେ । ସେ ଜୀବନରେ ଶେଷ ପର୍ଯ୍ୟନ୍ତ ପାଠ ପଢ଼ାରେ ନିବିଷ୍ଟ ରହି ଅନେକ ଉପାଦେୟ ପୁସ୍ତକ ରଚନା କରିଥିଲେ । ଶେଷ କେଇ ବର୍ଷ ଦୃଷ୍ଟିଶକ୍ତି କ୍ଷୀଣ ହୋଇଯିବାରୁ ସେ ଆଉ ପଢ଼ାପଢ଼ି କରିପାରୁ ନ ଥିଲେ, ଏବଂ ମିଲଟନ୍‌ଙ୍କର ଦୁଃଖ ଅନୁଭବ କରୁଥିଲେ । ଶିକ୍ଷା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିବାରୁ ସେ ତାଙ୍କର ପିଲାମାନଙ୍କର ଶିକ୍ଷା ପ୍ରତି ସତର୍କ ଦୃଷ୍ଟି ଦେଇଥିଲେ । ତାଙ୍କର

Digitized by srujanika@gmail.com

ତିନିପୁତ୍ର ସରସ୍ୱତୀଙ୍କର ବରପୁତ୍ର । ତାଙ୍କର ଜ୍ୟେଷ୍ଠପୁତ୍ର ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଅଥବା ତୃତୀୟ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇ I.A.S. ପରୀକ୍ଷାରେ ମଧ୍ୟ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ପିତାଙ୍କ ଭଳି ସାହିତ୍ୟ ଓ କଳାପ୍ରେମୀ ମଧ୍ୟ । ତାଙ୍କର ଦ୍ୱିତୀୟ ପୁତ୍ର ଭାରତୀୟ ରେଳ ପ୍ରଶାସନ ବିଭାଗର ବରିଷ୍ଠ ଅଧିକାରୀ ଏବଂ କନିଷ୍ଠ ପୁତ୍ର ବର୍ତ୍ତମାନ Executive Engineer । ପିତାଙ୍କର ସୁତୀକ୍ଷ୍ଣ ଦୃଷ୍ଟି ଓ ସୁପରିଚାଳନା ବ୍ୟତୀତ ସବୁ ପୁତ୍ର କେବେ କୃତି ହୋଇପାରନ୍ତି ନାହିଁ । ତାଙ୍କର ପୁତ୍ରମାନେ ଅତୁଳନୀୟ ଦକ୍ଷତାର ଜୀବନ୍ତ ପ୍ରମାଣ ।

ତାଙ୍କ ସହିତ ବରାବର ମୋର ଅତି ଘନିଷ୍ଠ ସମ୍ପର୍କ ଥିଲା । ତାଙ୍କଠାରୁ ଅନେକ ବ୍ୟକ୍ତିଗତ ଉପକାର ପାଇଛି । ଶେଷ ପର୍ଯ୍ୟନ୍ତ ମଝିରେ ମଝିରେ ତାଙ୍କ ସହିତ ମୋର ଦେଖା ସାକ୍ଷାତ ହେଉଥିଲା । ଗୁରୁତର ଅସୁସ୍ଥ ହୋଇ Nursing Home ରେ ଭର୍ତ୍ତି ହୋଇଛନ୍ତି ଖବର ପାଇ ତାଙ୍କୁ ଦେଖିବାକୁ ଯାଇଥିଲି । ସେତେବେଳେ ସେ ଅଚେତ ଅବସ୍ଥାରେ ଥିଲେ । ହଠାତ୍ ଅଳ୍ପ ସମୟ ପାଇଁ ଚେତା ଆସିଥିଲା । ମୋ ସହିତ ପଦେ ଅଧେ କଥା ହୋଇ ପୁଣି ଅଚେତ ହୋଇ ଯାଇଥିଲେ । ପରେ ଶୁଣିଲି ମୁଁ ଚାଲିଆସିବା ପରେ ଅଚେତ ଅବସ୍ଥାରେ ଘଣ୍ଟାଏ ଦୁଇଘଣ୍ଟା ଅନର୍ଗଳ ବଙ୍ଗଳାରେ କଥା କହି ଯାଇଥିଲେ । ମୋ ପ୍ରତି ତାଙ୍କର ସ୍ନେହ କିପରି ଗଭୀର ଥିଲା, ଏଥିରୁ ତାହା ସହଜରେ ଅନୁମେୟ । ଆଜି ତାଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା ନିବେଦନ କରି ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ।

■■■

Digitized by srujanika@gmail.com

କର୍ମଯୋଗୀ ଶ୍ରୀଧର ଦାସ

ଅଧ୍ୟାପକ ନିତ୍ୟାନନ୍ଦ ଦର୍ଜୀ

୧୯୪୯ ସାଲ ଜୁଲାଇ ୨୬ ତାରିଖ । ଖ୍ରୀଷ୍ଟ ମହାବିଦ୍ୟାଳୟ (ଉତ୍କଳ ଖ୍ରୀଷ୍ଟିୟାନ୍ କଲେଜ)ରେ ଅଧ୍ୟାପକ ରୂପେ ଯୋଗ ଦେଲି । କେବେ ଭାବି ନ ଥିଲି ଏଇଠି ଅଟକି ଯିବି ବୋଲି । ପରୀକ୍ଷାଗୁଡ଼ିକରେ ଭଲ ନମ୍ବର ରଖି ପାଶ୍ କରିଥିବାରୁ ମନରେ ଉଚ୍ଚାକାଙ୍‌କ୍ଷା ଥିଲା । ବଡ଼ ଚାକିରୀ ପାଇଁ ନିଜକୁ ଯୋଗ୍ୟ ବୋଲି ଭାବୁଥିଲି । ଅବସ୍ଥାଚକ୍ରରେ ପଡ଼ି ଏହି ମହାବିଦ୍ୟାଳୟରୁ ହିଁ ଅଧ୍ୟାପକ ଚାକିରୀରୁ ଅବସର ନେଲି । କିନ୍ତୁ ମନରେ ଗ୍ଲାନି ନାହିଁ ।

ଗ୍ଲାନି ନାହିଁ । କାରଣ ଖ୍ରୀଷ୍ଟ ମହାବିଦ୍ୟାଳୟ ମୋତେ ଉଚ୍ଚ ପଦ ପଦବୀର ଗୌରବ ଦେଇ ନ ଥିଲେ ସୁଦ୍ଧା ଦେଇଛି ଏକ ସୁସ୍ଥ ଆତ୍ମୀୟତାଭରା ପରିବେଶ, ଏକ ସାରସ୍ୱତ ରସସିକ୍ତ ଆନନ୍ଦମୁଖର କର୍ମକ୍ଷେତ୍ର ଏବଂ ଏକ ନିରାଡ଼ମ୍ବର ସାଧୁ, ସରଳ ଜୀବନ ପାଇଁ ପ୍ରେରଣା ଓ ଅବଲମ୍ବନ ।

ସେ ସମୟରେ ଭାରତର ବିଭିନ୍ନ ପ୍ରାନ୍ତର ଆମେ ସର୍ବମୋଟ ମାତ୍ର ବାରଜଣ ବ୍ୟକ୍ତି ଅଧ୍ୟାପନା କାର୍ଯ୍ୟ ତୁଲାଉଥିଲୁଁ । ଆମ ଭିତରୁ ଜଣେ ଶ୍ରୀଧର ଦାସ । ବୟସରେ ମୋ'ଠାରୁ ସେ କୋଡ଼ିଏ ବର୍ଷ ବଡ଼; ଅଭିଜ୍ଞତା, କର୍ମକୁଶଳତା, ଜ୍ଞାନ ଗାରିମାରେ ତ ବହୁ ଉଚ୍ଚରେ । ତଥାପି ଆମେ ସମଧର୍ମୀ, ସହକର୍ମୀ ବନ୍ଧୁ, ଭାଇ ଭାଇ । ସିନିଅର-ଜୁନିଅର ଭେଦଭାବ ନାହିଁ । ପ୍ରବୀଣ-ଅର୍ବାଚୀନ ବିଚାର ନାହିଁ । ଧର୍ମ, ସମ୍ପ୍ରଦାୟ, ମାତୃଭାଷା, ଚାଲିଚଳଣୀରେ ପାର୍ଥକ୍ୟ ଥିଲେ ସୁଦ୍ଧା ଆମେ ସମସ୍ତେ ଗୋଟିଏ ପରିବାରର ସଭ୍ୟମାନଙ୍କ ପରି ଚଳୁଥିଲୁଁ । ଅଧ୍ୟକ୍ଷଙ୍କୁ ଗୁରୁଜନ ଓ ପରିବାରର ମୁଖ୍ୟ ହିସାବରେ ବାଦ ଦେଲେ, ଆମ ଭିତରେ ଥିଲା ଏକ ସମାନତା ଭାବ, ଏକ ଆନ୍ତରିକ ସୌହାର୍ଦ୍ଦ୍ୟ, ସ୍ନେହ-ମମତାଭରା ପ୍ରାଣ ପ୍ରାଚୁର୍ଯ୍ୟ ।

Digitized by srujanika@gmail.com

ଶ୍ରୀଧର ବାବୁଙ୍କ ଉପରେ ଅଧ୍ୟକ୍ଷଙ୍କ ଅଗାଧ ବିଶ୍ୱାସ ଥିଲା । ଆମମାନଙ୍କ ଭିତରୁ ଜଣକୁ ଗୋଟିଏ ଦୁଇଟି କରି ପରୀକ୍ଷା କିମ୍ବା କଲେଜ ସଂସଦ କିମ୍ବା ଖେଳ କସରତ କିମ୍ବା ନାଟ୍ୟ ସଂସ୍ଥା ଇତ୍ୟାଦିର ଦାୟିତ୍ୱ ସେ ଦେଉଥିଲେ । କିନ୍ତୁ ଶ୍ରୀଧର ବାବୁଙ୍କୁ ଅଫିସର ଯାବତୀୟ କାମର ଦାୟିତ୍ୱ ନେବାକୁ ପଡୁଥିଲା । ସେତେବେଳେ ଉପାଧ୍ୟକ୍ଷ ପଦ ନ ଥିଲା । କିନ୍ତୁ ଶ୍ରୀଧର ବାବୁ ସ୍ୱେଚ୍ଛାରେ ଆଗ୍ରହର ସହିତ ଅଫିସର ଏତେ କାର୍ଯ୍ୟ କରୁଥିଲେ ଯେ ଅନେକେ ତାହାଙ୍କୁ ଉପାଧ୍ୟକ୍ଷ ବୋଲି ମନେ କରୁଥିଲେ । ଅଫିସରୁ ଯାଉଥିବା ଅନେକ ଚିଠି ତାଙ୍କ ଦସ୍ତଖତ ତଳେ 'ଫର ପ୍ରିନ୍‌ସପାଲ' ଟାଇପ୍ କରି ପଠା ଯାଉଥିଲା । ତେଣୁ ମୁଁ ଥଟ୍ଟାରେ ତାହାଙ୍କୁ 'ଫର ପ୍ରିନ୍‌ସିପାଲ' ବୋଲି ଡାକୁଥିଲି ।

କେତେ ବର୍ଷ ଧରି ଇଣ୍ଟର ମିଡ଼ିଏଟ୍ ପରୀକ୍ଷାର୍ଥୀମାନେ ସାଧାରଣ ଜ୍ଞାନ ବିଷୟରେ ଗୋଟିଏ ପତ୍ର ପରୀକ୍ଷା ଦେଉଥିଲେ । ଆମ ଅଧ୍ୟକ୍ଷ ଅନେକ ବର୍ଷ ତାହାର ମୁଖ୍ୟ ପରୀକ୍ଷକ ନିଯୁକ୍ତ ହେଉଥିଲେ । ପ୍ରଶ୍ନ ପତ୍ରର ଉତ୍ତର ସ୍ଥିର କରିବା ଦାୟିତ୍ୱ ନେଉଥିଲେ ଶ୍ରୀଧର ବାବୁ । ସେ ଥିଲେ ବିବିଧ ବିଷୟକ ଜ୍ଞାନର ଏକ ଅସରନ୍ତି ଭଣ୍ଡାର । ଯେ କୌଣସି ପ୍ରଶ୍ନର ଉତ୍ତର ତତ୍‌କ୍ଷଣାତ୍ ମୁହେଁ ମୁହେଁ ମିଳି ଯାଉଥିଲା । ଯଦି ସାମାନ୍ୟ ସନ୍ଦେହ ହୁଏ, ପରେ ଦେଖିବା ବୋଲି କାମକୁ ପକାଇ ରଖିବାର ଧୈର୍ଯ୍ୟ ନାହିଁ । ସଙ୍ଗେ ସଙ୍ଗେ ପୁସ୍ତକାଗାରକୁ ଯାଇ ଯଥାଯଥ ଗ୍ରନ୍ଥରୁ ସନ୍ଦେହମୋଚନର ବ୍ୟବସ୍ଥାରେ ଏବଂ ତାହାକୁ ସ୍ମୃତିରେ ରଖିବା ପାଇଁ ପ୍ରୟାସରେ ଅବହେଳା ନାହିଁ । ଶ୍ରୀଧର ବାବୁଙ୍କ ଜ୍ଞାନ ପିପାସାର ଅନ୍ତ ନ ଥିଲା, ଜ୍ଞାନ ଆହରଣ କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ସୀମିତ ନ ଥିଲା । ମୁଁ ତାହାଙ୍କୁ ନାମ ଦେଇଥିଲି ଚଳନ୍ତି ଜ୍ଞାନକୋଷ, ମୁଭିଂ ଏନ୍‌ସାଇକ୍ଲୋପେଡ଼ିଆ ।

କାମ ଯେତେ ଅଡୁଆ, ତହିଁରେ ଶ୍ରୀଧର ବାବୁଙ୍କ ଆଗ୍ରହ ସେତେ ବେଶି । ଶାରୀରିକ ହେଉ କି ମାନସିକ ହେଉ, ଯେ କୌଣସି କାର୍ଯ୍ୟରେ ଜଣେ ବନ୍ଧୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବା ମାତ୍ରେ ଶ୍ରୀଧର ବାବୁ ସ୍ୱତଃ ତାହାକୁ ସାହାଯ୍ୟ କରିବାକୁ ଆଗେଇ ଆସୁଥିଲେ । ଅନ୍ୟଙ୍କ କାମ ଛଡ଼ାଇ ନେଇ ନିଜେ କରିଦେବା ତାଙ୍କର ଏକ ଅଦମନୀୟ ଅଭ୍ୟାସ ।

ମହାବିଦ୍ୟାଳୟର ନିର୍ଦ୍ଦିଷ୍ଟ କାର୍ଯ୍ୟ ତଥା ନିଜେ ଉପରେ ପଡ଼ି ହାତକୁ ନେଇଥିବା ଅନ୍ୟଲୋକର ଅପର୍ଯ୍ୟାପ୍ତ କାର୍ଯ୍ୟରୁ ସାମାନ୍ୟ ଅବ୍ୟାହତି ପାଇଲେ ଶ୍ରୀଧର ବାବୁ ଜଣେ

Digitized by srujanika@gmail.com

ଦୁଇଜଣ କାହାକୁ ସଙ୍ଗରେ ନେଇ ଚା' ପିଇବାକୁ ଯାଉଥିଲେ ଚଣ୍ଡୀ ହୋଟେଲକୁ । ରାସ୍ତାଯାକ ବକର ବକର । ସହାନୁଭୂତିଳବ୍ଧ ଅସଂଖ୍ୟ ଇତିବୃତ୍ତର ପୁନରାବୃତ୍ତି । ତୁମେ କୁହ, ସେ ଶୁଣିବେ । ନ ହେଲେ ସେ କହିବେ, ତୁମେ ଶୁଣ । ହୋଟେଲରେ ପହଞ୍ଚ ବଗାଦି ଚା' ପହୁଞ୍ଚିବା ପର୍ଯ୍ୟନ୍ତ ଅବିଶ୍ରାନ୍ତ ଭାବେ ଗପର ସୁଅ ଛୁଟିଥିବ । ମିନିଟିଏ ଗପ ବନ୍ଦ ହେଲେ ଦେଖିବ, ଶ୍ରୀଧର ବାବୁ ଟେବୁଲରେ ପଡ଼ିଥିବା କେଉଁ କାଳର ପୁରୁଣା ଖବରକାଗଜରୁ ବା ତଳେ ପଡ଼ିଥିବା ଠୁଙ୍ଗା ଛିଣ୍ଡାଇ ସେଥିରୁ କ'ଣ ଗୋଟାଏ ପଢୁଛନ୍ତି । ବିନା କାମରେ ଗୋଟିଏ ମୁହୂର୍ତ୍ତ ସୁଦ୍ଧା ଚୁପ୍ ହୋଇ ବସିରହିବା ମୁଁ ତାହାଙ୍କୁ ଦେଖି ନାହିଁ ।

ଅଧ୍ୟୟନ, ଅଧ୍ୟାପନା, ସଂରଚନା ଓ ସମାଲୋଚନା – ଏହା ହିଁ ଥିଲା ଶ୍ରୀଧର ବାବୁଙ୍କ ଜୀବନର ମୁଖ୍ୟ ଆଭିମୁଖ୍ୟ । ସମ୍ପୂର୍ଣ୍ଣ ଅସମର୍ଥ ହୋଇ ନ ଯିବା ପର୍ଯ୍ୟନ୍ତ ଜୀବନ ସନ୍ଧ୍ୟାର କ୍ଷୀଣାଲୋକରେ ମଧ୍ୟ ନିରବଛିନ୍ନ ଭାବେ ସେ ଏଗୁଡ଼ିକର ଅନୁଶୀଳନରେ ନିଜକୁ ନିୟୋଜିତ ରଖୁଥିଲେ ।

ମୋ ଜାଣିବାରେ ଶ୍ରୀଧର ବାବୁ ଲୋଭ-ମୋହ-ବିବର୍ଜିତ ଜଣେ ସନ୍ଥ ସନ୍ନ୍ୟାସୀ ନ ଥିଲେ । ସେ ଥିଲେ ଆମ ସମସ୍ତଙ୍କ ପରି ଜଣେ ସାଧାରଣ ବ୍ୟକ୍ତି । କିନ୍ତୁ ଶ୍ରୀଧର ବାବୁଙ୍କ ଅସାଧାରଣ ବୈଶିଷ୍ଟ୍ୟ ହେଉଛି ତାଙ୍କର କର୍ମନିଷ୍ଠା । ସେ ଥିଲେ ଜଣେ ନିରଳସ କର୍ମଯୋଗୀ । ତାଙ୍କର ସନ୍ତାନ ସନ୍ତତି ସମାଜର ଅତି ଉଚ୍ଚସ୍ତରରେ ଅଧିଷ୍ଠିତ । ଅବସର ଗ୍ରହଣ କଲାପରେ, ଇଚ୍ଛା କରିଥିଲେ ସେ ସ୍ୱୋପାର୍ଜିତ ଧନରେ ସୁଦ୍ଧା ଭୋଗ ବିଳାସପୂର୍ଣ୍ଣ ପ୍ରାଚୁର୍ଯ୍ୟ ମଧ୍ୟରେ ଅୟସ-ଆରାମଦାୟକ ଏକ ବିଶ୍ରାନ୍ତ ଜୀବନ ଅତିବାହିତ କରି ପାରିଥାନ୍ତେ । କିନ୍ତୁ 'ଆରାମ ହାରାମ ହୈ' ନୀତି ଅବଲମ୍ବନ କରି ସେ ବାଛି ନେଇଥିଲେ ଏକ କର୍ମମୁଖର ସରଳ ନିରାଡ଼ମ୍ବର ଜୀବନ । ତାଙ୍କ ପାଇଁ ଥିଲା କର୍ମ ହିଁ ଜୀବନ, କର୍ମ ହିଁ ଆରାଧନା, କର୍ମ ହିଁ ଈଶ୍ୱର ପ୍ରାପ୍ତିର ସାଧନ ଏବଂ କର୍ମ ହିଁ ମୁକ୍ତିପଥ ଯାତ୍ରୀର ବାହନ । ଏପରି ଏକ ଅନନ୍ୟ ସାଧାରଣ ବ୍ୟକ୍ତିତ୍ୱର ସାନ୍ନିଧ୍ୟ ସାହଚର୍ଯ୍ୟ ଲାଭ ନିଶ୍ଚିତ ରୂପେ ମୋର ସୌଭାଗ୍ୟ ।

■■■

Digitized by srujanika@gmail.com

ଏକ କର୍ମମୟ ସଫଳ ଜୀବନ

ଅଧ୍ୟାପକ ବନମାଳୀ ମିଶ୍ର

ମଣିଷର ଜୀବନ ସ୍ରୋତ କାଳର ଗତିରେ ଅବିରାମ ଚାଲିଥାଏ । ସେହି ସ୍ରୋତରେ କିଏ ମଣିଷକୁ ସାହାଯ୍ୟ କରେ, କିଏ ବା ଗୋଡ଼ ଝିଙ୍କିଦିଏ । ମଣିଷର ସବୁକଥା ମନେ ରହେନା । ଅତୀତକୁ ମଣିଷ ଭୁଲିଯାଏ । ତଥାପି ଜୀବନ ସ୍ରୋତରେ କେତେକ ମାଇଲ ଖୁଣ୍ଟ ଦାଗ ରଖିଯାଏ । ତାହା ଭୁଲି ହୁଏନା ।

୧୯୫୩ ମସିହା ଅଗଷ୍ଟ ୮ ତାରିଖ । ସ୍ୱର୍ଗତ ବନ୍ଧୁ ଅଟଳ ପଟ୍ଟନାୟକଙ୍କ ସହିତ ରିକ୍ସାରେ କଟକ ଚଣ୍ଡୀ ଛକରେ ଯାଉଥାଏ । ପଛରୁ ଡାକ ଶୁଣିଲି, ବନମାଳୀ, ବନମାଳୀ – ପରିଚିତ ଡାକ । ରିକ୍ସା ଅଟକିଲା । ପଛକୁ ଚାହିଁଲି । ସାଇକେଲ ଧରି ଛିଡ଼ା ହୋଇଛନ୍ତି ଅଧ୍ୟାପକ ଶ୍ରୀଧର ଦାସ । ସଙ୍ଗେ ସଙ୍ଗେ ଯାଇ ବନ୍ଧୁ ଅଟଳ ଓ ମୁଁ ସାର୍‌ଙ୍କୁ ପ୍ରଣାମ କଲୁ । 'ସାର୍' କହିଲେ, ଆମ କଲେଜରେ ୨ଟି ଅଧ୍ୟାପକ ପଦ ଖାଲି ଅଛି । ତୁମେ ଦରଖାସ୍ତ କର । ମୁଁ ବିଶ୍ୱବିଦ୍ୟାଳୟରୁ ଦେଖି ଆସିଚି, ତୁମେ ଏମ୍.ଏ.ରେ ଦ୍ୱିତୀୟ ସ୍ଥାନ ପାଇଚ । ତେଣୁ ଦରଖାସ୍ତ କଲେ, ତୁମର ହୋଇଯିବ ।

ମୁଁ ଆଶ୍ଚର୍ଯ୍ୟ ହେଲି । ସାତଦିନ ହେଲା ଯଦିଓ ପରୀକ୍ଷା ଫଳ ବାହାରିଲାଣି ମୁଁ ମୋର ପରୀକ୍ଷାରେ ପାଇଥିବା ନମ୍ବର ଜାଣିନି – କେବଳ ଦ୍ୱିତୀୟ ଶ୍ରେଣୀରେ ପାଶ୍ କରିଥିବା ଖବର ଜାଣିଚି । ପଚାରିଲି, ଦରଖାସ୍ତର ଶେଷ ତାରିଖ କେବେ ?' ସାର୍ କହିଲେ, 'କାଲି ହେଉଚି ଦରଖାସ୍ତର ଶେଷ ତାରିଖ । ବର୍ତ୍ତମାନ ଦରଖାସ୍ତ କରି ଦେଇଆସ ।'

ମୁଁ କଲେଜକୁ ଯାଇ ସେହିଦିନ ଦରଖାସ୍ତ କରି ଦେଇଆସିଲି । ତା'ର ଦୁଇ ଦିନ ପରେ ସାକ୍ଷାତ୍ କରିବା ପାଇଁ ଡାକରା । ସାକ୍ଷାତ୍ ପରେ ପରେ ସେହିଦିନ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଯୋଗଦେଲି ।

Digitized by srujanika@gmail.com

ତିନି ଚାରି ମାସ ଗଲା । ଅଧ୍ୟାପକ ଶ୍ରୀଧର ଦାସ ଡଗରପଡ଼ାର ଅନାଥାଶ୍ରମର ଭଡ଼ା ଘରେ ରହୁଥିଲେ । ସେଥିରେ ୨ଟି କ୍ୱାଟର ଥିଲା । ଗୋଟିଏ ପଟେ ସେ ରହୁଥିଲେ । ଅନ୍ୟପଟେ ଘରଟି ଖାଲି ହେବା ମାତ୍ରେ ମୋ ପାଇଁ ରଖିଲେ । ତଦ୍ଦ୍ବାରେ 'ସାର୍'ଙ୍କର ପଡ଼ୋଶୀ ହୋଇ ରହିବାର ସୌଭାଗ୍ୟ ମିଳିଲା ।

'ସାର୍' ୧୯୪୮ରେ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଯୋଗ ଦେଇଥିଲେ । ମୁଁ ସେତେବେଳେ ସେହି କଲେଜର ତୃତୀୟ ବାର୍ଷିକ କଳା ଶ୍ରେଣୀରେ ପଢୁଥାଏ । ସାଧାରଣତଃ ହାଇସ୍କୁଲ ପରି କଲେଜରେ ଶିକ୍ଷକ-ଛାତ୍ର ନିକଟ ସମ୍ପର୍କ ରହେ ନା । କିନ୍ତୁ ଅଧ୍ୟାପକ ଦାସଙ୍କ ସମ୍ପର୍କରେ ତାହା କୁହାଯାଇ ପାରିବ ନାହିଁ । ହୁଏତ ବହୁଦିନ ଧରି ହାଇସ୍କୁଲରେ ପ୍ରଧାନଶିକ୍ଷକ ହୋଇ ଆସିଛନ୍ତି । ତେଣୁ କଲେଜକୁ ଆସିବା ପରେ ମଧ୍ୟ ଅଭ୍ୟାସଟା ସେ ଛାଡ଼ି ପାରୁ ନ ଥିଲେ । ଛାତ୍ରମାନଙ୍କ ସହ ତାଙ୍କର ସମ୍ପର୍କ ଅତି ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା । ସେ ଛାତ୍ରମାନଙ୍କର ଭଲ ମନ୍ଦ, ସୁବିଧା ଅସୁବିଧା ବୁଝି ପାରୁଥିଲେ । ସେଥିଲାଗି ଛାତ୍ରମାନେ ତାଙ୍କୁ ଅତି ଶ୍ରଦ୍ଧା କରୁଥିଲେ, ସମ୍ମାନ ମଧ୍ୟ କରୁଥିଲେ ।

ଖ୍ରୀଷ୍ଟ ମହାବିଦ୍ୟାଳୟରେ କୋଡ଼ିଏ ବର୍ଷ ଧରି ସାର୍ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଥିଲେ । ତାଙ୍କର ବେଶଭୂଷା ଥିଲା ଅତି ସାଧାରଣ, ବ୍ୟବହାର ମଧୁର, ସୌହାର୍ଦ୍ଦ୍ୟପୂର୍ଣ୍ଣ । ଉକ୍ତ ବିଭାଗର ଅଧ୍ୟାପକମାନେ ତାଙ୍କର କର୍ତ୍ତୃତ୍ୱ କେହି କେବେ ଅନୁଭବ କରିପାରୁ ନ ଥିଲେ । ଜ୍ଞାନ, ବୟସ ଓ ବ୍ୟବହାର ହେତୁ ସେ ସବୁ ଅଧ୍ୟାପକଙ୍କର ସମ୍ମାନ ତଥା ଶ୍ରଦ୍ଧାର ପାତ୍ର ହୋଇ ପାରିଥିଲେ । କଲେଜରେ ପାଠ ପଢ଼ାଇବା ସଙ୍ଗେ ସଙ୍ଗେ ଅଫିସର ବହୁ କାମ ତାଙ୍କରି ଉପରେ ନ୍ୟସ୍ତ ଥିଲା । କାରଣ ମାଇନର ସ୍କୁଲ, ହାଇସ୍କୁଲରେ ଶିକ୍ଷକ, ହେଡ୍‌ମାଷ୍ଟର, ପୁଣି ବାମଣ୍ଡା ଶିକ୍ଷା ବିଭାଗର କର୍ତ୍ତା ଥାଇ, ସେ ଶିକ୍ଷା ବିଭାଗର ଅଫିସ କାର୍ଯ୍ୟରେ ବହୁ ଅଭିଜ୍ଞତା ଲାଭ କରିଥିଲେ । ତେଣୁ ତତ୍କାଳୀନ କଲେଜ ପ୍ରିନ୍‌ସପାଲ ସ୍ୱର୍ଗତ ରେଭରେଣ୍ଡ ବ୍ରଜାନନ୍ଦ ମହାନ୍ତି ତାଙ୍କ ଉପରେ ଅଫିସ୍ କାର୍ଯ୍ୟ ଲାଗି ବହୁ ଭାବରେ ନିର୍ଭର କରୁଥିଲେ ।

ସାର୍‌ଙ୍କ ପରି କର୍ମଠ, ଅଧ୍ୟବସାୟୀ ଓ କର୍ତ୍ତବ୍ୟପରାୟଣ ଖୁବ୍ ଅଳ୍ପ ଲୋକଙ୍କ ସମ୍ପର୍କରେ ମୁଁ ଆସିଚି । କାମ ନ କରି ସେ କେବେ ଚୁପ୍ ହୋଇ ବସିପାରନ୍ତି ନାହିଁ ।

Digitized by srujanika@gmail.com

କଲେଜ ଗଲେ ଅଧ୍ୟାପନା ଓ ଅବସର ସମୟରେ ଅଫିସ୍ କାମ । କଲେଜ ଛୁଟି ହେବା ପରେ ମଧ୍ୟ ବହୁ ସମୟ ଧରି ତାଙ୍କୁ ଅଫିସରେ ରହି କାମ କରିବାକୁ ପଡ଼ିଥାଏ । ତେଣୁ କଲେଜରେ "Teacher's Common Room' ରେ ବସି ଗପ କରିବା ପାଇଁ ତାଙ୍କର ପ୍ରାୟ ସମୟ ନ ଥାଏ । ଘରକୁ ଆସିଲେ ଖାଇସାରି ପ୍ରାୟ ଅଧଘଣ୍ଟାଏ ବିଶ୍ରାମ । ତା'ପରେ ଲେଖାପଢ଼ା କାମ ଚାଲେ, ଫଳରେ ଜୀବନ କାଳ ମଧ୍ୟରେ ସେ ୧୨୦ରୁ ଅଧିକ ପୁସ୍ତକର ପ୍ରଣେତା ହୋଇ ପାରିଥିଲେ । କଲେଜ ବା ଘରେ ତାଙ୍କର ଅବସର ନ ଥାଏ । ତେଣୁ କିଛି ଘର କାର୍ଯ୍ୟରେ ବ୍ୟସ୍ତ ଥିବା ଦେଖି ଅନେକ ସମୟରେ ମୁଁ ପରିହାସରେ କହେ, ସାର୍‌ଙ୍କର ପଢ଼ା, ଲେଖା କାମ ଆଜି ସମ୍ଭବତଃ କିଛି ନାହିଁ । ତେଣୁ ପିଲାଙ୍କର କାହାର କେତେ ପୋଷାକ ଅଛି ଆଜି ଗଣିବାରେ ଲାଗି ପଡିଛନ୍ତି । ସାର୍ ହସି କହନ୍ତି, 'ନାଇଁ ମ, ଏ ପିଲାଗୁଡ଼ାକ ଲୁଗାପଟା କିପରି ଫିଙ୍ଗିଛନ୍ତି, ଦେଖୁନ – ମୁଁ ସେ ସବୁ ସଜାଡ଼ି ରଖୁଥିଲି ।"

ମୁଁ ତ ସାର୍‌ଙ୍କ ପଡ଼ୋଶୀ ଭାବରେ ପ୍ରାୟ ତିନିବର୍ଷ ଥିଲି । ଆମ ଦୁହିଁଙ୍କର ଅଗଣା ଏକାଠି – ବାଡ଼ ନାହିଁ । ଘର ଭିତର ପିଣ୍ଡାରେ ଦୁଇଟି ରୋଷେଇ ଘର । ତେଣୁ ସାର୍‌ଙ୍କ ସହ ସମ୍ପର୍କ ମୋର ଅତି ନିବିଡ଼ ଥିଲା ।

ସାର୍ ଛୋଟ ପିଲାଙ୍କୁ ଭାରି ସୁଖ ପାଉଥିଲେ । ପିଲାଙ୍କ ସହିତ ଖେଳି ବସୁଥିଲେ । ତାଙ୍କୁ ଧରି ବୁଲାଉଥିଲେ । କାମ ନ ଥିଲେ, ଛୁଟି ଦିନରେ ମୋର ପୁଅକୁ ତେଲ ଘଷିବେ । ମୁଁ ଓ ମୋ ଭାରିଜା ଯେତେ ଆପତ୍ତି କଲେ ଶୁଣିବେ ନାହିଁ । ସେ ଏହିପରି ସରଳ ଓ ଦରଦୀ ଲୋକ ଥିଲେ । ତାଙ୍କର ସ୍ନେହ, ଶ୍ରଦ୍ଧା ଭୁଲିବାର ନୁହେଁ ।

ସାର୍‌ଙ୍କର ଜୀବନ ବୃତ୍ତାନ୍ତ ଅତି ବିଚିତ୍ର । କାହିଁ କାକଟପୁରର ଏକ ଅପାଂକ୍ତେୟ କ୍ଷୁଦ୍ର ପଲ୍ଲୀ ନଈଗୁଆଁରେ ତାଙ୍କର ଜନ୍ମ । ବାପା ଜଣେ ପ୍ରାଇମେରୀ ଶିକ୍ଷକ – ଜମି ବାଡ଼ି ପ୍ରାୟ କିଛି ନ ଥିଲା । ସେତେବେଳର ପ୍ରାଇମେରୀ ଶିକ୍ଷକଙ୍କ ଦରମା ବୋଇଲେ ଦୁଇଟଙ୍କା ବା ଚାରିଟଙ୍କା । ଫଳରେ 'ମାଇନର' କ୍ଲାସରୁ ପାଠରେ ଡୋରି ବନ୍ଧା ହେବାର କଥା । କିନ୍ତୁ ସାର୍‌ଙ୍କୁ ମାଇନର ବୃତ୍ତିଟିଏ ମିଳିଲା । ତେଣୁ ସେ ପୁରୀ ଜିଲ୍ଲା ସ୍କୁଲରେ କୌଣସିମତେ ପଢ଼ିପାରିଲେ । ସେ ପାଟଣା ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କଲେ, ବୃତ୍ତି ପାଇଲେ । ଅବସ୍ଥାଚକ୍ରରେ ପଡ଼ି ସେତେବେଳର ବିହାର

Digitized by srujanika@gmail.com

ଓ ଓଡ଼ିଶା ରାଜଧାନୀ ପାଟନା ଗଲେ । ଆଇ.ଏ. ପଢ଼ିଲେ, ଦାରିଦ୍ର୍ୟ କଷାଘାତରେ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଲା । ପରୀକ୍ଷା ବେଳକୁ ଜ୍ୱରାକ୍ରାନ୍ତ ହେଲେ, ତଥାପି ଜ୍ୱରାବସ୍ଥାରେ ପରୀକ୍ଷା ଦେଲେ । ୨ୟ ଶ୍ରେଣୀରେ ପାସ୍ କଲେ । ଆଉ ବୃତ୍ତି ମିଳିଲାନି । ପାଠପଢ଼ା ଇତିଶ୍ରୀ ହେଲା ।

ତା'ପରେ ଚାକିରୀ ଖୋଜି ବସିଲେ । ସେ କାଳରେ ସରକାରୀ ଚାକିରୀ ଅତି ନଗଣ୍ୟ । ପୁରୀ ଜିଲ୍ଲାରେ ସରକାରୀ ହାଇସ୍କୁଲ ବୋଇଲେ କେବଳ ପୁରୀ ଜିଲ୍ଲା ସ୍କୁଲ । ଏହାଛଡ଼ା ସମଗ୍ର ଜିଲ୍ଲାରେ ୨ଟି ବେସରକାରୀ ହାଇସ୍କୁଲ ଥିଲା । ମାଇନର ସ୍କୁଲ ସମଗ୍ର ଜିଲ୍ଲାରେ ୬ ବା ୭ଟି । ସୌଭାଗ୍ୟକୁ ଚନ୍ଦନପୁର ନିକଟସ୍ଥ ଏବର ଭାର୍ଗବୀ ହାଇସ୍କୁଲ (ସେତେବେଳର ବିଶ୍ୱନାଥ ମି: ଇ: ସ୍କୁଲ)ର ହେଡ଼ମାଷ୍ଟର ଟ୍ରେନିଂ ପଢ଼ିବା ପାଇଁ ଛୁଟିରେ ଗଲେ । ତେଣୁ ନଅମାସ ପାଇଁ ହେଡ଼ମାଷ୍ଟର ଭାବେ ବିଶ୍ୱନାଥ ମି:ଇ: ସ୍କୁଲରେ ଯୋଗ ଦେଲେ । ଏହିପରି ବିଭିନ୍ନ ବିଦ୍ୟାଳୟରେ ଅସ୍ଥାୟୀ ଚାକିରୀରେ ରହିଲେ । ଏ ସ୍କୁଲ ଚାକିରୀ ଭିତରେ ବି.ଏ. ପାସ୍ କଲେ । ତା'ପରେ ସେତେବେଳର ଗଡ଼ଜାତ ବଡ଼ମ୍ବା ରାଜ୍ୟରେ ମି.ଇ. ସ୍କୁଲର ହେଡ଼ମାଷ୍ଟରରୁ, ହାଇସ୍କୁଲ ହେଡ଼ମାଷ୍ଟର ଓ ପରେ ଷ୍ଟେଟର ଶିକ୍ଷା ବିଭାଗର କର୍ତ୍ତା । ଏହିପରି ଭାବେ ୪ ବର୍ଷ ଅତିବାହିତ ହୁଏ । ସେ କାଳରେ ଏକାଙ୍ଗ ଚକ୍ରବର୍ତ୍ତୀ ସ୍ୱେଚ୍ଛାଚାରୀ ରାଜୁଡ଼ା ଶାସନରେ ରହିବା ସମସ୍ତଙ୍କ ପକ୍ଷରେ ସୁବିଧା ହେଉ ନ ଥିଲା । ତେଣୁ ବାଧ ହୋଇ ସେ ଇସ୍ତଫା ଦେଲେ । ବି.ଇଡ଼ି. ଟ୍ରେନିଂ ପାଶ୍ କରି ଜଗତସିଂହପୁର, କୋରୁଆ ଉଚ୍ଚ ବିଦ୍ୟାଳୟରେ ହେଡ଼ମାଷ୍ଟ୍ର ହେଲେ । ୧୯୪୨ରେ ସେ ଓଡ଼ିଆରେ ଏମ୍.ଏ. ପାସ୍ କଲେ । ରେଭେନ୍‌ସା କଲେଜରେ ୬ ମାସ ପାଇଁ ଅସ୍ଥାୟୀ ଚାକିରୀ ପାଇଥିଲେ । କିନ୍ତୁ ସ୍ଥାୟୀ ଚାକିରୀକୁ ଛାଡ଼ି ଅସ୍ଥାୟୀ ଚାକିରୀରେ ଯୋଗ ଦେଲେ ନାହିଁ । ୧୯୪୮ରେ କୋରୁଆଁ ହାଇସ୍କୁଲ ଛାଡ଼ି ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଯୋଗ ଦେଲେ । ସେହିଦିନଠାରୁ ସାରଙ୍କ ସହିତ କାହିଁକି, ସାରଙ୍କ ପରିବାର ସହିତ ମୋର ଘନିଷ୍ଠ ସମ୍ପର୍କ ରହି ଆସିଚି ।

ଶିକ୍ଷାୟତନରେ ସେ ଦୀର୍ଘ ଦିନ ଧରି ଚାକିରୀ କରିଥିଲେ । ୧୯୨୪ରେ ମାଇନର ସ୍କୁଲ ହେଡ଼ମାଷ୍ଟର ଭାବେ ଚାକିରୀ ଆରମ୍ଭ କଲେ । ସର୍ବଶେଷରେ ୧୯୬୮ ମସିହାରେ ଖ୍ରୀଷ୍ଟ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଧାନ ଅଧ୍ୟାପକ ପଦରୁ ଅବସର

Digitized by srujanika@gmail.com

ଗ୍ରହଣ କଲେ । ଅବସର ନେଲେ ମଧ୍ୟ ତାଙ୍କର ପାଠ ପଢ଼ା ଓ ଲେଖାରେ ବିରାମ ନାହିଁ । ଅଶୀ ବର୍ଷ ବୟସରେ ତାଙ୍କ ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଆସିଲା । ତଥାପି ତାଙ୍କର ଲେଖାରୁ ସେ ନିବୃତ୍ତ ହେଲେନି । ନିଜେ ତ ଲେଖି ପାରିଲେନି । ଅନ୍ୟକୁ ଡାକି ଲେଖି ବସିଲେ । ନିଜ ଆତ୍ମଜୀବନୀ 'ସୁଅ ମୁହଁରେ ପତର' । ସେହି ଆତ୍ମଜୀବନୀ ୧୯୮୨ରେ ପ୍ରକାଶ ପାଇଲା । ନିଜେ ପ୍ରୁଫ୍ ଦେଖି ନ ପାରିବାରୁ ସେଥିରେ ବହୁ ଭ୍ରମ ରହିଗଲା । ସେଥିପାଇଁ ସାର୍‌ଙ୍କର କି କ୍ଷୋଭ । ବହିଟିରେ ଏକ ଦୀର୍ଘ ସଂଶୋଧନୀ ଦିଆଗଲା । ତା'ପରେ ଯାଇ ବହିଟି ପ୍ରକାଶିତ ହେଲା ।

ଅଧ୍ୟାପକ ଦାସଙ୍କର ଜୀବନ ଏକ କର୍ମମୟ ସାଧକର ଜୀବନ । ଓଡ଼ିଶାର ଶିକ୍ଷିତ ମହଲରେ ଜଣେ ପ୍ରତିଷ୍ଠିତ ବୈୟାକରଣ ଭାବେ ସେ ସୁପ୍ରତିଷ୍ଠିତ । ପାଠ୍ୟ ପୁସ୍ତକ ଜାତୀୟତାକରଣ ହେବା ପୂର୍ବରୁ ସେ ଏକ ସହଯୋଗୀଙ୍କୁ ଘେନି ଯେଉଁ 'ଲଘୁ ବ୍ୟାକରଣ', 'ସର୍ବସାର ବ୍ୟାକରଣ' ରଚନା କରିଥିଲେ ତାହା ବହୁ ବର୍ଷ ଧରି ପ୍ରାଇମେରୀ ସ୍କୁଲଠାରୁ ହାଇସ୍କୁଲ ଯାଏ ସର୍ବତ୍ର ଆଦୃତ ହୋଇଥିଲା । ତାହାଛଡ଼ା ବହୁ ପାଠ୍ୟ ପୁସ୍ତକର ସେ ମଧ୍ୟ ପ୍ରଣେତା ଥିଲେ । ପିଲାଙ୍କ ପାଇଁ ସ୍ୱଦେଶ ଓ ଅନ୍ୟ ଦେଶର ବହୁ କାଳଜୟୀ ଗ୍ରନ୍ଥମାନଙ୍କର ସାର ସଂଗ୍ରହ କରି ବହୁ ପୁସ୍ତକ ମଧ୍ୟ ସେ ଲେଖି ଯାଇଛନ୍ତି । ଓଡ଼ିଆ ତଥା ଇଂରାଜୀରେ ଅଭିଧାନ ଗ୍ରନ୍ଥ ମଧ୍ୟ ଲେଖିଛନ୍ତି । ଏଥିରୁ ସ୍ପଷ୍ଟ ଜଣାଯାଏ, ସେ ଦୀର୍ଘ କର୍ମମୟ ଜୀବନ ମଧ୍ୟରେ ବାଣୀ ସାଧନାକୁ ନିଜ ଜୀବନର ବ୍ରତ କରିଥିଲେ ।

ସମାଜର ବିଭିନ୍ନ କ୍ଷେତ୍ରରେ ସେ ପ୍ରତିଷ୍ଠିତ ହୋଇ ପାରିଥିଲେ । 'ଉତ୍କଳ ସାହିତ୍ୟ ସମାଜ' ଓ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ'ଦ୍ୱାରା ସେ ପୁରସ୍କୃତ ହୋଇଥିଲେ । ତାଙ୍କର ଦୀର୍ଘ କର୍ମମୟ ଜୀବନରେ ଶୋଚନା କରିବାର କିଛି ନ ଥିଲା । ସାମାଜିକ ଓ ପାରିବାରିକ ଜୀବନରେ ସେ ସୁପ୍ରତିଷ୍ଠ ଥିଲେ । ତାଙ୍କର ମୃତ୍ୟୁ ହୁଏ ୮୮ ବର୍ଷ ବୟସରେ ୧୯୮୮ ଅପ୍ରେଲ ୨୪ ତାରିଖରେ । ବୟସ ଅତିକ୍ରାନ୍ତ ହୋଇଥିଲା । କର୍ମର ପରିସମାପ୍ତି ଘଟିଲା । କିନ୍ତୁ ଅଗଣିତ ଛାତ୍ର, ତଥା ବନ୍ଧୁଙ୍କର ଅବୁଝା ମନ ତାଙ୍କ ସ୍ମୃତି ଘେନି ଘାଣ୍ଟିହେବ – ଲୋତକ ବୋହି ପଡ଼ିବ – ଏହା ସ୍ୱାଭାବିକ । କର୍ମୀ ପୁରୁଷର ଏହା ହିଁ ସଫଳ ଜୀବନଯାତ୍ରା ।

■■■

Digitized by srujanika@gmail.com

ଊର୍ମି କି ପାରଇ କଳି ସାଗରର କେତେ ଗଭୀରତା !!

ଶ୍ରୀ ପ୍ରଭାତ କୁମାର କର

୧୯୬୧ ମସିହା ସେପ୍ଟେମ୍ବର ମାସ ୧୪ ତାରିଖ । ମୁଁ ଖ୍ରୀଷ୍ଟ କଲେଜରେ ନୂଆ କରି ଜଏନ୍ କରିଥାଏ । କଞ୍ଚା ଟୋକା ବୟସ । ଫାଜିଲାମି ଭଲ କରି ଛାଡ଼ି ନ ଥାଏ । ଚାକିରୀ କରିବାକୁ ବି ସେମିତି ଖାସ୍ ମନ ନ ଥାଏ । ଯେତେବେଳେ ଦରକାର ପଡ଼ିବ ଛାଡ଼ିଦେବି । ମନରେ ଦକା ନ ଥାଏ । ବଡ଼ ଛାପଖାନାଟାଏ ତ ଅଛି । ପରବାୟ କ'ଣ ! ଖ୍ରୀଷ୍ଟ କଲେଜରେ ସେତେବେଳେ ବିଜ୍ଞାନ ନୂଆ କରି ଖୋଲିଥାଏ । ବିଜ୍ଞାନ ବିଭାଗର ଆମେ ଅଧ୍ୟାପକ ଟୋକା ଟାକଳିଆ । Arts ବିଭାଗର ଅଧ୍ୟାପକମାନେ ବରିଷ୍ଠ ପ୍ରବୀଣ । ଆମେ ଗୁଡ଼ା କନିଷ୍ଠ ନବୀନ ବୟସ, ଜ୍ଞାନ ଗାରିମା ସବୁଥିରେ ବିରାଟ ତଫାତ୍ । ଖ୍ରୀଷ୍ଟ କଲେଜର କଳା ବିଭାଗରେ ଛାତ୍ରମାନେ ବି ବଡ଼ ବଡ଼ ଟୋକାଗୁଡ଼ା । କେହି କେହି ଅଧ୍ୟାପକମାନଙ୍କୁ ବଳି ପ୍ରତ୍ୟୟମାନ ହୁଅନ୍ତି । ଆମ ଭିତରୁ କେତେକ ଖର୍ବକାୟ ଓ ଟୋକାଳିଆ ଚେହେରା ହେତୁ ଛାତ୍ରମାନଙ୍କ ସାଙ୍ଗରେ ପ୍ରାୟତଃ ମିଶିଯାଉ । ଆମକୁ ବା କିଏ କାହିଁକି ଏତେ ଗୁରୁତ୍ୱ ଦିଅନ୍ତା ! ଯଦିଓ ଆମ ମନେ ମନେ ଆମେ 'ଶେର୍' ।

ବିଜ୍ଞାନ ବିଭାଗର ଆମ ଟୋକା ଅଧ୍ୟାପକମାନଙ୍କ ଗୋଟିଏ ଅଲଗା ଗ୍ରୁପ୍ । ଏକାଠି ବସୁ ଏକାଠି ହସୁ । ହେଁ ହେଁ ଫେଁ ଫେଁ ହଉ । ଆମର ଅଲଗା ଆଖଡ଼ା । କିନ୍ତୁ ଏସବୁ ସତ୍ତ୍ୱେ – ବରିଷ୍ଠମାନଙ୍କ ସାମ୍ନାରେ ପଡ଼ିଗଲେ ସତେ ଯେପରି ଦୁଇପତ୍ରିଆ ତୁଳସୀ । ସୁନାପୁଅଗୁଡ଼ା, କିଛି ଜାଣି ନାହୁଁ । ପ୍ରତିବଦଳରେ ସେମାନେ ମଧ୍ୟ ଆମଠାରୁ ବେଶ୍ ଦୂରତ୍ୱ ରକ୍ଷା କରି ଆମକୁ ପିତୃ-ଗୁରୁଜନ ସୁଲଭ ଦୃଷ୍ଟିରେ ରଖିଥାନ୍ତି । ହାବୁଡ଼େ ପଡ଼ିଗଲେ, ଖୁବ୍ ସ୍ନେହସିକ୍ତ ଭାଷାରେ କିପରି ଅଛନ୍ତି ବୋଲି ପଚାରି ଦିଅନ୍ତି । ଖୁବ୍

Digitized by srujanika@gmail.com

ସଂଭ୍ରମରେ ମୁଣ୍ଡ ପଛରେ ହାତ ସାଉଁଳାଇ ସାଉଁଳାଇ 'ସାର୍! ସବୁ ଭଲ' ବୋଲି କହିଦେଇ – କିମିତି ସାମ୍ନାରୁ ଖସିଯିବାର ଉପାୟ ଖୋଜୁ । କଲେଜର ଭଲ ମନ୍ଦ, ଘଟଣ ଅଘଟଣରେ ଆମେ ମୁଣ୍ଡ ପୂରାଉ ନାହିଁ । ସେସବୁ କଥା ବଡ଼ ବଡ଼ିଆତ ତ ବୁଝୁଛନ୍ତି । ଆମକୁ କୋଉ ଲଗା ନା ପଘା । ଆମ ମନ ସବୁବେଳେ କିନ୍ତୁ ଗୋଟାଏ କଥାରେ ବଡ଼ ନିରସ । ଏଡ଼େ ବଡ଼ କଲେଜଟା, ମନ ଫୂର୍ତ୍ତି କରିବା ପାଇଁ ନା ଛାତ୍ର ନା ସହକର୍ମୀ ଗହଣରେ ବିପରୀତ ଲିଙ୍ଗୀଟିଏ ବି ନାହିଁ ! ଧେତ୍ ତେରୀ ! ! ଯୁଆଡ଼େ ଚାହଁ ଖାଲି ରୁଖା ଶୁଖା ଟୋକା । ମନର ସରାଗଟା କିମିତି ଗୋଟାଏ ଆମ୍ବିଳା ହୋଇଯାଏ । ଅନୁଭବୀ ଛଡ଼ା ଆଉ କେହି ବୁଝିପାରିବେନି ସେ କଥା । କପାଳରେ ହାତ ମାରି ଆମେ ଟୋକା (ଅଧ୍ୟାପକ) ଦଳ ଏକାଠି ବସି ଛାତ୍ରମାନଙ୍କର ଦୃଷ୍ଟି ଅନ୍ତରାଳରେ ହେଁ ହେଁ ଫେଁ ଫେଁ ହଉ । ବରିଷ୍ଠ ଆର୍ଟସ ବାଲାଏ ଟିଚରସ୍ କମନ୍‌ରୁମ୍‌ରେ ମିଳିତ ହୋଇ ବିଜ୍ଞ ଆଲୋଚନା, ହସ ଖୁସି କଲାବେଳେ ଆମ୍ଭେମାନେ ଆମର ଯେଝା Laboratoryରେ ବସି ହସଖୁସି କରୁ । ସୁତରାଂ ବରିଷ୍ଠ ଆର୍ଟସବାଲାଙ୍କ ସହିତ ଆମର କଦବା କେମିତି ଭେଟଘାଟ ହୁଏ । ପ୍ରଫେସର ମୁଖାର୍ଜୀ, ଦର୍ଜୀ, ସୁବ୍ରମନ୍ୟମ୍, ବାନାର୍ଜୀ, ଚାଟାର୍ଜୀ, ପଠାଣିବାବୁ, M.N. Roy, ରଙ୍ଗାଧର ଷଡ଼ଙ୍ଗୀ, ଦେବେନ୍ଦ୍ର ମହାନ୍ତି, ସୁରେଶ ନନ୍ଦ – ତହୁଁ ବଡ଼ା, ତହୁଁ ବଡ଼ା ଏମାନେ ସବୁ ବସନ୍ତି Lecturer Common Roomରେ ।

ଆଉ Principal ବ୍ରଜାନନ୍ଦ ମହାନ୍ତି । ଆରେ ବାପ୍‌ରେ ବାପ୍ । ସେ ତ ବାଘ । ଚେହରା, ଠାଣି, ବ୍ୟକ୍ତିତ୍ୱ ସବୁଥିରେ ଶେର୍ । ବାଘକୁ ମଣିଷ କ'ଣ କେବେ ଜଙ୍ଗଲରେ ଭେଟିବାକୁ ଚାହିଁବ । ମୁଁ ଖ୍ରୀଷ୍ଟ କଲେଜରେ Join କରିବା ଦିନଠାରୁ ବ୍ରଜାନନ୍ଦବାବୁ Retire କରିବା ଯାଏ ବୋଧେ ଥରେ ଅଧେ ସାମ୍‌ନା ସାମ୍‌ନି ହୋଇଥିବ । ମୋର ଏବେ ବି ସନ୍ଦେହ ସେ ବୋଧେ ମତେ ଜମା ଚିହ୍ନି ନ ଥିଲେ । ଟାଇ ସୁଟ୍ କୋଟ ପିନ୍ଧି ତାଙ୍କ ସ୍ୱଭାବ ସୁଲଭ ଠାଣିରେ କ୍ଲାସକୁ ଗଲାବେଳେ ଆମେ ସବୁ ଦୂରରୁ ତାଙ୍କୁ ଯେତିକି ଦେଖୁ, ଦର୍କାର ନ ପଡ଼ିଲେ କିଏ କାହା ପାଖକୁ ବା ଯାଏ ! ଆମ ଭଳି ଅର୍ବାଚୀନଗୁଡ଼ାକ ଦେଇ କୋଉ କାମଗୁଡ଼ାକ ହୋଇଯାନ୍ତା ଯେ ପ୍ରିନ୍‌ପାଲ ଆମକୁ ଡାକନ୍ତେ !

କିନ୍ତୁ ସେଇ ବାଘର ପିଞ୍ଜରା ଭିତରେ ଆଉ ଜଣେ ସାହସିଆ ଲୋକ ପ୍ରାୟ ଅଧିକାଂଶ ସମୟରେ ଚଳପ୍ରଚଳ ହେଉଥିବାର ଦେଖାଯାଏ । 'ବାଘ'କୁ ପାଠ ପଢାଉଥିବା ଏ ଲୋକଟି କିଏରେ ବାବା ! ! ମନରେ ସ୍ୱତଃ ଆଗ୍ରହ ଜାତ ହୁଏ ।

Digitized by srujanika@gmail.com

ଏ ଲୋକଟି ସିଏ ଯିଏ ମୋ ଚାକିରୀ ଜୀବନର ପ୍ରାରମ୍ଭରେ ମତେ ଜଣେ ବିଳମ୍ବିତ ପରୀକ୍ଷାର୍ଥୀ ଭାବେ ସ୍ନେହବୋଳା କଣ୍ଠରେ ତାଗିଦ କରି ଦେଇଥିଲେ – ମୋର ବିଳମ୍ବ ପାଇଁ । ତେଣୁ ସେତେବେଳୁ ସେଇ ଭଦ୍ରବ୍ୟକ୍ତିଙ୍କ ବିରୁଦ୍ଧରେ ମୋ ଭିତରେ କିମିତି ଗୋଟାଏ ଗୋଳମାଳିଆ ଧାରଣା ବସା ବାନ୍ଧିଥାଏ । ସମୟାନୁକ୍ରମେ ଜାଣିଲି ସର୍ବଜନପ୍ରିୟ ସର୍ବସାର ବ୍ୟାକରଣର ଲେଖକ ଏଇ ବ୍ୟକ୍ତିଟି ସ୍ୱୟଂ ଶ୍ରୀଧର ଦାସ ମହୋଦୟ ! ତାଙ୍କୁ ମୁଁ ଜଣେ ଅଧ୍ୟାପକ ଭାବରେ ବି ଜାଣିବାର ସୁଯୋଗ ପାଇ ନ ଥିଲି । ମାତ୍ର କଲେଜର ସମସ୍ତ ପ୍ରଶାସନିକ କାମ କରୁଥିବା, ଗଧ ଖଟଣି ଖଟୁଥିବା, ସବୁକିଛି ନିକିଟି ମାଜି ଦେଖୁଥିବା ଜଣେ ଅଫିସ କର୍ମଚାରୀ ବୋଲି ଭାବିଥିଲି । ସେତେବେଳେ ତ Vice Principal କି Burser Post ମଧ୍ୟ କଲେଜରେ ନ ଥିଲା । ଏ ଲୋକଟିକୁ ଯେତେବେଳେ ଦେଖିବ ପ୍ରିନ୍ସପାଲଙ୍କ ରୁମ୍‌ରେ ଅଥବା ଅଫିସ୍ ଭିତରେ ବସି କେତେବେଳେ କ'ଣ ଫାଇଲ ଚାଷ କରୁଥିବେ ତ ପୁଣି କେତେବେଳେ ଲେଖୁଥିବେ । ଟାଇପ୍ କରୁଥିବେ । ପ୍ରିନ୍ସପାଲ ସାହେବୀ ଠାଣିରେ କଲେଜ ଆସି ଠିକ୍ ଟାଇମ୍‌ରେ ଘରକୁ ଯାନ୍ତି । ଅଧ୍ୟାପକମାନେ ଯେଝା ଯେଝା କ୍ଲାସ ସାରି ଟାଇମ୍ ଉପରେ ଘରକୁ ଯାନ୍ତି । ମାତ୍ର ଏଇ ଲୋକଟି । ନା ଖିଆ ନା ପିଆ ମୁହଁକୁ ଶୁଖାଇ ରୁକ୍ଷ ଶୁଷ୍କ ଚେହେରାରେ, ଭୋକିଲା ପେଟରେ ମଝିରେ ମଝିରେ ପାନବଟାରୁ ଖଣ୍ଡିଏ ଲେଖା ଖିଲି କାଢ଼ି କଳରେ ଜାକି ଦେଇ କାମରେ ଲାଗିଥିବେ । ସତେ ଯେପରି କଲେଜର ସମସ୍ତ ଦାୟିତ୍ୱ, ସମସ୍ତ କାମ ଯାଙ୍କର ! ! କଲେଜଟା ଯେପରି ତାଙ୍କରି ମୁଣ୍ଡରେ ଥୁଆ ! ଅନ୍ୟମାନେ ହାଲୁକା ମନରେ ହସଖୁସିରେ ନିଜ ନିଜର କାମ ଦାମ ସାରି ଘରକୁ ବାହୁଡ଼ନ୍ତି ।

ବେଳେ ବେଳେ ମନରେ ଦୟା ଆସେ । ବିଚରା ଏତେ ଖଟୁଛନ୍ତି ! କ'ଣ ଯାଙ୍କର ପୋଜିସନ୍ ? କ'ଣ ଯାଙ୍କର ଦରମା ? କ'ଣ କିଛି Special allowance ପାଆନ୍ତି କି ? ଭାବି ଭାବି ମୁଣ୍ଡ ଗଣ୍ଡଗୋଳିଆ ଧରେ । ଛାଡ଼, ପତ୍ର ଗୋଟାଇବା ଲୋକର ତୋଟା ମୂଲ କରିବା କି ଦରକାର ! ଅନ୍ୟଆଡ଼େ ମୁଁ ମନ ବଳାଏ; ମନର ଭାବନା ମନର ଢାଙ୍କୁଣୀ ଭିତରେ ଚାପି ହୋଇ ରହିଯାଏ ।

ମୁଁ ଖ୍ରୀଷ୍ଟ କଲେଜରେ join କରିବାର ପ୍ରଥମ ଷ୍ଟାଫ ମିଟିଂ ପରେ ମୋର ଧାରଣା ଭିନ୍ନ ମୋଡ଼ ନେଲା । ମନେ ମନେ ତାଙ୍କର ଆକଳନ କରିବା ପାଇଁ ମୋ

Digitized by srujanika@gmail.com

ମନ ଭିତରେ କିଏ ଯେମିତି ଖେଞ୍ଚ ମାରିଲା । ଯାରେ, ଏ ଲୋକ ଏମିତି ସାଦାସିଧା, ଏମତି ବେଶଭୂଷା, ଦେଖିଲେ ଜଣେ ବରିଷ୍ଠ ଅଧ୍ୟାପକ ଭଳି ଦିଶନ୍ତିନି – ଏ ପୁଣି ଏଡ଼େ କର୍ମଯୋଗୀ, କର୍ତ୍ତବ୍ୟ ପରାୟଣ ଓ ନିରଳସ ବ୍ୟକ୍ତିତ୍ୱର ଅଧିକାରୀ !! ପ୍ରଫେସର କହିଲେ ମୋ ଆଖିରେ ପ୍ରିନ୍ସପାଲ ବ୍ରଜାନନ୍ଦ ବାବୁଙ୍କ ଭଳି କୋଟସୁଟ୍ ଟାଇ ପିନ୍ଧା ବ୍ୟକ୍ତିଙ୍କ ଚେହେରା ଭାସି ଆସେ । ମାତ୍ର ଖଣ୍ଡିଏ ମାନଧାତା ଅମଳର ପୁରୁଣା ସାଇକେଲ ଚଢ଼ାଳି, ଧୋତିସାଟ୍ ପିନ୍ଧା, ତା' ଉପରେ ପୁଣି କୋଟ ଓ ତା' ସାଙ୍ଗକୁ ଗୋଡ଼ରେ ହାଫ୍ ସୁ ହଳେ– ଛି ! ଛି ! ଏପରି ଜଣେ ବ୍ୟକ୍ତିଙ୍କୁ ଜଣେ ବରିଷ୍ଠ ପ୍ରଫେସର ଭାବେ ଗ୍ରହଣ କରିବାକୁ ମୋର ମନ ଏକଦମ୍ ନାରାଜ; କ'ଣ କରିବି ଆଜ୍ଞା ! ଯା ହେଉ ଯେତେବେଳେ ପ୍ରଥମ ଷ୍ଟାଫ ମିଟିଂରୁ ଅନୁଭୂତି ନେଇ ଫେରିଲି, ଭାବିଲି, ଆରେ ସେଇ ଲୋକଟି ସମସ୍ତଙ୍କ ପୁରୋଭାଗରେ ! Resolution dictation ଦେବେ ସେଇ, Resolution ପଢ଼ିବେ ସେଇ ଓ ତାକୁ ପୁଣି ଗୋଟି ଗୋଟି କରି ତର୍ଜମା କରି ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ସମସ୍ତ discussion open କରିବେ ସେଇ । ତା' ପୁଣି ସରଳ ସୁନ୍ଦର ସାବଲୀଳ ଇଂରାଜୀ ଭାଷାରେ ଏବଂ ଅନର୍ଗଳ ଭାବରେ । ଏ ତ ବେଶ୍ ସବୁଥିରେ ପାରଙ୍ଗମ, ଧୂରୀଣ । ଆମେ ତ ମୂର୍ଖଗୁଡ଼ାକ ଇଂଲିଶ୍‌ରେ ଭଲକରି ପଦେ କହିବାକୁ ଛାତିରୁ ଦଶ ଅତଡ଼ା ଖସି ସାରିଥିବ ! ଏ ସାଦାସିଧା କଚ୍ କଚ୍ ପାନଖିଆ ଲୋକଟିର ପୁଣି ଏତେ ମାହାତ୍ମ୍ୟ !!

ହଠାତ୍ ତାଙ୍କ ପ୍ରତି ମୋର ସମ୍ମାନବୋଧ ବଢ଼ିଗଲା ଓ ତାଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବା ପାଇଁ ମୋର ଆଗ୍ରହ ମଧ୍ୟ ବଢ଼ିଗଲା । ସେଇଦିନୁ ମୁଁ ତାଙ୍କୁ କିଛି ବ୍ୟଙ୍ଗ, କିଛି ସମ୍ମାନ ମିଶା ମୋର ଖାସ୍ ନିଜସ୍ୱ "ସର୍ବସାର ଶ୍ରୀଧର" ଉପାଧିରେ ଭୂଷିତ କଲି । ଟୋକା ଅଧ୍ୟାପକମାନଙ୍କୁ ଏକାଠି ବସାଇ ମୁଁ ବଡ଼ ଫାଜିଲାମିରେ କହେ – "ଆରେ, ଦେଖରେ ଇଏ ହେଲେ ସର୍ବସାର ଶ୍ରୀଧର" । ସମସ୍ତେ ମଜାରେ ଠୋ ଠୋ ହସି ମୋତେ ହାର୍ଦ୍ଦିକ ସମର୍ଥନ ଜଣାନ୍ତି । ପୁଣି ବାହାଦୁରିଆ କଥା ବକୁ ବକୁ କହେ – "ଆରେ ପିଲାଏ, ଆମେ ଗୁଡ଼ା ସବୁ ଅସାର ! ଏ ହେଉଛନ୍ତି ସର୍ବସାର !! ବ୍ୟାକରଣ ଲେଖିଲେ ସର୍ବସାର, ସବୁ ଅଧ୍ୟାପକମାନଙ୍କ ଭିତରେ ଏ ସାର୍ ସବୁକଥାରେ ସମସ୍ତଙ୍କଠାରୁ ଆଗୁସାର । ପ୍ରିନ୍ସପାଲଙ୍କ ଭରସା ଭାବରେ ଏ ସବୁଠୁ ସାର, କଲେଜର କାମଦାମ ବୁଝିବାରେ ବି ସାର । ପାଠପଢ଼ା, ଅଫିସକାମ, ସବୁଥିରେ ଇଏ ସାର୍ ।

Digitized by srujanika@gmail.com

ତେଣୁ ଏ ହେଲେ 'ସର୍ବସାର ଶ୍ରୀଧର' । କଲେଜର ଯେତେବେଳେ ଯେଉଁ କାମ, ପରୀକ୍ଷା, ଷ୍ଟାଫ ମିଟିଂ, ଷ୍ଟାଫ କାଉନ୍‌ସିଲ, ଅନ୍ୟାନ୍ୟ ସଭା ସମିତି, ସବୁଥିରେ ଶ୍ରୀଧରବାବୁ ଆଗୁଆ । ସିଏ ଆଗ ଆରମ୍ଭ କରିବେ । ଆମେ ସବୁ ସେତେବେଳେ Back benchers. ପଛବେଞ୍ଚରେ ବସିଥିବୁ, ମୁଁ ସମସ୍ତଙ୍କୁ ଚୁମୁଟି ଦେଇ କହେ – ହଇରେ ଆସିଗଲେ ଆମ ସର୍ବସାର ଶ୍ରୀଧର । କାଳକ୍ରମେ ଓ ବିବିଧ ଘଟଣା ପ୍ରସଙ୍ଗରେ ଶ୍ରୀଧର ବାବୁଙ୍କ ସାଙ୍ଗରେ ମିଶିବାର ସୁଯୋଗ ସୃଷ୍ଟି ହେଲା । କିନ୍ତୁ ପରିତାପର ବିଷୟ ଆମଠାରୁ ବହୁ ସିନିଅର ଆର୍ଟସ ଅଧ୍ୟାପକମାନଙ୍କୁ ସେ ନାଁ ଧରି ତୁମେ କହୁଥିବା ବେଳେ ଆମ ବିଜ୍ଞାନ ବିଭାଗର ଟୋକା ଅଧ୍ୟାପକଗୁଡ଼ାଙ୍କୁ 'ଅମୁକ ବାବୁ ଆପଣ' ବୋଲି ସମ୍ବୋଧନ କରନ୍ତି । ଆମେ ଯେ ତାଙ୍କର ଯଥାନୁରୂପ ନିକଟତର ହୋଇପାରିନୁ ଏହା ସୂଚାଇ ଦେଉଥିଲା । ମାତ୍ର ତାଙ୍କର ସେହି 'ଆପଣ' ସମ୍ବୋଧନଟା ଆମକୁ ବିଶେଷ କରି ମତେ ମାଡ଼ି ପଡ଼େ ବୋଲି ମୁଁ ଅନୁଭବ କରେ । ଅବଶ୍ୟ ତାହା ତାଙ୍କର ପରମ ଭଦ୍ରାମି ଓ ମହନୀୟତାର ପରିଚାୟକ ।

ସ୍ୱନାମସିଦ୍ଧ ଶ୍ରୀଜଗନ୍ନାଥ ପ୍ରସାଦ (ମୋଠାରୁ ସିନିଅର) ଯେତେବେଳେ I.A.S. ପାଇଲେ ଓ ମୁଁ ଜାଣିଲି ଯେ ସେ ସାରଙ୍କର ସୁଯୋଗ୍ୟ ଜ୍ୟେଷ୍ଠପୁତ୍ର, ମୋର ଅଜାଣତରେ ସାରଙ୍କ ପ୍ରତି ମୋର ଖାତିରଟା ସ୍ୱତଃ ବହୁଗୁଣିତ ହୋଇଗଲା । ମନେ ମନେ ଭାବିଲି ସୁଯୋଗ୍ୟ, କର୍ମଠ ପିତାଙ୍କର ସୁଯୋଗ୍ୟ ସନ୍ତାନ । ସାରଙ୍କର ତିନିଜଣ ଯାକ ପୁତ୍ର ସ୍ୱ ସ୍ୱ କ୍ଷେତ୍ରରେ ବିଶିଷ୍ଟ ପଦମର୍ଯ୍ୟାଦାଧାରୀ ଓ ସମାଜରେ ସୁପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ସାରଙ୍କ ପ୍ରତି ବିଭୁକୃପାର ଏହା ହିଁ ତ ପ୍ରକୃଷ୍ଟ ନିଦର୍ଶନ ।

ବିଳାସ ବ୍ୟସନର ଦ୍ୱାର ଜମା ନ ମାଡ଼ି, ସଦାସର୍ବଦା ଏକ ନିରଳସ, ନୀତିନିଷ୍ଠ ସଚ୍ଚା ଆଦର୍ଶବାଦୀ ମାନବ ଜୀବନକୁ ପାଥେୟ କରି, ଆରାମ ହାରାମ୍ ହେଉ ଜୀବନର ମାର୍ଗ ରୂପେ ବାଛି ନେଇଥିଲେ ସେ । ଅନାହୂତ, ଅଯାଚିତ ଭାବରେ ଅନ୍ୟର ଭଲମନ୍ଦ ବୁଝି ତାକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବା ତାଙ୍କ ସୁମହତ ମାନବବାଦୀ ଜୀବନର ଏକ ନିଛକ ନିଦର୍ଶନ ।

ଅଧୁନା ସମାଜର ମାରପେଞ୍ଚ ରୀତିରେ ବହୁ ଅପାରଗ ଅବାଞ୍ଛିତ ବ୍ୟକ୍ତିତ୍ୱ ସମାଜର ବିଭିନ୍ନ କ୍ଷେତ୍ରରେ ତଥାକଥିତ ଉତ୍କର୍ଷତାର ଅଧିକାରୀ ହେଉଥିବା ବେଳେ ଜଣେ ଜ୍ଞାନୀ ଗୁଣୀ ତଥା ବରିଷ୍ଠ ଅଧ୍ୟାପକର ଅହଙ୍କାର ନ ଥାଇ ଅଥବା ଜଣେ ସ୍ୱନାମଧନ୍ୟ ଲେଖକ

Digitized by srujanika@gmail.com

ହେବାର ବାସନା କାମନା ପୋଷଣ ନ କରି ମଧ୍ୟ ସଫଳତାର କଷଟି ପଥରରେ କର୍ଷିତ ହୋଇ ଶ୍ରୀଧର ଦାସେ ଆଜି ପର୍ଯ୍ୟନ୍ତ ଉତ୍କର୍ଷତାର ଧ୍ୱଜାଧାରୀ ରୂପେ ବିଦ୍ୟମାନ । କର୍ମ ହିଁ ଥିଲା ତାଙ୍କ ଜୀବନର ଶ୍ରେୟ ଓ ଧ୍ୟେୟ । ବିବର୍ଜିତ ବାହ୍ୟାଡମ୍ବର, ମାର୍ଜିତ, ସରଳବିଶ୍ୱାସ ସେହି ସର୍ବସାର ଶ୍ରୀଧର ବିନୟୀ, ଭଦ୍ର ଓ ପରମ ସ୍ନେହୀ ଥିଲେ ମଧ୍ୟ ଶୃଙ୍ଖଳାରକ୍ଷା ତଥା ନିୟମକାନୁନ୍ ଓ ତ୍ରୁଟି ବିଚ୍ୟୁତିରେ କଠୋରତା ପ୍ରଦର୍ଶନ କରିବାରେ ଆଦୌ ପରାଙ୍ମୁଖ ନ ଥିଲେ । ଏହା ହିଁ ତାଙ୍କର ଚରିତ୍ରର ଏକ ବୈଶିଷ୍ଟ୍ୟ ଓ ପରସ୍ପର ବିରୋଧୀ ବ୍ୟକ୍ତିତ୍ୱର ଏକ ସାର୍ଥକ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଖ୍ରୀଷ୍ଟ କଲେଜର ସହକାର ବୃକ୍ଷ ପରିବେଷ୍ଟିତ ନୈସର୍ଗିକ ଛାୟାଶୀତଳ ପରିବେଶ; ତାହାରି ଅକୁଳଷ ନିରୁତା ଆତ୍ମୀୟତାଭରା ଆନନ୍ଦମୁଖର କର୍ମକ୍ଷେତ୍ର ଓ ସର୍ବୋପରି ସାରସ୍ୱତ ରସସିକ୍ତ ଚିନ୍ତା ଓ ଚେତନାର ବିହ୍ୱଳତା ଶ୍ରୀଧରବାବୁଙ୍କର ପୁଣ୍ୟତୋୟା ଜୀବନଧାରାକୁ ଜାଜ୍ୱଲ୍ୟମାନ କରି ଗଢ଼ି ତୋଳିଥିଲା । ମୋର ବନ୍ଧୁ ଅଗ୍ରଜ ପ୍ରତିମ, ଆମ ଖ୍ରୀଷ୍ଟ କଲେଜର ପ୍ରାକ୍ତନ ଉପାଧ୍ୟକ୍ଷ ଶ୍ରୀ ଚନ୍ଦ୍ରଶେଖର ମହାପାତ୍ର ତାଙ୍କର ଗୁରୁ-ସହକର୍ମୀ-ସାରଙ୍କ ପ୍ରତି ଭକ୍ତି ଅର୍ଘ୍ୟ ଅର୍ପଣ କରି ଏକଦା ଲେଖିଛନ୍ତି x x x ତାଙ୍କର ବ୍ୟକ୍ତିତ୍ୱ ଥିଲା ଜ୍ଞାନର ଏକ ସୁରମ୍ୟ ସରୋବର । ଏହାର ତଟ-ସୋପାନରେ ବସି ମୁଁ କେବଳ ବିମୁଗ୍ଧ ହୋଇଛି । କିନ୍ତୁ ସେଥିରୁ ପଦ୍ମଚୟନ କରିପାରି ନାହିଁ ।"

ବନ୍ଧୁ ଚନ୍ଦ୍ରଶେଖର ଜଣେ ପୋଖତ ପହଁରାଳୀ, ଗଭୀର ଜଳକୁ ତାଙ୍କର ପରବାୟ ନାହିଁ । ମାତ୍ର ମୋ ଭଳି ଆଣ୍ଠୁଏ ପାଣିରେ ବୁଡ଼ିମଲା ଲୋକ ଏଡ଼େ ବଡ଼ ସରୋବର ପାଖକୁ ଯାଆନ୍ତା ବା କେମିତି ! ତେଣୁ ପଦ୍ମଫୁଲ ଚୟନ ତ ଦୂରର କଥା, ଦର୍ଶନ ବି ମୋ ଭାଗ୍ୟରେ କାହିଁ ଜୁଟନ୍ତା ! କବିସମ୍ରାଟଙ୍କ ଭାଷାରେ – ନାରିକେଳ ଯେ ରସପୂର, ଭକ୍ଷି ନ ପାରଇ ବାନର ।" ହାୟରେ ! ଆମେ ବାନର ଦଳ ! ତାଙ୍କୁ ତାଙ୍କର ସାଙ୍ଗସାଥୀ ବରିଷ୍ଠ ଅଧ୍ୟାପକମାନେ 'ଚଳନ୍ତି ଜ୍ଞାନକୋଷ' (Mobile Encyclopaedia) ବୋଲି ସମ୍ମାନବୋଧ ସୂଚକ ପରିହାସ କରୁଥିଲେ । ପ୍ରକୃତରେ ସେ ଥିଲେ ବିବିଧ ଜ୍ଞାନର ଏକ ଭରପୂର ଭଣ୍ଡାର । ତାଙ୍କର ଅମାୟିକ ବ୍ୟବହାର, ବିଦ୍‌ବତ୍ତା, ଇଂରାଜୀ, ଓଡ଼ିଆ, ସଂସ୍କୃତ, ହିନ୍ଦୀ ଓ ବଙ୍ଗଳା ଭାଷାରେ ପାରଦର୍ଶିତା ତାଙ୍କୁ ଜ୍ଞାନ ଗାରିମାର ଚରମ ଶିଖରକୁ ଟେକି ଦେଇଥିଲା । ବହୁ ପ୍ରସିଦ୍ଧ ଇଂରାଜୀ ତଥା ସଂସ୍କୃତ ସାହିତ୍ୟର ଅବୋଧ ଗ୍ରନ୍ଥସବୁକୁ ଓଡ଼ିଆରେ ଅନୁବାଦ କରି ସେ ଓଡ଼ିଆ ଅନୁବାଦ ସାହିତ୍ୟକୁ ପରାକାଷ୍ଠାର ଚରମ ସୀମାରେ ପହଞ୍ଚାଇ ଦେଇ ପାରିଛନ୍ତି ।

Digitized by srujanika@gmail.com

ଆଜି ସେଇ ସାର୍, ମୋର 'ସର୍ବସାର ଶ୍ରୀଧର'ଙ୍କ ସ୍ମୃତି ମନକୁ ମୋର ଦହନ କରୁଅଛି । କବିଙ୍କ ଭାଷାରେ –

"ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର
ଫିଙ୍ଗି ପାରିଲେ ସେତ ଲଭନ୍ତା ନିସ୍ତାର ।"

ମୋର ଅବସର ପ୍ରାପ୍ତ ଜୀବନର ଅୟମାରମ୍ଭରେ "ଖ୍ରୀଷ୍ଟ କଲେଜ ଜୀବନ' ସ୍ମୃତିର ରୋମନ୍ଥନ କଲାବେଳେ ଅତୀତର ସମସ୍ତ ଚିତ୍ରପଟ ଗୋଟି ଗୋଟି ହୋଇ ମାନସବକ୍ଷରେ ଭାସି ଉଠୁଛନ୍ତି । ଜୀବନର ଚୋରାବାଲି ଉପରେ ଚାଲୁ ଚାଲୁ ମଣିଷ ହଠାତ୍ କେତେବେଳେ ନିଜକୁ ହଜାଇ ନିଜେ ତାହା ଜାଣିପାରେନା । ବହୁ ପ୍ରବୀଣ, ପୁରାତନ ଏମିତି ବି ହଜିଗଲେଣି ଆଜି । କିନ୍ତୁ ପଡ଼ି ରହିଛି ସେମାନଙ୍କର ଅସୁମାରୀ ସୁସ୍ପଷ୍ଟ ପଦଚିହ୍ନ । ସେଗୁଡ଼ିକୁ ସୁରକ୍ଷିତ ରଖିବା ଆମର ନୈତିକ କର୍ତ୍ତବ୍ୟ ।

ପରିଶେଷରେ –

ସର୍ବସାର ବ୍ୟାକରଣର ସଙ୍କଳନ, ସର୍ବସାର ପ୍ରତିଭାର ଆହରଣ, ସର୍ବସାର ମାନବିକତାର ବିସ୍ଫୋରଣ ତାଙ୍କୁ 'ସର୍ବସାର ଶ୍ରୀଧର' ଉପାଧିରେ ବିଭୂଷିତ କରିପାରିଅଛି । ଏକଦା ମୋର ଯୌବନର ସେଇ ଫାଜିଲାମିଆ ବ୍ୟଙ୍ଗୋକ୍ତି ଯେ ଆଜି ପରବର୍ତ୍ତୀ କାଳରେ ଏକ ଯଥାର୍ଥ ସମ୍ମାନବୋଧକ ଉପାଧିର ସାର୍ଥକତା ପ୍ରତିପାଦିତ କରିଅଛି– ସେଇ ଉପଲବ୍ଧିରେ ହିଁ ମୋର ଅପାର ଆନନ୍ଦ ।

ସେହି ପରମ ପୂଜନୀୟ ପିତୃବତ୍ ସ୍ୱର୍ଗୀୟ ଶ୍ରୀଧର ଦାସଙ୍କ ମହାନ ଆତ୍ମା ଉଦ୍ଦେଶ୍ୟରେ ସମସ୍ତ କ୍ଷମାପ୍ରାର୍ଥନା ପୂର୍ବକ ମୋର ସଭକ୍ତି ପ୍ରଣତି ଢାଳି ମୋର ଅମାନିଆ କଲମ ଚାଳନାକୁ ସାଙ୍ଗ କରୁଛି । କବିବରଙ୍କ ଲେଖନୀ ପ୍ରସୂତ ସାର୍ଥକ ବାଣୀ –

"ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
କିନ୍ତୁ ଯଶୋଦେହେ ତୁମେ ଆୟୁଷ୍ମାନ ।"

ସହସ୍ର ବଜ୍ର କଣ୍ଠରେ ନିନାଦିତ ହୋଇ ତାଙ୍କର ଅମର ଆତ୍ମାକୁ ତରଙ୍ଗାୟିତ କରୁ । ଏତିକି କାମନା ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ଆଲିଶାବଜାର, କଟକ

■■■

Digitized by srujanika@gmail.com

ଶିକ୍ଷା, ଶିକ୍ଷାବିତ୍ ଓ ଶିକ୍ଷକ – ସାହିତ୍ୟିକ ଶ୍ରୀଧର ଦାସ : ଏକ ମନ୍ମୟ ଦୃଷ୍ଟିପାତ

ପ୍ରଫେସର ବୈଷ୍ଣବ ଚରଣ ସାମଲ

ଶିକ୍ଷା ଏକ ତପସ୍ୟା, ଏକ ଜାତୀୟ ସଂକଳ୍ପ, ଏକ ମାନବୀୟ ପ୍ରତିଶ୍ରୁତି । ଶିକ୍ଷା ହିଁ ବିଦ୍ୟା ଏବଂ ତାହା ହିଁ ବିଦ୍ୟା ଯାହା ମଣିଷ ହୃଦୟରୁ ସକଳ ସଂକୀର୍ଣ୍ଣତା, କ୍ଷୁଦ୍ରତା, ତୁଚ୍ଛତାକୁ ଦୂରେଇ ଦେଇ ହୃଦୟକୁ ପ୍ରସାରିତ କରିଦିଏ । 'ସା ବିଦ୍ୟା ଯା ବିମୁକ୍ତୟେ' । ବିଦ୍ୟା ମଣିଷ ତିଆରି କରେ । ମଣିଷକୁ ପୂର୍ଣ୍ଣତା ଅଭିମୁଖରେ ଆଗେଇ ନିଏ । ମଣିଷ ଭିତରେ ଯେଉଁ ଅହଂକାର, ବଳ, ଦର୍ପ, କାମ, କ୍ରୋଧ, ପରିଗ୍ରହ ଭାବନା ରହିଛି ତାହାକୁ ବିଦ୍ୟା ବା ଶିକ୍ଷା ଦୂର କରି ଦିଏ ଓ ମଣିଷକୁ କରେ ଉଦାର । ବିଦ୍ୟା ବଳରେ ମଣିଷ ଆତ୍ମଦର୍ଶୀ ହୁଏ, ଆତ୍ମା ସହିତ ସାକ୍ଷାତକାର କରେ ଓ ନିଜ ଆତ୍ମାକୁ ଜାଣିଲା ପରେ ସେହି ଏକ ଆତ୍ମାକୁ ସକଳ ଘଟରେ ଦେଖେ । ଏପରି ମଣିଷ ପାଖରେ ରାଜା ବଡ଼ ନୁହେଁ, କ୍ଷମତାଧର ବଡ଼ ନୁହେଁ, ଧନୀ ବଡ଼ ନୁହେଁ, ସିଂହାସନ ବଡ଼ ନୁହେଁ; ବଡ଼ କେବଳ ଉଦାର ହୃଦୟ ମଣିଷ । ଏପରି ମଣିଷ ସତ୍ୟନିଷ୍ଠ ହୁଏ, ଦୟା ଓ କ୍ଷମାକୁ ଜୀବନର ବ୍ରତ କରିନିଏ, ଶାନ୍ତିର ଉଦାତ୍ତ ମନ୍ତ୍ର ଉଚ୍ଚାରଣ କରେ । ସେ ନିର୍ଭୀକ ହୁଏ । ଅନ୍ୟାୟ ଓ ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରେ । ସ୍ୱାଭିମାନବୋଧରେ ସେ ହୁଏ ଦୀପ୍ତିମାନ । ସେ ହୁଏ କର୍ମଯୋଗୀ । ଯେଉଁ କର୍ମ ବ୍ୟକ୍ତିସ୍ୱାର୍ଥ ରହିତ ଓ ସମଗ୍ର ମଙ୍ଗଳ ପାଇଁ ଅଭିପ୍ରେତ ସେହି କର୍ମକୁ ସେ ବରଣ କରିଦିଏ । ବିଦ୍ୱାନ ବ୍ୟକ୍ତି କର୍ମ ସହିତ ଜ୍ଞାନକୁ ସ୍ୱାଗତ କରେ । ସେହି ଜ୍ଞାନ ଶ୍ରଦ୍ଧାରୁ ଉତ୍ପତ୍ତି ହୁଏ । ଶ୍ରୀମଦ୍‌ଭଗବତ ଗୀତାରେ ତେଣୁ କୁହାଯାଇଛି – "ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍ ତତ୍ପରଃ ସଂଯତେନ୍ଦ୍ରିୟଃ / ଜ୍ଞାନଂ ଲବ୍ଧ୍ୱା ପରଂ ଶାନ୍ତିମଚିରେଣାଧିଗଚ୍ଛତି" । କର୍ମ ଓ ଜ୍ଞାନର ସମନ୍ୱୟରେ

Digitized by srujanika@gmail.com

ଜୀବନ ହୁଏ ପରିପୂର୍ଣ୍ଣ । ଏପରି ମଣିଷ ହୁଏ ଧୀର ପ୍ରଶାନ୍ତ କର୍ମପ୍ରବଣ ଓ ଜ୍ଞାନନିଷ୍ଠ । ଏହିପରି ଜଣେ ମଣିଷ ପରି ମଣିଷ, ଏକାଧାରରେ କର୍ମଯୋଗୀ ଓ ଜ୍ଞାନଯୋଗୀ ଅଧ୍ୟାପକ ଶ୍ରୀଧର ଦାସ । ଦାରିଦ୍ର୍ୟର ତୀବ୍ର କଷାଘାତ ଭିତରେ ତାଙ୍କର ଜନ୍ମ । କୈଶୋର ଓ ଯୌବନରେ ଦାରିଦ୍ର୍ୟ ହୋଇଛି ତାଙ୍କର ସହଚର । ଅଥଚ ସେ ଦାରିଦ୍ର୍ୟ ପାଇଁ ଆଦୌ ବିଚଳିତ ହୋଇ ନାହାନ୍ତି । ଅଜାଣତରେ ତାଙ୍କ ଭିତରେ ସଂକଳ୍ପ ସୃଷ୍ଟି ହୋଇଗଲା – ଲକ୍ଷ୍ୟ ମହତ୍ ଥିଲେ ଉପାୟ ଆପେ ଆପେ ଆସିଯାଏ । ଅନ୍ଧାର ଭିତରେ ବାଟ ଦିଶିଯାଏ । ଦାରିଦ୍ର୍ୟ, ସଂକଳ୍ପବଦ୍ଧ ମଣିଷର ପଥରୋଧ କରିପାରେ ନାହିଁ । ବରଂ ତଜ୍ଜନିତ ସଂଘର୍ଷ ଓ ସଙ୍କଟ ତା' ଭିତରେ ଜିଜ୍ଞାସାକୁ ତୀବ୍ରତର କରିଦିଏ ଓ ସେ ଆଗେଇଯାଏ ତା'ର ଲକ୍ଷ୍ୟପଥରେ । ତା' ମସ୍ତକ ଉପରକୁ ଲମ୍ୱି ଆସେ ଈଶ୍ୱରଙ୍କ ବରଦ ହସ୍ତ । ଅଯାଚିତ ଭାବରେ ସେ ପାଇ ଯାଉଥାଏ କେତେ କେତେ ମହାନ ବ୍ୟକ୍ତିଙ୍କ ସାହାଯ୍ୟ । ତା'ର ମେଧାଶକ୍ତିର ବିକାଶ ଘଟୁଥାଏ । ମେଧା ବଳରେ ସେ ପ୍ରିୟଭାଜନ ହୋଇଯାଉଥାଏ ସମସ୍ତଙ୍କର । ଶ୍ରୀଧର ଦାସ ଏହିପରି ଜଣେ ନିରଳସ, କର୍ମ-ତପସ୍ୱୀ; ଜ୍ଞାନ-ତପସ୍ୱୀ ମଧ୍ୟ । ତାଙ୍କ ଆତ୍ମଚରିତ 'ସୁଅ ମୁହଁର ପତର' ତାଙ୍କ ସଙ୍କଟ-ସଂଘାତ-ମଣ୍ଡିତ ଜୀବନଚର୍ଯ୍ୟାର ଏକ ମାର୍ମିକ ଆଲେଖ୍ୟ ।

-୧-

୧୯୮୨ ମସିହାରେ ଆତ୍ମଚରିତ ଲେଖିଲା ବେଳେ ନିବେଦନରେ ସେ ଲେଖିଥିଲେ ଯେକେହି ହୁଏତ ତାଙ୍କୁ ପ୍ରଶ୍ନ କରିପାରନ୍ତି – "ମହା ମହା ଦ୍ରୁମ ସମୟ ସାଗରର ଅତଳ ଗର୍ଭରେ ଲୀନ ହୋଇ ଯାଉଥିବା ବେଳେ ନଗଣ୍ୟ ସୁଅ ମୁହଁର ପତରର ଅବତାରଣା କାହିଁକି ?" ଆତ୍ମଚରିତଟିଏ ଲେଖିବାକୁ ଗଲାବେଳେ ସେ ଆଦୌ ଚିନ୍ତା କରି ନାହାନ୍ତି ଯେ ଏଥିରେ ଆତ୍ମବିସ୍ତାର, ଆତ୍ମଶ୍ଳାଘା ବା ଆତ୍ମପ୍ରୌଢ଼ି ଉପରେ ଗୁରୁତ୍ୱ ଦେବେ । ସେ ଜାଣନ୍ତି ଏସବୁ ଆତ୍ମଚରିତର ପରିପନ୍ଥୀ । ତେଣୁ ସେ ଯାହା ତାହା ହିଁ ଏଥିରେ ବର୍ଣ୍ଣନା କରିଛନ୍ତି । କୌଣସି କଥା ଲୁଚାଇବାକୁ ଚେଷ୍ଟା କରି ନାହାନ୍ତି । ମୃତ୍ୟୁ (୧୯୮୮)ର ଗୋଟିଏ ବର୍ଷ ପୂର୍ବରୁ ୧୯୮୭ ମସିହାରେ ଡ. ରବି ନାରାୟଣ ମହାରଣା ତାଙ୍କ ବକ୍ତବ୍ୟକୁ ଟେପରେକର୍ଡ଼ କରିଥିଲେ । ଏହି ବକ୍ତବ୍ୟରେ ସେ ମହାଭାରତର କର୍ଣ୍ଣଙ୍କ ଉକ୍ତିକୁ ଉଦ୍ଧାର କରି କହିଥିଲେ ଯେ ମଣିଷର ଜନ୍ମ ତା'ର

Digitized by srujanika@gmail.com

ଅଧୀନ ନୁହେଁ; ଦୈବର ଅଧୀନ; ମାତ୍ର ତା'ର ପୌରୁଷ ବା ପୁରୁଷକାର ନିଜର ଆୟତ । ଏହି ପ୍ରସଙ୍ଗରେ ସେ ଯେପରି ମଣିଷର ଜନ୍ମ, ମୃତ୍ୟୁ, ଆତ୍ମା ସମ୍ପର୍କରେ ଯେଉଁ ଚିନ୍ତନ ପ୍ରକଟ କରିଛନ୍ତି, ସୁଖ ଦୁଃଖ ଭୋଗର କାରଣ ଉଲ୍ଲେଖ କରିବାକୁ ଯାଇ ଯେପରି ଜନ୍ମ ଜନ୍ମାନ୍ତର ସମ୍ପର୍କରେ ବିଶ୍ଳେଷଣ କରିଛନ୍ତି, ପୁନର୍ଜନ୍ମ ବିଷୟରେ ଯେପରି ଭାରତୀୟ ଦର୍ଶନକୁ ଆଧାର କରି ନିଜର ବକ୍ତବ୍ୟ ପ୍ରଦାନ କରିଛନ୍ତି ଓ ସର୍ବୋପରି ଭାରତର ବୌଦ୍ଧିକତା ବା ଚିନ୍ତାର ମହତ୍ତ୍ୱକୁ ଯେପରି ଦର୍ଶାଇ ଦେଇଛନ୍ତି, ଗୀତାକୁ ଯେପରି ଭାବରେ ଧର୍ମନିରପେକ୍ଷ ମାନବ କଲ୍ୟାଣକାମୀ ତତ୍ତ୍ୱ ଭାବରେ ବିଚାର କରିଛନ୍ତି, ଗୀତାର ଉପଦେଶ ଅନୁସାରେ ବିବେକ ବିଚାରରେ କର୍ତ୍ତବ୍ୟ ନିର୍ଦ୍ଧାରଣ ଉପରେ ଯେପରି ଗୁରୁତ୍ୱ ଦେଇଛନ୍ତି ତାହା ବାସ୍ତବିକ ତାଙ୍କ ପ୍ରଜ୍ଞାର ନିଦର୍ଶନ । ବିବେକ ଉପରେ ନିର୍ଭର କରି କର୍ତ୍ତବ୍ୟ ପାଳନ କଲାବେଳେ ଯଦି ପ୍ରାଣ ଚାଲିଯାଏ ସେଥିରେ ଦୁଃଖ କରିବାର କିଛି ଆବଶ୍ୟକତା ନାହିଁ । ବରଂ ତାହା ହିଁ ଆମର ସ୍ୱଧର୍ମ । ତେଣୁ ସେ କହନ୍ତି – 'ଏହି ପ୍ରକାରରେ ଯେଉଁ କର୍ତ୍ତବ୍ୟ, ସେହି କର୍ତ୍ତବ୍ୟ ଦୃଷ୍ଟିରୁ ନିଜେ ନିଜକୁ ଦେଖିବା ଦରକାର । ମୁଁ ପୃଥିବୀକୁ ଆସିଛି । ମୋର କର୍ତ୍ତବ୍ୟ ଯାହା, ତାହା ମୁଁ କେତେଦୂର ପାଳନ କରିଛି; ସେଇଟା ହିଁ ହେଉଛି ବଡ଼ କଥା । ଯଦି ମୁଁ ନିଜର କର୍ତ୍ତବ୍ୟରେ ହେଳା କରିଛି, ତାହାହେଲେ ମୁଁ ଈଶ୍ୱରଙ୍କ ନିକଟରେ ଦ୍ରୋହୀ । ଈଶ୍ୱର ମୋତେ ଯେଉଁ ଶକ୍ତି ଦେଇ ବା ଯେଉଁ ଉଦ୍ଦେଶ୍ୟରେ ମୋତେ ଏହି ପୃଥିବୀକୁ ପଠାଇଥିଲେ, ତାହା ମୁଁ କରି ପାରିଲି ନାହିଁ । ତେଣୁ ମୁଁ ଏଠି ଦୋଷୀ ବୋଲି ନିଜକୁ ସ୍ୱୀକାର କରିବାକୁ ବାଧ ହେଲି ।' ସ୍ୱର୍ଗତ ଦାସ ଆପଣାର କର୍ତ୍ତବ୍ୟ ଜୀବନସାରା ଠିକ୍ ଭାବରେ ପାଳନ କରିଛନ୍ତି । ପୁତ୍ର ଭାବରେ ପିତାଙ୍କ ନିକଟରେ ଯେପରି କର୍ତ୍ତବ୍ୟ କରିଛନ୍ତି, ସେହିପରି ପରିବାରର ସଦସ୍ୟମାନଙ୍କ ନିକଟରେ ସେହିପରି କର୍ତ୍ତବ୍ୟ ପାଳନ କରିଛନ୍ତି । ନିଜର ପତ୍ନୀ ଓ ସନ୍ତାନମାନଙ୍କ ଦାୟିତ୍ୱ ମଧ ନେଇଛନ୍ତି । ଜଣେ ଆଦର୍ଶ ଶିକ୍ଷକ ଭାବରେ ବିଭିନ୍ନ ସ୍କୁଲରେ ଯେପରି ନିଜର କର୍ତ୍ତବ୍ୟ ପାଳନ କରିଛନ୍ତି ଠିକ୍ ସେହିପରି ବଉଦରେ ଜଣେ ଶିକ୍ଷା ବିଭାଗର ଅଧିକାରୀ ଭାବରେ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି । ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ ଛାତ୍ରମାନଙ୍କୁ ଶିକ୍ଷାଦାନରେ ଯେପରି ନିଜର ଦକ୍ଷତା ଦେଖାଇଛନ୍ତି ସେହିପରି କଲେଜର ପ୍ରଶାସନ ଓ ପରିଚାଳନା କ୍ଷେତ୍ରରେ ମଧ ନିଜର ଅପୂର୍ବ ଦକ୍ଷତା ଦେଖାଇଛନ୍ତି ।

Digitized by srujanika@gmail.com

ଆତ୍ମଚରିତ ଲେଖିଲାବେଳକୁ ତାଙ୍କୁ ହୋଇଗଲାଣି ୮୨ ବର୍ଷ । ସେତେବେଳେ ସେ ମନେ କରିଛନ୍ତି ତାଙ୍କ ଜୀବନ ସତେ ଯେପରି ସୁଅ ମୁହଁରେ ଭାସିଯାଉଥିବା ପତ୍ର ପରି । ଲକ୍ଷ୍ୟହୀନ ଭାବରେ ତାହା ଭାସି ଯାଉଛି । କେଉଁଠି ଲାଗିବ ତାହାର କିଛି ଠିକଣା ନାହିଁ । ପ୍ରଥମ ବିଶ୍ୱଯୁଦ୍ଧ ସମୟରୁ ସେ କୌଣସି ନା କୌଣସି କ୍ଷେତ୍ରରେ ଚାକିରୀଟିଏ କରିବାକୁ ଉଦ୍ୟମ କରି ବାରମ୍ବାର ବିଫଳ ହେଲେ ମଧ୍ୟ ଶେଷକୁ ସେ ଶିକ୍ଷକଟିଏ ହେଲେ । ଏଥିରେ ଯେ ଉପଯୁକ୍ତ ଯୋଗ୍ୟତା ହାସଲ କଲେ ଓ ହେଲେ ସଫଳ ଶିକ୍ଷକ, ପ୍ରଧାନ ଶିକ୍ଷକ । ବିଭିନ୍ନ ସ୍ଥାନରେ ଶିକ୍ଷକତା କରି ଶେଷରେ କଟକ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପନା କଲେ ଓ ଶିକ୍ଷାନୁଷ୍ଠାନରେ ଅଧ୍ୟାପନା କରି ଅବସର ଗ୍ରହଣ କଲେ । ସେ କହନ୍ତି – 'କାହାର ଇଙ୍ଗିତରେ କେଉଁ ଆଡ଼କୁ ମୋର ଜୀବନ ରୂପକ ପତ୍ରଟି ଭାସି ଯାଉଛି, ତାହା ଜାଣି ନାହିଁ । ଏବେ ଜୀବନର ଶେଷ ଅବସ୍ଥାରେ ମୁଁ ନିଜକୁ ଏକାନ୍ତ ଅସହାୟ ମନେ କରୁଅଛି । ସମୟ ସମୟରେ ମୁଁ ମନେକରେ ମୋ'ଠାରୁ ବଳି ଅସହାୟ ଜୀବ ଜଗତରେ ନାହିଁ । ଦିନରେ ସୂର୍ଯ୍ୟ, ରାତିରେ ଚନ୍ଦ୍ର ଦେଖାଯାଉଥିବା କୁଡ଼ିଆ ଘରେ ଧୂଳିଶଯ୍ୟାରେ ଶୋଇବାଠାରୁ ଆରମ୍ଭ କରି ଇଷ୍ଟକ ନିର୍ମିତ ପକ୍‌କା ଘରେ ରହିଅଛି । ଶୂନ୍ୟ ଦେହରେ ପ୍ରବଳ ଶୀତ ସହିବାଠାରୁ ଆରମ୍ଭ କରି ଶତ ଶତ ଟଙ୍କା ମୂଲ୍ୟର ଶାଲ ବ୍ୟବହାର କରିଅଛି । ପାଦ ଯାନରେ ଶତ ଶତ ମାଇଲ ଚାଲିବାଠାରୁ ଆରମ୍ଭ କରି ଘୋଡ଼ା ହାତୀ ପ୍ରଭୃତି ବାହନ ଓ ସାଇକେଲ, ମୋଟର, ବସ୍, ଏରୋପ୍ଲେନ ପ୍ରଭୃତି ଯାନ ବ୍ୟବହାର କରିଛି । x x x ଶାକାନ୍ନଠାରୁ ଆରମ୍ଭ କରି ବହୁମୂଲ୍ୟ ପଲାନ୍ନ ଖାଇଛି । ମୁଁ ଦରିଦ୍ରରୁ ଦରିଦ୍ରତର ହୋଇଛି କି ଧନୀ ହୋଇଛି, ତାହା ବୁଝିପାରୁ ନାହିଁ ।

ଏହା ହିଁ ସ୍ୱର୍ଗତ ଦାସଙ୍କର ଜୀବନ । ଦାରିଦ୍ର୍ୟ ତାଙ୍କୁ ବିଚଳିତ କରିପାରି ନାହିଁ । ଧନ ହେଲା ପରେ ସେ ଗର୍ବରେ ଫାଟି ପଡ଼ି ନାହାନ୍ତି । ଧନୀ ଓ ଦରିଦ୍ର ଦୁଇଟି ଶବ୍ଦ ତାଙ୍କୁ ମନେ ହୋଇଛି ପରସ୍ପରସାପେକ୍ଷ । ଯାହାଙ୍କୁ ଧନୀ ବୋଲି ଲୋକେ ଜାଣନ୍ତି ସିଏ ଯେ କେତେ ଦରିଦ୍ର ତାହା କେହି ବୁଝିପାରନ୍ତି ନାହିଁ । ସେହିପରି ମଧ୍ୟ ସୁଖୀ ଆଉ ଦୁଃଖୀ ପରସ୍ପର ସାପେକ୍ଷ । ସେ କହନ୍ତି – "ମୁଁ ଅନେକ ସମୟରେ ନିଜକୁ ନିତାନ୍ତ ଦୁଃଖୀ ମନେ କରିଅଛି । କିନ୍ତୁ ମୋ'ଠାରୁ ଯେ ଦୁଃଖୀ ନ ଥିବେ ବା

Digitized by srujanika@gmail.com

ନାହାନ୍ତି, ତାହା କହିହେବ ନାହିଁ । ବୋଧହୁଏ ଆଲୁଅ ଅନ୍ଧାର ପରି ସୁଖ ଦୁଃଖ ପରସ୍ପର ପରିପୂରକ ଓ ଏହି ଦୁହିଁଙ୍କର ସହାବସ୍ଥିତି ଅଛି ।" ସେ ପୁଣି କହନ୍ତି – "ମୁଁ ପାପୀ କି ଧାର୍ମିକ, ତାହା ମଧ୍ୟ ଜାଣେ ନାହିଁ । ପାପ ଓ ପୁଣ୍ୟର କୌଣସି ନିର୍ଦ୍ଦିଷ୍ଟ ମାନେ ନାହିଁ । ତେଣୁ ଜଣଙ୍କ ଦୃଷ୍ଟିରେ ଯାହା ପୁଣ୍ୟ, ତାହା ଅନ୍ୟ ଦୃଷ୍ଟିରେ ପାପ ହୋଇପାରେ । ମୋର ମନେହୁଏ ଯାହା ବିବେକାନୁମୋଦିତ, ତାହା ହିଁ ପୁଣ୍ୟ । ଏହି ଦୃଷ୍ଟିରୁ ମୁଁ ନିଜକୁ ପାପୀ ବୋଲି ମନେକରେ ନାହିଁ ।" ଏପରି ଉକ୍ତି ଜଣେ ସାଧାରଣ ମଣିଷର ନୁହେଁ; ଜୀବନକୁ ଗଭୀର ଭାବରେ ଅନୁଭବ ଓ ଅନୁଶୀଳନ କରୁଥିବା ଜଣେ ସ୍ୱାଧିକାର ସଚେତନ ବିବେକବାନ୍ ମଣିଷର ଉକ୍ତି । ମହାତ୍ମାଗାନ୍ଧୀଙ୍କ ସହିତ ସ୍ୱର ମିଳାଇ ସେ କହନ୍ତି ଯିଏ ନିଜର ଆବଶ୍ୟକତାଠାରୁ ଅଧିକ ଧନ ସଞ୍ଚୟ କରେ ସେ ଚୌର୍ଯ୍ୟ ଅପରାଧରେ ଅପରାଧୀ । ସ୍ୱର୍ଗତ ରତ୍ନାକର ପତି ନୈତିକ ଋଣ ସମ୍ପର୍କରେ ଯେପରି ଉଲ୍ଲେଖ କରିଛନ୍ତି ସେହିପରି ସ୍ୱର୍ଗତ ଦାସ ମଧ୍ୟ ନୈତିକ ଋଣ ପରିଶୋଧ ଉପରେ ଗୁରୁତ୍ୱ ଦେଇଅଛନ୍ତି । ସେ ମଧ୍ୟ ତଥାକଥିତ ଧର୍ମାଚରଣର ବିରୋଧୀ । ଈଶ୍ୱରଙ୍କୁ ସେ ମାନନ୍ତି; ଆଚାର ସର୍ବସ୍ୱ ତଥା ପ୍ରଚାରଧର୍ମୀକୁ ସେ ମାନନ୍ତି ନାହିଁ । କର୍ମକୁ ସେ ଈଶ୍ୱର ବୋଲି ମନେ କରନ୍ତି । ପୁରୁଷକାରକୁ ସେ ସ୍ୱାଗତ କରନ୍ତି କିନ୍ତୁ ଈଶ୍ୱର ଯେ ସତ୍ୟ; ଏହାକୁ ସେ ଅସ୍ୱୀକାର କରନ୍ତି ନାହିଁ । ଏସବୁ ଆଲୋଚନାରୁ ସ୍ପଷ୍ଟ ଜଣାଯାଏ ଯେ ସ୍ୱର୍ଗତ ଦାସ ଗଢ଼ିଛନ୍ତି ନିଜର ବ୍ୟକ୍ତିତ୍ୱ । ସେହି ବ୍ୟକ୍ତିତ୍ୱ ସଂଘର୍ଷ ଓ ସଂଗ୍ରାମର ରୁଦ୍ର କଠୋର ପଥରେ ଗତି କରି ହୋଇଛି ଦୀପ୍ତିମନ୍ତ । ମାନବିକତାରେ ତାହା ମଧ୍ୟ ହୋଇଛି ସ୍ନାତ ଓ ସୁନ୍ଦର ।

ଶ୍ରୀଧର ନିମ୍ନ ପ୍ରାଥମିକ ବିଦ୍ୟାଳୟରୁ ବୃତ୍ତି ପାଇ କାକଟପୁର ଭର୍ଣ୍ଣାକୁଲାର ସ୍କୁଲରେ ପାଠ ପଢ଼ିଲେ । ତତ୍‌ପରେ ସେ ମି.ଇ. ସ୍କୁଲ ପରୀକ୍ଷାରେ ବୃତ୍ତି ପାଇ ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କଲେ ଓ ୧ ୯ ୨ ୨ ମସିହାରେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ମଧ୍ୟ ପାଇଲେ । ସେକାଳର ଚାଟଶାଳୀ ଶିକ୍ଷାଠାରୁ ଆରମ୍ଭ କରି ନିମ୍ନ ପ୍ରାଥମିକ, ଭର୍ଣ୍ଣାକୁଲାର, ମାଇନରଓ ହାଇସ୍କୁଲ ପର୍ଯ୍ୟନ୍ତ ଶିକ୍ଷା-ବ୍ୟବସ୍ଥା, ଶିକ୍ଷକମାନଙ୍କର ଶିକ୍ଷାଦାନ ପ୍ରଣାଳୀ ଇତ୍ୟାଦି ସମ୍ପର୍କରେ ସେ ଲେଖିଛନ୍ତି ତାଙ୍କ ଆତ୍ମଚରିତରେ । ସେହି ସମୟରେ ସେ କୁଳବୃଦ୍ଧ ମଧୁସୂଦନ ଦାସ, ଉତ୍କଳ ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ

Digitized by srujanika@gmail.com

ମିଶ୍ର, ଗୋଦାବରୀଶ ମହାପାତ୍ର ପ୍ରମୁଖଙ୍କ ସମ୍ପର୍କରେ ଆସି ସେମାନଙ୍କ ପ୍ରତି ଶ୍ରଦ୍ଧା ପ୍ରକାଶ କରିଅଛନ୍ତି । ଏହା ପରେ ସେ ପାଟନା ଗଲେ ଓ ବି.ଏନ୍. କଲେଜରେ ଅଧ୍ୟୟନ କଲେ ଓ ୧୯୨୪ ମସିହାରେ ଆଇ.ଏ. ପାଶ୍ କରି କାକଟପୁର ମାଇନର ସ୍କୁଲରେ ଶିକ୍ଷକତା କଲେ । ଏଥିପାଇଁ ମଧ୍ୟ ଟ୍ରେନିଂ ନେଲେ । ମାତ୍ର ମନ ଭିତରେ ଗଭୀର ଉତ୍କଣ୍ଠା ବି.ଏ. ପଢ଼ିବା ପାଇଁ । ୧୯୨୮ ମସିହାରେ ସେ ବି.ଏ. ପାଶ୍ କଲେ । ଏହାପରେ ସେ ଓଳସିଂହ ହାଇସ୍କୁଲରେ ଶିକ୍ଷକତା କଲେ । କଟକ ଟ୍ରେନିଂ କଲେଜରେ ଅଧ୍ୟୟନ କରି ୧୯୩୦ ମସିହାରେ ବି.ଇଡ଼ି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଏହାପରେ ସେ ବଉଦର କିଙ୍ଗ ଏଡ଼ୱାର୍ଡ଼ ସପ୍ତମ ସ୍କୁଲରେ ଯୋଗ ଦେଲେ ଓ ପ୍ରଧାନ ଶିକ୍ଷକ ହେଲେ । ରାଜାଙ୍କ ସହିତ ତାଙ୍କର ସମ୍ପର୍କ ଘନିଷ୍ଠ ହେଲା । ସେଠାରେ ମଧ୍ୟ ହେଲେ ଶିକ୍ଷା ବିଭାଗର ଅଧିକାରୀ । ବଉଦ ଇଷ୍ଟେଟର ସମସ୍ତ ସ୍କୁଲର ସେ ହେଲେ ମୁଖ୍ୟ । ମାତ୍ର ସେଠାରେ ମଧ୍ୟ ରାଜାଙ୍କ ସହିତ ତାଙ୍କର ହେଲା ମତାନ୍ତର । ତେଣୁ ସେଠାରୁ ଚାଲିଆସି ପୁନର୍ବାର ଓଳସିଂହ ହାଇସ୍କୁଲରେ ଶିକ୍ଷକତା କଲେ । ସେ ଥିଲେ ବଡ଼ ସ୍ୱାଭିମାନୀ । ସମ୍ମାନରେ ଆଞ୍ଚ ଆସିଲା ଭଳି ଘଟଣା ଘଟିଲେ ସେ ସହିପାରନ୍ତି ନାହିଁ । ସେ କୁହନ୍ତି – "ମୁଁ ଟିକିଏ ଅତିମାତ୍ରାରେ ଭାବପ୍ରବଣ । ସାମାନ୍ୟ ଘଟଣାରେ ବିଚଳିତ ହୋଇ ଯାହା କିଛି ଗୋଟାଏ କହି ପକାଏ । ପରିଣାମରେ କଷ୍ଟଭୋଗ କରିଥାଏ । ଅନେକ ଘଟଣାରେ କଚଡ଼ା ଖାଇ ମଧ୍ୟ ମୁଁ ସେହି ପ୍ରକୃତି ଛାଡ଼ିପାରି ନାହିଁ । ଏବେ ଏହି ବୃଦ୍ଧ ବୟସରେ ସୁଦ୍ଧା ମୁଁ ସେହି ପ୍ରକୃତିର ଫଳଭୋଗ କରୁଅଛି ।" ହୋଇପାରନ୍ତି ସେ ଭାବପ୍ରବଣ, ତାହା କିନ୍ତୁ ତାଙ୍କ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ । ଭାବପ୍ରବଣତା ତାଙ୍କ ସ୍ୱାଭିମାନର ପ୍ରଚୋଦକ ।

ଓଳସିଂହ ହାଇସ୍କୁଲରୁ ସେ ବାଣପୁର ଗଲେ ଓ ସେଠାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ ବାଣପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ହେଲେ । ସେଠି ମଧ୍ୟ ସେ ବେଶିଦିନ ରହିପାରିଲେ ନାହିଁ । ସେ ଖଣ୍ଡାମଉଦା ହାଇସ୍କୁଲରେ ଶିକ୍ଷକତା କଲେ । ୧୯୪୨ ମସିହାରେ ପାଟନା ବିଶ୍ୱବିଦ୍ୟାଳୟରୁ ଘରୋଇ ଭାବରେ ପରୀକ୍ଷା ଦେଇ ଓଡ଼ିଆରେ ଏମ୍.ଏ. ପାଶ୍ କଲେ । ଖଣ୍ଡାମଉଦାରୁ ସେ ଆସି ଜଗତସିଂହପୁର ଶ୍ରୀକୃଷ୍ଣ ଏକାଡ଼େମୀରେ ପ୍ରଧାନଶିକ୍ଷକ ହେଲେ । ସେଠି ମଧ୍ୟ ତାଙ୍କର ସ୍ୱାଭିମାନ ଯୋଗୁ ସ୍କୁଲର ସଭାପତି ଦେବାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ରଙ୍କ ସହିତ ସାମାନ୍ୟ କାରଣରୁ ମତାନ୍ତର ହେଲା ଓ ଶେଷରେ ସେ ଖ୍ରୀଷ୍ଟ

Digitized by srujanika@gmail.com

ମହାବିଦ୍ୟାଳୟରେ ୧୯୪୮ ମସିହାରେ ହେଲେ ଅଧ୍ୟାପକ । ଏହିଠାରେ ସେ ଦୀର୍ଘ କୋଡ଼ିଏ ବର୍ଷ ଅଧ୍ୟାପନା କରି ଅବସର ନେଲେ ।

-୨-

ଅଧ୍ୟାପକ ଶ୍ରୀଧର ଦାସଙ୍କ ଜୀବନ ବହୁ ଅନୁଭୂତିର ଗନ୍ତାଘର । କାକଟପୁର / ବାଣପୁର / ଖୋର୍ଦ୍ଧା ଅଞ୍ଚଳରୁ ଆରମ୍ଭ କରି ବଉଦ ଗଡ଼ଜାତ ଅଞ୍ଚଳ, ଜଗତସିଂହପୁର ଅଞ୍ଚଳରୁ ଖଣ୍ଡାମଉଦା ପର୍ଯ୍ୟନ୍ତ ଓ ଶେଷରେ କଟକ ପର୍ଯ୍ୟନ୍ତ ତାଙ୍କ କର୍ମକ୍ଷେତ୍ର ସମ୍ପ୍ରସାରିତ । ସର୍ବତ୍ର କିନ୍ତୁ ସେ ନିଜର ଦୀପ୍ତିମନ୍ତ ବ୍ୟକ୍ତିତ୍ୱର ସ୍ୱାକ୍ଷର ରଖି ଯାଇଛନ୍ତି । ଛାତ୍ର ଭାବରେ ଗ୍ରାମ ସ୍କୁଲଠାରୁ ଆରମ୍ଭ କରି ପୁରୀ ଜିଲ୍ଲା ସ୍କୁଲ ଓ ପାଟନାର କଲେଜ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ମଧ୍ୟ ତାଙ୍କର ରହିଛି ବିପୁଳ ଅନୁଭୂତି । ସେ ଜଣେ ଆଦର୍ଶ ଶିକ୍ଷକ / ପ୍ରଧାନଶିକ୍ଷକ । ସେ ମଧ୍ୟ ଦକ୍ଷ ସ୍କୁଲ ବିଭାଗର ଅଧିକାରୀ । କଲେଜରେ ସେ ପ୍ରବୀଣ ଅଧ୍ୟାପକ / ପ୍ରାଧ୍ୟାପକ ଓ ପ୍ରଶାସକ ମଧ୍ୟ । ଜଣେ ଶିକ୍ଷାବିତ୍ ଭାବରେ ତାଙ୍କର ରହିଛି ବିପୁଳ ଖ୍ୟାତି । ସେ ମଧ୍ୟ ରଚନା କରିଛନ୍ତି ଅନେକ ପୁସ୍ତକ । ତେଣୁ ସେ ଶିକ୍ଷକ-ସାହିତ୍ୟିକ ଭାବରେ ପରିଚିତ । ସେ କେତେକ ବ୍ୟାକରଣ ପୁସ୍ତକ ରଚନା କରିଥିଲେ । ତାଙ୍କ ରଚିତ "ସର୍ବସାର ବ୍ୟାକରଣ" ବହୁ ସଂସ୍କରଣ ହେବାର ଯୋଗ୍ୟତା ଲାଭ କରିଛି । ଏହା ବ୍ୟତୀତ ସେ ଲଘୁ ବ୍ୟାକରଣ, ସଂସ୍କୃତ ବ୍ୟାକରଣ, ସରଳ ଓଡ଼ିଆ ବ୍ୟାକରଣ, ସରଳ ସଂସ୍କୃତ ବ୍ୟାକରଣ, ମଧ୍ୟ ଓଡ଼ିଆ ବ୍ୟାକରଣ ଆଦି ଗ୍ରନ୍ଥ ରଚନା କରିବା ସହିତ ଅନେକ ପାଠ୍ୟ ପୁସ୍ତକ ରଚନା କରିଥିଲେ । କଥା ସୁମନ, ଆମ ଦେଶର ଇତିହାସ ଗପ, ପାଠକଳିକା, ସାହିତ୍ୟମୁକୁର, ନବ ଇତିହାସ ରଚନା କରିଥିଲେ । ସର୍ବତ୍ର ଅଛି ଛାତ୍ରଛାତ୍ରୀମାନଙ୍କର ଚରିତ୍ର ଗଠନ କରିବାର ପ୍ରେରଣା । ସ୍ୱଦେଶପ୍ରୀତି, ମାନବପ୍ରୀତି ଓ ନୈତିକ ମୂଲ୍ୟବୋଧ ପାଇଁ ତାଙ୍କର ଏତାଦୃଶ ରଚନାଗୁଡ଼ିକ ଏକାନ୍ତ ଉଲ୍ଲେଖଯୋଗ୍ୟ । ଜଣେ ସଫଳ ଅନୁବାଦକ ଭାବରେ ସେ ସୁପ୍ରତିଷ୍ଠିତ । ଶାନ୍ତି ପଥର ବୀର, ପୃଥିବୀ ପାଇଁ ଜଳ, ଇର୍ଜ ଓ ଏଷ୍ଟିଙ୍ଗ ହାଉସ୍, ଶିବାନୀ ପଲ୍ଲୀର କଳା ଚିତାବାଘ, ଆଲିବାବା, ରବିନ ହୁଡ଼, ଲିଓ ଟଲଷ୍ଟୟଙ୍କ ଗଳ୍ପମାଳା, ଗଲିଭରର ଭ୍ରମଣ କାହାଣୀ, ସେକ୍ସପିୟର କାହାଣୀ, ଟଲଷ୍ଟୟ କାହାଣୀ, ଆଇଭାନ ହୋ, ଗର୍କି କାହାଣୀ, ମୋପାଁସା କାହାଣୀ, ଇଶପ୍ କାହାଣୀ, ପଞ୍ଚତନ୍ତ୍ର, ମିତ୍ରଭେଦ, ବେତାଳ ପଞ୍ଚବିଂଶତି, ଶକୁନ୍ତଳା, ଜାତକ କାହାଣୀ ଆଦି ଶତାଧିକ ପୁସ୍ତକର ଅନୁବାଦକ

Digitized by srujanika@gmail.com

ଭାବରେ ସେ ସୁଖ୍ୟାତ । ଏହାଛଡ଼ା ସେ ଓଡ଼ିଆ ସାହିତ୍ୟର କେତେକ ପ୍ରାଚୀନ ଗ୍ରନ୍ଥର ସମ୍ପାଦନା କରିଅଛନ୍ତି । ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, କବିସୂର୍ଯ୍ୟ ବଳଦେବ ରଥ ଓ ସାଧୁସୁନ୍ଦର ଦାସ ଆଦି କବି ଓ ମନୀଷୀଙ୍କର ଜୀବନୀ ଗ୍ରନ୍ଥ ପ୍ରକାଶ କରିଅଛନ୍ତି ।

ଶ୍ରୀଧର ଦାସ ନିଜକୁ କେବେ ବଡ଼ ସାହିତ୍ୟିକ ଭାବରେ ପ୍ରଚାର କରି ନାହାନ୍ତି । ସେ ଥିଲେ ନୀରବ ସାରସ୍ୱତ ସାଧକ । ଶିକ୍ଷକତା ଓ ଅଧ୍ୟାପନା କାଳରେ ସେ ଛାତ୍ରଛାତ୍ରୀମାନଙ୍କ ଜାଣିବା ଲାଗି ବିଶ୍ୱ ସାହିତ୍ୟ ତଥା ଭାରତୀୟ ସାହିତ୍ୟରୁ ଅନେକ ଅମୂଲ୍ୟ ପୁସ୍ତକକୁ ଅନୁବାଦ କରିଛନ୍ତି । ତାଙ୍କର ଉଦ୍ଦେଶ୍ୟ ଆମର ଉତ୍ତର ଦାୟାଦମାନେ ଆମ ପରମ୍ପରା ସହିତ ପରିଚିତି ଲାଭ କରନ୍ତୁ । ବିଶ୍ୱ ସାହିତ୍ୟର ପ୍ରସିଦ୍ଧ ଲେଖକମାନଙ୍କର କେତେକ ଗ୍ରନ୍ଥକୁ ମଧ୍ୟ ଅନୁବାଦ କରିଛନ୍ତି ।

ଜଣେ ଅନୁବାଦକ ଭାବରେ ଯେପରି ସେ ପରିଚିତ ସେହିପରି ଜଣେ ବ୍ୟାକରଣକାର ଭାବରେ ମଧ୍ୟ ସୁପରିଚିତ । ସାହିତ୍ୟ ତାଙ୍କର ବୃତ୍ତି ନ ଥିଲା; ଥିଲା ପ୍ରବୃତ୍ତି । ଯଥାର୍ଥରେ ସେ ଥିଲେ ଜଣେ ଶିକ୍ଷକ-ସାହିତ୍ୟକ ।

- ୩ -

ଶିକ୍ଷକ, ଶିକ୍ଷାଧିକାରୀ, ଅଧ୍ୟାପକ ଶ୍ରୀଧର ଦାସ ୧୯୮୮ ମସିହାରୁ ଆମ ଗହଣରୁ ବିଦାୟ ନେଇଗଲେଣି । ଏହା ମଧ୍ୟରେ ତିରିଶ ବର୍ଷ ବିତିଗଲାଣି । ବଂଚି ରହିଛି ତାଙ୍କର ଆଦର୍ଶ ବ୍ୟକ୍ତିତ୍ୱ । ତାଙ୍କର କର୍ମଯୋଗ ଓ ଜ୍ଞାନଯୋଗ ଏବେ ମଧ୍ୟ ତାଙ୍କୁ ସ୍ମରଣୀୟ କରି ରଖିଛି । ତାଙ୍କର ଆତ୍ମଚରିତ "ସୁଅ ମୁହଁର ପତର" ତାଙ୍କ ନୀରବ ସାଧନାର ଅମ୍ଲାନ ସ୍ମାରକୀ ହୋଇରହିଛି । ସେ ପ୍ରକୃତରେ ମଣିଷ ପରି ମଣିଷ । ଶ୍ରଦ୍ଧାଶୀଳ ମଣିଷ । ସେ ଜ୍ଞାନ-ଭାସ୍ୱର । ଅଥଚ ଅହଙ୍କାରଶୂନ୍ୟ । ଯେପରି ଭାବରେ ଜୀବନ ସେ ବଂଚିଛନ୍ତି, ଜୀବନକୁ ଜାଣିଛନ୍ତି ଓ ତାଙ୍କର ଆତ୍ମପରିଚିତି ମାଧ୍ୟମରେ ଜଗତ ପରିଚିତି ସୃଷ୍ଟି ହୋଇଛି ତାହା ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ ।

ଅବସରପ୍ରାପ୍ତ ପ୍ରଫେସର,
ଶାନ୍ତିନିକେତନ

■■■

Digitized by srujanika@gmail.com

ମନୀଷୀ ଶ୍ରୀଧର

ଇଂ ପ୍ରଭାକର ସ୍ୱାଇଁ

ଓଡ଼ିଶାର ସାରସ୍ୱତ ଜଗତରେ ପ୍ରଫେସର ଶ୍ରୀଧର ଦାସ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ସେ ଏକାଧାରରେ ଜଣେ ପ୍ରବୀଣ ଶୀକ୍ଷାବିତ୍, ପ୍ରଥିତଯଶା ଗବେଷକ, ଖ୍ୟାତନାମା ବ୍ୟାକରଣକାର, ସୁଦକ୍ଷ ସମ୍ପାଦକ ଓ ସଙ୍କଳକ । ଜନ୍ମ ତାଙ୍କର ୧୯୦୧ ମସିହା ଅକ୍ଟୋବର ୪ ତାରିଖରେ ପୁରୀ ଜିଲ୍ଲାର କାକଟପୁର ଅଞ୍ଚଳର ଏକ ଛୋଟିଆ ଗାଁ ନାଉସିରାରେ । ଜନ୍ମରୁ ସେ ଥିଲେ ମେଧାବୀ । ସେ କାକଟପୁର ନିମ୍ନ ପ୍ରାଥମିକ ବିଦ୍ୟାଳୟ ଓ କାକଟପୁର ଭର୍ଣ୍ଣାକୁଲାର ସ୍କୁଲରୁ ଶିକ୍ଷାଲାଭ କରି ମାଇନର ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ପୁରୀ ଜିଲ୍ଲା ସ୍କୁଲରେ ଶିକ୍ଷାଗ୍ରହଣ କରି ୧୯୨୨ରେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ପାଟଣା ବିଶ୍ୱବିଦ୍ୟାଳୟ (ଅବିଭକ୍ତ ବିହାର-ଓଡ଼ିଶା)ରୁ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ୧୯୨୨ରେ ସେ ବିହାର ଇଞ୍ଜିନିୟରିଂ ସ୍କୁଲରେ ଆଡ଼ମିଶନ୍ ନେଇ ମଧ୍ୟ ସେଠାରେ ଅଧ୍ୟାପକଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରି ସେହି ପାଠକୁ ତ୍ୟାଗ କରିଥିଲେ । ତା'ପରେ ବିହାର ନ୍ୟାସନାଲ କଲେଜରେ ଆଇ.ଏ. ଶ୍ରେଣୀରେ ପାଠପଢ଼ା ଆରମ୍ଭ କରିଥିଲେ । ୧୯୨୪ ମସିହାରେ ସେ ଆଇ.ଏ. ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ସମୟରେ ତାଙ୍କ ଉପର ଶ୍ରେଣୀରେ ଅଧ୍ୟୟନରତ ଅନ୍ନଦାଶଙ୍କର ରାୟ, ଶରତ ଚନ୍ଦ୍ର ମୁଖାର୍ଜୀ ଓ କରୁଣାକର କରଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ଏହି ପ୍ରସିଦ୍ଧ ସାରସ୍ୱତ ସାଧକମାନଙ୍କ ସହିତ ତାଙ୍କର ସମ୍ପର୍କ ପରବର୍ତ୍ତୀ କାଳରେ ସାହିତ୍ୟ ସେବା ପାଇଁ ତାଙ୍କୁ ଅଫୁରନ୍ତ ପ୍ରେରଣା ଯୋଗାଇଥିଲା । ସେ ଇଣ୍ଟରମିଡ଼ିଏଟ୍ ପରେ ବୀର ନରସିଂହପୁର ବିଶ୍ୱନାଥ ମାଇନର ସ୍କୁଲରେ ପ୍ରଧାନଶିକ୍ଷକ ଭାବେ ଯୋଗ ଦେଇଥିଲେ । ସେଠାରେ ୯ ମାସ ରହଣି ପରେ ନିଜ ଜନ୍ମମାଟିର କାକଟପୁର ମାଇନର ସ୍କୁଲରେ

Digitized by srujanika@gmail.com

ପୁଣି ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟ ଆରମ୍ଭ କଲେ । ସେ ଇତି ମଧ୍ୟରେ ଘରୋଇ ଭାବରେ ବି.ଏ. ପରୀକ୍ଷା ଦେଇ ୧୯୨୮ ମସିହାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ ମାଇନର ସ୍କୁଲ ଛାଡ଼ି ସ୍ଥାନୀୟ ନୂତନ ପ୍ରତିଷ୍ଠିତ ହାଇସ୍କୁଲରେ ସହକାରୀ ଶିକ୍ଷକ ରୂପେ ଯୋଗ ଦେଲେ । ସେଠାରେ ସ୍ୱଳ୍ପକାଳ କାର୍ଯ୍ୟ କରିବା ପରେ ତତ୍କାଳୀନ କଟକ ଟ୍ରେନିଂ କଲେଜରେ ଏଜୁକେଶନ୍‌ରେ ଡିପ୍ଲୋମା ହାସଲ କରି ଓଳସିଂହ ହାଇସ୍କୁଲରେ ଆସିଷ୍ଟାଣ୍ଟ ହେଡ଼ମାଷ୍ଟର ରୂପେ ଯୋଗଦାନ୍ କରିଥିଲେ । ଏହାପରେ ୧୯୩୦ରେ ପୁଣି ସେ ବୌଦଠାରେ ଥିବା "କିଙ୍ଗ ଏଡ଼ୱାର୍ଡ ସପ୍ତମ ସ୍କୁଲ"ରେ ଟ୍ରେନ୍‌ଡ଼ ଗ୍ରାଜୁଏଟ୍ ହେଡ଼ମାଷ୍ଟର ରୂପେ କାର୍ଯ୍ୟ ନିର୍ବାହ କଲେ ଏବଂ ସେହି ସ୍କୁଲକୁ ଏକ ଖ୍ୟାତନାମା ହାଇସ୍କୁଲରେ ପରିଣତ କରିବା ପାଇଁ ସକ୍ଷମ ହୋଇଥିଲେ । ପରବର୍ତ୍ତୀ ସମୟରେ ରାଜା ଯୋଗୀନ୍ଦ୍ର ଦେବଙ୍କ ନାମରେ ଏହା ନାମିତ ହୋଇଛି । ବୌଦ ରାଜା ତାଙ୍କୁ ନିଜ ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ଶିକ୍ଷା ଅଧିକାରୀ (Education Officer) ରୂପେ ନିଯୁକ୍ତି ଦେଇଥିଲେ । ଶ୍ରୀଧର ଦାସ ବୌଦ ରାଜବାଟୀରେ ଯୋଗୀନ୍ଦ୍ର ଦେବ ଲାଇବ୍ରେରୀ ପ୍ରତିଷ୍ଠା କରିଥିଲେ । ୧୯୩୫ରେ ଶ୍ରୀଧର ପୁଣି ଓଳସିଂହ ହାଇସ୍କୁଲରେ ପ୍ରଧାନଶିକ୍ଷକ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ । ସେଠାରେ ଏକ ବର୍ଷ କାର୍ଯ୍ୟକାରିବା ପରେ ବାଣପୁର ହାଇସ୍କୁଲରେ ଶିକ୍ଷକତା କରିଥିଲେ । ବାଣପୁରରେ ଛଅ ବର୍ଷ ଅବସ୍ଥାନ କରିବା ପରେ ୧୯୪୨ରେ ଶ୍ରୀଧର ଘରୋଇ ଭାବେ ପରୀକ୍ଷା ଦେଇ ଏମ୍.ଏ. ଓଡ଼ିଆରେ ଦ୍ୱିତୀୟ ଶ୍ରେଣୀରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୪୮ରେ ସେ ଓଡ଼ିଶା ଲୋକସେବକ ଆୟୋଗଦ୍ୱାରା ମନୋନୀତ ହୋଇ ରେଭେନ୍‌ସା କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ମାତ୍ର ସରକାରୀ ଚାକିରୀକୁ ସେ ପ୍ରତ୍ୟାଖ୍ୟାନ କରି ତାଙ୍କ ମନ ମୁତାବକ ତତ୍କାଳୀନ ଉତ୍କଳ ଖ୍ରୀଷ୍ଟିୟାନ୍ କଲେଜ (ସଂପ୍ରତି ଖ୍ରୀଷ୍ଟ କଲେଜ)ରେ ଓଡ଼ିଆ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ଏହି କାଳରେ ସେ କୃତବିଦ୍ୟ ଅଧ୍ୟାପକ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଓ ବାଗ୍ମୀ ପ୍ରବର ଗୌରୀ କୁମାର ବ୍ରହ୍ମାଙ୍କୁ ସତୀର୍ଥ ସହକର୍ମୀ ଭାବେ ଲାଭ କରିଥିଲେ । ଏହି କଲେଜରେ ସେ ଦୀର୍ଘ ୨୦ ବର୍ଷ ଧରି ଅଧ୍ୟାପନା କରି ଅଧ୍ୟାପକ, ପ୍ରାଧ୍ୟାପକ, ଅଧ୍ୟକ୍ଷ ପଦ ମଣ୍ଡନ କରିଥିଲେ ।

Digitized by srujanika@gmail.com

ଶ୍ରୀଧର ଦାସ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ ମଧ୍ୟ ଜଣେ ଗବେଷକ ଓ ଭାଷାବିତ୍ ଭାବରେ ତାଙ୍କର ଖ୍ୟାତି ସମଗ୍ର ଓଡ଼ିଶାରେ ପରିବ୍ୟାପ୍ତ । ସେ ଶତାଧିକ ଗ୍ରନ୍ଥ ରଚନା କରିଥିଲେ । ତାଙ୍କ ପ୍ରଣୀତ ବହୁ ଗ୍ରନ୍ଥ ପାଠ୍ୟ ପୁସ୍ତକ ରୂପେ ଗୃହୀତ ହୋଇଥିଲା । ତାଙ୍କର ବିବିଧ ଭାଷାରେ ଜ୍ଞାନ ଥିଲେ ମଧ୍ୟ ଓଡ଼ିଆ, ସଂସ୍କୃତ ଓ ଇଂରାଜୀ ଭାଷାରେ ଗଭୀର ପାଣ୍ଡିତ୍ୟ ଥିଲା । ତାଙ୍କ ରଚିତ 'ସର୍ବସାର ବ୍ୟାକରଣ' ଓଡ଼ିଶାର ଅଗଣିତ ଛାତ୍ରଛାତ୍ରୀଙ୍କର ଭାଷା ସାହିତ୍ୟ ଅଧ୍ୟୟନ ଓ ଅନୁଶୀଳନ ପାଇଁ ଦିଗ୍‌ଦର୍ଶକ ହୋଇଥିଲା । ମୋ ପାଇଁ ମଧ୍ୟ ଏହି ଗ୍ରନ୍ଥ ବ୍ୟାକରଣ ଶୁଦ୍ଧିରେ ବହୁ ଭାବରେ ସହାୟକ ହୋଇଛି । ତାଙ୍କ ଆତ୍ମଲିପି 'ସୁଅ ମୁହଁରେ ପତର' ସମକାଳୀନ ସମାଜର ସାମାଜିକ, ଆର୍ଥନୀତିକ, ସାଂସ୍କୃତିକ ଜୀବନର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଫକୀରମୋହନଙ୍କ ଆତ୍ମଜୀବନୀ ପରି ଶ୍ରୀଧରଙ୍କ ଏହି ମନନଶୀଳ ଜୀବନ କାହାଣୀ ନିଛକ ସତ୍ୟ ଉପରେ ଆଧାରିତ । ଏହାର ଭାଷା ସରଳ ଓ ସାବଲୀଳ ଏବଂ ଘଟଣାବଳୀ ହୃଦୟସ୍ପର୍ଶୀ । ଓଡ଼ିଆ ସାହିତ୍ୟରେ ରଚିତ ଆତ୍ମଜୀବନୀ ମଧ୍ୟରେ ଏହା ଏକ ବିରଳ ସଫଳ ସୃଷ୍ଟି ।

ଶ୍ରୀଧର ବାବୁ ମହାତ୍ମା ଗାନ୍ଧୀଙ୍କୁ ଦେଖିଥିଲେ ଓ ଶୁଣିଥିଲେ । ତେଣୁ ଗାନ୍ଧିଜୀଙ୍କ ଆଦର୍ଶରେ ସେ ବହୁ ଭାବରେ ଅନୁପ୍ରାଣିତ ହୋଇଥିଲେ । ସେ ଉତ୍କଳମଣି ଗୋପବନ୍ଧୁ ଓ ପଣ୍ଡିତ ଗୋଦାବରୀଶଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିଲେ ଓ ନିଜ ଜୀବନରେ ସେମାନଙ୍କ ପଦାଙ୍କ ଅନୁସରଣ କରିଥିଲେ । ସେ ସଦା ଶୁଭ୍ରରଙ୍ଗର ଖଦଡ଼ ଧୋତି ପଞ୍ଜାବୀ ପରିଧାନ କରୁଥିଲେ । ତାଙ୍କର ବସ୍ତ୍ର ପରି ହୃଦୟ ମଧ୍ୟ ପରିଚ୍ଛନ୍ନ ଥିଲା । ତାଙ୍କର ଆଚରଣ ଓ ଉଚ୍ଚାରଣରେ ମଧ୍ୟ ସମାନତା ରହିଥିଲା ।

ପଣ୍ଡିତ ଶ୍ରୀଧର ଦାସ ନିଜର କୃତି ଓ କୀର୍ତ୍ତି ପାଇଁ ୧୯୭୨ରେ ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ୧୯୭୪ରେ ସୋଭିଏତ୍ ଲ୍ୟାଣ୍ଡ ନେହରୁ ପୁରସ୍କାର, ୧୯୭୮ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମ୍ମାନ ଲାଭ କରିଥିଲେ । ତାଙ୍କ ଜ୍ଞାନ ଗାରିମାର ସ୍ୱୀକୃତି ସ୍ୱରୂପ ସେ ସମସାମୟିକ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମହଲରେ 'ଚଳନ୍ତି ଜ୍ଞାନକୋଷ' ରୂପେ ଅଭିହିତ ହୋଇଥିଲେ ।

ଶ୍ରୀଧର ବାବୁ କଟକର ଦେଉଳସାହିଠାରେ ନିଜର ବାସଭବନ ନିର୍ମାଣ କରି ଶେଷ ଜୀବନ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରୁଥିଲେ । ନିଜ ସାହିରେ ଶିକ୍ଷାର ବିକାଶ ପାଇଁ ସେ ରଘୁନାଥ ଜୀଉ ବିଦ୍ୟାପୀଠ ପ୍ରତିଷ୍ଠା କରି ଏହାର ପରିଚାଳନା ସମିତିର ସଭାପତି ହୋଇଥିଲେ । ସେ ମଧ୍ୟ ସାହିର ଦୁର୍ଗାମଣ୍ଡପ ନିର୍ମାଣ କରିଥିଲେ ।

Digitized by srujanika@gmail.com

ଶ୍ରୀଧର ବାବୁ କବିତାକୁ ଭଲ ପାଉଥିଲେ । ସେ କବି ନ ହୋଇପାରିଲେ ମଧ୍ୟ ତାଙ୍କର ସୁପୁତ୍ର ଡଃ ଜଗନ୍ନାଥ ପ୍ରସାଦ ଦାସ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇ ମଧ୍ୟ ବିଶ୍ୱର ଜଣେ ଶ୍ରେଷ୍ଠ କବିର ମାନ୍ୟତା ଲାଭ କରିଛନ୍ତି । ସେହିଭଳି ଶ୍ରୀଧର ବାବୁ ଇଞ୍ଜିନିୟର ହେବା ପାଇଁ ସ୍ୱପ୍ନ ଦେଖି ସଫଳ ହୋଇପାରି ନ ଥିଲେ ମଧ୍ୟ ତାଙ୍କର କନିଷ୍ଠ ପୁତ୍ର ରଘୁନାଥ ପ୍ରସାଦ ଦାସ ଆଇ.ଆଇ.ଟି., ଖଡ଼ଗପୁର ସିଭିଲ ଇଞ୍ଜିନିୟରିଂରେ ପ୍ରଥମ ଶ୍ରେଣୀରେ ଅନର୍ସ ଲାଭ କରି ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀପଦରୁ ଅବସର ନେଇଛନ୍ତି ।

ଶ୍ରୀଧର ଜଣେ ସ୍ନେହୀ, ଦରଦୀ ଓ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ । ତେଣୁ ଈଶ୍ୱର ତାଙ୍କର ସବୁ ସ୍ୱପ୍ନକୁ ସାକାର କଲେ । କୁହାଯାଏ ପିତାମାତା ସୁକୃତରୁ ପୁତ୍ର ହୁଏ ସୁଖୀ । ସେହି ମର୍ମରେ ତାଙ୍କର ପୁତ୍ର, କନ୍ୟା ବିଭିନ୍ନ କ୍ଷେତ୍ରରେ ବେଶ୍ ପ୍ରତିଷ୍ଠା ଅର୍ଜନ କରି ପାରିଛନ୍ତି । ସାରସ୍ୱତ ଜଗତର ଏହି ପ୍ରବାଦ ପୁରୁଷଙ୍କ ଜୀବନଦୀପ ୧୯୮୮ ମସିହା ଏପ୍ରିଲ ୨୪ ତାରିଖରେ ଲିଭି ଯାଇଥିଲେ ମଧ୍ୟ ତାଙ୍କର କୃତି ଓ କୀର୍ତ୍ତି ତାଙ୍କୁ ଅନିର୍ବାପିତ ଦୀପଶିଖା ପରି ପ୍ରଜ୍ୱଳିତ କରି ରଖିଛି । ସିଦ୍ଧି ସାଧକ, ପ୍ରାଜ୍ଞ ଅଧ୍ୟାପକ ଶ୍ରୀଧର ଦାସଙ୍କ ଜୀବନାଦର୍ଶ ଆଜି ଅଗଣିତ ଛାତ୍ରଛାତ୍ରୀଙ୍କ ଧ୍ୟେୟ ହୋଇପାରିଛି । ବାସ୍ତବରେ ସେ ଓଡ଼ିଶାର ଶିକ୍ଷା ଓ ସାରସ୍ୱତ ଜଗତର ଏକ ମାର୍ତ୍ତଣ୍ଡ ସଦୃଶ ।

ଏହି ଚିରଞ୍ଜିବୀ ମନୀଷୀଙ୍କ ଜୀବନବ୍ୟାପୀ ତ୍ୟାଗ, ତିତିକ୍ଷା ଓ ପ୍ରତିଭାକୁ ପ୍ରଣତି ଜଣାଇ ସାରଳା ସାହିତ୍ୟ ସଂସଦ ୨୦୧୫ ମସିହାରୁ ପ୍ରତିବର୍ଷ ଏପ୍ରିଲ ୨୪ ତାରିଖରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରିବା ସହିତ ଶ୍ରୀଧର ଦାସ ସ୍ମାରକୀ ବକ୍ତୃତା ପ୍ରଦାନର ବ୍ୟବସ୍ଥା କରି ଆସୁଛି । ଏହି ସମାରୋହରେ ବହୁ ବିଦ୍ୱାନ ଯୋଗଦେଇ ପାଣ୍ଡିତ୍ୟପୂର୍ଣ୍ଣ ବକ୍ତୃତା ପ୍ରଦାନ କରୁଛନ୍ତି । ଏପରି ଅମ୍ଳାନ ବିଦ୍ୱାନଙ୍କ ସ୍ମୃତିରେ

ସଂସଦ ଏପରି ସାରସ୍ୱତ କାର୍ଯ୍ୟକ୍ରମ ନିର୍ବାହ କରି ନିଜକୁ ଧନ୍ୟ ମଣୁଛି ଏବଂ ମୁଁ ଏହାର ପ୍ରତିଷ୍ଠାତା ଓ ସଭାପତି ଭାବରେ ଗୌରବାନ୍ୱିତ ଅନୁଭବ କରୁଛି ।

ପ୍ରତିଷ୍ଠାତା ଓ ସଭାପତି
ସାରଳା ସାହିତ୍ୟ ସଂସଦ, ସାରଳାଭବନ
କଟକ-୮

■■■

Digitized by srujanika@gmail.com

ପ୍ରଫେସର ଶ୍ରୀଧର ଦାସଙ୍କୁ ମୁଁ ଯେମିତି ଜାଣେ

ଶ୍ରୀ କୃଷ୍ଣଚନ୍ଦ୍ର ନାୟକ

ଶ୍ରୀଧର ଦାସ ଖ୍ରୀଷ୍ଟ ମହାବିଦ୍ୟାଳୟର ଅଧ୍ୟାପକ ଥାଆନ୍ତି; କେବଳ ଅଧ୍ୟାପକ କହିଲେ ବୋଧହୁଏ କଥାଟା ଠିକ୍ ହେଉ ନାହିଁ । ସେ ଥିଲେ ସେହି କଲେଜର ଆତ୍ମା ସ୍ୱରୂପ । ସୁଉଚ୍ଚ ମଣିଷଟିଏ । ପିନ୍‌ପିନ୍ ଧଳା ଧୋତି । ଧଳାରଙ୍ଗର ପଞ୍ଜାବୀ । ପାଟିରେ ପାନ । ବାହାରକୁ ଭାରି ସାଦାସିଧା । ସଂସ୍କୃତ ଓ ଓଡ଼ିଆ ଭାଷାରେ ଗଭୀର ପାଣ୍ଡିତ୍ୟ । ଅତ୍ୟନ୍ତ ଶୃଙ୍ଖଳାପ୍ରିୟ । ଗୋଟା କଲେଜର ଛାତ୍ରମାନେ ତାଙ୍କ ପାଖରେ ବଶମ୍ୱଦ । ସେତେବେଳେ ସେହି କଲେଜରେ ଝିଅମାନେ ପଢୁ ନ ଥାନ୍ତି । କେବଳ ପୁଅ ପିଲା । ସେଥିରେ ପୁଣି ସରକାରୀ /ବେସରକାରୀ ସ୍ତରରେ ଚାକିରି କରୁଥିବା ଲୋକେ ବି ପଢୁଥାନ୍ତି । କାରଣ ଏଇ କଲେଜଟି ସେ କାଳରେ ଥିଲା ସକାଳୁଆ । ତେଣୁ ଚାକିରିଆମାନଙ୍କୁ ଏଠି ପଢ଼ିବାକୁ ସୁବିଧା ହେଉଥିଲା । ସେଇ କଲେଜକୁ ମୁଁ ଅନେକ ଥର ଯାଇଛି । ସେତେବେଳେ ମୁଁ 'ପ୍ରଜାତନ୍ତ୍ର' କାର୍ଯ୍ୟାଳୟରେ ମ୍ୟାନେଜର ଥାଏ । ମୋର ଭାରି ଆଗ୍ରହ ହୁଏ ସେହି କଲେଜକୁ ଦେଖିବା ପାଇଁ । ତେଣୁ ମୁଁ ଯାଏ କଲେଜକୁ । ଇଂରାଜୀ, ଅର୍ଥନୀତି, ଇତିହାସ, ଦର୍ଶନ, ଓଡ଼ିଆ ଇତ୍ୟାଦି ବିଭାଗ ସହିତ ମଧ୍ୟ ବିଜ୍ଞାନ ଶ୍ରେଣୀ ନୂଆ କରି ଖୋଲିଥାଏ । ବହୁ ବିଜ୍ଞ ଅଧ୍ୟାପକ ଥାଆନ୍ତି । ରେଭେନ୍‌ସା କଲେଜ ପଛକୁ ଖ୍ରୀଷ୍ଟ କଲେଜର ନାଁ ଡାକ ଥାଏ । କଟକର ଖ୍ରୀଷ୍ଟିଆନ ବୋର୍ଡ଼ ତରଫରୁ ଏହି କଲେଜଟି ପରିଚାଳିତ ହେଉଥାଏ । ସରକାର ଏ କଲେଜ ଉପରେ ହସ୍ତକ୍ଷେପ କରୁ ନ ଥିଲେ । ଏହିପରି ଗୋଟିଏ ଐତିହାସିକ କଲେଜରେ ଶ୍ରୀଧରବାବୁ ଥାଆନ୍ତି ଅଧ୍ୟାପକ ଓ ଓଡ଼ିଆ ବିଭାଗର ମୁଖ୍ୟ ।

Digitized by srujanika@gmail.com

ଥରେ ମୁଁ ସେଇ କଲେଜକୁ କୌଣସି ଏକ କାମରେ ଯାଇଥାଏ । କଲେଜ ବାରଣ୍ଡାରେ ଦେଖିଲି ପ୍ରଫେସର ଶ୍ରୀଧର ଦାସଙ୍କୁ । ସେଇ ବାରଣ୍ଡାରେ କେତେ ପିଲା କ'ଣ ସବୁ ତାଙ୍କ ନିକଟରେ ଆପତ୍ତି କରୁଥାନ୍ତି । ଧୈର୍ଯ୍ୟ ଧରି ପିଲାମାନଙ୍କ କଥା ସେ ଶୁଣୁଥାନ୍ତି । ପ୍ରାୟ ସମସ୍ତଙ୍କର ସମସ୍ୟା ସମାଧାନ କରି ଦେଉଥାନ୍ତି । ଦରକାର ପଡ଼ିଲେ ଅଧ୍ୟକ୍ଷଙ୍କ କକ୍ଷକୁ ଯାଇ ତାଙ୍କୁ ବୁଝାଇ ପିଲାମାନଙ୍କୁ ସାହାଯ୍ୟ କରୁଥାନ୍ତି । ମୁଁ ଅନୁଭବ କଲି ଅଧ୍ୟକ୍ଷଙ୍କର ତାଙ୍କ ପ୍ରତି ଗଭୀର ସମ୍ମାନ ଥିଲା । ଅଧ୍ୟକ୍ଷ ଛୁଟିରେ ଥିଲେ ସେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିଲେ । କଲେଜର ସେ ବଡ଼ସାର ଥିଲେ । ଅଫିସ୍ କଥା ମଧ୍ୟ ବୁଝୁଥିଲେ । ପିଲାଙ୍କ ନାମ ଲେଖାବେଳେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ମୋର ମନେ ହେଉଥିଲା ସିଏ ଯେମିତି କଲେଜର ଆତ୍ମା ସ୍ୱରୂପ । ଖ୍ରୀଷ୍ଟିଆନ୍ ବୋର୍ଡ଼ର ମଧ୍ୟ ତାଙ୍କ ପ୍ରତି ଥିଲା ଗଭୀର ଆସ୍ଥା ଓ ବିଶ୍ୱାସ ।

ଶ୍ରୀଧର ବାବୁ ଥିଲେ ପଣ୍ଡିତ ବ୍ୟକ୍ତି । ସଂସ୍କୃତ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ । ଇଂରାଜୀ ସାହିତ୍ୟରେ ମଧ୍ୟ ସେ ଥିଲେ ଗଭୀର ଅବଗାହୀ । ପାଣିନିଙ୍କ ବ୍ୟାକରଣ 'ଅଷ୍ଟାଧ୍ୟାୟୀ' ତାଙ୍କର ଥିଲା ଅତ୍ୟନ୍ତ ପ୍ରିୟ ଗ୍ରନ୍ଥ । ଅଳଙ୍କାର ଶାସ୍ତ୍ରରେ ମଧ୍ୟ ଥିଲା ତାଙ୍କର ଦକ୍ଷତା । ସେ ରଚନା କରିଥିଲେ 'ସର୍ବସାର ବ୍ୟାକରଣ', ଓଡ଼ିଆ ଭାଷାରେ ଆମସ ସଟନଙ୍କଠାରୁ ଆରମ୍ଭ କରି ଫକୀରମୋହନ ସେନାପତି, ରାଧାନାଥ ରାୟ ଓ ପରେପରେ କେତେ ବିଦ୍ୱାନ ବ୍ୟକ୍ତି ବ୍ୟାକରଣ ବହି ଲେଖିଛନ୍ତି । ମାତ୍ର ଶ୍ରୀଧର ଦାସଙ୍କର 'ସର୍ବସାର ବ୍ୟାକରଣ' ଯେ ଏକ ପ୍ରାମାଣିକ ଓ ପୂର୍ଣ୍ଣାଙ୍ଗ ବ୍ୟାକରଣ, ମୁଁ ଉପଲବ୍ଧ କରିଛି । ପିଲାଙ୍କ ପାଇଁ ଓ ସାଧାରଣ ପାଠକମାନଙ୍କ ପାଇଁ ସେ କେତେ କେତେ ଗ୍ରନ୍ଥ ଲେଖି ଯାଇଛନ୍ତି । ଇଂରାଜୀ ସାହିତ୍ୟର କେତେ କବି, ନାଟ୍ୟକାର, ଔପନ୍ୟାସିକ ଓ ଗାଳ୍ପିକଙ୍କ ଲେଖାକୁ ସରଳ ଭାଷାରେ ସଂକ୍ଷିପ୍ତ ରୂପ ଦେଇଅଛନ୍ତି । ସଂସ୍କୃତ କଥାଗ୍ରନ୍ଥକୁ ମଧ୍ୟ ଦେଇଛନ୍ତି ସାବଲୀଳ ରୂପ । ନିଜର ଆତ୍ମଜୀବନୀଟିଏ ଲେଖିଛନ୍ତି – 'ସୁଅ ମୁହଁରେ ପତର' । ଭାରି ହୃଦୟସ୍ପର୍ଶୀ ତାଙ୍କର ସଂଘର୍ଷମୟ ଜୀବନଗାଥା ।

Digitized by srujanika@gmail.com

ଶ୍ରୀଧର ବାବୁ ନୀତିବାଦୀ । ମୂଲ୍ୟ ନୁହେଁ; ମୂଲ୍ୟବୋଧ ଉପରେ ବିଶ୍ୱାସୀ । ସେ ଭଲପାଉଛନ୍ତି ଶିକ୍ଷାକୁ, ଶିକ୍ଷାୟତନକୁ, ଛାତ୍ରମାନଙ୍କୁ ଓ ସର୍ବୋପରି ମଣିଷମାନଙ୍କୁ । ତାଙ୍କ ଭିତରେ ସତେ ଜାଗ୍ରତ ହୋଇ ରହିଥିଲା ମଣିଷପଣିଆ । ସେ ଥିଲେ ପ୍ରକୃତରେ ଜଣେ ଆଦର୍ଶ ଶିକ୍ଷକ ଓ ଶିକ୍ଷାବିତ୍, ଆଦର୍ଶ ଜନକ, ଆଦର୍ଶ ବନ୍ଧୁ ଓ ସର୍ବୋପରି ଆଦର୍ଶ ମଣିଷ । ସେ ଆଜି ନାହାନ୍ତି ସତ ମାତ୍ର ତାଙ୍କର ଅମଳିନ ବ୍ୟକ୍ତିତ୍ୱ ଏବେ ମଧ୍ୟ ଜୀବନ୍ତ ବୋଲି ମୋର ବିଶ୍ୱାସ । ସେ କାଳର ଯେତେଜଣ ଶିକ୍ଷାବିତ୍‌ଙ୍କୁ ମୁଁ ଜାଣିଥିଲି ସେମାନଙ୍କ ମଧ୍ୟରେ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି, ରତ୍ନାକର ପତି, କରୁଣାକର କର, କୁଞ୍ଜବିହାରୀ ଦାସ, କୁଞ୍ଜବିହାରୀ ତ୍ରିପାଠୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମୋତେ ଅନୁପ୍ରାଣିତ କରିଛନ୍ତି ଓ ସେମାନଙ୍କ ମଧ୍ୟରେ ଶ୍ରୀଧର ଦାସ ମୋତେ ବହୁ ଭାବରେ ଅନୁପ୍ରାଣିତ ଓ ପ୍ରଭାବିତ କରିଥିବା ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରୁଛି ।

■■■

ବାଣପୁର ରହଣି କାଳରେ (ବାଣପୁର ହାଇସ୍କୁଲରେ) ମୋର ସହକର୍ମୀ ଥିଲେ ଶ୍ରୀଧର ଦାସ । ଓଡ଼ିଆରେ ଏମ୍.ଏ. ପାସ୍ କରି ସେ ଖ୍ରୀଷ୍ଟ କଲେଜର ଅଧ୍ୟାପକ ହୋଇଥିଲେ । ସଂସାରୀଙ୍କ ମଧ୍ୟରେ ସାବଧାନୀ, ଭାବୁକଙ୍କ ମଧ୍ୟରେ କର୍ମୀ ।

– କୁଂଜ ବିହାରୀ ଦାଶ, ମୋ କାହାଣୀ, ୧୯୮୦

Digitized by srujanika@gmail.com

ଆମ ପ୍ରିୟ ସାର୍

ଶ୍ରୀ ପିତାମ୍ବର ଜେନା

"ଜୀବନଟା ଯେବେ ହୁଏ ବିରାଟ ଯନ୍ତ୍ରଣା
ଆଶା ହୁଏ ନିର୍ବାକ ଓ ମୂକ
ଧରାବୁକେ ଶୁଭେ ଯେବେ ବିଦାୟ ଗାଉଣା
ମୃତ୍ୟୁ କୁହେ ନିବିଡ଼ ସ୍ୱାଗତ ।"
– ଆର୍ଥର ଗୁଇଟରମ୍ୟାନ

x x x

"ଅବାସ୍ତବରୁ ବାସ୍ତବ ଅନ୍ଧକାରରୁ ଆଲୋକ
ମୃତ୍ୟୁରୁ ଅମରତ୍ୱକୁ ମୋତେ ନେଇଯାଅ ।"
– ବୃହଦାରଣ୍ୟକ ।

"ତୁମେ ତ ଜାଣିଲ ନାଇଁ, କିଏ ଦେଲା ଗଳେ ଫୁଲମାଳା,
ତୁମେ ତ ଜାଣିଲ ନାଇଁ, କିଏ ତୁମ ପଛେ ପଛେ ଗଲା ।"
– ଗୋଦାବରୀଶ ମିଶ୍ର

ମୁଁ ୧୯୫୧ ମସିହାରେ ମାଟ୍ରିକ୍ ପାଶ୍ କରି କଟକ ସ୍ୱରାଜ ଆଶ୍ରମର 'ମହତାବ ନିବାସ'ରେ ରହି ପ୍ରଜାତନ୍ତ୍ର ପ୍ରେସ୍‌ରେ ଚାକିରୀ କଲି ଓ ତା' ପରବର୍ଷ କଟକର ଖ୍ରୀଷ୍ଟ କଲେଜରେ ଆଇ.ଏ. ଶ୍ରେଣୀରେ ପଢ଼ିଲି । ସେଇ ୧୯୫୧ ମସିହା ମାଟ୍ରିକ୍ ପରୀକ୍ଷାରେ ଆମ ପ୍ରିୟ ସାର୍ ଶ୍ରୀଧର ଦାସଙ୍କ ବଡ଼ ପୁଅ ଜଗନ୍ନାଥ ପ୍ରସାଦ ଦାସ ଓଡ଼ିଶାରେ ୨ୟ ସ୍ଥାନ ଅଧିକାର କରିଥିଲେ । ସମୟ କ୍ରମେ ଏଇ ପରିବାର ସଙ୍ଗେ ସ୍ନେହ ଶ୍ରଦ୍ଧାର ପାଶରେ ସେଇ ଦିନରୁ ଆଜି ପର୍ଯ୍ୟନ୍ତ ବନ୍ଧା ହୋଇ ରହିଛି ।

Digitized by srujanika@gmail.com

ଯେଉଁ ଭଦ୍ରମଣ୍ଡଳି ଶ୍ରୀଧର ସାର୍‌ଙ୍କର "ସୁଅ ମୁହଁରେ ପତର" ବହିଟି ସୌଭାଗ୍ୟକ୍ରମେ ପାଠ କରିଥିବେ ସେଇଥିରୁ ଏଇ ମହାମାନୀ ମହାଶୟଙ୍କର ଜୀବନ ଲତିକା ବିଷୟରେ କିଛି କିଛି ଜାଣିପାରିଥିବେ । ଜୀବନର ପ୍ରାରମ୍ଭରୁ ଦାରିଦ୍ର୍ୟ କଷାଘାତରେ ଜର୍ଜ୍ଜରିତ ଥାଇ ନିଜର ପାଠପଢ଼ା, ଚାକିରୀ, ପିଲାଛୁଆଙ୍କ ଭଲ ମନ୍ଦ ବିଷୟ ଟିକି ନିଖି ବୁଝି ଆସିଛନ୍ତି ଏବଂ ମୃତ୍ୟୁ ପର୍ଯ୍ୟନ୍ତ ସତ୍ୟ ଧର୍ମ ନ୍ୟାୟ ମାର୍ଗରୁ ପଥଚ୍ୟୁତ ହୋଇ ନାହାନ୍ତି । ଯେତେବେଳେ ତାଙ୍କ ସଙ୍ଗରେ ମିଳାମିଶା କରିଛି ଓ ପାଠ ବିଷୟରେ ପଚାରିଛି, ସବୁବେଳେ ହସ ହସ ମୁହଁରେ ସଂକ୍ଷିପ୍ତ ଓ ପ୍ରାଞ୍ଜଳ ଭାବରେ ବୁଝାଇ ଦିଅନ୍ତି । ତାଙ୍କ ଘର କାକଟପୁର ଅଞ୍ଚଳ ହୋଇଥିଲେ ମଧ୍ୟ ତା'ପରେ ବାଣପୁର ବାସିନ୍ଦା ଓ ଶେଷଆଡ଼କୁ ସ୍ଥାୟୀ ଭାବେ କଟକର ବାସିନ୍ଦା ପାଲଟିଗଲେ । ତଗରପଡ଼ାରେ ଭଡ଼ାଘରେ ରହୁଥିଲେ ଯେତେବେଳେ ଏ ପରିବାର ସଂସ୍ପର୍ଶରେ ଆସିଲି । ଏହାପରେ ଦେଉଳସାହିରେ ଜମିକିଣି ସ୍ଥାୟୀ ଭାବରେ ଘର କରି ମହାଆନନ୍ଦରେ କାଳ କଟାଇଲେ; ମାତ୍ର ଏ ଜାଗା ମଧ୍ୟ ତାଙ୍କ ଅନ୍ତେ ହସ୍ତାନ୍ତରୀତ ହୋଇଗଲା ଏବଂ ସେଥିରୁ ଉଦ୍‌ବୃତ୍ତ ଅର୍ଥ ଏବଂ ପିଲାମାନଙ୍କର ସାହାଯ୍ୟ ସହଯୋଗ କ୍ରମେ ରାମଚନ୍ଦ୍ର ଭବନରେ "ଶ୍ରୀଧର ପାଠାଗାର" ପ୍ରତିଷ୍ଠିତ ହେଲା । ନିଜ ଜୀବଦ୍ଦଶାରେ ପାଇଥିବା ହଜାର ହଜାର ବହି ଏଇ ପାଠାଗାରର ପ୍ରାଥମିକ ଅଙ୍ଗ ରୂପେ ଶୋଭାପାଇଲା । ଏହାଛଡ଼ା ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃତ୍ୱରେ ସେତେବେଳେ ତିନି ଲକ୍ଷ ଟଙ୍କା ଦେଇଦେଲେ ଛାତ୍ରମାନଙ୍କର ଉନ୍ନତି ପାଇଁ । ବାପାଙ୍କର ଅର୍ଜ୍ଜିତ ଗୋଟିଏ ପଇସା ମଧ୍ୟ ପିଲାମାନେ ରଖିଲେ ନାହିଁ ବୋଲି ଶୁଣିଥିଲି ।

୧୯୫୨-୧୯୫୩ ମସିହାରେ ଖ୍ରୀଷ୍ଟ କଲେଜରେ ଆଇ.ଏ. ପଢୁଥିବା ବେଳେ ଆମର ଜଣେ ଶିକ୍ଷକ ନିଜର ପଢ଼ା ବିଷୟ ଛାଡ଼ି କ୍ଲାସରେ ବାହାଦୂରୀ ଦେଖାଇ ଭାରତ ତଥା ଓଡ଼ିଶାର ରାଜନୀତି ବିଷୟରେ ରେଖାପାତ କରନ୍ତି ଏବଂ ଡକ୍ଟର ହରେକୃଷ୍ଣ ମହତାବଙ୍କର କେନ୍ଦ୍ରମନ୍ତ୍ରୀ ମଣ୍ଡଳରୁ ବିତାଡ଼ନ ବିଷୟରେ ଗପମାନ ଲଗେଇ ଦିଅନ୍ତି । ମୋର ମନେପଡୁଛି ସେତେବେଳେ ଆମ ଶ୍ରେଣୀରେ ୨୦୦ରୁ ଉର୍ଦ୍ଧ୍ୱ ପିଲା ପଢୁଥିଲେ ଏବଂ ସାର୍‌ଙ୍କର ଭାଷଣରେ ଗଦ୍ ଗଦ୍ ହୋଇ ତାଳି ବୃଷ୍ଟି କରନ୍ତି । ଏଇ ସାର୍‌ଙ୍କର ଏପରି ବ୍ୟବହାର ମୋତେ ଭଲ ଲାଗିଲା ନାହିଁ । ମୁଁ ଆସ୍ତେ ଆସ୍ତେ ଶ୍ରୀଧର ସାର୍‌ଙ୍କୁ ଏ କଥା ଜଣାଇଲି; ମାତ୍ର ସେ ହସ ହସ ବଦନରେ ସବୁ ଶୁଣିଲେ ଏବଂ

Digitized by srujanika@gmail.com

ସାନ୍ତ୍ୱନା ବାଣୀ ଶୁଣାଇଲେ । ମୁଁ ଏଥିରେ ଏକମତ ନ ହେବାରୁ ମୋତେ ଉପଦେଶ ଦେଲେ ତଦାନିନ୍ତନ ଅଧ୍ୟକ୍ଷ ରେଭରେଣ୍ଡ ବ୍ରଜାନନ୍ଦ ମହାନ୍ତିଙ୍କୁ ଦେଖା କରିବାକୁ ଓ ଦରକାର ପଡ଼ିଲେ ଗୋଟିଏ ଆପତ୍ତି ଦରଖାସ୍ତ ଦେବାକୁ । ତାହା ହିଁ ହେଲା ଓ ୬/୭ ଦିନ ପରେ ଦେଖାଗଲା ଯେ ସେଇ ସାର୍‌ଙ୍କର ଏଇ ବାଚାଳ ରାଜନୀତି ବିଷୟ ଆଉ କେବେ ଶ୍ରେଣୀ କକ୍ଷରେ ଶୁଣାଗଲା ନାହିଁ ।

ଶ୍ରୀଧର ସାର୍‌ଙ୍କର ବଡ଼ପୁଅ ଜଗନ୍ନାଥ ବାବୁ ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ହେଲେ ଯେତେବେଳେ ସେ ପ୍ରଜାତନ୍ତ୍ର ମୀନାମଣ୍ଡଳିର ସଭ୍ୟ ହୋଇ ବାରମ୍ବାର ପ୍ରେସକୁ ଯାଉଥିଲେ ଏବଂ ଲେଖାଲେଖି କରୁଥିଲେ । ସମୟକ୍ରମେ ସେ ଓ ଆଜିର ଶିକ୍ଷକନେତା ବିବେକାନନ୍ଦ ଦାସ, ରାମ ଦାରାୟଣ ହୋତା ଆଦି ମିଶି ଆଉ ଗୋଟିଏ ସାହିତ୍ୟିକ ସଙ୍ଗଠନ କରିଥିଲେ । ତା'ର ନାମ ଥିଲା "ଅଭ୍ୟୁଦୟ ସାହିତ୍ୟ ମନ୍ଦିର" । ଏହାର ବୈଠକରେ ୧୯୫୨ ମସିହାରେ ମୁଁ ଥରେ ଦି' ଥର ଯୋଗ ଦେଇଛି ।

୧୯୫୬-୫୭ ମସିହାରେ ସମୟ କ୍ରମେ ମୁଁ ଏଇ କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇଲି ଓ ଶିକ୍ଷା ବିଭାଗ ଡିରେକ୍ଟରଙ୍କ ଅଫିସ୍‌ରେ ଚାକିରୀ କରିଥିଲି । ପ୍ରାୟ ବର୍ଷକ ପରେ ଦିନେ ଶ୍ରୀଧର ସାର ମୋତେ ଡାକି କହିଲେ, ପୀତାମ୍ବର, ମୋର ଝିଅ ବିଷ୍ଣୁର ବିଭାଘର ପ୍ରସଙ୍ଗରେ ଟିକେ ମୁଣ୍ଡ ପୂରାଇ ଜଣେ ଆଦର୍ଶବାନ ଯୋଗ୍ୟ ବରଟିଏ ଯୋଗାଡ଼ କର, ମୋଦ୍ୱାରା ସେ କାମ ହୋଇପାରୁ ନାହିଁ । ସାର୍‌ଙ୍କ ଏଇ କଥାରେ ମୁଁ ତରଳିଗଲି ଓ କିଛିଦିନ ପରେ ପ୍ରସ୍ତାବଟିଏ ବାଢ଼ିଲି । ନବକିଶୋର ବାବୁ ବି.ଏ. ପଢ଼ିଛନ୍ତି ଓ ତାଙ୍କୁ ଏମ୍.ଏ ପଢ଼ାଇ ଦେଲେ ସେ ଏ ପ୍ରସ୍ତାବ ଗ୍ରହଣ କରିଯିବେ । କାଉ ଉଡ଼ିବାକୁ ତାଳ ପଡ଼ିବା ଭଳି ଏ ପ୍ରସ୍ତାବଟି ଆମ ସାର୍ ଗ୍ରହଣ କରିଗଲେ ଓ ବଡ଼ ଜାକଜମକରେ ତାଙ୍କର ଅଳିଅଳି ଝିଅ ବିଷ୍ଣୁର ବିଭାଘର ହୋଇଗଲା । ସମୟକ୍ରମେ ମୁଁ ବାଣପୁର ତହସିଲରେ ତହସିଲଦାର ରୂପେ ୧୯୭୮-୧୯୮୨ ମସିହା ଯାଏଁ ରହିଥିଲି । ଏହି ସମୟ ମଧ୍ୟରେ ଦିନେ ବିଷ୍ଣୁପ୍ରିୟା ଏବଂ ତାଙ୍କ ସ୍ୱାମୀ ନବକିଶୋର ବାବୁ ମୋ ପାଖରେ ହାଜର ହୋଇ କହିଲେ, "ହଇ ହୋ ତହସିଲଦାର ବାବୁ, ଆମର ବିଭାଘର ତ କରେଇ ଦେଇଥିଲ । ଏବେ ବାଣପୁରରେ ଜଣେ ଅବିବାହିତ ଆଇ.ଏ.ଏସ୍ ଅଫିସର ଅଛନ୍ତି । ତାଙ୍କ ସଙ୍ଗେ ଆମ ଝିଅର ବିଭାଘର

Digitized by srujanika@gmail.com

ପ୍ରସ୍ତାବଟି ପକାଅ । ଯୋଗ ଥିଲେ ଏହା କାର୍ଯ୍ୟକାରୀ ହୋଇପାରନ୍ତା ।" ମୁଁ ଏକଥା ଶୁଣି ସ୍ତବ୍ଧ ହୋଇଗଲି ଓ ମନରେ ଆନନ୍ଦର ରେଖାପାତ ହୋଇଥିଲା । ଦୁର୍ଯୋଗକୁ ଏମାନଙ୍କର ଝିଅର ପ୍ରସ୍ତାବଟି ବାଣପୁରରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ ଏବଂ ସମୟ କ୍ରମେ ଅନ୍ୟ ଆଡ଼େ ଭଲ ଜାଗାରେ ତା'ର ହାତକୁ ଦି ହାତ ହୋଇ ଯାଇଥିଲା ।

ମୋର ଯେତେଦୂର ମନେପଡୁଛି ଜଗନ୍ନାଥ ବାବୁଙ୍କ ସଙ୍ଗେ ପ୍ରାୟ ୧୯୫୮ ମସିହା ଆଡ଼କୁ କଟକ ଚଣ୍ଡିମନ୍ଦିର ପାଖରେ ଦେଖା ହୋଇଗଲା । ସେତେବେଳକୁ ସେ ଏଲାହାବାଦ ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାଶ କରିଗଲେଣି । ମୁଁ ପଚାରିଲି, "ତମେ ନିଶ୍ଚୟ ଫାଷ୍ଟ ଡିଭିଜନରେ ପାଶ୍ କରିଥିବ ।" ସେ ହଁ କହି ହସିଲେ । ମୁଁ ତା'ପରେ ପଚାରିଲି, "ତମେ ନିଶ୍ଚୟ କ୍ଲାସରେ ପ୍ରଥମ ହୋଇଥିବ ?" ସେ ସେଇମିତି ଟିକେ ହସି 'ହଁ' କହିଲେ । ମୁଁ ଜଣେ ଉଦଭ୍ରାନ୍ତ ଯୁବକ ଭଳି ଉତ୍ତର ଦେଲି, "ତମେ ଫାଷ୍ଟକ୍ଲାସରେ ଫାଷ୍ଟ ହୋଇଛ, ଅଥଚ କୁନ୍ଥେଇ କୁନ୍ଥେଇ କରି ଉତ୍ତର ଦେଉଛ । ମାତ୍ର ଆମେ ଯଦି କଦବାଏ ୩ୟ ଶ୍ରେଣୀରେ ପାଶ୍ କରିଯାଉଁ, ଆମକୁ ଏତେ ଗର୍ବ ଆସିଯାଏ ଯେ ଖଣ୍ଡିଆ ସାଇକେଲରେ ନିଜର ୬/୭ ଘର ଚିହ୍ନା ପରିବାରକୁ ଯାଇ ଏକଥା ଉପରେ ପଡ଼ି ସେମାନଙ୍କୁ ହସ ହସ ମୁହଁରେ କହିଯାଉ । ସମୟକ୍ରମେ ସେଠି ଏମ୍.ଏ ପାଶ୍ ପରେ କିଛିଦିନ ପାଇଁ ଅଧ୍ୟାପକ ଚାକିରୀଟିଏ ମିଳିଗଲା ଓ ଆଇ.ଏ.ଏସ୍ ପରୀକ୍ଷାରେ ଯୋଗ ଦେଲେ । ସେ ଭାବିଥିଲେ ଏଥର ଯାଇତାଇ ଏ ପରୀକ୍ଷାରେ ବସିଯିବି; ମାତ୍ର ଆରବର୍ଷ ପରୀକ୍ଷାରେ ଠିକ୍ ରୂପେ ପ୍ରସ୍ତୁତ ହୋଇ ଯୋଗ ଦେବେ । ବାପାଙ୍କର ପବିତ୍ର ରକ୍ତକଣାରୁ ଜାତ ଜଗନ୍ନାଥ ବାବୁ ସେଇ ପ୍ରଥମ ପରୀକ୍ଷାରେ ଆଇ.ଏ.ଏସ୍‌ରେ ୧୯ଶ ସ୍ଥାନ ଦଖଲ କରିଥିଲେ ବୋଲି ଶୁଣିଥିଲି ।

ଏଇ ପରମବନ୍ଧୁ ଜଗନ୍ନାଥବାବୁଙ୍କୁ ଏ ଚାକିରୀଟି ଭଲ ଲାଗିଲା ନାହିଁ ଯେଉଁଥିପାଇଁ ଭାରତର ଲକ୍ଷ ଲକ୍ଷ ପିଲା ବିକଳ ନୟନରେ ଅନେଇଁଥାନ୍ତି, ଠାକୁରଙ୍କୁ ଡାକୁଥାନ୍ତି । କଳାହାଣ୍ଡିରେ ୧୯୬୫-୬୬ ମସିହାରେ କଲେକ୍ଟର ଥିଲାବେଳେ ସେଠାରେ ଦୁର୍ଭିକ୍ଷ ପଡ଼ିଥିଲା ଓ ସେ ସରକାରୀ ସ୍ତରରେ ତାଙ୍କ କାମ ପାଇଁ ବହୁ ପ୍ରଶଂସାଭାଜନ ହୋଇଥିଲେ ।

ମୁଁ ଓ.ଏ.ଏସ୍ ଚାକିରୀରୁ ଅବସର ପରେ ୧୯୯୪ ମସିହାରେ ଥରେ ଦିଲ୍ଲୀ ଯାଇ ସେଠି ଘର କିଣି ସ୍ଥାୟୀ ଭାବେ ରହୁଥିବା ଜଗନ୍ନାଥ ବାବୁଙ୍କୁ ଅତି ଆଗ୍ରହରେ

Digitized by srujanika@gmail.com

ସାକ୍ଷାତ କରିଥିଲି । ପ୍ରାୟ ଅଧଘଣ୍ଟାକ ପରେ ମୋତେ ପଚାରିଲେ, ଟିକେ ଚା' ଖାଇବ କି ? ମୁଁ ହଁ କରି କହିଲି "କିଏ ଚା' କରିବ ?" ସେ ନିଜେ କରିଦେବେ କହିବାରୁ ମୁଁ ମନା କଲି; ମାତ୍ର ସେ ମୋ ମନା ନ ମାନି ୫/୬ ମିନିଟ୍ ଭିତରେ ଦି କପ୍ ଚା ଘେନି ଆସିଲେ । ମୁଁ ସେଠୁ କହିଲି, "ମୋ ପାଇଁ ହଇରାଣ ହେଲ, ମାତ୍ର ମୁଁ ମୋ ପ୍ଲେଟଟି ଧୋଇବି । ସେ ରାଜି ନ ହୋଇ ରହସ୍ୟରେ କହିଲେ, ମୋ ଶୋଇବା ଘରେ ବେସିନ ଅଛି, ତମେ ସେଠି ପ୍ରବେଶ କରିପାରିବ ନାହିଁ । ସେଠୁ ମୋତେ ବୁଝାଇଦେଲେ "ଓଡ଼ିଶାରେ ସିନା ଘର କାମ କରିବାକୁ ବହୁତ ଲୋକ ମିଳୁଛନ୍ତି, ଦିଲ୍ଲୀରେ ଏହା ଅସମ୍ଭବ । ହାତରେ ଆମକୁ କିଛି କାମ କରିବାକୁ ପଡ଼େ ।" ତାଙ୍କଠାରୁ ସେ ଦିନରୁ ଏକଥା ଶିଖି ମୁଁ କଟକରେ ମୋ ଘରେ ଏ ପର୍ଯ୍ୟନ୍ତ ବାହାରୁ ଯେତେ ସାଙ୍ଗ ବା ବନ୍ଧୁ ବାନ୍ଧବ ଆସନ୍ତି, ସେମାନେ ଯିବା ପରେ ସେମାନଙ୍କ କପ୍, ପ୍ଲେଟ, ଗ୍ଲାସ ଆଦି ଅତି ଆନନ୍ଦରେ ଧୋଇ ଦେଉଛି ।

ଜଗନ୍ନାଥ ବାବୁଙ୍କ ତଳ ଭାଇ କୃଷ୍ଣପ୍ରସାଦଙ୍କ ସଙ୍ଗରେ ୧୯୫୮ ମସିହାରେ ବି.ଏ. ପରୀକ୍ଷା ଦେଇଥିଲି । ସମୟ କ୍ରମେ ଭାରତୀୟ ରେଳବାଇରେ ବଡ଼ ଅଫିସରଟିଏ ହୋଇଥିଲେ; ମାତ୍ର ଦୁର୍ଭାଗ୍ୟକୁ ପାରିବାରିକ ଯନ୍ତ୍ରଣାରେ ଜର୍ଜରିତ ହୋଇ ଅକାଳରେ ମୃତ୍ୟୁବରଣ କଲେ । ତାଙ୍କର କଲିକତାରେ ବାସସ୍ଥାନଟିଏ ଥିଲା । ପିଲାଛୁଆ ତ କେହି ନ ଥିଲେ । ତେଣୁ ଏହା ଅନ୍ୟ ଲୋକମାନଙ୍କର ଦଖଲରେ ରହିଗଲା ବୋଲି ଶୁଣିଥିଲି ।

ଏ ପରିବାରର ସାନପୁଅ ଶ୍ରୀଯୁକ୍ତ ରଘୁନାଥ ପ୍ରସାଦ ଦାସ ଯିଏ କି ଇଞ୍ଜିନିୟର-ଇନ୍-ଚିଫ୍ ଆସନରୁ ଅବସର ନେଇଥିଲେ ତାଙ୍କୁ ଆଜିକାଲି ମଧ୍ୟ ମୁଁ ଗେଲରେ "ହାପ୍ ପ୍ୟାଣ୍ଟ ବଏ" କହିଥାଏ । ନିଜର ଅର୍ଦ୍ଧାଙ୍ଗିନୀ ଶ୍ରୀମତୀ ପ୍ରମୋଦା ଦାସ ଏବଂ ପିଲା ଛୁଆଙ୍କ ସଙ୍ଗେ କଟକ ଦେଉଳ ସାହିର ଅନ୍ୟ ଏକ ଜାଗାରେ ସାର୍‌ଙ୍କ ଘରେ ମହା ଆନନ୍ଦରେ ଅଛନ୍ତି ଓ ଉଭୟେ କଟକର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନରେ କର୍ମକର୍ତ୍ତା ଅଛନ୍ତି କିମ୍ବା ସେଠାକୁ ବିଭିନ୍ନ କାର୍ଯ୍ୟକ୍ରମରେ ଯାଇଥାନ୍ତି । ମୋତେ ୮୬ ବର୍ଷ ହୋଇଗଲାଣି ମାତ୍ର ଏ ପରିବାର ସହ ମୋର ଦୀର୍ଘ ୬୭/୬୮ ବର୍ଷର ଅନ୍ତରଙ୍ଗ

Digitized by srujanika@gmail.com

ସମ୍ପର୍କ ଏବେ ମଧ୍ୟ ଜାଜ୍ୱଲ୍ୟମାନ ହୋଇ ରହିଛି । ଆମର ଗୋଟିଏ ଢଗ ଅଛି, "ବାପ୍ ସେ ବେଟା ଜ୍ୟାଦା ।" ତେଣୁ ଶ୍ରୀଧର ସାର୍‌ଙ୍କ ଜୀବନରେ ଦାରିଦ୍ର୍ୟର କଷାଘାତ ସିନା ଲାଗିଥିଲା ମାତ୍ର ସେ ଅତିମାତ୍ରାରେ ସତ୍ୟ, ଧର୍ମ ଓ ନ୍ୟାୟମାର୍ଗରେ ବଞ୍ଚି ରହିଥିଲେ ୧୯୮୮ମସିହାରେ ପ୍ରାଣ ତ୍ୟାଗ କରିବା ପର୍ଯ୍ୟନ୍ତ । ଏହା ହିଁ ପରିବାରକୁ ଈଶ୍ୱରଙ୍କର ବରଦାନ ସ୍ୱରୂପ । ଜୀବନର ଗଦା ଗଦା ଅନୁଭୂତି ଏ ପରିବାର ସହ; ମାତ୍ର ସେଥିରୁ ସାମାନ୍ୟ କେତେ ଖିଅ ଲେଖିଦେଲି ।

ବିହାରୀବାଗ କଲୋନୀ, କଟକ-୨

ମୋ : ୮୮୯୫୫୭୨୫୭୧

■■■

> ଅଧ୍ୟାପକ ଶ୍ରୀଧର ଦାସଙ୍କର ସୁନାମ ସମ୍ପର୍କରେ ଅବିହିତ ଥିଲେ ମଧ୍ୟ ତାଙ୍କୁ ବ୍ୟକ୍ତିଗତ ଭାବରେ ଜାଣିବାର ବେଶ କିଛି ବର୍ଷ ପୂର୍ବରୁ ତାଙ୍କ ସୁପୁତ୍ର ଶ୍ରୀ ଜଗନ୍ନାଥ ପ୍ରସାଦ ଦାସଙ୍କ ସହ ସୌହାର୍ଦ୍ଦ୍ୟ ଥିଲା । ସାହିତ୍ୟ କ୍ଷେତ୍ରକୁ ଆମ ଆଗମନ ସମକାଳୀନ । ଜଗନ୍ନାଥ ପ୍ରସାଦଙ୍କ ସହ ସମ୍ପର୍କ ,ଦୃଷ୍ଟିରୁ ଶ୍ରୀଯୁକ୍ତ ଶ୍ରୀଧର ଦାସଙ୍କୁ ମୁଁ ପିତୃତୁଲ୍ୟ ମନେ କରିବା ଥିଲା ସ୍ୱାଭାବିକ ।
>
> – ମନୋଜ ଦାସ, ଓଡ଼ିଶାର ଭାଷା ସଂସ୍କୃତି ଓ କିଂବଦନ୍ତୀ

Digitized by srujanika@gmail.com

ସଂଘର୍ଷର ଅନ୍ୟନାମ ଶ୍ରୀଧର

ଡ. ନାରାୟଣ ସାହୁ

ପଣ୍ଡିତ ଶ୍ରୀଧର ଦାସ ବାସ୍ତବରେ ଥିଲେ ଜଣେ ନିରଳସ ଶିକ୍ଷକ, କିନ୍ତୁ ସାହିତ୍ୟ ଓ ସଂସ୍କୃତିର ସେବା ଥିଲା ତାଙ୍କ ଜୀବନର ଏକନିଷ୍ଠ ବ୍ରତ ବା ପ୍ରବୃତ୍ତି । ସେ ଏକାଧାରରେ ଥିଲେ ଜଣେ ନିଷ୍ଠାପର ଗବେଷକ, ଅନୁବାଦକ, ବ୍ୟାକରଣକାର, ସମ୍ପାଦକ, ସଙ୍କଳକ ଓ ପାଠ୍ୟ ପୁସ୍ତକର ପ୍ରଣୟିତା । ସଂସ୍କୃତ, ଓଡ଼ିଆ ଓ ଇଂରାଜୀ ଏହି ତିନୋଟି ଭାଷାରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ । ଶତାଧିକ ଗ୍ରନ୍ଥର ରଚୟିତା ଏହି ସିଦ୍ଧ ସାଧକଙ୍କ ଜୀବନ ଜଞ୍ଜାଳର ସଂଘର୍ଷ ଥିଲା ତାଙ୍କ ଜୀବନର ମାପକାଠି । ଜୀବନରେ ଦ୍ୱନ୍ଦ୍ୱ ଥିବାରୁ ହିଁ ସେ ଅନାୟାସରେ ଅଗ୍ରସର ହୋଇପାରିଥିଲେ । ତାଙ୍କ ଜୀବନର ସଂଘର୍ଷର କାହାଣୀ ଆଜିର ଅଗଣିତ ଛାତ୍ର ଗବେଷକ ତଥା ସାହିତ୍ୟ ଅନିସନ୍ଧିତ୍ସୁଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ଜୀବନର ପ୍ରତିଟି ପାବଚ୍ଛରେ ତାଙ୍କର ଭରି ରହିଥିଲା ଦୁଃଖ, ଯାତନା ଏବଂ ସଂଘର୍ଷ ।

ଶ୍ରୀଧର ଦାସ କର୍ମରେ ବିଶ୍ୱାସ କରୁଥିଲେ । ଫଳାଫଳ ବିଧି ଉପରେ ଛାଡ଼ି ଦେଇଥିଲେ । ଜୀବନ ପ୍ରତି ତାଙ୍କର ଥିଲା ଏକ ଭିନ୍ନ ଦୃଷ୍ଟିକୋଣ – "ଧର୍ମ ଅର୍ଜନ ପାଇଁ ମୁଁ କେବେ ଚେଷ୍ଟା କରି ନାହିଁ ଏବଂ ଧର୍ମ ଅର୍ଜନ କରିବାର ପନ୍ଥା କ'ଣ ତାହା ଜାଣେ ନାହିଁ । ଅନେକ ଲୋକ ତଥାକଥିତ ଆଚରଣ କରିଥାନ୍ତି କିନ୍ତୁ ସେ ପ୍ରକାର ଧର୍ମାଚରଣରେ ମୋର ବିଶ୍ୱାସ ନାହିଁ । ମୁଁ କେବଳ କାର୍ଯ୍ୟ କରିବାକୁ ଚେଷ୍ଟା କରିଛି ଓ ସେହି କାର୍ଯ୍ୟରେ ସଫଳ ହୁଏ ବିଫଳ ହୁଏ, ତାହା ଈଶ୍ୱରଙ୍କ ନିର୍ଦ୍ଦେଶ ବୋଲି ଧରିନେଇଛି ।"

ଜୀବନରେ ପ୍ରତିକୂଳ ପାଣିପାଗ କେମିତି ଆସେ ଓ କି ପ୍ରକାର ଝଡ଼ ସୃଷ୍ଟି କରେ, ତା'ର ସମ୍ମୁଖୀନ ହୋଇଥିଲେ ଶ୍ରୀଧର ଦାସ । ଖାଲି ସାମ୍ନା କରି ନ ଥିଲେ

Digitized by srujanika@gmail.com

ସେ, ସେଥିରୁ ମୁକ୍ତି ହେବାର ବିପଜ୍ଜନକ ସାହସ ମଧ୍ୟ ସେ କରିବାକୁ ପଶ୍ଚାତପଦ ହୋଇ ନ ଥିଲେ । ଓଡ଼ିଶାର ଇତିହାସ ଭୂଗୋଳ ସହିତ ସେ ନିଜକୁ ମିଶାଇ ଦେଇଛନ୍ତି । ପାଇବା ଏବଂ ହରାଇବା ଭିତରେ ତାଙ୍କ ଜୀବନବୃତ୍ତ ଏକ ଭିନ୍ନ ସ୍ୱାଦର ନାଟକ ପାଲଟି ଯାଇଛି । ଜୀବନରେ ଘଟି ଯାଉଥିବା ପ୍ରତିଟି ଦୃଶ୍ୟକୁ ସେ ଈଶ୍ୱରଙ୍କ ଆଶୀର୍ବାଦ ମଣି ସାଦରେ ଗ୍ରହଣ କରିଛନ୍ତି ।

ପୁରୀ ଜିଲ୍ଲା ସ୍କୁଲରେ ପଢୁଥିବା ବେଳେ ଶ୍ରୀଧରଙ୍କ ଜୀବନରେ ପ୍ରଥମ ମୋଡ଼ ଆସିଥିଲା । ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନର ଡାକରା ଦେଇ ସାକ୍ଷୀଗୋପାଳ ଆସିଥାନ୍ତି । ତାଙ୍କ ଭାଷଣରେ ଉଦ୍‌ବୁଦ୍ଧ ହୋଇ ବହୁ ଛାତ୍ର ଶିକ୍ଷକ ଆନ୍ଦୋଳନରେ ଯୋଗ ଦେଇଥାନ୍ତି । ସେଦିନ ବି ଶ୍ରୀଧରଙ୍କ ଭିତରେ ସୃଷ୍ଟି ହୋଇଥିଲା ଆନ୍ଦୋଳନ । ପଢ଼ିବେ ନା ଆନ୍ଦୋଳନରେ ଯୋଗ ଦେବେ ?

ଛାତ୍ର ଜୀବନରେ ଦ୍ୱନ୍ଦ୍ୱକୁ ସେ ସମୟରେ ଦୃଢ଼ତାର ସହିତ ଦୂର କରିଥିଲେ ପୁରୀ ଜିଲ୍ଲା ସ୍କୁଲର ତତ୍କାଳୀନ ହେଡ଼ମାଷ୍ଟର ଉପେନ୍ଦ୍ରବାବୁ । ତାଙ୍କର ବକ୍ତବ୍ୟ – "କ'ଣ ଦେଇ ତୁମେ ଦେଶର ସେବା କରିବ ? ତୁମର ସ୍ୱାର୍ଥ ବୋଲି କଅଣ ଅଛି ଯେ ତାକୁ ତ୍ୟାଗ କରିବ ? ମୋତିଲାଲ ନେହେରୁ, ଚିତ୍ତରଞ୍ଜନ ଦାସ, ମହାତ୍ମାଗାନ୍ଧୀ ପ୍ରଭୃତିଙ୍କର ସ୍ଥାନ , ଧନ, ବୁଦ୍ଧି, ପ୍ରତିପତ୍ତି ଅଛି । ସେମାନେ ସେହି ସବୁ ସ୍ୱାର୍ଥ ତ୍ୟାଗ କରି ଦେଶସେବା କରୁଛନ୍ତି । ତୁମର କଅଣ ଅଛି ? ତୁମ ପକ୍ଷରେ ଆଗ ସ୍ୱାର୍ଥ ଦରକାର; ତା'ପରେ ସେହି ସ୍ୱାର୍ଥକୁ ତ୍ୟାଗ କରିବାର ଦେଖିଲେ ମୁଁ ବଡ଼ ଖୁସି ହେବି" ଶ୍ରୀଧରଙ୍କ ପ୍ରଥମ ପାହାଚକୁ ସୁଦୃଢ଼ କରିଥିଲା । ନଚେତ୍ ଶ୍ରୀଧରଙ୍କ ରାସ୍ତା ସମ୍ପୂର୍ଣ୍ଣ ଅଲଗା ହୋଇ ଯାଇଥାଆନ୍ତା ।

ଛାତ୍ର ଜୀବନରେ ପାଉଥିବା ବୃତ୍ତି ହିଁ ଶ୍ରୀଧରଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ଯିବାର ରାସ୍ତା କଢ଼େଇ ନେଇଥିଲା । ୧୯୨୨ରେ ମାଟ୍ରିକ୍ ପାଶ୍ କରି ଉଚ୍ଚଶିକ୍ଷା ପାଇଁ ଅଣ୍ଟା ଭିଡ଼ିଲେ । ରେଭେନ୍‌ସାରେ ପଢ଼ିବା ପାଇଁ ଆଗ୍ରହ ଥିଲେ ମଧ୍ୟ ବୋଡ଼ିଙ୍ଗରେ ରହି ପାଠ ପଢ଼ିବା ତାଙ୍କ ପକ୍ଷେ ଅସମ୍ଭବ ଥିଲା । ଆର୍ଥିକ ଅନଟନ ହିଁ ତାଙ୍କ ପାଦକୁ ଜାବୁଡ଼ି ଧରିଥିଲା । ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସେ ପାଟନା ଇଞ୍ଜିନିୟରିଙ୍ଗ ସ୍କୁଲରେ ଭର୍ତ୍ତି ହେଲେ । ମାତ୍ର ସେ ସ୍କୁଲର ୱାର୍କସପ୍ ଆଉ ପାଠପଢ଼ା ତାଙ୍କୁ ବ୍ୟତିବ୍ୟସ୍ତ କରି

Digitized by srujanika@gmail.com

ପକାଇଲା । ବାଧ୍ୟ ହୋଇ ସେ ସ୍କୁଲଛାଡ଼ି ବି.ଏନ୍ କଲେଜରେ ଭର୍ତ୍ତି ହେଲେ ଆଇ.ଏ ପଢ଼ିବା ପାଇଁ । ଟାଇଫଏଡ୍‌ଦ୍ୱାରା ଆକ୍ରାନ୍ତ ହେଲେ ମଧ୍ୟ ଶ୍ରୀଧର ପରୀକ୍ଷାରୁ ବଂଚିତ ହୋଇ ନ ଥିଲେ । ଦୃଢ଼ ଇଚ୍ଛାଶକ୍ତି ହୁଏତ ତାଙ୍କୁ ଉତ୍ତୀର୍ଣ୍ଣ କରାଇଥିଲା ।

ଆଇ.ଏ. ପାଶ୍ ପରେ ତାଙ୍କର ପ୍ରଥମ ଚାକିରୀ ଜୀବନ ଆରମ୍ଭ ହୁଏ କୋ ଶିକ୍ଷକ ଭାବେ ବୀର ନରସିଂହପୁର ବିଶ୍ୱନାଥ ମି.ଇ. ସ୍କୁଲରେ । ପରେ କାକଟପୁର ମାଇନର ସ୍କୁଲରେ ଶିକ୍ଷକତା ଆରମ୍ଭ କଲେ । ବି.ଏ. ପାଶ୍ କରି ଓଳସିଂହ ସ୍କୁଲରେ ଶିକ୍ଷକ ଜୀବନ ଆରମ୍ଭ କରିଛନ୍ତି । ଏଇଠି ଥିବା ବେଳେ ବି.ଇଡ଼ି. ପାଶ୍ କରି ପୁଣି ଶିକ୍ଷକତା ଆରମ୍ଭ କରନ୍ତି । ପରେ ପରେ ସେ ବଉଦ ଗଡ଼ଜାତର କିଙ୍ଗ ଏଡ଼ୱାଡ଼ ସ୍କୁଲରେ ହେଡ୍‌ମାଷ୍ଟର ଭାବେ ଯୋଗ ଦିଅନ୍ତି । ସ୍କୁଲଟି ହାଇସ୍କୁଲରେ ପରିଣତ ହେଲାବେଳେ ରାଜା ସାହେବ ତାଙ୍କୁ ଏଜୁକେଶନ ଅଫିସର ଭାବେ ନିଯୁକ୍ତ କରି ଶିକ୍ଷା ବିଭାଗର ସବୁ ଦାୟିତ୍ୱ ତାଙ୍କୁ ଛାଡ଼ି ଦିଅନ୍ତି । ବଉଦରେ ଥିବାବେଳେ ସେଠାକାର ଲୋକଙ୍କ ଦାରିଦ୍ର୍ୟ ଓ ରାଜାମାନଙ୍କର ଯଥେଚ୍ଛାଚାରିତା ସହିତ ସେ ଭଲ ଭାବେ ପରିଚିତ ଥିଲେ । ଅନେକ ସମୟରେ ସେ ରାଜା ସାହେବଙ୍କ କାର୍ଯ୍ୟକୁ ପସନ୍ଦ କରୁ ନ ଥିଲେ; କିନ୍ତୁ ପ୍ରତିବାଦ କରିବାର ସାହସ ମଧ୍ୟ ନ ଥିଲା । ଏମ୍.ଇଡ଼ି. ପଢ଼ିବାକୁ ଚାହିଁବାରୁ ରାଜା ସାହେବ ତାଙ୍କୁ ଛାଡ଼ି ନ ଥିଲେ । କିଛି ସ୍ଥାନୀୟ ସ୍ୱାର୍ଥ ପାଇଁ ଶ୍ରୀଧର ମଧ୍ୟ ରାଜାଙ୍କ ବିଷାକ୍ତ ବଳୟ ଭିତରକୁ ଠେଲି ହୋଇ ଯାଇଥିଲେ । ଛୁଟିରେ ଘରକୁ ଆସି ସେ ଆଉ ସେଠାକୁ ନ ଫେରି ଚାକିରୀରୁ ଇସ୍ତଫା ଦେଇ ଦେଇଥିଲେ ।

ଶ୍ରୀଧର ଥିଲେ ଅତିମାତ୍ରାରେ ଭାବପ୍ରବଣ । ଏଥିପାଇଁ ଅନେକ ସମୟରେ ସେ ଭୁଲ କରି ବସୁଥିଲେ । ଗଡ଼ଜାତ ଛଡ଼ି ଓଳସିଂହ ହାଇସ୍କୁଲରେ ଯୋଗ ଦେଲେ । ଏଠାରେ କିନ୍ତୁ ଗଡ଼ଜାତର ରୋଜଗାର ନ ଥିଲା, ହେଲେ ତାଙ୍କ ପିତା ତାଙ୍କଠାରୁ ଅନେକ କିଛି ଆଶା କରୁଥିଲେ ଯାହା ସେ ଦେବାକୁ ଅସମର୍ଥ ଥିଲେ । ତାଙ୍କର ଏହି ଅସୁବିଧାକୁ କେହି ବୁଝିବାକୁ ପ୍ରସ୍ତୁତ ନ ଥିଲେ । ଓଳସିଂହ ସ୍କୁଲରେ ଗୋଟିଏ ବର୍ଷ ରହି ମନୋମାଳିନ୍ୟ ହେବାରୁ ଚାକିରୀ ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ଗାଁକୁ ପରିବାର ସହ ଫେରିବାରୁ ସେଠାରେ ମଧ୍ୟ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିଲା । ଯୋଗକୁ ବାଣପୁରରେ ଶିକ୍ଷକ ଚାକିରୀଟିଏ ତାଙ୍କୁ ମିଳିଗଲା । ତେବେ ମାତ୍ର ସତୁରୀ

Digitized by srujanika@gmail.com

ଟଙ୍କାରେ । ବଉଦରେ ୧୩୦ ଟଙ୍କା ମିଳୁଥିବା ବେଳେ ଏଠାରେ ତାଙ୍କୁ ମାତ୍ର ୭୦ ଟଙ୍କାରେ ଚଳିବାକୁ ହେଲା । ପରିବାରର ଖର୍ଚ୍ଚ, ଗାଁର ଆବଶ୍ୟକତା, ଏସବୁ ବାବଦକୁ ସତୁରି ଟଙ୍କା ଯଥେଷ୍ଟ କମ୍ ଥିଲା । ଗୋଦାବରୀଶଙ୍କ ଅନୁରୋଧରେ ସେ ବାଣପୁର ଆସିଥିଲେ । ତେବେ ବାଣପୁର ପ୍ରତି ତାଙ୍କର ଏକପ୍ରକାର ମାୟା ଆସି ଯାଇଥିଲା ।

ବାଣପୁର ହାଇସ୍କୁଲରେ ଜଣେ ଶିକ୍ଷକ ତାଙ୍କ ଚରିତ୍ର ପ୍ରତି ଆକ୍ଷେପ କରି ତାଙ୍କ କାର୍ଯ୍ୟକଳାପର ନିନ୍ଦା କରିବାରୁ ଏ ଦିଗରେ କିଛି ପ୍ରତିକାର ନ ପାଇବାରୁ ସେ ଇସ୍ତଫା ଦେବାକୁ ବାଧ ହୋଇଥିଲେ । ମନ୍ତ୍ରୀ ଗୋଦାବରୀଶ ମଧ ତାଙ୍କୁ ଅଣହେଳା କରିଥିଲେ । ବାଣପୁର ରହଣିକାଳ ଭିତରେ ତାଙ୍କ ଜୀବନରେ ନାନା ଘଟଣା ଦୁର୍ଘଟଣା ଘଟି ଯାଇଥିଲା । ସେ ପଠାଉଥିବା ଟଙ୍କାରେ ତାଙ୍କ ପିତା ଜମିବାଡ଼ି କ୍ରୟ କରୁଥିଲେ ଏବଂ ସାନଭାଇର ଶିକ୍ଷକ ଚାକିରୀ । ତେଣୁ ଗ୍ରାମରେ କିଛି ଅସୁବିଧା ନ ଥିଲା । ମାତ୍ର ସେ ନିଜେ ଅସୁବିଧାରେ ପଡ଼ିଲାବେଳେ କେହି ତାଙ୍କୁ ଚାହୁଁ ନ ଥିଲେ । ସାନଭାଇର ପୁଅକୁ ଆଣି ସେ ପାଖରେ ରଖି ପଢ଼ାଉଥିଲେ । କିନ୍ତୁ ବାପା ତାକୁ ଜୋର କରି ନେଇ ଯାଇଥିଲେ, କାରଣ ସେ ତା' ପ୍ରତି ଭଲ ବ୍ୟବହାର କରୁ ନ ଥିଲେ । ଏହା ହିଁ ଥିଲା ତାଙ୍କର ପୁରସ୍କାର ।

୧୯୪୨ରେ ଶ୍ରୀଧର ବହୁକଷ୍ଟରେ ଓଡ଼ିଆ ଏମ୍.ଏ. ପରୀକ୍ଷାରେ ପାଶ୍ କଲେ । ପରିସ୍ଥିତିର ତାଡ଼ନାରେ ତାଙ୍କୁ ବାଣପୁର ତ୍ୟାଗ କରି ସିଂହଭୂମିର ଖଣ୍ଡମଉଜା ହାଇସ୍କୁଲରେ ଯୋଗଦେବାକୁ ପଡ଼ିଲା । ପୁଅର ଦେହ ସେଠାରେ ଖରାପ ହେବାରୁ ବାଧ ହୋଇ ବାଣପୁରକୁ ଫେରିବାକୁ ପଡ଼ିଲା । ପରେ ପରେ ନିୟତିର ନିର୍ଦ୍ଦେଶରେ ତାଙ୍କୁ ହରିହରପୁର ଏକାଡ଼େମୀରେ ହେଡ଼ମାଷ୍ଟର ଭାବେ ନିଯୁକ୍ତି ମିଳିଲା । ତେବେ ସ୍କୁଲର ପ୍ରତିଷ୍ଠାତା ଦେବାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ରଙ୍କ ସହ ତାଙ୍କୁ ମଧ ମୁହାଁମୁହିଁ ହେବାକୁ ପଡ଼ିଥିଲା । ବାରମ୍ବାର ମେଲେରିଆରେ ପୀଡ଼ିତ ହେଲେ ମଧ ତାଙ୍କୁ ଛୁଟି ମିଳି ନ ଥିଲା । ଦେବାନଙ୍କ ପ୍ରତି ତାଙ୍କର ରୋକ୍‌ଠୋକ୍ ଉତ୍ତର ଥିଲା – "ଅନ୍ୟର ସୁବିଧା ଅସୁବିଧା ପ୍ରତି ଯିଏ ଦୃଷ୍ଟି ନ ଦିଏ ତା' ପାଖେ ଚଳିବା ଅସମ୍ଭବ ।" ଦେବାନଙ୍କ ମୃତ୍ୟୁ ପରେ ସ୍କୁଲରେ ନାନାପ୍ରକାର ଆର୍ଥିକ ବିଶୃଙ୍ଖଳା ଲାଗି ରହିଲା । ତେଣୁ ସେ ସ୍ଥାନ ଛାଡ଼ିବାକୁ ପଡ଼ିଲା । କିନ୍ତୁ ହଠାତ୍ କୋରୁଆ ହାଇସ୍କୁଲରେ ସଙ୍ଗେ ସଙ୍ଗେ ଯୋଗଦେବାକୁ ପଡ଼ିଲା । ନାହିଁ ମାମୁ ଠାରୁ କଣାମାମୁ ଭଲ ନ୍ୟାୟରେ ସେ କିଛିଦିନ ପାଇଁ ସେଠାରେ ରହିଲେ ।

Digitized by srujanika@gmail.com

୧୯୪୮ରେ ଘଟଣାଚକ୍ରରେ ଶ୍ରୀଧରଙ୍କୁ କଟକରେ ଉତ୍କଳ ଖ୍ରୀଷ୍ଟିଆନ୍ କଲେଜରେ ନିଯୁକ୍ତି ମିଳିଲା । ଏହାପୂର୍ବରୁ ସେ ରେଭେନ୍‌ସା କଲେଜର ଅଧ୍ୟାପକ ପଦ ଛାଡ଼ିବାକୁ ବାଧ ହୋଇଥିଲେ କେବଳ ଜଗତସିଂହପୁର ହାଇସ୍କୁଲ ପାଇଁ । ଖ୍ରୀଷ୍ଟ କଲେଜରେ ୨୦ ବର୍ଷ ଚାକିରୀ କରିଥିଲେ । ତେବେ ଏଇ ସମୟ ମଧ୍ୟରେ ଶ୍ରୀଧରଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ପ୍ରଥମତଃ କଲେଜରେ ଖ୍ରୀଷ୍ଟିଆନ୍-ଅଣଖ୍ରୀଷ୍ଟିଆନ୍ ବାସନା ପ୍ରସରି ଯାଇଥିଲା । ଖ୍ରୀଷ୍ଟିଆନ୍ ବୋର୍ଡ଼ ପ୍ରିନ୍‌ସପାଲ ଭାବେ ନିଯୁକ୍ତ କରିଥିବା ପି.କେ ପାତ୍ରଙ୍କ ଶଠତାକୁ ଶ୍ରୀଧର ଧରା ପକାଇ ଦେଇଥିଲେ । ଏଇଠୁ ତାଙ୍କ ପାଇଁ ବିଦ୍ୱେଷର ମଞ୍ଜି ପୋତା ଯାଇଥିଲା । କଲେଜରେ ଓଡ଼ିଆରେ ଏମ୍.ଏ. ଖୋଲିବା ପାଇଁ ବିଶ୍ୱ ବିଦ୍ୟାଳୟକୁ ଅନୁରୋଧ କରାଯାଇଥିଲା । ତଦାରଖ କମିଟି ଏଥିପ୍ରତି ଅନୁକୂଳ ମତ ଦେଇଥିଲେ ମଧ୍ୟ ତତ୍କାଳୀନ ପ୍ରିନ୍‌ସପାଲ କମିଟିକୁ ବୁଝାଇ ଦେଇଥିଲେ ଯେ ଶ୍ରୀଧରବାବୁ ପ୍ରଫେସର ହେବା ଲୋଭରେ ଏପରି କରାଇଛନ୍ତି । ଏମ୍.ଏ. ଖୋଲିବା ସେଇଠି ସେତିକିରେ ବିଲୟ ଭଜିଲା ।

୧୯୨୪ରେ ମାଇନର ସ୍କୁଲ ହେଡ଼ମାଷ୍ଟର ଭାବେ ଚାକିରୀ ଆରମ୍ଭ କରି ୧୯୬୮ରେ ସେ ଶିକ୍ଷକ ଜୀବନରୁ ଅବସର ନେଇଥିଲେ । ୪୪ ବର୍ଷର ଶିକ୍ଷକତା ମଧ୍ୟରେ ବହୁ ତିକ୍ତ ମଧୁର ଅନୁଭୂତିକୁ ସେ ଅଙ୍ଗେ ନିଭାଇଛନ୍ତି । ଦାନାପାଣି ଉଦ୍ଦେଶ୍ୟରେ ତାଙ୍କୁ ବାରମ୍ବାର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ପଡ଼ିଛି । ସିଧାସଳଖ ନ୍ୟାୟସଙ୍ଗତ ଭାବେ କାମ କରିବାକୁ ତାଙ୍କୁ ଦିଆଯାଇ ନାହିଁ । ଶିକ୍ଷକତା ପାଇଁ ସେ ପରିବାର ପ୍ରତି ଅବହେଳା କରିଛନ୍ତି । ଯେଉଁ ଜାଗାକୁ ଗଲେ ମଧ୍ୟ ସେ ନ୍ୟାୟୋଚିତ କାର୍ଯ୍ୟ କରିବାକୁ ପଛାଇ ନାହାନ୍ତି । କିନ୍ତୁ ପ୍ରତିଦାନରେ ତାଙ୍କୁ ମିଳିଛି ଭର୍ତ୍ସନା ଆଉ ବିତାଡ଼ନ । ସବୁକୁ ସେ ନିୟତିର ଦାନ ଭାବେ ଗ୍ରହଣ କରି ନେଇଛନ୍ତି ।

ଗାଁରେ ରହୁଥିବା ସାନଭାଇ ମଧ୍ୟ ତାଙ୍କୁ ସାହାଯ୍ୟ କରି ନାହିଁ । ଏକଦା ସିଂହଭୂମିରେ ରହୁଥିବା ବେଳେ ସାନଭାଇକୁ କହିବା ସତ୍ତ୍ୱେ ସେ ବାଣପୁର ଆସି ତାଙ୍କ ପିଲାଙ୍କୁ ଦେଖାରେଖା କରି ନାହିଁ ଏବଂ ପୈତୃକ ସ୍ଥାନ ଛାଡ଼ି ସେଠାକୁ ଯିବା ଅସମ୍ଭବ ବୋଲି ଶୁଣାଇଦେଇଛି । ଅର୍ଥ ହିଁ ସବୁ ଅନର୍ଥର କାରଣ ସାଜିଛି । ଗାଁଠାରୁ ଦୂରରେ ରହିଥିବାରୁ ଗାଁରେ ଥିବା ସାନଭାଇ ନିଜ ନାମରେ ସବୁ ଜମି କରାଇ ନେଇଥିଲା ।

Digitized by srujanika@gmail.com

ସବୁକଥା ଜାଣି ମଧ୍ୟ ଶ୍ରୀଧର ନିରବ ରହିଥିଲେ । କାରଣ ସାନଭାଇ ଏକ ଧମକପୂର୍ଣ୍ଣ ଚିଠି ତାଙ୍କୁ ମାନସିକ ଯନ୍ତ୍ରଣା ଦେଇଥିଲା – "ମୋର ଜମିକୁ ମୁଁ ଯାହାକୁ ଇଚ୍ଛା ତାକୁ ବିକ୍ରି କରିପାରିବି । ଏ ବିଷୟରେ ତୁମର କିଛି କହିବାର ନାହିଁ । ଏଣିକି ମୋ ଜମି ସମ୍ପର୍କରେ ତୁମେ କିଛି କହିବ ନାହିଁ ।" ସମୟ ଆସିଲା, ସେଇ ଭାଇ ତାଙ୍କ ପାଦ ଧରି ନିଜର ଭୁଲ ସ୍ୱୀକାର କରିଥିଲା । ବାରମ୍ବାର ନିଜ ଲୋକ ଏବଂ ପାଖ ଲୋକଙ୍କୁ ବିଶ୍ୱାସ କରି ସେ ପ୍ରତାରିତ ହୋଇଛନ୍ତି । ମହାତ୍ମାଗାନ୍ଧୀଙ୍କ ଉକ୍ତି – "ନିଜର ଆବଶ୍ୟକତାଠାରୁ ଅଧିକ ଧନ ସଞ୍ଚୟ କରିବା ଏକ ପ୍ରକାର ଚୋରି" ନ୍ୟାୟରେ ଶ୍ରୀଧର ସବୁ ଭୁଲିଯିବାକୁ ବାଧ ହୋଇଥିଲେ ।

ଆଶା ଆଶଙ୍କା ମଧ୍ୟରେ ତାଙ୍କ ଜୀବନ ଅତିବାହିତ ହୋଇଥିଲା । ବାରମ୍ବାର ବଦଳି ବା ନୂଆ ଜାଗାରେ ନିଯୁକ୍ତି ତାଙ୍କ ସ୍ୱାସ୍ଥ୍ୟ ଏବଂ ମନ ଉପରେ ପ୍ରଭାବ ପକାଉଥିଲା । ସତ୍‌ମାର୍ଗରେ ରହି ମଧ୍ୟ ତାଙ୍କୁ ଲାଞ୍ଛିତ ହେବାକୁ ପଡ଼ିଥିଲା । ବାରମ୍ବାର ଅନ୍ୟାୟର ଶିକାର ହୋଇଥିଲେ ଏବଂ ନିୟତିର ନିର୍ଦ୍ଦେଶକୁ ମଥାପାତି ସହି ଦେଇଥିଲେ । ହରାଇବା ଏବଂ ପାଇବାର ଲୁଚକାଳି ଖେଳ ତାଙ୍କ ଜୀବନକୁ କର୍ଦ୍ଦମାକ୍ତ କରିଥିଲା । ତେବେ ଜୀବନର ସଂଘର୍ଷର ବେଳାଭୂମିରେ ତାଙ୍କୁ କେବଳ ସାନ୍ତ୍ୱନା ଦେଇଥିଲା ସାରସ୍ୱତ ସୃଷ୍ଟି ସମ୍ପଦଗୁଡ଼ିକ । ଶିକ୍ଷକ ଶ୍ରୀଧର ପରିଣତ ହୋଇଥିଲେ ଲେଖକ ଶ୍ରୀଧର । ଜୀବନରେ ଲାଗି ରହିଥିବା ସଂଘର୍ଷ ହିଁ ଶ୍ରୀଧରଙ୍କୁ ଲେଖନୀ ଚାଳନା କରିବାକୁ ଏକରକମ ବାଧ କରିଥିଲା । ନିଜ ଦୁଃଖକୁ ଭୁଲିଯିବା ପାଇଁ ସେ ରଚନା କରିଥିଲେ ଦେଢ଼ଶହରୁ ଊର୍ଦ୍ଧ୍ୱ ଗ୍ରନ୍ଥ ଯାହା ମଧ୍ୟରୁ ୧୧୯ଟି ସଂକଳିତ ହୋଇସାରିଛି । ଏହା ହିଁ ଥିଲା ତାଙ୍କ ଜୀବନ ସଂଘର୍ଷର ସାରସ୍ୱତ ସିଦ୍ଧି । ବାସ୍ତବରେ ପଣ୍ଡିତ ଶ୍ରୀଧର ଦାସଙ୍କ ଜୀବନ ଥିଲା ଉତ୍କଳର ସାହିତ୍ୟ କାନନରେ ଏକ ଅନିର୍ବାଣ ଦୀପଶିଖା ।

■■■

Digitized by srujanika@gmail.com

ଜୀବନ ବେଦର ନିର୍ବେଦ ପୂଜାରି

ବିରଞ୍ଚି ନାରାୟଣ ତ୍ରିପାଠୀ

ଜୀବନ ଚଲାପଥର ଅସୁମାରୀ ଦୁଃଖକଷ୍ଟକୁ ନିଜର ଅନ୍ତରଙ୍ଗ ସଖା ଭାବେ ଆପଣେଇ ନେଇ, ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଚଢ଼ି ଯେଉଁ ମଣିଷମାନେ ଅନ୍ୟର ଆଖିରେ ଆଶ୍ୱାସନାର ଗୋଟିଏ ଗୋଟିଏ ବତୀଖୁଣ୍ଟ ପାଲଟି ଯାଇଛନ୍ତି; ନିଷ୍ପ୍ରଭ ଆଲୋକରେଖାର ସୀମିତ ବିଚ୍ଛୁରଣଦ୍ୱାରା ଅନ୍ୟମାନଙ୍କ ଜୀବନଯାତ୍ରା ପାଇଁ ସାଇତି ରଖି ଯାଇଛନ୍ତି ଅନେକ ପ୍ରେରଣାର ଅଜସ୍ର ଆଲୋକରେଖା, ସେମାନଙ୍କ ମଧ୍ୟରେ ପ୍ରସିଦ୍ଧ ବିଦ୍ୱାନ ପ୍ରଫେସର ଶ୍ରୀଧର ଦାସ ଯେ ସେମିତି ଏକ ବ୍ୟକ୍ତିତ୍ୱ – ଏହା କହିବା ବାହୁଲ୍ୟ ମାତ୍ର ।

ଅନେକ ଦିନ ତଳେ "ସର୍ବସାର ବ୍ୟାକରଣର ରଚୟିତା ପଣ୍ଡିତ ନାରାୟଣ" ଶୀର୍ଷକ ପ୍ରବନ୍ଧଟିକୁ ରଚନା କରିବା ଭିତରେ ବାରମ୍ବାର ମନେ ପକାଇଥିଲି ପ୍ରଫେସର ଦାସଙ୍କୁ; ଯିଏ ସର୍ବସାର ବ୍ୟାକରଣ ରଚୟିତାଙ୍କ ମଧ୍ୟରୁ ଜଣେ । ତାଙ୍କର ଜୀବନାୟନ ସମ୍ପର୍କରେ ସେତେବେଳେ ମୋ ପାଖରେ ସେମିତି କିଛି ବିଶେଷ ସୂଚନା ନ ଥିବାରୁ, ପ୍ରବନ୍ଧରେ ତାଙ୍କ ସମ୍ପର୍କରେ ଧାଡ଼ିଟିଏ ଲେଖିବା ବ୍ୟତୀତ ମୋ ପାଖରେ ଆଉ ଅନ୍ୟ ଉପାୟ ନ ଥିଲା । ପ୍ରବନ୍ଧଟି ଯଥା ସମୟରେ ପ୍ରକାଶିତ ହୋଇ ଅନେକଙ୍କ ମନଛୁଆଁ ହୋଇପାରିଥିଲେ ହେଁ ଅବଶୋଷ ରହିଯାଇଥିଲା ମନରେ ତାଙ୍କ ଉପରେ ଦୁଇପଦ ଲେଖିପାରି ନ ଥିବାରୁ । "ଜଙ୍ଗଲ ଜାଲ ରୂପେଣ ମୀନ ରୂପେଣ ମାନବାଃ" – ଏହାକୁ ପାଥେୟ କରି ସମୟ ଗଡ଼ିଚାଲିବା ଭିତରେ ଏକ ବିଶେଷ ପରିସ୍ଥିତିରେ ପରିଚୟ ହେଲା ରଚିତା ମାଡ଼ାମ୍‌ଙ୍କ ସହ ଭୁବନେଶ୍ୱରରେ । ସେହି ପରିଚିତର ସୂତାଖିଅରୁ ହଠାତ୍ ଦିନେ ଦେଖାହେଲା ପ୍ରଫେସରଙ୍କ ବିଦୂଷୀ ସାନବୋହୂ ତଥା ଓଡ଼ିଶାର ଆଗଧାଡ଼ିର

Digitized by srujanika@gmail.com

କବୟତ୍ରୀ, ଗାଳ୍ପିକା ପ୍ରମୋଦା ଦାସଙ୍କ ସହ । ନିଜର କିଛି କବିତା ପୁସ୍ତକ ସହ ପ୍ରଫେସର ଦାସଙ୍କ ଆତ୍ମଜୀବନୀ "ସୁଅ ମୁହଁରେ ପତର"କୁ ଉପହାର ଦେଲେ ସିଏ ଖୁବ୍ ଆଦର ଆଉ ସମ୍ମାନର ସହ । ଜଣେ ସୁସାହିତ୍ୟିକାଙ୍କ ସହ ଏମିତି ଏକ ଆକସ୍ମିକ ଭେଟ, ପୁସ୍ତକ ଉପହାର ଓ ପ୍ରସ୍ତୁତି ବିଷୟରେ କିଛି ଅନ୍ତରଙ୍ଗ ଆଲୋଚନା ସବୁକୁ ବିଭୁଙ୍କ ଆଶୀର୍ବାଦ ସ୍ୱରୂପ ଗ୍ରହଣ କରିଥିଲି ସେଦିନ । "ଯା' ମନ ଯେପରି ତା' ପାଇଁ ସେପରି..." ଏହି ଆପ୍ତବାକ୍ୟର ଯଥାର୍ଥତାକୁ ଅନୁଭବ କରିବା ଭିତରେ ଆତ୍ମଜୀବନୀ, "ସୁଅ ମୁହଁରେ ପତର" ଏହି ଶୀର୍ଷକ ମତେ ବେଶ୍ ଆକର୍ଷିତ କଲା ଧସେଇ ପଶିବାକୁ ସେହି ନିଆରା ମଣିଷଙ୍କ ଜୀବନ ପୃଷ୍ଠାର ପ୍ରତ୍ୟେକ ଶବ୍ଦ ଭିତରକୁ । ବିଭିନ୍ନ କାର୍ଯ୍ୟବ୍ୟସ୍ତତା, ପାରିବାରିକ ଝଞ୍ଜାଳ ତଥା ବୃତ୍ତିଗତ ଚାପ ମଧ୍ୟରେ ଜୀବନୀ ପଢ଼ା ଶେଷ ହେଲା । ସେହି ଗୋଟିଏ ଥର ପଢ଼ିବା ଭିତରେ ପ୍ରଫେସର ଦାସ ହଠାତ୍ ମୋ ଭିତରେ ପାଲଟିଗଲେ ଖୁବ୍ ସ୍ୱାଭାବିକ ଭାବେ ଜୀବନ ଝଞ୍ଜାକୁ ସାମ୍ନା କରିଥିବା ଆଦର୍ଶ ମଣିଷମାନଙ୍କ ଭିତରୁ ଜଣେ । ମାଟିର ଶରୀର ଭିତରେ ଏହି ସ୍ୱତନ୍ତ୍ର ମଣିଷଙ୍କୁ ଦେଖିବାଟା ମୋ ପାଇଁ ଅସମ୍ଭବ ହେଲେ ବି ମନଶ୍ଚକ୍ଷୁର ଅନ୍ତରାଳରେ ତାଙ୍କ ନିଆରା ମଣିଷପଣିଆର ଉଦାତ୍ତ ଆକର୍ଷଣ ମତେ ବାରମ୍ବାର ଟାଣି ନେଉଥିଲା ତାଙ୍କ ଆଡ଼କୁ । ଥରେ ଅଧେ ବହିଟିକୁ ଲେଉଟାଇବା ଭିତରେ ମୁଁ ଅନୁଭବ କଲି ସତେ ଯେପରି ପ୍ରଫେସର ଦାସ ମୋର ଚିର ପରିଚିତ ଆଉ ଅନ୍ତରଙ୍ଗ ।

ଜୀବନରେ ଅନେକ ମଣିଷଙ୍କ ଜୀବନୀ ପଢ଼ିଛି; ହେଲେ ଏ ଜୀବନୀର ସ୍ୱାଦ ଖୁବ୍ ଭିନ୍ନ ଆଉ ସ୍ୱାଭାବିକ । ହେବା ମଧ ବିଚିତ୍ର ନୁହେଁ; ଯେଣୁ ଏଥିରେ ଚିତ୍ରିତ ଜୀବନଟି "ଦଇବ ଦଉଡ଼ି ମଣିଷ ଗାଈ ଯେଣିକି ଟାଣଇ ତେଣିକି ଯାଇ" – ଆଉ ଅବିସମ୍ବାଦିତ ସତ୍ୟରେ ଛନ୍ଦାଛନ୍ଦି-ବନ୍ଧାବନ୍ଧି ହେଲେ ହେଁ ସ୍ୱୀୟ ଅଧ୍ୟବସାୟକୁ ବଜାୟ ରଖିପାରିଛି । ପୁସ୍ତକତଃ 'ନିବେଦନ'ରେ ସ୍ଥାନିତ ପ୍ରଶ୍ନଟି – "ଜଣେ ଅଜ୍ଞାତ, ଅବହେଳିତ କ୍ଷୁଦ୍ର ଜୀବର ଆତ୍ମପ୍ରକାଶର କି ଆବଶ୍ୟକତା ଅଛି ?" ମୋର କୌତୂହଳକୁ ବହୁଗୁଣିତ କରିବା ଭିତରେ ଦେଖିଲି ଲେଖାଯାଇଛି–

"ଖେ ଦ୍ୟୋତମାନସୂପି ତାରକାସୁ
ଖଦ୍ୟୋତ ବୃନ୍ଦାନି ନ କିଂ ସ୍ଫୁରନ୍ତି ॥

Digitized by srujanika@gmail.com

ଶ୍ଳୋକଟିର ଅର୍ଥ ଯାହା ବୁଝିଲି, ତାହା ହେଲା; ଆକାଶରେ ନିଜର ଆଲୋକରେ ଉଦ୍‌ଭାସିତ ହେଉଥିବା ଅସଂଖ୍ୟ ତାରା ଥିଲେ ମଧ୍ୟ, ଜୁଳୁଜୁଳିଆ ପୋକ କ'ଣ ନିଜର ଆଲୋକକୁ ପ୍ରକାଶ କରେ ନାହିଁ ? ? ? ଏଭଳି ସୁସ୍ଥ ବିଚାର ତଥା Positivity କ'ଣ ଜଣେ ସାଧାରଣ ବ୍ୟକ୍ତିର ! ! ! କୁହାଯାଏ, ଫଳଭରା ବୃକ୍ଷ ଓ ଗୁଣୀଲୋକମାନେ ସର୍ବଦା ନମ୍ର ଆଚରଣ କରିଥାନ୍ତି । ଏମିତି ଏକ ନମ୍ର ଆଚରଣ ତଥା ସାକାରାତ୍ମକ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ ପ୍ରୋକ୍ତ ପୁସ୍ତକର ନିବେଦନର ଅନ୍ତିମ ପର୍ଯ୍ୟାୟରେ ।

ଉତ୍ପସ୍ୟତେଽସ୍ତି ମମକୋଽପି ସମାନଧର୍ମା
କାଲୋହ୍ୟୟଂ ନିରବଧି ବିପୁଳା ଚ ପୃଥ୍ୱୀ ।।

ଜୀବନ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ଏବଂ ସରଳତା ସହ ସ୍ୱାଭାବିକତାର ଅପୂର୍ବ ସମ୍ମିଶ୍ରଣ ହିଁ ମୋତେ ବାରମ୍ବାର ପ୍ରୋତ୍ସାହିତ କରିଛି ସେମିତି ଏକ ବିରଳ ଜୀବନକୁ ଅଧ୍ୟୟନ କରିବା ପାଇଁ ।

ମୋର ମନେହୁଏ ଶ୍ରୀଯୁକ୍ତ ଦାସ ଜୀବନର ସମସ୍ତ ବାଧା ପ୍ରତିବନ୍ଧକ ମଧ୍ୟରେ ମୁଣ୍ଡ ନୁଆଁଇ ନ ଥିବା ଜଣେ ଉନ୍ନତମନା ମଣିଷ, ଯାହାଙ୍କର ସୀମିତ ଜୀବନାବଧି ଅନେକ ସଂଘାତମୟତା ଭିତରେ ବି ଉଜ୍ଜ୍ୱଳି ଉଠିଛି, ଠିକ୍ ଚବିଶ କ୍ୟାରେଟ୍‌ର ଖାଣ୍ଟି ସୁନା ଭଳି । ବିଶିଷ୍ଟ ସମାଜତତ୍ତ୍ୱର ପ୍ରଣେତା ଚାଣକ୍ୟ କହନ୍ତି –

"ନିଘର୍ଷଣଚ୍ଛେଦନତାପ ତାଡ଼ନୈର୍ଯଥା ଚତୁର୍ଭିଃକନକଂ ପରୀକ୍ଷ୍ୟତେ
ତଥା ଚତୁର୍ଭିଃ ପୁରୁଷ ପରୀକ୍ଷ୍ୟତେ ତ୍ୟାଗେନ ଶୀଳେନ ଗୁଣେନ କର୍ମଣା ।।

ମହାମତି ଚାଣକ୍ୟଙ୍କର ବ୍ୟକ୍ତିତ୍ୱ ପରିମାପକ ଏହି ଉକ୍ତିଦ୍ୱାରା ଯଦି ପ୍ରଫେସର ମହୋଦୟଙ୍କ ଜୀବନକୁ ତର୍ଜମା କରାଯାଏ, ତେବେ ଜଣାଯିବ ଯେ ବାଲ୍ୟକାଳରୁ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କୁ କେବଳ ପରୀକ୍ଷା ହିଁ କରାଯାଇଛି । ବିଧାତାର ଅନନ୍ତ ପରୀକ୍ଷାରେ ପ୍ରତିନିତ୍ୟ ପ୍ରତିକୂଳତା ସହ ଯୁଝି ଯୁଝି ସତେ ସେପରି ବାଲ୍ୟକାଳ ତାଙ୍କର କଟିଛି କାକଟପୁର ନିକଟସ୍ଥ ଏକ ଅଖ୍ୟାତ ପଲ୍ଲୀରେ । ନିଜର ଅଧ୍ୟୟନଶୀଳତାକୁ ସମ୍ବଳ କରି ନିମ୍ନ ପ୍ରାଥମିକ ସ୍ତରରୁ ବୃତ୍ତି ପାଇ ଉପରକୁ ଉଠିଛନ୍ତି ସେ । ପାରିବାରିକ ଅଭାବବୋଧ ତାଙ୍କୁ ତାଙ୍କର ଲକ୍ଷ୍ୟପଥରୁ କେବେ ବି ବିଚ୍ୟୁତ କରିପାରି ନାହିଁ ।

Digitized by srujanika@gmail.com

ପିଲାଟିକୁ ଗଢ଼ିବା ପାଇଁ ଆଜିର ସମାଜରେ ପିତାମାତାଙ୍କର ଯେଉଁ ଅପର୍ଯ୍ୟାପ୍ତ ଯତ୍ନ ସହ ଅନନ୍ତ ବ୍ୟସ୍ତତା, ତାଙ୍କ ପାଇଁ ସ୍ୱପ୍ନଟିଏ ହୋଇ ରହି ଯାଇଥିଲେ ହେଁ ସେମିତି କିଛି ଅଭାବବୋଧ ହିଁ ତାଙ୍କୁ ମଣିଷ ପରି ମଣିଷଟିଏ କରି ଗଢ଼ି ତୋଳିଛି । Life is not a bed of roses, it is full of obstacles & impediments ଏହି ଜାଗତିକ ସତ୍ୟକୁ ବାରମ୍ବାର ନିଜର ଅଭିଜ୍ଞତା ଭିତରକୁ ଆଣି ନିଜ ଅଜାଣତରେ ଆମ ପାଇଁ କହି ଯାଇଛନ୍ତି ଯେ କିଛି ଅଭାବବୋଧ ହିଁ ପିଲାଟିକୁ ମଣିଷ ପରି ମଣିଷ କରି ଗଢ଼ିତୋଳେ ।

ପରିବେଶ ଓ ପରିବେଶରେ ଚଳପ୍ରଚଳ ହେଉଥିବା ମଣିଷମାନଙ୍କ ଜୀବନଶୈଳୀର ପ୍ରଭାବରେ ଦେଖାଯାଇଛି ଅନେକ ଶିଶୁ ସେମାନଙ୍କୁ ଅନୁକରଣ / ଅନୁସରଣଦ୍ୱାରା ହିଁ ନିଜକୁ ଗଢ଼ି ପାରିଛନ୍ତି । ଏହା ହିଁ ଘଟିଛି ଶ୍ରୀଯୁକ୍ତ ଦାସଙ୍କ କ୍ଷେତ୍ରରେ । ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରିବାଠାରୁ ଆରମ୍ଭ କରି ୧୯୨୪ ମସିହାରେ ପ୍ରଥମ ଶିକ୍ଷକ ଜୀବନ ଆରମ୍ଭ କରିବା ମଧ୍ୟରେ ସେ ଲାଭ କରିଛନ୍ତି ଅନେକ ପ୍ରାଚ୍ୟ-ପାଶ୍ଚାତ୍ୟ ଗୁରୁଙ୍କର ମହନୀୟ ସାହଚର୍ଯ୍ୟ, ଯାହା ଅଭିପ୍ରେରିତ କରିଛି ତାଙ୍କୁ ଶିକ୍ଷକର ଜୀବନକୁ ଆଦରି ନେବା ପାଇଁ । ଶିଖାଇଛି ସଂଯମ ସମ୍ମାନ ଆଉ ମର୍ଯ୍ୟାଦା ସହ ଜୀବନ ବଞ୍ଚିବାର କଳା କୌଶଳଗୁଡ଼ିକୁ । ଗୁରୁ ମହାମହୋପାଧ୍ୟାୟ ସଦାଶିବ ମିଶ୍ର, ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, କବି ପଦ୍ମଚରଣ ପଟ୍ଟନାୟକ, ମଧୁସୂଦନ ଦାସ, ପଣ୍ଡିତ ବିନାୟକ ମିଶ୍ର, ନୀଳକଣ୍ଠ ମିଶ୍ର ଏବଂ ଗୋଦାବରୀଶ ମିଶ୍ରଙ୍କ ସହ ଅନ୍ନଦାଶଙ୍କର ରାୟ, ଶରତ ଚନ୍ଦ୍ର ମୁଖାର୍ଜୀ, ହଣ୍ଡରସନ ସାହେବ ପ୍ରମୁଖଙ୍କ ଜୀବନ ଦର୍ଶନ, "ଚରୈବେତି" ମହାକାବ୍ୟର ଅର୍ଥକୁ ଖୁବ୍ ସରଳ ସହଜ ଭାବେ ବୁଝାଇ ପାରିଛି ଶ୍ରୀଯୁକ୍ତ ଦାସଙ୍କୁ । ଆବଶ୍ୟକତା ଆଉ ସମୟ ପ୍ରବାହର ଦୋଛକିରେ ସେ ଗ୍ରହଣ କରିଛନ୍ତି ଶିକ୍ଷକତାକୁ ନିଜର ବୃତ୍ତି ଭାବରେ ଆଉ ଘୂରି ବୁଲୁଛନ୍ତି ଓଡ଼ିଶାର ଅନେକ ଶିକ୍ଷାନୁଷ୍ଠାନ । ବୀର ନରସିଂହପୁର ମଧ ଇଂରାଜୀ ବିଦ୍ୟାଳୟରୁ ଦାଶରଥି ହାଇସ୍କୁଲ ଓଳସିଂ ପୁଣି ଗୋଦାବରୀଶ ବିଦ୍ୟାପୀଠ ବାଣପୁରରୁ ବୌଦର King Edward School ଓ ଶେଷରେ Christ College କଟକରେ ସମାପ୍ତ କରିଛନ୍ତି ସେ ଶିକ୍ଷା-ଶିକ୍ଷକ ଓ ଶିକ୍ଷାୟତନର ଜୀବନ । ଏହି ଅବଧି ମଧ୍ୟରେ ସଂଗ୍ରହ କରିଛନ୍ତି ସେ ଅନେକ ବିରଳ ଅନୁଭୂତି ଆଉ ବିଦ୍‌ବତ୍ତା, ଯାହା ତାଙ୍କୁ ଓଡ଼ିଆ ଇଂରାଜୀ ଓ

Digitized by srujanika@gmail.com

ସଂସ୍କୃତ ସାହିତ୍ୟ ଜଗତରେ କିଛି ଲେଖିବା ପାଇଁ ଯୋଗାଇଛି ଅନୁପମ ପ୍ରେରଣା । ପଣ୍ଡିତ ନାରାୟଣ ମହାପାତ୍ରଙ୍କ ସହ ମିଶି ଓଡ଼ିଆ ସାହିତ୍ୟ ଜଗତର ବହୁମାନ୍ୟ ବ୍ୟକରଣ ଗ୍ରନ୍ଥ "ସର୍ବସାର ବ୍ୟାକରଣ"କୁ ରଚନା କରିବାର ପ୍ରେରଣା ତାଙ୍କୁ ମିଳିଛି ଗୋଦାବରୀଶ ମାଟି ବାଣପୁରରୁ । ଇଂରାଜୀ ସାହିତ୍ୟ ପ୍ରସିଦ୍ଧ ଲିଓ ଟଲଷ୍ଟୟ କାହାଣୀ ତଥା ସଂସ୍କୃତ ସାହିତ୍ୟ ପ୍ରସିଦ୍ଧ ବିଷ୍ଣୁଶର୍ମାଙ୍କ ପ୍ରସିଦ୍ଧ ପଞ୍ଚତନ୍ତ୍ର କଥାଗୁଡ଼ିକର ଉତ୍କଳାନୁବାଦ ସହ ମହାକବି କାଳିଦାସଙ୍କ ଅନେକ ସାହିତ୍ୟକୃତିକୁ ଓଡ଼ିଆ ପାଠକଙ୍କ ଆଖି ସାମ୍ନାକୁ ଆଣିବା ପାଇଁ ଅନେକ କଷ୍ଟ ସ୍ୱୀକାର କରିଛନ୍ତି ସେ, ଯାହା ତାଙ୍କର ବହୁଶାସ୍ତ୍ରଦର୍ଶିତାକୁ ପ୍ରମାଣିତ କରିବା ପାଇଁ ଯଥେଷ୍ଟ ।

୧୧୯ ଖଣ୍ଡରୁ ଅଧିକ ପୁସ୍ତକ ରଚନା କରିଥିବା ଏହି ତ୍ରିଭାଷୀ ବିଦ୍ୱାନଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ, ଠିକ୍ ରୂପେ ଆକଳନ କରାଯାଇ ପାରିନାହିଁ ବୋଲି ମୋର ମନେହୁଏ । ଯଦି ଏହି ଆକଳନ ଠିକ୍ ଭାବେ କରାଯାଇ ତାଙ୍କୁ ଜନସାଧାରଣଙ୍କ ତରଫରୁ ସାମାନ୍ୟ ଭାବେ ଅନୁପ୍ରେରଣା ମିଳିଥାନ୍ତା, ତେବେ ସେହି ପ୍ରତିଭାଦୀପ୍ତ ଲେଖନୀ ମୁନରୁ ଏ ମାଟି ପାଇ ପାରିଥାନ୍ତା ଆହୁରି ଅନେକ କିଛି ।

ଅନ୍ୟପକ୍ଷରେ ଶ୍ରୀଯୁକ୍ତ ଦାସଙ୍କ ପ୍ରତି ପଣ୍ଡିତ ଗୋପବନ୍ଧୁଙ୍କ ଉକ୍ତି – "ମୟୂରାଷ୍ଟିତ୍ରିତା ଯେନ ସ ତେ ବୃତ୍ତିଂ ବିଧାସ୍ୟତି"କୁ ଯଦି ବିବେଚନା କରାଯାଏ, ତେବେ ଭଗବାନଙ୍କ ଇଙ୍ଗିତରେ ତାଙ୍କଠାରୁ ଯେତିକି ମିଳିଛି, ତାହା ଯେ ଯଥେଷ୍ଟ – ଏହା ମଧ୍ୟ କୁହାଯାଇପାରେ ।

ଜୀବନର ପ୍ରଶସ୍ତ ଚଲାପଥରେ ଚାଲୁଥିବାବେଳେ, ସେ ଚାହିଁଥିଲେ ଶିକ୍ଷକତା ଭିତରେ ନିଜକୁ ଆବଦ୍ଧ ନ କରି ଜଣେ ପ୍ରଶାସକ ଭାବେ ସେ ସମୟରେ ଉପଲବ୍ଧ ସମସ୍ତ ସୁଖ ସୁବିଧାକୁ ଆଜିର ଅନ୍ଧମଣିଷ ଭଳି ଖୁବ୍ ସ୍ୱାର୍ଥପର ଭାବେ ଉପଭୋଗ କରି ପାରିଥାନ୍ତେ, ମାତ୍ର ଯେ ତ୍ୟାଗ ପାଇଁ ସମର୍ପିତ ସେ ଭୋଗକୁ ବରିନିଅନ୍ତା ଅବା କିପରି ???

ଏକଦା ମହାମାନବ ମହାତ୍ମାଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନର ଦୃପ୍ତ ଆହ୍ୱାନରେ ନିଜକୁ ସାମିଲ କରିବା ପାଇଁ ମନସ୍ଥ କରିଥିବା ଶ୍ରୀଯୁକ୍ତ ଦାସ, ତାଙ୍କର ପରମ ହିତୈଷୀ ଗୁରୁଙ୍କ ଉପଦେଶ କ୍ରମେ ପରିବାରର ସୁରକ୍ଷା ନିମନ୍ତେ ଓହରି ଯାଇଥିଲେ

Digitized by srujanika@gmail.com

ହେଁ ମନ କିନ୍ତୁ ଆନ୍ଦୋଳନରୁ ଓହରି ଯାଇ ନ ଥିଲା । ପରବର୍ତ୍ତୀ ସମୟରେ ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ-ସଂସ୍କୃତି-ଭୂଗୋଳ-ଇତିହାସକୁ ନେଇ ଆମ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ନିମନ୍ତେ ନିଜ ଘରର ଚାରିକାନ୍ଥ ମଧ୍ୟରେ ଯେଉଁ ସାରସ୍ୱତ ଆନ୍ଦୋଳନ ଆରମ୍ଭ କରିଥିଲେ, ତାହାର ସୁଫଳ ଆଜି ଏ ଓଡ଼ିଆମାଟିର ଅଗଣିତ ପାଠକ ପାଠିକା ପାଉଛନ୍ତି । ଗଲିଭର ଭ୍ରମଣ କାହାଣୀ କିମ୍ବା ସେକ୍‌ସପିଅର କାହାଣୀ ପଢୁଥିବା ସ୍କୁଲ ପିଲାଠୁ ଆରମ୍ଭ କରି ବିଦ୍ୟାଳୟ-ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଅନୁସନ୍ଧିତ୍ସା ସହ ଅଧ୍ୟୟନ କରୁଥିବା ଅନେକେ, ଏବେ ମଧ୍ୟ ମନେ ପକାଉଛନ୍ତି ଏହି ପ୍ରଥିତଯଶା ସାହିତ୍ୟିକ ତଥା ସଂଗ୍ରାହକଙ୍କୁ ଥରେ ନୁହେଁ, ଅନେକଥର । ଶବ୍ଦଟିର ଶୁଦ୍ଧତା କିମ୍ବା ପ୍ରୟୋଗ ବିଧି ସମ୍ପର୍କରେ ସନ୍ଦେହ ଉପୁଜିଲେ ଅନେକତ୍ର ଖୋଜାପଡୁଛି ସର୍ବସାର ବ୍ୟାକରଣକୁ ।

ଆଗରୁ କହିସାରିଛି, ଅନେକ ଜୀବନୀପାଠ ମଧ୍ୟରୁ ଏ ଏକ ସ୍ୱତନ୍ତ୍ର ଜୀବନୀପାଠ, ଯାହା ଏକାଧାରରେ ଶିକ୍ଷା-ସାହିତ୍ୟ-ସଂସ୍କୃତି ତଥା ସୁସ୍ଥ ସାମାଜିକତାର ପରମ୍ପରାକୁ ନେଇ ବେଶ୍ ସୁବାସିତ । ଇଂରାଜୀ ଭାଷାର ଶୁଦ୍ଧ ଉଚ୍ଚାରଣ ଶିକ୍ଷାଠାରୁ ଆରମ୍ଭ କରି ଗଡ଼ଜାତର ଇତିହାସତତ୍ତ୍ୱକୁ ପରଶି ଦେବାରେ ଏହା ଖୁବ୍ ସଶକ୍ତ । ଆଜି ଏ ଜୀବନବେଦର ନିର୍ବେଦ ପୂଜାରି ପ୍ରଫେସର ଦାସଙ୍କ ଜୀବନୀ ଭିତରେ ତାଙ୍କୁ ଖୋଜିବାରେ ମୁଁ ଯେତିକି ଆନନ୍ଦ ପାଇଛି, ତାଙ୍କର ସାମଗ୍ରିକ ସାରସ୍ୱତ ସୃଷ୍ଟି ମଧ୍ୟରେ ହଜି ସ୍ରଷ୍ଟାଙ୍କୁ ଖୋଜିବାରେ ଯଦି ଆଜିର ଯୁବପୀଢ଼ି ତାଙ୍କର ସମୟରୁ ଅଳ୍ପ କିଛି ବାହାର କରନ୍ତେ, ତେବେ ତାହା ହିଁ ହୁଅନ୍ତା ପ୍ରଫେସର ଦାସଙ୍କ ଭଳି ଅନେକ କୃତବିଦ୍ୟ ସାରସ୍ୱତ ସାଧକମାନଙ୍କ ପ୍ରତି ଯଥାର୍ଥ ଭଲପାଇବା ।

■■■

Digitized by srujanika@gmail.com

କୃତି ଶିକ୍ଷାବିତ୍ ଓ ଏକନିଷ୍ଠ ସାହିତ୍ୟ ସାଧକ ଅଧ୍ୟାପକ ଶ୍ରୀଧର ଦାସ

ପ୍ରଫେସର ଶ୍ରୀନିବାସ ମିଶ୍ର

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର,
ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରୁବେ ନମଃ ।

ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ଦେବତୁଲ୍ୟ ସମ୍ମାନ ମିଳିଥାଏ । ସ୍ନାତକ ଶ୍ରେଣୀରେ ମୋ ଶିକ୍ଷାଗୁରୁ ଓ ତିନିବର୍ଷ ପରେ ଖ୍ରୀଷ୍ଟ ମହାବିଦ୍ୟାଳୟରେ ତାଙ୍କ ସହକର୍ମୀ ଭାବେ ଅଧ୍ୟାପନା ବୃତ୍ତି ଆରମ୍ଭ କରିଥିବା ଅଧ୍ୟାପକ ଶ୍ରୀଧର ଦାସଙ୍କ ପୁଣ୍ୟ ସ୍ମୃତି ନିମନ୍ତେ ଭକ୍ତି ଅର୍ଘ୍ୟ ନିବେଦନର ସୁଯୋଗ ଲାଭ କରିଥିବାରୁ ମୁଁ ଆନନ୍ଦିତ । ବ୍ୟକ୍ତିଗତ ଜୀବନରେ କେତେକ ଦୁଃସ୍ଥିତି ହେତୁ ରେଭେନ୍ସା କଲେଜରେ ବି.ଏ. ପାଠ୍ୟକ୍ରମର ପ୍ରଥମ ବର୍ଷର ଶେଷ ବେଳକୁ ୧୯୪୮ ମସିହା ଅପ୍ରେଲ ମାସରେ ମୁଁ ନୂତନ କଟକରେ ପ୍ରତିଷ୍ଠିତ କେନ୍ଦ୍ର ସରକାରଙ୍କ ପରିଚାଳିତ ଅଖିଳ ଭାରତ ବେତାର କେନ୍ଦ୍ରରେ କାର୍ଯ୍ୟକ୍ରମ ନିର୍ବାହକ ପଦରେ ଯୋଗ ଦେଇଥିଲି । ମାତ୍ର ଏକବର୍ଷ ନିମନ୍ତେ ସ୍ନାତକ ଉପାଧି ଲାଭର ଆଗ୍ରହ ସମ୍ବରଣ କରି ନ ପାରି ସକାଳ ବେଳା ଅନୁଷ୍ଠିତ ହେଉଥିବା ଉତ୍କଳ ଖ୍ରୀଷ୍ଟିଆନ୍ କଲେଜରେ ଛାତ୍ର ଭାବେ ମୁଁ ଜୁଲାଇ ମାସରେ ନାମ ଲେଖାଇଲି । ସେତେବେଳେ କଟକର ମିଶନ ସ୍କୁଲରେ ଅସ୍ଥାୟୀ ଭାବେ ସକାଳ ବେଳା କଲେଜର ଅଧ୍ୟାପନା କାର୍ଯ୍ୟ ସମ୍ପନ୍ନ ହେଉଥାଏ । ତେଣୁ ସକାଳେ ଛାତ୍ର ଭବେ ଉତ୍କଳ ଖ୍ରୀଷ୍ଟିୟାନ୍ କଲେଜରେ ଶିକ୍ଷା ଲାଭ ସାଙ୍ଗକୁ ପୂର୍ବାହ୍ନ ଦଶଟା ବେଳଠାରୁ ଅପରାହ୍ନ ପାଞ୍ଚଟା ପର୍ଯ୍ୟନ୍ତ କଟକ ବେତାର କେନ୍ଦ୍ରର କାର୍ଯ୍ୟକ୍ରମ ବିଭାଗର ଦାୟିତ୍ୱ ସମ୍ପାଦନା ଧୈର୍ଯ୍ୟ, ସାହସିକତା ଓ ନିଷ୍ଠା ସହ ସମ୍ପାଦନା କରିଥିଲି । ଏହା ଜୀବନରେ ଏକ ପରୀକ୍ଷା ତୁଲ୍ୟ

Digitized by srujanika@gmail.com

ମୋତେ ପ୍ରତ୍ୟୟ ହୋଇଥିଲା । ସେତବେଳେ କଲେଜର ଓଡ଼ିଆ ବିଭାଗରେ ଶିକ୍ଷାଦାତା ଥାନ୍ତି ଅଧ୍ୟାପକ ଶ୍ରୀଧର ଦାସ, ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ଓ କୃତବିଦ୍ୟ ବକ୍ତା ଶ୍ରୀ ଗୌରୀକୁମାର ବ୍ରହ୍ମା । ସେମାନଙ୍କ ଅଧ୍ୟାପନା ନୈପୁଣ୍ୟ ଓ ଆନ୍ତରିକତା, ଏକାଡ଼େମିକ ସହାୟତା ମୋ ଛାତ୍ର ଜୀବନରେ ଆଶୀର୍ବାଦ ତୁଲ୍ୟ ହୋଇଥିଲା । ବି.ଏ. ଅନର୍ସ ଓଡ଼ିଆ ପାଠ୍ୟକ୍ରମର ଶେଷ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ କୃତିତ୍ୱ ଲାଭ ହେତୁ ଏକ ଛାତ୍ରବୃତ୍ତି ଲାଭର ସୁଯୋଗ ମିଳିଥିବାରୁ ମୁଁ କଠିନ ପରିଶ୍ରମ ସହ ଏହା ଲାଭ କଲି ସେତେବେଳେ ଭାରତ ବେତାର କେନ୍ଦ୍ରର ଗୁରୁ ଦାୟିତ୍ୱ ନିର୍ବାହ ସହନିଜ ଏକାଡେମିକ ସଫଳତା ଅର୍ଜନ ମୋ ନିମନ୍ତେ ଏକ ଆହ୍ୱାନତୁଲ୍ୟ ଥିଲା । ସ୍ନାତକ ପରୀକ୍ଷାରେ କୃତିତ୍ୱ ଏବଂ ଏକ ଛାତ୍ରବୃତ୍ତି ଲାଭର ସମ୍ଭାବନା ମୋର ଏକାଗ୍ରତା ଓ ଅଧ୍ୟବସାୟକୁ ଦୃଢ଼ କରିଥିଲା । ଏହି ଏକାଗ୍ରତା ଓ ଅଧ୍ୟୟବସାୟ ଫଳରେ ମୁଁ ଦୁଇ ବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଏମ୍.ଏ. ପରୀକ୍ଷାରେ କୃତିତ୍ୱର ସହ ମଧ୍ୟ ଉତ୍ତୀର୍ଣ୍ଣ ହୋଇ ଭକ୍ତକବି ମଧୁସୂଦନ ରାଓ ସ୍ୱର୍ଣ୍ଣପଦକ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲାଭ କରିଥିଲି । ପରବର୍ତ୍ତୀ କାଳରେ କର୍ମକ୍ଷେତ୍ର ରୂପେ ବିଭିନ୍ନ ସରକାରୀ କଲେଜ, ଶାନ୍ତିନିକେତନସ୍ଥ ବିଶ୍ୱଭାରତୀ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅବସ୍ଥାନ କାଳରେ କୁଶଳତା ସହ ଏକାଡ଼େମିକ ଦାୟିତ୍ୱ ନିର୍ବାହରେ ଆତ୍ମପ୍ରତ୍ୟୟ ନିଜଠାରେ ମଧ୍ୟ ପ୍ରକଟିତ ହୋଇଥିଲା । ଉଭୟ ଶିକ୍ଷାଗୁରୁ ଅଧ୍ୟାପକ ଶ୍ରୀଧର ଦାସ ଓ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ ସାହିତ୍ୟରେ ପାରଦର୍ଶୀ ହୋଇଥିବାରୁ ଆମ ସଂଶୟମୋଚନ ଓ ଆତ୍ମବିଶ୍ୱାସ ସଂଚାରରେ ସହାୟକ ହୋଇଥିଲେ । ସେତେବେଳକୁ ଅଧ୍ୟାପକ ଶ୍ରୀଧର ଦାସ ଶିକ୍ଷାଦାନ ଓ ଶିକ୍ଷା ପ୍ରଶାସନ କ୍ଷେତ୍ରରେ ପ୍ରଚୁର ଅଭିଜ୍ଞତାସମ୍ପନ୍ନ ବୟସ୍କ ଓ ବରିଷ୍ଠ ଅଧ୍ୟାପକ ଥିଲେ ।

ଉପନିଷଦରେ ଉକ୍ତି ଅଛି "କ୍ଷୁରସ୍ୟ ଧାରା ନିଶିତା ଦୂରତ୍ୟୟାଦୁର୍ଗ ପଥସତ କବିୟେଣ ବଦନ୍ତି" ଅର୍ଥାତ୍ କ୍ଷୁରଧାର ଭଳି ତୀକ୍ଷ୍ଣ ଓ ଦୁର୍ଗମ ହେଉଛି ଏହି ଜୀବନର ଯାତ୍ରାପଥ । ଶ୍ରୀଧର ଦାସଙ୍କ ଜୀବନର ଗତିପଥ ଓ ଯାତ୍ରା ସଂଘର୍ଷମୟ ତଥା ଦୁର୍ଗମ ଥିଲା । ନିଜ ଜୀବନରେ ଶିକ୍ଷାଗତ ଓ ବୃତ୍ତିଗତ କ୍ଷେତ୍ରରେ ସେ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ । କାକଟପୁର ନିକଟବର୍ତ୍ତୀ ଏକ ଛୋଟ ଗ୍ରାମ ନଇଗୁଆଁର ଏକ ଅଭାବୀ ପରିବାରରେ ୧୯୦୧ରେ ତାଙ୍କ ଜନ୍ମ । ଭୂସମ୍ପତ୍ତିହୀନ ତାଙ୍କ ପିତା ଏକ

Digitized by srujanika@gmail.com

ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଥିଲେ । ସେତେବେଳେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ବେତନ ମାସିକ ଦୁଇ ଟଙ୍କା ମାତ୍ର ଜିଲ୍ଲା ବୋର୍ଡ଼ରୁ ମିଳୁଥିଲା । ଗ୍ରାମବାସୀମାନେ ଶିକ୍ଷକଙ୍କ ରହଣି ଓ ଭୋଜନ ବ୍ୟବସ୍ଥାର ଦାୟିତ୍ୱ ବହନ କରୁଥିଲେ । ବାଳକ ଶ୍ରୀଧର ପ୍ରାଥମିକ ବିଦ୍ୟାଳୟରେ ନିଜ ପାଠପଢ଼ାର କୃତିତ୍ୱ ହେତୁ ମାସିକ ଦୁଇ ଟଙ୍କା ମାତ୍ର ଜିଲ୍ଲା ବୋର୍ଡ଼ରୁ ପାଉଥିଲେ ଛାତ୍ରବୃତ୍ତି ଭାବେ । କାକଟପୁରରେ ମଧ୍ୟ ଭର୍ଣ୍ଣାକୁଲାର ସ୍କୁଲର ବୋର୍ଡ଼ିଂରେ ରହି ସେ ପାଠ ପଢୁଥିଲେ । ଦିବ୍ୟସିଂହ ମହାନ୍ତି ଥିଲେ ତାଙ୍କ ହେଡ଼ପଣ୍ଡିତ । ସାହିତ୍ୟ, ଗଣିତ, ଭୂଗୋଳ ଓ ଇତିହାସ ପଢ଼ାଇବାରେ ତାଙ୍କର ଥିଲା ବେଶ୍ ପାରଦର୍ଶିତା । ସେ କାଳରେ ଛାତ୍ରମାନଙ୍କ ପାଠ ପଢ଼ା ଓ ଆଚରଣଗତ ତ୍ରୁଟି ପାଇଁ ବେତମାଡ଼, ଏକଗୋଡ଼ିଆ ହୋଇ ଛିଡ଼ା କରାଇବା ଭଳି ନିର୍ମମ ଶାରୀରିକ ଦଣ୍ଡ ପ୍ରଚଳିତ ଥିଲା । ମାଇନର ପରୀକ୍ଷାରେ କୃତିତ୍ୱ ଲାଭ ହେତୁ ବୃତ୍ତି ପାଇ ଶ୍ରୀଧର ପୁରୀ ଜିଲ୍ଲା ସ୍କୁଲରେ ପଢ଼ିଲେ । ଏହି ସମୟରେ ଐତିହାସିକ ପ୍ରଥମ ବିଶ୍ୱଯୁଦ୍ଧ ଓ ଦେଶରେ ଅସହଯୋଗ ଆନ୍ଦୋଳନର ଆରମ୍ଭ ହୋଇଥାଏ । ସରକାରଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରମାନଙ୍କୁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ନେଇ ଇଂରେଜମାନଙ୍କ ବିଜୟ କାମନାରେ 'ଜୟତୁ ଜୟତୁ ଦେବ ପଞ୍ଚମ ଜର୍ଜ ଓ ଷଷ୍ଠ' ଭଳି ସମବେତ ପ୍ରାର୍ଥନା କରାଉଥିଲେ । ସେତେବେଳେ ପୁରୀ ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ପ୍ରସିଦ୍ଧ ଶିକ୍ଷାବିତ୍ ଓ ଓଡ଼ିଆ ବ୍ୟାକରଣ ପ୍ରଣେତା ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହାରଣା । ତାଙ୍କ ସ୍ୱଭାବ ଥିଲା, "ବଜ୍ରାଦପି ସୁକଠୋର, ମୃଦୁନି କୁସୁମାନିବ ଅର୍ଥାତ୍ ଶୃଙ୍ଖଳା ରକ୍ଷାରେ ସେ ଥିଲେ ବଜ୍ର ପରି କଠୋର ଓ ନିୟମାନୁବର୍ତ୍ତୀ । କିନ୍ତୁ ବ୍ୟକ୍ତିଗତ ବ୍ୟବହାରରେ ସେ ଥିଲେ ଅତି କୋମଳ । ତାଙ୍କ ପରେ ଉପେନ୍ଦ୍ର ନାରାୟଣ ଦତ୍ତଗୁପ୍ତ ପ୍ରଧାନଶିକ୍ଷକ ହେଲେ । ସେ ଇଂରାଜୀ, ବଙ୍ଗଳା, ଓଡ଼ିଆ ଓ ସଂସ୍କୃତରେ ମଧ୍ୟ ପ୍ରବୀଣ ଥିଲେ । ତାଙ୍କ ସଜ୍ଜନୋଚିତ ଆଚରଣ, ଆଦର୍ଶନିଷ୍ଠ ଚରିତ୍ରରେ ଛାତ୍ରମାନେ ଅନୁପ୍ରାଣିତ ହେଉଥିଲେ । ପୁରୀ ଜିଲ୍ଲା ସ୍କୁଲର ଛାତ୍ର ଥିଲାବେଳେ ପାଠ୍ୟ ଛଡ଼ା ବହୁ ସତ୍‌ସାହିତ୍ୟ ଅଧ୍ୟୟନ ପ୍ରତି ଶ୍ରୀଧରଙ୍କ ଅନୁରାଗ ଜାତ ହୋଇଥିଲା । ରାଧାନାଥ ଗ୍ରନ୍ଥାବଳୀ, ମଧୁସୂଦନ ରାଓଙ୍କ ଗ୍ରନ୍ଥାବଳୀ, ଗଙ୍ଗାଧର ମେହେରଙ୍କ ତପସ୍ୱିନୀ, ପ୍ରଣୟବଲ୍ଲରୀ ଓ ଉତ୍କଳ ଲକ୍ଷ୍ମୀ ଆଦି କାବ୍ୟ ସେ ପଢ଼ିଥିଲେ । ଏହାଛଡ଼ା Lamb's Tales from Shakespear, Miss Milordଙ୍କ "Our Village", ଲାଲବିହାରୀ ଦେଙ୍କ "Bengal Peasant Life"

Digitized by srujanika@gmail.com

ଓ "Flok Tales of Bengal, Toddଙ୍କ Rajasthan, Tales from Indian History, Smilesଙ୍କ Character ଭଳି ଶିକ୍ଷାପ୍ରଦ ପୁସ୍ତକ ତାଙ୍କର ଅତି ପ୍ରିୟ ପାଠ୍ୟ ଥିଲା । ସତ୍‌ଗ୍ରନ୍ଥ ପଠନର ସୁଫଳ ଜୀବନ ଗଠନରେ ସହାୟକ ଓ ପ୍ରେରଣାଦାୟକ । ଏ ଧରଣର ଶିକ୍ଷାପ୍ରଦ ପୁସ୍ତକ ପଢ଼ିବା ହେତୁ ପରବର୍ତ୍ତୀ କୃତିରେ ନିଜେ ସେଭଳି ବହି ଲେଖିବା ନିମନ୍ତେ ସେ ପ୍ରେରଣା ଲାଭ କରିଥିଲେ ।

ପୁରୀ ଜିଲ୍ଲା ସ୍କୁଲରେ ପଢୁଥିଲେ ସୁଦ୍ଧା ସେ ସତ୍ୟବାଦୀ ବନବିଦ୍ୟାଳୟକୁ ବହୁଥର ଯାଇଥିଲେ । ବନବିଦ୍ୟାଳୟରେ ଏମ୍.ଏ. ପାସ୍ କରିଥିବା ନୀଳକଣ୍ଠ ଦାସ ଓ ଉଚ୍ଚଶିକ୍ଷିତ ଗୋଦାବରୀଶ ମିଶ୍ରଙ୍କ ଉଚ୍ଚମାନର ଶିକ୍ଷାଦାନ ପଦ୍ଧତି, ନିୟମାନୁବର୍ତ୍ତିତା, ଶିକ୍ଷକ ଛାତ୍ର ସମ୍ପର୍କ ଭଳି ଶୁଭଙ୍କର ପରମ୍ପରାରେ ସେ ଉଦ୍‌ବୁଦ୍ଧ ହୋଇଥିଲେ । ଏହି ବିଦ୍ୟାଳୟରେ ଶିକ୍ଷାଦର୍ଶ ପ୍ରତି ତାଙ୍କ ମନରେ ଶ୍ରଦ୍ଧା ଜାତ ହୋଇଥିଲା । ସେତେବେଳେ ପୁରୀ ଜିଲ୍ଲା ସ୍କୁଲରେ ପ୍ରାୟ ୨୫୦ ଜଣ ଛାତ୍ର ପଢୁଥିଲେ । କିନ୍ତୁ ସରକାରୀ ବନ ବିଦ୍ୟାଳୟର ଛାତ୍ରସଂଖ୍ୟା ଥିଲା ୫୦୦ । ବିଦ୍ୟାଳୟରେ ପ୍ରଭାତକାଳୀନ ପ୍ରାର୍ଥନା ସଙ୍ଗୀତ ପଣ୍ଡିତ ନୀଳକଣ୍ଠ ଦାସଙ୍କଦ୍ୱାରା ଉପନିଷଦରୁ ଅନୁଦିତ ପ୍ରସଙ୍ଗ ବୋଲା ଯାଉଥିଲା ।

ଜ୍ଞାନମୟ ଲୋକେଶ୍ୱର ମଙ୍ଗଳ ନିଦାନ
ସର୍ବବ୍ୟାପୀ ବାକ୍‌ଦେବୀ ଚରାଚର ହିନତା ।

୧୯୨୮ରେ ମହାତ୍ମା ଗାନ୍ଧୀ ଓଡ଼ିଶା ଆସି ସାକ୍ଷୀଗୋପାଳରେ ଭାଷଣ ଦେବା ସ୍ଥିର ହୋଇଥିଲା । ଶ୍ରୀଧର ଦାସ ଦୋଳଛୁଟିରେ ଗାଆଁରେ ଥିଲେ । ତାଙ୍କ ବିଚାରରେ ଦେବତାର ଆସନରେ ପ୍ରତିଷ୍ଠିତ ଗାନ୍ଧିଜୀଙ୍କ ଭାଷଣ ଶୁଣିବାର ଆଗ୍ରହ ହେତୁ ସେ ନିଜ ଗାଆଁରୁ ୩୫ ମାଇଲ ବାଟ ଚାଲି ଚାଲି ଆସି ମହାତ୍ମାଙ୍କ ଭାଷଣ ଶୁଣିଲେ । ଏଥିରେ ପ୍ରଭାବିତ ହୋଇ ସେ ସ୍ୱରାଜ୍ୟାଶ୍ରମକୁ ଯିବାକୁ ସ୍ଥିର କଲେ । ଗାନ୍ଧିଜୀଙ୍କ ଆନ୍ଦୋଳନ ହେତୁ ତାଙ୍କ ମନରେ ପରିବର୍ତ୍ତନ ଆସିଲା । ସେତେବେଳେ ପଣ୍ଡିତ ଜଗନ୍ନାଥ ରଥ କାବ୍ୟତୀର୍ଥ ପୁରୀ ଜିଲ୍ଲା ସ୍କୁଲରେ ଓଡ଼ିଆ ଓ ସଂସ୍କୃତ ଶିକ୍ଷକ । ସେ ତାଙ୍କର ଏଭଳି ସିଦ୍ଧାନ୍ତ ଗ୍ରହଣକୁ ବାରଣ କଲେ । ଶ୍ରୀଧର ଦାସ ନିଜ ଗାଆଁକୁ ଫେରିଗଲେ । ପ୍ରଧାନଶିକ୍ଷକ ଉପେନ୍ଦ୍ର ନାରାୟଣ ଦତ୍ତ ଓଡ଼ିଆ ପଣ୍ଡିତ ଅନନ୍ତ ରଥଙ୍କୁ ଉକ୍ତ ଗାଆଁକୁ ପଠାଇ ଶ୍ରୀଧରଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିଲେ । ପ୍ରଧାନଶିକ୍ଷକ ତାଙ୍କୁ ଦେଶସେବାର

Digitized by srujanika@gmail.com

ସଂକଟରୁ ନିବୃତ୍ତ କରାଇ ଅଧ୍ୟୟନରେ ମନୋନିବେଶ କରିବାକୁ ଉପଦେଶ ଦେଲେ । କାରଣ ଦେଶସେବା ଭଳି ନିଃସ୍ୱାର୍ଥପର କର୍ମସାଧନ ପାଇଁ ତାଙ୍କ ପରିବାରର ସ୍ଥିତି ଅନୁକୂଳ ନ ଥିଲା । ପୁରୀ ଜିଲ୍ଲା ସ୍କୁଲର ଛାତ୍ର ଥିଲାବେଳେ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ଜଗବନ୍ଧୁ ସିଂହ, ପଦ୍ମଚରଣ ପଟ୍ଟନାୟକ, ଲିଙ୍ଗରାଜ ମିଶ୍ର, ଲକ୍ଷ୍ମୀ ନାରାୟଣ ସାହୁ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ମଧୁସୂଦନ ଦାସଙ୍କ ଭଳି କୃତବିଦ୍ୟ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିଥିଲେ । ଏହାଛଡ଼ା ଲିଙ୍ଗରାଜ ପାଣିଗ୍ରାହୀ, ଚନ୍ଦ୍ରଶେଖର ବେହେରା ଓ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ଭଳି କୃତିସମ୍ପନ୍ନ ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ସହ ସାକ୍ଷାତ ଓ ପରିଚୟର ସୁଯୋଗ ମଧ୍ୟ ତାଙ୍କୁ ମିଳିଥିଲା । ଏହା ତାଙ୍କ ମନରେ ଆତ୍ମପ୍ରତ୍ୟୟ ଦୃଢ଼ କରିବା ସ୍ୱାଭାବିକ । ପୁରୀ ଜିଲ୍ଲା ସ୍କୁଲରେ ତାଙ୍କ ଉତ୍ତର ଜୀବନର ଦୃଢ଼ ମୂଳଭିତ୍ତି ମଧ୍ୟ ପଡ଼ିଥିଲା । ୧୯୨୨ରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଯଥାର୍ଥରେ ତାଙ୍କ ଶିକ୍ଷାଗତ ସାଫଲ୍ୟର ଏହା ହିଁ ହୋଇଥିଲା ମୂଳଭିତ୍ତି ।

ହାଇସ୍କୁଲ ଶିକ୍ଷା ସମାପ୍ତି ପରେ ଶ୍ରୀଧର ଦାସ ରେଭେନ୍ସା କଲେଜରେ ଆଇ.ଏ. ପଢ଼ିବାକୁ ସ୍ଥିର କରି କଟକ ଆସିଲେ । ସେତେବେଳେ ରେଭେନ୍ସା କଲେଜ ନୂଆ ହୋଇ ଚାଉଳିଆଗଞ୍ଜରେ ସ୍ଥାନିତ ହୋଇଥାଏ । ସେ କାଳରେ ଚାଉଳିଆଗଞ୍ଜ ଅଞ୍ଚଳ ଦୁର୍ଗମ । ସେ ଅଞ୍ଚଳକୁ ମାଟି ରାସ୍ତା, ଏହା ପୁଣି ନିର୍ଜନ, ଯାନବାହନ ଦୁର୍ଲଭ । ରାସ୍ତାକଡ଼ ନାଗଫେଣି ବଣରେ ଭରା । କଟକ ସହରଠାରୁ କଲେଜ ଅଞ୍ଚଳ ବିଚ୍ଛିନ୍ନ ଥିଲା । କଲେଜର ଛାତ୍ରୀମାନେ ପାଠ ପଢ଼ିବେ ତାହା ସେ କାଳରେ ଏକ କଳ୍ପନାତୀତ ବିଷୟରେ ଥିଲା । ଏବେ କିନ୍ତୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ରମାନଙ୍କ ଅପେକ୍ଷା ଛାତ୍ରୀମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ମଙ୍ଗଳାବାଗର ପ୍ରସିଦ୍ଧ କାଠ ବ୍ୟବସାୟୀ ଚକ୍ରଧର ମିଶ୍ରଙ୍କ ସହ ଶ୍ରୀଧର ଦାସଙ୍କ ପରିଚୟ ହେଲା । ବ୍ୟବସାୟିକ ବୁଦ୍ଧିରେ ଚକ୍ରଧର ବାବୁ ତାଙ୍କୁ ପ୍ରବର୍ତ୍ତାଇଥିଲେ । କଲେଜରେ ଆଇ.ଏ. ପଢ଼ିବା ଅପେକ୍ଷା ଇଞ୍ଜିନିୟରିଂ ସ୍କୁଲରେ ପଢ଼ିଲେ ସହଜରେ ସେ ଓଭରସିଅର ବା ସହକାରୀ ଇଞ୍ଜିନିୟର ପଦରେ ନିଯୁକ୍ତି ପାଇ ପାରିବେ । ତେଣୁ ଶ୍ରୀଧରବାବୁ କଟକରୁ ପାଟଣା ଗଲେ । କିନ୍ତୁ ଇଞ୍ଜିନିୟରିଂ ସ୍କୁଲର ରୁଟିନ ବନ୍ଧା ଜୀବନ ତାଙ୍କର ମନଃପୂତ ନ ହେବାରୁ ସେ

Digitized by srujanika@gmail.com

ପାଟଣାର ବିହାର ନେସନାଲ କଲେଜରେ ନାମ ଲେଖାଇଲେ । ସେଠାରେ ତାଙ୍କ ଆର୍ଥିକ ସ୍ଥିତି ବିବେଚନାରେ କଲେଜ ଦରମାରୁ ଅବ୍ୟାହତି ମିଳିଲା । ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ ହେତୁ ମିଳୁଥିବା ଛାତ୍ରବୃତ୍ତି ଟଙ୍କାରେ ସେ ଚଳି ବିହାର ନେସନାଲ କଲେଜରୁ ଦ୍ୱିତୀୟ ଶ୍ରେଣୀରେ ଆଇ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଏହା ହିଁ ଶିକ୍ଷାନୁଷ୍ଠାନରେ ତାଙ୍କର ଅନୁଷ୍ଠାନିକ ଶିକ୍ଷାଲାଭର ପରିସମାପ୍ତି ଥିଲା ।

ପୁରୀ ଜିଲ୍ଲା ସ୍କୁଲରେ ପଢୁଥିଲା ବେଳେ ସେ ପଣ୍ଡିତ ଜଗନ୍ନାଥ ରଥଙ୍କ ସ୍ନେହଭାଜନ ଥିଲେ । ତେଣୁ ପଣ୍ଡିତ ମହାଶୟଙ୍କ ପ୍ରସ୍ତାବ କ୍ରମେ ସେ ତାଙ୍କ ଗ୍ରାମ ବୀର ନରସିଂହପୁର ମାଇନର ସ୍କୁଲରେ ପ୍ରଧାନଶିକ୍ଷକ ଭାବେ ନିଜ ବୃତ୍ତିଗତ ଜୀବନ ଆରମ୍ଭ କଲେ । ପ୍ରଧାନ ଶିକ୍ଷକଙ୍କ ଛୁଟି ଉପଭୋଗ କାରଣରୁ ଏହା ଏକ ଅସ୍ଥାୟୀ ନିଯୁକ୍ତି ଥିଲା । ତା'ପରେ ଭର୍ଣ୍ଣାକୁଲାର ସ୍ତରରୁ ମାଇନରରେ ପରିଣତ କାକଟପୁର ସ୍କୁଲରେ ସେ ପ୍ରଧାନଶିକ୍ଷକ ଭାବେ କର୍ମରେ ଯୋଗ ଦେଲେ । ଏହି ସମୟରେ ଘରୋଇ ଭାବେ ପରୀକ୍ଷା ଦେଇ ସେ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ବି.ଏ. ପରୀକ୍ଷାରେ ପାଶ୍ ପରେ ହାଇସ୍କୁଲରେ ଶିକ୍ଷାଦାନ ନିମନ୍ତେ ତାଙ୍କ ମନ ବଳିଲା । ନୂଆ ଖୋଲିଥିବା ଓଳସିଂହ ହାଇସ୍କୁଲରେ ସେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଲେ । ସେଠାରେ ପ୍ରଧାନଶିକ୍ଷକ ପଦ ଲାଗି ବିବାଦ ହେବାରୁ ସେଠାରୁ ଆସି ସେ କଟକ ଶିକ୍ଷକ ଟ୍ରେନିଂ କଲେଜରେ ଅଧ୍ୟୟନ କଲେ । ଟ୍ରେନିଂ କଲେଜରେ ସେତେବେଳେ ଅଧ୍ୟକ୍ଷ ଥାନ୍ତି ଲୁଇଚ୍ ମୋର ସାହେବ ବିଲାତ ପ୍ରତ୍ୟାବର୍ତ୍ତନ କାଳରେ ସେ ଶ୍ରୀଧର ବାବୁଙ୍କୁ ତାଙ୍କ ଅକ୍ଳାନ୍ତ ପରିଶ୍ରମ, ଶିକ୍ଷାଦାନର ଦକ୍ଷତା, ଆଚରଣର ଉତ୍ତମତା ଓ ଉତ୍ତମ ଚରିତ୍ରର ପ୍ରଶଂସାସୂଚକ ଏକ ପ୍ରମାଣପତ୍ର ଦେଇଥିଲେ ।

ଏହାପରେ ବୌଦ ଗଡ଼ଜାତରେ ଶ୍ରୀଧର ଦାସଙ୍କ ଏକ ଉଲ୍ଲେଖ୍ୟ ଘଟଣା ନିହିତ । ବଉଦ ମାଇନର ସ୍କୁଲରେ ସେ ପଧାନ ଶିକ୍ଷକ ଭାବେ ଯୋଗ ଦେଲେ । କିନ୍ତୁ ରାଜାଙ୍କ ଲକ୍ଷ୍ୟ ଥିଲା ତାଙ୍କ ସାହାଯ୍ୟରେ ରାଜ୍ୟରେ ଏକ ହାଇସ୍କୁଲର ପ୍ରତିଷ୍ଠା ପରେ ତାଙ୍କୁ ବଉଦ ରାଜ୍ୟର ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଲା । ଗଡ଼ଜାତରେ ଦାୟିତ୍ୱ ନିର୍ବାହ ତାଙ୍କ ପକ୍ଷରେ ସମ୍ମାନଜନକ ଥିଲା । ବଉଦ ଅପେକ୍ଷାକୃତ ଏକ ସାନ ରାଜ୍ୟ । ଏହାର ଜନସଂଖ୍ୟା, ଲୋକମାନଙ୍କ ଆଚରଣ, ମେରିଆ ବଳିପ୍ରଥା ହେତୁ

Digitized by srujanika@gmail.com

କନ୍ଧମାଳକୁ ବଉଦଠାରୁ ଇଂରେଜ ସରକାର ବିଚ୍ଛିନ୍ନ କରିବା ଘଟଣା, ରାଜ୍ୟର ଶାସନ ବ୍ୟବସ୍ଥା, ରାଜା ଓ ଦେୱାନଙ୍କ ମଧ୍ୟରେ ପ୍ରଶାସନିକ ଦାୟିତ୍ୱ ବଣ୍ଟନ, ରାଜାଙ୍କ ପଶୁ ଶିକାର ଅଭିଯାନ, ସରକାରଙ୍କୁ ରାଜାଙ୍କ ବାର୍ଷିକ ଦେୟ ପ୍ରଦାନ ପ୍ରଭୃତି ବିଷୟ ଶ୍ରୀଧର ଦାସ ନିଜ ଆତ୍ମଚରିତରେ ବିଶଦ ଭାବରେ ଉଲ୍ଲେଖ କରିଥାନ୍ତି । 'ଉତ୍କଳ ସାହିତ୍ୟ' ପତ୍ରିକାରେ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ 'ସ୍ୱପ୍ନରେ ରାଜଯୋଗ' ଶୀର୍ଷକ କେତୋଟି ପ୍ରବନ୍ଧ ଲେଖିଥିଲେ । ଏଥିରେ ଗଡ଼ଜାତର ରାଜାମାନଙ୍କୁ ସ୍ୱେଚ୍ଛାଚାରୀ, ମଦ୍ୟ ମୈଥୁନ ସର୍ବସ୍ୱ, ଅତ୍ୟାଚାରୀ, ଏକଛତ୍ରବାଦୀ ଶାସକ ରୂପେ ପ୍ରହରାଜ ପ୍ରତିପାଦନ କରିଥିଲେ; କିନ୍ତୁ ବଉଦରେ ଶାସନ ଶୃଙ୍ଖଳାବଦ୍ଧ ଓ ଆଇନଦ୍ୱାରା ପରିଚାଳିତ ଏହା ଶ୍ରୀଧର ଦାସ ଲକ୍ଷ୍ୟ କରିଥିଲେ । ରାଜା ମେଳାପୀ ଥିଲେ ଓ ତାଙ୍କ ବ୍ୟବହାର ଭଦ୍ରୋଚିତ ଥିଲା । କିନ୍ତୁ ରାଜଦରବାରରେ ଉପସ୍ଥିତ ଥିଲା ବେଳେ ସେ ଯଥେଷ୍ଟ ଗାମ୍ଭୀର୍ଯ୍ୟ ରକ୍ଷା କରୁଥିଲେ । ଶ୍ରୀଧର ଦାସ ବଉଦରେ ପ୍ରଚଳିତ ଭାଷା ସମ୍ପର୍କରେ ଦୁଇଟି ପ୍ରବନ୍ଧ ପ୍ରକାଶ କରିଥିଲେ । କିନ୍ତୁ ତାହା ସେଠିକାର ଜନସାଧାରଣଙ୍କଠାରୁ ପ୍ରତିକ୍ରିୟା ସଂଚାର କରିଥିଲା । ତେଣୁ ତାଙ୍କୁ ସେଥିରୁ ବିରତ ହେବାକୁ ପଡ଼ିଲା । ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ରାଜାଙ୍କର ଯଥେଷ୍ଟ ଆଗ୍ରହ ଥିଲା । ରାଜା ବିଦ୍ୟୋତ୍ସାହୀ ଥିଲେ । 'ଭାଷାକୋଷ' 'ନିମନ୍ତେ ଅନୁଦାନ ସଂଗ୍ରହ ଲକ୍ଷ୍ୟରେ ଗୋପାଳଚନ୍ଦ୍ର ପ୍ରହରାଜ ବୌଦ ଯାଇଥିଲେ । ଭାଷାକୋଷର ଗୋଟିଏ ଭାଗର ମୁଦ୍ରଣ ନିମନ୍ତେ ସେ ରାଜାଙ୍କୁ ଅନୁରୋଧ କଲେ । ରାଜା ବ୍ୟୟର ପରିମାଣ ଜାଣିବାକୁ ଚାହିଁଲେ । ପରେ ତାଙ୍କୁ ରାଜା ପାଞ୍ଚ ହଜାର ଟଙ୍କାର ଏକ ଚେକ୍ ଦେଲେ । କିନ୍ତୁ ପରେ ପ୍ରହରାଜ କହିଲେ, ଆପଣ ଦେଉଳଟିଏ ତୋଳି ଦେଲେ, କିନ୍ତୁ ପରି ପଲସ୍ତରା ଓ ଧଉଳିଆ ଖର୍ଚ୍ଚ ପାଇଁ ତାଙ୍କୁ ଅନ୍ୟର ଆଶ୍ରୟ ନେବାକୁ ପଡ଼ିବ । ରାଜା ଏ ମନ୍ତବ୍ୟର ତାତ୍ପର୍ଯ୍ୟ ପଚାରିବାରୁ ପ୍ରହରାଜ କହିଲେ, ଛାପା ପରେ ବନ୍ଧେଇ ଲାଗି ଆଉ ତିନି ହଜାର ଟଙ୍କା ଲାଗିବ । ରାଜା ସେତକ ମଧ ଦେଲେ । ପ୍ରହରାଜଙ୍କୁ ରାଜା ନାରାୟଣ ପ୍ରସାଦ ଦେବ ରାଜ୍ୟର ସମ୍ମାନିତ ଅତିଥି ଭାବେ ଉପଯୁକ୍ତ ମର୍ଯ୍ୟାଦା ସହ ସମ୍ମାନିତ କରିଥିଲେ । ଏକ ଛୋଟ କରଦ ରାଜ୍ୟ ବଉଦର ଇଂରେଜ ସରକାରଙ୍କୁ ବାର୍ଷିକ ପେସକିସ୍ ମାତ୍ର ଚାରିଶହ ଟଙ୍କା ହୋଇଥିଲା ବେଳେ ପ୍ରହରାଜଙ୍କୁ ରାଜାଙ୍କର ଏଭଳି ଅକୁଣ୍ଠିତ ଅନୁଦାନ ରାଜାଙ୍କ ଉଦାର ହୃଦୟର ପରିଚାୟକ ହୋଇଥିଲା । ଫକୀରମୋହନ ସେନାପତି ତାଙ୍କ ଆତ୍ମଚରିତରେ ବିଭିନ୍ନ

Digitized by srujanika@gmail.com

ଗଡ଼ଜାତରେ ନିଜ ଅନୁଭୂତି ବର୍ଣ୍ଣନା କଲା ଭଳି ଶ୍ରୀଧର ଦାସଙ୍କ ବୌଦର ବର୍ଣ୍ଣନା ଚିତ୍ତାକର୍ଷକ ।

ଦୀର୍ଘକାଳ ଗଡ଼ଜାତରେ ରହିବାକୁ ଶ୍ରୀଧର ଦାସଙ୍କ ଇଚ୍ଛା ହେଲା ନାହିଁ । ସେ କିଛିକାଳ ପୁଣି ଓଳସିଂହ ଓ ପରେ ବାଣପୁରରେ ଶିକ୍ଷକତା କଲେ । ବାଣପୁରରେ ଥିଲାବେଳେ ଡାକ୍ତର ରାଧାଚରଣ ପଣ୍ଡା ଓ ଗୋଦାବରୀଶ ମହାପାତ୍ରଙ୍କ ସହ ତାଙ୍କର ଆତ୍ମୀୟତା ସ୍ଥାପିତ ହୋଇଥିଲା ।

ଏହି ସମୟରେ ଘରୋଇ ପରୀକ୍ଷାର୍ଥୀ ଭାବେ ଏମ୍.ଏ. ଓଡ଼ିଆ ପରୀକ୍ଷା ଦେବାକୁ ଇଚ୍ଛା କଲେ । ସେତେବେଳକୁ କଲିକତା ବିଶ୍ୱବିଦ୍ୟାଳୟରୁ ଘରୋଇ ପରୀକ୍ଷାର୍ଥୀ ଭାବେ ଲକ୍ଷ୍ମୀ ନାରାୟଣ ସାହୁ, ଚିନ୍ତାମଣି ଆଚାର୍ଯ୍ୟ ଓ ରାଜକିଶୋର ରାୟ ଏମ୍.ଏ. ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ । କିନ୍ତୁ ପ୍ରହ୍ଲାଦ ପ୍ରଧାନ ଓ ଶ୍ରୀଧର ଦାସ ପାଟଣା ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଏମ୍.ଏ. ପରୀକ୍ଷା ଦେଇ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ।

ବାଣପୁର ଛାଡ଼ିଲା ପରେ ଶ୍ରୀଧର ଦାସ ଜଗତସିଂହପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ଉକ୍ତ ହାଇସ୍କୁଲର ସଭାପତି ଥାନ୍ତି ଶ୍ରୀକୃଷ୍ଣ ମହାପାତ୍ର । ଇଂରେଜ ସରକାରଙ୍କ ଅଧୀନରେ ସେ ଜଣେ ଟାଣୁଆ ପୋଲିସ ଅଫିସର ଥିଲେ । ତାଙ୍କୁ ଦେୱାନ ବାହାଦୁର ଉପାଧିରେ ଭୂଷିତ କରା ହୋଇଥିଲା । ବିଦ୍ୟାଳୟ ପରିଚାଳନାରେ ସେ କିନ୍ତୁ ପୋଲିସ ଶାସନ ଚଳାଉଥିଲେ । ଜଗତସିଂହପୁର ପରେ ଶ୍ରୀଧର ଦାସ କୋରୁଆ ହାଇସ୍କୁଲରେ କିଛିକାଳ କାର୍ଯ୍ୟ କରି ୧୯୪୮ରେ କଟକସ୍ଥ ଉତ୍କଳ ଖ୍ରୀଷ୍ଟିଆନ୍ କଲେଜରେ ଓଡ଼ିଆ ଅଧ୍ୟାପକ ଭାବେ ଯୋଗ ଦେଲେ । ଏହି କଲେଜ ପ୍ରାରମ୍ଭିକ ଅବସ୍ଥାରେ କଟକର ମିଶନ ସ୍କୁଲରେ ସକାଳ ବେଳା ପରିଚାଳିତ ହେଉଥିଲା । ଅଳ୍ପକାଳ ପରେ ଏହି କଲେଜ କଟକ ଚଣ୍ଡୀ ମନ୍ଦିରର ଅଦୂରବର୍ତ୍ତୀ ନିଜ ସ୍ଥାୟୀ ପରିସରକୁ ସ୍ଥାନାନ୍ତରିତ ହେଲା । ଏହାର ନାମ ହେଲା ଖ୍ରୀଷ୍ଟ କଲେଜ । ରେଭେରେଣ୍ଡ ବ୍ରଜାନନ୍ଦ ମହାନ୍ତି କଲେଜର ଅଧ୍ୟକ୍ଷ ଥାନ୍ତି । ଶ୍ରୀଧର ଦାସ ଏହି କଲେଜରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ । ୧୯୪୮ରୁ ୧୯୬୮ ମସିହା ପର୍ଯ୍ୟନ୍ତ କୋଡ଼ିଏ ବର୍ଷ କାଳ ସେ ଏହି ବିଦ୍ୟାଳୟରେ କାର୍ଯ୍ୟ କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଦାୟିତ୍ୱ ସାଙ୍ଗକୁ କଲେଜ ପ୍ରଶାସନ ଓ କଲେଜ

Digitized by srujanika@gmail.com

ଅଫିସର ବିଭିନ୍ନ ଦାୟିତ୍ୱ ସମ୍ପାଦନ କରୁଥିବାରୁ ସେ କଲେଜ ଅଧ୍ୟକ୍ଷଙ୍କ ପ୍ରିୟପାତ୍ର ହେବା ସାଙ୍ଗକୁ କଲେଜର ଅନ୍ୟ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରମାନଙ୍କ ମଧ୍ୟରେ ସୁପରିଚିତ ଓ ସମ୍ମାନିତ ବରିଷ୍ଠ ଅଧ୍ୟାପକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ତାଙ୍କ କର୍ମନିପୁଣତା ଓ ପ୍ରତିବଦ୍ଧତା ଅଧ୍ୟକ୍ଷଙ୍କୁ ଯଥେଷ୍ଟ କର୍ମବିରତି ଓ ଆଶ୍ୱସ୍ତି ଦେଇଥିଲା । ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଥିବା ଓଡ଼ିଶାବାସୀ ଅଧ୍ୟାପକଙ୍କ ସମେତ କେତେକ ବଙ୍ଗୀୟ ଓ ଦକ୍ଷିଣ ଭାରତୀୟ ଅଧ୍ୟାପକମାନେ ଶ୍ରୀଯୁକ୍ତ ଶ୍ରୀଧର ଦାସଙ୍କୁ ଅଗ୍ରଜ ତୁଲ୍ୟ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରୁଥିଲେ ।

୧୯୫୧ରେ ମୁଁ ଓ ମୋର ସହପାଠୀ ଅନ୍ତରଙ୍ଗ ବନ୍ଧୁ ଶ୍ରୀ ପଠାଣି ପଟ୍ଟନାୟକ ଖ୍ରୀଷ୍ଟ କଲେଜରେ ଓଡ଼ିଆ ଅଧ୍ୟାପକ ରୂପେ ମନୋନୀତ ହୋଇ କର୍ମକ୍ଷେତ୍ରରେ ଯୋଗ ଦେଲୁ । ଏ କଲେଜରେ ଅଧ୍ୟାପକ ପଦ ପ୍ରାପ୍ତି ନିମନ୍ତେ ଗତାନୁଗତିକ ସାକ୍ଷାତକାର ଅପେକ୍ଷା ଅଧ୍ୟାପନା ନୈପୁଣ୍ୟ ଓ ଶ୍ରେଣୀକକ୍ଷରେ ନିଜ ଅଧ୍ୟାପନା ଶୈଳୀଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ଅନୁପ୍ରାଣିତ କରିବାର ଶୈଳୀ ଓ ନୈପୁଣ୍ୟର ପରୀକ୍ଷା ଦେବାକୁ ପଡ଼ିଥିଲା । ମୋ ମନେପଡୁଛି ପ୍ରାୟ ଶତାଧିକ ଛାତ୍ରଙ୍କୁ ଏକ ପ୍ରଶସ୍ତ ଶ୍ରେଣୀ କକ୍ଷରେ 'ପ୍ରଣୟବଲ୍ଲରୀ' କାବ୍ୟର ଏକ ଅଂଶ ପଢ଼ାଇବା ନିମନ୍ତେ ମତେ ନିର୍ଦ୍ଦେଶ ଦିଆଯାଇଥିଲା । ଅଧ୍ୟକ୍ଷ ରେଭରେଣ୍ଡ ବ୍ରଜାନନ୍ଦ ମହାନ୍ତି ଓ ଅଧ୍ୟାପକ ଶ୍ରୀଧର ଦାସ ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କର ଅଧ୍ୟାପନା କୌଶଳ ଲକ୍ଷ୍ୟ ଓ ବିଚାର କରି ଶେଷରେ ମତେ ଓ ବନ୍ଧୁ ପଠାଣି ପଟ୍ଟନାୟକଙ୍କୁ ଅଧ୍ୟାପକ ଭାବେ ମନୋନୀତ କରିଥିଲେ । ଶ୍ରେଣୀ କକ୍ଷରେ ଶିକ୍ଷାର୍ଥୀମାନଙ୍କୁ ପାଠ୍ୟ ପ୍ରସଙ୍ଗର ସୁସ୍ପଷ୍ଟ ଅବବୋଧଦ୍ୱାରା ଅନୁପ୍ରାଣିତ କରିବା କୌଶଳ ବିଚାରକଦ୍ୱୟ ଆକଳନ କରୁଥିଲେ ।

ଶ୍ରୀଧର ଦାସଙ୍କ ଅଧ୍ୟାପକ ଜୀବନ :

ଦୀର୍ଘ ୨୬ ବର୍ଷ କାଳ ବିଭିନ୍ନ ମଧ୍ୟ ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟରେ ଶିକ୍ଷକ, ପ୍ରଧାନଶିକ୍ଷକ ଓ ଶିକ୍ଷା ଅଧିକାରୀ ଭାବେ ବିଭିନ୍ନ ଏକାଡ଼େମୀକ ଦାୟିତ୍ୱ ସୁଚାରୁ ରୂପେ ବହନ ଓ ସମ୍ପାଦନ କରି ଶ୍ରୀଯୁକ୍ତ ଶ୍ରୀଧର ଦାସ ପରିଣତ ବୟସରେ କଟକର ଖ୍ରୀଷ୍ଟ କଲେଜରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ । ମାଟ୍ରିକ୍, ଆଇ.ଏ. ଓ ବି.ଏ. ପରୀକ୍ଷାରେ ସେ ଉଚ୍ଚମାନର କୃତିତ୍ୱ ପ୍ରଦର୍ଶନ କରିଥିଲେ ।

Digitized by srujanika@gmail.com

ପରିଣତ ବୟସ ଓ ବିପୁଳ ଅଭିଜ୍ଞତାର ମାନଦଣ୍ଡ ବିବେଚନାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ନିୟନ୍ତ୍ରଣରେ ଥିବା ମହାବିଦ୍ୟାଳୟଗୁଡ଼ିକରେ ବରିଷ୍ଠ ଅଧ୍ୟାପକ ମଧ୍ୟ ଥିଲେ । ତେଣୁ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଅନ୍ୟ ବିଶ୍ୱବିଦ୍ୟାଳୟ ଓଡ଼ିଆ ସାହିତ୍ୟଗୁଡ଼ିକର ଓ ଇଂରେଜୀ ପଢ଼ଇବାରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ଥିଲା । ମହାବିଦ୍ୟାଳୟଗୁଡ଼ିକରେ ବାଧ୍ୟତାମୂଳକ ଓଡ଼ିଆ, ଇଚ୍ଛାଧୀନ ଓଡ଼ିଆ ଓ ଅନର୍ସ ଓଡ଼ିଆ ପଢ଼ାଇବାର ଧାରା, ଔଚିତ୍ୟ ଓ ଧାରଣା ସମ୍ପର୍କରେ ତାଙ୍କର ବିସ୍ତୃତ ଧାରଣା ନ ଥିଲା । ତଥାପି କଲେଜଗୁଡ଼ିକରେ ବାଧ୍ୟତାମୂଳକ ଓଡ଼ିଆ, ଐଚ୍ଛିକ ଓଡ଼ିଆ ଓ ଅନର୍ସ ଶ୍ରେଣୀରେ ଓଡ଼ିଆ ଅଧ୍ୟାପନାର ଔଚିତ୍ୟ ଓ ଧାରଣା ସମ୍ପର୍କରେ ବିଶେଷ ଅଭିଜ୍ଞତା ଓ କୁଶଳତା ଲାଭ କରିବାକୁ ସମର୍ଥ ହୋଇଥିଲେ । ଅଳ୍ପକାଳ ମଧ୍ୟରେ ସେ ନିଜ ଶିକ୍ଷା ପଦ୍ଧତିକୁ ସଂଶୋଧିତ ଓ ଉନ୍ନତ କରିଥିଲେ । ଅନ୍ୟ ଏକ ସମସ୍ୟା ହେଲା ତୁଳନାତ୍ମକ ଭାବେ କଲେଜ ଶ୍ରେଣୀରେ ଓଡ଼ିଆ ଶିକ୍ଷାର୍ଥୀ ଛାତ୍ରମାନଙ୍କ ସଂଖ୍ୟା ଅଧିକ ଥିଲା । ଅଧିକନ୍ତୁ ଖ୍ରୀଷ୍ଟ କଲେଜରେ ପରିଣତ ବୟସ୍କ ସରକାରୀ ଓ ଅର୍ଦ୍ଧ ସରକାରୀ ବିଭାଗର ବିଭିନ୍ନ କର୍ମକ୍ଷେତ୍ରରେ ନିଯୁକ୍ତ ବହୁ ଛାତ୍ର ଥିବାରୁ ସେମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସ୍ୱତନ୍ତ୍ର ଏକାଡ଼େମୀକ କୌଶଳ ଓ ଦକ୍ଷତା ଆବଶ୍ୟକ । ଏହା ହେଉଛି ପାଠ୍ୟ ବିଷୟର ସମୀକ୍ଷାତ୍ମକ ବୈଶିଷ୍ଟ୍ୟ ନିର୍ଦ୍ଧାରଣ ବା ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀର ପରିପ୍ରକାଶ । କିଛିକାଳ ମଧ୍ୟରେ ଅଧ୍ୟାପକ ଶ୍ରୀଧର ଦାସ ସଚେତନ ହୋଇ ନିଜ ଅଧ୍ୟାପନା ପଦ୍ଧତିର ପରିବର୍ତ୍ତନ ଘଟାଇଲେ । ଛାତ୍ରମାନଙ୍କ ମଧ୍ୟରେ କ୍ରମଶଃ ଶୃଙ୍ଖଳା ରକ୍ଷାରେ ସେ ସମର୍ଥ ହୋଇଥିଲେ । ତାଙ୍କର ସହଯୋଗୀ ଅଧ୍ୟାପକ ଥିଲେ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ । ପାଠ୍ୟ ପ୍ରସଙ୍ଗର ସାହିତ୍ୟ ମୂଲ୍ୟ ନିର୍ଦ୍ଧାରଣ ବା ସମୀକ୍ଷାତ୍ମକ ବୈଶିଷ୍ଟ୍ୟ ଓ ମହତ୍ତ୍ୱ ପ୍ରତିପାଦନମୂଳକ ବିଶ୍ଳେଷଣ କଲେଜର ଛାତ୍ରମାନେ ଅଧ୍ୟାପକଙ୍କଠାରୁ ପ୍ରତ୍ୟାଶା କରିଥାନ୍ତି । ଉଭୟ ଅଧ୍ୟାପକ କ୍ଲାସିକାଲ ଦୃଷ୍ଟିଭଙ୍ଗୀରେ ବିଜ୍ଞ ହୋଇଥିଲେ ମଧ୍ୟ ସେମାନେ ଦୀର୍ଘକାଳର ଅଭିଜ୍ଞତା ଓ ପାଣ୍ଡିତ୍ୟ ବଳରେ ଛାତ୍ରମାନଙ୍କ ପ୍ରତ୍ୟାଶା ପୂରଣ ପ୍ରୟାସୀ ହୋଇଥିଲେ । ଏହାଛଡ଼ା ଶ୍ରୀଧର ଦାସଙ୍କର ଅତିରିକ୍ତ ଯୋଗ୍ୟତା ଥିଲା ପ୍ରଶାସକର ଦୀର୍ଘ ଅଭିଜ୍ଞତା । ବହୁ ହାଇସ୍କୁଲର ପ୍ରଧାନଶିକ୍ଷକ, ବଉଦ ରାଜ୍ୟର ଶିକ୍ଷା ଅଧିକାରୀ ଭାବେ ତାଙ୍କଠାରେ ନିହିତ ପ୍ରଶାସନ କୌଶଳର ମୂଳଧନ କଲେଜର ଅଧ୍ୟକ୍ଷ ରେଭେରେଣ୍ଟ ବ୍ରଜାନନ୍ଦ ମହାନ୍ତି ବିନିଯୋଗ ନିମନ୍ତେ ତାଙ୍କୁ କଲେଜ ପ୍ରଶାସନର ବହୁ ଦାୟିତ୍ୱ ଅର୍ପଣ କରି

Digitized by srujanika@gmail.com

ନିଜେ ନିଶ୍ଚିନ୍ତ ହୋଇଥିଲେ । ଅଧ୍ୟାପନା ଦାୟିତ୍ୱ ନିର୍ବାହ ପରେ କଲେଜରେ ସେ ଅତିରିକ୍ତ ସମୟ ରହି କଲେଜର ପ୍ରଶାସନକୁ ଶୃଙ୍ଖଳିତ ଓ ନିୟମାନୁଗ କରିଥିଲେ । ଉଭୟ ଅଧ୍ୟାପକଙ୍କ ପ୍ରବୀଣତା ହେତୁ ତରୁଣ ଅଧ୍ୟାପକମାନଙ୍କର ମଧ୍ୟ ସେମାନେ ସମ୍ମାନାର୍ହ ଥିଲେ । ତେଣୁ ଅଧ୍ୟାପକ ଶ୍ରୀଧର ଦାସ ପ୍ରଶାସନ ବ୍ୟାପରର ଦକ୍ଷତା ହେତୁ ଛାତ୍ର, ଅଧ୍ୟାପକ, ଅଧ୍ୟକ୍ଷ ଓ କଲେଜର କର୍ମୀମଣ୍ଡଳୀଙ୍କ ପ୍ରିୟ ଓ ସମ୍ମାନଭାଜନ ହୋଇଥିଲେ । ତାଙ୍କଠାରେ ନିହିତ ସୌଜନ୍ୟ, ଅପରକୁ ସାହାଯ୍ୟ କରିବାର ଉଦାର ମନୋଭାବ, ମହାବିଦ୍ୟାଳୟ ଅନୁଷ୍ଠାନ ପ୍ରତି ଅଙ୍ଗୀକାରବଦ୍ଧତା ଓ ଅଖଣ୍ଡ ନିଷ୍ଠା ତାଙ୍କ ସମ୍ମାନକୁ ବହୁଗୁଣରେ ବଢ଼ାଇଥିଲା । ଖ୍ରୀଷ୍ଟ କଲେଜରେ ୨୦ ବର୍ଷ ଅଧ୍ୟାପନା କରି ପରିଣତ ବୟସରେ ସେ ୧୯୬୮ ମସିହାରେ ସମ୍ମାନ ସହ ଅବସର ଗ୍ରହଣ କରିଥିଲେ ।

ସାହିତ୍ୟ ସାଧନା :

ପୂର୍ବରୁ ସୂଚିତ ହୋଇଛି ପୁରୀ ଜିଲ୍ଲା ସ୍କୁଲରେ ଛାତ୍ର ଥିଲାବେଳେ ଶ୍ରୀଧର ଦାସ ଓଡ଼ିଆ କାବ୍ୟ କବିତା ଓ ଇଂରେଜୀ ଭାଷାରେ ଲିଖିତ ଚରିତ୍ର ଗଠନମୂଳକ ବହୁ ଉପାଦେୟ ଶିକ୍ଷଣୀୟ ପୁସ୍ତକ ଅଧ୍ୟୟନ କରିଥିଲେ । ଛାତ୍ରମାନଙ୍କୁ ସାହିତ୍ୟ ଶିକ୍ଷା ଦେବାର ଦୀର୍ଘକାଳ ମଧ୍ୟରେ ଉତ୍ତମ ସାହିତ୍ୟ ସୃଷ୍ଟି ନିମନ୍ତେ ତାଙ୍କ ଆଗ୍ରହ ବର୍ଦ୍ଧିତ ହୋଇଥିଲା । ସୃଷ୍ଟିଧର୍ମ, କାବ୍ୟ, କବିତା, ଗଳ୍ପ ଉପନ୍ୟାସ ରଚନା ଅପେକ୍ଷା ଛାତ୍ରମାନଙ୍କୁ ପାଠ୍ୟ ବାହ୍ୟ ପୁସ୍ତକ ପଠନ ଆଗ୍ରହର ଚରିତାର୍ଥ ନିମନ୍ତେ ସେ ବହୁ ନୀତିଗର୍ଭକ ଉପାଦେୟ ପୁସ୍ତକ ରଚଂନା କରିଥିଲେ । ପରିମାଣ ଦିଗରୁ ସେଗୁଡ଼ିକ ଯଥେଷ୍ଟ ଅଧିକ । ମୌଳିକ ଗନ୍ଥ ବା ରଚନା ବ୍ୟତୀତ ଚିରାୟିତ ବା କ୍ଲାସିକାଲ ଗ୍ରନ୍ଥର ଅନୁବାଦ ବା ଛାୟାରେ ସେ ବହୁ ପୁସ୍ତକ ରଚନା କରିଥିଲେ । ବହୁ ପାଶ୍ଚାତ୍ୟ ଲେଖକଙ୍କ ଗଳ୍ପମାଳା ତାଙ୍କଦ୍ୱାରା ଓଡ଼ିଆ ଭାଷାରେ ମଧ୍ୟ ରୂପାନ୍ତରିତ ହୋଇଥିଲା । ଲିଓ ଟଲଷ୍ଟୟଙ୍କ ଗଳ୍ପସମୂହ, ସକ୍ସେପିଅର, ଚେକଭ ମୋପାଁସା, ମାର୍କ୍ସ ଗର୍କୀ ପ୍ରଭୃତିଙ୍କ ରଚନା, ଈଶପଙ୍କ ଲୋକଗଳ୍ପ, ଗ୍ରୀସ ଦେଶର ଉପକଥା ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ । ଅନୁରୂପ ଭାବରେ ଭାରତୀୟ ସାହିତ୍ୟର ଚିରାଚରିତ ଗ୍ରନ୍ଥାବଳୀ ଅନୁସରଣରେ ମହାଭାରତ ଓ ରାମାୟଣର କାହାଣୀ ପ୍ରଭୃତି ମଧ୍ୟ ରଚନା କରିଥିଲେ । ଇଂରେଜୀ ସାହିତ୍ୟର ବିଷୟବସ୍ତୁ ଅନୁସରଣରେ ଅଲିଭର ଟୁଇଷ୍ଟ ଗଲିଭରଙ୍କ ଭ୍ରମଣ କାହାଣୀ, ଟମକକାଙ୍କ କେବିନ ସାଙ୍ଗକୁ ପ୍ରାଚ୍ୟ

Digitized by srujanika@gmail.com

ସାହିତ୍ୟର ମିତ୍ରଲାଭ, ବେତାଳ ପଞ୍ଚବିଂଶତି, ଶକୁନ୍ତଳା ଭଳି ପୁସ୍ତକ ତାଙ୍କଦ୍ୱାରା ମଧ୍ୟ ଅନୂଦିତ ହୋଇଥିଲା । ଏ ଧରଣର ରଚନାଗୁଡ଼ିକରେ ତାଙ୍କର ମୌଳିକତା ଅବଶ୍ୟ ବିଶେଷ ନାହିଁ । କିନ୍ତୁ ବହୁ ଶ୍ରମସାଧ୍ୟ ସାଧନାରେ ନିଦର୍ଶନ ଓ ଫଳଶ୍ରୁତି ଏଭଳି ଗ୍ରନ୍ଥ ରଚନାଗୁଡ଼ିକର ଯଥାର୍ଥ ପରିଚୟ । ଛାତ୍ର ଓ ସାଧାରଣ ପାଠକ ଗୋଷ୍ଠୀଙ୍କର ଭାଷା ପ୍ରୟୋଗରେ କୁଶଳତା, ସାହିତ୍ୟ ଚେତନାର ବିକାଶ ଓ ସାହିତ୍ୟ ପାଠଜନିତ ଚିତ୍ତ ବିନୋଦନ ନିମନ୍ତେ ଏ ଧରଣର ରଚନାଗୁଡ଼ିକର ଗୁରୁତ୍ୱ ଓ ଉପଯୋଗିତା ଅବଶ୍ୟ ସ୍ୱୀକାର୍ଯ୍ୟ ।

ଅଭିଧାନ ସଙ୍କଳନ ଓ ବ୍ୟାକରଣ ରଚନା :

ଅଧ୍ୟାପକ ଶ୍ରୀଧର ଦାସ ଅଭିଧାନ ସଙ୍କଳନରେ ମଧ୍ୟ ଯତ୍ନପର ହୋଇଥିଲେ । 'ଓଡ଼ିଆ ଭାଷାର ନବ ଅଭିଧାନ' ଶୀର୍ଷକ ଅଭିଧାନର ସଙ୍କଳନ କରିଥିଲେ । ଏହାପରେ 'ଓଡ଼ିଆ-ଓଡ଼ିଆ-ଇଂରେଜୀ' ଅର୍ଥାତ୍ ମୂଳ ଓଡ଼ିଆ ଶବ୍ଦର ଅର୍ଥ ଓ ତା'ର ଅନୁରୂପ ଇଂରେଜୀ ପ୍ରତିଶବ୍ଦ ଉକ୍ତ ଅଭିଧାନରେ ପ୍ରଦତ୍ତ ହୋଇଥିଲା । ଏହାଛଡ଼ା Students English Dictionaryରେ ମୂଳ ଇଂରେଜୀ ଶବ୍ଦର ଓଡ଼ିଆ ପ୍ରତିଶବ୍ଦ ସଙ୍କଳନର ପ୍ରୟାସରୁ ଏହାର ସୃଷ୍ଟି । ଏହା ସାଙ୍ଗକୁ ସେ ବିଭିନ୍ନ ବ୍ୟାକରଣ ପୁସ୍ତକ ମଧ୍ୟ ରଚନା କରିଥିଲେ । ବହୁବର୍ଷ ପୂର୍ବରୁ ରାଧାନାଥ ରାୟ ବ୍ୟାକରଣ ପ୍ରବେଶ ଶୀର୍ଷକ ପୁସ୍ତକ ରଚନା କରିଥିଲେ । ଶ୍ରୀଧର ଦାସଙ୍କ 'ସର୍ବସାର ବ୍ୟାକରଣ' ଏକ ବହୁଳ ପ୍ରଚାରିତ ନିର୍ଭରଯୋଗ୍ୟ ବ୍ୟାକରଣ ଗ୍ରନ୍ଥ । ଏହା ତାଙ୍କ ସହକର୍ମୀ ଶିକ୍ଷକ ନାରାୟଣ ମହାପାତ୍ରଙ୍କ ସହଯୋଗିତାରେ ରଚିତ ହୋଇଅଛି । ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କଦ୍ୱାରା ଏ ବ୍ୟାକରଣ ପୁସ୍ତକ ବହୁଳ ଭାବରେ ବ୍ୟବହୃତ । 'ଲଘୁ ବ୍ୟାକରଣ'ନାମକ ପୁସ୍ତକ ଅପେକ୍ଷାକୃତ ନିମ୍ନଶ୍ରେଣୀର ଛାତ୍ରମାନଙ୍କ ଉପଯୋଗୀ ପୁସ୍ତକ । ଏହାଛଡ଼ା ଅନ୍ୟ ଲେଖକଙ୍କ ସହାୟତାରେ 'ସଂସ୍କୃତ ବ୍ୟାକରଣ ପ୍ରବେଶ' ଓ 'ସଂସ୍କୃତ ବ୍ୟାକରଣ ଓ ରଚନା' ଦୁଇଖଣ୍ଡ ପୁସ୍ତକର ମଧ୍ୟ ସଙ୍କଳନ କରିଥିଲେ ।

ଗ୍ରନ୍ଥ ସମ୍ପାଦନା :

ମହାବିଦ୍ୟାଳୟର ବିଭିନ୍ନ ସ୍ତରରେ ପାଠ୍ୟପୁସ୍ତକ ଭାବେ ପ୍ରଚଳିତ ପ୍ରାଚୀନ ଓଡ଼ିଆ କାବ୍ୟଗ୍ରନ୍ଥଗୁଡ଼ିକର ସଠିକ୍ ସମ୍ପାଦନାରେ ମଧ୍ୟ ସେ ମନୋନିବେଶ କରିଥିଲେ । କାର୍ତ୍ତିକ

Digitized by srujanika@gmail.com

ଦାସଙ୍କ 'ରୁକ୍ମିଣୀ ବିଭା', ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ', ଭକ୍ତଚରଣ ଦାସଙ୍କ 'ମଥୁରା ମଙ୍ଗଳ', ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି' ପ୍ରଭୃତି ମଧ୍ୟଯୁଗୀୟ କାବ୍ୟଗ୍ରନ୍ଥଗୁଡ଼ିକ ସେ ଛାତ୍ର ଉପଯୋଗୀ ଭାବେ ସମ୍ପାଦନ କରିଥିଲେ । ବହୁ ପୂର୍ବରୁ ପ୍ରାଚୀ ସମିତିଦ୍ୱାରା ଏହି ଗ୍ରନ୍ଥଗୁଡ଼ିକ ସମ୍ପାଦିତ ହୋଇଥିଲେ ସୁଦ୍ଧା ଉକ୍ତ ଗ୍ରନ୍ଥଗୁଡ଼ିକର ଦୁଷ୍ପ୍ରାପ୍ୟତା ହେତୁ ଏହି ପାଠ୍ୟ ନିର୍ଦ୍ଦିଷ୍ଟ ଗ୍ରନ୍ଥଗୁଡ଼ିକର ପାଠ୍ୟାଂଶର ଟୀକା ଟିପ୍ପଣୀ ସହ ସମ୍ପାଦନା ପାଇଁ ଛାତ୍ର ମହଲରେ ଅଧ୍ୟାପକ ଶ୍ରୀଧର ଦାସ ସୁପରିଚିତ ହୋଇଥିଲେ ।

ଆତ୍ମଚରିତ 'ସୁଅ ମୁହଁରେ ପତର' :

ଫକୀରମୋହନ ସେନାପତି ଓଡ଼ିଆରେ ପ୍ରଥମ "ଆତ୍ମଜୀବନୀ"ର ସ୍ରଷ୍ଟା । ତାଙ୍କ ଦେହାନ୍ତ ପରେ ଏହା ତାଙ୍କର ଆତ୍ମଚରିତ ନାମରେ ଦୀର୍ଘକାଳ ପର୍ଯ୍ୟନ୍ତ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା । ବ୍ୟକ୍ତିଗତ ଜୀବନ ବିକାଶ ସ୍ମୃତିର ସାହିତ୍ୟିକ ଅଭିବ୍ୟକ୍ତି ସ୍ୱରୂପ ଆତ୍ମଚରିତ ରଚନା ଏକ ପ୍ରଶଂସନୀୟ ସାରସ୍ୱତ ଉଦ୍ୟମର ଫଳଶ୍ରୁତି । ଫକୀର ମୋହନଙ୍କ ପରଠାରୁ ଏ ପର୍ଯ୍ୟନ୍ତ ପ୍ରାୟ ଶତାଧିକ ଆତ୍ମଚରିତ ଓଡ଼ିଆରେ ପ୍ରକାଶିତ ହୋଇଛି । ସାଧାରଣତଃ ସମାଜରେ ପ୍ରତିଷ୍ଠା ଅର୍ଜନ କରିଥିବା ସାହିତ୍ୟସ୍ରଷ୍ଟା, ଶିକ୍ଷାବିତ୍, ସାମ୍ବାଦିକ, ରାଜନୀତିଜ୍ଞ, ସମାଜସେବୀ, ପ୍ରଶାସକ ଓ ଆଇନଜ୍ଞମାନେ ନିଜ ଜୀବନର ବିକାଶଧାରା, କର୍ମମୟ ଜୀବନ ଓ ସମାଜକୁ ଅବଦାନ ଭିତ୍ତିରେ ଆତ୍ମଚରିତ ରଚନା କରିଥାନ୍ତି । ଏଥିରେ ସେମାନଙ୍କ ଜୀବନର ସତ୍ୟନିଷ୍ଠ ବୃତ୍ତାନ୍ତ ସବୁକୁ ସମାଜ ଜୀବନ ବିକାଶରେ ସେମାନଙ୍କ ଅବଦାନ ସାହିତ୍ୟିକ ଆବେଦନ ସହ ପ୍ରକାଶିତ ହୋଇଥାଏ । ପରବର୍ତ୍ତୀ ପୀଢ଼ି ନିମନ୍ତେ ଏହା କେବଳ ବ୍ୟକ୍ତିଗତ ଜୀବନର ଘଟଣାବଳୀର ବିବରଣୀ ମାତ୍ର ନୁହେଁ; ବରଂ ସାମାଜିକ ଓ ସାଂସ୍କୃତିକ ଜୀବନଧାରା ବିକାଶର ଇତିହାସରେ ଏହା ପରିଣତ ହୁଏ । କେବଳ ଆତ୍ମଜୀବନୀ କାହାଣୀର ବିବୃତି ଓ ଆତ୍ମପ୍ରତିଷ୍ଠାର ଚିତ୍ର ସାମାଜିକ ଆବେଦନ ରହିତ ହେଲେ ତାହା ସଫଳ ଆତ୍ମଜୀବନୀ ହୋଇପାରେ ନାହିଁ । ଫକୀର ମୋହନ ସେନାପତିଙ୍କ 'ଆତ୍ମଚରିତ', ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ', କାଳୀଚରଣ ପଟ୍ଟନାୟକଙ୍କ 'କୁମ୍ଭାରଚକ', ଗୋପୀନାଥ ମହାନ୍ତିଙ୍କ 'ସ୍ରୋତସ୍ୱତୀ' ଭଳି ପୁସ୍ତକଗୁଡ଼ିକ କୃତବିଦ୍ୟ ସାହିତ୍ୟ ସ୍ରଷ୍ଟାମାନଙ୍କଦ୍ୱାରା ରଚିତ ସାର୍ଥକ ଆତ୍ମଚରିତ । ଏଗୁଡ଼ିକ ପାଠକମାନଙ୍କର ଅତ୍ୟନ୍ତ ପ୍ରିୟ ପାଠ୍ୟ । ଶ୍ରୀଧର ଦାସ

Digitized by srujanika@gmail.com

'ସୁଅ ମୁହଁରେ ପତର' ଶୀର୍ଷକ ଆତ୍ମଚରିତ ରଚନା କରିଥିଲେ । ଏଥିରେ ସେ ନିଜ କର୍ମମୟ ଜୀବନର ବିକାଶକ୍ରମର ବିବରଣୀ ଲିପିବଦ୍ଧ କରିଛନ୍ତି । ଆତ୍ମଚରିତର ଉପସଂହାରରେ ତାଙ୍କ ସ୍ୱୀକୃତି ହେଲା 'ମୋର ଜୀବନକୁ ମୁଁ ସୁଅ ମୁହଁରେ ଭାସି ଯାଉଥିବା ପତର ଭଳି ମନେ କରି ଆସିଅଛି । ଲକ୍ଷ୍ୟହୀନ ଭାବେ କେତେବେଳେ କେଉଁଆଡ଼େ ଭାସି ଯାଉଛି, ତା'ର ସ୍ଥିରତା ନାହିଁ । x x x ଶିକ୍ଷକ ହେବା ପାଇଁ ଯୋଗ୍ୟତା ଅର୍ଜନ ନିମନ୍ତେ ପ୍ରଗାଢ଼ ଉଦ୍ୟମ କରି ତାହା ହିଁ ହେଲି । x x x x କାହାର ଇଙ୍ଗିତରେ କେଉଁଆଡ଼େ ମୋର ଜୀବନ ରୂପକ ପତ୍ରଟି ଭାସି ଭାସି ଯାଉଛି ଜାଣି ନାହିଁ ।' ଅଧ୍ୟାପକ ଶ୍ରୀଧର ଦାସଙ୍କ ଏହି ଆତ୍ମସ୍ୱୀକୃତି ତାଙ୍କ ଜୀବନ ଇତିହାସର ସତ୍ୟନିଷ୍ଠ ସୂଚନା ଓ ଅଭିବ୍ୟକ୍ତି । ଏହା ଏକ ସୁଦୀର୍ଘ ଏକାଡ଼େମିକ ସାଧନାର ଫଳଶ୍ରୁତି । ଏହି ସାଧନାର ଆତ୍ମନିଷ୍ଠ ବିବୃତି ହେଉଛି ତାଙ୍କ ଆତ୍ମଚରିତ 'ସୁଅ ମୁହଁରେ ପତର' । ଏହି ଆତ୍ମଚରିତର ଚିତ୍ତାକର୍ଷକ ଅଂଶ ହେଉଛି ବଉଦ ଗଡ଼ଜାତରେ ତାଙ୍କ ଶିକ୍ଷକ ଜୀବନର କାହାଣୀ । ରାଜ୍ୟରେ ରାଜାଙ୍କର ରାଜକୀୟ ଆଚରଣ, ଗଡ଼ଜାତର ଲୋକଚରିତ୍ର, ଦରିଦ୍ର ଜନସାଧାରଣଙ୍କ ସ୍ଥିତି ଓ ମାନସିକତା, ରାଜକୀୟ ଆତିଥେୟତା ଓ ଉଦାରତାର ମର୍ମସ୍ପର୍ଶୀ ବୃତ୍ତାନ୍ତ ଏଥିରେ ନିହିତ । ଏହି ଅଂଶଗୁଡ଼ିକ ଛାଡ଼ିଦେଲେ ଅନ୍ୟତ୍ର କେବଳ ଶ୍ରୀଧର ଦାସଙ୍କ ସଂଘର୍ଷମୟ ଜୀବନର ଚିତ୍ର ଆତ୍ମଚରିତରେ ମଧ୍ୟ ସ୍ଥାନିତ । ଲେଖକ ବିନମ୍ର ଭାବରେ ଆତ୍ମବିଶ୍ଳେଷଣରେ ପ୍ରବୃତ୍ତ ହୋଇଛନ୍ତି । ଶ୍ରୀଧର ଦାସ ଥିଲେ ଜଣେ ନିରଳସ ଏକନିଷ୍ଠ କର୍ମଯୋଗୀ । ଯେଉଁଠି ସେ ଅବସ୍ଥାପିତ ହୋଇଛନ୍ତି ନିଷ୍ଠା ସହକାରେ ଅଙ୍ଗୀକାରବଦ୍ଧ ହୋଇ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । ଭଗବତଗୀତାରେ ଯାହା ସୂଚିତ ହୋଇଛି 'ନହି କଶ୍ଚିତ କ୍ଷଣମପି ଜାତୁ ତିଷ୍ଠତ୍ୟ କର୍ମକୃତ' । ଅର୍ଥାତ୍ ମନୁଷ୍ୟ କର୍ମ ସମ୍ପାଦନ ନ କରି କ୍ଷଣକାଳ ଲାଗି ମଧ୍ୟ ବିରତ ରହିପାରେ ନାହିଁ । ଶ୍ରୀଧର ଦାସ ଥିଲେ ଅକ୍ଳାନ୍ତ ପରିଶ୍ରମୀ । ଏହି ଅଦମ୍ୟ ପରିଶ୍ରମ ଥିଲା ତାଙ୍କ ଏକତାଳିକ ସାଧନାର ସଫଳ ରୂପ । ତାଙ୍କ ସାଧନାର ନିଷ୍ଠା ଓ ଏକାଗ୍ରତା ଆମ୍ଭମାନଙ୍କୁ ଉଦ୍‌ବୋଧିତ କରୁ । ଏହା ହିଁ ଆମର ସ୍ମୃତି ଅର୍ଘ୍ୟ ଆଧାରିତ ପ୍ରେରଣା ଲାଭର ସଙ୍କେତ ଓ କର୍ମଯୋଗୀଙ୍କ ଫଳଶ୍ରୁତିର ଇଙ୍ଗିତ । ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ନିରଳସ ଓ ଏକନିଷ୍ଠ ସାଧକ ଭାବେ ସେ ଏକ ସ୍ମରଣୀୟ ବ୍ୟକ୍ତିତ୍ୱ ।

■■■

Digitized by srujanika@gmail.com

ନିଖିଳର କର୍ମଯୋଗୀ ଶ୍ରୀଧର ଦାସ

ଡ. ଶକୁନ୍ତଳା ବଳିଆରସିଂହ

ପଣ୍ଡିତ ଶ୍ରୀଧର ଦାସ ଏକାଧାରରେ ବୈୟାକରଣିକ, କବି, ଅନୁବାଦକ, ଶିଶୁ ସାହିତ୍ୟିକ, ପ୍ରାବନ୍ଧିକ, ଶିକ୍ଷକ, ଅଧ୍ୟାପକ, ଅଭିଧାନପ୍ରଣେତା, ଜୀବନୀ ଲେଖକ, ସମ୍ପାଦକ ଓ ଆହୁରି ଅନେକ କିଛି । 'ସର୍ବସାର ବ୍ୟାକରଣ' ପ୍ରଣେତା ଭାବରେ ଓଡ଼ିଆ ଭାଷା ଶିକ୍ଷାର୍ଥୀମାନଙ୍କ ନମସ୍ୟ, ଗବେଷକମାନଙ୍କ ନିକଟରେ ଅତି ପରିଚିତ ନାମ ।

୧୯୬୭ ମସିହା କଥା । ଆମେ କଟକ ବଣିଆସାହିରେ ଗୋଟେ ଭଡ଼ାଘରେ ଥାଉ । ବାପା ଗାଁରୁ ଆସିଥାନ୍ତି । କଥା ପ୍ରସଙ୍ଗରେ କହିଲି, "ବାପା, ଜାଣିଚ, ମୋ ସହପାଠୀ, ବନ୍ଧୁ ପ୍ରମୋଦାର ଶ୍ୱଶୁର ହେଉଛନ୍ତି ପଣ୍ଡିତ ଶ୍ରୀଧର ଦାସ । ବାପା ଗଦ୍‌ଗଦ୍ ହୋଇଗଲେ – 'ସତେ ! ଶ୍ରୀଧର ଦାସ ମୋର ସାର୍, ଅତିଜ୍ଞାନୀ, ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ, ଓଲସିଂ ହାଇସ୍କୁଲରେ ମୋତେ ସେ ପାଠ ପଢ଼ାଇଛନ୍ତି । ଇଂରାଜୀ, ଓଡ଼ିଆ, ସଂସ୍କୃତରେ ଅଗାଧ ଜ୍ଞାନ ତାଙ୍କର । ଚଳିତବର୍ଷ (୨୦୧୭) ପଣ୍ଡିତ ଦାସଙ୍କ କନିଷ୍ଠ ପୁତ୍ର ରଘୁନାଥ ଦାସ, ଇଞ୍ଜିନିୟର ଆଉ ପ୍ରମୋଦା ଯେତେବେଳେ ମୋତେ ସାର୍‌ଙ୍କ ବିଷୟରେ ଦୁଇପଦ ଲେଖିବାକୁ କହିଲେ ମୁଁ ଗର୍ବ ଅନୁଭବ କଲି । ସତ କହିବାକୁ ଗଲେ, ବାପାଙ୍କ ସହିତ ଯେତେଥର ସାର୍‌ଙ୍କ ସମ୍ବନ୍ଧେ କଥା ହୋଇଛି, ପ୍ରମୋଦାଠାରୁ ତା' ଶ୍ୱଶୁରଙ୍କ ବିଷୟରେ ଯାହା ଶୁଣିଛି ଆଉ ତାହାଙ୍କ ରଚିତ ଅନୁବାଦ ପୁସ୍ତକ ଅଲିଭର ଟୁଇଷ୍ଟ, ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ, ଅଶୀଦିନରେ ପୃଥିବୀ ପରିକ୍ରମା, ଟାଇମ୍ ମେସିନ୍, ମିତ୍ରଲାଭ, ସ୍କୁଲରେ ଆଉ ତାଙ୍କ ସମ୍ପାଦିତ ଚିଲିକା, ଦରବାର, ରସକଲ୍ଲୋଳ ଓ ବିଦଗ୍ଧ ଚିନ୍ତାମଣି ଓଡ଼ିଆ ଅନର୍ସ ଶ୍ରେଣୀରେ ପଢ଼ି ଯେଉଁଭଳି ପ୍ରଭାବିତ ହୋଇଛି, ସେଇଥିରୁ ସାର୍‌ଙ୍କ ବିଷୟରେ ଲେଖିବାକୁ ମୋର ବହୁତ ମନ ଥିଲା, ଏବେ ସୁଯୋଗ ମିଳିଲା ।

Digitized by srujanika@gmail.com

ଅଧ୍ୟାପକ ଶ୍ରୀଧର ଦାସ ଜଣେ ନିରଳସ ସାଧକ । ୧୯୦୧ରେ ତାଙ୍କର ଜନ୍ମ, ୧୯୮୮ରେ ମହାପ୍ରୟାଣ । ସରଳ ଜୀବନଯାପନ ଆଉ ଉଚ୍ଚ ଚିନ୍ତାଧାରା ଅବଲମ୍ବନରେ ବିତିଯାଇଛି ଶ୍ରୀଧରଙ୍କ ଜୀବନର ସତାଅଶୀଟି ବସନ୍ତ । ହଁ, ଶେଷ ପର୍ଯ୍ୟନ୍ତ ତାଙ୍କ ଜୀବନରେ କେବଳ ବସନ୍ତ ହିଁ ବସନ୍ତ ଥିବ ନିଶ୍ଚୟ । ସାଧନାର ପଥ ଚିରକାଳ ଜଟିଳ । ସିଦ୍ଧିଲାଭ କସ୍ମିନକାଳେ ସହଜ ନୁହେଁ । ଏହିପ୍ରକାର ଜଟିଳପଥର ପଥିକ ଭାବରେ ଯେଉଁ ମହାତ୍ମାମାନେ ଜୀବନର ପ୍ରତିକ୍ଷଣ ବିତାଇ ଦିଅନ୍ତି, ସମୟ ସେମାନଙ୍କ ସାମ୍ନାରେ କିପରି ହାର ମାନି ଚାଲିଯାଏ ଜାଣିପାରନ୍ତି ନାହିଁ ।

ଶ୍ରୀଧରଙ୍କ ପିତା ଥିଲେ ତାଙ୍କ ସମୟର ଜଣେ ଟ୍ରେନିଂ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ, ସତେ କି ସମାଜର ଗୁରୁ ହେବା ପାଇଁ ଏହି ପରିବାର ଥିଲେ ଅଭିପ୍ରେତ । ବାଲ୍ୟକାଳରୁ ହିଁ ଶ୍ରୀଧର ଥିଲେ ମେଧାବୀ । ଶିକ୍ଷକ ପିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ନିମ୍ନ ପ୍ରାଥମିକରୁ ଆରମ୍ଭ କରି ୧୯୨୨ରେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଯାଏଁ ସବୁବେଳେ ବୃତ୍ତି ଲାଭ କରିଥିଲେ । ସେତେବେଳେ ଓଡ଼ିଶା ପ୍ରଦେଶ ଥିଲା ବିହାର ଅଧୀନରେ । ଓଡ଼ିଶା-ବିହାର ଛାତ୍ରମାନେ ପ୍ରାୟତଃ ପାଟନା କଲେଜରେ ନାମ ଲେଖାଉଥିଲେ । ଶ୍ରୀଧର ପ୍ରଥମେ ଇଞ୍ଜିନିୟରିଂ ପଢ଼ିବାକୁ ନାମ ଲେଖାଇଥିଲେ, ହେଲେ ମନ ଲାଗିଲା ନାହିଁ । ଓଡ଼ିଆ ଭାଷା ସାହିତ୍ୟର ଶ୍ରେଷ୍ଠ ବୟାକରଣିକ ହେବା ଯାହାର କପାଳ ଲିଖନ ସେ କିପରି ବିଶ୍ୱକର୍ମା ହୋଇଥାନ୍ତେ ?

୧୯୨୩ / ୨୪ ମସିହାର କଥା, ସ୍ୱାଧୀନତା ସଂଗ୍ରାମର ବେଳ, ରକ୍ତ ଟକମକ ଫୁଟିବାର ବେଳ । ନୀତିନିଷ୍ଠ ଶ୍ରୀଧର ଦାସ ଖଦିବସ୍ତ୍ର, ଗାନ୍ଧି ମହାତ୍ମା, ଆଶ୍ରମ ଆଦିଦ୍ୱାରା ପ୍ରଭାବିତ ହୋଇଥିଲେ ବେଶ ଗଭୀର ଭାବରେ । ସେଥିପାଇଁ ସେ ଆପଣେଇ ନେଲେ ଗ୍ରାମ୍ୟ ସରଳ ଜୀବନକୁ ସାରା ଜୀବନ । ଦୀର୍ଘକାଳ ଶିକ୍ଷକତା କଲେ ଭିନ୍ନ ଭିନ୍ନ ମଫସଲ ସ୍କୁଲରେ । ଆଜିର ଶିଶୁ ଯିଏ କାଲିର ଭବିଷ୍ୟତ, ସେଇମାନଙ୍କୁ ଜ୍ଞାନ ଦେବେ, ମଣିଷପଣିଆ ଶିଖାଇବେ, ସ୍ୱାଧୀନ ଚିନ୍ତନ, ସ୍ୱାବଲମ୍ବନର ଦୀକ୍ଷା ଦେବେ । ତାହା ହିଁ କଲେ ଶ୍ରୀଧର ଆଉ ବନିଗଲେ ଓଡ଼ିଶାର ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ।

ଶିକ୍ଷକ, ଅଧ୍ୟାପକ ଭାବରେ ଯେପରି ସମୟାନୁବର୍ତ୍ତୀ, ଲେଖକ ଭାବରେ ଶ୍ରୀଧର ସାର୍ ତତୋଽଧିକ ପ୍ରତିଭାବନ୍ତ । ଶତାଧିକ ପୁସ୍ତକର ରଚୟିତା, ପୁଣି ବିଭିନ୍ନ ପ୍ରକାରର

Digitized by srujanika@gmail.com

ପୁସ୍ତକ । ତାହାଙ୍କ ରଚିତ ନବ ଅଭିଧାନ ଯାହା ଓଡ଼ିଆ-ଓଡ଼ିଆ-ଇଂରାଜୀ ଶବ୍ଦାର୍ଥମାନଙ୍କୁ ଲିପିବଦ୍ଧ କରିଥିଲା, ଓଡ଼ିଆ ଭାଷା ଭଣ୍ଡାରର ଏକ ଅମୂଲ୍ୟ ସମ୍ପଦ । ବର୍ଷ ବର୍ଷ ଧରି ପୀଢ଼ି ପରେ ପୀଢ଼ି ଛାତ୍ରଛାତ୍ରୀ ଏହା ପଢ଼ି ଉପକୃତ ହୋଇଛନ୍ତି ।

ନିଜେ ହିଁ ନିଜକୁ ଗଢ଼ିଥିଲେ ଶ୍ରୀଧର ଦାସ । ଏକଦା ମହାତ୍ମାଗାନ୍ଧୀ କହିଥିଲେ, "ମୁଁ ମୋ ଛାତ୍ର ।" କଥାଟି ଯେତିକି ସହଜ ଶୁଭୁଛି ସେତିକି ସହଜ ବାସ୍ତବରେ ନୁହେଁ । ଜୀବନର ଲକ୍ଷ୍ୟ ସ୍ଥିର କରି କର୍ମ ଓ ସାଧନା ବଳରେ ସେଠାରେ ପହଞ୍ଚି ପାରିବା ଆଉ ବାରମ୍ବାର ସଫଳତାର ଶୀର୍ଷରେ ପହଞ୍ଚିବା ଖୁବ୍ କମ୍ ସାଧକଙ୍କ ଜୀବନରେ ଘଟେ । ଅତିମାତ୍ରାରେ ଦୃଢ଼ସଂକଳ୍ପ ନ ହେଲେ ଏହା ସମ୍ଭବ ନୁହେଁ । ବିବିଧ ଆର୍ଥିକ ଅନଟନ ମଧ୍ୟରେ ଅଧ୍ୟୟନ କରି, ବୃତ୍ତିଲାଭ କରି ଜ୍ଞାନାର୍ଜନର ଅଭିଳାଷା ସବୁଦିନ ପାଇଁ ଅତୁଟ ରଖିପାରିବା ଆଉ ସେଥିପାଇଁ ବିବିଧ ପାଠ୍ୟ ପୁସ୍ତକ ରଚନା ସହିତ ଅଭିଧାନ ସଂକଳନ, ବ୍ୟାକରଣ ପୁସ୍ତକ ପ୍ରଣୟନ, ମଧ୍ୟଯୁଗ ଓ ଆଧୁନିକ ଯୁଗର ଓଡ଼ିଆ କାବ୍ୟଗୁଡ଼ିକୁ ଟୀକା ଓ ମୁଖବନ୍ଧ ସହ ସମ୍ପାଦନ କରି ସ୍ୱୀୟ ସାରସ୍ୱତ ପ୍ରତିଭାର ସର୍ବୋତ୍ତମ ବିକାଶ କରାଇପାରିବା ଭଳି କୃତବିଦ୍ୟ, କଟିବଦ୍ଧ ବ୍ୟକ୍ତିତ୍ୱ ହେଉଛନ୍ତି ଶ୍ରୀଧର ଦାସ । ଅବଦମିତ ତଥା ବହୁମୁଖର ପ୍ରତିଭାର ଅଧିକାରୀ ଏହି ଜ୍ଞାନତପସ୍ୱୀ ଯେତିକି ବର୍ଷ ଏଇ ଧାରାପୃଷ୍ଠରେ ଅତିବାହିତ କରିଛନ୍ତି (୮୭ ବର୍ଷ) ତା'ଠାରୁ ବହୁ ଅଧିକ ପୁସ୍ତକ (୧୨୦ ଖଣ୍ଡ) ରଚନା କରିଛନ୍ତି ।

ପୂର୍ବରୁ କୁହାଯାଇଛି ଶ୍ରୀଧର ଦାସ ଥିଲେ ଇଂରାଜୀ ଭାଷାରେ ଅତ୍ୟନ୍ତ ଦକ୍ଷ । ସେଥିଯୋଗୁ ଇଂରାଜୀ ଶିକ୍ଷକ ଭାବରେ ତାଙ୍କର ସୁନାମ ଥିଲା ସର୍ବଜନବିଦିତ । ଓଡ଼ିଆ ଭାଷା ସାହିତ୍ୟରେ ତାହାଙ୍କର ଗଭୀର ଆଗ୍ରହ ବାଲ୍ୟକାଳରୁ ପରିଲକ୍ଷିତ ହୋଇଥିଲା । ଏହା ସହ ସେ ଥିଲେ ସଂସ୍କୃତ ଭାଷାରେ ଜଣେ ବିଦ୍ୱାନ, ବହୁ ଭାଷାବିତ୍ ହୋଇଥିବା କାରଣରୁ ପଣ୍ଡିତ ଭାବରେ ଶିକ୍ଷାଜଗତରେ ଥିଲେ ଜଣାଶୁଣା । ରାମାୟଣ, ମହାଭାରତ, ବୌଦ୍ଧଜାତକ, ମିତ୍ରଲାଭ, ପଞ୍ଚତନ୍ତ୍ର, ମିତ୍ରପ୍ରାପ୍ତି, ମାଳବିକାଗ୍ନିମିତ୍ର, ବେତାଳପଞ୍ଚବିଂଶତି, ଅଭିଜ୍ଞାନ ଶାକୁନ୍ତଳମ୍, ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ ଆଦି ପ୍ରସିଦ୍ଧ ସଂସ୍କୃତ ସାହିତ୍ୟର ଅମର ଗ୍ରନ୍ଥଗୁଡ଼ିକୁ ସରଳ ଭାଷା ଓ ସଂକ୍ଷିପ୍ତ ରୂପରେ ଓଡ଼ିଆ ପାଠକଙ୍କ ପାଇଁ ପ୍ରସ୍ତୁତ କରି ଓଡ଼ିଆ ଭାଷା ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

Digitized by srujanika@gmail.com

ପଣ୍ଡିତଙ୍କ ଆତ୍ମଜୀବନୀ "ସୁଅ ମୁହଁରେ ପତର" ପୁସ୍ତକଟି ବିପୁଳ ପାଠକୀୟ ସ୍ୱୀକୃତି ହାସଲ କରିଛି । ଓଡ଼ିଆ ଭାଷାରେ ରଚିତ ଶ୍ରେଷ୍ଠ ହାତ ଗଣତି ଆତ୍ମଜୀବନୀ ମଧ୍ୟରେ ଏହା ଅନ୍ୟତମ । ଏଭଳି ସତ୍ୟନିଷ୍ଠ ତଥା ସମାଜ ବିଜ୍ଞାନରେ ଭରପୁର ଆତ୍ମସମୀକ୍ଷା କେବଳ ଓଡ଼ିଆ ଭାଷା କାହିଁକି ଯେକୌଣସି ଭାଷାରେ କ୍ୱଚିତ ଦେଖାଯାଇପାରେ ।

ଭଲ ମଣିଷ ଶ୍ରୀଧର ଦାସ ମହୋଦୟ, ଶିକ୍ଷକ ପଦବାଚ୍ୟ, ଜୀବନସାରା ପୀଢ଼ି ପରେ ପୀଢ଼ି ଶିଶୁଙ୍କୁ ଉନ୍ନତମାନର ମଣିଷ କରି ଗଢ଼ିବାକୁ ଚାହଁଛନ୍ତି, ମଣିଷ ତିଆରି କାରଖାନା ବନାଇଛନ୍ତି ବିଦ୍ୟାଳୟମାନଙ୍କୁ ।

ଆଜି ୨୦୧୭ ମସିହାରେ ବି କାହିଁ ଆଉ ଖଣ୍ଡେ 'ସର୍ବସାର ବ୍ୟାକରଣ' ଭଳି ବହି ? ୧୯୫୮-୬୦ ପର୍ଯ୍ୟନ୍ତ ସମୟ ଓଡ଼ିଶାରେ କେବଳ ନୁହେଁ ସମଗ୍ର ଭାରତବର୍ଷରେ ଥିଲା ଶିକ୍ଷାର ଭିତ୍ତିପ୍ରସ୍ତର ସ୍ଥାପନର ବେଳା । ଇଂରେଜ ଶାସନାଧୀନ ଓଡ଼ିଶାରେ ଧୀରେ ଧୀରେ ଚାଟଶାଳୀମାନ ସ୍କୁଲରେ ବଦଳିଗଲା । ସମୟର ଆବଶ୍ୟକତା ଥିଲା ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ରଚନା । ସାହିତ୍ୟ, ଗଣିତ, ଇତିହାସ, ଭୂଗୋଳ, ବିଜ୍ଞାନ ସମସ୍ତ ପ୍ରକାର ପୁସ୍ତକ ଓଡ଼ିଆରେ ଲେଖା ହେବା ଆବଶ୍ୟକ । ଲେଖକ ବହୁପାଠୀ ହୋଇଥିବା ଦରକାର । ସମୟର ଚାହିଦା ବି ସମସ୍ତେ ପୂରଣ କରିପାରନ୍ତି ନାହିଁ । ସମସ୍ତଙ୍କ କାନ୍ଧରେ ସମୟ ଦିଏ ନାହିଁ ଏ ଗୁରୁଦାୟିତ୍ୱ । ସମୟ ଶୃଙ୍ଖଳାରେ ନିଜକୁ ବାନ୍ଧି ଯେଉଁମାନେ ନିଜକୁ ତାଲିମ କରିଥାନ୍ତି, ସେହିଭଳି କେତେକଙ୍କ ସ୍କନ୍ଧ ଏ ଭାର ବହନ କରିପାରେ । ଏହି ଶ୍ରୀଧରମାନଙ୍କ ସ୍କନ୍ଧରେ ଚିରକାଳ 'ଶ୍ରୀ' ବସିଥାନ୍ତି ।

ପରାଧୀନ ଓ ସ୍ୱାଧୀନ ଭାରତର ସେହି ସନ୍ଧିକ୍ଷଣର ଅଗ୍ରଗଣ୍ୟ ପାଠ୍ୟପୁସ୍ତକ ପ୍ରଣେତା ଶ୍ରୀଧର ଦାସଙ୍କୁ ଆମେ ଅଦ୍ୱିତୀୟ ବି କହିପାରିବା । ପାଠ୍ୟ ପୁସ୍ତକ ଜଗତରେ ଯେଉଁ ଶୂନ୍ୟସ୍ଥାନ ସେ ପୂରଣ କରିଛନ୍ତି, ବହୁବର୍ଷ ପରେ ଏ ଓଡ଼ିଆ ଜାତି ଯେଉଁ ଯେଉଁ ପୁସ୍ତକ ଆବଶ୍ୟକ କରିବ ସେଗୁଡ଼ିକ ରଚନା କରି, ଅନୁବାଦ କରି ଥୋଇ ଦେଇ ଯାଇଛନ୍ତି । ସେକ୍‌ସପିଅରଙ୍କ କାହାଣୀ ତିନିଖଣ୍ଡ, କିଏ ଆଜି ଏଇ ବିଶ୍ୱବିଖ୍ୟାତ ନାଟ୍ୟକାରଙ୍କ ଗଳ୍ପମାଳା ଅନୁବାଦ କରି ଆମକୁ ଦେଇଥାନ୍ତା ?

Digitized by srujanika@gmail.com

ମଣିଷ ଭଳି ମଣିଷ, ଉଚ୍ଚ ମିଜାଜ୍‌ର ପଡ଼ୋଶୀ, ଉଦାର ସମାଜଚେତା, ସ୍ନେହ ଆଦର ଦେଇ ଜାଣନ୍ତି ପାଇ ଜାଣନ୍ତି, ସମ୍ପର୍କର ମୂଲ୍ୟ ବୁଝନ୍ତି, ହେଲେ ଅନ୍ୟାୟ ଦେଖିଲେ ପ୍ରତିବାଦ କରନ୍ତି । ମାଷ୍ଟର ଜୀବନର ଗହମ ଗୋଟି ଗଣିତା ହିସାବରେ ବି ତାଙ୍କ ସରଳତାର ସୁଯୋଗ ନେଇ କେତେ ଘରଲୋକ, କେତେ ବାହାର ଲୋକ, ଚଞ୍ଚକତା କରି ଠକିବାକୁ ଆଗେଇ ଆସିଛନ୍ତି । କେତେ ହୋଇଛନ୍ତି ସଫଳ, ଆଉ କେତେ ବିଫଳ । ଯେଉଁ ଦୃଢ଼ତାର ସହ ସେହି ଘଟଣାଗୁଡ଼ିକ 'ସୁଅ ମୁହଁରେ ପତର' ପୁସ୍ତକରେ ଲିପିବଦ୍ଧ ହୋଇଅଛି, ପଢ଼ିଲେ ସମକାଳୀନ ଭାରତୀୟ ଜନଜୀବନର ଚିତ୍ର ଆଖି ଆଗରେ ଭାସିଯାଏ । ଆମ ସମସ୍ତଙ୍କର ଅଙ୍ଗେନିଭା କଥା ଇଯେ, ଅର୍ଥ ଲୋଭ ଓ ଠକାମି ମନୋବୃତ୍ତି କାରଣରୁ ଅତି ନିକଟ ସମ୍ପର୍କରେ ବି ପଡ଼ିଯାଏ ଭଙ୍ଗା ।

ସରଳ ନିରାଡ଼ମ୍ବର ଜୀବନ, ଜ୍ଞାନାଲୋକରେ ପ୍ରଦୀପ୍ତ ଅନ୍ତର, ସର୍ବଦା ଅଧ୍ୟୟନ, ଶିକ୍ଷାଦାନ, ଲେଖନ, ଆଲୋଚନାରେ ବ୍ୟସ୍ତ ପ୍ରାଣ ସଦାତତ୍ପର କିପରି ଅପରକୁ ଲେଖାଲେଖିରେ ସାହାଯ୍ୟ କରିହେବ । ସରସ୍ୱତୀଙ୍କ ବରପୁତ୍ର ସେ । ଅସୂୟାବିହୀନ, ସାଲିସବିହୀନ, ଶୃଙ୍ଖଳିତ ଜୀବନ ବୋଲି ଏତେ କାମ କରିପାରିଥିଲେ ଶ୍ରୀଧର ଦାସ । ସାଧୁତା, ସତ୍ୟବାଦିତା, ସମୟାନୁବର୍ତ୍ତିତା କାରଣରୁ ଶ୍ରୀଧରଙ୍କ ଜୀବନ ଆମ ପାଇଁ ଆଦର୍ଶ ହୋଇ ରହିଛି । ମୋ ପିତାଙ୍କର ସେ ଥିଲେ ଶିକ୍ଷାଦାତା, ମୋର ପରମ ଆଦରଣୀୟ ଗୁରୁଦେବ ପଣ୍ଡିତ ଶ୍ରୀଧର ଦାସ ।

■■■

Digitized by srujanika@gmail.com

ମାଟିର ମହାମୁନି

ନିଳାଦ୍ରୀ ଭୂଷଣ ହରିଚନ୍ଦନ

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପୁଣ୍ୟ ନାମରେ ପ୍ରତିଷ୍ଠିତ ହାଇସ୍କୁଲ ଗୋଦାବରୀଶ ବିଦ୍ୟାପୀଠ, ବାଣପୁରରେ ମୁଁ ସେତେବେଳେ ପଢୁଥାଏ । ରହୁଥାଏ ସ୍କୁଲ ହଷ୍ଟେଲ ଶାଳିଆ ଛାତ୍ରାବାସରେ । ପାଠପଢ଼ାରେ ନିଷ୍ଠା ରଖିଥିଲେ ବି ଗଳ୍ପ, କବିତା, ନାଟକ, ଉପନ୍ୟାସ ଆଦି ପଢ଼ିବାରେ ବଡ଼ ଆଗ୍ରହ ଥିଲା । କିଛି କିଛି ଲେଖୁଥିଲି ମଧ୍ୟ । ସେଇ ହେତୁରୁ ସାହିତ୍ୟିକମାନଙ୍କ ପ୍ରତି ଥିଲା ବିଶେଷ ଅନୁରକ୍ତି । ତା' ସହିତ ଲେଖକମାନଙ୍କୁ ଦେଖିବାର ପ୍ରବଣତା ବି ବହୁତ ଥିଲା । ଆମ ସ୍କୁଲକୁ ମଝିରେ ମଝିରେ କେହି କେହି ସାହିତ୍ୟିକ ଆସୁଥିଲେ । ସେମାନଙ୍କୁ ଦେଖି ଚମତ୍କୃତ ହେଉଥିଲି ।

ହଷ୍ଟେଲ ପାଖ ଆମ୍ବତୋଟା ଦେଇ କିଛିବାଟ ଆଗେଇ ଗଲେ ହାତୀମୁଣ୍ଡା ପୋଖରୀ । ହାତୀମୁଣ୍ଡା ପୋଖରୀ କୂଳକୁ ସାନ୍ଧ୍ୟ ଭ୍ରମଣ କରିବାକୁ ଆମେ ପିଲାମାନେ ସପ୍ତାହରେ ଥରେ ଦି' ଥର ଯାଉ । ହାତୀମୁଣ୍ଡା ପୋଖରୀ ତୁଠର ବିପରୀତ ପଥ ହୁଡ଼ାରେ ଥାଏ ଗୋଟିଏ ଛୋଟ କୋଠାଘର, ଛୋଟ ବଗିଚା । ଚାଳଘରଭରା ଗାଁର ଶେଷ ମୁଣ୍ଡରେ ପୋଖରୀ କୂଳରେ ଏ କୋଠାଘରଟି ଥାଏ ଆକର୍ଷଣ ବିନ୍ଦୁ । ଆମେ ସବୁବେଳେ ଗାଁ ପଟ ହୁଡ଼ାରେ ଠିଆ ହୋଇ ସେ ଅବ୍ୟବହୃତ ଜରାଜୀର୍ଣ୍ଣ କୋଠାଟିକୁ ଚାହିଁ ରହୁଥିଲୁ । ପୋଖରୀ ହୁଡ଼ାରେ ଠିଆ ହୋଇଥିବା ଏଇ ଛୋଟ ଘରଟି ପ୍ରତି ଆମର ବିଶେଷ ଆକର୍ଷଣ ଥିବାର କାରଣ ହେଉଛି ସେ ସମୟର ପ୍ରସିଦ୍ଧ ବ୍ୟାକରଣବିତ୍ ଶ୍ରୀଧର ଦାସଙ୍କ ସ୍ମୃତିକୁ ଏହା ଜାବୁଡ଼ି ଧରିଥିଲା । ଆମେ ଗର୍ବିତ ହେଉଥିଲୁ ଯେ ଅତୀତରେ ଅଧ୍ୟାପକ ଶ୍ରୀଧର ଦାସ ଆମ ସ୍କୁଲର ଶିକ୍ଷକ ଥିଲେ । ଏଠାରେ ସ୍ଥାୟୀ ଭାବେ ରହିବା ପାଇଁ ଏ ଘରଟି ତିଆରି କରିଥିଲେ । ସେତେବେଳେ ସର୍ବସାର ବ୍ୟାକରଣ ହାଇସ୍କୁଲ ଓ କଲେଜରେ ବ୍ୟାକରଣ ଶିକ୍ଷା ପାଇଁ ଥିଲା ଅପ୍ରତିଦ୍ୱନ୍ଦ୍ୱୀ ପୁସ୍ତକ ।

Digitized by srujanika@gmail.com

ଏହାର ଯୁଗ୍ମ ଲେଖକ ଥିଲେ ଅଧ୍ୟାପକ ଶ୍ରୀଧର ଦାସ ଓ ପଣ୍ଡିତ ନାରାୟଣ ମହାପାତ୍ର । ଆମେ ତ ସବୁଦିନ କ୍ଲାସରେ ଓ ହଷ୍ଟେଲରେ ପଣ୍ଡିତ ନାରାୟଣ ମହାପାତ୍ରଙ୍କୁ ଦେଖୁଥିଲୁ; କିନ୍ତୁ ଅଧ୍ୟାପକ ଶ୍ରୀଧର ଦାସଙ୍କୁ ଦେଖିବା ଆମ ପାଇଁ ଦୁର୍ଲଭ ଥିଲା । ବ୍ୟାକରଣ ପ୍ରତି ମୋର ବିଶେଷ ଆଗ୍ରହ ଥିବାରୁ ଏହି ପ୍ରସିଦ୍ଧ ବ୍ୟାକରଣବିତ୍‌ଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ସୃଷ୍ଟି ହେବା ଥିଲା ସ୍ୱାଭାବିକ । ଦ୍ୱିତୀୟତଃ ତାଙ୍କର କେତୋଟି ଛୋଟ ଛୋଟ ସଂକ୍ଷିପ୍ତୀକରଣ ଓ ଅନୁବାଦ ବହି ପଢ଼ିଥିଲି । ଇଂରେଜୀ ସାହିତ୍ୟକୁ ପିଲାଙ୍କ ନିକଟରେ ପରିଚିତ କରାଇବା ପାଇଁ ତାଙ୍କର ଏ ଥିଲା ଗୋଟିଏ ପ୍ରୟାସ । ଜାରାଶବର ଦୂରରେ ରହି ପୂଜା କଲା ପରି ମୁଁ ତାଙ୍କୁ ମନେ ମନେ ପୂଜା କରୁଥିଲି ।

ଅଧ୍ୟାପକ ଓ ଲେଖକମାନଙ୍କୁ ତ ମୁଁ ଭାବୁଥାଏ ଗୋଟିଏ ଭିନ୍ନ ଜଗତର ମଣିଷ ବୋଲି । ମୋତେ ଆଶ୍ଚର୍ଯ୍ୟ ଲାଗୁଥାଏ ଶ୍ରୀଧର ଦାସଙ୍କ ପରି ଜଣେ ଅଧ୍ୟାପକ କିପରି ଆମର ଏ ସ୍କୁଲରେ ଶିକ୍ଷକ ହେଲେ ! ମୁଁ କଳ୍ପନା କରୁଥିଲି, ସେ ଏବେ ଅଧ୍ୟାପକ ଅଛନ୍ତି, ପ୍ୟାଣ୍ଟ କୋଟ୍ ପିନ୍ଧୁଥିବେ, ଟାଇ ଭିଡୁଥିବେ, ଉଜ୍ଜ୍ୱଳ ବର୍ଣ୍ଣର ଜଣେ ସୁଦର୍ଶନ ବ୍ୟକ୍ତି ହୋଇଥିବେ । ତାଙ୍କୁ ଦେଖିବାର ବଡ଼ ଇଚ୍ଛା ଥିଲେ ବି ଦେଖିବା ତ ସମ୍ଭବ ନ ଥିଲା । ତେଣୁ ଯେତେବେଳେ ସାଥୀ ମେଳରେ ହାତୀ ମୁଣ୍ଡପୋଖରୀ କୂଳରେ ବସୁଥିଲି, ତାଙ୍କ ଘରକୁ ଚାହିଁ ଚାହିଁ ତାଙ୍କର ସ୍ଥିତି କଳ୍ପନା କରୁଥିଲି ।

ଯାହାଙ୍କୁ ଦେଖି ନ ପାରିବାର ଅବେଶାଷ ମନ ଭିତରେ ଥିଲା ତାଙ୍କୁ ପ୍ରକୃତରେ ଦେଖିବାର ସୌଭାଗ୍ୟ ଦିନେ ଅପ୍ରତ୍ୟାଶିତ ଭାବେ ପାଇଗଲି । ତାଙ୍କୁ କେବଳ ଦେଖିଲି ନାହିଁ, ଗୁରୁ ଭାବରେ ପାଇଗଲି । ମନ ଭିତରେ ଲୁଚି ରହିଥିବା ଅଭିଳାଷ ପୂର୍ଣ୍ଣ ହେଲା, ପୁରୀ କଲେଜ ଛାଡ଼ି ଯେତେବେଳେ ଖ୍ରୀଷ୍ଟ କଲେଜରେ ନାଁ ଲେଖାଇଲି ।

କଲେଜର ପ୍ରଥମ ଦୁଇବର୍ଷ ମୁଁ ପଢ଼ିଥିଲି ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ । ସବୁ ବିଷୟ ମୋର ଭଲ ହୋଇଥିଲା, ବହୁତ ଭଲ ହେଉଥିଲା ତର୍କଶାସ୍ତ୍ର ଓ ସଂସ୍କୃତ । ଓଡ଼ିଆ କେବେ ମୋର ବିଷୟ ନ ଥିଲା । ସଂସ୍କୃତ କି ଓଡ଼ିଆ ଅନର୍ସ ନେବା କଥା ଆଦୌ ଭାବି ନ ଥିଲି । ଇଂରେଜୀ ଅନର୍ସ ନେବାକୁ ଆଗ୍ରହ ଥିଲା । ଲକ୍ଷ୍ୟ ଥିଲା, ସରକାରୀ କଲେଜରେ ଅଧ୍ୟାପକ ହେବି । ଡାଏସ୍ ଉପରେ ଠିଆ ହୋଇ ବକ୍ତୃତା

Digitized by srujanika@gmail.com

ଦେବି, ପିଲାମାନେ ମୁଗ୍ଧ ହୋଇ ଶୁଣିବେ । ଦୈବାତ୍ ମୋର ଜଣେ ସହପାଠୀ ବନ୍ଧୁ ମୋର ଅଭିଳାଷକୁ ବଦଳାଇ ଦେଲେ । ମୋତେ କହିଲେ – ତୁମେ ଇଂରେଜୀ ନେଲେ ଅଧ୍ୟାପକ ହୋଇପାରିବ । କିନ୍ତୁ ଆଜି ପର୍ଯ୍ୟନ୍ତ ମିଳୁଥିବା ଫାଷ୍ଟକ୍ଲାସ ମିଳିବ ନାହିଁ । ଦ୍ୱିତୀୟ ଶ୍ରେଣୀ ତୁମ ଭାଗ୍ୟରେ ଥୁଆ । କିନ୍ତୁ ଦୁଇଟି ବିଷୟରେ ଅନର୍ସ ଓ ଏମ୍.ଏ. ପଢ଼ିଲେ କେବଳ ତୁମେ ୟୁନିଭର୍ସିଟି ଗୋଲଡ୍ ମେଡ଼ାଲ ପାଇପାରିବ । ସେ ଦୁଇଟିରୁ ଗୋଟିଏ ହେଉଛି ଓଡ଼ିଆ ଅନ୍ୟଟି ସଂସ୍କୃତ । ତାଙ୍କ କଥା ଶୁଣି ମୋର ମନ ବଦଳିଗଲା । ବଦଳିଗଲା ନିଷ୍ପତ୍ତି । ଓଡ଼ିଆ ଏମ୍.ଆଇ.ଏଲ୍‌କୁ ବାଧ୍ୟତାମୂଳକ ବିଷୟ ଭାବେ ସବୁ ପିଲା କଲେଜରେ ପଢ଼ନ୍ତି । ଜଣେ ଓଡ଼ିଆ ଅଧ୍ୟାପକ ହେଲେ ହିଁ ସମସ୍ତଙ୍କୁ ପଢ଼ାଇପାରିବି । ଏକଥା ଭାବି ମୁଁ ଓଡ଼ିଆ ଅନର୍ସ ନେବାକୁ ସ୍ଥିର କଲି ।

ସେତେବେଳେ ଓଡ଼ିଆ ଅନର୍ସ ପାଇଁ ଓଡ଼ିଶାରେ ସବୁଠୁ ଭଲ କଲେଜ ଥିଲା କଟକର ଖ୍ରୀଷ୍ଟ କଲେଜ । ଗୋଟିଏ ଧାରାବାହିକ ପରମ୍ପରା ଥିଲା ଯେ ଅନର୍ସରେ ପ୍ରଥମ ହେଉଥିବା ପିଲା ଖ୍ରୀଷ୍ଟ କଲେଜରୁ ଆସୁଥିଲେ ଏବଂ ସେଇମାନେ ହିଁ ଏମ୍.ଏ. ପରୀକ୍ଷାରେ ୟୁନିଭରସିଟିରେ ପ୍ରଥମ ହେଉଥିଲେ । ଶୁଣିଥିଲି, ଖ୍ରୀଷ୍ଟ କଲେଜର ଓଡ଼ିଆ ବିଭାଗରେ ଶ୍ରୀଧର ଦାସ, ପଠାଣି ପଟ୍ଟନାୟକଙ୍କ ପରି ସୁଯୋଗ୍ୟ ଅଧ୍ୟାପକ ଅଛନ୍ତି । ଏ ଦୁଇଟି ନାଁ ସହିତ ମୁଁ ଆଗରୁ ପରିଚିତ ଥିଲି । ଆଉ କିଛି ନ ଭାବି ଖ୍ରୀଷ୍ଟ କଲେଜରେ ଓଡ଼ିଆ ଅନର୍ସ ପଢ଼ିବାକୁ କଟକ ଚାଲିଆସିଲି ।

ମୁଁ ପଢ଼ିବା ବେଳେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଥିଲେ ଶ୍ରୀଧର ଦାସ, ଯାହାଙ୍କୁ ହାଇସ୍କୁଲ ବେଳୁ ମନେ ମନେ ଖୋଜୁଥିଲି । ଆଉ ପାଞ୍ଚ ଜଣ ଅଧ୍ୟାପକ ବି ଥିଲେ । କିନ୍ତୁ ତାଙ୍କ ଭିତରେ ଦୁଇଜଣ ବେଶ୍ ଭଲ ଅଧ୍ୟାପକ ହେଉଛନ୍ତି ପଠାଣି ପଟ୍ଟନାୟକ ଓ ଦେବେନ୍ଦ୍ର ମହାନ୍ତି । ଖ୍ରୀଷ୍ଟ କଲେଜରେ ବି ଏ ବିଭାଗର ସୁନାମ ଥିଲା ।

ବିଭାଗର ସୁପରିଚାଳନା ଓ ନିଷ୍ଠାପର ଅଧ୍ୟାପନା ପାଇଁ ମୁଖ୍ୟ ଅଧ୍ୟାପକ ଶ୍ରୀଧର ଦାସଙ୍କୁ ଶ୍ରେୟ ଦିଆଯିବ । ଘରୋଇ କଲେଜ ହେଲେ ମଧ୍ୟ ଖ୍ରୀଷ୍ଟ କଲେଜର ବିଭିନ୍ନ ବିଭାଗ ସମେତ ଆମ ବିଭାଗର ଅଧ୍ୟାପକମାନଙ୍କର ବେଶପୋଷାକ ଓ ଭାବଭଙ୍ଗୀ ଥିଲା ଅଧ୍ୟାପକ ସୁଲଭ, ଆଧୁନିକ ରୁଚିସମ୍ପନ୍ନ । ଆମର ବଡ଼ ସାର୍ କିନ୍ତୁ ଥିଲେ ସାରା

Digitized by srujanika@gmail.com

କଲେଜରେ ଭିନ୍ନ । ଗାନ୍ଧୀବାଦୀ ମଣିଷ । ବେଶ ପୋଷାକ ଅତ୍ୟନ୍ତ ନିରାଡ଼ମ୍ବର । ଧୋତି, କୁର୍ତ୍ତା – ଦେଖାଯାଉଥିଲେ ଜଣେ ଗାନ୍ଧିଶିଷ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି । ସ୍ୱାଧୀନତା ସଂଗ୍ରାମୀ ନ ହେଲେ ମଧ୍ୟ ସ୍ୱାଧୀନତା ସଂଗ୍ରାମ ଓ ଗାନ୍ଧୀଙ୍କ ସମ୍ପର୍କରେ ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ଥିଲା । କଥା ପ୍ରସଙ୍ଗରେ ସେ ଯେତେବେଳେ ଅତୀତର କଥା କହୁଥିଲେ, ଆମେ ବିସ୍ମୟ ବିମୂଢ଼ ହୋଇ ଚାହିଁ ରହୁଥିଲୁ । ତାଙ୍କର ଅଭିଜ୍ଞତା ଥିଲା ପ୍ରଚୁର । ବହୁ ଗଡ଼ଜାତ ବୁଲିଛନ୍ତି । ବହୁ ପ୍ରସିଦ୍ଧ ବ୍ୟକ୍ତି, ସାହିତ୍ୟିକ, ରାଜା ଜମିଦାର ଓ ସାଧାରଣ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି । ଏତେ ଅଭିଜ୍ଞତା ହୁଏତ ଆଉ କୌଣସି ଅଧ୍ୟାପକଙ୍କର ନ ଥିଲା ।

ତାଙ୍କୁ ଦେଖିଲେ ସ୍ୱତଃ ଶ୍ରଦ୍ଧା ଓ ଭକ୍ତି ଆସୁଥିଲା । ଖ୍ରୀଷ୍ଟ କଲେଜରେ ସମସ୍ତ ଅଧ୍ୟାପକଙ୍କର ସେ ଥିଲେ ସମ୍ମାନାସ୍ପଦ । ସେ ସମ୍ମାନ ପାଉଥିଲେ ତାଙ୍କର ବୟସ ଦୃଷ୍ଟିରୁ, ତାଙ୍କର ନିରାଡ଼ମ୍ବର ଜୀବନଶୈଳୀ ଦୃଷ୍ଟିରୁ, ଜ୍ଞାନ ଓ ଅଭିଜ୍ଞତା ଦୃଷ୍ଟିରୁ । ସେ ଥିଲେ ଅତି ଭଲ ମଣିଷ, ଅତି ସାଦାସିଧା ମଣିଷ । ଅଧ୍ୟାପକମାନଙ୍କ ଭିତରେ ଏମିତି ଲୋକ ବିରଳ ।

ଆମ କଲେଜରେ ସକାଳୁ ସକାଳୁ କ୍ଳାସ ଆରମ୍ଭ ହୁଏ । ବାରଟା ସାଢ଼େ ବାରଟା ସୁଦ୍ଧା ସରେ । ସାର ସକାଳ ବେଳା କ୍ଳାସକୁ ଆସୁଥିଲେ । ଘରେ ଥିବା ବେଳେ ଉପରବେଳା ଓ ରାତିରେ ଲେଖାପଢ଼ା କରୁଥିଲେ । ସ୍ୱଭାବରେ ଧୀର ସ୍ଥିର ହେଲେ ମଧ୍ୟ ବଡ଼ କର୍ମଚଞ୍ଚଳ ଓ ପରିଶ୍ରମୀ । ଘର ସଂଲଗ୍ନ ଛୋଟ ବାଡ଼ି ବଗିଚାରେ କିଛି ଶାରୀରିକ ପରିଶ୍ରମ କରୁଥିଲେ, ସକାଳେ ସମ୍ଭବ ନ ହେଲେ ଉପରବେଳା । ରାତିବେଳା କଲମ ଚଳାଇବାରେ ତାଙ୍କର କ୍ଳାନ୍ତି ନ ଥିଲା । ଛାତ୍ରମାନଙ୍କ ଉପଯୋଗୀ ବହୁ ପୁସ୍ତକ ରଚନା କରିଥିଲେ । ଗ୍ରନ୍ଥ ମନ୍ଦିର ହିଁ ତାଙ୍କର ସମସ୍ତ ପୁସ୍ତକର ପ୍ରକାଶକ ଥିଲେ । ବିଖ୍ୟାତ ଇଂରେଜୀ ପୁସ୍ତକଗୁଡ଼ିକର ସଂକ୍ଷିପ୍ତୀକରଣ ସହ ଅନୁବାଦ ବା ପୁନର୍କଥନ କରି ସେ ବିଶେଷ ଜନପ୍ରିୟତା ଲାଭ କରିଥିଲେ । 'ସର୍ବସାର ବ୍ୟାକରଣ' ଭଳି 'ନବ ଅଭିଧାନ' ମଧ୍ୟ ତାଙ୍କର ଏକ ବିଶେଷ କୃତି । କିଶୋର ଛାତ୍ର ଉପଯୋଗୀ କେତେକ ଶିକ୍ଷଣୀୟ ପୁସ୍ତକ ମଧ୍ୟ ସେ ଲେଖିଛନ୍ତି । ସହଜ ଭାଷାରେ ବିପୁଳ କଥା କହିବାର କ୍ଷମତାଟି ତାଙ୍କର ବାସ୍ତବିକ ଥିଲା ଅନୁସରଣୀୟ ।

Digitized by srujanika@gmail.com

ଅଧ୍ୟାପକ ଭାବେ ତାଙ୍କର ସୁଖ୍ୟାତି ଥିଲା । ପ୍ରାଚୀନ, ମଧ୍ୟଯୁଗୀୟ ସାହିତ୍ୟଠାରୁ ଆରମ୍ଭ କରି ଆଧୁନିକ ରାଧାନାଥୀୟ କାବ୍ୟଧାରା ପର୍ଯ୍ୟନ୍ତ ଥିଲା ତାଙ୍କର ଅଧ୍ୟାପନାର ବିଷୟ । ସେ କେବଳ କବିମାନଙ୍କ କବିତ୍ୱର ଆକଳନ କରୁ ନ ଥିଲେ ସେମାନଙ୍କ ସମୟ, ପରିବେଶ ଓ ଜୀବନ ସମ୍ପର୍କୀୟ କେତେକ ନୂତନ ତଥ୍ୟ ମଧ୍ୟ ଦେଉଥିଲେ । କବି, ଲେଖକଙ୍କ ସାହିତ୍ୟ ସୃଷ୍ଟିକୁ ବହୁ ଭାବେ ପ୍ରଭାବିତ କରେ ତାଙ୍କର ବ୍ୟକ୍ତିଗତ ଜୀବନ ଓ ପରିବେଶ । ତାହା ଅନୁଭବ କରି ସମସାମୟିକ ପରିବେଶର କବିଙ୍କ ବ୍ୟକ୍ତିତ୍ୱର ବିକାଶ, ଜୀବନ ବଞ୍ଚିବାର ଶୈଳୀ ବିଷୟରେ ସେ ବିଶେଷ ଧାରଣା ଦେଉଥିଲେ । ତାଙ୍କଠାରୁ ବିଶ୍ୱନାଥ କର, ଗୋପାଳ ପ୍ରହରାଜ, ନୀଳକଣ୍ଠ ଦାସ ଆଦି ସାହିତ୍ୟିକମାନଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଅନେକ ଅଜଣା ତଥ୍ୟ ଆମକୁ ମିଳିଥିଲା । ତା'ଛଡ଼ା ତାଙ୍କ ଜୀବନର ଅନୁଭୂତି ଥିଲା ବିସ୍ତୃତ, ଯାହା ଆମକୁ ବିସ୍ମିତ କରୁଥିଲା । ଏକ ଭିନ୍ନ ଜଗତକୁ ନେଇ ଯାଉଥିଲା ।

ଛାତ୍ର ଓ ଶିକ୍ଷକମାନଙ୍କର ଉପଯୋଗୀ ହେବା ପରି କେତେକ ବହି ରଚନା କରିବା ଜଣେ ଅଧ୍ୟାପକଙ୍କର କର୍ତ୍ତବ୍ୟ ବୋଲି ସେ ଭାବୁଥିଲେ । ସେଥିପାଇଁ ସେ ବ୍ୟାକରଣ, ଅଭିଧାନ ପରି କେତେକ ପୁସ୍ତକ ରଚନା କରିଥିଲେ । ତାଙ୍କର ପ୍ରଭାବ ବୋଧହୁଏ ମୋ ମନ ଭିତରେ କାମ କରୁଥିଲା । ନାଟକ, କବିତା ଓ ସମାଲୋଚନା ବହି ତ ଅନେକ ଲେଖିଛି ତଥାପି ଛାତ୍ର, ଅଧ୍ୟାପକ ଓ ଶିକ୍ଷକମାନଙ୍କ ପାଇଁ କିଛି ବହି ଲେଖିଯିବା ଉଚିତ ବୋଲି ଭାବି ସାହିତ୍ୟ ତତ୍ତ୍ୱ, ନାଟ୍ୟତତ୍ତ୍ୱ, ଭାଷାତତ୍ତ୍ୱ ଓ ବ୍ୟାକରଣକୁ ନେଇ ବହି ଲେଖିଛି । ଅଭିଧାନ ସଙ୍କଳନ ବି କରିଛି ।

ପାଠପଢ଼ା ସରିବା ପରେ ବି କେତେଥର ସାର୍‌ଙ୍କୁ ଭେଟିଛି । ସାର୍ ଅବସର ନେଇ ସାରିଥିଲେ । ଜୀବନଶୈଳୀରେ ତାଙ୍କର କୌଣସି ପରିବର୍ତ୍ତନ ଘଟି ନ ଥିଲା, ଅସନ୍ତୋଷ ନ ଥିଲା, ଗର୍ବ ଅହଙ୍କାର ନ ଥିଲା, ଅର୍ଥ ଲାଳସା ବି ନ ଥିଲା । କାହା ପ୍ରତି ଈର୍ଷା କି ଅସହିଷ୍ଣୁତା ନ ଥିଲା । ଲେଖିବା ଅଭ୍ୟାସ ସେମିତି ଅବ୍ୟାହତ ଥିଲା । ନିଜେ ଲଗେଇଥିବା ଗଛ ଲତା ଦେଖି ଖୁସି ହେଉଥିଲେ । ସେମିତି ନିଜେ ଗଢ଼ିଥିବା ଛାତ୍ରମାନଙ୍କୁ ନେଇ ବି ଖୁସି ହେଉଥିଲେ ।

Digitized by srujanika@gmail.com

ଛାତ୍ର, ଅଧ୍ୟାପକ, ଲେଖକ, ପ୍ରକାଶକ, ସମସ୍ତଙ୍କର ସେ ଥିଲେ ଶ୍ରଦ୍ଧା ଓ ସମ୍ମାନଭାଜନ । ଅତି ସାଧାରଣ ମଣିଷଠାରୁ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହିତ ଥିଲା ତାଙ୍କର ଶ୍ରଦ୍ଧାନ୍ୱିତ ସମ୍ପର୍କ । ମଣିଷର ଶ୍ରଦ୍ଧା ଓ ସମ୍ମାନ ଭିତରେ ବଞ୍ଚି ରହିବା ହିଁ ଜୀବନର ସାର୍ଥକତା ।

ତାଙ୍କ ଅବର୍ତ୍ତମାନର ଅନେକ ଦିନ ବିତିଗଲାଣି ଏ ଭିତରେ । କିନ୍ତୁ ମନ ଭିତରେ ସେ ବଞ୍ଚି ରହିଛନ୍ତି । ଜଣେ ସ୍ନେହଶୀଳ, ନିରହଙ୍କାର, ହିତୈଷୀ ମଣିଷର ଛବି ଆଙ୍କି ହୋଇ ରହିଛି ମନ ଭିତରେ । ସେ ଛବିଟି ଏବେ ବି ସଚଳ, ସବାକ୍, ଜୀବନ୍ମୟ ।

■■■

ଦାଶରଥି ପଟ୍ଟନାୟକଙ୍କୁ ତାଙ୍କ ମଉସା ଯୋଗେଶ୍ୱର ମହାନ୍ତି ବୌଦ ରାଜାଙ୍କ ଅଧୀନରେ ଏଜୁକେଶନ ଅଫିସର ଭାବରେ କାମ କରୁଥିବା ଶ୍ରୀଧର ଦାସଙ୍କ ସହିତ ଭେଟ କରେଇ ଦେଲେ । ଯୋଗେଶ୍ୱର ଓ ଶ୍ରୀଧର ବାବୁଙ୍କ ଉଦ୍ୟମରେ ତାଙ୍କୁ ମନମୁଣ୍ଡା ଏଲ୍.ପି. ସ୍କୁଲରେ ଶିକ୍ଷକ ଚାକିରୀ ମିଳିଗଲା ।

– ଅଧ୍ୟାପକ ଗୌରାଙ୍ଗ ଚରଣ ଦାଶ, ଠେକା ଓ ଠେଙ୍ଗାର ମଣିଷ

Digitized by srujanika@gmail.com

'ସୁଅ ମୁହଁର ପତର' ନୁହଁନ୍ତି ସେ ଅମୂଲ୍ୟ ରତ୍ନ ପଥର

ସଂଘମିତ୍ରା ମିଶ୍ର

ଆତ୍ମଜୀବନୀ ସାହିତ୍ୟ ଜଗତର ଏଭଳି ଏକ ବିଭାଗ ଯାହା ଅସମ୍ପୂର୍ଣ୍ଣ ହୋଇ ମଧ୍ୟ ସମ୍ପୂର୍ଣ୍ଣ । ବ୍ୟକ୍ତିର ନିଜ କଥା ହୋଇ ମଧ୍ୟ ତହିଁରେ ସମାଜର ଛବି ସ୍ପଷ୍ଟ । ଗୋଟିଏ ସମୟର ରାଜନୀତି, ଶିକ୍ଷା, ସମାଜତତ୍ତ୍ୱ ଏସବୁର ଚମତ୍କାର ଚିତ୍ର ଆମେ ଆତ୍ମଜୀବନୀରୁ ପାଇପାରିବା ।

ଆତ୍ମଜୀବନୀ ଲେଖେ କିଏ ? ସାଧାରଣତଃ ସଫଳ ମଣିଷମାନେ ଆତ୍ମଜୀବନୀ ଲେଖିଥାଆନ୍ତି । କେତେ ସାଧନା କେତେ କ୍ଲେଶର ସମ୍ମୁଖୀନ ହୋଇ ସେମାନେ ଜୀବନରେ ସଫଳତାର ସ୍ୱାଦ ଚାଖିଛନ୍ତି ତାହା ଆତ୍ମଜୀବନୀ ଗଠନରୁ ଜାଣି ହୋଇଥାଏ । Merriam Websters Encyclopedia of Literature Autobiography ସମ୍ପର୍କରେ "The Biography of oneself narrated by oneself." (P-88) ପୁଣି କେବେ ଚିଠି ବା ଅନାବିଳ ବ୍ୟକ୍ତିଗତ ରଚନା ମଧ୍ୟ ଆତ୍ମଜୀବନୀର ଉପାଦାନ ପାଲଟିଥାଏ । ଡାଏରୀ, ପତ୍ରପତ୍ରିକାର ସାକ୍ଷାତକାର, ସ୍ମୃତିଚାରଣ ପ୍ରଭୃତି ଆତ୍ମଜୀବନୀର ଉପାଦାନ । ୧୫ଶ ଶତାବ୍ଦୀରେ ଇଂଲଣ୍ଡର ଲେଖିକା Margery Kempe ପ୍ରଥମେ ଆତ୍ମଜୀବନୀ ଲେଖିଥିଲେ । ଆମର ପ୍ରାଚୀନ ଓଡ଼ିଆ ସାହିତ୍ୟର ଭଣିତାମାନଙ୍କରେ ବ୍ୟକ୍ତି ନିଜ ସମ୍ପର୍କରେ କିଛି ସଂକ୍ଷିପ୍ତ ସୂଚନା ଦେଇଛନ୍ତି । ଫକୀର ମୋହନଙ୍କ ଆତ୍ମଜୀବନୀ ଚରିତକୁ ଆମେ ପ୍ରଥମେ ସଚେତନ ଆତ୍ମଜୀବନୀ ଭାବେ ଗ୍ରହଣ କରିଥାଉ । ତେବେ କେତେକ ବିଶିଷ୍ଟ ଆତ୍ମଜୀବନୀ ଗ୍ରନ୍ଥ ହେଉଛି 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' (ଗୋଦାବରୀଶ ମିଶ୍ର), 'ମୋ

Digitized by srujanika@gmail.com

କାହାଣୀ' (କୁଞ୍ଜବିହାରୀ ଦାଶ), 'ମୋ ଅକୁହା କାହାଣୀ' (ଶ୍ରୀରାମଚନ୍ଦ୍ର ଦାଶ), 'ଏକାକୀ ପଥିକ' (ଜାନକୀ ବଲ୍ଲଭ ମହାନ୍ତି), 'ଜୀବନର ପଥପ୍ରାନ୍ତେ ଦିନାନ୍ତର ଦୃଶ୍ୟ' (ମନ୍ମଥ ନାଥ ଦାସ), 'ରୋହିତର ଡାଏରୀ' (ଚିତ୍ତରଞ୍ଜନ ଦାସ), 'ମନେପଡ଼େ' (ବସନ୍ତ କୁମାର ଶତପଥୀ) 'ଅଂଗେ ଯାହା ଲିଭାଇଛୁ' (କାଳିନ୍ଦୀ ଚରଣ ପାଣିଗ୍ରାହୀ), ନୀଳମଣି ରାଉତରାୟଙ୍କ 'ସ୍ମୃତି ଓ ଅନୁଭୂତି', ସଚ୍ଚିରାଉତରାୟଙ୍କ 'ଉତ୍ତରକକ୍ଷ', ଡକ୍ଟର ହରେକୃଷ୍ଣ ମହତାବଙ୍କର 'ସାଧନାର ପଥେ', 'ଆରବ ସାଗରରୁ ଚିଲିକା', ପଣ୍ଡିତ ନୀଳକଣ୍ଠଙ୍କର 'ଆତ୍ମଜୀବନୀ', ସୁରେନ୍ଦ୍ର ମହାନ୍ତିଙ୍କର 'ପଥ ଓ ପୃଥିବୀ', ଫତୁରାନନ୍ଦଙ୍କର ଆତ୍ମଜୀବନୀ 'ମୋ ଫୁଟାଡଙ୍ଗାର କାହାଣୀ', ସତ୍ୟ ନାରାୟଣ ରାଜଗୁରୁଙ୍କ 'ମୋ ଜୀବନ ସଂଗ୍ରାମ' ପ୍ରଭୃତି ଯେତିକି ସୁଖପାଠ୍ୟ ତତୋଽଧିକ ତଥ୍ୟ ସମ୍ବଳିତ । ଏସବୁ ଉପନ୍ୟାସଠାରୁ ଅଧିକ ରସସ୍ନିଗ୍ଧ । ପରବର୍ତ୍ତୀ ସମୟରେ ଏହି ଧାରା ଆହୁରି ପରିପୁଷ୍ଟ ହୋଇଛି । ପ୍ରଫେସର ସର୍ବେଶ୍ୱର ଦାଶଙ୍କର 'ମୋ କାହାଣୀ', ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ 'ଅନେକ ଜୀବନ', ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁଙ୍କର 'ମୋ ବାରବୁଲା ଜୀବନ' ଓ ମନମୋହନ ଚୌଧୁରୀଙ୍କର 'କସ୍ତୁରୀ ମୃଗ ସମ' ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ । ଅକ୍ଷୟ ମହାନ୍ତିଙ୍କର 'ଆର୍ଯ୍ୟଦାସର ଆତ୍ମଲିପି', ଜୟନ୍ତ ମହାପାତ୍ରଙ୍କର 'ପାହିନି ରାତି', ପ୍ରଫେସର ନୃସିଂହ ଚରଣ ପଣ୍ଡାଙ୍କର 'ପାଷାଣଭେଦୀ ଗୁଳ୍ମର କାହାଣୀ', କିଶୋରୀ ଚରଣ ଦାସଙ୍କର 'ସମୟ ନାହିଁ', ଗୋବିନ୍ଦ ମିଶ୍ରଙ୍କର 'ଜାତୀୟ ଜୀବନରେ ଆତ୍ମବିକାଶ', କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର 'ମୋ ସମୟର ଓଡ଼ିଶା', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର 'ମୋ ଜୀବନୀ : ଭିନ୍ନ ଏକ ଉପନ୍ୟାସ', 'ଶିକ୍ଷକର ଜୀବନ ସ୍ମୃତି' (କାଶୀନାଥ ନାୟକ), 'ଅଙ୍ଗେଲିଭା କଥା' (ଡାକ୍ତର ହୃଷିକେଶ ପରିଡ଼ା), 'ଅରକ୍ଷିତକୁ ଦଇବ ସାହା' (ପର୍ଶୁରାମ ଦ୍ୱିବେଦୀ) ପ୍ରଭୃତି ସ୍ୱଲିଖିତ ଓ ତଥ୍ୟସମ୍ବଳିତ । ଏହା ଓଡ଼ିଆରେ ପ୍ରକାଶିତ ଆତ୍ମଜୀବନୀଗୁଡ଼ିକର ସମ୍ପୂର୍ଣ୍ଣ ତାଲିକା ନୁହେଁ । କେତୋଟିର ଉଲ୍ଲେଖ ମାତ୍ର ।

ଏକଥା ସତ ଯେ ଜଣେ ସନ୍ନ୍ୟାସୀର ଆତ୍ମଜୀବନୀ ଜଣେ ରାଜନେତାଠାରୁ ପୃଥକ୍ ହେବ । ଜଣେ ଶିକ୍ଷକର ଆତ୍ମଜୀବନୀ ଜଣେ ପ୍ରଶାସକର ଆତ୍ମଜୀବନୀଠାରୁ ପୃଥକ୍ ହେବ । ପ୍ରଫେସର ଶରତ ଚନ୍ଦ୍ର ପ୍ରଧାନଙ୍କର 'ସାହିତ୍ୟର ସେବାରତ', ଡକ୍ଟର ରତ୍ନାକର ଚଇନିଙ୍କର 'ଜୀବନ କମାରଶାଳ', ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କର 'ବଣା

Digitized by srujanika@gmail.com

ବାଟୋଇର କାହାଣୀ', ଡକ୍ଟର ବିଭୂତି ପଟ୍ଟନାୟକଙ୍କର ସଦ୍ୟ ପ୍ରକାଶିତ ଆତ୍ମଜୀବନୀ 'ଜୀବନ ପାତ୍ର ମୋ ଭରିଛ କେତେ ମତେ' ପ୍ରଭୃତି ଶିକ୍ଷକଙ୍କ ଆତ୍ମଜୀବନୀ ଭାବରେ ବେଶ୍ ସୁଖପାଠ୍ୟ ଓ ତଥ୍ୟଭିତ୍ତିକ । ପ୍ରଫେସର ରାବନ୍ଦ୍ର ପ୍ରହରାଜଙ୍କର 'ଉଜାଣି ସୁଅର ଢେଉ' ଏହି ଧାରାର ଆତ୍ମଜୀବନୀ । ମହିଳାମାନେ ମଧ୍ୟ ଏ ଦୃଷ୍ଟିରୁ ବେଶ୍ ସଫଳ । ସୀତାଦେବୀ ଖାଡ଼ଙ୍ଗା ନିଜର ଆତ୍ମଜୀବନୀ ରଚନା କରିଛନ୍ତି, ଯାହା ତାଙ୍କର ଗ୍ରନ୍ଥାବଳୀରେ ସଙ୍କଳିତ । ରମା ଦେବୀଙ୍କର 'ଜୀବନ ପଥେ', ଅନ୍ନପୂର୍ଣ୍ଣା ମହାରଣାଙ୍କର 'ଅମୃତ ଅନୁଭବ' ଓଡ଼ିଆ ଆତ୍ମଜୀବନୀ ସାହିତ୍ୟରେ ଦୁଇଟି ମୂଲ୍ୟବାନ ସଂଯୋଜନ । ବୀଣାପାଣି ମହାନ୍ତିଙ୍କ 'ବିତି ଯାଇଥିବା ଦିନ'ରେ ମୁଖ୍ୟତଃ ତାଙ୍କ ବାଲ୍ୟକାଳ ରୂପାୟିତ । ପ୍ରତିଭା ଶତପଥୀଙ୍କର "ଶୈଶବରୁ ସଂସାର" ଶୈଳୀ ଓ ଘଟଣା ବିନ୍ୟାସ ଦୃଷ୍ଟିରୁ ବେଶ୍ ମନୋରମ । ପଦ୍ମଶ୍ରୀ ପ୍ରତିଭା ରାୟ ତାଙ୍କର ଆତ୍ମଜୀବନୀର ନାମ ଦେଇଛନ୍ତି 'ପଦ୍ମପାତ୍ରରେ ଜୀବନ' । ଦୁର୍ଗାବତୀ ତ୍ରିପାଠୀଙ୍କର ଆତ୍ମଜୀବନୀ ହେଉଛି 'ସୁନେଲି ସ୍ୱପ୍ନର ସୁରଭି', ଜୟନ୍ତୀ ରଥ ଝିଅକୁ ପତ୍ର ଦେବା ଶୈଳୀରେ ନିଜ ଜୀବନର ଉପସ୍ଥାପନା କରିଛନ୍ତି । ସେ ପୁସ୍ତକର ଶୀର୍ଷକ 'ଝୁମ୍ ଝୁମ୍ ଝୁମ୍‌ରାରେ' । ଏହି ଲେଖିକା ଅର୍ଥାତ୍ ମୁଁ ସଂଘମିତ୍ରା ମିଶ୍ର ମଧ୍ୟ 'ସଦିଛାର ସହସ୍ରଧାରା' ଶୀର୍ଷକରେ ମୋର ଆତ୍ମଜୀବନୀ ଲେଖିଛି ଯାହା ୨୦୧୫ରେ ପ୍ରକାଶିତ । ସରଳା ଦେବୀ, କୁନ୍ତଳା କୁମାରୀଙ୍କ ଭଳି ବିଦୂଷୀ ସଂଗ୍ରାମୀ ମହିଳା ଚିଠିରେ ବା କୌଣସି ସ୍ମୃତିଚାରଣରେ ନିଜ ନିଜ ଜୀବନର କିୟଦଂଶ ଉଲ୍ଲେଖ କରିଛନ୍ତି ।

ଏକବିଂଶ ଶତକରେ ଏହି ଆତ୍ମଜୀବନୀ ରଚନା ଲୋକପ୍ରିୟ ହେଉଛି । ପତ୍ରପତ୍ରିକାରେ ଧାରାବାହିକ ଭାବରେ ପ୍ରକଶିତ ହେବା ପରେ ଏଗୁଡ଼ିକ ପୁସ୍ତକ ରୂପରେ ଉଭା ହେଉଛନ୍ତି । ମହାତ୍ମାଗାନ୍ଧୀଙ୍କ ଆତ୍ମଜୀବନୀ My Experiment with Truth (ମୋ ଜୀବନର ସତ୍ୟର ପ୍ରୟୋଗ) ଓ Autobiography of a Yogi ଯୋଗୀର ଆତ୍ମଚରିତ ପ୍ରଭୃତି ଆମର ଖୁବ୍ ପ୍ରିୟ । ଏପରିକି କମଳା ଦାସଙ୍କର ଓ ତସଲିମା ନିସରିନଙ୍କର ୬ ଖଣ୍ଡ ଆତ୍ମଜୀବନୀ ଓଡ଼ିଆ ଭାଷାରେ ଅନୁଦିତ ହୋଇ ଲୋକପ୍ରିୟ ହୋଇଛି ।

ଏସବୁ ଉଲ୍ଲେଖ କରିବାର ଅର୍ଥ ହେଉଛି ଆତ୍ମଜୀବନରେ ଏହି ବିପୁଳ ପରିସର ଭିତରେ 'ସୁଅ ମୁହଁର ପତର'ର ସ୍ୱାତନ୍ତ୍ର୍ୟ ଖୋଜିବା । ସୁଅ ମୁହଁର ପତର ଶ୍ରୀଧର

Digitized by srujanika@gmail.com

ଦାସଙ୍କ ଆତ୍ମଜୀବନୀ । ଆମେ ତାଙ୍କୁ ସର୍ବସାର ବ୍ୟାକରଣର ରଚୟିତା ଭାବେ ପ୍ରଥମେ ଚିହ୍ନିଲୁ । ପରେ ଜାଣିଲୁ ସେ ଜଣେ ଅନୁବାଦକ, ଜୀବନୀ ଲେଖକ, ସମ୍ପାଦକ, ପାଠ୍ୟ ପୁସ୍ତକ ରଚୟିତା ଓ ଅଭିଧାନ ସଂକଳକ ।

ଏହାର ଅର୍ଥ ହେଉଛି ସିଏ ସମଗ୍ର ଜୀବନ ସାହିତ୍ୟ ସହିତ ରହିଛନ୍ତି । ଏହା ପୁଣି ଗଳ୍ପ କବିତା ନୁହେଁ ବରଂ ଶିକ୍ଷାର ଉପାଦାନ ଭାବେ ବ୍ୟବହୃତ ହେଉଥିବା ଉପଯୋଗୀ ପୁସ୍ତକ । ଆଜି ସିନା ଅନୁବାଦ ପାଇଁ ଅନେକ ଉତ୍ସାହ ଓ ପ୍ରେରଣା ସର୍ବତ୍ର ଅନୁଭୂତ ହେଉଛି । ଚାଳିଶି ଦଶକରେ ସେ ବିଶ୍ୱପ୍ରସିଦ୍ଧ ଅନେକ ଗ୍ରନ୍ଥ ଓଡ଼ିଆରେ ଅନୁବାଦ କରିଥିଲେ । ଅର୍ଥାତ୍ ଇଂରାଜୀ ଓ ସଂସ୍କୃତ ଉଭୟ ଭାଷାକୁ ସେ ଉତ୍ତମ ରୂପେ ଆୟତ୍ତ କରିଥିଲେ ଓ ଓଡ଼ିଆ ପାଠକର ପଠନ ଦିଗନ୍ତ ପରିବ୍ୟାପ୍ତ କରିବା ପାଇଁ ପ୍ରୟାସ କରିଥିଲେ ।

ସେକ୍ସପିୟର କାହାଣୀ, ଟଲଷ୍ଟୟ କାହାଣୀ, ଟମକକାଙ୍କ କୁଟୀର, ହୋମର, ଗର୍କୀ, ମୋପାସାଁ, ଇଶପ କାହାଣୀଠାରୁ ଜାତକ କାହାଣୀ, ମିତ୍ରଲାଭ, ପଞ୍ଚତନ୍ତ୍ର, ମାଳବିକାଗ୍ନିମିତ୍ର, ବେତାଳ ପଞ୍ଚବିଂଶତି ପ୍ରଭୃତିକୁ ସେ ଓଡ଼ିଆ ପାଠକ ପାଇଁ ପରଷି ଦେଇଛନ୍ତି । ଏତଦ୍‌ବ୍ୟତୀତ U.S.A Information Service ଓ N.B.T. ଆନୁକୂଲ୍ୟରେ ଅନେକ ଉପଯୋଗୀ ପୁସ୍ତକର ଅନୁବାଦ କରିଛନ୍ତି । ନିଜର ଆତ୍ମଜୀବନୀ 'ସୁଅ ମୁହଁରେ ପତର'ର ଶେଷଭାଗରେ ସେ ନିଜ ରଚିତ ୧୧୯ ଖଣ୍ଡି ପୁସ୍ତକର ତାଲିକା ଦେଇଛନ୍ତି ଓ ଆଉ କେତେଖଣ୍ଡି ପୁସ୍ତକର ନାମ ତାଙ୍କର ମନେପଡୁ ନାହିଁ ବୋଲି ସୂଚନା ଦେଇଛନ୍ତି । ଏହା ହିଁ ତାଙ୍କର ଅତିନ୍ଦ୍ର ସାଧନାର ଫଳଶ୍ରୁତି ।

୪।୧୦। ୧୯୦୧ରେ ଜନ୍ମ ଏହି ପ୍ରତିଭାଧରଙ୍କ ଦେହାନ୍ତ ହୋଇଛି ୨୪।୪।୧୯୮୮ରେ। ସେ ୧୯୮୨ରେ ନିଜର ଆତ୍ମଜୀବନୀ ଲେଖିଥିଲେ । ପୁସ୍ତକଟି ୨୦୪ ପୃଷ୍ଠା ବିଶିଷ୍ଟ । ଏହାର ଶେଷ ପର୍ଯ୍ୟାୟରୁ ଉଦ୍ଧୃତି ଦେଇ ତାଙ୍କ ଆତ୍ମଜୀବନୀର ନୀତିଦୀର୍ଘ ଆଲୋଚନା କରିବି । x x x ସମୟ ସମୟରେ ମୁଁ ମନେକରେ ମୋ'ଠାରୁ ଅସହାୟ ଜୀବ ଜଗତରେ ନାହିଁ । ଦିନରେ ସୂର୍ଯ୍ୟ ରାତିରେ ଚନ୍ଦ୍ର ଦେଖାଯାଉଥିବା କୁଡ଼ିଆ ଘରେ ଧୂଳି ଶଯ୍ୟାରେ ଶୋଇବାଠାରୁ ଆରମ୍ଭ କରି ଇଷ୍ଟକ ନିର୍ମିତ ପକ୍କା ଘରେ ରହିଅଛି । ଶୂନ୍ୟ ଦେହରେ ପ୍ରବଳ ଶୀତ ସହିବାଠାରୁ

Digitized by srujanika@gmail.com

ଆରମ୍ଭ କରି ଶତ ଶତ ଟଙ୍କା ମୂଲ୍ୟର ଶାଲ ବ୍ୟବହାର କରିଅଛି । x x x ମନୁଷ୍ୟ ଚନ୍ଦ୍ରରେ ଅବତରଣ କରି ସେଠାରୁ ପ୍ରସ୍ତର ଆଣିବାର ଦେଖିଛି । ଶାକାନ୍ନଠାରୁ ଆରମ୍ଭ କରି ବହୁମୂଲ୍ୟ ପାକାନ୍ନ ଖାଇଛୁ । ମୁଁ ଦରିଦ୍ରରୁ ଦରିଦ୍ରତମ ହୋଇଛି କି ଧନୀ ହୋଇଛି ତାହା ବୁଝିପାରିନାହିଁ । ଧନୀ ଓ ଦରିଦ୍ର ଶବ୍ଦ ଦୁଇଟି ପରସ୍ପର ସାପେକ୍ଷ ଓ ତୁଳନାତ୍ମକ” (ପୃଷ୍ଠା-୧୯୫) ଏହି ଜୀବନ ଦର୍ଶନର ଉଦ୍‌ଗାତା ଶ୍ରୀଧର ଦାସ ପ୍ରକୃତରେ ଶ୍ରୀ ଓ ଧୀ ଉଭୟକୁ ଧାରଣ କରିଥିଲେ । ତାଙ୍କର ଜୀବନ ଚରିତ ପ୍ରତ୍ୟେକ ଛାତ୍ର / ଶିକ୍ଷକ / ଗବେଷକର ଅବଶ୍ୟ ପଠନୀୟ ।

ଜନ୍ମବେଳେ ଜୀବନରକ୍ଷା ପାଇଁ ସେ ନିମ୍ନବର୍ଗର ନାରୀଠାରୁ କ୍ଷୀର ଖାଇଥିଲେ । ନ’ଅଙ୍କ ଦୁର୍ଭିକ୍ଷରେ ସର୍ବସ୍ୱାନ୍ତ ପରିବାରରେ ସାମାନ୍ୟ କେତେ ଗୌଣୀ ଧାନ ଓ ମାଣ୍ଡିଆ ପାଇଁ ତାଙ୍କର ସମସ୍ତ ଜମି ହାତଛଡ଼ା ହୋଇଯାଇଥିଲା । ଚାଟଶାଳୀ ଶିକ୍ଷା ପରେ ସେ ପୁରୀରେ ଦୁଇବର୍ଷ ପଢ଼ିଲେ । ନି.ପ୍ରା. ବୃତ୍ତି ୨ ଟଙ୍କା ଷ୍ଟାଇପେଣ୍ଡ ପାଇବା ଥିଲା ଆବଶ୍ୟକତା । ସେଠାରେ ସାହିତ୍ୟ, ଗଣିତ, ଆୟୁର୍ବେଦ ସହିତ ଟୁଣ୍ଟୁଣିକା ଔଷଧ ସମ୍ପର୍କୀୟ ଜ୍ଞାନ ଅର୍ଜନ କରିବା ସହିତ ବଙ୍ଗଳା ଓ ହିନ୍ଦୀ ପଢ଼ି ଲେଖି ଶିଖିଥିଲେ ।

୧୯୧୧ ଡିସେମ୍ବର ୧୨ରେ ସମ୍ରାଟ ପଞ୍ଚମଜର୍ଜଙ୍କର ରାଜ୍ୟାଭିଷେକ କଥା ସେ ଲେଖିଛନ୍ତି । କାକଟପୁର ଭର୍ଣ୍ଣାକୁଲାର ସ୍କୁଲରେ ପଢ଼ିବା ସମୟରେ ବୋଡ଼ିଂରେ ରହିବା ବ୍ୟୟସାଧ ବୋଲି ସେ ମଙ୍ଗଳା ଠାକୁରାଣୀଙ୍କ ପୂଜକ ଘରେ ରହୁଥିଲେ । ସେତେବେଳେ ସ୍କୁଲରେ କଠିନ ଦଣ୍ଡ ମିଳୁଥିଲା । ୬ଷ୍ଠ ଶ୍ରେଣୀରେ ପଢ଼ିବା ସମୟରେ ସେମାନେ ୪ ଜଣ ମାତ୍ର ବିଦ୍ୟାର୍ଥୀ ଥିଲେ । ଶିକ୍ଷକଙ୍କ ମତ ଥିଲା “ଭଲ ହେଲା ଅଗାଡ଼ି ହଜିଗଲେ”– ପୃ-୮

୧୯୨୧ ଅସହଯୋଗ ଆନ୍ଦୋଳନ ସମୟରେ ସେ ସ୍କୁଲ ତ୍ୟାଗ କରିବେ କି ନାହିଁ ଦ୍ୱନ୍ଦ୍ୱରେ ରହିଥିଲେ । ୧୯୨୧ ମହାତ୍ମା ଗାନ୍ଧୀଙ୍କୁ ଦେଖିବା ପାଇଁ ୩୫ ମାଇଲ ଚାଲି ଚାଲି ସାକ୍ଷୀଗୋପାଳ ଆସିଥିଲେ । ଶେଷରେ ମାଟ୍ରିକ୍ ପାଶ୍ କରି ସେ ତତ୍‌କାଳୀନ ବିହାର ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ୧୯୨୨ରେ ୧୫ ଟଙ୍କିଆ ବୃତ୍ତି ପାଇଥିଲେ । ମାଟ୍ରିକ୍ ପାଶ୍ କରିବା ପରେ ରେଲୱେରେ କିରାଣୀ ହେବାକୁ ଦରଖାସ୍ତ ଦେଇଥିଲେ । କେବଳ କୌଣସି ଉପାୟରେ ଅର୍ଥ ଉପାର୍ଜନ କରିବା ଥିଲା ତାଙ୍କର

Digitized by srujanika@gmail.com

ଉଦ୍ଦେଶ୍ୟ । ପାଟଣା ଇଞ୍ଜିନିୟରିଂ କଲେଜରେ ଏଗ୍ରିକଲଚର ପଢ଼ିଲେ ଶୀଘ୍ର ଉପାର୍ଜନକ୍ଷମ ହେବେ ବୋଲି ସେ ପାଟଣା ଆସିଲେ ସତ କିନ୍ତୁ ସେଠାରେ ତାଙ୍କ ମନ ମାନିଲାନି । ସେ ପାଟଣା କଲେଜରେ ନାମ ଲେଖାଇଲେ । ସେଠାରେ ଓଡ଼ିଆମାନଙ୍କୁ ନେଇ କରାଯାଉଥିବା ପରିହାସ ତାଙ୍କର ଅସହ୍ୟ ହେଉଥିଲା । ପନ୍ଦର ଟଙ୍କାର ବୃତ୍ତି ଧରି କୌଣସି ମତେ ସେ ଚଳୁଥିଲେ । ୧୯୨୩ରେ ଗୟାରେ ଜାତୀୟ କଂଗ୍ରେସ ଅଧିବେଶନକୁ ସେ ଯାଇଥିଲେ । ତା'ପରେ ପୁରୀରେ ଆସି ୨ ଜଣ ବିଦେଶିନୀଙ୍କୁ ଓଡ଼ିଆ ପଢ଼ାଇ ସେ କିଛି ଅର୍ଥ ଉପାର୍ଜନ କରିଥିଲେ । ଘରକୁ ଆସି ପୁନର୍ବାର ସେ ପାଟଣା ଗଲେ ଓ ସେଠାରେ ସବୁଜ କବି ଶରତ ମୁଖାର୍ଜୀ ଓ ଅନ୍ନଦାଶଙ୍କରଙ୍କ ସହିତ ତାଙ୍କର ବନ୍ଧୁତ୍ୱ ହୋଇଥିଲା । ପାଟଣାରେ ସଂସ୍କୃତ ପଢ଼ିବାକୁ ସେ ସମୟରେ ଯାଇଥିଲେ କରୁଣାକର କର । ନାରାୟଣ ମୋହନ ଦେ ଥିଲେ ପାଟଣା କଲେଜର ଇଂରାଜୀ ଅଧ୍ୟାପକ । ଟାଇଫଏଡ୍ ସତ୍ତ୍ୱେ ପରୀକ୍ଷାରେ ସେ ୧୯୨୪ରେ ୨ୟ ଶ୍ରେଣୀରେ I.A. ପାସ୍ କଲେ ଓ ବାପା ବିବାହ ମଧ୍ୟ କରାଇଦେଲେ ।

ତା'ପରେ ଆରମ୍ଭ ହେଲା ଚାକିରୀଜୀବନ । ପ୍ରଥମେ ବୀରନରସିଂହପୁର, ତା'ପରେ କାକଟପୁରରେ ଶିକ୍ଷକତା କରିବା ପରେ ସେ ୧୯୨୭ରେ B.Ed ଟ୍ରେନିଂ ପାଇଁ ବିଚାର କଲେ ଓ B.A. ପରୀକ୍ଷା ଦେଲେ । ସେ ସମୟରେ ଶ୍ରୀଧର ଗୋପବନ୍ଧୁଙ୍କ ସଂସ୍ପର୍ଶରେ ଆସିଥିଲେ । ଓଳସିଂହରେ ଶିକ୍ଷକତା ମଧ୍ୟ ତାଙ୍କର ମନ ଲାଖି ନ ଥିଲା । B.Ed. ଟ୍ରେନିଂ ପାଇଁ କଟକ ଟ୍ରେନିଂ କଲେଜ ଆସିଲେ । ପୁନର୍ବାର ଓଳସିଂହରେ ଅଳ୍ପଦିନ ରହି ବଉଦ ଏଡ଼ୱାର୍ଡ଼ ସ୍କୁଲକୁ ଆସିଲେ । ବଉଦରେ ସେ ରାଜା ସାହେବଙ୍କ ବିଶ୍ୱାସଭାଜନ ହୋଇ ଶିକ୍ଷାର ଉନ୍ନତି ପାଇଁ କିଛି କାର୍ଯ୍ୟ କରିଥିଲେ । ବଉଦରୁ ପୁରୀ, ସେଠାରୁ ବାଣପୁର ହାଇସ୍କୁଲ, ଖଣ୍ଡାମରଦା ହାଇସ୍କୁଲ ଯାଇ ସେଠାରୁ ହରିହରପୁର ଏକାଡ଼େମୀ (ପରେ ଶ୍ରୀକୃଷ୍ଣ ଏକାଡ଼େମୀ)ରେ ଯୋଗ ଦେଲେ । ସେଠାରୁ କୋରୁଆ ହାଇସ୍କୁଲ ଓ ପରେ ୧୯୪୪ରେ ଖ୍ରୀଷ୍ଟ କଲେଜରେ ଯୋଗ ଦେଲେ । ଖ୍ରୀଷ୍ଟ କଲେଜରେ ତାଙ୍କଠାରୁ ବିଦ୍ୟା ଅଧ୍ୟୟନ କରିଥିବା ବ୍ୟକ୍ତିମାନେ ଆଜି ମଧ୍ୟ ତାଙ୍କୁ ସ୍ମରଣ କରିଥାଆନ୍ତି । ୧୯୬୮ରେ ସେ ୭୩୦ ଟଙ୍କା ବେତନ ପାଉଥିଲେ ଓ ସେଠାରୁ ଅବସର ଗ୍ରହଣ କରିଥିଲେ ।

Digitized by srujanika@gmail.com

ଏହା ତ ଯେକୌଣସି ଚାକିରୀଜୀବୀର କାହାଣୀ ହୋଇପାରେ । ତେବେ 'ସୁଅ ମୁହଁରେ ପତର' ଭଳି ସେ କ'ଣ ଖାଲି ଭାସିଛନ୍ତି ? ନା ଯେଉଁଠିକି ଯାଇଛନ୍ତି ନିଜ ବ୍ୟକ୍ତିତ୍ୱର ପ୍ରଭାବରେ ସେ ସ୍ଥାନକୁ ନିଜ ପାଇଁ ଉପଯୋଗ କରିଛନ୍ତି । ତାଙ୍କ ଭିତରେ ଗୋଟିଏ ଅନୁଗତ ପୁତ୍ର, ଦାୟିତ୍ୱସମ୍ପନ୍ନ ଗୃହସ୍ଥ, ସ୍ନେହୀ ପିତା. ଶୁଭାକାଙ୍‌କ୍ଷୀ ବନ୍ଧୁ, ବିଶ୍ୱସ୍ତ ଭ୍ରାତା ଓ ଜୀବିକା ପ୍ରତି ବଶମ୍ବଦ ଶିକ୍ଷିତ ବ୍ୟକ୍ତିର ସମନ୍ୱୟ ପରିଦୃଷ୍ଟ ହୁଏ ।

ସେ ଥିଲେ ପିତୃ ଅନୁଗତ । ଚାକିରୀ କରି ପଇସା ଦେବା ସତେ ଯେପରି ତାଙ୍କର ଧର୍ମ ଥିଲା । ତାହା ଅବଶ୍ୟ ସେ ସମୟର ଚଳଣି ଥିଲା । ତେବେ ଦରମା ୪୦ ଟଙ୍କାରୁ ୧୦ ଟଙ୍କାରେ କୌଣସି ମତେ ଚଳି ୩୦ ଟଙ୍କା ଘରକୁ ପଠାଇବାକୁ ବାପା ଚାହୁଁଥିଲେ । ଆଇ.ଏ. ପାସ୍ କରିବା ପରେ ବାପାଙ୍କ କଥା ମାନି ସେ ବିବାହ କରିଥିଲେ; ମାତ୍ର ସନ୍ତାନମାନଙ୍କୁ ନେଇ ସେ ଅଭାବ ଅସୁବିଧା ଏପରି କି ରୋଗଶୋକରେ ଜର୍ଜରିତ ହେଉଥିବା ସମୟରେ ପରିବାରର ସହାନୁଭୂତିରୁ ବଂଚିତ ଥିଲେ । ଅବଶ୍ୟ ଟାଇଫଏଡ୍ ସମୟରେ ବାପା ତାଙ୍କୁ ଶଗଡ଼ଗାଡ଼ି ଦେଇ ପୁରୀରୁ ଘରକୁ ଆଣିଥିଲେ ଓ କବିରାଜ ମାଗୁଣି ବ୍ରହ୍ମା ନିର୍ଦ୍ଦେଶ ଅନୁଯାୟୀ ପଥ୍ୟ ଓ ଔଷଧ ଦେଇଥିଲେ । ସେ ଯେ ଏତେଥର ପାଠ ଛାଡ଼ି ପୁନର୍ବାର ପଢୁଥିଲେ ତା'ର ଏକମାତ୍ର କାରଣ ଥିଲା ଯେ ପୁଅ ଚାକିରି କରିବ । ମାତ୍ର ପୁଅ ବୃତ୍ତି ପାଇବା ଦେଖି ସେ ପୁନର୍ବାର ଅଧିକ ଦରମାର ଚାକିରୀ ପାଇଁ ଉପଯୁକ୍ତ ହେବ ମନେକରି ତାଙ୍କୁ ପଢ଼ାଉଥିଲେ ।

ଶ୍ରୀଧର ଦାସ ଥିଲେ ଦାୟିତ୍ୱସମ୍ପନ୍ନ ପିତା । ବିବାହର ଆଠବର୍ଷ ପର୍ଯ୍ୟନ୍ତ ତାଙ୍କର ସନ୍ତାନସନ୍ତତି ହେଉ ନ ଥିଲେ । ପ୍ରଥମ ସନ୍ତାନ ଥିଲା ଝିଅ । ୧୯୩୩ରେ ପୁତ୍ର ଜନ୍ମ ହୋଇଥିଲା । ସେ ମଧ୍ୟ ଅକାଳରେ ବାହୁଡ଼ି ଯାଇଥିଲା । ଡିପ୍‌ଥେରିଆର ଉପଯୁକ୍ତ ଚିକିତ୍ସା ସେ ପାଇ ନ ଥିଲା । ବାଣପୁରରେ ରହିବାର ଦୁଇବର୍ଷ ପରେ ପୁଣି ଝିଅକୁ ଡିପ୍‌ଥେରିଆ ହେଲା । ଏଥର ପିତା ଶ୍ରୀଧର କନ୍ୟାକୁ ଧରି ଘୋଡ଼ାଗାଡ଼ିରେ କଟକ ଆଣି କୌଣସି ଡାକ୍ତରଖାନାକୁ ଆସି ସେଠାରୁ ନିରାଶରେ ଫେରିଲେ । ସେଠାରୁ ବିନୋଦବିହାରୀ ତା'ପରେ ମାଣିକଘୋଷ ବଜାର ଅଞ୍ଚଳକୁ ଯାଇ ଝିଅକୁ ଆଣ୍ଟିଡିପ୍‌ଥେରିଆ ଇଞ୍ଜେକ୍‌ସନ୍ ଦିଆଇଲେ ଓ ଡାକ୍ତରଖାନାରେ ଭର୍ତ୍ତି କଲେ । ପାଖରେ ଥିବା ତିନିଶହ ଟଙ୍କା ସହିତ ବନ୍ଧୁମାନଙ୍କର ବିଶ୍ୱାସ ଓ ଡାକ୍ତରଙ୍କ ଆଶ୍ୱାସନାରେ

Digitized by srujanika@gmail.com

ଝିଅ ତେରଦିନ ବଡ଼ ଡାକ୍ତରଖାନାରେ ରହି ଭଲ ହେଲା । ତାକୁ ଧରି କଟକରୁ ବାଲୁଗାଁ ଷ୍ଟେସନ ଟ୍ରେନରେ ଆସି ଘରେ ଦୁଆର ବାଡ଼େଇଲା ବେଳକୁ ଘରେ ପ୍ରଥମେ କାନ୍ଦବୋବାଳି ଶୁଭିଲା । ସମସ୍ତେ ଭାବିଥିଲେ ଝିଅଟି ଅବଶ୍ୟ ମୃତ୍ୟୁମୁଖରେ ପଡ଼ିଥିବ । ସେହି କନ୍ୟା ବିଷ୍ଣୁପ୍ରିୟା ପଢ଼ାପଢ଼ିରେ ଏତେ ଉନ୍ନତ ନ ଥିଲେ ମଧ୍ୟ ତାକୁ ସେ ପଢ଼ାଇ ଉପାର୍ଜନକ୍ଷମ କରିଥିଲେ ଓ ନୃତତ୍ତ୍ୱ ପ୍ରଫେସର ନବକିଶୋର ବେଉରାଙ୍କୁ ବିବାହ କଲେ । ଯଦିଓ ବିବାହ ସମୟକୁ ଜାମାତା ମହୋଦୟ ସେକ୍ରେଟାରିଏଟ୍‌ରେ ଲୋୟର ଡିଭିଜନ କିରାଣୀ ଥିଲେ । ନିଜର ଆଗ୍ରହ ଓ ଶ୍ୱଶୁରଙ୍କର ଉପଯୁକ୍ତ ଦିଗ୍‌ଦର୍ଶନ ଫଳରେ ସେ ଉପଯୁକ୍ତ ସମ୍ମାନାସ୍ପଦ କର୍ମରେ ଯୋଗ ଦେଲେ । ପୁତ୍ରମାନଙ୍କ ମଧ୍ୟରେ ଜଗନ୍ନାଥ ପ୍ରସାଦ, ଦ୍ୱିତୀୟ ପୁତ୍ର କୃଷ୍ଣପ୍ରସାଦ ଓ ତୃତୀୟ ପୁତ୍ର ରଘୁନାଥ ପ୍ରସାଦ ନିଜ ନିଜ ପରିଶ୍ରମ, ଭାଗ୍ୟ ସର୍ବୋପରି ପିତାଙ୍କ ସଦିଚ୍ଛାରୁ ଯୋଗ୍ୟତାର ଶୀର୍ଷକୁ ଯାଇଛନ୍ତି ଓ ପିତୃସ୍ମୃତି ରକ୍ଷା ପାଇଁ ସତତ ଚେଷ୍ଟିତ ଅଛନ୍ତି । ଏପରି କି ଅଲାହାବାଦରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାସ୍ କରି ବଡ଼ ପୁଅ ଜଗନ୍ନାଥ ପ୍ରସାଦ ସିଭିଲ ସର୍ଭିସ୍‌ରେ ଯୋଗ ଦେଇଥିଲେ ଓ ସାନଭାଇମାନଙ୍କର ଅଭାବ ପୂରଣ କରିଥିଲେ । ସନ୍ତାନମାନଙ୍କୁ ଉଚ୍ଚଶିକ୍ଷା ଦେବାରେ ଶ୍ରୀଧର ଦାସ ଅକୁଣ୍ଠ ଚିତ୍ତ ଥିଲେ । କାରଣ ନିଜ ଜୀବନରେ ସେ ଯେଉଁ କଷ୍ଟ ପାଇଥିଲେ ତାହା ତାଙ୍କ ପିଲାମାନେ ଭୋଗ କରନ୍ତୁ ଏହା ସେ ଚାହିଁ ନ ଥିଲେ ।

ସ୍ୱାଭିମାନୀ ଓ ସରଳ ବିଶ୍ୱାସୀ ଭାବେ ଶ୍ରୀଧର ଦାସ ସମଗ୍ର ଜୀବନରେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରିଛନ୍ତି । ବହୁ ବିଷମ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ତଥାପି ଭାଙ୍ଗି ପଡ଼ି ନାହାନ୍ତି । ସେ ଗାନ୍ଧୀ ଆଦର୍ଶରେ ଅନୁପ୍ରାଣିତ ଥିଲେ । ସାକ୍ଷୀଗୋପାଳ ଚାଲି ଚାଲି ଯାଇ ଗାନ୍ଧିଜୀଙ୍କ ଦର୍ଶନ କରିଥିଲେ । ପାଟଣାର ସଦାକତ ଆଶ୍ରମରୁ ସେ ଖଦିଲୁଗା କିଣିଥିଲେ । ଗୟାରେ କଂଗ୍ରେସ ଅଧିବେଶନକୁ ଯାଇଥିଲେ ।

ଆଇ.ଏ. ପରୀକ୍ଷା ଫଳ ବାହାରିବା ବେଳକୁ ସେ ଟାଇଫଏଡ୍ ଭୋଗୁଥିଲେ । ଦୁର୍ବଳ ଦେହ ନେଇ ମାତ୍ର ଆଠଅଣା ପଇସା ସହିତ ସେ ବୀର ନରସିଂହପୁର ଚାକିରୀ ପାଇଁ ଆସିଲେ । ବାପା ଔଷଧ ପାଇଁ ମଧ୍ୟ କିଛି ଟଙ୍କା ଦେଲେ ନାହିଁ । ପଣ୍ଡିତ ଜଗନ୍ନାଥ ରଥ ଦେଲେ ପାଞ୍ଚଟଙ୍କା । ମାତ୍ର ସାନଭାଇକୁ ସେ ସେଠାରେ ରଖି ପାଟ

Digitized by srujanika@gmail.com

ପଢ଼ାଉଥିଲେ । ଓଳସିଂହରେ ଛାତ୍ର ଶିକ୍ଷକଙ୍କ ମଧ୍ୟରେ ଥିବା ଗୋଷ୍ଠୀ ବିବାଦରେ ଅତିଷ୍ଠ ହୋଇ ସେ ସ୍କୁଲ ଛାଡ଼ିଲେ । ବଉଦ ଇଷ୍ଟେଟର ରାଜା ସାହେବଙ୍କ ସହିତ ତାଙ୍କର ସୁସମ୍ପର୍କ ଥିଲା ସତ ମାତ୍ର ପରେ ସେ ସେହି ଅନୁଗ୍ରହ ପ୍ରତି ସନ୍ଦେହ ପ୍ରକାଶ କରିଥିଲେ । ଦେୱାନଙ୍କର ପ୍ରାଚୀନ ଚିନ୍ତାଧାରା ତାଙ୍କ କର୍ମରେ ବାଧା ସୃଷ୍ଟି କରିଥିଲା । ମାଇନର ସ୍କୁଲ ହାଇସ୍କୁଲରେ ପରଣିତ ହେଲା । ବୃତ୍ତି ବଢ଼ାଇ ଦିଆଗଲା ଓ Poor Boys Fundରୁ ପିଲାଙ୍କୁ ଅଧିକ ସାହାଯ୍ୟ ମିଳିଲା । ସେଠାରେ ରାଜା ସାହେବ ନିଜ ପିତା ପୂର୍ଣ୍ଣଚନ୍ଦ୍ର ଦେବଙ୍କ ନାମରେ ଭାଷାକୋଷ ନାମିତ କରିଥିବାରୁ ଗୋପାଳ ପ୍ରହରାଜଙ୍କୁ ଆଠହଜାର ଟଙ୍କା ପ୍ରଦାନ କରିଥିଲେ । ମାତ୍ର ରାଜାଙ୍କ ଚାରିତ୍ରିକ ତ୍ରୁଟି ଶ୍ରୀଧରଙ୍କ ଆଖିରେ ପଡ଼ିବାରୁ ସେ କୌଶଳରେ M.Ed କରିବା ବାହାନାରେ ସେଠାରୁ ଚାଲିଆସିଲେ । ବଉଦରୁ ଆସିବା ବେଳେ ସେ ଛୁଟି ନେଇଥିଲେ । ଛୁଟି ଏଡ଼ାଇ ନ ପାରି ସେ ଟେଲିଗ୍ରାମରେ ଇସ୍ତଫା ଦେଲେ । ସେମିତି ଦେୱାନ କୃଷ୍ଣଚନ୍ଦ୍ର ମହାପାତ୍ର ତାଙ୍କୁ ଡକାଇ ହରିହରପୁର ଏକାଡ଼େମୀ ଜଗତସିଂହପୁରରେ ହେଡ଼ମାଷ୍ଟର ରଖାଇଥିଲେ । ନୃସିଂହବାବୁ ନାମକ ଭଦ୍ରଲୋକ ହେଡ଼ମାଷ୍ଟର ହେବାକୁ ପ୍ରତ୍ୟାଶା ଜାଣିବା ପରେ ସେ ନିଜର ସ୍ୱାଭିମାନ ରକ୍ଷା କରି ଦୀର୍ଘଛୁଟିରେ ଯାଇଥିଲେ । ଏପରିକି ଖ୍ରୀଷ୍ଟ କଲେଜର ସବୁ ଦାୟିତ୍ୱ ନିଜେ ଗ୍ରହଣ କରି ଅକ୍ଳାନ୍ତ ପରିଶ୍ରମ କରି ମଧ୍ୟ ସେ ଅନେକ ସମୟରେ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲେ । ଯଥାର୍ଥରେ ସୁଅ ମୁହଁର ପତର ପରି ସେ ଅଜ୍ଞାତ ଦିଗକୁ ଗତି କରୁଥିଲେ ନିଜର ସ୍ୱାଭିମାନ ରକ୍ଷା ପାଇଁ ।

ଶ୍ରୀଧର ଦାସ ନିଜ ସମୟରେ ଅସହଯୋଗ ଓ ଭାରତଛାଡ଼ ଆନ୍ଦୋଳନ ଅଙ୍ଗେ ନିଭାଇଛନ୍ତି । ପଣ୍ଡିତ ଜଗନ୍ନାଥ ରଥ, ରତ୍ନାକର ପତି, ଗୋପବନ୍ଧୁ ଦାସ, ଦାଶରଥି ପଟ୍ଟନାୟକ, ବଉଦର ଦେୱାନ ରାଘବାନନ୍ଦ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ସାହୁ, ବଉଦର ରାଜାସାହେବ, ଗୋପାଳ ପ୍ରହରାଜ, ଉଦୟକର ମିଶ୍ର, ଗୋଦାବରୀଶ ମିଶ୍ର, ଈଶ୍ୱରଚନ୍ଦ୍ର ହୋତା, ଶ୍ରୀକୃଷ୍ଣ ମହାପାତ୍ର, ଶ୍ୟାମସୁନ୍ଦର ପଟ୍ଟନାୟକ, ଗୌରୀକୁମାର ବ୍ରହ୍ମା, ବାନାମ୍ବର ଆଚାର୍ଯ୍ୟ ପ୍ରଭୃତିଙ୍କ ସଂସ୍ପର୍ଶରେ ଆସିଥିଲେ । ପାଟଣାରେ ସେ କହ୍ନେୟାଲାଲ ଶର୍ମା ନାମକ ଭଦ୍ରଲୋକଙ୍କୁ ଭେଟିଥିଲେ । ଯିଏ କହୁଥିଲେ ଯୀଶୁଖ୍ରୀଷ୍ଟ ବୋଲି କେହି ନ ଥିଲେ । ପାଟଣା New College ରେ ବକ୍ତୃତା ଦେଇଥିବା ଆନିବେସାନ୍ତଙ୍କୁ ଦେଖି ଓ ତାଙ୍କର ବିଶୁଦ୍ଧ ଇଂରାଜୀ ଭାଷଣ ଶୁଣି ସେ ପ୍ରଭାବିତ

Digitized by srujanika@gmail.com

ହୋଇଥିଲେ । ବଙ୍ଗଳାର ବାଘ ସାର ଆଶୁତୋଷ ମୁଖାର୍ଜୀ, ପଞ୍ଜାବକେଶରୀ ଲାଲା ଲଜପତ ରାୟ ପ୍ରଭୃତିଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା ।

୧୯୩୭ରେ ସେ ଗୋଦାବରୀଶ ମିଶ୍ରଙ୍କର Political Agent ଭାବେ ଟାଙ୍ଗୀ ଯାଇଥିଲେ । ଗୋଦାବରୀଶ ସେହି ନିର୍ବାଚନରେ ଜିଣି ମନ୍ତ୍ରୀ ହୋଇଥିଲେ । ବେଢେଲଗେଟ ହତ୍ୟା ଭଳି ଘଟଣା ତାଙ୍କୁ ପ୍ରଭାବିତ କରିଥିଲା । ପାଟଣାରେ Quit India Movement ସମୟରେ ସେ M.A. ପରୀକ୍ଷା ଦେଇଥିଲେ । ସେତେବେଳେ ପ୍ରହ୍ଲାଦ ପ୍ରଥମ ଓ ଶ୍ରୀଧର ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଖ୍ରୀଷ୍ଟ କଲେଜରେ ଯୋଗ ଦେବା ବେଳେ ସେ ଗୌରୀକୁମାର ବ୍ରହ୍ମା ଓ ବାନାମ୍ବର ଆଚାର୍ଯ୍ୟଙ୍କୁ ବନ୍ଧୁ ଭାବରେ ପାଇଥିଲେ । ସେ ସମୟରେ ସେ ବିଶ୍ୱବିଦ୍ୟାଳୟ ଶିକ୍ଷା ସମ୍ପର୍କରେ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ ସାକ୍ଷାତ କରିବାକୁ ଦିଲ୍ଲୀ ଯାଇଥିଲେ । ବହୁ ଭାଷାରେ ପାଣ୍ଡିତ୍ୟ ଯୋଗୁଁ ତାଙ୍କର ଇଂରାଜୀ, ବଙ୍ଗଳା ଓ ହିନ୍ଦୀରେ ପ୍ରବେଶ ଥିଲା, ଯାହା ତାଙ୍କୁ ସଫଳ ଅନୁବାଦକର ଭୂମିକା ଦେଇଥିଲା । ୧୯୩୯ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ସଚେତନ ଗୃହସ୍ଥ ଭାବେ କିରୋସିନୀ ଟିଣ କିଣି ସାଇତି ରଖୁଥିଲେ ।

ଖ୍ରୀଷ୍ଟ କଲେଜ ତାଙ୍କ ପ୍ରତିଭାର ଉପଯୁକ୍ତ ଲାଳନ କରିଥିଲା । ସେଠାରେ ସେ ନିଜର ଦକ୍ଷତାର ଉପଯୋଗ ପାଇଁ ସୁଯୋଗ ପାଇଥିଲେ । ପାଠ୍ୟ ଉପଯୋଗୀ (କୋର୍ସର ସହଯୋଗୀ) ପୁସ୍ତକ ଲେଖି କିଛି ଆୟ ମଧ କରିଥିଲେ । କେଉଁଠି ଚାଟଶାଳୀ ଶିକ୍ଷା ଆଉ ଅବଧାନଙ୍କୁ ସିଧା ଦେବାରୁ ଆରମ୍ଭ କରି ବଉଦ ଇଷ୍ଟେଟ, ରାଜା ମହାରାଜା, ଦେୱାନ କୃଷ୍ଣଚନ୍ଦ୍ର ମହାପାତ୍ର, ଶେଷରେ Christian Board ପରିଚାଳିତ ଖ୍ରୀଷ୍ଟ କଲେଜରେ ସେ କାମ କରିଛନ୍ତି । କଟକ ଟ୍ରେନିଂ କଲେଜରେ ପଢ଼ିବା ବେଳେ ସେ ଭାରତ ବିଦ୍ୱେଷୀ ହ୍ୱିଟ ମୋର (ପ୍ରିନ୍‌ସିପାଲ)ଙ୍କ ପାଖରେ ପାଠ ପଢ଼ିଛନ୍ତି ଓ ପରେ ହେଣ୍ଡରସନ ନାମକ ପ୍ରିନ୍‌ସିପାଲ ଆସିଛନ୍ତି, ଯାହାଙ୍କ ବ୍ୟକ୍ତିତ୍ୱକୁ ଶ୍ରୀଧର ଦାସ ପସନ୍ଦ କରିଛନ୍ତି ।

ସେ ସମୟର ରାସ୍ତାଘାଟ ଗମନାଗମନର ଅସୁବିଧା ମଧ ସେ ନିଜ ଅନୁଭବରୁ ଉଲ୍ଲେଖ କରିଛନ୍ତି । ରୋଗୀଣା ଝିଅକୁ ନେଇ କଟକ ଆସିବାବେଳର କଷ୍ଟ ଅକଳନୀୟ । ବଉଦର King Edward Schoolରେ ଚାକିରି କରିବାକୁ ଯିବା ବେଳେ ସେ

Digitized by srujanika@gmail.com

ଟ୍ରେନ୍‌ରେ ରେଢାଖୋଲ ଯାଇ ସେଠାରୁ ଘୋଡ଼ାଗାଡ଼ିରେ କିଆକଟା ଓ କିଆକଟାରୁ ବଳଦଗାଡ଼ିରେ ଯାଇଥିଲେ । ପରେ ବଉଦ ଷ୍ଟେଟର ଅଷ୍ଟିନ୍ ଗାଡ଼ିରେ ଯାଇ ପହଞ୍ଚିଲେ ଓ ଦେଓ୍ୱାନଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ବି.ଏ. ପରୀକ୍ଷା ଫଳ କେଉଁଠି ବାହାରିଛି ବୋଲି ଦଶଜଣଙ୍କୁ ପଚାରିବା ପରେ ପାଟଣାର Search light ପତ୍ରିକା ବୋଲି ଜାଣିଲେ । ପୁଣି ସେତକ ଦେଖିବା ପାଇଁ ରଘୁନନ୍ଦନ ଲାଇବ୍ରେରୀ ଖୋଲିବା ଯାଏ ନ ଖାଇ ନ ପିଇ ସେଠାରେ ଅପେକ୍ଷା କରିଥିଲେ ।

ସମଗ୍ର ଆତ୍ମଜୀବନୀ ଭିତରେ ଆମେ ଶ୍ରୀଧର ଦାସଙ୍କର କର୍ତ୍ତବ୍ୟନିଷ୍ଠାର ପରିଚୟ ପାଇଥାଉ । ପିଲାଦିନେ ବାପାଙ୍କୁ ପଇସା ପଠାଇବା ପାଇଁ ସେ ନିଜେ କଷ୍ଟରେ ଚଳିଥିଲେ । ପରିଣତ ବୟସରେ ସାନଭାଇଙ୍କର ସ୍ୱାର୍ଥପରତାର ଶିକାର ହୋଇଛନ୍ତି । ଏହାକୁ ଆମେ ତାଙ୍କର ସରଳ ବିଶ୍ୱାସରେ ଠକି ଯାଇଯିବା ଭଳି ସରଳତା କହିପାରିବା । ତେବେ ସଂସାରୀ ବ୍ୟକ୍ତି ଭାବରେ ସେ ପତ୍ନୀଙ୍କ ନାମରେ ଜମି କିଣିଛନ୍ତି ଓ ଘର କରିଛନ୍ତି ।

ଶ୍ରୀଧର ଦାସ ସମଗ୍ର ଜୀବନ କଠିନ ପରିଶ୍ରମ କରିଛନ୍ତି । ବହୁ ପୁସ୍ତକ ରଚନା କରିଛନ୍ତି । ଉତ୍ତମ ଶିକ୍ଷକ ଭାବରେ ଛାତ୍ରମାନଙ୍କର ଭକ୍ତି ଭାଜନ ହୋଇଛନ୍ତି । ସାଧାରଣ ଭାବରେ ଅସାଧାରଣ ଏହି ବ୍ୟକ୍ତିଙ୍କର ଆତ୍ମଜୀବନୀ ପଠନ କଲେ ଆମେ ସେ କାଳର ବ୍ୟାପକ ଚିତ୍ର ପାଇବା ସହିତ ତାଙ୍କର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀର ପରିଚୟ ପାଇପାରିବା । ହଁ, ସେ ସୁଅ ମୁହଁର ପତର ଭଳି ଭାସି ଚାଲିଛନ୍ତି ସ୍ରୋତର ଅନୁକୂଳରେ, ମାତ୍ର ପଥର ଭଳି ସକଳ ଦୁର୍ବିପାକ ସହି ନିଜକୁ ପ୍ରତିଷ୍ଠା କରିପାରିଛନ୍ତି ।

■■■

Digitized by srujanika@gmail.com

ବହୁବିଧ ଗୁଣର ସାଧକ

ପ୍ରଫେସର ଗଣେଶ୍ୱର ଦାସ

ସାରଳା ସାହିତ୍ୟ ସଂସଦ, ଓଡ଼ିଶା, କଟକର ଚିଠିଟିଏ ପାଇଲି ଯେ ଅଧ୍ୟାପକ ପଣ୍ଡିତ ୰ ଶ୍ରୀଧର ଦାସଙ୍କର ଆସନ୍ତା ଶ୍ରାଦ୍ଧ ଉତ୍ସବରେ ତାଙ୍କ ପ୍ରତି ସମର୍ପିତ ଏକ ଗ୍ରନ୍ଥ ପ୍ରକାଶ କରାଯାଉଛି । ପ୍ରସ୍ତାବିତ ଗ୍ରନ୍ଥରେ ମହାନ୍ ବ୍ୟକ୍ତିଙ୍କର ସାରସ୍ୱତ କୃତିର ସ୍ମୃତିଚାରଣକୁ ଲିଖିତାକାରରେ ପ୍ରକାଶ କରାଯିବ ।

ପରମଗୁରୁ ୰ ପଣ୍ଡିତ ଶ୍ରୀଧର ଦାସଙ୍କ ସାହିତ୍ୟକୃତି ବିଷୟରେ କିଛି ଲେଖିବା ମୋର ସ୍ୱଳ୍ପଜ୍ଞାନ ହେତୁ ସମ୍ଭବ ନ ହେଲେ ବି ତାଙ୍କ ସହିତ ଘନିଷ୍ଠ ସମ୍ପର୍କ ଥିବା ହେତୁ କଥା ଦି'ପଦ ଲେଖିବାର ପ୍ରୟାସ କରୁଅଛି ।

କଟକରେ ଆମ ପୈତୃକ ଘର ଥାଏ ଡଗରପଡ଼ା କ୍ଷୋନିରୋଡ଼ରେ । ଆମ ଘରକୁ ଲାଗି ଗୋଟିଏ ଅନାଥ ଆଶ୍ରମ ଥାଏ, ଯାହା କି ୰ ସ୍ୱାମୀ ବିଚିତ୍ରାନନ୍ଦ ଦାସ (ଓଡ଼ିଶା ହାଇକୋର୍ଟର ପ୍ରଥମ ଆଡ଼ଭୋକେଟ ଜେନେରାଲ)ଙ୍କଦ୍ୱାରା ପରିଚାଳିତ ହେଉଥାଏ । ଉକ୍ତ ଆଶ୍ରମକୁ ଲାଗିକରି ଥିବା ଛୋଟ ଘରଟିରେ ରହୁଥାନ୍ତି ବିଜ୍ଞ, ବିଦ୍ୱାନ, ପଣ୍ଡିତ ଶ୍ରୀଧର ଦାସ ଯେ କି କଟକ ଖ୍ରୀଏଷ୍ଟ କଲେଜର ଅଧ୍ୟାପକ ଏବଂ ପରେ ପରେ ଅଧ୍ୟକ୍ଷ ରୂପେ କାର୍ଯ୍ୟ କରୁଥାନ୍ତି । ତାଙ୍କର ବଡ଼ ପୁଅ ଜଗନ୍ନାଥ (ଜେ.ପି. ନାମରେ ପରିଚିତ) ଯଦିଓ ମୋର ଦୁଇଟି ତଳ ଶ୍ରେଣୀରେ ପଢୁଥାନ୍ତି, ମୋର ଅତି ଅନ୍ତରଙ୍ଗ ବନ୍ଧୁ ହୋଇଗଲେ । ପରେ ପରେ ତାଙ୍କର ବିଦ୍ୟା ଏବଂ କର୍ମ କ୍ଷେତ୍ରରେ ଉତ୍ତରୋତ୍ତର ଉନ୍ନତି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ପିଲାଟି ଦିନରୁ ତାଙ୍କ ବାପାଙ୍କର ସାହିତ୍ୟ ସାଧନା ତାଙ୍କୁ ବହୁ ପରିମାଣରେ ପ୍ରଭାବିତ କରିଥିଲା । ଜଗନ୍ନାଥଙ୍କ

Digitized by srujanika@gmail.com

ଉଚ୍ଚକୋଟୀର କବିତ୍ୱ, ଚାରୁକଳାରେ ଆଗ୍ରହ କ୍ରମେ ଭାରତବର୍ଷ ଏବଂ ଅନ୍ୟାନ୍ୟ ଦେଶମାନଙ୍କର କବି, ଲେଖକ, କଳାକାରମାନଙ୍କୁ ପ୍ରଭାବିତ କରିଥିଲା । ସେ ଆଇ.ଏ.ଏସ୍. ଚାକିରୀରେ ଉଚ୍ଚ ସୋପାନକୁ ଉନ୍ନୀତ ହେବା ପରେ ସେଥିରୁ ଇସ୍ତଫା ଦେଇ ସାହିତ୍ୟ ଓ କଳାରେ ନିଜକୁ ବ୍ୟସ୍ତ ରଖି କ୍ରମେ ପୃଥିବୀର ଜଣେ ବିଶିଷ୍ଟ ବ୍ୟକ୍ତି ହିସାବରେ ନିଜର ପରିଚୟ ସୃଷ୍ଟି କଲେ । ଠିକ୍ ତାଙ୍କ ପରି ଅନ୍ୟ ଦୁଇ ଭାଇ ମଧ୍ୟ ନିଜ ନିଜ ଚାକିରୀ କ୍ଷେତ୍ରରେ ବହୁତ ଉନ୍ନତି କରିଥିଲେ । ୩ ଜଣ ପୁଅ ଏବଂ ଏକମାତ୍ର ଝିଅ ଓ ସ୍ୱାଇଁ ୰ ପଣ୍ଡିତ ଶ୍ରୀଧର ଦାସଙ୍କର ଗର୍ବ ଓ ଗୌରବ ସୃଷ୍ଟି କଲେ ।

ପ୍ରତିଦିନ ସନ୍ଧ୍ୟାରେ ମୁଁ ଓ ଜଗନ୍ନାଥ ସାର୍‌ଙ୍କ ସହିତ ଘର ସମ୍ମୁଖରେ ଥିବା ନଈବନ୍ଧରେ ସାନ୍ଧ୍ୟ ଭ୍ରମଣ କରୁ ଏବଂ ସେଇ ସମୟରେ ସାର୍ ଅନେକ ପାଠ୍ୟ ପୁସ୍ତକର ଆଲୋଚନା କରି ଚାଲୁଥାନ୍ତି । ଆମ ମନରେ ଆନନ୍ଦ ସୃଷ୍ଟି ହୁଏ ଏବଂ ସାର୍‌ଙ୍କ କହିବା କଥା ମନେ ରହିଯାଏ । ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟ ପୁସ୍ତକ ତଥା ବିଶିଷ୍ଟ ଲେଖକମାନଙ୍କ ବିଷୟରେ ମଧ୍ୟ ସାର୍ ଗଳ୍ପ ଆକାରରେ କହି ଚାଲନ୍ତି । ବିଦଗ୍ଧ ଚିନ୍ତାମଣି, ରସକଲ୍ଲୋଳ ପ୍ରଭୃତି ପୁସ୍ତକ ତଥା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଲିଖିତ ରଚନା ଓ କବିତା ସବୁ କିଛି ସାର୍‌ଙ୍କର କଣ୍ଠସ୍ଥ ଥାଏ । ସେ ସବୁ ଶୁଣି ଆମ ମନରେ ଆନନ୍ଦ ସୃଷ୍ଟି ହୁଏ ।

୰ ପ୍ରଫେସର ପଣ୍ଡିତ ଶ୍ରୀଧର ଦାସ ଥିଲେ ବହୁବିଧ ଗୁଣର ଅଧିକାରୀ ତଥା ଜଣେ ନିଷ୍ଠାପର ଜ୍ଞାନ ସାଧକ । ଅତି ସରଳ ସ୍ୱଭାବ । ବେଶ୍ ଉଦାର ତାଙ୍କ ମନ । ସେ ଜଣେ ମଣିଷ ପରି ମଣିଷ । ସେ ଏକାଧାରରେ ଜଣେ ଶିକ୍ଷକ, ଅଧ୍ୟାପକ, ପାଠ୍ୟପୁସ୍ତକ ରଚୟିତା, ବ୍ୟାକରଣକାର ତଥା ପ୍ରବୀଣ ଲେଖକ, ଅନୁବାଦକ, ସମ୍ପାଦକ, ଜୀବନୀ ଲେଖକ ଓ ଆତ୍ମଜୀବନୀ ରଚୟିତା । ବେଶ୍ ସରଳ ତରଳ ମଣିଷ ହେଲେ ବି ରଚନା କରିଛନ୍ତି ଶତାଧିକ ପୁସ୍ତକ ।

ନମୁନା ସ୍ୱରୂପ ଏ ବୟସରେ ମୋ ପାଖରେ ଥିବା କେତେଖଣ୍ଡ ପୁସ୍ତକ ଦେଖିଲେ ଏବେ ବି ତାଙ୍କ କଥା ମନେ ପଡ଼ିଯାଏ । ବହିଟି ପଣ୍ଡିତ ନାରାୟଣ ମିଶ୍ରଙ୍କ

Digitized by srujanika@gmail.com

ସହଯୋଗରେ ୧୯୪୩ ମସିହାରେ ପ୍ରଥମ ଛପା ହୋଇଥିବା "ସର୍ବସାର ବ୍ୟାକରଣ" ଏବେ ବି ସର୍ବସାର ହୋଇ ରହିଛି । ସେ ବହିର ବହୁ ସଂସ୍କରଣ / ମୁଦ୍ରଣ ପରେ ବି ବହୁ ବ୍ୟାକରଣ ପ୍ରଣେତା ନିଜ ବହି ଲେଖିଲାବେଳେ ପ୍ରକାଶ୍ୟରେ ହେଉ ବା ଗୋପନୀୟ ଭାବରେ ହେଉ, ବହିଟିର ସହାୟତା ନେଉଛନ୍ତି ।

୧୯୫୧ ମସିହାରେ ଆଇ.ଏ. ଶ୍ରେଣୀ ପାଇଁ 'ଅଳଙ୍କାର ପ୍ରବେଶ' ପୁସ୍ତକଟି ଅନେକ ଦିନ ଧରି ଛାତ୍ରଛାତ୍ରୀଙ୍କର ପାଠ୍ୟ ପୁସ୍ତକ ଭାବରେ ପ୍ରଚଳିତ ହୋଇ ଆସିଥିଲା । ପୁଣି ତାଙ୍କ ଲିଖିତ ଜୀବନୀ ପୁସ୍ତକଗୁଡ଼ିକ ମଧ୍ୟ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ । କବିବର ରାଧାନାଥ, ସ୍ୱଭାବକବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର, କବିସୂର୍ଯ୍ୟ ବଳଦେବ ରଥ ତଥା ସନ୍ଥ ସାଧୁ ସୁନ୍ଦର ଦାସ ପ୍ରମୁଖ ସାହିତ୍ୟକାରଙ୍କ ଜୀବନୀ ରଚନା କରିଥିଲେ । ପରେ ପଣ୍ଡିତ ଶ୍ରୀଧର ଦାସ 'ପଞ୍ଚ ପ୍ରଦୀପ' ନାମରେ ଉତ୍କଳ ବିଶ୍ୱବିଦ୍ୟାଳୟର ନିମ୍ନଶ୍ରେଣୀ ପାଇଁ ଅତିରିକ୍ତ ସାହିତ୍ୟ ଭାବରେ ଏକ ପୁସ୍ତକ ରଚନା କରିଥିଲେ । ୧୦୫ ପୃଷ୍ଠାର ଏଇ ପାଠ୍ୟ ପୁସ୍ତକରେ ରାଧାନାଥ, ମଧୁସୂଦନ, ଗଙ୍ଗାଧର, ବିଶ୍ୱନାଥ ଓ ନନ୍ଦକିଶୋରଙ୍କ ସମ୍ପର୍କରେ ବିଷଦ୍ ଆଲୋଚନା ହୋଇଥିଲା ।

ଅଧ୍ୟାପକ ଶ୍ରୀଧର ଦାସ, ପଣ୍ଡିତ ନାରାୟଣ ମିଶ୍ରଙ୍କ ସହଯୋଗିତାରେ ୧୯୬୯ରେ ପ୍ରସ୍ତୁତ କରିଥିଲେ ତାଙ୍କର ବହୁ ପ୍ରଚଳିତ ୬୦୦ ପୃଷ୍ଠାର ବହି 'ବିବିଧ କୋଷ' । ଏ ବହିରେ ଗଣବୋଧିନୀ, ନ୍ୟାୟମାଳା, ଉପସର୍ଗ, ଧାତ୍ୱାର୍ଥମାଳା, ଏକାକ୍ଷର କୋଷ ତଥା ପ୍ରତିଶବ୍ଦ ମାଳାର ଅନୁକ୍ରମଣିକା ଓ ପର୍ଯ୍ୟାୟମାଳା ଭାବରେ ସୁନ୍ଦର ବ୍ୟବସ୍ଥା ହୋଇଛି । ତାଙ୍କର ବହୁମୁଖୀ ରଚନା ଏବେ ଅନେକ ପାଠାଗାରରେ ଉପଲବ୍ଧ ।

■■■

Digitized by srujanika@gmail.com

ଶ୍ରୀଧର ମଉସା

ରବୀନ୍ଦ୍ର ନାରାୟଣ ମିଶ୍ର

ଆଜିକୁ ଅଣତିରିଶ ବର୍ଷ ତଳେ ଶ୍ରୀଧର ମଉସା ଏ ଧରାଧାମରୁ ବିଦାୟ ନେଲେ । ତାଙ୍କ ସ୍ମୃତି ସମ୍ବଳିତ ସ୍ମରଣିକାଟିଏ ପ୍ରକାଶ କରିବାକୁ ଅଦ୍ୟାବଧି ଉଦ୍ୟମ ହୋଇ ନ ଥିଲା, ଯାହାହେଉ, କେତେଜଣ ସୁଧୀଜନ ଏ ଦିଗରେ ପ୍ରୟାସ କରି ସ୍ମରଣିକାଟିଏ ପ୍ରକାଶ କରିବା ନିମିତ୍ତ ଯେଉଁ ସାଧୁ ଉଦ୍ୟମ କରିଛନ୍ତି, ସେଥିପାଇଁ ସେମାନେ ଧନ୍ୟବାଦାର୍ହ । ପ୍ରତିଟି ମୁହୂର୍ତ୍ତରେ ଏ ପୃଥିବୀରେ କେତେ କେତେ ଲୋକ ଜନ୍ମଗ୍ରହଣ କରୁଛନ୍ତି ଓ ଏଠାରୁ ବିଦାୟ ନେଉଛନ୍ତି । ସେମାନେ କେଉଁ ଅଜଣା ରାଇଜରୁ ଆସୁଛନ୍ତି ଓ କେଉଁ ଅଜଣା ରାଇଜକୁ ଚାଲି ଯାଉଛନ୍ତି, ସେସବୁ ଆମ ସାଧାରଣ ଲୋକଙ୍କ ପାଇଁ ଅଜଣା ହୋଇ ରହିଯାଇଛି । କେବଳ ମନୁଷ୍ୟ ନୁହନ୍ତି ମନୁଷ୍ୟେତର ପ୍ରାଣୀମାନଙ୍କର ମଧ୍ୟ ଏ ଧରାକୁ ଓ ଧରାରୁ ଅହରହ ଯିବା ଆସିବା ଲାଗି ରହିଛି । ସେ ସବୁର ହିସାବ ଅଦ୍ୟାବଧି କେହି ରଖିପାରି ନାହାନ୍ତି, ରଖିପାରିବା ମଧ୍ୟ ସମ୍ଭବ ନୁହେଁ । ମନୁଷ୍ୟେତର ପ୍ରାଣୀମାନଙ୍କର ଦେହାବସାନ ସହିତ ସେମାନଙ୍କର ସ୍ମୃତିର ମଧ୍ୟ ଅବସାନ ଘଟିଥାଏ । ମାତ୍ର ଅତି ଅଳ୍ପସଂଖ୍ୟକ ମନୁଷ୍ୟ ଏ ସଂସାରରୁ ବିଦାୟ ନେବା ପରେ ଲୋକମାନଙ୍କର ସ୍ମୃତିପଟରେ ରହିଯାଆନ୍ତି ଏବଂ ଗୁଣଗ୍ରାହୀ ବିଦଗ୍ଧ ଲୋକେ ସେମାନଙ୍କୁ ଝୁରି ହୁଅନ୍ତି । ଶ୍ରୀଧର ମଉସା ଥିଲେ ସେମିତି ଜଣେ ବ୍ୟକ୍ତିବିଶେଷ ଯାହାଙ୍କୁ ତାଙ୍କ ଉତ୍ତରପୁରୁଷମାନେ ଭୁଲିପାରି ନାହାନ୍ତି ଧରାଧାମରୁ ତାଙ୍କ ବିଦାୟ ପରେ । ତାଙ୍କ ଜନ୍ମଭୂମି ଥିଲା ବାଣପୁରଠାରୁ ୫ କିଲୋମିଟର ଦୂର ନଇଗୁଆଁଠାରେ । ମାତ୍ର ଶେଷ କର୍ମଭୂମି ଥିଲା କଟକ ନଗର । ବହୁ ବର୍ଷ ଧରି ସେ କଟକ ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରି ଅଧ୍ୟାପକ ହିସାବରେ ସୁନାମ ଅର୍ଜନ କରିଥିଲେ । ତାଙ୍କ ପୀଢ଼ିର ଅଧ୍ୟାପକମାନେ ଏବର ଅଧ୍ୟାପକମାନଙ୍କଠାରୁ ଭିନ୍ନ ଥିଲେ ।

Digitized by srujanika@gmail.com

ଏବେ ଯାହା ଦେଖାଯାଉଛି, ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ସ୍ତରରେ ନିଯୁକ୍ତ ଶିକ୍ଷକମାନେ ସେମାନଙ୍କ ଦରମା ସହିତ କର୍ତ୍ତବ୍ୟକୁ ଯୋଡୁଛନ୍ତି, ମାତ୍ର ଷାଠିଏ ସତୁରୀ ବର୍ଷ ତଳେ ଶିକ୍ଷା କ୍ଷେତ୍ରରେ କର୍ତ୍ତବ୍ୟରତ ଶିକ୍ଷକମାନେ ସେମାନଙ୍କ ଶିକ୍ଷାଦାନକୁ ଦରମାନୁପାତିକ କରୁ ନ ଥିଲେ। ଶିକ୍ଷାଦାନ ସେମାନଙ୍କ ପାଇଁ ଗୋଟିଏ ବୃତ୍ତି ନ ହୋଇ ଜୀବନର ବ୍ରତ ହୋଇ ଯାଉଥିଲା। ସେତେବେଳର ଶିକ୍ଷାନୁଷ୍ଠାନମାନଙ୍କର ପବିତ୍ରତା ଏବେ ଆଉ ଦେଖିବାକୁ ମିଳୁନି। ଶ୍ରୀଧର ମଉସା ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଚାକିରି ପ୍ରାରମ୍ଭ କରି ଶହେ ନବେ ଟଙ୍କା ମାତ୍ର ଦରମା ପାଉଥିଲେ। ମାତ୍ର ସେଥିପ୍ରତି ତାଙ୍କର ଆଦୌ ଦୃଷ୍ଟି ନ ଥିଲା। ନିଷ୍ଠାର ସହିତ ସେ ଶିକ୍ଷାଦାନ କରୁଥିଲେ ବୋଲି ତାଙ୍କର ଛାତ୍ରମାନଙ୍କଠାରୁ ମୁଁ ଶୁଣିବାକୁ ପାଇଛି।

ଘଟଣାକ୍ରମେ ମୋ ବାପା ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଶ୍ରୀଧର ମଉସା କଟକ ଦେଉଳସାହିରେ ମୁସଲମାନ ଜାଗା କିଣିଲେ ଏବଂ ସେହି ଖାଲି ଜାଗାରେ ଶ୍ରୀଧର ମଉସା ଘର କରିସାରିବା ପରେ ଆମେ ୧୯୭୮ ମସିହାରେ ଘର କରି ତାଙ୍କ ପଡ଼ୋଶୀ ହୋଇଗଲୁ। ତା' ପୂର୍ବରୁ ମୁଁ ଶ୍ରୀଧର ମଉସାଙ୍କ ନାଁ ଶୁଣିଥିଲେ ବି ତାଙ୍କୁ ଦେଖିବାର ସୁଯୋଗ ପାଇ ନ ଥିଲି। ପାଖପଡ଼ିଶା ହେବା ପରେ ତାଙ୍କ ସହିତ ପରିଚୟ ହେଲା ଏବଂ ସେ ମଧ୍ୟ ଆମ୍ଭମାନଙ୍କୁ ପୁତ୍ରବତ୍ ସ୍ନେହଦୃଷ୍ଟିରେ ଦେଖୁଥିଲେ। ସକାଳୁ ରାତି ପ୍ରାୟ ଆଠଟା ନଅଟା ବେଳ ପର୍ଯ୍ୟନ୍ତ ପ୍ରାୟ ପନ୍ଦର କୋଡ଼ିଏ ଥର ଚାଲିଆସି ବାବାଙ୍କ ସହିତ କଥାବାର୍ତ୍ତା ହେଉଥିଲେ। ସେମାନଙ୍କ କଥାର ବିଷୟବସ୍ତୁ ଥିଲା ବୌଦ୍ଧିକ। ବାପା ଥିଲେ ସଂସ୍କୃତ ପଣ୍ଡିତ ଓ ତାଙ୍କର ଭଲ ସଂସ୍କୃତ ଜ୍ଞାନ ଥିଲା। ଶ୍ରୀଧର ମଉସା ଓଡ଼ିଆ ଅଧ୍ୟାପକ ହେଲେ ବି ଭଲ ସଂସ୍କୃତ ଜ୍ଞାନର ଅଧିକାରୀ ଥିଲେ। ତେଣୁ ବାପା ଓ ଶ୍ରୀଧର ମଉସାଙ୍କ ଭିତରେ ସାହିତ୍ୟ (ଉଭୟ ସଂସ୍କୃତ ଓ ଓଡ଼ିଆ) ବିଷୟରେ ଚର୍ଚ୍ଚା ଲାଗି ରହିଥିଲା ଦିନସାରା। କ'ଣ ଗୋଟିଏ ଭଲ ବିଷୟ ପଢ଼ିଲେ ଶ୍ରୀଧର ମଉସା ଆମ ଘରକୁ ଦଉଡ଼ି ଆସି କହୁଥିଲେ, "ପଣ୍ଡିତେ... ଏବେ ଯାହା ପଢ଼ିଲି... ।"ଶ୍ରୀଧର ମଉସାଙ୍କର ବ୍ୟାକରଣ ଜ୍ଞାନ ଅଗାଧ ଥିଲା। ମୋର ମନେଅଛି ମୋ ଉଚ୍ଚାରିତ ଗୋଟିଏ ଦୁଇଟି ଶ୍ଳୋକର ସେ ସଂଶୋଧନ କରି ମତେ ଶୁଦ୍ଧ ଭାବରେ ଉଚ୍ଚାରଣ କରିବାକୁ ଶିକ୍ଷା ଦେଇଥିଲେ। କଟକରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ସହକାରୀ ପ୍ରଶାସକ ପଦବୀକୁ ମୋର ବଦଳି ହେଲା ୧୯୮୦ ମସିହାରେ।

Digitized by srujanika@gmail.com

ସେତେବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ମୁଁ 'ଶ୍ରୀମନ୍ଦିର' ପତ୍ରିକାର ସମ୍ପାଦନା କରୁଥିଲି । ସମ୍ପାଦନା କାର୍ଯ୍ୟରେ ମତେ ଅନେକ ସମୟରେ ପୁରୀରୁ ଭୁବନେଶ୍ୱର ଓ କଟକ ଆସିବାକୁ ପଡୁଥିଲା । ମୋର ମନେଅଛି 'ଶ୍ରୀମନ୍ଦିର' ପତ୍ରିକା ପାଇଁ ଶ୍ରୀଧର ମଉସା ସଂଗ୍ରହ କରିଥିବା ଯଦୁମଣିଙ୍କ ଦୁର୍ଲଭ କବିତା 'ଅଶୀଳା' ମୋତେ ଦେଇଥିଲେ ଏବଂ ମୁଁ ତାକୁ 'ଶ୍ରୀମନ୍ଦିର'ରେ ପ୍ରକାଶ କରିଥିଲି । ସେ କବିତାଟି ଓଡ଼ିଆ ସାହିତ୍ୟର ଗୋଟିଏ ଅମୂଲ୍ୟ ରତ୍ନ ଏବଂ ଶ୍ରୀଧର ମଉସା ସେଇଟିକୁ ମୋତେ ଦେଇ ନ ଥିଲେ ଯଦୁମଣିଙ୍କ ସେ ଦୁର୍ଲଭ କବିତାଟି ସବୁଦିନ ପାଇଁ ଲୋକଲୋଚନ ଅଗୋଚରରେ ରହିଯାଇ ଥାଆନ୍ତା । ଅଦ୍ୟାପି ଯେତେବେଳେ ସେ କବିତାଟି ମୋର ମନେପଡ଼େ ବା କୌଣସି ସମୟରେ ମୁଁ କବିତାଟିକୁ ଆବୃତ୍ତି କରେ ଶ୍ରୀଧର ମଉସା ସେତେବେଳେ ମୋ ଆଖିରେ ନାଚି ଉଠନ୍ତି ।

ଶ୍ରୀଧର ମଉସା ଏତେ ଜ୍ଞାନୀ ଥିଲେ ହେଁ ତାଙ୍କଠାରେ ତିଳେ ହେଲେ ଗର୍ବ ଅହଙ୍କାର ନ ଥିଲା । ସେ ଥିଲେ ଅତ୍ୟନ୍ତ ସରଳ ଓ ସାଧୁ ସ୍ୱଭାବର । ତାଙ୍କର ମଧୁର ନିଷ୍କପଟ ବ୍ୟବହାର ସମସ୍ତଙ୍କୁ ପ୍ରୀତ କରି ଦେଇଥିଲା । ସବୁବେଳେ ବୌଦ୍ଧିକ ଚିନ୍ତାରେ ସେ ନିଜକୁ ନିମଗ୍ନ ରଖୁଥିଲେ ଏବଂ ଅଶୀତିପର ବୟସରେ ମଧ୍ୟ ସେ ଅଧ୍ୟୟନରେ ବହୁ ସମୟ ଅତିବାହିତ କରୁଥିଲେ । ବିଂଶ ଶତାବ୍ଦୀର ପ୍ରଥମ ବର୍ଷରେ (୧୯୦୧ ମସିହା) ମଉସା ଜନ୍ମଗ୍ରହଣ କରି ୮୭ ବର୍ଷ ବୟସରେ ୧୯୮୮ ମସିହାରେ ଇହଧାମ ତ୍ୟାଗ କରିଥିଲେ । ୮୭ ବର୍ଷ ସଫଳ ଜୀବନ ଯାପନ କରିଥିବା ମଉସା ଥିଲେ ଜ୍ଞାନ ଓ ପାଣ୍ଡିତ୍ୟର ମୂର୍ତ୍ତିମନ୍ତ ପ୍ରତୀକ ।

ଏହି କ୍ଷୁଦ୍ର ଆଲେଖ୍ୟ ମାଧ୍ୟମରେ ତାଙ୍କ ପବିତ୍ର ସ୍ମୃତିଚାରଣ ପୂର୍ବକ ଏ ଅକିଞ୍ଚନ ତାଙ୍କ ଚରଣରେ ପ୍ରଣତି ଢାଳି ନିଜକୁ ଧନ୍ୟ ମନେ କରୁଛି ।

■■■

Digitized by srujanika@gmail.com

ଯୋଗଜନ୍ମା ସାଧକ : ଶ୍ରୀଧର

ଡଃ ସ୍ନେହଲତା ମିଶ୍ର

ସେଦିନ ଥିଲା... ୧୯୦୧ ମସିହା ଅକ୍ଟୋବର ମାସ ୪ ତାରିଖର ଏକ ଶୁଭ ମୁହୂର୍ତ୍ତ ଯୋଉଦିନ ପଣ୍ଡିତ ଶ୍ରୀଧର ଦାସଙ୍କର ଜନ୍ମ ହୋଇଥିଲା ଏକ ନିତାନ୍ତ ଦରିଦ୍ର ପରିବାରରେ । ଜନ୍ମବେଳୁ ମା'ର କ୍ଷୀର ମଧ ପର୍ଯ୍ୟାପ୍ତ ପରିମାଣରେ ପାଇ ନ ଥିଲେ । ବାଉରାଣୀର କ୍ଷୀର ପିଇ ବଢ଼ିଥିଲେ । ପିଲାବେଳୁ ଦାରିଦ୍ର୍ୟ ଓ ଅଭାବ ପଣ୍ଡିତ ଶ୍ରୀଧରଙ୍କର ଗତିପଥକୁ ରୋକିପାରି ନ ଥିଲା । ଭାଗ୍ୟଦେବୀ ଉଦୟ ହେଲା ପରି ପ୍ରତି ପଦକ୍ଷେପରେ ଶ୍ରୀଧରଙ୍କ ପାଇଁ ସାହାଯ୍ୟ ଓ ସହଯୋଗର ହାତ ଲମ୍ବି ଆସୁଥିଲା । ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଏବଂ ନିଜର ପରିଶ୍ରମ ଓ ବୁଦ୍ଧିବଳରେ ଶ୍ରୀଧର ଦାସ ପିଲାଟି ବେଳୁ ବୃତ୍ତି ପରେ ବୃତ୍ତି ପାଇ ପାଇ ଶ୍ରେଣୀ ପରେ ଶ୍ରେଣୀ ଉତ୍ତୀର୍ଣ୍ଣ ହେଉଥିଲେ । ଘରୁ କୌଣସି ସାହାଯ୍ୟ ନ ଥିଲା । କିନ୍ତୁ ପିତାଙ୍କର ପ୍ରବଳ ଇଚ୍ଛା..." ସେ ଯେମିତି ପାଠ ପଢ଼ି ଚାକିରୀ କରିବେ । ବଡ଼ ପୁଅ ଚାକିରୀ କରିଗଲେ ଘରର ଅଭାବ କିଛି ଦୂର ହୋଇଯିବ । ତେଣୁ ଶ୍ରୀଧରଙ୍କୁ କାହା କାହା ଘରେ ରହି ପାଠ ପଢ଼ିବାକୁ ହେଉଥିଲାଳ ।

କୈଶୋର ବୟସରେ ଦେଶପ୍ରେମର ନିଶା । ୧୯୨୧ରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ, ଅସହଯୋଗ ଆନ୍ଦୋଳନର ଆହ୍ୱାନ ପଣ୍ଡିତ ଶ୍ରୀଧରଙ୍କୁ ବିଚଳିତ କରିଥିଲା । ମହାତ୍ମା ଗାନ୍ଧୀଙ୍କ ଭଳି ଜଣେ ବିଚକ୍ଷଣ ଦେବତୁଲ୍ୟ ବ୍ୟକ୍ତିଙ୍କୁ ସ୍ୱଚକ୍ଷୁରେ ଦେଖିବା ଏବଂ ତାଙ୍କ ଶ୍ରୀମୁଖରୁ ଭାଷଣ ଶୁଣିବା ପାଇଁ ଶ୍ରୀଧର ଦାସ ୩୫ ମାଇଲ ବାଟ ପାଦରେ ଚାଲି ଚାଲି ଯାଇ ସଭାସ୍ଥଳରେ ପହଞ୍ଚିଥିଲେ ଏବଂ ମହାତ୍ମାଙ୍କ ଭାଷଣରେ ଉଦ୍‌ବୁଦ୍ଧ ହୋଇ ଦେଶସେବା କରିବା ପାଇଁ ସ୍କୁଲ ଛାଡ଼ି ଦେଇଥିଲେ । ପାଠ ମଧ ଛାଡ଼ି ଦେଇଥିଲେ । କିନ୍ତୁ ଶ୍ରୀଧର ଦାସ ଥିଲେ ମେଧାବୀ ଛାତ୍ର । ସ୍କୁଲରେ ୧୦/୧୨ ଦିନ ଅନୁପସ୍ଥିତ ରହିବାରୁ ପୁରୀ ଜିଲ୍ଲା ସ୍କୁଲର ତତ୍କାଳୀନ ହେଡ଼ମାଷ୍ଟର ଉପେନ୍ଦ୍ରବାବୁଙ୍କ

Digitized by srujanika@gmail.com

ପରାମର୍ଶରେ ଦେଶସେବା ମନସ୍ଥରୁ ଓହରି ପୁନର୍ବାର ପାଠପଢ଼ାରେ ମନ ଦେଲେ । ଦେଶପ୍ରେମର ନିଶା, ତାଙ୍କୁ ଗୟାରେ ଅନୁଷ୍ଠିତ । (୧୯୨୩ ମସିହା) ଜାତୀୟ କଂଗ୍ରେସ ଅଧିବେଶନକୁ ଟାଣି ନେଇଥିଲା । ସମସ୍ତ ଦେଶପ୍ରେମୀଙ୍କୁ ଦେଖିବା ବିଶେଷ କରି ସୁଭାଷ ବୋଷଙ୍କୁ ଦେଖିବାର ଦୁର୍ବାର ନିଶା, ଶ୍ରୀଧରଙ୍କୁ ପାଟନାରୁ ଗୟା ପର୍ଯ୍ୟନ୍ତ ଟାଣି ନେଇଥିଲା । କିନ୍ତୁ ସମସ୍ତଙ୍କୁ ଦେଖିବା ସତ୍ତ୍ୱେ ସୁଭାଷ ବୋଷଙ୍କୁ ଦେଖି ପାରି ନ ଥିବା ହେତୁ ତାଙ୍କ ମନରେ ଗଭୀର ନୈରାଶ୍ୟବୋଧ ସୃଷ୍ଟି ହୋଇଥିଲା ।

ବିହାର ଇଞ୍ଜିନିୟରିଂ ସ୍କୁଲରେ ଇଞ୍ଜିନିୟରିଂ ପଢ଼ିବାର ସୁବିଧା ସୁଯୋଗ ପାଇଥିଲେ ଶ୍ରୀଧର ଦାସ । ହେଲେ ସେ ପାଠରେ ଶ୍ରୀଧରଙ୍କ ମନ ଲାଗିଲା ନାହିଁ । ତେଣୁ ସେ ଇଞ୍ଜିନିୟରିଂ ପାଠକୁ ପରିତ୍ୟାଗ କରି B.N. କଲେଜରେ I.A. ପାଠରେ ଯୋଗ ଦେଲେ । ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ । ଠିକ୍ ସେହିପରି ବି.ଏନ୍. କଲେଜରେ ପଢ଼ିବାରେ କୌଣସି ଅସୁବିଧା ହେଲା ନାହିଁ । ବୃତ୍ତି ମିଳିଲା, ଚଳିବାର ବ୍ୟବସ୍ଥା ହୋଇଗଲା । କଟକରେ ରେଭେନ୍‌ସା କଲେଜରେ ପାଠ ପଢ଼ିବାର ଇଚ୍ଛାରୁ କିନ୍ତୁ ନିବୃତ୍ତ ହେଲେ । I.A. ପଢ଼ିବା ସମୟରେ ଟାଇଫଏଡ୍ ଜ୍ୱରରେ ତାଙ୍କୁ ପରୀକ୍ଷା ଦେବାକୁ ପଡ଼ିଥିଲା । ଯୋଉଥିପାଇଁ ସେ ଦ୍ୱିତୀୟ ଶ୍ରେଣୀରେ ପାଶ୍ କରିଥିଲେ । ସେତେବେଳେ I.A. ପାଶ୍ କରିବା ଦୁର୍ଲ୍ଲଭ । ପାଖ-ଆଖ ଗାଁରେ କେହି ବି I.A. ପାଶ୍ କରି ନ ଥିଲେ । ଅତ୍ୟନ୍ତ ଆନନ୍ଦରେ ବାପା ଶ୍ରୀଧରଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବିବାହ-ବନ୍ଧନରେ ବାନ୍ଧି ଦେଲେ । ଆୟ ନାହିଁ, ଖାଲି ହାତ । ଘରେ ଚଳିବା କଷ୍ଟ । ସେଥିରେ ପୁଣି ବୋଝ ଦାୟିତ୍ୱର । ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଅତ୍ୟନ୍ତ ଚିନ୍ତାରେ ରହିଥିବା ବେଳେ, ଗୁରୁ ପଣ୍ଡିତ ଜଗନ୍ନାଥ ରଥଙ୍କ ସହାୟତାରେ ବୀର ନରସିଂହପୁର ସ୍କୁଲରେ କିଛି ମାସ ହେଡ଼ମାଷ୍ଟ୍ର ହେବା ପାଇଁ ସୁଯୋଗ ମିଳିଗଲା । ଗୁରୁ ସର୍ବଦା ଶିଷ୍ୟର ଉନ୍ନତି ଓ ସାହାଯ୍ୟ ପାଇଁ ତତ୍ପର । ଏହିଠାରୁ ଆରମ୍ଭ ହେଲା ଶ୍ରୀଧରଙ୍କର କର୍ମମୟ ଜୀବନ ।

ଭଗ୍ନସ୍ୱାସ୍ଥ୍ୟ ଓ ରୁଗ୍‌ଣ ଶରୀର ସତ୍ତ୍ୱେ; ଶ୍ରୀଧର ଦାସ ବୀର ନରସିଂହପୁର ସ୍କୁଲରେ ଯୋଗ ଦେଲେ । ନିଜେ ଚଳି ଘରକୁ ପଇସା ପଠାଇଲେ ଓ ସାନଭାଇଙ୍କୁ ବି ପଢ଼ାଇପାରିଲେ । ଆଇ.ଏ. ଯୋଗ୍ୟତା କମ୍‌ଥିବାରୁ ସେ B.A. ପଢ଼ିବାକୁ ମନସ୍ଥ କଲେ ଏବଂ B.A. ପରୀକ୍ଷାରେ ଉତ୍ତୀର୍ଣ୍ଣ ମଧ୍ୟ ହେଲେ । ଏହି ସମୟରେ ଗୋପବନ୍ଧୁଙ୍କ

Digitized by srujanika@gmail.com

ମୃତ୍ୟୁ ତାଙ୍କୁ ବ୍ୟଥିତ କରିଥିଲା । B.A.ପାଶ୍ ପରେ ମାଇନର ସ୍କୁଲରେ ରହିବାକୁ ଆଉ ଇଚ୍ଛା ହେଲା ନାହିଁ ତାଙ୍କର । ତେଣୁ ମାଇନର ସ୍କୁଲ ପରିତ୍ୟାଗ କରି ଓଲସିଂହ ହାଇସ୍କୁଲରେ ଜଣେ ସହକାରୀ ଶିକ୍ଷକ ରୂପରେ ମାସିକ ୭୦ ଟଙ୍କା ଦରମାରେ ଯୋଗ ଦେଲେ ।

ଆଗକୁ ବଢ଼ିବାର ଦୁର୍ବାର ଇଚ୍ଛା ଯୋଗୁ ଶ୍ରୀଧର ବାବୁ କଟକ ଟ୍ରେନିଂ କଲେଜରେ ଡି.ଇଡ଼ି. ପଢ଼ିଥିଲେ । ଟ୍ରେନିଂ ପରେ ହାଇସ୍କୁଲ ପରିତ୍ୟାଗ କରି ଜଣେ ଟ୍ରେନିଂ ପ୍ରାପ୍ତ ହେଡ଼ମାଷ୍ଟର ଭାବରେ ବଉଦର କିଙ୍ଗ-ଏଡ଼୍ୱାର୍ଡ଼ ସ୍କୁଲରେ ଯୋଗ ଦେଲେ ।

ପଢ଼ିବା ସମୟରେ ଶ୍ରୀଧର ଦାସ, ମଧୁବାବୁ, ଗୋପବନ୍ଧୁ, ଠକ୍‌କର ବାପା, ଲକ୍ଷ୍ମୀ ନାରାୟଣ ସାହୁ, ଆନିବେସାନ୍ତ, ପଞ୍ଜାବକେଶରୀ ଲାଲା ଲଜପତ୍ ରାୟ, ସେତେବେଳର କଲିକତା ବିଶ୍ୱ ବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ଶ୍ରୀ ଆଶୁତୋଷ ମୁଖାର୍ଜୀ ଇତ୍ୟାଦି ବହୁ ମହାନ ଲୋକଙ୍କର ସାନ୍ନିଧ ଲାଭ କରିଥିଲେ ଯାହାକି ତାଙ୍କ ଜୀବନର ଚିନ୍ତାଧାରା ଓ ଗତିପଥକୁ ଅନେକ ମାତ୍ରାରେ ପ୍ରଭାବିତ କରିଥିଲା ।

ଗଡ଼ଜାତ ବଉଦ ସ୍କୁଲରେ କାର୍ଯ୍ୟ କରିବା ସମୟରେ ଶ୍ରୀଧର ଦାସ ଅନେକ ସମ୍ମାନ ଓ ଆତ୍ମସନ୍ତୋଷ ପାଇଥିଲେ । କିନ୍ତୁ ମୁଖ୍ୟ ସମସ୍ୟା ହେଉଥିଲା, ସେଠାର ଭାଷା । ଯୋଉଥିପାଇଁ ସେ ଅନେକ ସମୟରେ ଭାରି ଅଡୁଆରେ ପଡୁଥିଲେ । ତାଙ୍କରି ଉଦ୍ୟମରେ ସେଠାରେ ଶିକ୍ଷାର ବିସ୍ତାର ହେଲା । ନିଜର ନିଷ୍ଠା ଓ ଉଦ୍ୟମ ଯୋଗୁ ବଉଦରାଜା ତାଙ୍କୁ ହେଡ଼ମାଷ୍ଟରରୁ ଏଜୁକେଶନ ଅଫିସର ରୂପେ ନିଯୁକ୍ତ କରିଦେଲେ । ଆତ୍ମସନ୍ତୋଷ ସହିତ ସମ୍ମାନ ଏବଂ ବେତନ ମଧ ଅଧିକ ମିଳିଲା । ଅଭାବ ରହିଲା ନାହିଁ, ଦାୟିତ୍ୱ ବି ବଢ଼ିଗଲା । ଅନେକ ଦାରିଦ୍ର୍ୟର କଷାଘାତ ଭିତରେ ବଢ଼ିଥିବା ଶ୍ରୀଧର ଦାସ ଏବେ ଏଜୁକେଶନ ଅଫିସର । ଦାୟିତ୍ୱ ସହିତ କଠୋର ପରିଶ୍ରମ । କର୍ମ ସାଙ୍ଗକୁ ସଂସାର ବି ବଢ଼ିଛି । ଆୟ ବି ବଢ଼ିଛି । ନିଜ ସହିତ ବାପା-ମା' ଭାଇମାନଙ୍କର ଅଭାବ ପୂରଣ କରିବାକୁ ସେ ସକ୍ଷମ । କିନ୍ତୁ ଭାଗ୍ୟର ବିଡ଼ମ୍ବନା । ସାମାନ୍ୟ ଭାବପ୍ରବଣତା ଓ ଉତ୍ତେଜନାରେ ଭାସିଯାଇ ଶ୍ରୀଧର ଦାସ ଏତେ ସୁନ୍ଦର ଉଚ୍ଚପଦବୀ ସମ୍ପନ୍ନ ଚାକିରୀକୁ ଠୋକ୍‌କର ମାରି ପୁଣି ଓଲସିଂହ ହାଇସ୍କୁଲରେ ହେଡ଼ମାଷ୍ଟର ପଦବୀରେ ଯୋଗ ଦେଲେ । ମହରଗରୁ ଆସି କାନ୍ତାରରେ ପଡ଼ିଲେ । ସେଠିକାର ପରିବେଶ ଓ ଶସ୍ତା

Digitized by srujanika@gmail.com

ରାଜନୀତି ଶ୍ରୀଧରଙ୍କୁ ଭଲ ଲାଗିଲା ନାହିଁ । ତେଣୁ ସେ ସ୍ଥାନ ପରିତ୍ୟାଗ କରିବାକୁ ବାଧ୍ୟ ହେଲେ । ସବୁଠି ସେ ନିଜ ସିଦ୍ଧାନ୍ତ ଓ ଆଦର୍ଶରେ ଅଟଳ ଥିଲେ । ତାଙ୍କ ପ୍ରତି କିଏ ଅନ୍ୟାୟରେ ଦୋଷାରୋପ କଲେ ସଙ୍ଗେ ସଙ୍ଗେ ସେ ପ୍ରତିବାଦ କରିବାକୁ ଭୁଲୁ ନ ଥିଲେ ଏବଂ କାର୍ଯ୍ୟରୁ ଇସ୍ତଫା ଦେଇ ଦେଉଥିଲେ । ସେ ଥିଲେ କର୍ମୀ, ଜ୍ଞାନୀ, ନୀତିବାନ୍ ଓ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ । ତେଣୁ ଗୋଟିଏ କାମ ଛାଡ଼ିଲାବେଳକୁ ଆଉ ଗୋଟିଏ କାମ ତାଙ୍କୁ ଅପେକ୍ଷା କରି ରହିଥିଲା ।

ଅନେକବର୍ଷ ବିଭିନ୍ନ ସ୍କୁଲରେ ହେଡ଼ମାଷ୍ଟର ଦାୟିତ୍ୱ ସଫଳ ଭାବେ ତୁଲାଇ ଶେଷରେ କଟକର ଖ୍ରୀଷ୍ଟିଆନ୍ କଲେଜ (ବର୍ତ୍ତମାନର କ୍ରାଏଷ୍ଟ କଲେଜ)ରେ ୧୯୪୮ ମସିହାରେ ଯୋଗ ଦେଇଥିଲେ । ଦୀର୍ଘଦିନର ସ୍କୁଲ ଅଭ୍ୟାସକୁ କଲେଜରେ ପ୍ରୟୋଗ କରିବାରେ କଷ୍ଟ ହୋଇଥିଲେ ସୁଦ୍ଧା ପରେ ପରେ ଅଭ୍ୟାସରେ ପରିଣତ ହୋଇଯାଇଥିଲା । କଲେଜରେ ଓଡ଼ିଆ-ଖ୍ରୀଷ୍ଟିଆନ୍ ଭେଦଭାବ ଶ୍ରୀଧର ଦାସଙ୍କୁ ବହୁ ବ୍ୟଥିତ କରିଥିଲା ।

ଦୀର୍ଘ ୪୪ ବର୍ଷ ଧରି (୧୯୨୪ ରୁ ୧୯୬୮) ଶିକ୍ଷକତା ଜୀବନରେ ବହୁ ଘାତ-ପ୍ରତିଘାତର ସମ୍ମୁଖୀନ ହେବାକୁ ପଡ଼ିଛି ଶ୍ରୀଧର ଦାସଙ୍କୁ । ମାଇନର ସ୍କୁଲରୁ ହେଡ଼ମାଷ୍ଟର ଭାବେ କାର୍ଯ୍ୟ କରି ନିଜର କର୍ମମୟ ଜୀବନର ଅୟମାରମ୍ଭ କରିଥିଲେ ହେଁ; ଶ୍ରୀଧର ବାବୁ ଅବସର ଗ୍ରହଣ କରିଥିଲେ ଖ୍ରାଏଷ୍ଟ କଲେଜରୁ ୧୯୬୮ ମସିହାରେ ଦୀର୍ଘ ୨୦ ବର୍ଷ ଅଧ୍ୟାପନା ଦାୟିତ୍ୱ ନିର୍ବାହ କରି । ସ୍ୱଳ୍ପ ଆୟ ମଧ୍ୟରେ ମଧ୍ୟ ଦୁଃଖେ କଷ୍ଟେ ଚଳି ସବୁ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବାରେ କେବେ ହେଲେ କୁଣ୍ଠା ପ୍ରକାଶ କରିନାହାନ୍ତି ଶ୍ରୀଧର ଦାସ । ତାଙ୍କର ଚାରୋଟିଯାକ ସନ୍ତାନ ଉଚ୍ଚଶିକ୍ଷିତ ଏବଂ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ।

ନିଜର ଆଦର୍ଶ ଓ ଆତ୍ମନିର୍ଭରଶୀଳତା ଗୁଣ ପାଇଁ ଶ୍ରୀଧର ଦାସ ବାରମ୍ବାର ଜୀବନରେ ପ୍ରତାରିତ ହୋଇଛନ୍ତି ସତ; କିନ୍ତୁ ମଣିଷକୁ ବିଶ୍ୱାସ କରିବାର ଅଭ୍ୟାସ ଛାଡ଼ି ପାରି ନାହାନ୍ତି କିମ୍ବା କାହା ପାଖରେ ଶେଷ ଜୀବନ ପର୍ଯ୍ୟନ୍ତ ହାତ ପତେଇ ନାହାନ୍ତି । ଶତାଧିକ ପୁସ୍ତକ ଲେଖିଛନ୍ତି ସେ । ସେହି ବହିଲେଖାର ଅର୍ଥରେ ନିଜର ବାହ୍ୟ ଖର୍ଚ୍ଚ ତୁଲାଇବା ସହିତ ଜମିବାଡ଼ି, ଘରଦ୍ୱାର କରିଛନ୍ତି । ନବ ଅଭିଧାନଠାରୁ

Digitized by srujanika@gmail.com

ଆରମ୍ଭ କରି ବ୍ୟାକରଣ, ଅଳଙ୍କାର ମଞ୍ଜରୀ, ସାହିତ୍ୟ, ଇତିହାସ, ଭୂଗୋଳ ସବୁ ବିଭାଗରେ ଲେଖନୀ ଚାଳନା କରିଛନ୍ତି ଶ୍ରୀଧର ଦାସ । ଅନେକ ଗ୍ରନ୍ଥର (ଇଂରାଜୀଠାରୁ ସଂସ୍କୃତ) ଅନୁବାଦ କରିଛନ୍ତି । ରୁକ୍ମିଣୀ ବିଭା, ଚିଲିକା, ଦରବାର, ମଥୁରା ମଙ୍ଗଳ, ରସକଲ୍ଲୋଳ ଆଦି କାବ୍ୟର ସମ୍ପାଦନା କରିଛନ୍ତି । ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, କବିସୂର୍ଯ୍ୟ ବଳଦେବ ରଥଙ୍କ ଜୀବନୀ ଲେଖିଛନ୍ତି । ତାଙ୍କ ରଚିତ ସବୁଠାରୁ ଉପଯୋଗୀ ପୁସ୍ତକ ହେଉଛି – ନବ ଅଭିଧାନ, ଅଳଙ୍କାର ମଞ୍ଜରୀ, ଓଡ଼ିଆ ବ୍ୟାକରଣ । ଏହିସବୁ ପୁସ୍ତକ ଓ ଲେଖାର ଆୟ ନ ଥିଲେ ତାଙ୍କ ଜୀବନଯାତ୍ରା ଅସମ୍ଭବ ହୋଇଥାନ୍ତା । ନିଜର ପାଣ୍ଡିତ୍ୟ ଓ ଲେଖା ପାଇଁ ଅଜସ୍ର ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଛନ୍ତି ଶ୍ରୀଧର ଦାସ । ତନ୍ମଧ୍ୟରୁ "ଉତ୍କଳ ସାହିତ୍ୟ ସମାଜ ସମ୍ମାନ" ଓ "ଓଡ଼ିଶା ସାହିତ୍ୟ ଏକାଡ଼େମୀ" ସମ୍ମାନ ଅନ୍ୟତମ ।

ସମୟ ସ୍ରୋତରେ ଅନେକ ଦୁଃଖ-କଷ୍ଟ ସହି ଶ୍ରୀଧର ଦାସ ମଣିଷ ହୋଇଛନ୍ତି ଓ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ନ୍ୟାୟ-ଅନ୍ୟାୟ, ପାପ-ପୁଣ୍ୟର ହିସାବ ସେ ଜାଣନ୍ତି ନାହିଁ, କେବଳ କର୍ମ କରି ଚାଲିଛନ୍ତି ଶେଷ ପର୍ଯ୍ୟନ୍ତ । ସୁଅ ମୁହଁରେ ପତରଟିଏ ପରି ତାଙ୍କର ଜୀବନ । ଯାହା ଭଲ ଲାଗିଛି ତାହାକୁ ବିନା ଦ୍ୱିଧାରେ ଆପଣେଇ ନେଇଛନ୍ତି । ଯେଉଁଠି ଭଲ ନ ଲାଗିଛି ତାକୁ ସେ ତତ୍‌କ୍ଷଣାତ୍ ପରିତ୍ୟାଗ କରିଛନ୍ତି । ହେଲେ ସାଲିସ୍ କରି ନାହାନ୍ତି କୋଉଠି । ଓପାସ ଭୋକରେ ଦିନ କାଟିଥିଲେ ବି ଲକ୍ଷ୍ୟପଥରୁ କେବେହେଲେ ବିଚ୍ୟୁତ ହୋଇ ନାହାନ୍ତି । ଏହିଭଳି ଜଣେ ଯୋଗଜନ୍ମା ସାଧକଙ୍କ ପାଇଁ ସମାଜ ଗର୍ବିତ ।

■■■

Digitized by srujanika@gmail.com

ମହାନ କର୍ମଯୋଗୀ ପ୍ରଫେସର ଶ୍ରୀଧର ଦାସ

ଡକ୍ଟର ହେମନ୍ତ କୁମାର ପରିଡ଼ା

ଓଡ଼ିଆ ଭାଷା ସାହିତ୍ୟର ପ୍ରବୀଣ ସାରସ୍ୱତ ସାଧକ ପ୍ରଫେସର ଶ୍ରୀଧର ଦାସଙ୍କ ସାହିତ୍ୟକୃତି ମୂଲ୍ୟାୟନ କରିବା, ତାଙ୍କର ରଚନାବଳୀକୁ ସମାଲୋଚନା କରିବା ମୋ ଲେଖାର ଉଦ୍ଦେଶ୍ୟ ନୁହେଁ କିମ୍ବା ସେପରି କରିବା ମୋ ପରି ଜଣେ ଇତିହାସ ଅଧ୍ୟାପକ ପାଇଁ ଧୃଷ୍ଟତା ନିଶ୍ଚୟ । ପ୍ରଫେସର ଦାସଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କ ନ ଥିଲା କିମ୍ବା ଜୀବନକାଳ ମଧ୍ୟରେ ତାଙ୍କୁ ଦେଖିବାର ସୁଯୋଗ ମୋ ପାଇଁ ଜୁଟି ନ ଥିଲା । ଯଦିଓ ୧୯୮୮ ମସିହା ଏପ୍ରିଲ ମାସ ୨୪ ତାରିଖ, ତାଙ୍କ ମୃତ୍ୟୁ ବେଳକୁ କଟକର ରେଭେନ୍‌ସା କଲେଜରେ ମୁଁ ସ୍ନାତକୋତ୍ତର ଇତିହାସ ବିଭାଗରେ ଅଧ୍ୟୟନ କରୁଥିଲି । କିନ୍ତୁ ଯେଉଁ କର୍ମସ୍ଥଳ ଖ୍ରୀଷ୍ଟ ମହାବିଦ୍ୟାଳୟରେ ପ୍ରଫେସର ଦାସ ଅଧ୍ୟାପନା କରୁଥିଲେ, ସେହି ପବିତ୍ର ଅନୁଷ୍ଠାନରେ ମୁଁ ଦୀର୍ଘ ଚାରିବର୍ଷ କାଳ ଅଧ୍ୟୟନ କରିବାର ସୁଯୋଗ ପାଇଥିଲି । ସ୍ନାତକ ଶ୍ରେଣୀରେ ପଢୁଥିବା ସମୟରେ ପ୍ରଫେସର ପଠାଣି ପଟ୍ଟନାୟକ, ପ୍ରଫେସର ମହେଶ୍ୱର ମହାନ୍ତି, ପ୍ରଫେସର ପ୍ରାଣରଞ୍ଜନ ଦାସ ଓ ପ୍ରଫେସର ଭାସ୍କର ଖଟାଇଙ୍କଠାରୁ ବେଳେ ବେଳେ ଶ୍ରୀଧର ଦାସଙ୍କ ସାହିତ୍ୟ କୃତି ସମ୍ପର୍କରେ ଶୁଣିବାକୁ ପାଇଥିଲି । ଓଡ଼ିଆ ଭାଷା-ସାହିତ୍ୟ ଜଗତରେ ସେ ଧ୍ରୁବତାରା ଥିଲେ ବୋଲି ସେମାନଙ୍କ ମୁଖରୁ ଶୁଣିଛି । ପରବର୍ତ୍ତୀ ସମୟରେ ଯେତେବେଳେ ବାରବାଟୀ ଷ୍ଟାଡ଼ିୟମ୍‌ରେ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ପାଖରେ ରହି ଜ୍ଞାନମଣ୍ଡଳ ଲେଖାରେ ତାଙ୍କୁ ସହଯୋଗ କଲି, ସେତେବେଳେ ପ୍ରଫେସର ଶ୍ରୀଧର ଦାସଙ୍କ ଉପରେ ଏକ ସ୍ୱତନ୍ତ୍ର ଫାଇଲ ଜ୍ଞାନମଣ୍ଡଳ କାର୍ଯ୍ୟାଳୟରେ ଦେଖିବାକୁ ପାଇଲି । ଶ୍ରୀଯୁକ୍ତ କାନୁନ୍‌ଗୋ ଓଡ଼ିଶାତଥା ଦେଶ ଓ ଦେଶ ବାହାରର ଅନେକ ମହାନ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଫାଇଲ ସବୁ

Digitized by srujanika@gmail.com

ସୃଷ୍ଟି କରି ସାଇତି ରଖିଥାନ୍ତି ଜ୍ଞାନମଣ୍ଡଳ (ଓଡ଼ିଆ ବିଶ୍ୱକୋଷ)ରେ ସେମାନଙ୍କୁ ସ୍ଥାନିତ କରିବା ପାଇଁ । ଏହାଛଡ଼ା ମୋର ପୂଜ୍ୟ ଗୁରୁ ପ୍ରଫେସର ଡକ୍ଟର ପାବକ କାନୁନ୍‌ଗୋ ପ୍ରଫେସର ଶ୍ରୀଧର ଦାସଙ୍କର କର୍ମସ୍ଥଳୀ ଖ୍ରୀଷ୍ଟ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଥିବାରୁ ତାଙ୍କଠାରୁ ମଧ୍ୟ ଅନେକ କଥା ଶୁଣିଥିଲି । ସମୟକ୍ରମେ ସ୍ଥାନୀୟ ରଘୁନାଥ ଜୀଉ ମହାବିଦ୍ୟାଳୟରେ ଇତିହାସ ବିଭାଗରେ ଅଧ୍ୟାପକ ଭାବେ ଯୋଗ ଦେବା ପରେ ଶ୍ରୀଧର ଦାସଙ୍କର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଶା ସରକାରଙ୍କର ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଞ୍ଜିନିୟର ରଘୁନାଥ ପ୍ରସାଦ ଦାସଙ୍କ ସହିତ ସମ୍ପର୍କରେ ଆସିଲି । ଇଂ ଦାସ ସେତେବେଳେ ରଘୁନାଥ ଜୀଉ ମହାବିଦ୍ୟାଳୟ ପରିଚାଳନା ସମିତିର ସକ୍ରିୟ ସଭ୍ୟ ଭାବରେ କାର୍ଯ୍ୟ କରୁଥାନ୍ତି । ଓଡ଼ିଆ ସାହିତ୍ୟ ପ୍ରତି ମୋର ଆଗ୍ରହ ଥିବା ଜାଣି ସେ ମୋତେ ତାଙ୍କ ବାପାଙ୍କର ଆତ୍ମଜୀବନୀ "ସୁଅ ମୁହଁରେ ପତର" ପୁସ୍ତକଟି ପଢ଼ିବାକୁ ଦେଇଥିଲେ । ବାସ୍ତବରେ ସେହି ପୁସ୍ତକଟିକୁ ପଢ଼ିବା ପରେ ମୁଁ କଳନା କରି ନେଇଥିଲି ପ୍ରଫେସର ଦାସ କିଭଳି ମଣିଷଟିଏ ହୋଇଥିବେ । ସତକଥା କହିବାକୁ ଗଲେ ପ୍ରଫେସର ଦାସଙ୍କର କେତୋଟି ଗୁଣ ବା ଚିନ୍ତାଧାରା ମୋ ଚିନ୍ତାଧାରା ସହିତ ସମ୍ପୂର୍ଣ୍ଣ ମିଶି ଯାଉଥିଲା । ସେଥିପାଇଁ ତାଙ୍କଠାରେ ଥିବା ମାନବୀୟ ଗୁଣର କେତୋଟି ଦିଗକୁ ମୋ ଲେଖନୀରେ ସ୍ଥାନିତ କରିବାକୁ ଉଚିତ ମନେ କଲି ।

ପ୍ରଥମ କଥା ହେଉଛି ପ୍ରଫେସର ଦାସ ସମ୍ପୂର୍ଣ୍ଣ ରୂପେ କର୍ମ ଉପରେ ବିଶ୍ୱାସ ରଖୁଥିଲେ । ପୂଜାର୍ଚ୍ଚନା କରି ବା ଦେବାଦେବୀଙ୍କ ଆଶୀର୍ବାଦ ଲାଭ କରି ଫଳପ୍ରାପ୍ତିର ଆଶା ତାଙ୍କର ନ ଥିଲା । "କର୍ମ ମୋହର ନିଜ ଗୁରୁ" ବା "କର୍ମ ହିଁ ଭଗବାନ" ତାଙ୍କ ଜୀବନର ମୂଳମନ୍ତ୍ର ଥିଲା । ସେଥିପାଇଁ ଜୀବନ କାଳ ମଧ୍ୟରେ ଠାକୁର ପୂଜା ବା ଦେବାରାଧନାରେ ସମୟ ବ୍ୟୟ ନ କରି ନିଜ କର୍ତ୍ତବ୍ୟରେ ସର୍ବଦା ମଗ୍ନ ରହୁଥିଲେ । ପ୍ରକୃତରେ ଜଣେ ବାସ୍ତବବାଦୀ ମଣିଷ ଭୂମିକାରେ ସେ ସର୍ବଦା ଅଭିନୟ କରି ଚାଲିଥିଲେ । କାହାର ନିନ୍ଦା ବା ପ୍ରଶଂସା ପ୍ରତି ତାଙ୍କର ଭ୍ରୁକ୍ଷେପ ନ ଥିଲା । ନିଜ ବିବେକାନୁମୋଦିତ କର୍ମକୁ ସେ ସର୍ବଦା ଶ୍ରେଷ୍ଠ ବୋଲି ଭାବୁଥିଲେ । କାହାର ନିନ୍ଦାଗାନ କରିବା ବା କାହାକୁ ବିପଦରେ ପକାଇ ଆନନ୍ଦିତ ହେବା ଭଳି କର୍ମରୁ ସେ ଥିଲେ ବହୁ ଦୂରରେ । ଜଣେ ପ୍ରଖ୍ୟାତ ସାହିତ୍ୟିକ ହୋଇଥିଲେ ହେଁ ବୈଜ୍ଞାନିକ ଚିନ୍ତାଧାରାରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ।

Digitized by srujanika@gmail.com

ଶ୍ରୀଧର ଦାସଙ୍କର ଆଉ ଗୋଟିଏ ଭଲ ଗୁଣ ହେଉଛି, ସେ ଥିଲେ ସରଳ ମଣିଷ, ସରଳ ବିଶ୍ୱାସୀ । ତାଙ୍କ ଜୀବନଶୈଳୀରେ ଗାନ୍ଧୀ-ଗୋପବନ୍ଧୁଙ୍କ ଜୀବନଧାରା ପରିଲକ୍ଷିତ ହୋଇଥିଲା । ଜଣେ ମଣିଷ ପାଇଁ ଯେତିକି ଆବଶ୍ୟକ ସେତିକିରେ ସେ ସନ୍ତୁଷ୍ଟ ହେଉଥିଲେ । ଆବଶ୍ୟକତାଠାରୁ ଅଧିକ ଧନ ସମ୍ପତ୍ତି ଠୁଳ କରିବା ବା ଜୀବନକୁ ଅତ୍ୟନ୍ତ ଭୋଗ ବିଳାସ ମଧ୍ୟରେ ଅତିବାହିତ କରିବାକୁ ସେ ପସନ୍ଦ କରୁ ନ ଥିଲେ । କର୍ମମୟ ଜୀବନର ଆରମ୍ଭ ଓ ଶେଷ ମଧ୍ୟରେ ସେ ଥିଲେ ଏକାକାର । ନିଜର ପିଲାମାନଙ୍କୁ ମଧ୍ୟ ସେଇ ଢାଞ୍ଚାରେ ଗଢ଼ି ତୋଳିବାକୁ ତାଙ୍କର ଇଚ୍ଛା ଥିଲା । ପିଲାମାନଙ୍କୁ ମଣିଷ ପରି ମଣିଷ କରି ସମାଜରେ ଠିଆ କରିବା ପାଇଁ ସେ ନିଜ ଉପାର୍ଜିତ ସମସ୍ତ ଅର୍ଥ ବ୍ୟୟ କରିଥିଲେ । କିନ୍ତୁ ପିଲାମାନଙ୍କ ଭବିଷ୍ୟତ ପାଇଁ କୌଣସି ଅର୍ଥ ସଞ୍ଚୟ କରି ରଖିଥିବାର ଦୃଷ୍ଟାନ୍ତ ନ ଥିଲା ।

ଜଣେ ଉଚ୍ଚକୋଟୀର ଅଧ୍ୟାପକ ଭାବରେ ପ୍ରଫେସର ଦାସଙ୍କର ପ୍ରତିଷ୍ଠା ଥିଲା । ସହକର୍ମୀମାନଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଥିଲା । ଆଜିକାଲିର ଅଧ୍ୟାପକ ଅଧ୍ୟାପିକାମାନଙ୍କ ପରି କମନ୍‌ରୁମ୍‌ରେ ବସି କାହାର କୁତ୍ସାରଟନା କରିବା ବା ଅଯଥା କଥାବାର୍ତ୍ତାରେ ସମୟ ଅପବ୍ୟୟ କରିବା ସପକ୍ଷରେ ସେ ନ ଥିଲେ । ଯେତେବେଳେ ସେ ସହକର୍ମୀଙ୍କ ମେଳରେ ବସୁଥିଲେ, ସାହିତ୍ୟାଲୋଚନା ବା ସାମ୍ପ୍ରତିକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟା ଉପରେ ବିଚାର ବିମର୍ଷ କରୁଥିଲେ । ଛାତ୍ରଛାତ୍ରୀମାନଙ୍କୁ ନିଜର ସନ୍ତାନମାନଙ୍କ ପରି ଦେଖୁଥିଲେ । ପିଲାମାନଙ୍କୁ ସରଳ ଜୀବନଯାପନ ସହିତ ଉଚ୍ଚ ଚିନ୍ତାଧାରାରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଉଥିଲେ । ବାସ୍ତବରେ ଶିକ୍ଷକ ଜୀବନର ମହନୀୟତା ପ୍ରତି ସେ ସର୍ବଦା ସଚେତନ ଥିଲେ ।

ପ୍ରଫେସର ଶ୍ରୀଧର ଦାସଙ୍କର ସବୁଠାରୁ ବଡ଼ ଗୁଣ ହେଲା ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ସେ ଆଦୌ ଭାଙ୍ଗିପଡୁ ନ ଥିଲେ । ଦୁଃଖ ବା ଯନ୍ତ୍ରଣା ସମୟରେ ସେ ଥିଲେ ଅବିଚଳିତ । ନିଜର ଦୁଃଖକୁ କାହା ଆଗରେ ପ୍ରକାଶ କରି ସହାନୁଭୂତି ଆଶା କରିବା ବା କାହାର ସାହାଯ୍ୟ ଭିକ୍ଷା କରିବାକୁ ସେ ଆଦୌ ପସନ୍ଦ କରୁ ନ ଥିଲେ । ମଣିଷ ଜୀବନର ସାରମର୍ମକୁ ସେ ଭଲ ଭାବରେ ଅନୁଭବ କରିଥିଲେ । ଯାହା ସତ୍ୟ ଓ ଚିରନ୍ତନ ତାହାକୁ ଅତି ସହଜରେ ଗ୍ରହଣ କରି ନେଇଥିଲେ ନିଜ କର୍ତ୍ତବ୍ୟ ମଧ୍ୟରେ । ବିଭିନ୍ନ ସମୟରେ ମଣିଷର ବ୍ୟବହାରରେ ପରିବର୍ତ୍ତନ ଏବଂ ପ୍ରତିକୂଳ ପରିସ୍ଥିତିରେ

Digitized by srujanika@gmail.com

ପ୍ରିୟଜନମାନଙ୍କ ଅସହିଷ୍ଣୁ ବ୍ୟବହାରରେ ସେ ଆଦୌ ବିଚଳିତ ହେଉ ନ ଥିଲେ । କାରଣ ଜୀବନକାଳ ମଧ୍ୟରେ ମଣିଷର ଚରିତ୍ରକୁ ସେ ଭଲ ଭାବରେ ଅନୁଶୀଳନ କରି ନେଇଥିଲେ ।

ଆଉ ଗୋଟିଏ ଆଶ୍ଚର୍ଯ୍ୟର କଥା ଦେଖିବାକୁ ମିଳିଥିଲା ପ୍ରଫେସର ଦାସଙ୍କ ଜୀବନରେ । ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ଭାବରେ ତାଙ୍କର ବେଶ୍ ସୁନାମ ଥିଲା । ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚାଳନା କରି ସେ ତାଙ୍କର ଉତ୍କର୍ଷ ଯେ ଦେଖାଇଥିଲେ, ଏଥିରେ ସନ୍ଦେହ ନାହିଁ । ହେଲେ ମାନବ ଜ୍ଞାନର ଅନ୍ୟାନ୍ୟ ବିଭାଗରେ ଯେ ତାଙ୍କର ଅଗାଧ ଜ୍ଞାନ ଥିଲା – ତାହା ହିଁ ଚମକୃତ କରିଥିଲା ଅନ୍ୟମାନଙ୍କୁ । ଇତିହାସ, ଭୂଗୋଳ, ଗଣିତ, ବିଜ୍ଞାନ, ଅର୍ଥନୀତି, ଦର୍ଶନ, ସମାଜନୀତି ବା ଜ୍ୟୋତିଷ ଶାସ୍ତ୍ର – ସବୁ ବିଷୟରେ ତାଙ୍କର ଥିଲା ପ୍ରବେଶ । ଯେତେବେଳେ ଯେଉଁ ବିଷୟରେ ଆଲୋଚନା ହେଲେ, ସେ ତାଙ୍କର ସୁଚିନ୍ତିତ ତଥା ଯୁକ୍ତିଯୁକ୍ତ ମତ ଉପସ୍ଥାପିତ କରିପାରୁଥିଲେ । ତାଙ୍କ ଯୁକ୍ତିରେ କେହି ବି ବିଶ୍ୱାସ କରିପାରୁ ନ ଥିଲେ ଯେ ସେ ହେଉଛନ୍ତି ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ । ତାଙ୍କର ସମସ୍ତ ବିଷୟରେ ଏପରି ଜ୍ଞାନ ଥିବାର ଦେଖି ସହକର୍ମୀମାନେ ପ୍ରଫେସର ଦାସଙ୍କୁ "ଚଳନ୍ତି ଜ୍ଞାନକୋଷ" ବୋଲି ଅଭିହିତ କରୁଥିଲେ ।

ବାସ୍ତବରେ ଶ୍ରୀଧର ଦାସ ଥିଲେ ସାଧାରଣ ମଣିଷ ଭିତରେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ । ତାଙ୍କର ଆତ୍ମଜୀବନୀ "ସୁଅ ମୁହଁର ପତର" ପ୍ରକୃତରେ ଏକ ଉତ୍କୃଷ୍ଟ ଜୀବନୀ ତଥା ଓଡ଼ିଆ ଭାଷା ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ । ପାଠ କଲାବେଳେ ଲାଗେ ସତେ ଯେମିତି ଜୀବନର ସମସ୍ତ ଅନୁଭୂତି ଏଥିରେ ସ୍ଥାନିତ ହୋଇଛି । ଗୀତାଠାରୁ ମୂଲ୍ୟବାନ ଲାଗେ ଏହାର ଭାବ ଓ ଭାବନା । ଶେଷ ଭାଗରେ ମୋର ଅନୁଭୂତିରେ ତାଙ୍କଦ୍ୱାରା ଲିଖିତ ଏହି ଅଂଶଟି ଅତି ଚମତ୍କାର ଜୀବନ ଦର୍ଶନ, ଯାହାକୁ ଏଠାରେ ଉଦ୍ଧୃତ କରିବାକୁ ଉଚିତ ମନେ କରୁଛି – "ନିର୍ବାକ୍ ଚଳଚ୍ଚିତ୍ରଠାରୁ ଆରମ୍ଭ କରି ସବାକ୍ ଚଳଚ୍ଚିତ୍ର ଓ ଟେଲିଭିଜନ ପର୍ଯ୍ୟନ୍ତ ଦେଖିଅଛି । ମନୁଷ୍ୟ ଚନ୍ଦ୍ରରେ ଅବତରଣ କରି ସେଠାରୁ ପ୍ରସ୍ତର ଆଣିବାର ଦେଖିଛି । ଶାକାନ୍ନଠାରୁ ଆରମ୍ଭ କରି ବହୁମୂଲ୍ୟ ପଳାନ୍ନ ଖାଇଛି । ମୁଁ ଦରିଦ୍ରରୁ ଦରିଦ୍ରତର ହୋଇଛି କି ଧନୀ ହୋଇଛି, ତାହା ବୁଝିପାରୁ ନାହିଁ । ଧନୀ ଓ ଦରିଦ୍ର ଶବ୍ଦ ଦୁଇଟି ପରସ୍ପର ସାପେକ୍ଷ ଓ ତୁଳନାତ୍ମକ । ଯେ

Digitized by srujanika@gmail.com

ଅନ୍ୟ ଜଣଙ୍କ ତୁଳନାରେ ଧନୀ, ସେ ଅନ୍ୟ ଏକ ଜଣଙ୍କ ତୁଳନାରେ ଦରିଦ୍ର ହୋଇପାରେ । ମୋର ଜଣେ ବନ୍ଧୁ ମୋତେ ଦରିଦ୍ର ବିଚାରି ଘୋର ଅପମାନ ଦେଇଛନ୍ତି; କିନ୍ତୁ ସେ ଯେ ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ତୁଳନାରେ କେତେ ଦରିଦ୍ର, ତାହା ବୁଝିପାରନ୍ତି ନାହିଁ । ସେହିପରି ମୁଁ ଦୁଃଖୀ କି ସୁଖୀ ସ୍ଥିର କରିପାରି ନାହିଁ । ମୋର ସମସାମୟିକ ଅନେକ ବ୍ୟକ୍ତି ଇହଧାମ ତ୍ୟାଗ କଲେଣି । ମୁଁ ସେମାନଙ୍କ ମଧ୍ୟରୁ କେତେକଙ୍କୁ ସୁଖୀ ମନେ କରିଅଛି; କିନ୍ତୁ ସେମାନେ ଜୀବଦ୍ଦଶାରେ ପ୍ରକୃତରେ ସୁଖୀ ଥିଲେ ବୋଲି କହିବା କଠିନ । ମୁଁ ଅନେକ ସମୟରେ ନିଜକୁ ନିତାନ୍ତ ଦୁଃଖୀ ମନେ କରିଛି । କିନ୍ତୁ ମୋ'ଠାରୁ ଯେ ଦୁଃଖୀ ନ ଥିବେ ବା ନାହାନ୍ତି, ତାହା କହିହେବ ନାହିଁ । ବୋଧହୁଏ ଆଲୁଅ ଅନ୍ଧାର ପରି ସୁଖ, ଦୁଃଖ ପରସ୍ପର ପରିପୂରକ ଓ ଏହି ଦୁହିଁଙ୍କର ସହାବସ୍ଥିତି ଅଛି ।

ମୁଁ ପାପୀ କି ଧାର୍ମିକ, ତାହା ମଧ୍ୟ ଜାଣେ ନାହିଁ । ପାପ ଓ ପୁଣ୍ୟର କୌଣସି ନିର୍ଦ୍ଦିଷ୍ଟ ମାନ ନାହିଁ । ତେଣୁ ଜଣଙ୍କ ଦୃଷ୍ଟିରେ ଯାହା ପୁଣ୍ୟ, ତାହା ଅନ୍ୟ ଜଣକ ଦୃଷ୍ଟିରେ ପାପ ହୋଇପାରେ । ମୋର ମନେହୁଏ ଯାହା ବିବେକାନୁମୋଦିତ, ତାହା ହିଁ ପୁଣ୍ୟ । ଏହି ଦୃଷ୍ଟିରୁ ମୁଁ ନିଜକୁ ଘୋର ପାପୀ ବୋଲି ମନେ କରେ ନାହିଁ ।"

ଅତ୍ୟନ୍ତ ନିଷ୍ଠାପର ସାଧକ ଥିଲେ ପ୍ରଫେସର ଶ୍ରୀଧର ଦାସ । କୌଣସି କାମରେ ହାତ ଦେଲେ ଅତି ନିଷ୍ଠା ଓ ଧୈର୍ଯ୍ୟର ସହିତ ସେ କାମଟିକୁ ପୂର୍ଣ୍ଣ କରୁଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ଆଖିର ଜ୍ୟୋତି ଥିବା ପର୍ଯ୍ୟନ୍ତ ସେ ଅଧ୍ୟୟନରୁ ବିରତ ହୋଇ ନ ଥିଲେ । ଜୀବନକାଳ ମଧ୍ୟରେ ତାଙ୍କର ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣ ବ୍ୟତୀତ ଅନ୍ୟ କୌଣସି ନିଶା ନ ଥିଲା । ତାଙ୍କର ସରଳ ଜୀବନଯାପନ ଓ ଉନ୍ନତ ଚିନ୍ତାଧାରା ଆଜି ତାଙ୍କୁ ଅମର କରି ରଖିଛି । ଓଡ଼ିଆ ଭାଷା-ସାହିତ୍ୟ ଯେ ପର୍ଯ୍ୟନ୍ତ ଅଛି ସେ ପର୍ଯ୍ୟନ୍ତ ପାଠକ ସମାଜ ତାଙ୍କର ଚିରନ୍ତନ ସୃଷ୍ଟି "ସୁଅ ମୁହଁର ପତର"କୁ ଭୁଲିପାରିବେ ନାହିଁ ।

ଅଧ୍ୟାପକ, ଇତିହାସ ବିଭାଗ
ରଘୁନାଥଜୀଉ, କଲେଜ, କଟକ-୮
ମୋ : ୯୯୩୭୧୨୭୮୬୨

■■■

Digitized by srujanika@gmail.com

ଚିର ଅମ୍ଳାନ ପ୍ରତିଭା ଏବଂ ଜୀବନ ସଂଗ୍ରାମର ସଫଳ ନାୟକ ଶ୍ରୀଧର ଦାସ

ଶ୍ରୀମତୀ ମୀରା ବେଉରା

ସମୟର କାଳଚକ୍ରର ବିସ୍ତିର୍ଣ୍ଣ ଗର୍ଭରେ ସଭିଏଁ ହଜିଯାଆନ୍ତି । କିନ୍ତୁ କିଛି ଅମ୍ଳାନ ପ୍ରତିଭା ଆଦୌ ଇତିହାସରେ ହଜି ଯାଆନ୍ତି ନାହିଁ । ବରଂ ସମସ୍ତଙ୍କ ଭିତରେ ବଞ୍ଚି ରହନ୍ତି କାଳ କାଳକୁ । ଆଜିକାଲିର ପ୍ରଚାର ପ୍ରସାର ଯୁଗରେ ଯଦିଓ ପୃଥିବୀର କୋଣ ଅନୁକୋଣରେ ଏଭଳି ବ୍ୟକ୍ତିତ୍ୱ ପ୍ରଚାରିତ ଏବଂ ପ୍ରସାରିତ ହୋଇପାରି ନାହାନ୍ତି; କିନ୍ତୁ ଯେତିକି ଲୋକମାନଙ୍କ ମାନସପଟରେ ସେ ଆଜି ବି ଚିର ଅମ୍ଳାନ ପ୍ରତିଭା ହୋଇ ବଞ୍ଚି ରହିଛନ୍ତି ତାହା କିଛି କମ୍ କଥା ନୁହେଁ । ହୁଏତ ଜାତୀୟ ଅବା ଆର୍ନ୍ତଜାତୀୟ ସ୍ତରରେ ଆଖିଦୃଶିଆ ଭାବେ ସେଭଳି ଉତ୍ସବ ମନା ଯାଇ ନାହିଁ ଶ୍ରୀଧର ଦାସଙ୍କ ଉଦ୍ଦେଶ୍ୟରେ କିନ୍ତୁ ତଥାପି ତାଙ୍କ ସଂଘର୍ଷର କାହାଣୀ ସବୁ ଯୁବପ୍ରାଣକୁ ପ୍ରେରଣା ଯୋଗାଇବ ଏଥିରେ ଆଦୌ ସନ୍ଦେହ ନାହିଁ । ଯେଉଁମାନଙ୍କ ଭାବନା ବଞ୍ଚିବାକୁ ନିଶ୍ଚିତ ଏକ ରାହା ଯୋଗାଇବ ସେହିଭଳି ଅସାଧାରଣ, ସରଳ, କପଟଶୂନ୍ୟ, ସଚ୍ଚୋଟ, ନିର୍ଭୀକ, ପ୍ରଚଣ୍ଡ ସ୍ୱାଭିମାନୀ ସାହସୀ ଦରଦୀ ମଣିଷଟିଏ ଥିଲେ ଶ୍ରୀଯୁକ୍ତ ଶ୍ରୀଧର ଦାସ ମହୋଦୟ । ଏକାଧାରରେ ଥିଲେ ଜଣେ ପ୍ରାଧାପକ, ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ, ଅନୁବାଦକ, ସ୍ୱାଭିମାନୀ ମଣିଷ । ସମସ୍ତଙ୍କ ଜୀବନରେ ପ୍ରତିକୂଳ ପରିସ୍ଥିତି ଆସେ, ଝଡ଼ଝଞ୍ଜା ଆସେ; କିନ୍ତୁ ତାକୁ ସାମ୍ନା କରିବାକୁ ଖୁବ୍ କମ୍ ଲୋକଙ୍କ ଭିତରେ ସାହସ ଥାଏ । ସେହି କମ୍ ସଂଖ୍ୟକ ହାତଗଣତି ଲୋକମାନଙ୍କ ମଧ୍ୟରେ ଶ୍ରୀଧର ଦାସ ଥିଲେ ଅନ୍ୟତମ ଜୀବନଯୁଦ୍ଧର ମୁକ୍ତିସଂଗ୍ରାମୀ । ନିଜ ଜୀବନଯୁଦ୍ଧର ନିଜେ ହିଁ ସାରଥି ଏବଂ ନିଜେ ହିଁ ସଂଗ୍ରାମୀ ।

Digitized by srujanika@gmail.com

ଅନେକ ଘାତ, ପ୍ରତିଘାତ, ଉତ୍‌ଥାନ, ପତନକୁ ନେଇ ତାଙ୍କର ଜୀବନ । ଗୋଟିଏ ଦରିଦ୍ର ପରିବାରରେ ଜନ୍ମ ଲାଭ କରି ମଧ୍ୟ ସେ ଆଦୌ ଭାଙ୍ଗି ପଡ଼ି ନ ଥିଲେ, ଜୀବନ ଯୁଦ୍ଧରେ ହାରି ଯାଇ ନ ଥିଲେ । ପିତା ଥିଲେ ସେତେବେଳର ଟ୍ରେନିଂ ପ୍ରାପ୍ତ ପ୍ରାଥମିକ ଶିକ୍ଷକ । ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଏତେ ଭଲ ନ ଥିବାରୁ ସେ ଏକ ବାଉରୀ ମହିଳାଙ୍କଠାରୁ ସ୍ତନ୍ୟ ପାନ କରି ଜୀବନ ସଂଚୟ କରିଥିଲେ । ପିତା ପ୍ରାଥିମିକ ଶିକ୍ଷକ ହେଲେ ମଧ୍ୟ ଅନେକ ଜ୍ଞାନ ଗୁଣର ଅଧିକାରୀ ଥିଲେ । ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ ପରେ ମଧ୍ୟଭର୍ଣ୍ଣାକୁଲାର ସ୍କୁଲରେ ଚାରିବର୍ଷ ପାଠ ପଢ଼ିଥିଲେ ଶ୍ରୀଧର ଦାସ । ସେକାଳର ହେଡ଼ପଣ୍ଡିତ ଦିବ୍ୟସିଂହ ମହାନ୍ତିଙ୍କ ଜ୍ଞାନଗାରିମାରେ ଖୁବ୍ ପ୍ରଭାବିତ ହୋଇଥିଲେ । ଏହାପରେ ପୁରୀ ଜିଲ୍ଲାସ୍କୁଲରେ ୬ ବର୍ଷ ପାଠ ପଢ଼ିବାର ସୁଯୋଗ ଲାଭ କରିଥିଲେ । ଭବିଷ୍ୟତ ସମ୍ପର୍କରେ ସେ କିଛି ଚିନ୍ତା କରିନଥିଲେ । ପିଲାବେଳୁ ଜାତିର ପିତା ମହାତ୍ମାଗାନ୍ଧୀ ଏବଂ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ଏହାପରେ ମାଟ୍ରିକ୍ ପାଶ୍ କରି ବୃତ୍ତି ମଧ୍ୟ ଲାଭ କରିଥିଲେ । ପଣ୍ଡିତ ସଦାଶିବ ମିଶ୍ର ଏବଂ ପଣ୍ଡିତ ଜଗନ୍ନାଥ ରଥ ଥିଲେ ତାଙ୍କର ଆଦର୍ଶ ଶିକ୍ଷକ । ଏହାପରେ ସେ ବାଙ୍କିପୁର ବିହାର ନ୍ୟାସନାଲ କଲେଜରେ ଦୁଇବର୍ଷ ପାଠ ପଢ଼ିଥିଲେ । ଆଇ.ଏ. ପାସ୍ ପରେ ସେ ୧୯୨୪ ମସିହାର ଜୁଲାଇ ମାସରେ ପ୍ରଥମ ଶିକ୍ଷକ ଜୀବନ ଆରମ୍ଭ କରିଥିଲେ । ଏହିପରି ନାନା ଘାତ ପ୍ରତିଘାତ ମଧ୍ୟରେ ଶିକ୍ଷକତା କରିଥିଲେ । ଏହାପରେ ପାଟଣା ଇଉନିଭରସିଟିରୁ ବି.ଏ. ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ ଓ କିଛିଦିନ ହାଇସ୍କୁଲରେ ଶିକ୍ଷକତା କରିଥିଲେ । ବାଣପୁର ସ୍କୁଲରେ ଶିକ୍ଷକତା କଲାବେଳେ ଗୋଟିଏ ଘଟଣା ତାଙ୍କୁ ପ୍ରଚଣ୍ଡ ସ୍ୱାଭିମାନୀର ପରିଚୟ ଦେଇଥିଲା । ଥରେ ସେ ଜଣେ ସହକର୍ମୀଙ୍କଦ୍ୱାରା ଅପମାନିତ ହୋଇଥିଲେ । ସ୍କୁଲର ହେଡ଼ମାଷ୍ଟର କାଳେ ତାଙ୍କ ପକ୍ଷ ନେଲେ ଅସୁବିଧା ହେବ, ତେଣୁ ଏହି ବିଷୟରେ ସେ ଆପୋଶ ବୁଝାମଣା ଚାହୁଁଥିଲେ । କିନ୍ତୁ ଶ୍ରୀଧର ଦାସ ଆତ୍ମସମ୍ମାନକୁ ବଞ୍ଚାଇବାକୁ ଯାଇ ଉତ୍‌କ୍ଷିପ୍ତ ହୋଇ ଇସ୍ତଫା ଦେଇଥିଲେ । ପରେ ଇସ୍ତଫାପତ୍ର ଫେରାଇ ନେବା ପାଇଁ ସ୍କୁଲର ସମ୍ପାଦକ ଏହା ଶିକ୍ଷାମନ୍ତ୍ରୀ ଗୋଦାବରୀଶ ମହାପାତ୍ରଙ୍କ ଇଚ୍ଛା ବୋଲି କହିଥିଲେ । କିନ୍ତୁ ଏହିକଥା ଯେ ପର୍ଯ୍ୟନ୍ତ ଗୋଦାବରୀଶ ନିଜେ ମୁହଁରେ ନ କହିଛନ୍ତି ସେ ଏହା ଫେରାଇନେବେ ନାହିଁ ବୋଲି ରୋକଠୋକ୍ ମନା କରି ଦେଇଥିଲେ ।

Digitized by srujanika@gmail.com

ତା'ପରେ ସେ ଶିକ୍ଷାମନ୍ତ୍ରୀକୁ ଭେଟିବାକୁ ଯାଇ ସ୍ୱାଭିମାନର ସହିତ କହିଲେ, "ମୁଁ ମନ୍ତ୍ରୀ ମହାଶୟଙ୍କୁ ଭେଟିବାକୁ ଆସିନାହିଁ ଯିଏ ମୋତେ ସ୍କୁଲରେ ଚାକିରି ଦେଇ ସ୍କୁଲକୁ ଗୋଟିଏ ପରିବାର ଭଳି ଚଳାଇବାକୁ କହିଥିଲେ, ମୁଁ ତାଙ୍କରି ପାଖକୁ ଆସିଛି । ତା'ପରେ ଶ୍ରୀଧର ଦାସ ପ୍ରସ୍ତାବ ଦେଲେ ଯେ "ଯିଏ ତାଙ୍କୁ ଅପମାନିତ କରିଛି ସେ ତାଙ୍କୁ କ୍ଷମା ପ୍ରାର୍ଥନା କରୁ । ନିଜ ଦୋଷକୁ ସ୍ୱୀକାର କରୁ ।" ଗୋଦାବରୀଶ ମିଶ୍ର ଆପୋଶ ମିଳାମିଶା କରିବାକୁ କହିବାରୁ ସେ ସଙ୍ଗେ ସଙ୍ଗେ କହିଉଠିଲେ – ଆପଣ ତାଙ୍କ ସମ୍ମାନକୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ମୋ ସମ୍ମାନକୁ ମଧ୍ୟ ସେତିକି ଗୁରୁତ୍ୱ ଦେବା ଦରକାର । ଆପଣଙ୍କ ପକ୍ଷପାତ ନୀତି ଚଳିବ ନାହିଁ । ଏପରି ହେଲେ ମୁଁ ଇସ୍ତଫା ଆଦୌ ଫେରାଇ ନେବି ନାହିଁ । ଏହି ଘଟଣାଟି ଶ୍ରୀଧର ଦାସଙ୍କର ପ୍ରଚଣ୍ଡ ସ୍ୱାଭିମାନର ପରିଚୟ ଦିଏ ।

ଏହାପରେ ସେ ପାଟଣା ଇଉନିଭରସିଟିରୁ ଓଡ଼ିଆରେ ଏମ୍.ଏ ପାଶ୍ କଲେ । ତା'ପରେ ଆରମ୍ଭ ହେଲା ତାଙ୍କର ଅଧ୍ୟାପନା ଜୀବନ । ୧୯୪୪ ମସିହାରେ ରେଭେନ୍‌ସା କଲେଜରେ ନିଯୁକ୍ତି ମିଳିଥିଲେ ମଧ୍ୟ ପଇସାଟିକିଏ କମ୍ ଏବଂ ସରକାରୀ ଚାକିରୀରେ ଅସ୍ଥିରତା ହେତୁ ତାହା ସେ ପ୍ରତ୍ୟାଖ୍ୟାନ କରିଥିଲେ । ପରେ ଖ୍ରୀଷ୍ଟ କଲେଜରେ ଅଧ୍ୟାପନା ଜାରି ରଖିଲେ । ଏହା ପରେ ପରେ Vice-President ଭାବେ ବେସରକାରୀ କଲେଜ ଶିକ୍ଷକ ସଂଘରେ କାର୍ଯ୍ୟ କଲେ ।

ଶ୍ରୀଧର ଦାସ ଜୀବନ ପଥରେ କେତେବେଳେ ମରୁଭୂମିର ତତଲା ବାଲିରେ ଚାଲିଛନ୍ତି ତ ପୁଣି କେତେବେଳେ ଫଗୁଣର ଖିଆଲି ଇସାରାରେ ଚାଲିଛନ୍ତି । ତାଙ୍କର ପାରିବାରିକ ଜୀବନ ମଧ୍ୟ ଅନେକ ଝଞ୍ଜାଳମୟ ଥିଲା । ସେହି ଝଞ୍ଜାଳମୟ ଜୀବନରେ ମଧ୍ୟ ତିନୋଟି ପୁତ୍ରଙ୍କୁ ଜନ୍ମ ଦେଇ ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ସେତେବେଳର ସମାଜରେ ସୁଯୋଗ୍ୟ, ଆଦର୍ଶ ଏବଂ ପ୍ରତିଷ୍ଠିତ କରାଇ ପାରିଥିଲେ । ନିଜର ଅସୀମ ଅଧ୍ୟବସାୟଦ୍ୱାରା ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ଏକ ପ୍ରଚଣ୍ଡ ପ୍ରତିଭାରେ, ସେ ବ୍ୟାକରଣ ହେଉ, ଅବା ଅନୁବାଦ ପୁସ୍ତକ ହେଉ, ସେ ପାଠ୍ୟ ପୁସ୍ତକ ହେଉ ଅବା ସମ୍ପାଦନା ପୁସ୍ତକ ହେଉ ବା ଜୀବନୀ ହେଉ; ତାଙ୍କର ଅଜସ୍ର ସାହିତ୍ୟକୃତି ଆଜି କେବଳ ଉତ୍କଳର ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରି ନାହିଁ, ସମଗ୍ର ଭାରତବର୍ଷକୁ ମଧ୍ୟ

Digitized by srujanika@gmail.com

ରଞ୍ଜିମନ୍ତ କରୁଛି । ତାଙ୍କର ଆତ୍ମଜୀବନ ପୁସ୍ତକ 'ସୁଅ ମୁହଁରେ ପତର' କେବଳ ଯେ ଓଡ଼ିଶାବାସୀଙ୍କୁ ପ୍ରେରଣା ଦେବ ତା' ନୁହେଁ ଏହା ସମଗ ଭାରତବର୍ଷକୁ ପ୍ରେରଣା ଦେବାକୁ ସକ୍ଷମ ହେବ, ଏଥିରେ ଆଦୌ ସନ୍ଦେହ ନାହିଁ । ଅନେକ ସମ୍ମାନର ମଧ୍ୟ ସେ ଅଧିକାରୀ । ଯାହା ଉତ୍କଳ ସାହିତ୍ୟ ସମାଜର ହୀରକ ଜୟନ୍ତୀରେ ପୁରସ୍କୃତ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସୋଭିଏତ୍ ନେହେରୁ ଆୱାର୍ଡ଼ କମିଟି ଏବଂ ଓଡ଼ିଶା ସାହିତ୍ୟ ସମାଜ ଖ୍ରୀଷ୍ଟ ମହାବିଦ୍ୟାଳୟ, ଆଦି ପକ୍ଷରୁ ସେ ସମ୍ବର୍ଦ୍ଧିତ ଏବଂ ସମ୍ମାନିତ । ତାଙ୍କର ସଂଘର୍ଷମୟ କାହାଣୀ ସୁଅ ମୁହଁରେ ପତର ହୋଇ ଭାସି ଯାଇ ନାହିଁ । ବରଂ ତାଙ୍କର ବ୍ୟକ୍ତିତ୍ୱ ଅନନ୍ୟ ପ୍ରତିଭାର ଅଧିକାରୀ । ଯଦି ତାଙ୍କର ଜୀବନ ସଂଗ୍ରାମର କାହାଣୀ ସମଗ୍ର ମାନବ ଜାତିକୁ ବଞ୍ଚିବାର ରାହା ଯୋଗାଏ ଏବଂ ଜୀବନ ଯୁଦ୍ଧରେ ପ୍ରତ୍ୟେକ ମଣିଷ ଯଦି ହାରି ନ ଯାଇ ଏଥିରୁ ପ୍ରେରଣା ପାଏ, ତେବେ ତାହା ହିଁ ହେବ ଅନନ୍ୟ ପ୍ରତିଭାଧାରୀ ଶ୍ରୀଯୁକ୍ତ ଶ୍ରୀଧର ଦାସଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି । ତାଙ୍କ ସଂଗ୍ରାମର କାହାଣୀ ବଞ୍ଚି ରହୁ ଇତିହାସର ଗର୍ଭରେ – ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା ।

■■■

> ଅଧ୍ୟାପକ ଶ୍ରୀଧର ଦାସ ଏକନିଷ୍ଠ ସାଧନାରେ, ଛାତ୍ର ବତ୍ସଳତାରେ, ଜ୍ଞାନ ଆହରଣ ତଥା ବିତରଣରେ, ଆଦର୍ଶରେ ଉଦ୍‌ବୁଦ୍ଧ ହେବାରେ ଓ ଉଦ୍‌ବୁଦ୍ଧ କରାଇବାରେ ଅନନ୍ୟ ଥିଲେ । ତାଙ୍କ ପରି ମହାନୁଭବ ବ୍ୟକ୍ତିମାନେ କିଛି ନିଅନ୍ତି ନାହିଁ, କେବଳ ଦେଇଥାନ୍ତି ।
>
> – ରମାକାନ୍ତ ରଥ, ଅନୁବାଦ କଳା : ପରିସୀମା ଓ ପୁରୋଦୃଷ୍ଟି, ୨୦୦୬

Digitized by srujanika@gmail.com

ସାରଙ୍କ ସ୍ମରଣେ

ଶ୍ରୀ ନୃସିଂହ ଚରଣ ପାତ୍ର

ଆମ ଏଡି ଦେଉଳସାହି ଅଞ୍ଚଳରୁ କିଛି ଉଚ୍ଚଶିକ୍ଷିତ, ଲେଖକ, କବି, ରାଜନୀତିଜ୍ଞ, ଉଚ୍ଚ ଅଧିକାରୀ, ସମାଜସେବୀ, ଶିକ୍ଷକ, ଅଧ୍ୟାପକ ବିଭିନ୍ନ ସ୍ଥାନରେ ତଥା ମହଲରେ ନିଜର ପାରଦର୍ଶିତା ପ୍ରତିପାଦନ କରିଛନ୍ତି । ସେମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଶ୍ରୀଧର ଦାସ ଜଣେ ଅନ୍ୟତମ ବ୍ୟକ୍ତିତ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ନିଜର ସାଧନା ବଳରେ ଆତ୍ମଜୀବନୀ ସାହିତ୍ୟର ସମୃଦ୍ଧିରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଛନ୍ତି ।

ସେ ଏହି ଅଞ୍ଚଳରେ ମୂଳ ବାସିନ୍ଦା ରୂପେ ଅବସ୍ଥାନ କରିବାର ସମୟ ୧୯୫୧-୫୨ ମସିହା ହେବ ବୋଲି ମୋର ଅନୁମାନ । ସେତେବେଳେ ମୋର ବୟସ ୯/୧୦ ବର୍ଷ ହୋଇଥିଲା ଏବଂ ମୁଁ ବାଳୁତ ଥିବାରୁ ମୋର ତାଙ୍କ ବିଷୟରେ କିଛି ଧାରଣା ନ ଥିଲା । ମୁଁ ଯେତେବେଳେ ବିଦ୍ୟାଳୟରେ ପଢୁଥିଲି ମୁଁ ଜାଣିବାକୁ ପାଇଥିଲି ଯେ ସେ ଖ୍ରୀଷ୍ଟ କଲେଜର ଅଧ୍ୟାପକ । ସେବେଠାରୁ ମୁଁ ତାଙ୍କୁ ଦେଖିଲେ ନମସ୍କାର କରେ । ପରବର୍ତ୍ତୀ ସମୟରେ ମୁଁ ଉକ୍ତ କଲେଜରେ ୧୯୫୯-୬୦ ମସିହାରେ Pre-University ରେ ନାମ ଲେଖାଇଥିଲି । ସେବେଠାରୁ ମୁଁ ତାଙ୍କର ଛାତ୍ର ହୋଇ ଯାଇଥିଲି । ମୁଁ ଛାତ୍ରାବସ୍ଥାରେ କେବେ ମଧ୍ୟ ତାଙ୍କ ଘରକୁ ଯାଇ ନ ଥିଲି କି ତାଙ୍କୁ ଖୁବ୍ ନିକଟରୁ ଜାଣିପାରି ନ ଥିଲି । ସମୟ ବଡ଼ ଗତିଶୀଳ । ପରବର୍ତ୍ତୀ ସମୟରେ ପ୍ରାୟ ୧୯୭୮ ମସିହା ବେଳକୁ ଆମ ଅଞ୍ଚଳ ଦେଉଳସାହିରେ ବିଦ୍ୟାଳୟ ସ୍ଥାପନ କରାଯିବାର ନିଷ୍ପତ୍ତି ନିଆଗଲା । ୧୫।୦୬।୧୯୭୮ରେ ଆମ ଗ୍ରାମ ମନ୍ଦିର (ରଘୁନାଥଜୀଉ, ନୃସିଂହନାଥ ଓ ରାମଲିଙ୍ଗେଶ୍ୱର ମନ୍ଦିର)ରେ ଗୋଟିଏ ବିଦ୍ୟାଳୟ ସ୍ଥାପନ ସମ୍ପର୍କିତ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଆମ ଅଞ୍ଚଳର ବହୁ ଜ୍ଞାନୀ,

Digitized by srujanika@gmail.com

ସମାଜସେବୀ, ଶିକ୍ଷାବିତ୍ ତଥା ବିଭିନ୍ନ ବର୍ଗର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ସେହି ସଭାରେ ନିଷ୍ପତ୍ତି ନିଆହେଲା ଯେ ସ୍ଥାପନ ହେବାକୁ ଥିବା ଅନୁଷ୍ଠାନଟିର ନାମ "ରଘୁନାଥଜୀଉ ବିଦ୍ୟାପୀଠ" ରହିବ । ଉକ୍ତ ସଭାରେ ସାର୍ ସଭାପତିତ୍ୱ କରିଥିଲେ । ସେହି କମିଟିରେ ୧୧ ଜଣ ସଭ୍ୟ ରହିବେ ସରକାରୀ ନିୟମ ଅନୁସାରେ ଏବଂ ସେହି ବିଦ୍ୟାଳୟର ପ୍ରଥମ ସଭାପତି ରୂପେ ଶ୍ରୀଯୁକ୍ତ ଶ୍ରୀଧର ଦାସ ଓ ମୁଁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲୁ । ସେହି ଦିନଠାରୁ ଗୁରୁ ଶିଷ୍ୟ ଗୋଟିଏ ସୂତ୍ରରେ ବନ୍ଧା ହେଲୁ । ତାଙ୍କ ସହ ରହି ମୁଁ ଶିଷ୍ୟ ଭାବରେ ତାଙ୍କଠାରୁ କାର୍ଯ୍ୟ ଶିକ୍ଷା ଅର୍ଜନ କରୁଥିଲି । ବିଦ୍ୟାଳୟ ୨୪।୦୬।୧୯୭୮ରେ ପ୍ରତିଷ୍ଠା ହେଲା । ବିଦ୍ୟାଳୟର ପ୍ରତିଟି ପ୍ରସ୍ତର ସ୍ଥାପନରେ ମୁଁ କେବଳ ଜଣେ ଶିଷ୍ୟ ଭାବରେ ନିଜ ଗୁରୁଙ୍କୁ ସହଯୋଗୀ ଥିଲି । ବିଦ୍ୟାଳୟର "ମାଗାଜିନ୍" ବାହାର କରିବାର ନିଷ୍ପତ୍ତି ନିଆଗଲା । ତା'ର ନାମ ରହିଲା "ବିପଞ୍ଚି" । ଏହି ନାମ ମଧ୍ୟ ଦେଇଥିଲେ ଶ୍ରୀଯୁକ୍ତ ଦାସ । ପରବର୍ତ୍ତୀ ସମୟରେ ଯେବେ ସେ ଅନୁଭବ କଲେ ଯେ ବିଦ୍ୟାଳୟ ପରିଚାଳନା ସମିତି ନିଜ ଗୋଡ଼ରେ ଠିଆ ହେବାରେ ସକ୍ଷମ ଏବଂ ସ୍ଥାନୀୟ ଲୋକଙ୍କ ସାହାଯ୍ୟ ଓ ସହଯୋଗରେ ଏହା ଉନ୍ନତି ପଥରେ ଅଗ୍ରସର ହୋଇପାରିବ, ସେତେବେଳେ ସେ ନିଜ ଦାୟିତ୍ୱରୁ ଅବସର ଗ୍ରହଣ କରିବାକୁ ଇଚ୍ଛା କଲେ ଏବଂ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ସେ ଇସ୍ତଫା ଦେଲେ । ପରିଚାଳନା ସମିତିର ସଭ୍ୟ ଏବଂ ଆମ ଗ୍ରାମର କିଛି ଭଦ୍ରବ୍ୟକ୍ତି ତାଙ୍କୁ ଇସ୍ତଫା ପ୍ରତ୍ୟାହାର କରିବାକୁ କହିଲେ ମଧ୍ୟ ସେ ମନା କରିଥିଲେ । ସେ ଅନୁଷ୍ଠାନଟିକୁ ଏତେ ଭଲ ପାଉଥିଲେ ଯେ ନିଜ ଘର କଥା ଚିନ୍ତା କରୁ ନ ଥିଲେ । ଅନୁଷ୍ଠାନର କଳେବର ବଢ଼ି କ୍ରମେ M.E. ଓ Secondary ପାଠ୍ୟକ୍ରମର ଆରମ୍ଭ କରାଗଲା । ପରବର୍ତ୍ତୀ କାଳରେ +୨ ଏବଂ +୩ (କଳା, ବିଜ୍ଞାନ ଓ ବାଣିଜ୍ୟ) କଲେଜ ମଧ୍ୟ ଖୋଲିଲା । ଏହି ସବୁ ଉନ୍ନତିରେ ମୁଁ କେବଳ ସାର୍‌ଙ୍କର ପଦାନୁସରଣ କରିଥିଲି ।

୧୯୯୧ ମସିହାରେ ତାଙ୍କ ପରିବାର ତାଙ୍କ (ଶ୍ରୀଯୁକ୍ତ ଦାସ) ସ୍ମୃତି ଉଦ୍ଦେଶ୍ୟରେ ଠାକୁର ଘର ପାଇଁ ଜମି ଦାନ କରିଛନ୍ତି । ଏତଦ୍‌ବ୍ୟତୀତ ତାଙ୍କ ପରିବାର ଉତ୍କଳ ଇଉନିଭରସିଟି ଓ ଉତ୍କଳ ସାହିତ୍ୟ ସମାଜକୁ ଯଥାକ୍ରମେ ୩.୫୦ ଲକ୍ଷ ଓ ୨.୫୦ ଲକ୍ଷ ଟଙ୍କା ଦାନ କରିଥିଲେ । ମୁଁ ସାର୍‌ଙ୍କ ବିଷୟରେ ଯାହା ଶୁଣିଛି ଓ ଜାଣିଛି ତାଙ୍କ ଜୀବନ ଉପରେ ଆଲୋକପାତ କରିବାକୁ ଚାହୁଁଛି ।

Digitized by srujanika@gmail.com

ନଈର ସୃଷ୍ଟି ଯେପରି ଏକ ଝରଣାରୁ ବାହାରି ପାହାଡ଼, ବଣ, ଜଙ୍ଗଲ, ଅଙ୍କାବଙ୍କା ରାସ୍ତା ଓ ସମତଳ ଭୂମି ଦେଇ ସମୁଦ୍ରରେ ମିଶିଥାଏ, ସାର୍‌ଙ୍କ ଜୀବନ ସେହିଭଳି ମନେହୁଏ ।

ତାଙ୍କ ବାପା ଥିଲେ ପ୍ରାଇମେରୀ ସ୍କୁଲର ଶିକ୍ଷକ । ସାର୍‌ଙ୍କ ଜନ୍ମ ହୋଇଥିଲା ନଇଁଗୁଆଁ, କାକଟପୁର, ପୁରୀଜିଲ୍ଲାରେ ତା ୪।୧୦।୧୯୦୧ ରିଖରେ । ଏକ ଦରିଦ୍ର ପରିବାରରେ ଲାଳିତପାଳିତ ହୋଇ ମଧ୍ଯ ଆର୍ଥିକ ସଙ୍କଟ ତାଙ୍କ ପାଠ ପଢ଼ିବାର ଉତ୍ସାହକୁ ଦମନ କରିପାରି ନ ଥିଲା । ପୁରୀ ଜିଲ୍ଲା ସ୍କୁଲରେ ପଢ଼ି ମାଟ୍ରିକ୍‌ ପରୀକ୍ଷାରେ ସେ ସ୍କୁଲରେ ପ୍ରଥମ ସ୍ଥାନ ପାଇ ଉତ୍ତୀର୍ଣ୍ଣ ହୋଇଥିଲେ । ପରବର୍ତ୍ତୀ ସମୟରେ Engineering ପଢ଼ା ଅଧାରୁ ଛାଡ଼ିବା ପରେ ସେ Arts ପଢ଼ିଥିଲେ । I.A., C.T., B.A., M.Ed. ସବୁ Patna Universityରୁ ପାଶ୍‌ କରିଥିଲେ । ବୃତ୍ତି ସହାୟତାରେ ସେ ନିଜର ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିପାରିଥିଲେ ।

ତାଙ୍କର ଚାକିରୀ ଜୀବନ ଆରମ୍ଭ ହୋଇଥିଲା ପ୍ରଥମେ ବିଶ୍ୱନାଥ M.E. ସ୍କୁଲ, ବୀରସିଂହପୁର, ପୁରୀଠାରେ । ଏହାପରେ ବୌଦ୍ଧ ହାଇସ୍କୁଲ, ବାଣପୁର ହାଇସ୍କୁଲ, ଓଲ ସିଂହ, ହରିହର ଏକାଡ଼େମୀ (ଜଗତସିଂହପୁର), କୋରୁଆ ଏବଂ ଶେଷରେ ଖ୍ରୀଷ୍ଟ କଲେଜରେ ଶିକ୍ଷକତା କରିଥିଲେ । ସେ ଶିକ୍ଷକ ଥିବା ସମୟରେ ବୌଦରେ ଶିକ୍ଷା ଅଧିକାରୀ ରୂପେ କାର୍ଯ୍ୟ କରୁଥିଲେ । ଅଧ୍ୟାପନା, ପ୍ରାଶସନ ଓ ଶିକ୍ଷାର ବିକାଶ ନିମିତ୍ତ ତାଙ୍କର ଅଦମ୍ୟ ଅଭିଳାଷ ଥିଲା । ୧୯୬୮ ମସିହା ଜୁନ୍‌ ମାସରେ ସେ ଖ୍ରୀଷ୍ଟ କଲେଜରୁ ଅବସର ଗ୍ରହଣ କରିଥିଲେ । ସମୁଦାୟ ୪୦ ବର୍ଷର ଶିକ୍ଷକତା । ସେ ଥିଲେ ଜଣେ ନିଷ୍ଠାପର କର୍ମଯୋଗୀ । ଶିଶୁ ସାହିତ୍ୟର ବିକାଶ, ବିଶ୍ୱ ସାହିତ୍ୟର କ୍ଲାସିକ ଗ୍ରନ୍ଥର ଅନୁବାଦ, ପାଠ୍ୟପୁସ୍ତକ ବ୍ୟାକରଣ ରଚନା, ଅଭିଧାନ ପ୍ରଣୟନ, ଆତ୍ମଜୀବନୀ ସାହିତ୍ୟ ସର୍ବୋପରି ଭାଷା ସାହିତ୍ୟର ବିକାଶରେ ସେ ନିଜକୁ ନିୟୋଜିତ କରିଥିଲେ । ସେ ଅନେକ ଲୋକପ୍ରିୟ ପ୍ରତିଷ୍ଠିତ ସାହିତ୍ୟକୁ ସରଳ ଭାଷାରେ ଅନୁବାଦ କରିଛନ୍ତି । କେତେଗୁଡ଼ିଏ ଶିଶୁ ସାହିତ୍ୟର ଦୃଷ୍ଟାନ୍ତ ଏବଂ ବ୍ୟାକରଣ ଆଦି ବିଭିନ୍ନ ପାଠ୍ୟକ୍ରମରେ ସାମିଲ ହୋଇପାରିଛି । ସେ ନିଜର ସାହିତ୍ୟ ସାଧନା ପାଇଁ "ସାହିତ୍ୟ ସମାଜ", "ସାହିତ୍ୟ ଏକାଡ଼େମୀ" ଓ "ସୋଭିଏତ୍‌ ନେହେରୁ" ପକ୍ଷରୁ ସମ୍ମାନିତ ହୋଇଛନ୍ତି ।

Digitized by srujanika@gmail.com

ସେ ୧୨୦ରୁ ଊର୍ଦ୍ଧ୍ୱ ବହି ଲେଖିଛନ୍ତି ଓ ଅନୁବାଦ କରିଛନ୍ତି । ସେ ଦେଉଳସାହିରେ ମଧ୍ୟ "ଅଭ୍ୟୁଦୟ ସାହିତ୍ୟ ସମାଜ" ଗଢ଼ିଥିଲେ । ମାତ୍ର ସୁପରିଚାଳନା ଅଭାବରୁ ଏହା ଆଗକୁ ବଢ଼ିପାରିଲାନି ।

ଶିକ୍ଷା ପ୍ରତି ବିଶେଷ ଆଗ୍ରହ ଥିବାରୁ ସେ ତାଙ୍କର ପିଲାଙ୍କ ନୈତିକ ତଥା ସର୍ବାଙ୍ଗ ଉନ୍ନତି ପାଇଁ ସତର୍କ ଥିଲେ । ତାଙ୍କର ଚାରିପୁତ୍ର ଓ ଗୋଟିଏ ଝିଅ । ପ୍ରଥମ ପୁତ୍ର ବାଲ୍ୟକାଳରୁ ମୃତ, ଦ୍ୱିତୀୟ ପୁତ୍ର ଶ୍ରୀଜଗନ୍ନାଥ ପ୍ରସାଦ ଦାସ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ସେ IAS ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେବାର କୃତିତ୍ୱ ଅର୍ଜନ କରିଥିଲେ । ସେ ପିତାଙ୍କ ଭଳି ସାହିତ୍ୟ ଓ କଳାପ୍ରେମୀ ଥିଲେ । ତୃତୀୟ ପୁତ୍ର ଶ୍ରୀ କୃଷ୍ଣପ୍ରସାଦ ଦାସ ଭାରତୀୟ ରେଳ ସେବା ପ୍ରଶାସନ ବିଭାଗର ବରିଷ୍ଠ ଅଧିକାରୀର, କନିଷ୍ଠ ପୁତ୍ର ଶ୍ରୀ ରଘୁନାଥ ପ୍ରସାଦ ଦାସ Engineer in Chief Odisha ଓ ଝିଅ ଶ୍ରୀମତୀ ବିଷ୍ଣୁପ୍ରିୟା ଦାସ ଜଣେ ଶିକ୍ଷୟିତ୍ରୀ । ତାଙ୍କର ପିଲାମାନେ ଅତୁଳନୀୟ ଦକ୍ଷତାର ଜ୍ୱଳନ୍ତ ପ୍ରମାଣ । ସେ ତାଙ୍କ ଜୀବନକାଳ ମଧ୍ୟରେ ଭାରତର ତଥା ଓଡ଼ିଶାର ବହୁ ବିଶିଷ୍ଟ ଲୋକଙ୍କ ସମ୍ପର୍କରେ ଆସିଥିଲେ । ପାଟଣା ବିଶ୍ୱବିଦ୍ୟାଳୟରେ ସେ ଡଃ ରାଜେନ୍ଦ୍ର ପ୍ରସାଦଙ୍କୁ ଭେଟିଥିଲେ । ଲାଲା ଲଜପତ ରାୟ (Lion of Punjab), ଆଶୁତୋଷ ମୁଖାର୍ଜୀ (Tiger of Bengal) ଭଳି ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ମଧ୍ୟ ଆସିଥିଲେ ସେ । ଓଡ଼ିଶାର ଅନେକ ମହାନ ବ୍ୟକ୍ତିତ୍ୱଙ୍କ ଭିତରେ ଥିଲେ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦସ ପ୍ରଭୃତି । ଏହି ମହାପନ ଗୁରୁମାନଙ୍କ ସହିତ ତାଙ୍କର ବେଶ୍ ଉତ୍ତମ ସମ୍ପର୍କ ରହିଥିଲା ।

ଏ ପୃଥିବୀରେ ଜନ୍ମ ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ । ଏପରିକି ମର୍ତ୍ତ୍ୟମଣ୍ଡଳେ ଦେହ ବହି ଦେବତା ହୋଇଲେ ମରଇ । ଶ୍ରୀଯୁକ୍ତ ଦାସ ଜନ୍ମଗ୍ରହଣ କରି ତାଙ୍କୁ ମୃତ୍ୟୁବରଣ କରିବାକୁ ପଡ଼ିଛି । କିନ୍ତୁ କେତେ ଜଣ ନିଜର ମହାନ ବ୍ୟକ୍ତିତ୍ୱ ଓ ନିଜର କୃତି ବଳରେ ମରି ସୁଦ୍ଧା ଅମର ହୋଇ ରହିଛନ୍ତି । ତାଙ୍କ କୃତକାର୍ଯ୍ୟର ପ୍ରତି ପୃଷ୍ଠାରେ ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଥାଏ । ପରବର୍ତ୍ତୀ କାଳରୁ ମିଳେ ସେଥିରୁ ଶାଶ୍ୱତ ପ୍ରେରଣା । ଶ୍ରୀଧର ଦାସ ଥିଲେ ସେହିପରି ଜଣେ ପ୍ରେରଣାର ଉତ୍ସ ।

Digitized by srujanika@gmail.com

ସାର୍‌ଙ୍କ ଜନ୍ମ ୪ ।୧୦ ।୧୯୦୧, ନଇଗୁଆଁ, କାକଟପୁର, ପୁରୀ ଜିଲ୍ଲାରେ ଓ ମୃତ୍ୟୁ ହୋଇଥିଲା ୨୪ ।୦୪ ।୧୯୮୮ରେ ଦେଉଳସାହି, ତୁଳସୀପୁର, କଟକରେ । ସେ ଜନ୍ମ ହେଲାବେଳେ ତାଙ୍କର ଜ୍ଞାତିକୁଟୁମ୍ବ, ପିତା-ମାତା ଖୁସି ହୋଇଥିଲାବେଳେ ମିଠା ବଣ୍ଟନ କରିଥିଲେ; କିନ୍ତୁ ମୃତ୍ୟୁବେଳକୁ କେବଳ ତାଙ୍କର ସ୍ତ୍ରୀ ଝିଅ, ପୁତ୍ର, ବୋହୂ, ସାହିପଡ଼ିଶା ଉପସ୍ଥିତ ଥିଲେ । ସେ ଜନ୍ମ ନେବାବେଳେ ତାଙ୍କ ତାଙ୍କୁ ମାଆ ଓ ଧାଈମାନେ ନିଆଁରେ ସେକିଥିଲେ କିନ୍ତୁ ମୃତ୍ୟୁ ପରେ ଖାନ୍‌ନଗର ବିଦ୍ୟୁତ୍ ଚୁଲାରେ ତାଙ୍କ ବଡ଼ପୁଅ ମୁଖାଗ୍ନି ଦେଇଥିଲେ ବନ୍ଧୁ ସହୋଦରମାନଙ୍କ ଉପସ୍ଥିତିରେ । ଶେଷରେ ସେ ହୋଇଗଲେ ଆଞ୍ଜୁଳାଏ ପାଉଁଶ ।

ଏହା ହେଉଛି ଦୁନିଆର ନିୟମ । ସାର୍ ଥିଲେ ଜଣେ ସାଧାରଣ ଚଳଣିର ଲୋକ ମାତ୍ର ତାଙ୍କର ବ୍ୟକ୍ତିତ୍ୱ ଥିଲା ଅସାଧାରଣ । ସାର୍‌ଙ୍କ ୮୮ ବର୍ଷର କାହାଣୀ ମୋ ଜାଣିବାରେ ଏତିକି । ସାର୍ ମୋତେ ଯେଉଁ କାମ ଦେଇଥିଲେ ସେଥିରେ ମୁଁ କେତେଦୂର ସଫଳ ସେଇଟା କେବଳ ମୋର ଉତ୍ତରପୀଢ଼ି ହିଁ କହିପାରିବେ । ତାଙ୍କ ପିତାଙ୍କ ଇଚ୍ଛା ସେ ପୂରଣ କରିଅଛନ୍ତି କେବଳ ଜଣେ ଶିକ୍ଷକ ଭାବରେ ନୁହେଁ ବରଂ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଓ ସାହିତ୍ୟିକ ଭାବରେ ।

ସାର୍‌ଙ୍କ ଅସାଧାରଣ ବ୍ୟକ୍ତିତ୍ୱ, କୃତି ଉପରେ ଯଦି ଗ୍ରନ୍ଥାବଳୀ ଲେଖାଯାଏ ତେବେ ଏହା ଆମର ଉତ୍ତର ପୀଢ଼ିମାନଙ୍କୁ ସଚେତନ କରାଇବା ସଙ୍ଗେ ସଙ୍ଗେ ନୂତନ ଦିଗ୍‌ଦର୍ଶନ ଦେବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପୂର୍ବତନ ସମ୍ପାଦକ
ରଘୁନାଥଜୀଉ ମହାବିଦ୍ୟାଳୟ ପରିଚାଳନା କମିଟି
ଦେଉଳସାହି, କଟକ

■■■

Digitized by srujanika@gmail.com

କର୍ମଯୋଗୀ ଓ ଜ୍ଞାନଯୋଗୀ ଆଚାର୍ଯ୍ୟ

ଡକ୍ଟର ପ୍ରଫୁଲ୍ଲ କୁମାର ଦାଶ

ବିଂଶ ଶତାବ୍ଦୀର ଚତୁର୍ଥ ଦଶକରୁ ଆରମ୍ଭ କରି ଦୀର୍ଘ ଅର୍ଦ୍ଧ ଶତାବ୍ଦୀ କାଳ ଓଡ଼ିଶାର ଶିକ୍ଷା ଓ ସାହିତ୍ୟ ଜଗତକୁ ଦୀପ୍ତିମନ୍ତ ଓ ଋଦ୍ଧିମନ୍ତ କରିଥିବା ମହାନ ପ୍ରତିଭାଶାଳୀ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଅଧ୍ୟାପକ ଶ୍ରୀଧାର ଦାସ ଆଜି ଆମ ଗହଣରେ ଅମର ହୋଇ ରହିଛନ୍ତି । ଏହି ଆଚାର୍ଯ୍ୟପ୍ରବର ଏକାଧାରରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ଜ୍ଞାନଦର୍ଶୀ ଅଧ୍ୟାପକ, ବହୁଶାସ୍ତ୍ରଦର୍ଶୀ ବିଦ୍ୱାନ, ସାହିତ୍ୟ ସମାଲୋଚକ, ଅନୁବାଦକ, ଗ୍ରନ୍ଥ ସମ୍ପାଦକ, ଜୀବନୀ ଲେଖକ ଏବଂ ଓଡ଼ିଆ ଭାଷାର ବିଖ୍ୟାତ ବୈୟାକରଣ ଥିଲେ । ସେ ଥିଲେ ଶତାଧିକ ଗ୍ରନ୍ଥର ପ୍ରଣେତା । ଏହିପରି ପ୍ରତିଭାଶାଳୀ ସାରସ୍ୱତ ସାଧକ କେବଳ ଓଡ଼ିଆ ସାହିତ୍ୟ ନୁହେଁ, ସମଗ୍ର ବିଶ୍ୱ ସାହିତ୍ୟରେ ମଧ୍ୟ ଏକାନ୍ତ ଦୁର୍ଲ୍ଲଭ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜୀବନରେ ଜ୍ଞାନ ଆହରଣ ଓ ବିତରଣ ତଥା ସାରସ୍ୱତ ସୃଷ୍ଟି ସର୍ଜନାରେ ନିବିଷ୍ଟ ଚିତ୍ତ ହେବା ଥିଲା ତାହାଙ୍କ ଚରିତ୍ରର ଏକ ମହାନ ବୈଶିଷ୍ଟ୍ୟ । ଏହି ଦୃଷ୍ଟିରୁ ତାହାଙ୍କୁ ଜଣେ ଜ୍ଞାନଯୋଗୀ ଓ କର୍ମଯୋଗୀ ରୂପେ ବିବେଚନା କରାଯାଇଥାଏ ।

ଏହି ମହାନ ପ୍ରତିଭାଙ୍କର ଆବିର୍ଭାବ ଘଟିଥିଲା ୧୯୦୧ ମସିହା ଅକ୍ଟୋବର ୧ ତାରିଖରେ ଏବଂ ଦେହାନ୍ତ ହୋଇଥିଲା ୧୯୮୮ ମସିହା ଏପ୍ରିଲ୍ ୨୪ ତାରିଖରେ । ତାହାଙ୍କର ଜୀବନକାଳ ଶିକ୍ଷାଦାନ ଓ ସାରସ୍ୱତ ସାଧନାରେ ହିଁ ଅତିବାହିତ ହୋଇଥିଲା । ଜଣେ ଶିକ୍ଷକ ଭାବରେ ୧୯୨୪ ମସିହାରେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ପାଟଣା ବିଶ୍ୱବିଦ୍ୟାଳୟରୁ ଆଇ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ

Digitized by srujanika@gmail.com

ସେ ସେହିବର୍ଷ ପୁରୀ ଜିଲ୍ଲାର ବୀର ନରସିଂହପୁରର ବିଶ୍ୱନାଥ ଏମ୍.ଇ. ସ୍କୁଲରେ ନଅମାସ ପାଇଁ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ ।

ତତ୍‌ପରେ କାକଟପୁର ଏମ୍.ଇ. ସ୍କୁଲରେ ପ୍ରଧାନଶିକ୍ଷକ ଭାବରେ ନିଯୁକ୍ତି ପାଇଥିଲେ । ଏହାପରେ ସେ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଓଲସିଂ ହାଇସ୍କୁଲରେ ଶିକ୍ଷକ ରୂପେ ନିଯୁକ୍ତି ପାଇଲେ । ସେଠାରେ କିଛିକାଳ ଶିକ୍ଷକତା କରିବା ପରେ ୧୯୨୯ ମସିହାରେ କଟକ ଟ୍ରେନିଂ କଲେଜରେ ନାମ ଲେଖାଇଲେ ଏବଂ କୃତିତ୍ୱର ସହିତ ଡି.ଇଡ଼ି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେତେବେଳେ ସେ ବୌଦର ଶିକ୍ଷାଧିକାରୀ ରୂପେ ନିଯୁକ୍ତି ପାଇଥିଲେ । ବୌଦରେ କିଛି ବର୍ଷ ଅବସ୍ଥାନ ପରେ ସେ ପୁନର୍ବାର ଓଲସିଂ ଆସି ସେଠାକାର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦାନ କଲେ । ତତ୍‌ପରେ ସେ ବାଣପୁର, ଖଣ୍ଡମଇଦା, ଜଗତସିଂହପୁର ଓ କୋରୁଆ ହାଇସ୍କୁଲରେ ପ୍ରଧାନଶିକ୍ଷକ ରୂପେ ଯୋଗଦାନ ପୂର୍ବକ ସୁଚାରୂ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ ।

ଏହି ସମୟ ମଧ୍ୟରେ ସେ ଘରୋଇ ଭାବରେ ଓଡ଼ିଆରେ ଏମ୍.ଏ. ପରୀକ୍ଷା ଦେଇ ପାଟନା ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେତେବେଳେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାକୁ ପରୀକ୍ଷାର୍ଥୀମାନଙ୍କର ବଡ଼ କୃତିତ୍ୱ ବୋଲି ବିବେଚନା କରାଯାଉଥିଲା । ଏହାପରେ ୧୯୪୮ ମସିହାରେ କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଲେ । (ସେହି ସମୟରେ ଏହି କଲେଜର ନାମ ଥିଲା "ଉତ୍କଳ ଖ୍ରୀଷ୍ଟିଆନ୍ କଲେଜ" ଏବଂ ପରବର୍ତ୍ତୀ କାଳରେ ଏହା "ଖ୍ରୀଷ୍ଟ କଲେଜ" ନାମରେ ନାମିତ ହେଲା) ଓଡ଼ିଶାର ଏହି ପୁରାତନ ମହାବିଦ୍ୟାଳୟରେ ସେ ୧୯୪୮ ମସିହାରୁ କର୍ମରତ ରହି ୧୯୬୮ ମସିହାରେ ଅବସର ଗ୍ରହଣ କରିଥିଲେ ।

ଏହି ଅନୁଷ୍ଠାନରେ ଅଧ୍ୟାପନାରତ ଥିବା ବେଳେ ସେ ନିଜର ସହକର୍ମୀ ଓ ଛାତ୍ର ମହଲରେ ବିଶେଷ ଲୋକପ୍ରିୟତା ଅର୍ଜନ କରିଥିଲେ । ସେହି ସମୟରେ ଓଡ଼ିଶାର ସ୍ୱନାମଧନ୍ୟ କବି ରାଧାମୋହନ ଗଡ଼ନାୟକ, ବିଶିଷ୍ଟ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ, ବିଶ୍ୱବିଖ୍ୟାତ ଭାଷାବିତ୍ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, ବିଖ୍ୟାତ କବି

Digitized by srujanika@gmail.com

ପ୍ରଫେସର ଡକ୍ଟର ସୌଭାଗ୍ୟ ମିଶ୍ର, ଓଡ଼ିଶାର ଲୋକପ୍ରିୟ ଔପନ୍ୟାସିକ ପ୍ରଫେସର ଡକ୍ଟର ବିଭୂତି ପଟ୍ଟନାୟକ, ଶିକ୍ଷକ ନେତା ପ୍ରଫେସର ଅବନୀ କୁମାର ବରାଳ, ପ୍ରଫେସର ବାସୁଦେବ ସାହୁ, ଡକ୍ଟର ଭୋଳାନାଥ ରାଉତ, ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ, ପ୍ରଫେସର ହୃଦାନନ୍ଦ ରାୟ, ପ୍ରଫେସର ଡକ୍ଟର ନୀଳାଦ୍ରୀ ଭୂଷଣ ହରିଚନ୍ଦନ ଓ ଡକ୍ଟର ରତ୍ନାକର ଚଇନି ପ୍ରମୁଖ ତାହାଙ୍କର ଛାତ୍ର ଥିଲେ । ତାହାଙ୍କର ବହୁ ଛାତ୍ର ପରବର୍ତ୍ତୀ କାଳରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଭାରତ ସରକାରଙ୍କର ବିଭିନ୍ନ ପଦପଦବୀରେ ରହି ସୁନାମ ଅର୍ଜନ କରିଛନ୍ତି ।

ସେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଥିବା ସମୟରେ ପ୍ରଫେସର ପଠାଣି ପଟ୍ଟନାୟକ ଓ ଡକ୍ଟର ଦେବେନ୍ଦ୍ର ମହାନ୍ତି ପ୍ରମୁଖ ତାହାଙ୍କର ସହକର୍ମୀ ଥିଲେ । ସେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ କେବଳ ରେଭେନ୍‌ସା କଲେଜ ଓ ଖ୍ରୀଷ୍ଟ କଲେଜରେ ହିଁ ଓଡ଼ିଆ ଅନର୍ସ ଶ୍ରେଣୀ ଥିଲା । ପରବର୍ତ୍ତୀ କାଳରେ ଓଡ଼ିଶାର ଅନ୍ୟାନ୍ୟ ବିଭିନ୍ନ କଲେଜରେ ଓଡ଼ିଆ ଅନର୍ସ ଶ୍ରେଣୀ ଖୋଲିଲା । ଅଧ୍ୟାପକ ଶ୍ରୀଧର ଦାସ ବିଭାଗୀୟ ମୁଖ୍ୟ ଥିଲାବେଳେ ବହୁ ବର୍ଷ ଧରି ଖ୍ରୀଷ୍ଟ କଲେଜର ଓଡ଼ିଆ ଅନର୍ସ ଶ୍ରେଣୀର ଛାତ୍ରମାନେ ବିଶ୍ୱ ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରୁଥିଲେ । ସେହି ସମୟରେ ସମଗ୍ର ଓଡ଼ିଶାରେ ଓଡ଼ିଆ ଶିକ୍ଷାଦାନ ପାଇଁ ଖ୍ରୀଷ୍ଟ କଲେଜ ସୁନାମ ଅର୍ଜନ କରିଥିଲା । ଏଥିପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ଡକ୍ଟର ପ୍ରାଣକୃଷ୍ଣ ପରିଜା, ପ୍ରଫେସର ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, ଡକ୍ଟର କୁଞ୍ଜବିହାରୀ ଦାଶ ପ୍ରମୁଖ ଅଧ୍ୟାପକ ଶ୍ରୀଧର ଦାସଙ୍କୁ ଉଚ୍ଚ ପ୍ରଶଂସା କରୁଥିଲେ । ଅଧ୍ୟାପକ ଥିବା ସମୟରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଅନର୍ସ ଓ ଏମ୍.ଏ. ପରୀକ୍ଷାର ପରୀକ୍ଷକ ଥିଲେ । ଏପରିକି ଅବସର ଗ୍ରହଣର ପରବର୍ତ୍ତୀ କାଳରେ ମଧ୍ୟ ବହୁ ବର୍ଷ ଧରି ସେ ବିଶ୍ୱବିଦ୍ୟାଳୟ ତରଫରୁ ଏହି କାର୍ଯ୍ୟ କରୁଥିଲେ । ସେତେବେଳେ ରେଭେନ୍‌ସା କଲେଜର ଜନୈକ ଅଧ୍ୟାପକ ଉତ୍କଳ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ପ୍ରଶ୍ନ କରିଥିଲେ, "ଖ୍ରୀଷ୍ଟ କଲେଜର ଅଧ୍ୟାପକ ଶ୍ରୀଧର ଦାସ ବହୁ କାଳ ଧରି କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ତାଙ୍କୁ ଆଜି ପର୍ଯ୍ୟନ୍ତ ଓଡ଼ିଆ

Digitized by srujanika@gmail.com

ଏମ୍.ଏ. ଓ ଅନର୍ସର ପରୀକ୍ଷକ କାହିଁକି କରାଯାଉଛି ।” ଏଥିରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ କହିଥିଲେ, “ଅଧ୍ୟାପକ ଶ୍ରୀଧର ଦାସଙ୍କ ତୁଲ୍ୟ ନିରପେକ୍ଷ ପରୀକ୍ଷକ ଏକାନ୍ତ ବିରଳ । ତାହାଙ୍କର ଏହି ନିରପେକ୍ଷତା ଓ କାର୍ଯ୍ୟଦକ୍ଷତା ପାଇଁ ଆବଶ୍ୟକ ପଡ଼ିଲେ ସେ ବଞ୍ଚି ରହିଥିବା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ତାହାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରୁଥିବ ।” (ଏହି ବିଷୟଟି ଲେଖକ ପ୍ରଫେସର ପଠାଣି ପଟ୍ଟନାୟକଙ୍କ ମୁଖରୁ ଶୁଣିବାକୁ ପାଇଥିଲା ।)

ଅଧ୍ୟାପକ ଶ୍ରୀଧର ଦାସ ମହୋଦୟ ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରୁଥିବା ସମୟରେ ମୁଁ ଓଡ଼ିଆ ଅନର୍ସ ଶ୍ରେଣୀରେ ତାହାଙ୍କର ଛାତ୍ର ଥିଲି । ମୁଁ ହାଇସ୍କୁଲରେ ଅଧ୍ୟାପନା କରିବା ସମୟରେ ତାହାଙ୍କ ପ୍ରଣୀତ ‘ଲଘୁ ବ୍ୟାକରଣ’ ଓ ‘ସର୍ବସାର ବ୍ୟାକରଣ’ ପାଠ କରିଥିଲି । ସେହି ସମୟରୁ ମୁଁ ତାହାଙ୍କୁ ଜଣେ ଉଚ୍ଚକୋଟୀର ଜ୍ଞାନୀବ୍ୟକ୍ତି ଭାବରେ ବିବେଚନା କରିଥିଲି । ଗଞ୍ଜାମ ଜିଲ୍ଲାରେ ମୁଁ ମୋର ହାଇସ୍କୁଲ ଶିକ୍ଷା ସମାପନ କରିଥିଲି । ବି.ଏ.ରେ ଓଡ଼ିଆରେ ଅନର୍ସ ନେଇ ଅଧ୍ୟୟନ କରିବା ମୋର ଲକ୍ଷ୍ୟ ଥିଲା । ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଶ୍ରୀଧର ଦାସ, ଅଧ୍ୟାପକ ପଠାଣି ପଟ୍ଟନାୟକ ଓ ଅଧ୍ୟାପକ ଦେବେନ୍ଦ୍ର ମହାନ୍ତି ପ୍ରମୁଖ ପ୍ରବୀଣ ଅଧ୍ୟାପକବୃନ୍ଦ ଶିକ୍ଷାଦାନ କରୁଥିବା ଜାଣି ସେମାନଙ୍କ ନିକଟରେ ଅଧ୍ୟୟନ କରିବା ନିମିତ୍ତ ମୁଁ କଟକ ଆସି ଏହି ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିଲି । ଅଧ୍ୟାପକ ଦାସ ମହୋଦୟ ଆମକୁ ଅନର୍ସ ଶ୍ରେଣୀରେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଏବଂ ଭାଷାତତ୍ତ୍ୱ ପଢ଼ାଉଥିଲେ । ମୋର ଏବଂ ମୋ ସହପାଠୀମାନଙ୍କର ଧାରଣା ଥିଲା ଯେ, ଶ୍ରୀଧର ସାର୍ ତ ପୁରୁଣା କାଳିଆ ଲୋକ; ସୁତରାଂ ଆଧୁନିକ ସାହିତ୍ୟ ବିଷୟରେ ତାହାଙ୍କର ବିଶେଷ ଜ୍ଞାନ ନ ଥିବ । ମାତ୍ର ଦିନେ ଆମର ଧାରଣା ସମ୍ପୂର୍ଣ୍ଣ ଭ୍ରମ ପ୍ରମାଣିତ ହୋଇଗଲା । ସେଦିନ ଡକ୍ଟର ଦେବେନ୍ଦ୍ର ମହାନ୍ତି ଛୁଟିରେ ଥିଲେ । ସେ ଆମକୁ ଗଳ୍ପ ପଢ଼ାଉଥିଲେ । ସେହିଦିନ ତାହାଙ୍କ ବଦଳରେ ଆମକୁ ପଢ଼ାଇବା ପାଇଁ ଶ୍ରୀଧର ସାର୍ ଶ୍ରେଣୀରେ ପ୍ରବେଶ କଲେ । ଏ ପ୍ରସଙ୍ଗରେ ଉଲ୍ଲେଖ କରିବା କଥା ଯେ, ବୃଥା ସମୟ ନଷ୍ଟ କରିବାକୁ ସେ ପସନ୍ଦ କରୁ ନ ଥିଲେ । ବିଭାଗୀୟ କୌଣସି ଅଧ୍ୟାପକ ଛୁଟିରେ ରହିଥିଲେ, ଅନ୍ୟ

Digitized by srujanika@gmail.com

କୌଣସି ଅଧ୍ୟାପକ ସେହି ଶ୍ରେଣୀରେ ଯେପରି ଶିକ୍ଷାଦାନ କରିବେ, ସେ ତାହାର ବ୍ୟବସ୍ଥା କରୁଥିଲେ । ଅନ୍ୟ କୌଣସି ଅଧ୍ୟାପକ ସେତେବେଳେ ଉପସ୍ଥିତ ନ ଥିଲେ, ସେ ନିଜେ ସେ ଶ୍ରେଣୀକୁ ଯାଇ ଶିକ୍ଷାଦାନ କରୁଥିଲେ । ସେହିଦିନ ଦେବେନ୍ଦ୍ର ସାର୍‌ଙ୍କ ବଦଳରେ ଶ୍ରୀଧର ସାର୍ ଯେତେବେଳେ ଆମ ଶ୍ରେଣୀ ପ୍ରକୋଷ୍ଠକୁ ପ୍ରବେଶ କଲେ, ଆମେ ଭାବିଲୁ ଯେ, ସାର୍ ବୋଧହୁଏ ଆମକୁ ପଢ଼ାଉଥିବା ବିଦଗ୍ଧ ଚିନ୍ତାମଣି ପଢ଼ାଇବେ । ମାତ୍ର ଶ୍ରୀଧର ସାର୍ ଦେବେନ୍ଦ୍ର ସାର୍ ପଢ଼ାଉଥିବା ଗଳ୍ପ ସାହିତ୍ୟ ବିଷୟରେ ଆଲୋଚନା ଆରମ୍ଭ କଲେ । ପ୍ରସଙ୍ଗକ୍ରମେ ସେ ଇଂରାଜୀ ଗଳ୍ପ ସାହିତ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ଭାରତୀୟ ଗଳ୍ପ ସାହିତ୍ୟ ଓ ଓଡ଼ିଆ ଗଳ୍ପ ସାହିତ୍ୟ ପର୍ଯ୍ୟନ୍ତ ଏକ ତଥ୍ୟବହୁଳ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା ପରିବେଷଣ କଲେ । ଆମେ ସମସ୍ତେ ମନ୍ତ୍ରମୁଗ୍ଧ ହୋଇ ସେହି ଆଲୋଚନା ଶୁଣୁଥିଲୁ । ଇତିମଧ୍ୟରେ ସେହି ପିରିୟଡ୍‌ଟି ଅତିକ୍ରାନ୍ତ ହୋଇ କେତେବେଳେ ଘଣ୍ଟା ବାଜିଗଲା, ଆମେ ତାହା ଜାଣିପାରିଲୁ ନାହିଁ । ଆମେ ସାର୍‌ଙ୍କୁ ଅନୁରୋଧ କଲୁ ଯେ, ସେ ଆଉ ଦିନେ ଆମର କ୍ଲାସ ନେଇ ସେହି ଅପୂର୍ଣ୍ଣ ଆଲୋଚନାଟିକୁ ସମ୍ପୂର୍ଣ୍ଣ କରିବେ ଓ ସେହି ସମ୍ପୂର୍ଣ୍ଣ ଆଲୋଚନାଟିକୁ ଆମକୁ ଡାକିଦେବେ । ସାର୍ ଆମର ଅନୁରୋଧ ରକ୍ଷା କରି ଗୋଟିଏ ରବିବାର ଦିନ ଅତିରିକ୍ତ କ୍ଲାସ ନେଇ ଆଲୋଚନାଟିକୁ ସମ୍ପୂର୍ଣ୍ଣ କରିଥିଲେ ଓ ଆମକୁ ତାହା ଡାକି ଦେଇଥିଲେ । ସେହିଦିନଠାରୁ ଆମର ଧାରଣା ହେଲା ଯେ, ସାର୍ ପ୍ରାଚୀନ ଓ ଆଧୁନିକ ଉଭୟ ଉପରେ ବିଦ୍‌ବତ୍ତା ଅର୍ଜନ କରିଛନ୍ତି । ସେ ଥିଲେ ଜଣେ ବହୁ ଶାସ୍ତ୍ରବିତ୍ ଓ ବହୁ ଭାଷାବିତ୍ ବିଦ୍ୱାନ ବ୍ୟକ୍ତି । ଇଂରାଜୀ, ସଂସ୍କୃତ, ଓଡ଼ିଆ, ପାଲି ଓ ବଙ୍ଗଳା ଭାଷାରେ ତାହାଙ୍କର ଅସାଧାରଣ ପାଣ୍ଡିତ୍ୟ ରହିଥିଲା ।

ସେ ସର୍ବଦା କର୍ମତତ୍ପର ରହୁଥିଲେ । ସାର୍ କଟକର ଦେଉଳସାହିରେ ଅବସ୍ଥାନ କରୁଥିଲେ । ଖ୍ରୀଷ୍ଟ କଲେଜରେ ସମସ୍ତ କଳାଶ୍ରେଣୀ (Arts Classes) ସକାଳ ସାତଟା ବେଳେ ଆରମ୍ଭ ହୋଇ ସାଢ଼େ ବାରଟା ପର୍ଯ୍ୟନ୍ତ ଚାଲୁଥିଲା । ସାତଟା ବେଳେ ଯେଉଁ ଅଧ୍ୟାପକମାନଙ୍କର କ୍ଲାସ ନ ଥାଏ, ସେମାନେ ଟିକିଏ ବିଳମ୍ବରେ କଲେଜରେ ପହଞ୍ଚୁଥିଲେ । ମାତ୍ର ସାର୍‌ଙ୍କର ୭ଟା ବେଳେ କ୍ଲାସ ଥାଉ କି ନ ଥାଉ, ଦେଉଳ ସାହିରୁ

Digitized by srujanika@gmail.com

ଚାଲି ଚାଲି ଆସି ପ୍ରତିଦିନ ସାତଟା ପୂର୍ବରୁ କଲେଜରେ ପହଞ୍ଚି ଯାଉଥିଲେ । ଅଧିକାଂଶ ଦିନ ଅନ୍ୟ ସମସ୍ତଙ୍କ ପୂର୍ବରୁ ସେ ଉପସ୍ଥିତ ହେଉଥିଲେ । କ୍ଲାସ ଶେଷ ହେବା ପରେ ଦିନ ଗୋଟାଏ ପରେ ସେ ଘରକୁ ବାହାରୁଥିଲେ । ଏହି ସମୟ ମଧ୍ୟରେ ଯେତେବେଳେ ତାହାଙ୍କର କୌଣସି କ୍ଲାସ ନ ଥାଏ, ସେତେବେଳେ ଅଧକ୍ଷ ଓ ଅଫିସର କର୍ମଚାରୀମାନଙ୍କୁ କାମରେ ସାହାଯ୍ୟ କରୁଥିଲେ । ସାର୍ ପାଠ ପଢ଼ାଇବାରେ ଯେଉଁପରି ଧୂରୀଣ ଥିଲେ, ଅଫିସ୍ କାର୍ଯ୍ୟ ଓ ପ୍ରଶାସନିକ କାର୍ଯ୍ୟରେ ମଧ୍ୟ ଅଭିଜ୍ଞ ଥିଲେ । ସେତେବେଳେ ରେଭରେଣ୍ଡ ବ୍ରଜାନନ୍ଦ ମହାନ୍ତି କଲେଜର ଅଧକ୍ଷ ଥିଲେ । ସାର୍ ତାଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଥିଲେ । ଅଧକ୍ଷଙ୍କର ଅଧିକାଂଶ ପ୍ରଶାସନିକ କାର୍ଯ୍ୟ ସାର୍ ସମ୍ପାଦନ କରୁଥିଲେ । ବର୍ତ୍ତମାନ ଏହି କାର୍ଯ୍ୟ କରିବା ପାଇଁ କଲେଜମାନଙ୍କରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର Administrative Bursar ପଦବୀ ସୃଷ୍ଟି ହୋଇଛି, ଯେଉଁଥିପାଇଁ ସ୍ୱତନ୍ତ୍ର ଭତ୍ତା ବ୍ୟବସ୍ଥା ରହିଛି । ମାତ୍ର ସାର୍ ସେତେବେଳେ ଏହି ସମସ୍ତ ଅଫିସ୍ କାର୍ଯ୍ୟ କରିବା ପାଇଁ କୌଣସି ସ୍ୱତନ୍ତ୍ର ପାରିତୋଷିକ ପାଉ ନ ଥିଲେ । ଅନର୍ସ ଶ୍ରେଣୀର ଛାତ୍ରମାନଙ୍କର ପାଠ୍ୟକ୍ରମ ଶେଷ ହୋଇ ନ ଥିଲେ ପରୀକ୍ଷା ପୂର୍ବରୁ ରବିବାର ଓ ଅନ୍ୟାନ୍ୟ ଛୁଟିଦିନରେ ଅତିରିକ୍ତ କ୍ଲାସ (Extra Class) ନେଇ ସେ ଛାତ୍ରମାନଙ୍କୁ ପାଠ ପଢ଼ାଉଥିଲେ । (ଏହା ଆଜିକାଲିର ଟିଉସନ କରୁଥିବା ଅର୍ଥଲିପ୍ସୁ ଅଧାପକମାନଙ୍କଠାରେ ସମ୍ପୂର୍ଣ୍ଣ ବିରଳ) ।

ଖ୍ରୀଷ୍ଟ କଲେଜର କଳାଶ୍ରେଣୀର ଅଧିକାଂଶ ଅଧାପକ ଘରେ ପହଞ୍ଚିବା ପରେ ମଧ୍ୟାହ୍ନ ଭୋଜନ ଶେଷ କରି ଖରାବେଳେ ଘଣ୍ଟେ କିମ୍ବା ଦୁଇଘଣ୍ଟା ଶୟନ କରନ୍ତି । ସାର୍ ମଧ୍ୟାହ୍ନ ଭୋଜନ ପରେ ଦିନବେଳେ କେବେହେଲେ ଶୟନ କରନ୍ତି ନାହିଁ । ଦିନବେଳେ ଦୁଇଟାରୁ ଚାରିଟା ପର୍ଯ୍ୟନ୍ତ ଓଡ଼ିଆ, ଇଂରାଜୀର ଖବରକାଗଜ ଓ ବିଭିନ୍ନ ବହି ଅଧ୍ୟୟନ କରି ସମୟ ବିତାଇଥାନ୍ତି । ଦିବାନିଦ୍ରାକୁ ସେ ସମ୍ପୂର୍ଣ୍ଣ ଭାବରେ ପରିହାର କରି ଦେଇଥିଲେ । ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ସେ ସାନ୍ଧ୍ୟ ଭ୍ରମଣରେ ଯାଆନ୍ତି । ସାନ୍ଧ୍ୟ ଭ୍ରମଣରେ ବାହାରି ସେ ଅଧିକାଂଶ ଦିନ ତାଙ୍କର ସହକର୍ମୀ ଶ୍ରୀଯୁକ୍ତ ପଠାଣି ପଟ୍ଟନାୟକଙ୍କ ଘରକୁ ଯାଇଥାନ୍ତି ଏବଂ ତାଙ୍କ ସହିତ କଟକର ବିଭିନ୍ନ ସ୍ଥାନକୁ ଯାଆନ୍ତି । ଚାଲି ଚାଲି ଗଲାବେଳେ ରାସ୍ତା ସାରା ସାହିତ୍ୟ ସମ୍ପର୍କୀୟ ଏବଂ

Digitized by srujanika@gmail.com

ସମାଜ ଓ ଦେଶର ବିଭିନ୍ନ ସମସ୍ୟା ବିଷୟକ ଆଲୋଚନା କରୁଥାନ୍ତି । ଦିନେ ଦିନେ ପଠାଣିବାବୁ, ଦେବେନ୍ଦ୍ର ବାବୁ କିମ୍ବା ଅନ୍ୟ କୌଣସି ସହକର୍ମୀଙ୍କ ସହିତ ସେ ବିନୋଦବିହାରୀ ଯାଇଥାନ୍ତି । ସେଠାରେ ବିଭିନ୍ନ ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ ନୂତନ ବହିଗୁଡ଼ିକ ଦେଖନ୍ତି ଓ ସେଗୁଡ଼ିକ ସମ୍ପର୍କରେ ଆଲୋଚନା କରନ୍ତି । ସନ୍ଧ୍ୟା ପରେ ଘରକୁ ଫେରି ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ ଓ ଗ୍ରନ୍ଥ ରଚନାରେ ନିମଜ୍ଜିତ ରହନ୍ତି । ବହୁ ରାତି ପର୍ଯ୍ୟନ୍ତ ସେ ଗ୍ରନ୍ଥ ଅଧ୍ୟୟନ ଓ ଗ୍ରନ୍ଥ ରଚନାରେ ମନୋନିବେଶ କରିଥାନ୍ତି । ଏହା ଥିଲା ତାଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମ ।

ଖ୍ରୀଷ୍ଟ କଲେଜରେ ନିଯୁକ୍ତି ପାଇବା ପୂର୍ବରୁ ସେ କେତେଗୋଟି ବ୍ୟାକରଣ ଗ୍ରନ୍ଥ ରଚନା କରିଥିଲେ । ଏହି ଅନୁଷ୍ଠାନରେ ନିଯୁକ୍ତି ପାଇବା ପରେ ସେ ଅଧିକ ସଂଖ୍ୟକ ଗ୍ରନ୍ଥ ପ୍ରଣୟନରେ ଉଦ୍ୟମ ଜାରି ରଖିଲେ । ଜୀବନର ଶେଷ ଅବସ୍ଥା ପର୍ଯ୍ୟନ୍ତ ସେ ଗ୍ରନ୍ଥ ରଚନାରେ ମନୋନିବେଶ କରିଥିଲେ । ସେ ସାହିତ୍ୟର ବିଭିନ୍ନ ବିଭାବ ଉପରେ ଲେଖନୀ ଚାଳନା କରିଥିଲେ । ସେ ସର୍ବମୋଟ ବିଭିନ୍ନ ବିଭାବ ଉପରେ ଲେଖନୀ ଚାଳନା କରିଥିଲେ । ସେ ସର୍ବମୋଟ ପ୍ରାୟ ଦେଢ଼ଶହ ଗ୍ରନ୍ଥ ପ୍ରଣୟନ କରିଥିଲେ । ସେଗୁଡ଼ିକ ମଧ୍ୟରେ ଜୀବନୀଗ୍ରନ୍ଥ, ଅନୁବାଦ ଗ୍ରନ୍ଥ, ସାହିତ୍ୟ ସମାଲୋଚନା ଓ ପ୍ରବନ୍ଧ, ସଂପାଦିତ ଗ୍ରନ୍ଥ, କୋଷଗ୍ରନ୍ଥ (Dictionary) ଓ ପାଠ୍ୟପୁସ୍ତକ ପ୍ରଭୃତି ପ୍ରଧାନ । କୋଷଗ୍ରନ୍ଥଗୁଡ଼ିକ ହେଉଛି –

(୧) ନବ ଅଭିଧାନ, (୨) Student's English Oriya Dictionary ଏବଂ (୩) ବିବିଧକୋଷ । ତାହାଙ୍କ ପ୍ରଣୀତ ବ୍ୟାକରଣ ଗ୍ରନ୍ଥଗୁଡ଼ିକ ହେଉଛି – (୧) ଲଘୁ ବ୍ୟାକରଣ, (୨) ସର୍ବସାର ବ୍ୟାକରଣ, (୩) ମୌଳିକ ଲଘୁ ବ୍ୟାକରଣ ଓ ରଚନା, (୪) ମୌଳିକ ମଧ୍ୟ ବ୍ୟାକରଣ ଓ ରଚନା (୫) ମଧ୍ୟ ଓଡ଼ିଆ ବ୍ୟାକରଣ- ପ୍ରଥମ ଭାଗ, (୬) ମଧ୍ୟ ଓଡ଼ିଆ ବ୍ୟାକରଣ- ଦ୍ୱିତୀୟ ଭାଗ, (୭) ସଂସ୍କୃତ ବ୍ୟାକରଣ ପ୍ରବେଶ, (୮) ମଧ୍ୟ ବ୍ୟାକରଣ, (୯) ସଂସ୍କୃତ ବ୍ୟାକରଣ ଓ ରଚନା, (୧୦) ସରଳ ସଂସ୍କୃତ ବ୍ୟାକରଣ ।

ତାହାଙ୍କଦ୍ୱାରା ଲିଖିତ ପାଠ୍ୟପୁସ୍ତକଗୁଡ଼ିକ ହେଉଛି – (୧) ସାହିତ୍ୟ ମୁକୁର (ପ୍ରଥମ ଭାଗ), (୨) ସାହିତ୍ୟ ମୁକୁର (ଦ୍ୱିତୀୟ ଭାଗ), (୩) ପାଠକଳିକା (ପ୍ରଥମ

Digitized by srujanika@gmail.com

ଭାଗ), (୪) ପାଠକଳିକା (ଦ୍ୱିତୀୟ ଭାଗ), (୫) ପାଠକୁସୁମ, (୬) ନୂତନ ସାହିତ୍ୟ ସଂଗ୍ରହ, (୭) ମନୋହର ପାଠ (ପ୍ରଥମ ଭାଗ), (୮) ମନୋହର ପାଠ (ଦ୍ୱିତୀୟ ଭାଗ), (୯) ପାଠ ପ୍ରଦୀପ (ପ୍ରଥମ ଭାଗ), (୧୦) ପାଠ ପ୍ରଦୀପ (ଦ୍ୱିତୀୟ ଭାଗ), (୧୧) କଥାମାଳା, (୧୨) କଥା ସୁମନ (ପ୍ରଥମ ଭାଗ), (୧୩) କଥାସୁମନ (ଦ୍ୱିତୀୟ ଭାଗ), (୧୪) ଜୀବନ ବର୍ତ୍ତିକା, (୧୫) ମଞ୍ଜୁଷା, (୧୬) ଆମ ଦେଶର ଇତିହାସ ଗପ (ପ୍ରଥମ ଭାଗ), (୧୭) ଆମ ଦେଶର ଇତିହାସ ଗପ (ଦ୍ୱିତୀୟ ଭାଗ), (୧୮) ନବ ଇତିହାସ (ପ୍ରଥମ ଭାଗ), (୧୯) ନବ ଇତିହାସ (ଦ୍ୱିତୀୟ ଭାଗ), (୨୦) ନବ ଭୂଗୋଳ (ପ୍ରଥମ ଭାଗ), (୨୧) ନବ ଭୂଗୋଳ (ଦ୍ୱିତୀୟ ଭାଗ), (୨୨) Tales Untold, (୨୩) M.E. Translation and Composition ଏଥିମଧ୍ୟରୁ ଗୋଟିଏ କିମ୍ବା ଦୁଇଟିକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବହି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ଓଡ଼ିଶାର ହାଇସ୍କୁଲମାନଙ୍କରେ ପାଠ୍ୟପୁସ୍ତକ ରୂପେ ପଢ଼ାଯିବା ନିମିତ୍ତ ମଞ୍ଜୁରୀ ପ୍ରାପ୍ତ ହୋଇଥିଲା ।

ତାହାଙ୍କଦ୍ୱାରା ଲିଖିତ ବହୁ ଅନୁବାଦ ଗ୍ରନ୍ଥ ପ୍ରକାଶିତ ହୋଇ ଓଡ଼ିଶାର ପାଠକ ମହଲରେ ବିଶେଷ ଆଦୃତି ଲାଭ କରିଥିଲା । ସେ ଇଂରଜୀ ଭାଷାର ବିଭିନ୍ନ ଗଳ୍ପ ଓ ପ୍ରବନ୍ଧ ଗ୍ରନ୍ଥ ଏବଂ ସଂସ୍କୃତ ଭାଷାର କେତେକ କଥାଗ୍ରନ୍ଥକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । ଇଂରାଜୀ ଭାଷାରୁ ଓଡ଼ିଆ ଭାଷାରେ ଅନୂଦିତ ଗ୍ରନ୍ଥଗୁଡ଼ିକ ହେଉଛି – (୧) ପୃଥିବୀ ପାଇଁ ଜଳ, (୨) ଶାନ୍ତି ପଥର ବୀର ସୈନିକ, (୩) ଜର୍ଜ ଓ ଏଷ୍ଟିଙ୍ଗ୍ ହାଉସ୍, (୪) ମାର୍କିନ୍ ରାଷ୍ଟ୍ରରେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ, (୫) ଭିଏତ୍‌ଥନାମ ଯୁଦ୍ଧ କାହିଁକି, (୬) ଭିଏତ୍ କଙ୍ଗ (ଏହି ଛଅଗୋଟି ଗ୍ରନ୍ଥ ଆମେରିକା ଯୁକ୍ତରାଷ୍ଟ୍ରର ସୂଚନା ସେବା ଆନୁକୂଲ୍ୟରେ ପ୍ରକାଶିତ), (୭) ବୃକ୍ଷଜଗତ (ଏହି ବହିଟି National Book Trust of India ଆନୁକୂଲ୍ୟରେ ପ୍ରକାଶିତ), (୮) ଶିବାନୀ ପଲ୍ଲୀର କଳାଚିତାବାଘ, (୯) ଆଲିବାବା (୧୦) ଦିବ୍ୟଚକ୍ଷୁ, (୧୧) ଭାରତର ଅର୍ଥନୈତିକ ଇତିହାସ (ଏହା Indian Council of Historical Research ଆନୁକୂଲ୍ୟରେ ପ୍ରକାଶିତ), (୧୨) ରବିନ୍ ହୁଡ୍, (୧୩) ବିଚିତ୍ର କାହାଣୀ,

Digitized by srujanika@gmail.com

(୧୪) ଲିଓ ଟଲଷ୍ଟୟଙ୍କ ଗଳ୍ପମାଳା, (୧୫) ଅଲିଭର ଟୁଇଷ୍ଟ, (୧୬) ଗଲିଭରର ଭ୍ରମଣ କାହାଣୀ, (୧୭) ଅଶୀ ଦିନରେ ପୃଥିବୀ ଭ୍ରମଣ, (୧୮) ବିଚିତ୍ର ତାବିଜ, (୧୯) ସେକ୍‌ସପିଅରଙ୍କ କାହାଣୀ-ପ୍ରଥମ ଭାଗ, (୨୦) ସେକ୍‌ସପିଅରଙ୍କ କାହାଣୀ-ଦ୍ୱିତୀୟ ଭାଗ, (୨୧) ସେକ୍‌ସପିଅରଙ୍କ କାହାଣୀ-ତୃତୀୟ ଭାଗ, (୨୨) ଗ୍ରୀସ୍ ଦେଶର ଉପକଥା, (୨୩) ସମୁଦ୍ର ଗର୍ଭରେ କୋଡ଼ିଏ ହଜାର ଲିଗ୍ ଭ୍ରମଣ, (୨୪) ଟମ୍ ସଲର୍, (୨୫) ଟଲଷ୍ଟୟ କାହାଣୀ- ପ୍ରଥମ ଭାଗ, (୨୬) ଟଲଷ୍ଟ କାହାଣୀ-ଦ୍ୱିତୀୟ ଭାଗ, (୨୭) ଟଲଷ୍ଟୟ କାହାଣୀ-ତୃତୀୟ ଭାଗ, (୨୮) ଚେକଭ୍ କାହାଣୀ, (୨୯) ଆଇଭାନ୍ ହୋ, (୩୦) ଚନ୍ଦ୍ରକାନ୍ତମଣି, (୩୧)) ରତ୍ନଦ୍ୱୀପ, (୩୨) ଡେଭିଡ୍ କପର୍‌ଫିଲ୍‌ସ, (୩୩) ଟମକକାଙ୍କ କୁଟୀର, (୩୪) ହୋମର୍ କାହାଣୀ, (୩୫) ଗର୍କି କାହାଣୀ, (୩୬) ମୋପାସାଁ କାହାଣୀ- ପ୍ରଥମ ଭାଗ, (୩୭) ମୋପାସାଁ କାହାଣୀ- ଦ୍ୱିତୀୟ କାହାଣୀ, (୩୮) ମୋପାସାଁ କାହାଣୀ-ତୃତୀୟ ଭାଗ, (୩୯) ଇଶପ୍ କାହାଣୀ, (୪୦) ଟାଇମ୍ ମେସିନ୍, (୪୧) ଅହମିକା ଓ ଭ୍ରାନ୍ତି, (୪୨) ବାଉଣ୍ଟି ଜାହାଜରେ ବିଦ୍ରୋହ, (୪୩) ଋଷିଆଦେଶର ଲୋକକାହାଣୀ, (୪୪) ସୁରେବ୍ ଓ ରୁସ୍ତମ୍ (ପଦ୍ୟାନୁବାଦ), (୪୫) ଆମ ଓଡ଼ିଶା କଥା ।

ସଂସ୍କୃତ ଭାଷାରୁ ଅନୂଦିତ ଗ୍ରନ୍ଥଗୁଡ଼ିକ ହେଉଛି – (୧) ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ, (୨) ହିତକଥା, (୩) ଜାତକ କାହାଣୀ-ପ୍ରଥମଭାଗ, (୪) ଜାତକ କାହାଣୀ- ଦ୍ୱିତୀୟ ଭାଗ, (୫) ଜାତକ କାହାଣୀ-ତୃତୀୟ ଭାଗ, (୬) ଜାତକ କାହାଣୀ-ଚତୁର୍ଥ ଭାଗ, (୭) ମିତ୍ରଲାଭ -ପ୍ରଥମାର୍ଦ୍ଧ, (୮) ମିତ୍ରଲାଭ -ଦ୍ୱିତୀୟାର୍ଦ୍ଧ, (୯) ସୁହୃଦ୍ ଭେଦି, (୧୦) ମିତ୍ରଭେଦ-ଦ୍ୱିତୀୟାର୍ଦ୍ଧ, (୧୪) ମିତ୍ରପ୍ରାପ୍ତି, (୧୫) କାକୋଲୂକୀୟ, (୧୬) ଲବ୍‌ଧ ପ୍ରାଣ, (୧୭) ଅପରୀକ୍ଷିତ କାରକ, (୧୮) ମାଳବିକା-ଅଗ୍ନିମିତ୍ର, (୧୯) ବେତାଳ ପଞ୍ଚବିଂଶତି ଓ (୨୦) ଶକୁନ୍ତଳା ।

ତାହାଙ୍କଦ୍ୱାରା ଲିଖିତ ଅନୁବାଦ ଗ୍ରନ୍ଥରାଜିର ସର୍ବମୋଟ ସଂଖ୍ୟା ହେଉଛି ପଞ୍ଚଷଠି । ଓଡ଼ିଶାର ଅନ୍ୟ କୌଣସି ଲେଖକ ଆଜି ପର୍ଯ୍ୟନ୍ତ ଏତେ ସଂଖ୍ୟକ ଅନୁବାଦ ଗ୍ରନ୍ଥ ପ୍ରଣୟନ କରିଥିବା ଦେଖାଯାଏ ନାହିଁ । ସାମ୍ପ୍ରତିକ କାଳରେ ଅନୁବାଦ ନିମିତ୍ତ

Digitized by srujanika@gmail.com

କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ ସମ୍ମାନ ପ୍ରଦାନ କରୁଛନ୍ତି । ମାତ୍ର ଅଧ୍ୟାପକ ଶ୍ରୀଧର ଦାସ ଯେତେ ସଂଖ୍ୟକ ଅନୁବାଦ ଗ୍ରନ୍ଥ ପ୍ରଣୟନ କରିଛନ୍ତି, ତାହା ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡ଼େମୀଦ୍ୱାରା ପୁରସ୍କୃତ ଅନୁବାଦକମାନଙ୍କ ଯୋଗ୍ୟତାଠାରୁ ଯଥେଷ୍ଟ ଅଧିକ । ସମ୍ଭବତଃ ସେହି ସମୟରେ ଏହି ସମସ୍ତ ବ୍ୟବସ୍ଥା ନ ଥିଲା କିମ୍ବା ସେ ଏଥିପାଇଁ ଆଗ୍ରହୀ ନ ଥିଲେ ଓ ଦରଖାସ୍ତ କରି ନ ଥିଲେ ।

ଏହି ସମସ୍ତ ଗ୍ରନ୍ଥ ସହିତ ସେ ଅନେକ ଜୀବନୀ ଗ୍ରନ୍ଥ ରଚନା କରିଥିଲେ । ସେ ଓଡ଼ିଶାର ବିଭିନ୍ନ କବି ଓ ମହାପୁରୁଷଙ୍କ ଜୀବନ କାହାଣୀକୁ ଭିତ୍ତି କରି ଅନେକ ଜୀବନ କାହାଣୀ ରଚନା କରିଥିଲେ । ସେଗୁଡ଼ିକ ମଧ୍ୟରେ କବିସୂର୍ଯ୍ୟ ବଳଦେବ ରଥ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, ସାଧୁ ସୁନ୍ଦର ଦାସ ଓ ମଧୁସୂଦନ ରାଓ ପ୍ରମୁଖଙ୍କ ଜୀବନ ବୃତ୍ତାନ୍ତ ପ୍ରଧାନ ।

ଅଧ୍ୟାପକ ଶ୍ରୀଧର ଦାସ ମହୋଦୟ ଅନେକ ଓଡ଼ିଆ କାବ୍ୟକୁ ସମ୍ପାଦନା କରିବା ସଙ୍ଗେ ସଙ୍ଗେ ତାହାର ସରଳ ଟୀକା ଏବଂ କାବ୍ୟ ସମ୍ପର୍କୀୟ ବିସ୍ତୃତ ଆଲୋଚନା ପ୍ରଦାନ ପୂର୍ବକ ପ୍ରକାଶ କରାଇଥିଲେ । ତାହାଙ୍କଦ୍ୱାରା ସମ୍ପାଦିତ ସେହି କାବ୍ୟଗୁଡ଼ିକ ହେଉଛି – (୧) ରୁକ୍ମିଣୀ ବିଭା, (୨) ରସକଲ୍ଲୋଳ, (୩) ବିଦଗ୍ଧ ଚିନ୍ତାମଣି (୪) ମଥୁରାମଙ୍ଗଳ, (୫) ଚନ୍ଦ୍ରଭାଗା, (୬) ଚିଲିକା ଓ (୭) ଦରବାର ପ୍ରଭୃତି ।

ଏହା ସହିତ ସେ କେତୋଟି ଅଳଙ୍କାର ଗ୍ରନ୍ଥ ରଚନା କରିଥିଲେ । ସେହି ଅଳଙ୍କାର ଗ୍ରନ୍ଥଗୁଡ଼ିକ ମଧ୍ୟରେ ଅଳଙ୍କାର ପ୍ରବେଶ ଓ ଅଳଙ୍କାର ମଞ୍ଜରୀ ପ୍ରଭୃତି ପ୍ରଧାନ ।

ଓଡ଼ିଆ ଭାଷାର ଏହି ମହାନ ସାରସ୍ୱତ ସେବକ ୧୯୪୮ ମସିହାରୁ ଆରମ୍ଭ କରି ୧୯୮୦ ମସିହା ମଧ୍ୟରେ ଲେଖନୀ ଚାଳନା ପୂର୍ବକ ଏହି ସମସ୍ତ ଗ୍ରନ୍ଥ ରଚନା କରିଥିବା ଜଣାଯାଏ । ଏହାପରେ ତାହାଙ୍କ ଚକ୍ଷୁର ଦୃଷ୍ଟିଶକ୍ତି ହ୍ରାସ ପାଇବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଆଉ ଅଧିକ ଲେଖାପଢ଼ା କଲେ ନାହିଁ । ତଥାପି ନିଜର ଜୀବନକାଳ

Digitized by srujanika@gmail.com

ମଧ୍ୟରେ ସେ ଯେତେ ସଂଖ୍ୟକ ଗ୍ରନ୍ଥ ରଚନା କରିଛନ୍ତି, ତାହା ମୁଷ୍ଟିମେୟ ସାରସ୍ୱତ ସାଧକଙ୍କ ଭାଗ୍ୟରେ ସମ୍ଭବ ହୋଇଥାଏ । ସେତେବେଳର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ତାହାଙ୍କର ସମ୍ପର୍କ ସ୍ଥାପିତ ହୋଇଥିଲା । ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ବିନାୟକ ମିଶ୍ର, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଡକ୍ଟର କୁଞ୍ଜବିହାରୀ ଦାଶ, ଡକ୍ଟର ପ୍ରାଣକୃଷ୍ଣ ପରିଜା, ଡକ୍ଟର ମାୟାଧର ମାନସିଂହ, ପଦ୍ମଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ପ୍ରଧାନ ।

ଏହି ଆଚାର୍ଯ୍ୟପ୍ରବର ଯଥାର୍ଥରେ ଜଣେ କର୍ମଯୋଗୀ ଓ ଜ୍ଞାନଯୋଗୀ ଥିଲେ । ଜ୍ଞାନ ଆହରଣ ସଙ୍ଗେ ସଙ୍ଗେ ଶିକ୍ଷାଦାନ ଓ ଗ୍ରନ୍ଥ ରଚନା ମାଧ୍ୟମରେ ସେ ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନ ବିତରଣ କରୁଥିଲେ । କର୍ମ ନ କରି ଆଳସ୍ୟପରାୟଣ ହେବା ଓ କର୍ମଶୂନ୍ୟ ଭାବରେ ବସି ରହିବାକୁ ସେ ଘୃଣା କରୁଥିଲେ । ଅର୍ଥାତ୍ କର୍ମସାଧନା ଉପରେ ସେ ବିଶ୍ୱାସ ଓ ଆସ୍ଥା ରଖିଥିଲେ । ଏହି ଦୃଷ୍ଟିରୁ ସେ ଯଥାର୍ଥରେ ଜଣେ କର୍ମଯୋଗୀ ଥିଲେ ତାହାଙ୍କର ଦେହାନ୍ତ ପରେ ଓଡ଼ିଶା ଜଣେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟସ୍ରଷ୍ଟା ଏବଂ ନିରଳସ ସାରସ୍ୱତ ସେବକଙ୍କୁ ହରାଇଲା । ଆଜି ତାହାଙ୍କ କୃତିତ୍ୱର ସ୍ମୃତିଚାରଣ ଓ ପ୍ରତିଭାର ମୂଲ୍ୟାୟନ କରିବା ଅବସରରେ ଏହି ଲେଖକ ତାହାଙ୍କ ନିକଟରେ ବିଦ୍ୟାଶିକ୍ଷା କରିଥିବାରୁ ନିଜକୁ ଗୌରବାନ୍ୱିତ ଓ ଭାଗ୍ୟବାନ ମନେକରୁଛି ଏବଂ ସେହି ଅମର ଆତ୍ମା ଉଦ୍ଦେଶ୍ୟରେ ନତମସ୍ତକ ହୋଇ ଅନ୍ତରର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଅବସରପ୍ରାପ୍ତ ଓଡ଼ିଆ ବିଭାଗୀୟ ମୁଖ୍ୟ,
ଖ୍ରୀଷ୍ଟ କଲେଜ, କଟକ
ପ୍ଲଟ ନଂ ୧୦୪୪/ଡ଼ି, ସେକ୍ଟର-୬,
ଅଭିନବ ବିଡ଼ାନାସୀ, କଟକ-୧୪
ମୋ : ୯୮୬୧୧୫୬୩୧୩

■■■

Digitized by srujanika@gmail.com

ଅନନ୍ୟ ବ୍ୟକ୍ତିତ୍ୱ ଶ୍ରୀଧର ଦାସ

ଶ୍ରୀ ବସନ୍ତ ଦାସ

ଷାଠିଏ ବର୍ଷ ତଳର କଥା । ସେତେବେଳେ କଟକ ସହରରେ ମୁଖ୍ୟତଃ ତିନୋଟି କଲେଜ ଥିଲା । ରେଭେନ୍ସା କଲେଜ, ଷ୍ଟୁଆର୍ଟ ସାଇନ୍ସ କଲେଜ ଓ କ୍ରାଏଷ୍ଟ କଲେଜ । ସାଧାରଣତଃ ମେଧାବୀ ଛାତ୍ରମାନେ ରେଭେନ୍ସା କଲେଜରେ ପଢ଼ିବା ପାଇଁ ସୁଯୋଗ ପାଉଥିଲେ । ଷ୍ଟୁଆର୍ଟ ସାଇନ୍ସ କଲେଜରେ କେବଳ ବିଜ୍ଞାନ ଶ୍ରେଣୀ ଥିବାରୁ ସେଠାରେ ଅନ୍ୟମାନଙ୍କ ପାଇଁ ସୁବିଧା ନ ଥିଲା । ସେଥିପାଇଁ କ୍ରାଏଷ୍ଟ କଲେଜ ଉପରେ ସବୁ ଚାପ ପଡୁଥିଲା । କ୍ରାଏଷ୍ଟ କଲେଜରେ କ୍ଲାସ ଧକାଳ ସାତଟାରେ ଆରମ୍ଭ ହୋଇ ଏଗାରଟାରେ ସରି ଯାଉଥିଲା । ଯେଉଁମାନେ ମାଟ୍ରିକ୍ ପାଶ୍ କରି ବିଭିନ୍ନ ସ୍ଥାନରେ ଚାକିରି କରୁଥିଲେ, ଉଚ୍ଚଶିକ୍ଷା ପାଇଁ କ୍ରାଏଷ୍ଟ କଲେଜ ସେମାନଙ୍କର ଏକମାତ୍ର ଭରସା ଥିଲା । ସେତେବେଳେ ତୃତୀୟ ପିରିୟଡ଼ ପରେ ସାଢ଼େ ନଅଟା ବେଳେ କିଛି ସମୟ ପାଇଁ ଛୁଟି ହେଉଥିଲା । ଯେଉଁମାନେ ଚାକିରିଆ, ସେମାନେ ତୃତୀୟ ପିରିୟଡ଼ ପରେ କ୍ଲାସରେ ପ୍ରେଜେଣ୍ଟ ପକାଇ ନିଜ ନିଜର କର୍ମସ୍ଥଳୀକୁ ଚାଲି ଯାଉଥିଲେ ।

ସେ ସମୟରେ ବହୁ ପ୍ରବୀଣ ଅଧ୍ୟାପକ କ୍ରାଏଷ୍ଟ କଲେଜରେ ଅଧ୍ୟାପନା କରୁଥିଲେ । ସବୁଠାରୁ ଓଡ଼ିଆ ବିଭାଗଟି ଅଧିକ ସମୃଦ୍ଧ ଥିଲା । ସେ ବିଭାଗରେ ଶ୍ରୀଧର ଦାସ, ପଠାଣି ପଟ୍ଟନାୟକ ଓ ବନମାଳୀ ମିଶ୍ରଙ୍କ ପରି ଛାତ୍ରବତ୍ସଳ ଅଧ୍ୟାପକମାନେ ରହିଥିଲେ । ସେମାନଙ୍କର ପାଠପଢ଼ାର ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ଅଧ୍ୟାପକମାନେ ପ୍ରାୟ ସବୁପିଲାଙ୍କୁ ବ୍ୟକ୍ତିଗତ ଭାବରେ ଜାଣୁଥିଲେ । ଅଧ୍ୟାପକ ଓ ଛାତ୍ରମାନଙ୍କ ମଧ୍ୟରେ ମଧୁର ସମ୍ପର୍କ ରହୁଥିଲା । ସେତେବେଳେ ଇଂରାଜୀ ସାଙ୍ଗକୁ ଓଡ଼ିଆ, ଏମ୍.ଆଇ.ଏଲ୍.ରେ ବାଧ୍ୟତାମୂଳକ ବିଷୟ ଥିଲା । ଅଧିକାଂଶ ଛାତ୍ର ଓଡ଼ିଆ ଏମ୍.ଆଇ.ଏଲ୍. ନେଉଥିଲେ ।

Digitized by srujanika@gmail.com

ମୋର ଆଜି ଭଳି ମନେପଡୁଛି । ଶ୍ରୀଧର ବାବୁ ଗଙ୍ଗାଧର ମେହେରଙ୍କ ରଚିତ ପ୍ରଣୟବଲ୍ଲରୀ କାବ୍ୟ ପଢ଼ଉଥିଲେ । ଶ୍ରୀଧର ବାବୁଙ୍କୁ ବାହାରୁ ଦେଖିଲେ ତାଙ୍କର ଜ୍ଞାନ, ପାଣ୍ଡିତ୍ୟ ଓ ଅଭିଜ୍ଞତାର କୌଣସି ସୂଚନା ମିଳୁ ନ ଥିଲା । ଖୁବ୍ ସାଦାସିଧା ମଣିଷ । ପରିଧାନ ଖଣ୍ଡେ ଧୋତି ଓ ଧଳା ପଞ୍ଜାବୀ । ଗୋଡ଼ରେ ହଳେ ସାଧାରଣ ଚପଲ । ସାଇକେଲରେ ଯିବା ଆସିବା କରନ୍ତି । ଆଧୁନିକ ଚାକଚକ୍ୟଠାରୁ ସେ ଦୂରରେ ରହୁଥିଲେ । ମାତ୍ର ଛାତ୍ରମାନଙ୍କ ପ୍ରତି ତାଙ୍କର ଅକୃତ୍ରିମ ସ୍ନେହ ଯୋଗୁ ପ୍ରଫେସର ଦାସଙ୍କୁ ସମସ୍ତେ ଭକ୍ତି କରୁଥିଲେ ।

ଶ୍ରୀଧର ବାବୁ ଅଧିକାଂଶ ଦିନ ଚତୁର୍ଥ ପିରିଅଡ଼ରେ କ୍ଲାସ ନେଉଥିଲେ । ଚତୁର୍ଥ ପିରିଅଡ଼୍ ନଅଟା ପଚାଶ ମିନିଟରେ ଆରମ୍ଭ ହେଉଥିଲା । ସେଥିପାଇଁ ଯେଉଁମାନେ ଚାକିରି କରୁଥିଲେ, ସେମାନେ ପ୍ରେଜେଣ୍ଟ ପକାଇ ଚାଲି ଯାଉଥିଲେ । ସେମାନଙ୍କ ଦେଖାଦେଖି ଆମ ଭଳି କେତେକ ଚଗଲା ପିଲା ମଧ ପଛ ଦୁଆର ବାଟେ ବେଳେ ବେଳେ କ୍ଲାସରୁ ଚାଲିଯାଉଥିଲୁ । କ୍ଲାସରୁ ଚାଲି ଯାଉଥିବା ପିଲାମାନେ ଭାବୁଥିଲେ, ବୋଧହୁଏ ସେମାନଙ୍କର କ୍ଲାସରୁ ପଳାୟନ ସମ୍ପର୍କରେ ଶ୍ରୀଧର ବାବୁ ସଚେତନ ନ ଥିବେ । ମାତ୍ର ସେମାନଙ୍କର ସେପରି ଧାରଣା ସେମାନଙ୍କୁ ନିର୍ବୋଧ ବୋଲି ପ୍ରମାଣ କରିଥିଲା । ଛାତ୍ରବତ୍ସଳ ଶ୍ରୀଧର ବାବୁ ସେମାନଙ୍କୁ ନିଜ ଗୁଣରେ କ୍ଷମା ଦେଇ କିଛି ନ ଜାଣିଲା ପରି ପଢ଼ାଉଥିଲେ । ଶ୍ରୀଧର ବାବୁଙ୍କର ପାଠପଢ଼ା ଶୈଳୀ ଅନନ୍ୟସାଧାରଣ ଥିଲା । ପ୍ରଣୟବଲ୍ଲରୀ କାବ୍ୟରେ ବର୍ଣ୍ଣିତ କଣ୍ୱମୁନିଙ୍କ ଆଶ୍ରମରେ ରାଜା ଦୁଷ୍ମନ୍ତଙ୍କ ପ୍ରେମରେ ନିମଗ୍ନା ଋଷିକନ୍ୟା ଶକୁନ୍ତଳାଙ୍କର ପୂଜ୍ୟପୂଜା ପ୍ରତି ଅବହେଳା ଓ ସେଥିରେ କ୍ରୋଧିତ ହୋଇ ମୁନି ଦୁର୍ବାସାଙ୍କ ଅଭିଶାପ,

"ଘେନ ପୂଜ୍ୟପୂଜା ବ୍ୟତିକ୍ରମ ଫଳ
ଯା'ଠାରେ ରଖିଛୁ ଲୟ
ସେ ତୋତେ ଚିହ୍ନିବ ନାହିଁ,
ତୁ ଦେଲେ ହେଁ ଆପଣାର ପରିଚୟ ।" ପଂକ୍ତିର ବ୍ୟାଖ୍ୟା କରୁଥିଲା ବେଳେ ମନରେ ଭାବନା ଆସୁଥିଲା ସତେ ଯେପରି ଆମେ ସମସ୍ତେ କଣ୍ୱମୁନିଙ୍କ ଆଶ୍ରମରେ ଉପସ୍ଥିତ ହୋଇ ସେ ଦୃଶ୍ୟକୁ ଉପଭୋଗ କରୁଅଛୁ । କ୍ଲାସରେ ଯେତିକି ପିଲା ରହୁଥିଲେ,

Digitized by srujanika@gmail.com

ସମସ୍ତେ ଭାବ ବିହ୍ୱଳିତ ହୋଇ ପଡୁଥିଲେ । ସମସ୍ତ କ୍ଲାସ ନିସ୍ତବ୍ଧ ହୋଇ ଯାଉଥିଲା । ଶ୍ରୀଧର ବାବୁଙ୍କର ପ୍ରଚଣ୍ଡ ସାହିତ୍ୟ ପ୍ରତିଭା ଥିଲା । କ୍ଲିଷ୍ଟ ଶବ୍ଦକୁ ସାବଲୀଳ ଭାବରେ ବୁଝାଇବାରେ ତାଙ୍କର ଅପୂର୍ବ ଦକ୍ଷତା ଥିଲା । ତାଙ୍କ ଭଳି ଅଧ୍ୟାପକ ସମାଜରେ ବିରଳ ।

ଶ୍ରୀଧର ବାବୁ ଏକ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିଲେ । ଦାରିଦ୍ର୍ୟକୁ ସେ ଖୁବ୍ ପାଖରୁ ଦେଖିଥିଲେ । ତାକୁ ଅନୁଭବ ମଧ୍ୟ କରିଥିଲେ । ଦାରିଦ୍ର୍ୟ ସମ୍ପର୍କରେ ସେ ତାଙ୍କ ଆତ୍ମଜୀବନୀ "ସୁଅ ମୁହଁରେ ପତର" ପୁସ୍ତକରେ ଲେଖିଛନ୍ତି, "ପିଲାଦିନେ ଘୋର ଦାରିଦ୍ର୍ୟ ମଧ୍ୟରେ ବଢ଼ିବାକୁ ହୋଇଥିଲା । କେତେଦିନ ଉପବାସରେ ରହିବାକୁ ପଡ଼ିଥିଲା । ସେ ଉପବାସ କିପରି ଯନ୍ତ୍ରଣାଦାୟକ, ତାହା ପ୍ରକାଶ କରିବାକୁ ଭାଷାର ସୃଷ୍ଟି ହୋଇନାହିଁ । ଭୁକ୍ତଭୋଗୀ ବିନା ଅନ୍ୟ କେହି ଜାଣିପାରିବେ ନାହିଁ । କୁହାଯାଇପାରେ – ଲୋକେ ଏକାଦଶୀ ଉପବାସ କରୁଛନ୍ତି, କେତେ ପୁଣ୍ୟ ପର୍ବରେ ଉପବାସ କରୁଛନ୍ତି, ଚାକିରୀଆମାନେ, ଶ୍ରମିକମାନେ, ନେତାମାନେ ଦରମା ବା ମଜୁରୀ ବସାଇବା ପାଇଁ ବା କୌଣସି ଲକ୍ଷ୍ୟ ସାଧନ ପାଇଁ ଅନଶନ, ଏପରିକି ଆମରଣ ଅନଶନ କରୁଛନ୍ତି । ମହାତ୍ମାଜୀ ତ ପୁଣି ଏକାଦିକ୍ରମେ ତିନିଦିନ, ସାତଦିନ, ଏକୋଇଶ ଦିନ ଏହିପରି କେତେଥର ଉପବାସ କରିଥିଲେ । ଦିନେ ଓଳିଏ ଉପବାସରେ କଅଣ କେହି ମରିଯାଆନ୍ତି ? କିନ୍ତୁ ଖାଦ୍ୟାଭାବେଜନିତ ଉପବାସର ଯନ୍ତ୍ରଣା ଅନଶନଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

ପ୍ରଫେସର ଦାସ ଅତ୍ୟନ୍ତ ସ୍ୱାଭିମାନୀ ଥିଲେ । ସେ ସମ୍ପର୍କରେ ସେ ଲେଖିଛନ୍ତି "ଆତ୍ମନିର୍ଭରଶୀଳତା ମୋର ପ୍ରଧାନ ଗୁଣ ବା ଦୋଷ । ପୁତ୍ରମାନେ ଉଚ୍ଚବେତନଭୋଗୀ ହେଲେ ହେଁ ମୁଁ ସେମାନଙ୍କୁ କେବେ ସାହାଯ୍ୟ ମାଗି ନାହିଁ । କିନ୍ତୁ ଯେତେବେଳେ ଜଣେ ଭଡ଼ାଟିଆ ତିନିବର୍ଷ ପର୍ଯ୍ୟନ୍ତ ଭଡ଼ା ଦେଲା ନାହିଁ କିମ୍ବା ଘର ଛାଡ଼ିଲା ନାହିଁ, ସେତେବେଳେ ଅଗତ୍ୟା ମୋତେ ଅଦାଲତର ଆଶ୍ରୟ ନେବାକୁ ପଡ଼ିଲା । ଏକେ ଭଡ଼ା ମିଳିଲା ନାହିଁ, ଦ୍ୱିତୀୟରେ ମକଦ୍ଦମା ଖର୍ଚ୍ଚ । ମୋର ଏହି ଦୁରାବସ୍ଥା ଜାଣିପାରି ବଡ଼ପୁଅ ସ୍ୱତଃ ସାହାଯ୍ୟ କରିଥିଲା ।"

ମୋର ସୌଭାଗ୍ୟ, ମୁଁ ଦୁଇବର୍ଷ କାଳ ସାର୍‌ଙ୍କର ସାନ୍ନିଧ ଲାଭ କରିଛି । ତାଙ୍କର ନିଷ୍କପଟ ଓ ଅମାୟିକ ବ୍ୟବହାର ମତେ ବହୁ ପରିମାଣରେ ପ୍ରଭାବିତ୍ କରିଛି । ମାତ୍ର ତାଙ୍କ ପରି ନମ୍ର, ଭଦ୍ର ଓ ମାର୍ଜିତ ହେବା ପାଇଁ ଯେତେ ଚେଷ୍ଟା କଲେ ବି ସଫଳ

Digitized by srujanika@gmail.com

ହୋଇପାରି ନାହିଁ । ମାତ୍ର ତାଙ୍କ ପିଲାମାନେ ପିତାଙ୍କର ପଦାଙ୍କ ଅନୁସରଣ କରି ସମାଜରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ନିଜର ଅଧ୍ୟାପନା ଜୀବନର ସ୍ମୃତିକୁ ମନେପକାଇ ଅଧ୍ୟାପକ ଦାସ କହିଛନ୍ତି, "ପ୍ରାୟ ଦୁଇ ତିନି ମାସ ପର୍ଯ୍ୟନ୍ତ ମୁଁ ଛାତ୍ରମାନଙ୍କୁ ଆଦୌ ସନ୍ତୁଷ୍ଟ କରିପାରି ନ ଥିଲି । କିନ୍ତୁ ପରେ ମୁଁ ମୋର ଏହି ତ୍ରୁଟି ହୃଦୟଙ୍ଗମ କରି ନିଜକୁ ସଂଶୋଧନ କରି ନେଇଥିଲି । କଲେଜ ଅଧ୍ୟାପନାର ଆଉ ଗୋଟିଏ ଅସୁବିଧା ଅନୁଭବ କଲି । ସ୍କୁଲରେ କୌଣସି ଶ୍ରେଣୀରେ ଅତି ବେଶି ହେଲେ ଚାଳିଶ ଯାଏ ପିଲା ଥାନ୍ତି । ପୁଣି ସେମାନେ ଅଳ୍ପବୟସ୍କ । ପ୍ରାୟ ପ୍ରତ୍ୟେକ ଛାତ୍ର ଉପରେ ଦୃଷ୍ଟି ରଖିହୁଏ । କେହି ଅନ୍ୟମନସ୍କ ହେଲେ ବା ଗୋଳମାଳ କଲେ ତାକୁ ଶାସନ କରିବା ସହଜ । କିନ୍ତୁ କଲେଜରେ ଗୋଟିଏ ଗୋଟିଏ ଶ୍ରେଣୀରେ ଦେଢ଼ ଶହ ବା ତହିଁରୁ ଅଧିକ ଛାତ୍ର । ସେମାନେ ଅଧିକାଂଶ ପରିଣତ ବୟସର ଯୁବକ; କେହି କେହି ମୋର ସମବୟସ୍କ । ସେମାନେ ଗୋଳମାଳ କଲେ ଆଖି ଦେଖାଇ ଧମକ ଦେଇ ଶାସନ କରିବା ଏକବାରେ ଅସମ୍ଭବ । କିଛିଦିନ ପରେ କ୍ଲାସରେ ଶୃଙ୍ଖଳା ରଖିବାର କାଇଦାଟା ଆୟତ୍ତ ହୋଇଗଲା । ସାର୍ ଥାଆନ୍ତୁ ବା ନ ଥାଆନ୍ତୁ କୌଣସି ମତେ ବିଷୟକୁ ଛାତ୍ରମାନଙ୍କ ପକ୍ଷରେ ରୁଚିକର ବା ଗ୍ରହଣୀୟ କରିପାରିଲେ ହେଲା । କ୍ରମେ ଶିଖିଲି ଯେ ଖାଲି ସେତିକି କଲେ ଯଥେଷ୍ଟ ନୁହେଁ; କାରଣ କେତେକ ବୁଦ୍ଧିମାନ ପିଲାଙ୍କ ପାଖେ ଉପହାସ୍ୟାସ୍ପଦ ହେବାର ଭୟ ଥାଏ । ସେଥିପାଇଁ ଘରେ ପଢ଼ି ପ୍ରସ୍ତୁତ ହୋଇ କ୍ଲାସ ନେବାକୁ ଗଲି ।"

ଆଜିକାଲି ସମାଜରେ ନୈତିକତାର ଅଧଃପତନ ଘଟୁଥିଲା ବେଳେ ଦେବପ୍ରତିମ ଅଧ୍ୟାପକ ଶ୍ରୀଧର ଦାସଙ୍କ ଅନୁସୃତ ନୀତି ଓ ଆଦର୍ଶର ଅନୁଶୀଳନ ଆବଶ୍ୟକ ପଡୁଛି । ଜୀବନର ସାୟାହ୍ନରେ ସେ ଯେପରି ଭାବ୍‌ରେ ନିଜ ଜୀବନର ସ୍ଥିତିକୁ ପ୍ରାଞ୍ଜଳ ଭାବରେ ବିଶ୍ଳେଷଣ କରିଛନ୍ତି ତାହା କ୍ୱଚିତ୍ ଦେଖାଯାଏ । ସେ ଲେଖିଛନ୍ତି "ଏବେ ଜୀବନର ଶେଷ ଅବସ୍ଥାରେ ମୁଁ ନିଜକୁ ଏକାନ୍ତ ଅସହାୟ ମନେ କରୁଅଛି । ସମୟ ସମୟରେ ମୁଁ ମନେକରେ ମୋ'ଠାରୁ ବଳି ଅସହାୟ ଜୀବ ଜଗତରେ ନାହିଁ । ଦିନରେ ସୂର୍ଯ୍ୟ, ରାତ୍ରିରେ ଚନ୍ଦ୍ର ଦେଖାଯାଉଥିବା କୁଡ଼ିଆ ଘରେ ଧୂଳିଶଯ୍ୟାରେ ଶୋଇବାଠାରୁ ଆରମ୍ଭ କରି ଇଷ୍ଟକ ନିର୍ମିତ ପକ୍‌କା ଘରେ ରହିଅଛି । ଶୂନ୍ୟ ଦେହରେ ପ୍ରବଳ ଶୀତ ସହିବାଠାରୁ ଆରମ୍ଭ କରି ଶତ ଶତ ଟଙ୍କା ମୂଲ୍ୟର ଶାଲ ବ୍ୟବହାର କରିଛି । ପାଦ ଯାନରେ ଶତ ଶତ ମାଇଲ ଚାଲିବାଠାରୁ ଆରମ୍ଭ କରି ଘୋଡ଼ା, ହାତୀ ପ୍ରଭୃତି ବାହନ ଓ ସାଇକେଲ,

Digitized by srujanika@gmail.com

ମୋଟର, ବସ୍, ଏରୋପ୍ଲେନ ପ୍ରଭୃତି ଯାନ ବ୍ୟବହାର କରିଛି । ନିର୍ବାକ୍ ଚଳଚ୍ଚିତ୍ରଠାରୁ ଆରମ୍ଭ କରି ସବାକ୍ ଚଳଚ୍ଚିତ୍ର ଓ ଟେଲିଭିଜନ ପର୍ଯ୍ୟନ୍ତ ଦେଖିଅଛି । ମନୁଷ୍ୟ ଚନ୍ଦ୍ରରେ ଅବତରଣ କରି ସେଠାରୁ ପ୍ରସ୍ତର ଆଣିବାର ଦେଖିଛି । ଶାକାନ୍ନଠାରୁ ଆରମ୍ଭ କରି ବହୁମୂଲ୍ୟ ପକାନ୍ନ ଖାଇଛି । ମୁଁ ଦରିଦ୍ରରୁ ଦରିଦ୍ରତର ହୋଇଛି କି ଧନୀ ହୋଇଛି, ତାହା ବୁଝିପାରି ନାହିଁ । ଧନୀ ଓ ଦରିଦ୍ର ଶବ୍ଦ ଦୁଇଟି ପରସ୍ପର ସାପେକ୍ଷ ଓ ତୁଳନାତ୍ମକ । ଯେ ଅନ୍ୟ ତୁଳନାରେ ଧନୀ, ସେ ଅନ୍ୟ ଏକ ଜଣଙ୍କ ତୁଳନାରେ ଦରିଦ୍ର ହୋଇପାରେ । ମୋର ଜଣେ ବନ୍ଧୁ ମୋତେ ଦରିଦ୍ର ବିଚାରି ଘୋର ଅପମାନ ଦେଇଛନ୍ତି; କିନ୍ତୁ ସେ ଯେ ଲକ୍ଷ ଲକ୍ଷ ବ୍ୟକ୍ତିଙ୍କର ତୁଳନାରେ କେତେ ଦରିଦ୍ର, ତାହା ବୁଝିପାରନ୍ତି ନାହିଁ । ସେହିପରି ମୁଁ ଦୁଃଖୀ କି ସୁଖୀ ସ୍ଥିର କରିପାରି ନାହିଁ । ମୋର ସମସାମୟିକକ ଅନେକ ବ୍ୟକ୍ତି ଇହଧାମ ତ୍ୟାଗ କଲେଣି । ମୁଁ ସେମାନଙ୍କ ମଧ୍ୟରୁ କେତେକଙ୍କୁ ସୁଖୀ ମନେ କରିଅଛି; କିନ୍ତୁ ସେମାନେ ଜୀବଦ୍ଦଶାରେ ପ୍ରକୃତରେ ସୁଖୀ ଥିଲେ ବୋଲି କହିବା କଠିନ । ମୁଁ ଅନେକ ସମୟରେ ନିଜକୁ ନିତାନ୍ତ ଦୁଃଖୀ ମନେ କରିଅଛି । କିନ୍ତୁ ମୋ'ଠାରୁ ଯେ ଦୁଃଖୀ ନ ଥିବେ ବା ନାହାନ୍ତି ତାହା କହିହେବ ନାହିଁ । ବୋଧହୁଏ ଆଲୁଅ ଅନ୍ଧାର ପରି ସୁଖ, ଦୁଃଖ ପରସ୍ପର ପରିପୂରକ ଓ ଏହି ଦୁହିଁଙ୍କର ସହାବସ୍ଥିତି ରହିଛି । ମୁଁ ପାପୀ କି ଧାର୍ମିକ, ତାହା ମଧ୍ୟ ଜାଣେ ନାହିଁ । ପାପ ଓ ପୁଣ୍ୟର କୌଣସି ନିର୍ଦ୍ଦିଷ୍ଟ ମାନ ନାହିଁ । ତେଣୁ ଜଣଙ୍କ ଦୃଷ୍ଟିରେ ଯାହା ପୁଣ୍ୟ, ତାହା ଅନ୍ୟ ଦୃଷ୍ଟିରେ ପାପ ହୋଇପାରେ । ମୋର ଯାହା ମନେହୁଏ ଯାହା ବିବେକାନୁମୋଦିତ, ତାହା ହିଁ ପୁଣ୍ୟ । ଏହି ଦୃଷ୍ଟିରୁ ମୁଁ ନିଜକୁ ଘୋର ପାପୀ ବୋଲି ମନେ କରେ ନାହିଁ । (ସୁଅ ମୁହଁର ପତର – ପୃ-୨୦୧-୨୦୨)

ମୁଁ ଏହି ମହାତ୍ମାଙ୍କ ପବିତ୍ର ସ୍ମୃତି ପ୍ରତି ମୋର ଆନ୍ତରିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ପ୍ରତିଷ୍ଠାତା
ମିଡ଼ିଆ ଏକାଡ଼େମୀ, ଓଡ଼ିଶା
ଭୁବନେଶ୍ୱର-୯
ମୋ : ୯୪୩୭୩୮୬୮୭୦

■■■

Digitized by srujanika@gmail.com

ଅଧ୍ୟବସାୟୀ ଶ୍ରୀଧର ସାର୍

ଚନ୍ଦ୍ରଶେଖର ମହାପାତ୍ର

ସୁକାର୍ଯ୍ୟ ସାଧନ ପାଇଁ ମନୁଷ୍ୟର ଧାରାବାହିତ ନିଷ୍ଠାପର ଉଦ୍ୟମ ହିଁ ଅଧ୍ୟବସାୟ । ସମାଜର ଯେକୌଣସି ସ୍ତରରେ ଯାହାଙ୍କର ଏହି ଗୁଣବତ୍ତା ଥାଏ ସେହି ବ୍ୟକ୍ତିତ୍ୱ ମହାନ୍ । ସ୍ୱର୍ଗତ ଅଧ୍ୟାପକ ଶ୍ରୀଧର ଦାସ ଥିଲେ ଏହି ବିରଳ ଗୁଣବତ୍ତାର ଅଧିକାରୀ । କହିବା ବାହୁଲ୍ୟ ଏହା ତାଙ୍କର ଛାତ୍ରତ୍ୱ, ଶିକ୍ଷକତା, ବାଣୀ-ନିଷ୍ଠା, ପ୍ରଶାସନିକତା ଓ ସାଙ୍ଗଠନିକ କର୍ମରେ ପ୍ରତିଫଳିତ ।

କଟକରେ ଏକର ଖ୍ରୀଷ୍ଟକଲେଜ ୧୯୪୪ରେ 'ଉତ୍କଳ ଖ୍ରୀଷ୍ଟିଆନ୍ କଲେଜ, ନାମରେ ସ୍ଥାପିତ ହୋଇଥିଲା ଏବଂ ସ୍ଥାନୀୟ ତତ୍କାଳୀନ ମିଶନ ହାଇସ୍କୁଲ (କ୍ରାଇଷ୍ଟ କଲିଜିଏଟ ସ୍କୁଲ)ର ପରିସର ଓ ଗୃହରେ ପରିଚାଳିତ ହେଉଥିଲା । ଏହି କଲେଜରେ ୧୯୪୮ରେ ଶ୍ରୀଧର ଦାସ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ସେତେବେଳକୁ ତାଙ୍କ ବୟସ ଅଠଚାଳିଶ ବର୍ଷ ହୋଇଥିଲା । ତା' ପୂର୍ବରୁ କେତେକ ହାଇସ୍କୁଲରେ ଜଣେ ନିପୁଣ ପ୍ରଧାନଶିକ୍ଷକ ରୂପେ ପ୍ରସିଦ୍ଧି ଅର୍ଜନ କରି ସାରିଥିଲେ । ସଂସ୍କୃତ ବିଭାଗରୁ ଓଡ଼ିଆ ବିଭାଗ ପୃଥକ୍ ହେବା ପରେ ସେ ହେଲେ ଏହି କଲେଜର ଓଡ଼ିଆ ବିଭାଗର ପ୍ରଥମ ମୁଖ୍ୟ ଅଧ୍ୟାପକ । ତାଙ୍କ ସ୍ମୃତିଚାରଣ କରି କଲେଜର ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ତଥା ଜଣେ ପୂର୍ବତନ ଅଧ୍ୟକ୍ଷ ସ୍ମୃତିରଞ୍ଜନ ମୁଖାର୍ଜୀ (ସ୍ମରଣୀୟ ୰ ମୁଖାର୍ଜୀ ସାର୍) ଲେଖିଥିଲେ – "ପ୍ରଥମରୁ ପ୍ରଶାସନିକ କର୍ମଦକ୍ଷତା ଯୋଗୁଁ ସେ ଅଧ୍ୟକ୍ଷଙ୍କର ଦକ୍ଷିଣ ହସ୍ତ ହୋଇଥିଲେ । ସବୁ ବିଷୟରେ ଶ୍ରୀଧର ବାବୁ । କଲେଜର ପ୍ରାୟ ପ୍ରତ୍ୟେକ ନୋଟିସ୍‌ରେ ଶ୍ରୀଧର ବାବୁଙ୍କ ଦସ୍ତଖତ । କାମ କରିବା ତାଙ୍କର ପେଶା ନୁହେଁ, ମାତ୍ର ନିଶା ଥିଲା । ଆମେ କଲେଜର ଶିକ୍ଷା ବହିର୍ଭୂତ ଦାୟିତ୍ୱ ବହନ କରିଥିଲୁ ବାଧ୍ୟ ହୋଇ । ସବୁବେଳେ ସେଥିରୁ ନିଷ୍କୃତି ପାଇବାକୁ ଚେଷ୍ଟା କରୁଥିଲୁ । କିନ୍ତୁ ସେ କଲେଜର

Digitized by srujanika@gmail.com

ଉନ୍ନତି କଳ୍ପେ କିପରି କଠୋର ପରିଶ୍ରମ, ଆଗ୍ରହ ଓ ଆନନ୍ଦ ସହକାରେ କରୁଥିଲେ – ତାହା ଯେ ଦେଖି ନାହାନ୍ତି ତାହାଙ୍କୁ ବୁଝାଇବା କଷ୍ଟକର ।" ବାସ୍ତବିକ ଛାତ୍ର ଓ ଅଧ୍ୟାପକଙ୍କ ହିତ ଦୃଷ୍ଟିରୁ ନିଷ୍ଠାପର କର୍ମୋଦ୍ୟମର ସେ ଥିଲେ ପୂଜାରୀ ।

ଛାତ୍ରାବସ୍ଥାରୁ ପ୍ରତିକୂଳ ପରିସ୍ଥିତି ପ୍ରତି ଭ୍ରୂକ୍ଷେପ ନ କରି ନିଜ ମାନସିକ ଦୃଢ଼ତା ଓ ଅଧ୍ୟବସାୟ ଯୋଗେ ସେ ସ୍ୱୟଂସିଦ୍ଧ ହୋଇ ପାରିଥିଲେ । ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନ ଥିଲା କିମ୍ବା ଉତ୍କଳ ବିଶ୍ୱବିଦ୍ୟାଳୟ ନ ଥିଲା । ବିହାର ସହିତ ଓଡ଼ିଶା ସଂଯୁକ୍ତ ରହିଥିଲା । ତେଣୁ ଓଡ଼ିଶାର ଛାତ୍ରମାନେ ପାଟନା ବିଶ୍ୱବିଦ୍ୟାଳୟ ଅଧୀନରେ ମାଟ୍ରିକ୍ ଓ ଇଚ୍ଛା କଲେ ପରବର୍ତ୍ତୀ ପାଠ୍ୟର ପରୀକ୍ଷା ଦେଉଥିଲେ । ଶ୍ରୀଧର ସାର୍ ମଧ୍ୟ ଏହି ବିଶ୍ୱବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଓଡ଼ିଶାର ସମସ୍ତ ଛାତ୍ରଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଉଜ୍ଜ୍ୱଳ କୃତିତ୍ୱର ପରିଚୟ ଦେଇଥିଲେ ।

ଖ୍ରୀଷ୍ଟ କଲେଜରେ ମୁଁ ତାଙ୍କର ଛାତ୍ର ହେଲି ୧୯୫୧ରେ । ସେହି ବର୍ଷଠାରୁ ଚଣ୍ଡୀଛକ ସନ୍ନିକଟ ସ୍ୱତନ୍ତ୍ର ପରିସର ଓ ନବନିର୍ମିତ ଅଟ୍ଟାଳିକାରେ କଲେଜ ପରିଚାଳିତ ହେଲା । ଶ୍ରୀଧର ସାର୍‌ଙ୍କ ପରିଧାନରେ ନ ଥିଲା କୌଣସି ଚାକଚକ୍ୟ । ଧୋତି ଓ ସାଦା ପଞ୍ଜାବି ହିଁ ଥିଲା ତାଙ୍କର ଚିରଭୂଷଣ । ସେଥିରେ ହିଁ ତାଙ୍କ ନିରାଡ଼ମ୍ବରତା, ଶ୍ରଦ୍ଧାଳୁ ଭାବ ତଥା ଗାମ୍ଭୀର୍ଯ୍ୟ ପ୍ରତିଭାତ ହେଉଥିଲା । ମନେପଡୁଛି କେହି କେହି ସହପାଠୀ ମନ୍ତବ୍ୟ କରୁଥାନ୍ତି – "ଶ୍ରୀଧର ସାର୍‌ଙ୍କ ଚମତ୍କାରୀ ବାଗ୍ମୀତା ନାହିଁ ।" କିନ୍ତୁ ତାଙ୍କ ସରଳ, ସଂକ୍ଷିପ୍ତ ଓ ସାରବତ୍ତା ସମ୍ବଳିତ ବିଷୟବସ୍ତୁର ପ୍ରକାଶ ଅଧିକାଂଶ ଛାତ୍ରଙ୍କ ପାଇଁ ବେଶ୍ ହୃଦ୍ୟ ଥିଲା । ମୋ ଅଧ୍ୟାପକ ଜୀବନରେ ମଧ୍ୟ ମୁଁ ଏହି ଶୈଳୀର ଉପାଦେୟତା ପ୍ରତି ସଚେତ ଥିଲି । ସେହିପରି ସେ ସ୍ୱପ୍ରସ୍ତୁତ ସମାଲୋଚନାମୂଳକ ଦୀର୍ଘ ନୋଟ୍ କେବେ ଡାକୁ ନ ଥିଲେ । ଅଧ୍ୟାପକ ଭାବେ ମୁଁ ପରେ ଅନୁଭବ କରିଛି ଯେ ଏ ପ୍ରକାର ସୁପ୍ରସ୍ତୁତ ବିଶଦ ନୋଟ ସାହିତ୍ୟ ଛାତ୍ରଙ୍କ ପକ୍ଷେ ସ୍ୱାତନ୍ତ୍ର୍ୟ ଓ ଅନୁସନ୍ଧିତ୍ସା ବିକାଶର ଅନ୍ତରାୟ ହୁଏ ଏବଂ ତା'ର ନିଜର ସାହିତ୍ୟିକ ରୁଚି ପ୍ରତିଫଳିତ କରିବାକୁ ଅଧ୍ୟବସାୟର ପ୍ରବୃତ୍ତି ହୁଏତ ନ ରହିପାରେ । ତାଙ୍କ ବକ୍ତବ୍ୟ ମଧ୍ୟରେ ବାଢୁଥିବା ଉଦ୍ଧୃତି, ବିଶେଷତଃ ସଂସ୍କୃତ ପଦ୍ୟାଂଶର ଉଦ୍ଧୃତିଗୁଡ଼ିକ ସେ କଳାପଟାରେ ସୁନ୍ଦର ଓ

Digitized by srujanika@gmail.com

ସୁସ୍ପଷ୍ଟ ଅକ୍ଷରରେ ସିଧା ଧାଡ଼ିରେ ଶୀଘ୍ର ଲେଖି ଦେଉଥିଲେ ଯଦ୍ଦ୍ୱାରା ଛାତ୍ର ନିର୍ଭୁଲ ଭାବେ ନିଜ ଖାତାରେ ଟିପି ନେଉଥିଲେ ।

ନିର୍ଭୀକ ମତ ମଧ ସେ ବ୍ୟକ୍ତ କରୁଥିଲେ । ଥରେ କେହି ଛାତ୍ର ପ୍ରଶ୍ନ କଲେ – "କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କ'ଣ ବିଶ୍ୱକବି ସ୍ଥାନୀୟ ?" ସାର୍‌ଙ୍କ ସଂକ୍ଷିପ୍ତ ଉତ୍ତର ଥିଲା – "ବିଶ୍ୱକବି ରୂପେ ସେ ବିବେଚିତ ହୋଇ ନ ପାରନ୍ତି । କାରଣ ତାଙ୍କ କାବ୍ୟକୃତିରେ ସାର୍ବଜନୀନ ଆବେଦନର ଅଭାବ ରହିଛି ।"

ହାଇସ୍କୁଲ ଶ୍ରେଣୀର ସମସ୍ତ ଛାତ୍ରଙ୍କ ମଧ୍ୟରେ ତାଙ୍କ ଓଡ଼ିଆ ବ୍ୟାକରଣ ଜ୍ଞାନ ସର୍ବୋତ୍ତମ ଥିଲା । ସେଥିପାଇଁ ସେ ତାଙ୍କ ଗୁରୁଦେବ ତଥା ପ୍ରଧାନ ଶିକ୍ଷକ ସ୍ୱନାମଧନ୍ୟ ଚନ୍ଦ୍ରମୋହନ ମହାରଣାଙ୍କର ଅତି ପ୍ରିୟଛାତ୍ର ଥିଲେ । ବ୍ୟାକରଣ ବିଷୟରେ ସୁପ୍ରବେଶ ତାଙ୍କୁ ପରିଣତ ବୟସରେ ଯଶସ୍ୱୀ କରିଥିଲା । କବିବର ରାଧାନାଥଙ୍କ କୃତ "ବ୍ୟାକରଣ ପ୍ରବେଶ" ଓ ଚନ୍ଦ୍ରମୋହନ ମହାରଣାକୃତ "ଓଡ଼ିଆ ବ୍ୟାକରଣ" ପରେ 'ସର୍ବସାର ବ୍ୟାକରଣ' ପୁସ୍ତକ ବିପୁଳ ପ୍ରସିଦ୍ଧି ଲାଭ କରିଛି । ଏହି ପୁସ୍ତକର ସେ ମୁଖ୍ୟ ଲେଖକ ।

ଅଧ୍ୟାପନା ଓ କଲେଜର ପ୍ରଶାସନିକ କାର୍ଯ୍ୟ ସହ ସେ ବାଣୀସାଧନାରେ ସଦାବ୍ରତୀ ଥିଲେ । ବିଶ୍ୱବିଶ୍ରୁତ ବହୁ ଇଂରେଜୀ ଉପନ୍ୟାସର ସରଳ ସଂକ୍ଷିପ୍ତ ଅନୁଲେଖନ କରି ଏ ଦିଗରେ ଓଡ଼ିଆ ସାହିତ୍ୟରେ ଥିବା ଅଭାବର କିଛି ଅଂଶ ସେ ପୂରଣ କରିଛନ୍ତି । ମହାନ୍ ଋଷୀୟ ଲେଖକ ଟଲଷ୍ଟୟ ଓ ମାକ୍ସିମ୍ ଗର୍କୀଙ୍କ ବହୁ କାହାଣୀ, ଗ୍ରୀସ୍ ଦେଶର କାହାଣୀ, ଗ୍ରୀସ୍ ଦେଶର ପୁରାଣ କାହାଣୀ, କେତେକ ସଂସ୍କୃତ ନାଟକ ଓ ସେକ୍‌ସପିଅରଙ୍କ ନାଟକର ତାଙ୍କ କୃତ ଗଳ୍ପରୂପ ଓଡ଼ିଶାର କିଶୋର ଓ ନବ ତରୁଣ ଛାତ୍ରଙ୍କର ଅତ୍ୟନ୍ତ ଆଦରଣୀୟ ହୋଇଛି ଏବଂ ବିଶ୍ୱ ସାହିତ୍ୟ ପ୍ରତି ସେମାନଙ୍କ ରୁଚି ସମୃଦ୍ଧ କରିଛି । ଏତଦ୍‌ବ୍ୟତୀତ ସେ 'ନବ ଅଭିଧାନ'ର ମଧ ରଚୟିତା । 'ଗ୍ରୀସ୍ ଦେଶର ପୁରାଣ କାହାଣୀ' ପୁସ୍ତକରେ ସେ ଗ୍ରୀସ୍‌ର ଦେବଦେବୀଙ୍କ ସମ୍ବନ୍ଧରେ ଯେଉଁ ପ୍ରାକ୍ କଥନ ଲେଖିଛନ୍ତି ସେଥିରେ ସେ ଗ୍ରୀସ୍ ଓ ଭାରତର ସାଂସ୍କୃତିକ ସାମଞ୍ଜସ୍ୟର ସୂଚନା ଦେଇ ତରୁଣ ଛାତ୍ରଙ୍କ ଜ୍ଞାତବ୍ୟତା ପ୍ରତି ଆଗ୍ରହ ସୃଷ୍ଟିର ପ୍ରୟାସ କରିଛନ୍ତି । ଯଥା – "ପ୍ରାଚୀନ ଗ୍ରୀସ୍ ଦେଶବାସୀମାନେ ବିଶ୍ୱାସ କରୁଥିଲେ ଯେ ବୃକ୍ଷଲତା,

Digitized by srujanika@gmail.com

ନଦନଦୀ ପ୍ରଭୃତି ପ୍ରାକୃତିକ ପଦାର୍ଥର ଯେପରି ଗୋଟିଏ ଲେଖାଏଁ ଦେବଦେବୀ ଅଛନ୍ତି, ସଙ୍ଗୀତବିଦ୍ୟା, ଧନୁର୍ବିଦ୍ୟା, ସୌନ୍ଦର୍ଯ୍ୟ ପ୍ରଭୃତି ଗୁଣର ମଧ୍ୟ ଗୋଟିଏ ଲେଖାଏଁ ଦେବ ବା ଦେବୀ ଅଛନ୍ତି । x x x x କନ୍ଦର୍ପ ହେଉଛନ୍ତି ଆମ ପ୍ରେମର ଦେବତା ଓ ଫୁଲ ଧନୁଶର ଧରିଥାନ୍ତି । ଗ୍ରୀକ୍‌ମାନଙ୍କ ପ୍ରେମର ଦେବତା ହେଉଛନ୍ତି 'ଏରସ୍'; ସେ ମଧ୍ୟ ଫୁଲ ଧନୁ ଧରିଥାନ୍ତି । x x x x ସରସ୍ୱତୀଙ୍କୁ ଆମେ ବିଦ୍ୟାର ଦେବୀ ବୋଲି ପୂଜା କରୁଁ । ଗ୍ରୀକ୍‌ମାନେ ସେହିପରି 'କାଲିଓପ୍'ଙ୍କୁ ବିଦ୍ୟାର ଦେବୀ ବୋଲି ମାନନ୍ତି । ଏହିପରି ଶତ ଶତ ଉଦାହରଣ ଦିଆଯାଇପାରେ ।"

ଉଦ୍ୟମପରାୟଣତା ରୂପକ ମହତ୍ତମ ଗୁଣର ସେ ପରିଚୟ ଦେଇଛନ୍ତି ତାଙ୍କ ସାଙ୍ଗଠନିକ କର୍ମ ମାଧ୍ୟମରେ । ସେତେବେଳେ ବେସରକାରୀ କଲେଜ ଶିକ୍ଷକମାନଙ୍କର ନିମ୍ନ ବେତନହାର ଆଦୌ ସନ୍ତୋଷଜନକ ନ ଥିଲା ଏବଂ ଚାକିରୀ ନିରାପତ୍ତା ମଧ୍ୟ ନ ଥିଲା । ସବୁ କିଛି ନିର୍ଭର କରୁଥିଲା ପରିଚାଳନା କମିଟିର ମର୍ଜି ଉପରେ । ଏହି ଗ୍ଲାନିକର ଅବସ୍ଥା ଶ୍ରୀଧର ସାର୍‌ଙ୍କୁ ସଚେଷ୍ଟ କରାଇଥିଲା ବେସରକାରୀ କଲେଜ ଶିକ୍ଷକମାନଙ୍କର ଏକ ସଙ୍ଗଠନ ଗଢ଼ିବା ପାଇଁ, ଯାହା ମାଧ୍ୟମରେ ସରକାରଙ୍କ ନିକଟରେ ଯଥାର୍ଥ ଦାବୀ ସେମାନେ ଉପସ୍ଥାପିତ କରିପାରିବେ । ସେହି ଉଦ୍ଦେଶ୍ୟରେ ସେ ଷ୍ଟୁଆର୍ଟ ବିଜ୍ଞାନ କଲେଜର ରସାୟନ ବିଭାଗର ତତ୍‌କାଳୀନ ମୁଖ୍ୟ ଅଧ୍ୟାପକ ୰ ଶିଶିର କୁମାର ମୁଖାର୍ଜୀଙ୍କର ସହଯୋଗରେ ସର୍ବପ୍ରଥମ ବୈଠକୀ ସଭାର ଆୟୋଜନ କରିଥିଲେ ଖ୍ରୀଷ୍ଟ କଲେଜରେ ଏବଂ ଏହା ହିଁ ଥିଲା ଓଡ଼ିଶାର ବେସରକାରୀ କଲେଜ ଶିକ୍ଷକମାନଙ୍କୁ ସଚେତ ଓ ଉଦ୍‌ବୁଦ୍ଧ କରିବାର ପ୍ରଥମ ପଦକ୍ଷେପ । ପରବର୍ତ୍ତୀ କାଳରେ ତାଙ୍କର ସ୍ନେହାସ୍ପଦ ପ୍ରାକ୍ତନ ଛାତ୍ର ୰ ଅବନୀ କୁମାର ବରାଳଙ୍କ ଉର୍ଜସ୍ୱଳ ନେତୃତ୍ୱ ଯୋଗେ ଏହି ସଙ୍ଗଠନର ଗୁରୁତ୍ୱପୂର୍ଣ୍ଣ ଦାବୀଗୁଡ଼ିକ ହାସଲ କରାଗଲା । କିନ୍ତୁ ନିଜେ ଶ୍ରୀଧର ସାର୍ କ'ଣ ପାଇଥିଲେ ? ଅବସର ଗ୍ରହଣ ପରେ ଆୟୁଷର ଅବଶିଷ୍ଟ କାଳ ପର୍ଯ୍ୟନ୍ତ ତାଙ୍କ ଭାଗ୍ୟରେ କୌଣସି ପେନସନ୍ ଜୁଟି ନ ଥିଲା । ତାଙ୍କ ଅଧ୍ୟବସାୟ କେବଳ ନିଜ ହିତ ପାଇଁ ଉଦ୍ଦିଷ୍ଟ ନ ଥିଲା ।

ମୋର ପରମ ସୌଭାଗ୍ୟ, ୧୯୬୦ରେ ଏହି କଲେଜରେ ଓଡ଼ିଆ ବିଭାଗରେ ମୁଁ ତାଙ୍କର ଜଣେ ସ୍ନେହାସ୍ପଦ ସହକର୍ମୀ ହେବାର ସୁଯୋଗ ପାଇଥିଲି

Digitized by srujanika@gmail.com

ଏବଂ ଆନନ୍ଦ ଓ ଉତ୍ସାହ ସହ ଆଠବର୍ଷ କାଳ ତାଙ୍କ ଅଧୀନରେ କାର୍ଯ୍ୟ କରିଥିଲି । ଆମ ଗହଣରୁ ଅବସର ଗ୍ରହଣ ଓ ଇହଲୋକରୁ ବିଦାୟ ନେବା ପରେ ଦଶନ୍ଧି ପରେ ଦଶନ୍ଧି ବିତି ଚାଲିଥିଲେ ମଧ୍ୟ ମୋ ମନସପଟରେ ତାଙ୍କ ସ୍ମୃତି ଅମଳିନ ରହିଛି ଓ ରହିଥିବ । ଆଜି ତାଙ୍କ ଶ୍ରାଦ୍ଧବାସରେ ତାଙ୍କ ପ୍ରତି ମୋର ଅନ୍ତର ଗହନରୁ ଭକ୍ତିମୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ପୂର୍ବତନ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଖ୍ରୀଷ୍ଟ କଲେଜ
ମୋ : ୯୮୫୩୯୯୪୬୮୭

■■■

I am deeply indebted to Profesor Sridhar Das of the Utkal Chritian College who kindly rendered me ungrudging assistance in compiling this book for publication. But for his help it would have been well-high impossible for me to have this book published.

Dr Harekrushna Mahtab, Introduction to History of Orissa, 14th December 1949.

Digitized by srujanika@gmail.com

ମୋ ସାର୍ ପ୍ରଫେସର ଶ୍ରୀଧର ଦାସ

ବିବେକାନନ୍ଦ ଦାଶ

୧୯୫୧ ମସିହାର କଥା । ମୁଁ କ୍ରାଏଷ୍ଟ କଲେଜକୁ ପାଠ ପଢ଼ିବାକୁ ଆସିଲି, ଆମ ଗାଁ ବାଙ୍କୀ ପଥୁରୀପଡ଼ାରୁ । ସେ ବର୍ଷ ଥିଲା ଦରମା ବଢ଼ିବା ବିପକ୍ଷରେ ଆନ୍ଦୋଳନ । ଆଇ.ଏ.ରେ ଦରମା ଛଅ ଟଙ୍କାରୁ ଆଠ ଟଙ୍କା ଓ ବି.ଏ.ରେ ଦରମା ଆଠ ଟଙ୍କାରୁ ଦଶ ଟଙ୍କା ଲେଖାଏଁ ପିଲାଙ୍କ ଦରମାକୁ ସରକାର ବଢ଼ାଇଲେ । କଲେଜ ଖୋଲିବା ମାତ୍ରେ ଭୟଙ୍କର ଛାତ୍ର ଆନ୍ଦୋଳନ । ସାରା ରାଜ୍ୟରେ ଛାତ୍ର ଏକଜୁଟ ଏଇଥିପାଇଁ । ସରକାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲେଜ ବନ୍ଦ କରିଦେଲେ । ପରେ ପ୍ରାୟ ଅଗଷ୍ଟ ମାସରେ କଲେଜ ଖୋଲିଲା । କଲେଜ ଖୋଲିବା ମାତ୍ରେ ପୁଣି ଆନ୍ଦୋଳନ ଚାଲିଲା । ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ କଲେଜରେ ପାଠ ପଢ଼ା ଚାଲିଲା । ସେତିକି ବେଳେ କଲେଜର ଦରମା ଛାଡ଼ ପାଇଁ ନୋଟିସ ବାହାରିଲା । ମୁଁ ଆବେଦନ କରିଥିଲି । ମୋର ଦରମା ଚାରିଭାଗରୁ ଭାଗେ ଛାଡ଼ ହେଲା । ଏହି କାର୍ଯ୍ୟଟି ସେତେବେଳେ ପ୍ରଫେସର ଶ୍ରୀଧର ଦାସ ବୁଝୁଥାନ୍ତି । ପିଲାମାନେ ତାଙ୍କର ଅଭାବ ଅସୁବିଧା ସାର୍‌ଙ୍କୁ ଗୁହାରୀ କଲେ ଶ୍ରୀଧର ବାବୁ ଯାହାକୁ ଯେପିର ବୁଝାଉ ଥା'ନ୍ତି । ମୁଁ କହିଲା ବେଳେ ସାର୍ କହିଲେ, "ତୁମେ ତ ଭଲ ନମ୍ବର ରଖି ନାହଁ । ସେହିଥିପାଇଁ ତୁମକୁ ସେତିକି ଛାଡ଼ ହେଲା ।" ମୁଁ କିନ୍ତୁ ତାଙ୍କୁ ଅଭିଯୋଗ କଲି । କହିଲି, "ଗରିବ ପିଲା ଅଭାବରେ ଥାଇ ପାଠ ପଢ଼ିପାରେ ନାହିଁ । ମାତ୍ର ଜଣେ ଅଭାବ ନଥିବା ପିଲା ଭଲ ନମ୍ବର ରଖିଛି ବୋଲି ତାର ଦରମା ଛାଡ଼ ହେବ ?" ଉତ୍ତରରେ ସେ ମୋତେ କହିଲେ, ସେ କିଛି କରି ପାରିବେ ନାହିଁ । ପ୍ରିନ୍ସପାଲଙ୍କୁ କହିବାକୁ ପଡ଼ିବ ବୋଲି ମଧ୍ୟ ଉପଦେଶ ଦେଲେ । ସେ ସମୟରେ କ୍ରାଏଷ୍ଟ କଲେଜରେ ପ୍ରିନ୍ସପାଲ ଥାଆନ୍ତି ପ୍ରଫେସର୍ ରେଭେରେଣ୍ଡ ବ୍ରଜାନନ୍ଦ ମହାନ୍ତି । ମୁଁ ସାହସ ବାନ୍ଧି

Digitized by srujanika@gmail.com

ତାଙ୍କ ପାଖକୁ ଗଲି । ସେ ମୋତେ ସେତେବେଳେ କେତେ କଥା ପଚାରିଲେ । ଶେଷରେ କହିଲେ, "ତୁମେ ମୋ ମୁହଁକୁ ଚାହିଁ କୁହ ତ ତୁମେ ଅଭାବରେ ପଡ଼ୁଛ ?" ମୁଁ ତାଙ୍କ ମୁହଁକୁ ଚାହିଁ ସତ କଥା କହିଲାରୁ ସେ ମୋତେ ପ୍ରତି ମାସରେ କଲେଜ ଦରମା ଦେବା ବେଳେ ତାଙ୍କ ନିକଟରୁ ଦୁଇ ଟଙ୍କା ଲେଖାଏଁ ନେଇ ଦରମାରେ ମିଶାଇ ଦେବାକୁ ଆଦେଶ ଦେଲେ । ସେ ଥିଲେ ଅନାବିଳ ହୃଦୟର ଅଧକ୍ଷ । ଏଇ ଘଟଣାରୁ ଶ୍ରୀଧର ଦାସଙ୍କ ସହିତ ମୋର ସଂପର୍କ ବଢ଼ିଲା, ସମ୍ମାନ ଅମାପ ଭାବରେ ବୃଦ୍ଧି ପାଇବାକୁ ଲାଗିଲା । ସେ ମଧ ମୋତେ ଆପଣେଇ ନେଲେ ।

ଦୈବ ଯୋଗକୁ ମୁଁ ମୋ କକେଇ ଓ ବଡ଼ ଭାଇଙ୍କ ପାଖରେ ତଗରପଡ଼ାସ୍ଥିତ ଦ୍ୱାରକା ଦାସ (ନୃସିଂହନାଥ) ମଠରେ ରହିଲି । ସେହିଠାରୁ ଚାଲି ଚାଲି କ୍ରାଏଷ୍ଟ କଲେଜକୁ ପଢ଼ିବାକୁ ଯାଏ । ସୌଭାଗ୍ୟକୁ ପ୍ରଫେସର ଶ୍ରୀଧର ଦାସ ସେହି ତଗରପଡ଼ାସ୍ଥିତ ଅନାଥାଶ୍ରମରେ ଭଡ଼ା ଉଦ୍ଦେଶ୍ୟରେ ଯେଉଁ ଦୁଇଟି ନୂଆ ଘର ତିଆରି ହୋଇଥିଲା, ସାର୍ ସେଇଠାରେ ଆସି ରହିଲେ । ତାଙ୍କ ପାଖରେ ତାଙ୍କର ଏକମାତ୍ର ଝିଅ ବିଷ୍ଣୁ ଅପା ଓ ବଡ଼ ପୁଅ ଜଗନ୍ନାଥ ରହିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ବର୍ଷ ଜଗନ୍ନାଥ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀ ଲାଭ କରିଥିଲେ ମଧ କ୍ରାଏଷ୍ଟ କଲେଜରେ ପଢ଼ୁଥାନ୍ତି । ସେ ମୋ ସହପାଠୀ । ତା'ର ଇଂରାଜୀ ଓ ଓଡ଼ିଆ ଅକ୍ଷର ଭାରି ସୁନ୍ଦର । ସେତେବେଳେ ଶ୍ରେଣୀରେ ପ୍ରାୟ ୨୫୦ ପିଲା ଥାଆନ୍ତି । ପାଠ ପଢ଼ା ସରିଲେ ବେଳେ ବେଳେ ସାଙ୍ଗ ହୋଇ ଆସୁ । ସାହିତ୍ୟ ଓ ସେତେବେଳର ରାଜନୀତି ବିଷୟରେ ଆମେ କଥାବାର୍ତ୍ତା ହେଉ । ଆମ ସାଙ୍ଗରେ ବାଣପୁର ତୁଳସୀଦେଇପୁର ଶାସନର ରାମ ନାରାୟଣ ହୋତା, ମହାନ୍ତିପଡ଼ାର କୈଳାସ ଦାସ, ରାଜା ବଗିଚାର ସୁଧାଂଶୁ ରାଉତରାୟ ସାଙ୍ଗହୋଇ ପଢ଼ୁଥିଲୁ । ଆମେ ପାଞ୍ଚଜଣ 'ଅଭ୍ୟୁଦୟ ସାହିତ୍ୟ ମନ୍ଦିର' ବୋଲି ଅନୁଷ୍ଠାନଟିଏ ଗଢ଼ିଲୁ । ପ୍ରତି ସପ୍ତାହରେ ରବିବାର ଦିନ ସତୀଚଉରା ସମାଧି ଚକଡ଼ାରେ ଆମର ସାହିତ୍ୟ ଆଲୋଚନା ସଭା ହୁଏ । କେହି କେହି ଲେଖା ଆଣିଥାନ୍ତି । କବିତା ପଢ଼ନ୍ତି । ଆମ କ୍ରାଏଷ୍ଟ କଲେଜର ଓଡ଼ିଆ ଅଧାପକ ଶ୍ରୀଯୁକ୍ତ ପଠାଣି ପଟ୍ଟନାୟକ ଶ୍ରୀନିବାସ ମିଶ୍ର ଓ ରେଭେନ୍ସା ତଥା ଷ୍ଟିୱାର୍ଟ କଲେଜର ଓଡ଼ିଆ ଅଧାପକମାନଙ୍କୁ ଅତିଥି ରୂପେ ଡକାଯାଏ । ଏ ସବୁରେ ଆମ ପୃଷ୍ଠପୋଷକ ଥାଆନ୍ତି ପ୍ରଫେସର ଶ୍ରୀଧର ଦାସ । କ୍ରମେ ସାର୍‌ଙ୍କର ମୋ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ବଢ଼ିଲା । ପରେ ମୁଁ ଜାଣିଲି ସାର୍‌ଙ୍କ ଘର

Digitized by srujanika@gmail.com

ବାଣପୁର ହାତୀପୋଖରୀ ପାଖରେ । ସେଇଠି ସାରଙ୍କ ଜମିବାଡ଼ି ଥିଲା । ତାଙ୍କ ସ୍ତ୍ରୀ ଅନେକ ଦିନ ସେଇଠାରେ ଥିଲେ । କାରଣ ସାରଙ୍କ ଅନ୍ୟଦୁଇ ପୁଅ ବାଣପୁର ହାଇସ୍କୁଲରେ ପଢୁଥିଲେ । କ୍ରମେ ସାର ସେଠାରୁ ସବୁ ଜିନିଷ ଓ ପିଲାମାନଙ୍କୁ ଡଗରପଡ଼ା ନେଇ ଆସିଲେ । ସାର୍ ସେହି କାର୍ଯ୍ୟରେ ମୋତେ ପଠାଉଥିଲେ ।

ସାର୍ ତାଙ୍କର ସାହିତ୍ୟ, ରଚନା, ପ୍ରବନ୍ଧ, ଗଳ୍ପ, ଅନୁବାଦ ଆଦି ଦିଗରେ ଲେଖା ଲେଖି କରୁଥିଲେ । ସାର୍‌ଙ୍କର ବହିଗୁଡ଼ିକର ପ୍ରକାଶକ ଅନେକାଂଶରେ ଗ୍ରନ୍ଥ ମନ୍ଦିର ଓ ତା'ର ମାଲିକ ଶ୍ରୀଧର ମହାପାତ୍ର ଥିଲେ । ଏତଦ୍ ବ୍ୟତୀତ କଟକର ନାମଯ୍ୟାଦା ପ୍ରକାଶକମାନେ ମଧ୍ୟ ସାର୍‌ଙ୍କର ଲେଖା ଛାପି ବହି କରୁଥିଲେ । ଏଡ଼େ ବଡ଼ ଲେଖକ ଓ ପଣ୍ଡିତ ଲୋକ ପଶା ଓ ତାସ୍ ଖେଳରେ ଭାରି ପ୍ରିୟ ଥିଲେ । ମୁଁ ଦେଖିଛି ସତ୍ୟନାରାୟଣ ପ୍ରେସ୍ ସାମ୍ନା ବାରଣ୍ଡାରେ ବସି ଖେଳିବାର ଦୃଶ୍ୟ । ସେତେବେଳର ନବଜୀବନ ପ୍ରେସର ପ୍ରତିଷ୍ଠାତା ଶ୍ରୀ ଚିନ୍ତାମଣି ମିଶ୍ର ଓ ଅନ୍ୟଜଣେ ପ୍ରକାଶକ ପଣ୍ଡିତ ଭୁବନେଶ୍ୱର ମିଶ୍ର ଓ ନିମ୍ନ ମାଧମିକ ଶିକ୍ଷକ ସଂଘ ତଥା ଶିକ୍ଷକ ମହାସଂଘର ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ପ୍ରଭୃତି ତାଙ୍କର ଖେଳ ସାଥୀ ଥିଲେ । ସାର୍ ଏହି ଗହଣରୁ ସତ୍ୟନାରାୟଣ ପ୍ରେସର ମାଲିକ ପଦ୍ମଚରଣ ଦାଶଙ୍କ ସହିତ ମୋର ସଂପର୍କ ବଢ଼ାଇଥିଲେ । ପ୍ରଥମେ ତାଙ୍କ ପୁଅଙ୍କୁ ମୁଁ ପଢ଼ାଇଲି । ପରେ ତାଙ୍କ ପୁତୁରା ବିଶ୍ୱମ୍ଭର ବାବୁଙ୍କ କନ୍ୟା ସହିତ ମୋର ବିବାହ କରାଇ ଦେଲେ । ଅଧ୍ୟାପକ ଜୀବନରେ ଓ ଅଧ୍ୟାପନାରୁ ଅବ୍ୟାହତ ନେବାପରେ ସାର୍ ଓ ମୁଁ ଖୁବ୍ ଘନିଷ୍ଠ ହୋଇ ଯାଇଥିଲୁ ।

ଅନ୍ତିମ ଜୀବନରେ ସାର୍‌ଙ୍କ ଧର୍ମପତ୍ନୀଙ୍କ ସହିତ ପୁଅ ପରି ଦୁଃଖ ସୁଖ ହେଉଥିଲି । ସେ ଅତ୍ୟନ୍ତ ସରଳା, ପୁତ୍ର ବତ୍ସଳା, ପତିପରାୟଣା, ସ୍ନେହମୟୀ ଥିଲେ । ପ୍ରଫେସର ଶ୍ରୀଧର ଦାସ ଜଣେ ଆଦର୍ଶ ମଣିଷ ଥିଲେ ଓ ସରଳ ନିରାଡ଼ମ୍ବର ଜୀବନ ଶୈଳୀରେ ଚଳୁଥିଲେ । ଶେଷ ଜୀବନରେ ମୁଁ ଦେଖିଛି ସେ ଅତି ଅମାୟିକ ଥିଲେ । ବିଶେଷ କରି ପୁଅମାନଙ୍କୁ ମଣିଷ ପରି ମଣିଷ କରିବାରେ ତାଙ୍କର କର୍ତ୍ତବ୍ୟବୋଧ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ଅନ୍ୟ ପକ୍ଷରେ ସାହି ବସ୍ତିରେ ସେ ସବୁଲୋକଙ୍କ ସହିତ ସାଧାରଣ ସଂପର୍କ ରକ୍ଷା କରୁଥିଲେ । କହିବାକୁ ଗଲେ ସେ ଭାରି ମିଷ୍ଟଭାଷୀ ଥିଲେ, ମେଳାପୀ ଥିଲେ ।

ସାର୍ ଖୁବ୍ ମଉଜିଆ ହସ ହସନ୍ତି । ଏକଥା ମୁଁ କ୍ରାଏଷ୍ଟ କଲେଜର ସାର୍‌ମାନଙ୍କ କମନ୍ ରୁମ୍‌ରେ ସେମାନଙ୍କର ହସଖୁସି ହେଉ ଥିବା ବେଳେ ଲକ୍ଷ୍ୟ କରିଛି ଓ କଲେଜ

Digitized by srujanika@gmail.com

ଛାଡ଼ିବା ପରେ ବିଶେଷ ଭାବରେ ଉପଲବ୍ଧି କରିଛି । ଏବଂ ଆହୁରି ମଧ୍ୟ ଉପଲବ୍ଧି କରିଛି ଯେ ସାର୍‌ଙ୍କୁ ଅନ୍ୟ ସାର୍‌ମାନେ ଅତି ଆପଣାର ମନେ କରୁଥିଲେ ଓ ହସ କୌତୁକବେଳେ ତାଙ୍କ ନାମ ନେଉଥିଲେ । ଏଇଠୁ ଗୋଟିଏ କଥା ମୋ ମନେ ପଡୁଛି । ୟୁ.ଜି.ସି. ସାହାଯ୍ୟରେ ତିଆରି ହେଉଥିଲା ସଭାଗୃହ । ଛାତ୍ର ଓ ଶିକ୍ଷକ ସମସ୍ତେ ଶ୍ରମ ଦେଉଥିଲୁ । ସେତିକିବେଳେ ଆମେ ଖଣ୍ଡିଏ ଲୁହା ଦଣ୍ଡ ପାଇଲୁ । ତାକୁ ଦେଖି ଅଧ୍ୟାପକ ମୁଖାର୍ଜୀ ଓ ଅଧ୍ୟାପକ ଦର୍ଜୀ ଥଟ୍ଟାରେ ହସି ହସି କୁହା କୁହି ହେଉଥିଲେ ଯେ "ଏଇଟା (ଆମେ ପାଇଥିବା ଲୁହାଦଣ୍ଡ) ପୁରୁଣା ନା ଶ୍ରୀଧର ବାବୁଙ୍କ ସାଇକେଲ ପୁରୁଣା ?" ସେକଥା ଶୁଣି ଆମେମାନେ ମଧ୍ୟ ହସି ଦେଇଥିଲୁ । ଏହି କଥାରୁ ସ୍ପଷ୍ଟ ମନେହୁଏ ଯେ ସାର୍ କେବଳ ତାଙ୍କ ପାଣ୍ଡିତ୍ୟପାଇଁ ସମସ୍ତଙ୍କ ନିକଟରେ ପ୍ରିୟ ନଥିଲେ, ଅନ୍ୟମାନଙ୍କ ସହିତ ତାଙ୍କର ଆତ୍ମୀୟତା ହିଁ ତାଙ୍କୁ ସମସ୍ତଙ୍କ ମାନସ ପଟରେ ଉଜ୍ଜୀବୀତ କରି ରଖିଥିଲା ।

ହାଇସ୍କୁଲରେ ପଢ଼ିଲାବେଳେ ଆମେ ଯେଉଁ 'ସର୍ବସାର ବ୍ୟାକରଣ' ପଢ଼ିଥିଲୁ, ତାକୁ ସାର୍ ବାଣପୁର ହାଇସ୍କୁଲର ପଣ୍ଡିତ ନାରାୟଣ ମହାପାତ୍ରଙ୍କ ସହିତ ମିଶି ଲେଖିଥିଲେ ମଧ୍ୟ ସେ ବହିକୁ ଦେଖିଲେ ସାର୍‌ଙ୍କ ମୁହଁ ଢଳଢଳ ହୋଇ ଆଖି ଆଗରେ ନାଚିଯାଏ; ସାର୍‌ଙ୍କ ବହୁ କଥା ସ୍ମୃତିରେ ଉଭାସିତ ହାଇଉଠେ । ଶ୍ରୀଧର ଦାସ ସାର୍ ଏବେ ବି ମୋ ସ୍ମୃତିରେ ଅମ୍ଳାନ ଅଛନ୍ତି ଓ ଆଗାମୀ ଦିନରେ ସେ ତାଙ୍କର କୃତି ମଧ୍ୟରେ ମଧ୍ୟ ଚିର ଉଭାସିତ ହୋଇ ରହିବେ ।

■■■

Digitized by srujanika@gmail.com

ପତର ନୁହେଁ ସେ ପଥର

ଶ୍ରୀ ସତ୍ୟଜିତ୍ ମହାପାତ୍ର

"ମୋର ଜୀବନକୁ ସୁଅ ମୁହଁରେ ଭାସିଯାଉଥିବା ପତର ଭଳି ମନେକରି ଆସିଅଛି । ଲକ୍ଷ୍ୟହୀନ ଭାବରେ କେତେବେଳେ କେଉଁଆଡ଼େ ଭାସିଯାଉଛି ତାହାର ସ୍ଥିରତା ନାହିଁ । x x x ମୁଁ ଅନେକ ସମୟରେ ନିଜକୁ ନିତାନ୍ତ ଦୁଃଖୀ ମନେ କରିଅଛି । କିନ୍ତୁ ମୋଠାରୁ ଯେ ଦୁଃଖୀ ନ ଥିବେ ବା ନାହାନ୍ତି, ତାହା କହିହେବ ନାହିଁ । ବୋଧହୁଏ ଆଲୁଅ, ଅନ୍ଧାର ପରି ସୁଖ ଦୁଃଖ ପରସ୍ପରର ପରିପୂରକ ଓ ଏହି ଦୁହିଁଙ୍କର ସହାବସ୍ଥିତି ଅଛି ।"

ସ୍ୱୀୟ ଆତ୍ମଜୀବନୀରେ ଅଧ୍ୟାପକ ଦାସ ଏହା ଲିପିବଦ୍ଧ କରି ଯାଇଛନ୍ତି । ଏହି ବାକ୍ୟ କେତେଗୋଟି ଜଣାଇଦିଏ ଯେ ସେ ଥିଲେ ଜଣେ ସଂଗ୍ରାମୀ ସାଧକ । ଜୀବନରେ ଭୋଗ ନୁହେଁ ତ୍ୟାଗ ଓ ଅଧ୍ୟବସାୟ ହିଁ ତାଙ୍କର ପୁରୁଷକାରର ନିର୍ଯ୍ୟାସ ଥିଲା । ସେ ସୁନାର ଚାମଚରେ ଖାଦ୍ୟ ଖାଇବା ଆରମ୍ଭ କରି ନ ଥିଲେ । ଜୀବନରେ ନାନା ଦୁଃଖ, କଷ୍ଟ, ଘାତ ପ୍ରତିଘାତ ସହି ସେ ବାଟ ଚାଲିଥିଲେ । ସଚ୍ଚା ମଣିଷ, ଦରଦୀ ମଣିଷ, ସୃଜନଶୀଳ ମଣିଷ, ନିରହଙ୍କାରୀ ମଣିଷ, କର୍ତ୍ତବ୍ୟନିଷ୍ଠ ଓ କର୍ମତତ୍ପର ମଣିଷ କରି ସେ ନିଜକୁ ଗଢ଼ିଥିଲେ । ମନୁଷ୍ୟତା, ସାମାଜିକତା ଓ ସମ୍ବେଦନଶୀଳତାଠାରୁ ଆଉ ଏ ଦୁନିଆରେ କ'ଣ ବା ବଡ଼ପଣ ଅଛି ! ଏମିତି ତ ସବୁ ମଣିଷ ଖାଉଛନ୍ତି, ପିନ୍ଧୁଛନ୍ତି, ପରିବାର ପାଇଁ ନିଜ ପାଇଁ ଅର୍ଥ ଉପାର୍ଜନ କରୁଛନ୍ତି । ନିଜର କର୍ମ ପ୍ରତି କେତେଜଣଙ୍କର ନିଷ୍ଠା ଅଛି ? ଅର୍ଥ ଉପାର୍ଜନସର୍ବସ୍ୱ ନ ହୋଇ ବାଟ ଚାଲୁଥିବା କେତେଜଣ ପଥିକ ଅଛନ୍ତି ?

୧୯୮୪ ମସିହାରେ ମୁଁ ପାଦ ଦେଲି ଶ୍ରୀଯୁକ୍ତ ଦାସଙ୍କର ପ୍ରତିଷ୍ଠିତ ରଘୁନାଥଜୀଉ ଶିକ୍ଷା ସଂଗ୍ରାମରେ । ପ୍ରଥମେ ଟ୍ରେନିଂ କଲେଜର ଛାତ୍ରଭାବେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲାପରେ (ସେତେବେଳକୁ ପ୍ରଥମ ଶ୍ରେଣୀରେ ଏମ୍.ଏ. ପାଶ୍ କରି ସାରିଥିଲି) ହାଇସ୍କୁଲର ଶିକ୍ଷକ, କଲେଜର ଅଧ୍ୟାପକ, କଲେଜର ଅଧ୍ୟକ୍ଷ ଓ ପରେ ଟ୍ରେନିଂ

Digitized by srujanika@gmail.com

କଲେଜର ଦାୟିତ୍ୱରେ ରହିଲି । ସବୁ ସମୟରେ ମୋର ସହଧ୍ୟାୟୀ, ସହକର୍ମୀମାନଙ୍କ ନିକଟରୁ ଶ୍ରୀଯୁକ୍ତ ଦାସଙ୍କର ତ୍ୟାଗ, ମହନୀୟତା, ଅପୂର୍ବ ସାଙ୍ଗଠନିକ ଶକ୍ତିର କାହାଣୀ ଶୁଣୁଥିଲି । ଅବଶ୍ୟ ପୂର୍ବରୁ ଛାତ୍ର ଜୀବନରେ ଶ୍ରୀଯୁକ୍ତ ଦାସଙ୍କର ବିହୁ ପୁସ୍ତକ, ଅନୁଦିତ ଗ୍ରନ୍ଥ ଓ ବ୍ୟାକରଣ ପାଠ କରିବାର ସୌଭାଗ୍ୟ ମୁଁ ଲାଭ କରିଥିଲି ।

ଶ୍ରୀଯୁକ୍ତ ଦାସଙ୍କର ସବା ସାନବୋହୂ ମନିଅପା ଆମର ଉପର ବ୍ୟାଚର ଛାତ୍ରୀ ଥିଲେ । ତାଙ୍କ ସହ ମୋର ଅତି ନିବିଡ଼ ସମ୍ପର୍କ ଥିଲା । ସେ ମୋତେ ସଦାସର୍ବଦା ସାନଭାଇ ଦୃଷ୍ଟିରେ ଦେଖନ୍ତି ଓ ତମେ ବୋଲି ସମ୍ବୋଧନ କରନ୍ତି । ରଘୁଭାଇ (ଶ୍ରୀଯୁକ୍ତ ଦାସଙ୍କର ସାନପୁଅ) ବିଶେଷ ମିଳାମିଶା ନ କଲେ ମଧ ଦେଖିଦେଲେ ହସିଦିଅନ୍ତି ଖୋଲାମନରେ । ମୁଁ ତାଙ୍କ ଘରେ ଜଣେ ପରିବାର ସଭ୍ୟ ଭଳି । ରଘୁଭାଇଙ୍କର ଜ୍ୟେଷ୍ଠାକନ୍ୟା ସୋମା (ଉଚ୍ଚଶିକ୍ଷିତା ଓ ଏବେ ବିବାହିତା) ମୋର ଛାତ୍ରୀ ଥିଲା । ସେ ଶୈଳବାଳା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀରେ ପଢୁଥିବା ବେଳେ ମଧ ତାହାର ଇଂରାଜୀ ପଢ଼ା ଭାର ମୋ ଉପରେ ନ୍ୟସ୍ତ ଥିଲା ।

ମନିଅପାଙ୍କ ଘରକୁ ଗଲେ ପ୍ରଥମେ ଦେଖାହୁଏ ପରମ ପୂଜ୍ୟ ଶ୍ରୀଧର ଦାସଙ୍କ ସହ । ପରିବାର ସହ ନିବିଡ଼ତା ଆସିବା ପରେ ଶ୍ରୀଯୁକ୍ତ ଦାସଙ୍କର ଜୀବନ ସଂଗ୍ରାମ ବିଷୟରେ ମୁଁ ଅବଗତ ହେଲି । ତାହାଙ୍କର 'ସୁଅ ମୁହଁର ପତର' ଆତ୍ମଜୀବନୀ ମୁଁ ଏକ ନିଃଶ୍ୱାସରେ ପଢ଼ିଥିଲି । ବ୍ୟାସକବି ଫକୀର ମୋହନଙ୍କ ପରେ ଏତେ ବାସ୍ତବ ଓ ନିଷ୍ଠୁର ସତ୍ୟ କ୍ୱଚିତ୍ ଲେଖକ ସ୍ୱୀୟ ଆତ୍ମଲିପିରେ ସ୍ଥାନିତ କରିଥିବେ ବୋଲି ମୋର ମତ । ମୁଁ ତାଙ୍କୁ କେବେ କେବେ ଚଷମା ଲଗାଇ ଖବର କାଗଜ ପଢୁଥିବାର ଅବା କିଛି ଲେଖାଲେଖି କରୁଥିବା ଅବସ୍ଥାରେ ହିଁ ଦେଖେ । ଏକଦା ସେ ଜଣେ ମାଛବାଲାକୁ ଡାକି ମାଛ କିଣୁଥିବାର ଦୃଶ୍ୟ ଏବେ ବି ମୋର ଆଖି ଆଗରେ ନାଚି ଯାଉଚି । ଶୁଣିଚି ସେ ଦେବାଦେବୀଙ୍କ ପୂଜା ମନାସିବା ଓ ବାର ଅବାର ପରମ୍ପରା ମାନନ୍ତି ନାହିଁ ।

ଥରେ ସୋମା ଏକ ଓଡ଼ିଆ କବିତା ବୁଝାଇ ଦେବାକୁ ମୋ ନିକଟରେ ଜିଦ୍ କଲା । ତାହା ଥିଲା ଡଃ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରଚିତ ଯାଦୁଘର କବିତା । ମୁଁ ତାହାକୁ ମୋ ନିଜସ୍ୱ ଚିନ୍ତାଧାରାରୁ ବୁଝାଇଦେଲି । ଜାଣି ନ ଥିଲି ପୂର୍ବରୁ ସେ ଏହା ନିଜର ଜେଜେ ଓ ମା'ଙ୍କଠାରୁ ମଧ ବୁଝି ସାରିଥିଲା । ମୋ'ଠାରୁ ବୁଝିସାରିବା ପରେ

Digitized by srujanika@gmail.com

ସେ ତା'ର ମା' (ମନିଅପା)ଙ୍କୁ ମୋ ମତ ଓ ସେମାନଙ୍କ ମତରେ ଭିନ୍ନତା ବିଷୟ କହିଲା । ମନିଅପା ସଙ୍କୋଚରେ ମତେ ପୁଣି 'ତାହା କିପରି ବୁଝାଇଚ, କହିଲ' ବୋଲି ପଚାରିଲେ । ମୁଁ ତାଙ୍କୁ ବ୍ୟାଖ୍ୟା କରିବାରେ ସେ କହିଲେ ଶ୍ୱଶୁର (ଶ୍ରୀଧର ସାର) ଅନ୍ୟପ୍ରକାର କହିଛନ୍ତି । ମୁଁ ହସିହସି ଶ୍ରୀଧର ସାର ଆହୁରି ଅନ୍ୟପ୍ରକାର ମଧ୍ୟ କହିପାରିବେ ବୋଲି ନମ୍ରତାର ସହ ସ୍ୱୀକାର କଲି । ଅଗାଧ ଜ୍ଞାନର ସମୁଦ୍ର ନିକଟରେ କିବା ଛାର କ୍ଷୁଦ୍ର ଜଳାଶୟଟିଏ ମୁଁ!

ବହୁତ ଦିନ ଧରି ଯିବା ଆସିବା ନ ଥିଲା । ଦିନେ ମୁଁ ପୋଲିସ କଲୋନୀ ଯିବା ରାସ୍ତାରେ ମନିଅପାଙ୍କୁ ଚାଲି ଚାଲି ଆସୁଥିବାର ଦେଖିଲି । ସାଇକେଲରୁ ଓହ୍ଲାଇ ନମସ୍କାର କରିବାରୁ ସେ ମୋତେ କିପରି କରୁଣ ଭାବରେ ଚାହିଁଲେ । ଲକ୍ଷ୍ୟକଲି ତାଙ୍କର ଦୁଇ ଆଖିରେ କେଇବିନ୍ଦୁ ଅଶ୍ରୁ । ଅଳ୍ପରେ ସେ କହିଲେ ଶ୍ୱଶୁର ନର୍ସିଂହୋମରେ ପଡ଼ିଛନ୍ତି । ତାଙ୍କ ମୁହଁର ଭାଷାରୁ ମୁଁ ବୁଝିଗଲି 'ସାର' ବୋଧହୁଏ ଅନ୍ତିମ ଶଯ୍ୟାରେ । କାଳ ବିଳମ୍ବ ନ କରି ମୁଁ ତାଙ୍କ ସହ ନର୍ସିଂହୋମର ଇପ୍‌ସିତ କୋଠରୀରେ ପହଞ୍ଚିଲି । ପାଖରେ ବସିଥିଲେ ଶ୍ରୀଯୁକ୍ତ ଦାସଙ୍କର ଏକମାତ୍ର କନ୍ୟା ବିଷ୍ଣୁ ଅପା । ମନିଅପା କହିଲେ ଇଏ ଆମ ନଣନ୍ଦ । ସତେ ଯେପରି ଜଡ଼ ପାଲଟି ଯାଇଥିଲେ ସେ । ବଲ ବଲ କରି ଚାହିଁଲେ ମତେ । ଅନ୍ତିମ ଶଯ୍ୟାରେ ଶୋଇଥାନ୍ତି ଜଣେ ଐତିହସିକ ମଣିଷ । କିମ୍ବଦନ୍ତୀର ପୁରୁଷ । ରହି ରହି ଶ୍ୱାସକ୍ରିୟା ଚାଲୁଥାଏ । ଆଉ ବା କେତେ ଘଣ୍ଟା ବାକି ? ପରପାରିରୁ ଡାକରା ଆସିଗଲାଣି । ସରିଯାଇଚି କର୍ମମୁଖର ଜୀବନର ଅଭିନୟ । ଶେଷ ଯବନିକାକୁ ଅପେକ୍ଷା... ମୁଣ୍ଡ ନୁଆଇଁ ଶେଷ ପ୍ରଣାମ କଲି । ଯା ଭିତରେ କେତୋଟି ବସନ୍ତ ଆସିଲାଣି । ବର୍ଷା, ବୈଶାଖ ବି ଆସୁଚି । ହେଲେ ସାର ଆଉ ଆସିବେନି । ମାଛବାଲାଠୁ ମାଛ କିଣିବେନି । ଚଷମା ଦେଇ କାଗଜ ପଢ଼ିବେନି କି ଲେଖାଲେଖି କରିବେନି ନିରୋଳାରେ । ମଣିଷ ଜୀବନରେ ଜନ୍ମ ପରି ମୃତ୍ୟୁ ସତ୍ୟ, ଯେତେ ନିଷ୍ଠୁର ହେଲେ ବି । ଯା ଭିତରେ ମୋର ବାହାଘର ପାଞ୍ଚବର୍ଷ ପୂରିଗଲା । ମନିଅପା ଆସିଥିଲେ । ସୋମା ଓ ବାପି (ମନି ଅପା ଓ ରଘୁଭାଇଙ୍କ ଏକମାତ୍ର ପୁଅ)ଙ୍କ ବାହାଘରେ ମୁଁ ବି ଯାଇଥଲି । ଗେଟ୍ ଡେଇଁ ନୂଆ ରଙ୍ଗ ଦିଆ ହୋଇଥିବା ଘରେ ପାଦ ଦେଲାବେଳେ କଣେଇ ଚାହେଁ – ସାର ବସି ନାହାନ୍ତି ତ ଚୌକିରେ ! କାଗଜରେ ମୁହଁ ମାଡ଼ି ଦେଇ ନାହାନ୍ତି ତ !

Digitized by srujanika@gmail.com

ନା... ଇଏ ମୃଗତୃଷ୍ଣା ! ମାନସିକତା !!

ସେଦିନ ତାଙ୍କ ବାଲ୍‌କୋନିରେ ବସି ଆମେ ଚା' ପିଉ ପିଉ ହଠାତ୍ ରଘୁଭାଇ ଉଠିଗଲେ ଭିତରକୁ। ଧ ଆସିଲେ ହାତରେ ତାଙ୍କର ଖଣ୍ଡିଏ ବହି । ମନିଅପା ବି ଅବାକ୍ ହୋଇ ଚାହିଁଲେ । ମୋ ହାତକୁ ବହି ଖଣ୍ଡକ ବଢ଼େଇ ଦେଇ କହିଲେ ନିଅନ୍ତୁ ଭଞ୍ଜବାବୁଙ୍କ 'ଜୟମାଲ୍ୟ' । ମୁଁ ଆପଣଙ୍କୁ ପ୍ରେଜେଣ୍ଟ କରୁଛି ।

ଆଗ୍ରହରେ ବହିଟିର ପୃଷ୍ଠା ଓଲଟାଇ ଭାବିଲି ଜୟମାଲ୍ୟକାର ଭଞ୍ଜକିଶୋର ନିଜର ଆରାଧ୍ୟ ଗୁରୁ ଅଧ୍ୟାପକ ଦାସଙ୍କୁ ଏହା ପ୍ରେଜେଣ୍ଟ କରିଥିବେ କି କ'ଣ । ମନେହେଲା ସାର୍ ଯେ ନିଜକୁ 'ସୁଅ ମୁହଁର ପତର' ବୋଲି ବର୍ଣ୍ଣନା କରିଛନ୍ତି, ତାହା ତାଙ୍କର 'ଦୟିନୀ' ମାତ୍ର । ଭଞ୍ଜ କିଶୋରଙ୍କ ପରି ଗଣିତ ଲେଖକ, ଦାର୍ଶନିକ ଓ ଚିନ୍ତାନାୟକ ସୃଷ୍ଟି କରିଥିବା ଓଜନଦାର ମଣିଷଟି କ'ଣ ପତର ହୋଇପାରେ ? ଭାସି ଯାଇପାରେ ଦୁର୍ବଳ ହାଲୁକା ପତର ପରି ଜଳର ସ୍ରୋତରେ ??

୫୨୨, ମର୍କତ ନଗର
ସେକ୍ଟର-୬, କଟକ-୨

■■■

Digitized by srujanika@gmail.com

ଏ ଅଞ୍ଚଳର ଶିକ୍ଷାର ବିକାଶରେ ଶ୍ରୀଧର ଦାସଙ୍କ ଭୂମିକା

ଇଂ ବିଜୟ କୁମାର ସାହୁ

ମୋର ଅଜା ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ନିକଟକୁ ଓଡ଼ିଶାର ବିଭିନ୍ନ ଜାଗାରୁ ରାଜନୀତିଜ୍ଞ, ସମାଜସେବୀ, ବୁଦ୍ଧିଜୀବୀ, ଲେଖକ, କବି, ଛାତ୍ର, ଶିକ୍ଷକ ତଥା ବିଭିନ୍ନ ବର୍ଗର ଲୋକମାନେ ଦେଖା କରିବାକୁ ଆସୁଥିଲେ । ଆମ ଘରେ ଜଣେ ଖ୍ରୀଷ୍ଟ କଲେଜର ଅଧ୍ୟାପକ ଭଡ଼ାରେ ରହୁଥିଲେ । ସେ ଥିଲେ ଶ୍ରୀଯୁକ୍ତ ଶ୍ରୀଧର ଦାସଙ୍କର ସହକର୍ମୀ । ତାଙ୍କ ନାଁ ଥିଲା ଶ୍ରୀଯୁକ୍ତ ବାନାମ୍ବର ଆଚାର୍ଯ୍ୟ । ମୋତେ ସେତେବେଳେ ୧୦/୧୨ ବର୍ଷ ହୋଇଥିଲା । ଶ୍ରୀଯୁକ୍ତ ଶ୍ରୀଧର ଦାସ ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରୁଥିବା ସମୟରେ ଦେଉଳସାହିର ସ୍ଥାୟୀ ବାସିନ୍ଦା ନ ଥିଲେ । ସେ ପ୍ରଥମେ କଟକର ସିଦ୍ଧେଶ୍ୱର ସାହି (ଷ୍ଟୁଆର୍ଟ ପାଟଣା) ଓ ତଗରପଡ଼ାରେ ଭଡ଼ା ସୂତ୍ରରେ ପିଲାମାନଙ୍କ ସହ ରହୁଥିଲେ ।

ସେ ମୋର ଅଜାଙ୍କୁ (ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ) କଟକ ଆସିବା ଆଗରୁ ଜାଣିଥିଲେ । ସେ ବେଳେବେଳେ ଆମ ଘରକୁ ଓ ଶ୍ରୀଯୁକ୍ତ ବାନାମ୍ବର ଆଚାର୍ଯ୍ୟଙ୍କ ଘରକୁ ଆସି ସାହିତ୍ୟ ତଥା ବିଭିନ୍ନ ବିଷୟ ଆଲୋଚନା କରୁଥିଲେ । ଏସବୁ ଆସର ବସେ ଘରେ ବା ବାଡ଼ିରେ ଥିବା ବଗିଚାରେ, ମୁଁ ସେଠାରେ ଖେଳାଖେଳି କରେ ଓ ଅଜାଙ୍କ ସହ କଥୋପକଥନରେ ଶ୍ରୀଧର ଦାସଙ୍କ ବିଷୟରେ ଅନେକ କଥା ଜାଣିବାକୁ ପାଏ । ଗପର ଆସର ଭିତରେ ମୁଁ ଘରୁ ଚାହା ଜଳଖିଆ ଆଣିଦିଏ । ମୋତେ ବି ଭଲ ଲାଗେ । ବେଳେ ବେଳେ ଅଜାଙ୍କଠାରୁ ଚିଠି ବା ଖବର ନେଇ ସିଦ୍ଧେଶ୍ୱର ସାହିକୁ ଯାଇ ଶ୍ରୀଧର ବାବୁଙ୍କୁ ଦିଏ । ଏହି ସୂତ୍ରରେ ତାଙ୍କ ସହ ତଥା ତାଙ୍କ ପରିବାର ସହ

Digitized by srujanika@gmail.com

ମୋର ସ୍ନେହଶ୍ରଦ୍ଧାର ସମ୍ପର୍କ ଗଢ଼ି ଉଠିଥିଲା । ସେ ମୋ ପାଠପଢ଼ା ବିଷୟ ପଚାରି ବୁଝନ୍ତି, ମୋତେ ଖାଇବାକୁ ଦିଅନ୍ତି । କ୍ରମେ ମୋର ଆଉ ଏକ ସମ୍ପର୍କ ଯୋଡ଼ି ହୋଇଗଲା ତାଙ୍କ ବଡ଼ପୁଅ ଜଗନ୍ନାଥ ପ୍ରସାଦ ଦାସଙ୍କ ସହ । ସେ ଓ ମୋ ବଡ଼ଭାଇ ବସନ୍ତ କୁମାର ସାହୁ ଏକାଠି ମିଶନ ସ୍କୁଲରେ (ବର୍ତ୍ତମାନ-ଖ୍ରୀଷ୍ଟ କଲିଜିଏଟ ସ୍କୁଲ) ଏକାଠି ପଢୁଥିଲେ । ତେଣୁ ସମ୍ପର୍କ ନିକଟରୁ ନିକଟତର ହୋଇଯାଇଥାଏ । ଜଗନ୍ନାଥ ପ୍ରସାଦ ଦାସଙ୍କ ବାପା ଶ୍ରୀଯୁକ୍ତ ଶ୍ରୀଧର ଦାସ ତାଙ୍କୁ ସ୍ନେହରେ ଜଗନ୍ ବୋଲି ଡାକୁଥିଲେ । ମୁଁ ତାଙ୍କୁ ଜଗୁ ଭାଇ ବୋଲି ଡାକୁଥିଲି । ଶ୍ରୀଧର ଦାସଙ୍କ ପିଲାପିଲିଙ୍କ ମଧ୍ୟରୁ ମୁଁ କେବଳ ଜଗୁଭାଇ ଓ ତାଙ୍କ ଭଉଣୀ ବିଷ୍ଣୁ ଅପାଙ୍କ ଛଡ଼ା ଆଉ କାହାକୁ ସେତେବେଳେ ଚିହ୍ନି ନ ଥିଲି ।

ମୋର ଯାହା ମନେପଡ଼େ ୧୯୫୧/୫୨ ମସିହା ବେଳକୁ ସେ ଦେଉଳସାହିରେ କିଛି ଜାଗା କିଣି ୧୯୫୫-୫୬ ବେଳକୁ ଘର କରି ରହିଲେ । ଶ୍ରୀଯୁକ୍ତ ଦାସ ସେହିଦିନଠାରୁ ଆମ ଅଞ୍ଚଳର ସ୍ଥାୟୀ ବାସିନ୍ଦା ଭାବରେ ପରିଚିତ ହେଲେ । ସେ ପ୍ରାୟତଃ ଅଧ୍ୟାପକ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟଙ୍କ ଘରକୁ ଯିବା ଆସିବା କରୁଥିଲେ । କଲେଜ ହେଉ ବା ବଜାରକୁ ହେଉ, ବାହାରକୁ ବାହାରିଲେ ଦେହରେ ଧୋତି, ପଞ୍ଜାବୀ, ପାଦରେ ଚପଲ ପିନ୍ଧି ନିଜର ୨୪" ସାଇକେଲ ଧରି ବାହାରିପଡ଼ନ୍ତି ।

ମୁଁ ଅଜାଙ୍କଠାରୁ ଜାଣିବାକୁ ପାଇଥିଲି ଯେ ତାଙ୍କ ଘର ପୁରୀ ନଇଗୁଆଁ ଗ୍ରାମରେ । ସେ ନିଜର ବହୁବର୍ଷର ଶିକ୍ଷକତା ପରେ ଶେଷରେ ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରୁଥିଲେ ଏବଂ ସେହିଠାରୁ ହିଁ ଅବସର ନେଇଥିଲେ । ସେ ନିଜର ଶିକ୍ଷକତା ସମୟରେ ଓଳାସିଂହ ବିଦ୍ୟାଳୟ, ବୌଦ୍ଧ ହାଇସ୍କୁଲ, ହରିହର ଏକାଡ଼େମୀ (ଜଗତସିଂହପୁର), ଖଣ୍ଡମୌଜା ହାଇସ୍କୁଲ, କୋରୁଆ ହାଇସ୍କୁଲ ଓ ଶେଷରେ ଖ୍ରୀଷ୍ଟ କଲେଜରେ ଶିକ୍ଷକତା ତଥା ଅଧ୍ୟାପନାରେ ସମ୍ପୃକ୍ତ ରହି ନିଜ ପାରଦର୍ଶିତାର ପରିଚୟ ପ୍ରଦାନ କରିଥିଲେ । ଅନେକ ବିଦ୍ୟାଳୟରେ ଶିକ୍ଷକତା ସମୟରେ ସେ ସେଠାକାର ରାଜା, ଜମିଦାର ତଥା ରାଜନୈତିକ ଚାପର ଶିକାର ହୋଇ ଶେଷରେ ଇସ୍ତଫା ଦେଇ କଟକ ଚାଲି ଆସିଥିଲେ ଏବଂ ଖ୍ରୀଷ୍ଟ କଲେଜରେ ୧୯୪୮ ମସିହାରେ ନିଯୁକ୍ତି ପାଇଥିଲେ । ମୁଁ ଅଜାଙ୍କଠାରୁ ଶୁଣିଛି ସେ ରେଭେନ୍ସାରେ ଓଡ଼ିଆ ଅଧ୍ୟାପକ ଭାବେ ଚାକିରୀ କରିବାର ସୁଯୋଗ

Digitized by srujanika@gmail.com

ପାଇଥିଲେ ମଧ୍ୟ ଜଗତସିଂହପୁର ବିଦ୍ୟାଳୟର ସମ୍ପାଦକ ତାଙ୍କୁ ଚାକିରୀରୁ ଅବ୍ୟାହତି ଦେଲେ ନାହିଁ । ତେଣୁ ସେ ରେଭେନ୍ସାରେ ଚାକିରୀ କରିପାରି ନ ଥିଲେ । ସେ ପିଲାବେଳୁ ଜଣେ ଭଲ ଛାତ୍ର ଥିଲେ ଏବଂ ସରକାରୀ ବୃତ୍ତି ପାଇ ଉଚ୍ଚଶିକ୍ଷା ଲାଭ କରିଥିଲେ । ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବରେ ତାଙ୍କର ବେଶ୍ ପ୍ରତିଷ୍ଠା ରହିଥିଲା ।

ସେ ଇଂରାଜୀ, ହିନ୍ଦୀ, ବଙ୍ଗଳା ଓ ସଂସ୍କୃତ ଭାଷାରେ ନିଜର ଦକ୍ଷତାର ପରିଚୟ ଦେଇଥିଲେ । ସେ ଅନେକ ବ୍ୟାକରଣ ବହି ଲେଖିଛନ୍ତି ଯାହା ଅନେକ ସମୟରେ ବିଦ୍ୟାଳୟର ପାଠ୍ୟପୁସ୍ତକ ଭାବରେ ଅନୁମୋଦନ ଲାଭ କରିଛି । ସେତେବେଳେ ଛାତ୍ରମାନେ କଲେଜରେ ତାଙ୍କୁ "ଚଳନ୍ତା ଅଭିଧାନ" ବୋଲି ସମ୍ବୋଧନ କରୁଥିଲେ । ବିଭିନ୍ନ ଭାଷାର ଲୋକପ୍ରିୟ ତଥା କ୍ଲାସିକ ସାହିତ୍ୟର ଓଡ଼ିଆ ଅନୁବାଦ ତଥା ଶିଶୁ ସାହିତ୍ୟ ସୃଷ୍ଟିରେ ସେ ଅନେକ ପାରଦର୍ଶିତା ଲାଭ କରିଥିଲେ । ସେ ଯେତେବେଳେ ଯେଉଁ ସ୍ତରରେ ନିଯୁକ୍ତ ହେଉଥିଲେ ନିଜର କର୍ତ୍ତବ୍ୟ ସେ ଖୁବ୍ ନିପୁଣତାର ସହ ସମ୍ପାଦନ କରୁଥିଲେ; ସେ ଅଧ୍ୟାପକ ହେଉ ବା ପରୀକ୍ଷକ ବା କେତେବେଳେ ପରିଦର୍ଶକ । ସେ ଏକାନ୍ତ ଭାବେ କର୍ତ୍ତବ୍ୟନିଷ୍ଠ ଏବଂ ବୈଷୟିକ କ୍ଷେତ୍ରରେ ଚିରନ୍ତନ ଉନ୍ନତିର ଅଭିଳାଷୀ ଥିଲେ । ସେ ନିଜ ପରିଚିତ ତଥା ବନ୍ଧୁ ଓ ସମାଜ ମଧ୍ୟରେ ଏକାନ୍ତ ଅନ୍ତରଙ୍ଗ ଓ ମିଷ୍ଟଭାଷୀ ଥିଲେ । ଯେକୌଣସି ବିଷୟରେ ସେ ନିଜ ଅଭିଜ୍ଞତାରୁ ସୁପରାମର୍ଶ ଦେଇ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ନିଜର ସାହିତ୍ୟ ସାଧନା ପାଇଁ ଅନେକ ମହଲରେ ସମ୍ମାନିତ ହୋଇଛନ୍ତି । ସେ ଉତ୍କଳ ସାହିତ୍ୟ ଓଡ଼ିଶା ସମାଜ, ସାହିତ୍ୟ ଏକାଡ଼େମୀ, ସୋଭିଏତ୍ ନେହେରୁ ପ୍ରଭୃତି ଅନୁଷ୍ଠାନରୁ ଅନେକ ସମ୍ମାନ ପାଇଛନ୍ତି ।

ମୋର ସମ୍ପର୍କ ତାଙ୍କ ପରିବାର ସହ ଘନିଷ୍ଠ । ତାଙ୍କ ଅସୁସ୍ଥତା ସମୟରେ ଦେଉଳସାହି ସ୍ଥିତ ପଲି କ୍ଲିନିକ୍‌ରେ ତାଙ୍କର ଚିକିତ୍ସା କରାଯାଉଥିଲା । ମୁଁ ତାଙ୍କୁ ଦେଖିବା ପାଇଁ ସେଠାକୁ ପ୍ରାୟତଃ ଯାଉଥିଲି । ହଠାତ୍ ଜାଣିବାକୁ ପାଇଲି ଯେ ସାର୍ ୨୪ ।୦୪ ।୧୯୮୮ରେ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲେ । ତାଙ୍କର ବଡ଼ପୁଅ ଜଗନ୍ନାଥ ପ୍ରସାଦ ଦାସ, ଦ୍ୱିତୀୟ ପୁତ୍ର କୃଷ୍ଣପ୍ରସାଦ ଦାସ ଓ ଝିଅ ବିଷ୍ଣୁପ୍ରିୟା ଦାସଙ୍କୁ ଭାଇ ଓ ଅପା ବୋଲି ସମ୍ବୋଧନ କରେ ଏବଂ ତୃତୀୟ ପୁତ୍ର ଶ୍ରୀ ରଘୁନାଥ ପ୍ରସାଦ ଦାସ ଜଣେ

Digitized by srujanika@gmail.com

ଇଞ୍ଜିନିୟର ହୋଇଥିବାରୁ ମୋର ତାଙ୍କ ସହ ସମ୍ପର୍କ ଅତି ଘନିଷ୍ଠ । ରଘୁନାଥ ବାବୁ ଆମ ସାହି ରଘୁନାଥଜୀଉ କଲେଜର ସଭାପତି ଥିଲେ ଏବଂ ତାଙ୍କ ସହ ସମ୍ପର୍କ ଅତି ଘନିଷ୍ଠ । ରଘୁନାଥ ବାବୁ ଆମ ସାହି ରଘୁନାଥଜୀଉ କଲେଜର ସଭାପତି ଥିଲେ ଏବଂ ତାଙ୍କ ପତ୍ନୀ ଶ୍ରୀମତୀ ପ୍ରମୋଦା ଦାସ ସଭ୍ୟା ଥିଲେ । ମୁଁ ମଧ୍ୟ ସେ ଅନୁଷ୍ଠାନର ଜଣେ ସଭ୍ୟ ଥିଲି । ଆମେ ବର୍ତ୍ତମାନ କଲେଜର ପରିଚାଳନା କମିଟିରେ ଆଉ ନାହୁଁ । କଲେଜର ଚାରି ହଜାର ପାଞ୍ଚଶହ ଫୁଟର ଚାରିମହଲା ଘର ନିର୍ମାଣ ହେଉଛି । ପରିଚାଳଳନା ସମିତି ଆଉ ନାହିଁ । କଟକର ଏ.ଡ଼ି.ଏମ୍. ଏବେ ତାହାର ସଭାପତି ଅଛନ୍ତି । ସେ ମହାଶୟ ଏହି କଲେଜର ଅଧ୍ୟକ୍ଷ ଡକ୍ଟର ସରୋଜ କୁମାର ଦାଶଙ୍କ ସହିତ ଆମ ଅଞ୍ଚଳର କିଛି ଶିକ୍ଷାବିତ୍ ତଥା ଅନୁଷ୍ଠାନଟିର ହିତାକାଙ୍କ୍ଷୀଙ୍କ ସହାୟତାରେ ଅନୁଷ୍ଠାନର ଗୃହନିର୍ମାଣର ତଦାରଖ କରୁଛନ୍ତି । ସେମାନେ ହେଲେ ଶ୍ରୀ ରଘୁନାଥ ପ୍ରସାଦ ଦାସ, ଶ୍ରୀ ଅରୁଣ କୁମାର ମୁଖାର୍ଜୀ, ଶ୍ରୀ ନୃସିଂହ ଚରଣ ପାତ୍ର, ଶ୍ରୀ ଯୋଗେନ୍ଦ୍ର ନାଥ ସରକାର, ଶ୍ରୀ ଅମୀୟ କୁମାର ମିଶ୍ର ଏବଂ ମୁଁ । ଆମ୍ଭେମାନେ ବିଶେଷ କରି ମୋ ସମେତ ରଘୁବାବୁ, ପାତ୍ରବାବୁ, ମୁଖାର୍ଜୀବାବୁ ଓ ସରକାର ବାବୁ ସବୁଦିନେ ସନ୍ଧ୍ୟା ୫ଟାରୁ ଘ. ୬.୩୦ ମି. ପର୍ଯ୍ୟନ୍ତ କଲେଜରେ ବସୁ ଓ କାର୍ଯ୍ୟ ତଦାରଖ କରୁ । ପ୍ରାୟ ଅନେକ ସମୟରେ ଶ୍ରୀଧର ଦାସଙ୍କ କଥା ମନେପଡ଼େ । କାରଣ ତାଙ୍କରି ହାତସ୍ପର୍ଶରେ ଆମ ଅଞ୍ଚଳରେ ରଘୁନାଥଜୀଉ ବିଦ୍ୟାପୀଠ ଓ ଏହି ମହାବିଦ୍ୟାଳୟ ସମ୍ଭବପର ହୋଇପାରିଛି ।

ମୁଁ ଆଶା କରେ ତାଙ୍କର ପ୍ରତ୍ୟେକ ଶ୍ରାଦ୍ଧବାର୍ଷିକୀ ଆମ ଅଞ୍ଚଳର ରଘୁନାଥଜୀଉ ବିଦ୍ୟାପୀଠ ଅନୁଷ୍ଠାନରେ ହେଲେ ଭଲ ହୁଅନ୍ତା । ଆହୁରି ମଧ୍ୟ "ଶ୍ରୀଧର ଗ୍ରନ୍ଥାବଳୀ" ବହି ପ୍ରକାଶିତ ହୋଇପାରିଲେ ଭବିଷ୍ୟତ ପିଢ଼ି ନିଶ୍ଚିତ ଭାବେ ଉପକୃତ ହୋଇପାରନ୍ତେ ।

ଦେଉଳସାହି, କଟକ-୭୫୩୦୦୮

■■■

Digitized by srujanika@gmail.com

ଶ୍ରୀଧର ଦାସ : ଏକ ସଂକ୍ଷିପ୍ତ ପରିଚିତି

(ସମୟାନୁକ୍ରମିକ ତଥ୍ୟ ପରିବେଷଣ)

ଡକ୍ଟର ରବିନାରାୟଣ ମହାରଣା

ନାମ	ଶ୍ରୀଧର ଦାସ
ପିତାଙ୍କ ନାମ	ଶ୍ୟାମା ଚରଣ ଦାସ
ଜନ୍ମ ସମୟ	୧୯୦୧ ମସିହା ଅକ୍ଟୋବର ମାସ ୪ ତାରିଖ (ଜାତକ ଅନୁସାରେ)
	୧୯୦୨ ମସିହା ଅକ୍ଟୋବର ମାସ ୧ ତାରିଖ (ସ୍କୁଲ ସାର୍ଟିଫିକେଟ୍ ଅନୁସାରେ)
ଜନ୍ମସ୍ଥାନ	କାକଟପୁର ଅଞ୍ଚଳର ନାଉସିରା ଗ୍ରାମ

ଜମିଜମା

ପିତାଙ୍କ ମୃତ୍ୟୁବେଳକୁ (୧୯୩୯) ମୋଟ ବାର ଏକର ଜମି ଥିଲା, ଯାହାକି ଏବେ ତାଙ୍କର ଭାଇ ଗଙ୍ଗାଧର ଭୋଗ କରୁଛନ୍ତି । ପଟ୍ଟା, କାଗଜ-ପତ୍ର ଇତ୍ୟାଦିରେ ଶ୍ରୀଧର ଦାସଙ୍କ ନାମ ନାହିଁ । ଷଡ଼ଯନ୍ତ୍ରର ଶିକାର ହୋଇ ସେ ସବୁ ଭାଇଙ୍କୁ ଦାନପତ୍ରରେ ଦେଇ ଦେଇଛନ୍ତି । ବର୍ତ୍ତମାନ କଟକ ସ୍ଥିତ ଦେଉଳସାହିରେ ଥିବା ଘର ଖଣ୍ଡିକ ତାଙ୍କ ସ୍ୱଅର୍ଜିତ ସମ୍ପତ୍ତି ।

ସମ୍ପୂର୍ଣ୍ଣ ଶିକ୍ଷାଗତ ଯୋଗ୍ୟତା : ଏମ୍.ଏ. (ଓଡ଼ିଆ)

Digitized by srujanika@gmail.com

ପ୍ରାଥମିକ ଶିକ୍ଷା :

ପର୍ଯ୍ୟାୟକ୍ରମେ (୧) ନିମ୍ନ ପ୍ରାଥମିକ ବିଦ୍ୟାଳୟ, କାକଟପୁର । (୨) କାକଟପୁର ଭର୍ଣ୍ଣାକୁଲାର ସ୍କୁଲ, କାକଟପୁର (୩) ପୁରୀ ଜିଲ୍ଲା ସ୍କୁଲ, ପୁରୀ (୧୯୧୬-୨୧)ରେ ଶିକ୍ଷା ଗ୍ରହଣ କରି ସ୍କୁଲ ଲିଭିଙ୍ଗ ସାର୍ଟିଫିକେଟ ପରୀକ୍ଷାରେ ୨ୟ ସ୍ଥାନ ଉତ୍ତୀର୍ଣ୍ଣ ହୋଇଥିଲେ । ଗଣିତ, ଭର୍ଣ୍ଣାକୁଲାର ଓ ସଂସ୍କୃତରେ ଡିଷ୍ଟିଙ୍କସନ୍ ପାଇଥିଲେ । ମାଟ୍ରିକ୍ୟୁଲେସନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅବିଭକ୍ତ ବିହାର ଓ ଓଡ଼ିଶାରେ ୨ୟ ସ୍ଥାନ ରଖି ମାସିକ ୧୫ ଟଙ୍କା ଲେଖାଏଁ ବୃତ୍ତି ମଧ ପାଇଥିଲେ । ଏଇ ସ୍କୁଲ ଲିଭିଙ୍ଗ ସାର୍ଟିଫିକେଟ ପରୀକ୍ଷା ଓ ମାଟ୍ରିକ୍ୟୁଲେସନ ପରୀକ୍ଷା ଉଭୟେ ୧୯୨୨ ମସିହାରେ ହୋଇଥିଲା ।

କଲେଜ ଶିକ୍ଷା :

୧୯୨୨ ମସିହାରେ ବିହାର ଇଞ୍ଜିନିୟରିଂ ସ୍କୁଲରେ ବିଦ୍ୟାରମ୍ଭ । ମାତ୍ର ଇଞ୍ଜିନିୟରିଂ ପାଠରେ ମନ ନ ଲାଗିବାରୁ ବିହାର ନ୍ୟାସନାଲ କଲେଜ, ବାଙ୍କିପୁର (ବିହାର) ରେ ଆଇ.ଏ. ଶ୍ରେଣୀରେ ନାମ ଲେଖାଇ କଲେଜ ପାଠପଢ଼ା ଆରମ୍ଭ । ଏହି ସମୟରେ ଶ୍ରୀଧର ଦାସଙ୍କ ସହପାଠୀ ଥିଲେ ପ୍ରମଥ ନାଥ ବାନାର୍ଜୀ । ଉପର ଶ୍ରେଣୀରେ ଯେଉଁମାନେ ପଢୁଥିଲେ, ସେମାନଙ୍କ ମଧ୍ୟରୁ ଅନ୍ନଦା ଶଙ୍କର ରାୟ (ବି.ଏ. ଶ୍ରେଣୀର ଛାତ୍ର), ଶରତ ଚନ୍ଦ୍ର ମୁଖାର୍ଜୀ (ବି.ଏ. ଶ୍ରେଣୀର ଛାତ୍ର), କରୁଣାକର କର (ସଂସ୍କୃତରେ ଏମ୍.ଏ. କରୁଥିବା ଛାତ୍ର) ପ୍ରମୁଖଙ୍କ ସହିତ ଶ୍ରୀଧର ଦାସଙ୍କ ଆତ୍ମୀୟତା ଥିଲା ।

ପ୍ରଥମ ବାର୍ଷିକ ପରୀକ୍ଷା ଶେଷ କରି ଗ୍ରୀଷ୍ମ ଛୁଟିରେ ସେ ଘରକୁ (ପୁରୀ) ଆସନ୍ତି । ଏଇଠାରେ ଦୁଇଜଣ ଆମେରିକାନ ମହିଳାଙ୍କୁ ଦୁଇମାସ ପାଇଁ ଓଡ଼ିଆ ଟ୍ୟୁସନ କରନ୍ତି । ପ୍ରଥମ ୧୦ ଦିନର ପଢ଼ା ବାବଦକୁ ସେ ସେତେବେଳେ ପାଇଥିଲେ ଟ ୪୦ ଯାହାକି ଗୋଟିଏ ସବ୍‌ଡେପୁଟିର ଦରମା ସଙ୍ଗେ ସମାନ ଥିଲା । ୧୯୨୪ ମସିହାରେ ଶ୍ରୀଧର ଦାସ ଆଇ.ଏ. ପରୀକ୍ଷାରେ ଦ୍ୱିତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୁଅନ୍ତି ।

Digitized by srujanika@gmail.com

ବିବାହ ବନ୍ଧନ :

ଆଇ.ଏ. ପାଶ୍ କରିବା ପରେ ପରେ ବିବାହ ବନ୍ଧନରେ ସେ ଛନ୍ଦି ହୋଇ ଯାଆନ୍ତି । ପତ୍ନୀଙ୍କ ନାମ ଇନ୍ଦୁମଣି ଦେବୀ । ଶ୍ୱଶୁର ଘର ସେହି ପୁରୀ ପାଖାପାଖି ଥିଲା । ସମୟ ୧୯୨୪ ମସିହା ।

କର୍ମମୟ ଜୀବନର ଶୁଭାରମ୍ଭ :

ଆର୍ଥିକ ଅନଟନ ଯୋଗୁଁ ସେ ଚାକିରୀ କରିବାକୁ ବାଧ୍ୟ ହୁଅନ୍ତି ।

୧ମ ପର୍ବ :

୧ । ବୀର ନରସିଂହପୁର ବିଶ୍ୱନାଥ ମି.ଇ. ସ୍କୁଲରେ ୯ ମାସ ପାଇଁ ଖାଲି ଥିବା ପ୍ରଧାନଶିକ୍ଷକ ଚାକିରୀରେ ନିଯୁକ୍ତି ପାଆନ୍ତି । ଏହି ବିଦ୍ୟାଳୟଟି ଆଠଗଡ଼ର ରାଜା ବିଶ୍ୱନାଥ ଦେବ ବର୍ମାଙ୍କ ବଦାନ୍ୟତାରେ ନିର୍ମିତ ହୋଇଥିଲା । ଏଠାରେ ଶ୍ରୀଧର ଦାସଙ୍କ ଦରମା ଥିଲା ମାସିକ ଚାଳିଶ ଟଙ୍କା ।

୨ । ଏହାପରେ କାକଟପୁର ମାଇନର ସ୍କୁଲରେ ହେଡ଼ମାଷ୍ଟର ରୂପେ କାର୍ଯ୍ୟ କରନ୍ତି । ୧୯୨୭ ମସିହାରେ ସେ ଏଲ.ଟି. ପଢ଼ିବା ପାଇଁ ଦରଖାସ୍ତ କରନ୍ତି । ଏହି ପାଠ ପଢ଼ିବା ପାଇଁ ନ୍ୟୁନତମ ଯୋଗ୍ୟତା ଥିଲା ଆଇ.ଏ. ପାଶ୍ । ମାତ୍ର ସେତେବେଳେ ବି.ଏ. ବା ଏମ୍.ଏ ପିଲାମାନେ ମଧ୍ୟ ଏହି ପାଠ ପଢ଼ିବା ପାଇଁ ଆବେଦନ କରିଥିବାରୁ ଶ୍ରୀଧର ବାବୁ ଏହି ବର୍ଷ ସେ ଏଲ.ଟି. ପାଠ ପଢ଼ିବାରୁ ବଞ୍ଚିତ ହେଲେ । ପରବର୍ଷକୁ ଏଲ.ଟି. ଉଠିଗଲା । ତା' ସ୍ଥାନରେ ନୂଆ ପାଠ ରହିଲା ଡି.ଇଡ଼ି. । ଏହି ପାଠ ପାଇଁ ନିମ୍ନତମ ଯୋଗ୍ୟତା ଥିଲା ବି.ଏ. ପାଶ୍ ।

ଶିକ୍ଷା :

ଇତି ମଧ୍ୟରେ ଶ୍ରୀଧର ଦାସ ମାର୍ଚ୍ଚ, ୧୯୨୭ ଓ ସେପ୍ଟେମ୍ବର, ୧୯୨୮ ମସିହାରେ Half Yearly Teacher's Certificate Examination ଦେଇ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ । ତା' ୨-୫-୧୯୨୮ ଠାରୁ ତା୧୧-୫-୧୯୨୮ ପର୍ଯ୍ୟନ୍ତ ସ୍କାଉଟ୍ ଟ୍ରେନିଂ ନେଇଥିଲେ ।

Digitized by srujanika@gmail.com

ସପ୍ଲିମେଣ୍ଟାରୀ :

୧୯୨୮ ମସିହାରେ ବି.ଏ. ପରୀକ୍ଷା ଦେଇ ପାସ୍ କରନ୍ତି । ବି.ଏ. ପାଶ୍ ପରେ ଆଉ ମାଇନର ସ୍କୁଲରେ ରହିବାକୁ ତାଙ୍କର ଇଚ୍ଛା ହେଲା ନାହିଁ । ଅନ୍ୟପକ୍ଷରେ ସେ ସେତେବେଳେ କେତେକଙ୍କ ସହିତ ଅପ୍ରିୟ ହୋଇ ଉଠିଲେ । ତେଣୁ କାକଟପୁର ଏମ.ଇ. ସ୍କୁଲ ଛାଡ଼ିଦେଲେ ।

କର୍ମମୟ ଜୀବନର ୨ୟ ପର୍ବ :

୧୯୨୮ ମସିହାରେ ସ୍ଥାନୀୟ ଜମିଦାର ଦଶରଥ ପଟ୍ଟନାୟକ ପୃଷ୍ଠପୋଷକତାରେ ନୂଆ ହୋଇ ପ୍ରତିଷ୍ଠିତ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତି । ଦରମା ମାସିକ ଟ ୭୦ କିନ୍ତୁ ସ୍ୱାକ୍ଷର କରାଯାଉଥିଲା ମାସିକ ୯୦ ଟଙ୍କା ।

ଶିକ୍ଷା :

୧୯୨୯ ମସିହାରେ ୯ ମାସ ପାଇଁ ଡି.ଇଡ଼ି. ଟ୍ରେନିଂ ପାଇଁ କଟକ ଟ୍ରେନିଂ କଲେଜ (ବର୍ତ୍ତମାନର ରାଧାନାଥ ଆଇ.ଏ.ଏସ୍.ଇ., କଟକ)ରେ ଅଧ୍ୟୟନ । ଅଧ୍ୟୟନ କାଳରେ ପୁଣି ଥରେ ସ୍କାଉଟ ଟ୍ରେନିଂ (Re-Examination Training) । ୧୯୩୦ ମସିହା, ଅପ୍ରେଲ ମାସରେ ଡି.ଇଡ଼ି. ପରୀକ୍ଷାରେ ଉତ୍ତୀର୍ଣ୍ଣ ।

ଶିକ୍ଷାର ପରିସମାପ୍ତି ପରେ ପୁନଶ୍ଚ ୧୯୩୦ ମସିହାରେ ଓଳସିଂହ ହାଇସ୍କୁଲରେ ଆସିଷ୍ଟାଣ୍ଟ ହେଡ଼ମାଷ୍ଟର ରୂପେ ନିଯୁକ୍ତି । ଏତେବେଳକୁ ସ୍କୁଲରେ ଏକରକମ ଅଶାନ୍ତରୁ ଶାନ୍ତ ପରିବେଶକୁ ଯିବା ପାଇଁ ତାଙ୍କ ଭିତରେ ଥିବା ଅଦମ୍ୟ ଲାଳସା ଏଇଠି ତାଙ୍କ ଜୀବନରେ ପୁଣି ଗୋଟିଏ ମୋଡ଼ ସୃଷ୍ଟି କଲା ।

କର୍ମମୟ ଜୀବନର ତୃତୀୟ ପର୍ବ :

୧୯୩୦ ମସିହାରେ ବଉଦଠାରେ ଥିବା 'କିଙ୍ଗ ଏଡ଼ବାର୍ଡ଼ ସପ୍ତମ' ସ୍କୁଲରେ ଟ୍ରେନିଂ ପ୍ରାପ୍ତ ଗ୍ରାଜୁଏଟ୍ ହେଡ଼ମାଷ୍ଟର ରୂପେ କାର୍ଯ୍ୟଭାର ଗ୍ରହଣ । ମାସିକ ବେତନ ଟ ୮୦-୮-୧୨୦ । ରହିବା ପାଇଁ ଘର ଇତ୍ୟାଦି ମାଗଣା । ରାଜାଙ୍କ ଇଚ୍ଛାକୁ ପୂରଣ କରିବା ପାଇଁ ଏଇଠି ଶ୍ରୀଧର ଦାସ ନିଜ ସ୍କୁଲଟିକୁ ହାଇସ୍କୁଲରେ ପରିଣତ କରିବା

Digitized by srujanika@gmail.com

ପାଇଁ ଅକ୍ଳାନ୍ତ ଚେଷ୍ଟା କରନ୍ତି । ସଫଳ ହୁଅନ୍ତି ମଧ୍ୟ । ଫଳରେ ବଉଦରେ ସେହି ସ୍କୁଲଟି King Edward VII High School ନାମରେ ପରିଣତ ହେଲା । ଏବେ ଏହାର ନାମ ଯୋଗୀନ୍ଦ୍ର ଦେବ ହାଇସ୍କୁଲ ହୋଇଅଛି ।

ରାଜା ଷ୍ଟେଟରେ ଶିକ୍ଷାର ବିସ୍ତାର ପାଇଁ ଶ୍ରୀଧର ଦାସଙ୍କୁ Education Officer ଭାବରେ ନିଯୁକ୍ତି ପ୍ରଦାନ କରନ୍ତି ।ମାସିକ ବେତନ ଟ ୧୦୦-୨୦୦, ଗସ୍ତ ଖର୍ଚ୍ଚ ମାସିକ ଟ. ୨୦ । ଏଇ ସମୟରେ ଶ୍ରୀଧର ଦାସ ରାଜବାଟିରେ ରାଜାସାହେବଙ୍କ ପିତା ଯୋଗୀନ୍ଦ୍ର ଦେବଙ୍କ ନାମାନୁସାରେ ଏକ ଲାଇବ୍ରେରୀ ପ୍ରତିଷ୍ଠା କରାଇଥିଲେ ।

ସନ୍ତାନ ଲାଭ :

ଏହି ବଉଦ ରହଣି କାଳରେ ଅର୍ଥାତ୍ ୧୯୩୧ରେ ପ୍ରଥମ ଝିଅ ଜନ୍ମ ନେଇଥିଲା ଏବଂ ୧୯୩୩ରେ ଗୋଟିଏ ପୁଅ ଜନ୍ମ ହୋଇଥିଲା । ପୁଅର ନାମ ଥିଲା ରାଧାକୃଷ୍ଣ, ଝିଅର ନାମ ବିଷ୍ଣୁପ୍ରିୟା । ଏହି ସମୟରେ ଶ୍ରୀଧର ଦାସ ଏମ୍.ଇ.ଡ଼ି ପଢ଼ିବାକୁ ଇଚ୍ଛା ପ୍ରକାଶ କରନ୍ତି । ରାଜକର୍ମଚାରୀ ଓ ରାଜା ସାହେବଙ୍କ ସହ ଏହି ସଂକ୍ରାନ୍ତରୁ ଯେଉଁ ମନୋମାଳିନ୍ୟ ସୃଷ୍ଟି ହୁଏ, ତାହା କ୍ରମଶଃ ବିଭିନ୍ନ ଆନୁସଙ୍ଗିକ ଘଟଣାକୁ ମଧ୍ୟ ପ୍ରଭାବିତ କରେ । ଫଳରେ ଷ୍ଟେଟର ଏଜୁକେଶନ ଅଫିସର ପଦବୀରୁ ସେ ଇସ୍ତଫା ଦିଅନ୍ତି ।

କର୍ମମୟ ଜୀବନର ଚତୁର୍ଥ ପର୍ବ :

ଏହି ସମୟରେ ଶ୍ରୀଧର ଦାସ ନିଜ ଜୀବନର ଭୁଲ ସ୍ୱୀକାର କରିଛନ୍ତି । କିଛି ଅନୁତାପ ମଧ୍ୟ କରିଛନ୍ତି । କାରଣ ବଉଦ ଷ୍ଟେଟର ଏଜୁକେଶନ ଅଫିସର ପଦବୀରୁ ଇସ୍ତଫା ଦେଇ ସେ ପୁଣି ଓଳସିଂହ ଦାଶରଥି ହାଇସ୍କୁଲରେ ହେଡ଼ମାଷ୍ଟ୍ର ରୂପେ କାର୍ଯ୍ୟଭାର ଗ୍ରହଣ କରନ୍ତି । ମାସିକ ଦରମା ଟ ୧୨୦ । ଏଠାରେ ୧ ବର୍ଷ କାର୍ଯ୍ୟ କରି ସେ ଚାକିରୀ ଛାଡ଼ିଲେ ।

କର୍ମମୟ ଜୀବନର ୫ମ ପର୍ବ :

୧୯୩୫ ମସିହାରେ ବାଣପୁର ହାଇସ୍କୁଲରେ ଶିକ୍ଷକତା, ମାସିକ ଦରମା ୭୦ ଟଙ୍କା ।

Digitized by srujanika@gmail.com

ସନ୍ତାନ ହାନି :

ଏହି ବାଣପୁରର ରହଣି କାଳରେ ପ୍ରଥମ ପୁତ୍ର ରାଧାକୃଷ୍ଣର ପ୍ରାଣହାନି ଘଟେ । ସହ କର୍ମଚାରୀଙ୍କ ସହ କିଛି ମନାନ୍ତର । ଆତ୍ମସମ୍ମାନର ଖାତିରରେ ବାଣପୁର ସ୍କୁଲ ତ୍ୟାଗ । ବାଣପୁରରେ ଚାକିରୀ କାଳ ଥିଲା ୬ ବର୍ଷ । ସେ ବାଣପୁର ହାଇସ୍କୁଲ ତ୍ୟାଗ କରିଥିଲେ ୧୯୪୨ ମସିହାରେ ।

ସନ୍ତାନ ଲାଭ :

୧୯୩୬ରେ ଦ୍ୱିତୀୟ ପୁତ୍ର ଜଗନ୍ନାଥ ପ୍ରସାଦ, ୧୯୩୯ରେ ୩ୟ ପୁତ୍ର କୃଷ୍ଣପ୍ରସାଦ ଏବଂ ୧୯୪୨ରେ ୪ର୍ଥ ପୁତ୍ର ରଘୁନାଥ ପ୍ରସାଦର ଜନ୍ମ ।

ସ୍ୱଅର୍ଜିତ ସମ୍ପତ୍ତି :

ଏହି ସମୟକୁ ପ୍ରାୟ ୮/୧୦ ମାଣ ଜମି ସେ କ୍ରୟ କରିଥିଲେ ।

ଶିକ୍ଷା :

୧୯୪୨ ମସିହାରେ ଅବସର କାଳରେ ଘରେ ପଢ଼ି ଓଡ଼ିଆରେ ଏମ୍.ଏ. ପରୀକ୍ଷା ଦେଇ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୁଅନ୍ତି ।

କର୍ମମୟ ଜୀବନର ୬ଷ୍ଠ ପର୍ବ :

୧୯୪୨ ମସିହାରେ ବାଣପୁର ତ୍ୟାଗ ପରେ ବିଭିନ୍ନ ସ୍କୁଲରେ ଶିକ୍ଷକତା

୧ । ଖଣ୍ଡମଉଜା ହାଇସ୍କୁଲ

୨ । ବହଡ଼ାଗୋଡ଼ା ହାଇସ୍କୁଲ

୩ । ହରିହରପୁର ଏକାଡ଼େମୀ

୪ । କୋରୁଆ ହାଇସ୍କୁଲ

୫ । ଶ୍ରୀକୃଷ୍ଣ ଏକାଡ଼େମୀ

Digitized by srujanika@gmail.com

ସ୍ୱଅର୍ଜିତ ସମ୍ପତ୍ତି :

୧୯୪୩ ରୁ ୧୯୪୮ ପର୍ଯ୍ୟନ୍ତ ଜଗତସିଂହପୁରରେ ରହଣି କାଳରେ କିଛି ସମ୍ପତ୍ତି ଅର୍ଜନ କରିଥିଲେ ।

କର୍ମମୟ ଜୀବନର ୭ମ ପର୍ବ :

୧୯୪୮ ମସିହାରେ P.S.C ତରଫରୁ ମନୋନୀତ ହୋଇ ସେ ରେଭେନ୍‌ସା ମହାବିଦ୍ୟାଳୟରେ ନିଯୁକ୍ତି ପାଆନ୍ତି । ମାତ୍ର ସରକାରୀ ଚାକିରୀ ଲୋଭକୁ ପ୍ରତ୍ୟାଖ୍ୟାନ କରି ସେ ସେତେବେଳେ ଉତ୍କଳ ଖ୍ରୀଷ୍ଟିଆନ୍ କଲେଜ (ବର୍ତ୍ତମାନର ଖ୍ରୀଷ୍ଟ ମହାବିଦ୍ୟାଳୟ)ରେ ଓଡ଼ିଆ ଅଧ୍ୟାପକ ରୂପେ ଯୋଗ ଦିଅନ୍ତି । ୧୯୪୮ ମସିହାରେ ପ୍ରଥମ କରି ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅନର୍ସ କ୍ଲାସ ଖୋଲା ହୋଇଥିଲା । ଉତ୍କଳ ଖ୍ରୀଷ୍ଟିଆନ୍ କଲେଜରେ ତାଙ୍କର ଚାକିରୀ କାଳ ୧୯୪୮ ମସିହାରୁ ୧୯୬୮ ମସିହା, ୨୦ ବର୍ଷ ।

ଅବସରକାରୀନ ଜୀବନ :

୧୯୭୮ ମସିହା ବେଳକୁ କ୍ରମଶଃ ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଆସେ, ୧୯୮୦ ବେଳକୁ ଦୃଷ୍ଟିଶକ୍ତି ନଷ୍ଟ ହୋଇଯାଏ ।

ମୃତ୍ୟୁ ୧୯୮୮ ମସିହା ଅପ୍ରେଲ ମାସ ୨୪ ତାରିଖ ।

ବେଶଭୂଷା : ଅତ୍ୟନ୍ତ ସାଧାରଣ, ଧଳା ପଞ୍ଜାବୀ ଓ ଧୋତି, ଆଖିରେ ଚଷମା ।

ପ୍ରିୟ ପୁସ୍ତକ :

୧ । ପୁରୀ ଜିଲ୍ଲାସ୍କୁଲରେ ପାଠ ପଢୁଥିବା ବେଳେ ପୁରସ୍କାର ସ୍ୱରୂପ ପାଇଥିବା ବହି ଯେପରି ରାଧାନାଥ ଗ୍ରନ୍ଥାବଳୀ, ମଧୁସୂଦନ ଗ୍ରନ୍ଥାବଳୀ, ଗଙ୍ଗାଧରଙ୍କ 'ପ୍ରଣୟ ବଲ୍ଲରୀ', 'ତପସ୍ୱିନୀ', 'ଉତ୍କଳ ଲକ୍ଷ୍ମୀ', ଚିନ୍ତାମଣି ମହାନ୍ତିଙ୍କ 'ବିକ୍ରମାଦିତ୍ୟ' ପ୍ରଭୃତି ଓଡ଼ିଆ ବହି ।

୨ । ଇଂରାଜୀ ପୁସ୍ତକ ଭାବରେ Lamb's Tales from Shakespeare; Miss Milfordଙ୍କର Our Village, ଲାଲବିହାରୀ ଦେ'ଙ୍କର Bengal Peasant Life ଓ Flok tales of Bengal.

Digitized by srujanika@gmail.com

୩ । ଲାଇବ୍ରେରୀରେ ଥିବା ବହିରୁ Burke's Speeches on the impeachment of Warren Hastings, R. Hagard ଙ୍କର 'She', 'Confession of a Thug', 'Tales from Indian Chivalry', 'Simile's Character' ପ୍ରଭୃତି ।

ଜୀବନର ଅନ୍ୟତମ ଦିଗ :

ହୋମିଓପାଥି ଚିକିତ୍ସା ପଦ୍ଧତିରେ ଗଭୀର ଜ୍ଞାନ ଓ ଆସ୍ଥା ।

ଜୀବନର ମଧୁମୟ ସ୍ମୃତି :

୧୯୨୧ ବେଳକୁ ମହାତ୍ମାଗାନ୍ଧୀ ଆସିଥାନ୍ତି ଓଡ଼ିଶାକୁ । ସାକ୍ଷୀଗୋପାଳରେ ସଭା ହେବ । ମହାତ୍ମାଙ୍କୁ ଦେଖିବା ପାଇଁ ସେ ଦୀର୍ଘ ୩୫ ମାଇଲ ବାଟ ଚାଲିଚାଲି ଯାଇ ପହଞ୍ଚିଲେ ଏବଂ ସେଠାରେ ମହାତ୍ମାଙ୍କୁ ଦେଖିଥିଲେ ଏବଂ ତାଙ୍କ ଭାଷଣ ଶୁଣିଥିଲେ ।

ଜୀବନର ଅତୃପ୍ତ ଇଚ୍ଛା :

୧ । ଇଞ୍ଜିନିୟରିଂ ପାଠରେ ନାମ ଲେଖାଇ ପାଠ ଛାଡ଼ିଥିଲେ ବୋଲି ଅବଶୋଷ ।

୨ । ବହୁ ଚେଷ୍ଟା କରି ମଧ କବିଟିଏ ହୋଇପାରିଲେ ନାହିଁ ।

ବୋଧହୁଏ ତାଙ୍କର ଏହି ଅପୂର୍ଣ୍ଣ ଇଚ୍ଛା ତାଙ୍କର ଯୋଗ୍ୟତମ ପୁତ୍ରମାନଙ୍କଠାରେ ପୁଣି ଅଙ୍କୁରିତ ହେଲା । ପୁତ୍ରମାନେ ତାଙ୍କ ସ୍ୱପ୍ନକୁ ନିଜ ଭିତରେ ଚରିତାର୍ଥ କଲେ । ଆଜି ଜଗନ୍ନାଥ ପ୍ରସାଦ ଆନ୍ତର୍ଜାତିକ ସ୍ତରରେ ଜଣେ ସ୍ୱନାମଧନ୍ୟ କବି ଓ ରଘୁନାଥ ପ୍ରସାଦ ଜଣେ ସୁଦକ୍ଷ ତଥା ସଫଳ ଇଞ୍ଜିନିୟର ।

ଜୀବନର ଦୁଃଖ :

ସମସ୍ତଙ୍କର ମଙ୍ଗଳ କାମନା କରୁ କରୁ ବି ଅନେକଙ୍କଦ୍ୱାରା ପ୍ରତାରିତ ହୋଇଛନ୍ତି । ଏପରିକି ନିଜ ରକ୍ତର ଭାଇ ଗଙ୍ଗାଧର ମଧ ଜାଲ୍ କରି ସମସ୍ତ ପୈତୃକ ସମ୍ପତ୍ତିକୁ ନିଜ ନାମରେ କରାଇ ନେଇଥିଲେ । ପଟ୍ଟା-ପାଉତି-କାଗଜପତ୍ର ସବୁଥିରୁ ତାଙ୍କ ନାମ ଜାଲ୍‌ରେ ଉଠାଇ ନିଆଯାଇଥିଲା ।

Digitized by srujanika@gmail.com

ଜୀବନର ଭଲଗୁଣ :

ସ୍ନେହର ମଣିଷ । ସହଜରେ ଅନ୍ୟଙ୍କୁ ବିଶ୍ୱାସ କରିଥାନ୍ତି । ସତ୍ୟ ପ୍ରିୟ, ନିର୍ଭୀକ, ପରୋପକାରୀ, ଛାତ୍ରବତ୍ସଳ । ଏପରିକି ନିଜେ ଛାତ୍ରମାନଙ୍କୁ ଡାକି ଚାକିରୀ ଦେଇଛନ୍ତି । ଏହିଭଳି ଛାତ୍ରମାନଙ୍କ ମଧ୍ୟରେ ବନମାଳୀ ମିଶ୍ର, ଦେବେନ୍ଦ୍ର ମହାନ୍ତି ପ୍ରଭୃତି ଅନ୍ୟତମ ।

ଜୀବନର ମନ୍ଦ ଗୁଣ :

ଅତ୍ୟନ୍ତ କ୍ଷୀଣ କୋପୀ ଓ ବଦ୍‌ରାଗୀ । କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଆଗ-ପଛ ନ ବିଚାରି ହଠାତ୍ କିଛି କରି ପକାଇବା ତାଙ୍କର ଏକ ଅଭ୍ୟାସ ଥିଲା ।

ଜୀବନରେ ଆସିଥିବା ଅନୁତପ୍ତ ସମୟ :

ଦ୍ୱିତୀୟ ଥର ପାଇଁ ଓଲସିଂହ ଦାଶରଥି ହାଇସ୍କୁଲରେ ଯୋଗଦାନ । ସେ ତାଙ୍କ ଜୀବନୀରେ ଉଲ୍ଲେଖ କରିଛନ୍ତି – "ମୁଁ ଟିକିଏ ଅତିମାତ୍ରାରେ ଭାବପ୍ରବଣ । ସାମାନ୍ୟ ଘଟଣାରେ ବିଚଳିତ ହୋଇ ଯାହା କିଛି ଗୋଟାଏ କରିପକାଏ । ପରିଣାମରେ କଷ୍ଟ ଭୋଗ କରିଥାଏ । ଅନେକ ଘଟଣାରେ କଚଡ଼ା ଖାଇ ମଧ୍ୟ ମୁଁ ମୋର ସେହି ପ୍ରକୃତି ଛାଡ଼ିପାରି ନାହିଁ । ଏବେ ଏହି ବୃଦ୍ଧ ବୟସରେ ସୁଦ୍ଧା ମୁଁ ସେହି ପ୍ରକୃତିର ଫଳ ଭୋଗ କରୁଅଛି ।" ('ଭୁଲ ଉପରେ ଭୁଲ'; 'ସୁଅମୁହଁର ପତର' ପୃଷ୍ଠା ୧୮୦) ।

ପ୍ରିୟ ଶିକ୍ଷକ : ଚନ୍ଦ୍ରମୋହନ ମହାରଣା ।

ଜୀବନରେ ଲାଭ କରିଥିବା ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କ ସମ୍ପର୍କ :

(୧) ଗୋପବନ୍ଧୁ ଦାସ (୨) ଗୋଦାବରୀଶ ମିଶ୍ର (୩) ରାଜେନ୍ଦ୍ର ପ୍ରସାଦ (ପରବର୍ତ୍ତୀ କାଳରେ ସିଏ ଭାରତର ପ୍ରଥମ ରାଷ୍ଟ୍ରପତି ହେଲେ । ତାଙ୍କ ସହିତ ସଦାକତ୍ ଆଶ୍ରମରେ ସାକ୍ଷାତ, ଆଳାପ ଓ ଖଦୀ କିଣା) (୪) ଠକ୍‌କର ବାପା (ଅମୃତଲାଲ ଭିଠଲ୍ ଦାସ ଠକ୍‌କର) ୧୯୧୮-୧୯ (୫) ଆନି ବେସାନ୍ତଙ୍କ ଭାଷଣ ଶୁଣିଛନ୍ତି (୬) ସାର୍ ଆଶୁତୋଷ ମୁଖାର୍ଜୀ (Tiger of Bengal) (୭) ଲାଲା ଲଜପତ୍ ରାୟ (Lion of the Pujab) ୧୯୨୫-୨୬ ।

ଜୀବନରେ ପାଇଥିବା ଶ୍ରେଷ୍ଠ ସମ୍ମାନ ଓ ପୁରସ୍କାର :

୧୯୭୨ ମସିହାରେ ଉତ୍କଳ ସାହିତ୍ୟ ସମାଜ ତରଫରୁ ସମ୍ମାନ, ୧୯୭୪ ମସିହାରେ ସୋଭିଏତ୍ ଲ୍ୟାଣ୍ଡ ନେହେରୁ ପୁରସ୍କାର ।

Digitized by srujanika@gmail.com

ଛାତ୍ରମହଲରେ ତାଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ଏକ ପ୍ରତୀକାତ୍ମକ ବ୍ୟଞ୍ଜନା : ଚଳନ୍ତି ଜ୍ଞାନକୋଷ ।

କଟକ ଦେଉଳ ସାହି ପାଇଁ ଅବଦାନ :

୧ । ରଘୁନାଥଜୀଉ ବିଦ୍ୟାପୀଠ ନିର୍ମାଣ । ୧୯୭୮ ରୁ ୧୯୮୮ ମସିହା ପର୍ଯ୍ୟନ୍ତ ସେ ଥିଲେ ବିଦ୍ୟାପୀଠର ସଭାପତି ।

୨ । ରଘୁନାଥଜୀଉ ବିଦ୍ୟାପୀଠ ପାଇଁ ପ୍ରସ୍ତୁତ ହୋଇଥିବା ସମ୍ବିଧାନର ସେ ଥିଲେ ଅନ୍ୟତମ ପ୍ରଣେତା ।

୩ । ସ୍ୱଅର୍ଜିତ ସମ୍ପତ୍ତିରୁ କିଛି ସ୍ମୃତି ପାଇଁ ସାହିକୁ ଦାନ କରିଥିଲେ, ଯେଉଁ ସ୍ଥାନରେ ଆଜି ଦୁର୍ଗାମଣ୍ଡପଟିଏ ଠିଆ ହୋଇଛି ।

ସାହିତ୍ୟକୃତି :

ସ୍ୱରଚିତ ବିଭିନ୍ନ ରଚନାବଳୀ । ଶ୍ରୀଧର ଦାସ ସାହିତ୍ୟର ବିଭିନ୍ନ ବିଭାଗରେ ସ୍ୱଲେଖନୀ ଚାଳନା କରି ଯାଇଛନ୍ତି । ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ତାଙ୍କ ରଚନାବଳୀର ଏକ ପୂର୍ଣ୍ଣ ତାଲିକା ନିମ୍ନରେ ଦିଆଗଲା ।

ଅଭିଧାନ :

୧ ।   ନବ ଅଭିଧାନ (ଓଡ଼ିଆ-ଓଡ଼ିଆ-ଇଂରାଜୀ) (୨ୟ ସଂ.) ୧୯୬୭, ପ୍ରକାଶକ - ଗ୍ରନ୍ଥମନ୍ଦିର, କଟକ-୨

୨ ।   Student's English Oriya Dictionary

୩ ।   ବିବିଧ କୋଷ (ଅନ୍ୟ ଲେଖକଙ୍କ ସାହାଯ୍ୟରେ)
ପ୍ରକାଶକ - ଗ୍ରନ୍ଥ ମନ୍ଦିର, କଟକ-୨

ବ୍ୟାକରଣ :

୧ ।   ଲଘୁ ବ୍ୟାକରଣ

୨ ।   ସଂସ୍କୃତ ବ୍ୟାକରଣ ପ୍ରବେଶ (ଅନ୍ୟ ଲେଖକଙ୍କ ସହାୟତାରେ)

୩ ।   ମଧ୍ୟ ବ୍ୟାକରଣ (ଅନ୍ୟ ଲେଖକଙ୍କ ସହାୟତାରେ)

Digitized by srujanika@gmail.com

୪ । ସଂସ୍କୃତ ବ୍ୟାକରଣ ଓ ରଚନା (ଅନ୍ୟ ଲେଖକଙ୍କ ସହାୟତାରେ)

୫ । ସର୍ବସାର ବ୍ୟାକରଣ (୧ମ ସଂ) ୧୯୪୩

୬ । ସରଳ ଓଡ଼ିଆ ବ୍ୟାକରଣ ଓ ରଚନା (ଅନ୍ୟଜଣଙ୍କ ସାହାଯ୍ୟରେ)

୭ । ମୌଳିକ ଲଘୁ ବ୍ୟାକରଣ ଓ ରଚନା (ଅନ୍ୟ ଲେଖକଙ୍କ ସହାୟତାରେ)

୮ । ମୌଳିକ ମଧ୍ୟ ବ୍ୟାକରଣ ଓ ରଚନା (ଅନ୍ୟ ଲେଖକଙ୍କ ସହାୟତାରେ)

୯ ।। ସରଳ ସଂସ୍କୃତ ବ୍ୟାକରଣ

୧୦ । ମଧ୍ୟ ଓଡ଼ିଆ ବ୍ୟାକରଣ ୧ମ ଭାଗ ଓ ୨ୟ ଭାଗ

ଅନ୍ୟାନ୍ୟ ପାଠ୍ୟ ପୁସ୍ତକ :

୧ । ମନୋହର ପାଠ – ୧ମ ଭାଗ ଓ ୨ୟ ଭାଗ (ମଞ୍ଜୁରୀପ୍ରାପ୍ତ)

୨ । ପାଠ୍ୟ ପ୍ରଦୀପ – ୩ୟ ଓ ୪ର୍ଥ ଭାଗ (ମଞ୍ଜୁର ହୋଇ ନ ଥିଲା)

୩ । କଥାମାଳା (ଅନ୍ୟ ଦୁଇଜଣଙ୍କ ସହାୟତାରେ)

୪ । କଥା ସୁମନ (୧ମ ଭାଗ, ମଞ୍ଜୁରୀପ୍ରାପ୍ତ)

୫ । କଥା ସୁମନ (୨ୟ ଭାଗ, ମଞ୍ଜୁରୀପ୍ରାପ୍ତ)

୬ । ଆମ ଦେଶର ଇତିହାସ ଗପ (୧ମ ଓ ୨ୟ ଭାଗ । ଅନ୍ୟ ଦୁଇଜଣଙ୍କ ସହାୟତାରେ)

୭ । ମଞ୍ଜୁଷା, ୮ମ ଶ୍ରେଣୀ ପାଇଁ (ମଞ୍ଜୁରୀପ୍ରାପ୍ତ)

୮ । ଜୀବନ ବର୍ତ୍ତିକା, ୮ମ ଶ୍ରେଣୀ ପାଇଁ (ଅନ୍ୟ ଲେଖକଙ୍କ ସହାୟତାରେ ମଞ୍ଜୁରୀପ୍ରାପ୍ତ)

୯ । ପଞ୍ଚପ୍ରଦୀପ (ମଞ୍ଜୁରୀପ୍ରାପ୍ତ)

୧୦ । ଅଳଙ୍କାର ମଞ୍ଜରୀ (ଅଳଙ୍କାର)

Digitized by srujanika@gmail.com

ପାଠ୍ୟ ପୁସ୍ତକ ବିଷୟକ :

୧ । ସାହିତ୍ୟ ମୁକୁର (୧ମ ଭାଗ ଓ ୨ୟ ଭାଗ)

୨ । ପାଠ କଳିକା (୧ମ ଭାଗ ଓ ୨ୟ ଭାଗ) (ଅନ୍ୟ ଲେଖକଙ୍କ ସହାୟତାରେ)

୩ । ପାଠ କୁସୁମ (ଅନ୍ୟମାନଙ୍କ ସହାୟତାରେ)

୪ । ନୂତନ ସାହିତ୍ୟ ସଂଗ୍ରହ (୮ମ ଶ୍ରେଣୀ ପାଇଁ ମଞ୍ଜୁରୀପ୍ରାପ୍ତ, ଅନ୍ୟ ଲେଖକଙ୍କ ସହାୟତାରେ)

୫ । Tales of Utkal

୬ । ନବ ଇତିହାସ (୧ମ ଭାଗ ଓ ୨ୟ ଭାଗ)

୭ । ନବ ଭୂଗୋଳ (୧ମ ଓ ୨ୟ ଭାଗ)

ଅନୁବାଦ :

୧ । ପୃଥିବୀ ପାଇଁ ଜଳ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୨ । ଶାନ୍ତି ପଥରେ ବୀର ସୈନିକ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୩ । ଜର୍ଜ ଏବଂ ଏଷ୍ଟିଙ୍ଗ ହାଉସ୍ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୪ । ମାର୍କିନ ରାଷ୍ଟ୍ରରେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୫ । ଭିଏତନାମ ଯୁଦ୍ଧ କାହିଁକି ? (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୬ । ଭିଏତ୍ କିଙ୍ଗ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

Digitized by srujanika@gmail.com

୭ । ଶିବାନୀ ପଲ୍ଲୀର କଳା ଚିତାବାଘ

୮ । ବୃକ୍ଷ ଜଗତ (N.B.T. ଆନୁକୂଲ୍ୟରେ ପ୍ରକାଶିତ)

୯ । ଆଲିବାବା

୧୦ । ଦିବ୍ୟଚକ୍ଷୁ (N.B.T. ଆନୁକୂଲ୍ୟରେ ପ୍ରକାଶିତ)

୧୧ । ଭାରତର ଅର୍ଥନୈତିକ ଇତିହାସ (Indian Council of Historical Research ଆନୁକୂଲ୍ୟରେ)

୧୨ । ରବିନ୍ ହୁଡ୍

୧୩ । ବିଚିତ୍ର କାହାଣୀ

୧୪ । ଲିଓ ଟଲଷ୍ଟୟଙ୍କ ଗଳ୍ପମାଳା

୧୫ । ଅଲିଭର ଟୁଇଷ୍ଟ (ଚାର୍ଲସ ଡିକେନ୍ସ) -୧୯୭୨

୧୬ । ଗଲିଭରର ଭ୍ରମଣ କାହାଣୀ (ଏଚ୍.ଜି. ୱେଲସଙ୍କ Gauliver's Travels)

୧୭ । ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ (ନୂତନ ସଂସ୍କରଣ) - ୧୯୮୦

୧୮ । ଅଶିଦିନରେ ପୃଥିବୀ ପରିଭ୍ରମଣ (ଜୁଲସ ଭର୍ଣ୍ଣେଙ୍କର Around the World in Eighty Days.)

୧୯ । ବିଚିତ୍ର ତାବିଜ (ସାର୍ ୱଲଟର୍ ସ୍କଟଙ୍କର The Talisman) - ୧୯୭୦

୨୦ । ସେକ୍ସପିଅର କାହାଣୀ ୧ମ ଭାଗ - ୧୯୭୦

୨୧ । ସେକ୍ସପିଅର କାହାଣୀ ୨ୟ ଭାଗ - ୧୯୭୦

୨୨ । ସେକ୍ସପିଅର କାହାଣୀ - ୩ୟ ଭାଗ

୨୩ । ଗ୍ରୀସ୍ ଦେଶର ଉପକଥା

୨୪ । ସମୁଦ୍ର ଗର୍ଭରେ କୋଡ଼ିଏ ହଜାର ଲିଗ୍ ଭ୍ରମଣ (ଜୁଲସ ଭର୍ଣ୍ଣେଙ୍କର Twenty Thousand League) ମେ' ୧୯୭୭

Digitized by srujanika@gmail.com

୨୫ । ଟମ ସଏର (ମାର୍କ ଟୁଇନ୍‌ଙ୍କର Tom Sawyer)

୨୬ । ଟଲଷ୍ଟୟ କାହାଣୀ ୧ମ ଭାଗ - ୧୯୭୧

୨୭ । ଟଲଷ୍ଟୟ କାହାଣୀ ୨ୟ ଭାଗ

୨୮ । ଟଲଷ୍ଟୟ କାହାଣୀ ୩ୟ ଭାଗ – ୧୯୮୨

୨୯ । ରିପ୍‌ଭ୍ୟାନ ଉଇଙ୍କିଲ୍ - (ୱାସିଂଟନ୍ ଇଭିଙ୍ଗଙ୍କର Ripvan Winkle) - ୧୯୭୮

୩୦ । ଗ୍ରୀସ୍ ଦେଶର ପୁରାଣ କାହାଣୀ - ୧୯୭୫

୩୧ । ଓଏକ୍ ଫିଲ୍‌ଡ଼ର ଭାଇକାର - (ଏଲିଭର ଗୋଲ୍‌ଡ଼ ସ୍ମିଥଙ୍କର Vicar of Wakefield) ପୁନଃମୁଦ୍ରଣ - ୧୯୮୦

୩୨ । ଗୃହୀ ଓ ସନ୍ନ୍ୟାସୀ (ଚାର୍ଲସ ରିଡ୍‌ଙ୍କର The Claister and the Health.) - ୧୯୭୫

୩୩ । ଚେକଭ୍ କାହାଣୀ - ୧୯୭୧

୩୪ । ଆଇ ଭାନ୍ ହୋ - (ୱାଲଟର ସ୍କଟ)

୩୫ । ଚନ୍ଦ୍ରକାନ୍ତ ମଣି

୩୬ । ରତ୍ନଦୀପ - (ଆର୍. ଏଲ୍. ଷ୍ଟିଭେନ୍‌ସନ୍‌ଙ୍କ Treasure Island) - ୧୯୭୧

୩୭ । ଡେଭିଡ୍ କପର ଫିଲ୍ଡ

୩୮ । ଟମକକାଙ୍କ କେବିନ - (Uncle Tom's Cabin) - ୧୯୭୨

୩୯ । ହୋମର୍ କାହାଣୀ (ପୁନଃମୁଦ୍ରଣ) - ୧୯୭୭

୪୦ । ଗର୍କୀ କାହାଣୀ - ୧ମ ଭାଗ - ୧୯୭୨

୪୧ । ଗର୍କୀ କାହାଣୀ - ୨ୟ ଭାଗ - ୧୯୮୧

୪୨ । ମୋପାସାଁ କାହାଣୀ - ୧ମ ଭାଗ - ୧୯୭୭

Digitized by srujanika@gmail.com

୪୩ । ମୋପାସାଁ କାହାଣୀ - ୨ୟ ଭାଗ

୪୪ । ମୋପାସାଁ କାହାଣୀ - ୩ୟ ଭାଗ

୪୫ । ଇଶପ୍ କାହାଣୀ

୪୬ । ହିତକଥା

୪୭ । ରାମାୟଣ କାହାଣୀ (ପୁନଃମୁଦ୍ରଣ) ୧୯୭୭

୪୮ । ମହାଭାରତ କାହାଣୀ - ୧୯୭୪

୪୯ । ଟାଇମ୍ ମେସିନ୍ - (ଏଚ୍.ଜି.ୱେଲ) - ୧୯୭୨

୫୦ । ଶ୍ରୀ (ସାର ଏଚ୍. ରାଇଡ଼ର ହାଗାର୍ଡ଼ଙ୍କର She) - ୧୯୭୩

୫୧ । ଅହମିକା ଓ ଭ୍ରାନ୍ତି (ଜନ ଅଷ୍ଟିନଙ୍କର Pride and Prejudice) ସେପ୍ଟେମ୍ବର-୧୯୭୩

୫୨ । ଜାତକ କାହାଣୀ - ୧ମ, ୨ୟ ଓ ୩ୟ ଭାଗ

୫୩ । ଜାତକ କାହାଣୀ - ୪ର୍ଥ ଭାଗ - ୧୯୮୩

୫୪ । ମିତ୍ରଲାଭ - ୧ମାର୍ଦ୍ଧ - ୨ୟାର୍ଦ୍ଧ

୫୫ । ସହୃଦ ଭେଦ - ୨ୟାର୍ଦ୍ଧ

୫୬ । ମିତ୍ର ଭେଦ - ୧ମାର୍ଦ୍ଧ ଓ ୨ୟାର୍ଦ୍ଧ - ୧୯୭୨

୫୭ । ମିତ୍ର ପ୍ରାପ୍ତି

୫୮ । କାକୋଲୂକୀୟ

୫୯ । ଲବ୍ଧ ପ୍ରଣୟ

୬୦ । ମାଳବିକା – ଅଗ୍ନିମିତ୍ର ଓ ଉର୍ବଶୀ - ୧୯୮୦

୬୧ । ବେତାଳ ପଞ୍ଚବିଂଶତି

Digitized by srujanika@gmail.com

୬୨ । ବାଉଣ୍ଟି ଜାହାଜରେ ବିଦ୍ରୋହ (ଜନ୍ ବାରେଙ୍କର - Mutiny on the Bounty) ନଭେମ୍ବର, ୧୯୭୭

୬୩ । ଋଷିଆ ଦେଶର ଲୋକ କାହାଣୀ

୬୪ । ଆମ ଓଡ଼ିଶା କଥା

୬୫ । ଅଳଙ୍କାର ପ୍ରବେଶ

୬୬ । ସୋରାବ ଓ ରୁସ୍ତମ (ପଦ୍ୟାନୁବାଦ)

୬୭ । ଅପରୀକ୍ଷିତ କାରକ

୬୮ । ପଞ୍ଚତନ୍ତ୍ର (ସମ୍ପୂର୍ଣ୍ଣ ଗ୍ରନ୍ଥ)

୬୯ । ହିତୋପଦେଶ (ସମ୍ପୂର୍ଣ୍ଣ ଗ୍ରନ୍ଥ)

୭୦ । ବିଗ୍ରହ ଓ ସନ୍ଧି

୭୧ । ଶକୁନ୍ତଳା (କାଳିଦାସ)-୧୯୭୩

ଟ୍ରାନ୍ସଲେସନ୍ :

୧ । M.E. Translation and Composition

ସଂପାଦନା :

୧ । ରୁକ୍ମିଣୀ ବିଭା

୨ । ଚିଲିକା

୩ । ଦରବାର

୪ । ମଥୁରାମଙ୍ଗଳ

୫ । ରସକଲ୍ଲୋଳ

୬ । ବିଦଗ୍ଧ ଚିନ୍ତାମଣି

୭ । ଚନ୍ଦ୍ରଭାଗା

Digitized by srujanika@gmail.com

ଜୀବନୀ :

୧ । ଗଙ୍ଗାଧର ମେହେର

୨ । ନନ୍ଦକିଶୋର ବଳ

୩ । କବିସୂର୍ଯ୍ୟ ବଳଦେବ ରଥ

୪ । ସାଧୁସୁନ୍ଦର ଦାସ

ଆତ୍ମଜୀବନୀ :

ସୁଅ ମୁହଁର ପତର -୧୯୮୨, (ଅଭିଧାନ - ୩ ଖଣ୍ଡ, ବ୍ୟାକରଣ - ୧୧ଖଣ୍ଡ, ଅନ୍ୟାନ୍ୟ ପାଠ୍ୟ ପୁସ୍ତକ-୧୩ ଖଣ୍ଡ, ପାଠ୍ୟ ପୁସ୍ତକ ବିଷୟକ-୧୧ ଖଣ୍ଡ, ଅନୁବାଦ-୭୬ଖଣ୍ଡ, ଟ୍ରାସ୍‌ଲେସନ୍-୧ଖଣ୍ଡ, ସଂପାଦନା-୭ଖଣ୍ଡ, ଜୀବନୀ-୪ ଖଣ୍ଡ ଓ ଆତ୍ମଜୀବନୀ-୧ ଖଣ୍ଡ ମୋଟ ୧୨୭ ଖଣ୍ଡ) ହେଡ଼ିଙ୍ଗ ଶ୍ରୀଧର ଦାସଙ୍କ ସମ୍ପର୍କରେ ଅଦ୍ୟାବଧି ରଚିତ ହୋଇଥିବା ଆଲୋଚନା ପୁସ୍ତକ :

୧ । ଶ୍ରୀଧର ସ୍ମରଣିକା (ପ୍ରକାଶକ : ଶ୍ରୀଧର ସ୍ମୃତି ସଂସଦ, ୧୧୧, ଶହୀଦ ନଗର, ଭୁବନେଶ୍ୱର-୭)

୨ । ଶ୍ରୀଧର ସ୍ମରଣେ (ପ୍ରକାଶକ : ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳସାହି, କଟକ-୮)

ଅନୁବାଦ ବିଭାଗର କ୍ରମିକ ସଂଖ୍ୟା ୧୨ଠାରୁ ଆରମ୍ଭ କରି କ୍ରମିକ ସଂଖ୍ୟା ୬୯ ପର୍ଯ୍ୟନ୍ତ ଉଲ୍ଲେଖ ଥିବା ମୋଟ ୫୬ ଖଣ୍ଡ ପୁସ୍ତକ 'ବିଶ୍ୱ ସାହିତ୍ୟ ଗ୍ରନ୍ଥମାଳା' ଶୀର୍ଷକ ଶୃଙ୍ଖଳାକ୍ରମରେ ଗ୍ରନ୍ଥମନ୍ଦିର, କଟକ-୨ ଆନୁକୂଲ୍ୟରେ ପ୍ରକାଶିତ । ଯଥାସମ୍ଭବ ଏହାକୁ ବିଜ୍ଞାନଭିତ୍ତିକ କରିବା ପାଇଁ ଏହାର ପୂର୍ବ ପ୍ରକାଶକାଳ ଓ କେତେକ ଗ୍ରନ୍ଥର ପ୍ରଥମ ପ୍ରକାଶ କାଳକୁ ଉଲ୍ଲେଖ କରାଯାଇଛି । ବିଶ୍ୱ ସାହିତ୍ୟ ଗ୍ରନ୍ଥମାଳାର ଅନ୍ୟାନ୍ୟ ପୁସ୍ତକଗୁଡ଼ିକ, ଯେଉଁଥିରେ ପ୍ରକାଶ କାଳ ଉଲ୍ଲେଖ କରାଯାଇ ନାହିଁ, ବର୍ତ୍ତମାନ ତାହାର ନୂତନ ସଂସ୍କରଣ ପ୍ରକାଶ ପାଇଛି । ଏତଦ୍‌ବ୍ୟତୀତ 'ନବ ଅଭିଧାନ' 'ବିବିଧ କୋଷ' ପ୍ରଭୃତି କେତେକ ପୁସ୍ତକ ମଧ୍ୟ ନୂତନ ସଂସ୍କରଣ ଭାବରେ ଏବେ ପ୍ରକାଶ ପାଇ ସାରିଛି ।

Digitized by srujanika@gmail.com

ପରିଶିଷ୍ଟ

(୧) ଶ୍ରୀଧର ଦାସଙ୍କ ସାରସ୍ୱତ ରଚନାବଳୀ

ଅଭିଧାନ :

୧ । ନବ ଅଭିଧାନ (ଓଡ଼ିଆ-ଓଡ଼ିଆ-ଇଂରାଜୀ) ୧୯୬୭ ଦ୍ୱିତୀୟ ସଂସ୍କରଣ

୨ । Student's English Oriya Dictionary

୩ । ବିବିଧ କୋଷ (ଅନ୍ୟ ଲେଖକଙ୍କ ସାହାଯ୍ୟରେ)

ବ୍ୟାକରଣ :

୧ । ଲଘୁ ବ୍ୟାକରଣ

୨ । ସଂସ୍କୃତ ବ୍ୟାକରଣ (ଅନ୍ୟ ଲେଖକଙ୍କ ସହାୟତାରେ)

୩ । ମଧ୍ୟ ବ୍ୟାକରଣ (ଅନ୍ୟ ଲେଖକଙ୍କ ସହାୟତାରେ)

୪ । ସଂସ୍କୃତ ବ୍ୟାକରଣ ଓ ରଚନା (ଅନ୍ୟ ଲେଖକଙ୍କ ସହାୟତାରେ)

୫ । ସର୍ବସାର ବ୍ୟାକରଣ (ପ୍ରଥମ ସଂସ୍କରଣ - ୧୯୪୩)

୬ । ସରଳ ଓଡ଼ିଆ ବ୍ୟାକରଣ (ଅନ୍ୟଜଣଙ୍କ ସାହାଯ୍ୟରେ)

୭ । ମୌଳିକ ଲଘୁ ବ୍ୟାକରଣ ଓ ରଚନା (ଅନ୍ୟ ଲେଖକଙ୍କ ସହାୟତାରେ)

୮ । ମୌଳିକ ମଧ୍ୟ ବ୍ୟାକରଣ ଓ ରଚନା (ଅନ୍ୟ ଲେଖକଙ୍କ ସହାୟତାରେ)

୯ ।। ସରଳ ସଂସ୍କୃତ ବ୍ୟାକରଣ

୧୦ । ମଧ୍ୟ ଓଡ଼ିଆ ବ୍ୟାକରଣ (ପ୍ରଥମ ଭାଗ)

୧୧ । ମଧ୍ୟ ଓଡ଼ିଆ ବ୍ୟାକରଣ (ଦ୍ୱିତୀୟ ଭାଗ)

Digitized by srujanika@gmail.com

ଅନ୍ୟାନ୍ୟ ପାଠ୍ୟ ପୁସ୍ତକ :

୧ । ମନୋହର ପାଠ (ପ୍ରଥମ ଭାଗ / ମଞ୍ଜୁରୀ ପ୍ରାପ୍ତ)

୨ । ମନୋହର ପାଠ (ଦ୍ୱିତୀୟ ଭାଗ / ମଞ୍ଜୁରୀ ପ୍ରାପ୍ତ)

୩ । ପାଠ୍ୟ ପ୍ରଦୀପ (ତୃତୀୟ ଭାଗ / ମଞ୍ଜୁରୀ ପ୍ରାପ୍ତ ହୋଇ ନ ଥିଲା)

୪ । ପାଠ୍ୟ ପ୍ରଦୀପ (ଚତୁର୍ଥ ଭାଗ / ମଞ୍ଜୁରୀ ପ୍ରାପ୍ତ ହୋଇ ନ ଥିଲା)

୫ । କଥାମାଳା (ଅନ୍ୟ ଦୁଇଜଣଙ୍କ ସହାୟତାରେ)

୬ । କଥା ସୁମନ (ପ୍ରଥମ ଭାଗ / ମଞ୍ଜୁରୀ ପ୍ରାପ୍ତ)

୭ । କଥା ସୁମନ (ଦ୍ୱିତୀୟ ଭାଗ / ମଞ୍ଜୁରୀ ପ୍ରାପ୍ତ)

୮ । ଆମ ଦେଶର ଇତିହାସ ଗପ (ପ୍ରଥମ ଭାଗ)

୯ । ଆମ ଦେଶର ଇତିହାସ ଗପ (ଦ୍ୱିତୀୟ ଭାଗ)

୧୦ । ମଞ୍ଜୁସା (ଅଷ୍ଟମ ଶ୍ରେଣୀ ପାଇଁ / ମଞ୍ଜୁରୀ ପ୍ରାପ୍ତ)

୧୧ । ଜୀବନ ବର୍ତ୍ତିକା (ଅଷ୍ଟମ ଶ୍ରେଣୀ ପାଇଁ)

୧୨ । ପଞ୍ଚ ପ୍ରଦୀପ (ମଞ୍ଜୁରୀ ପ୍ରାପ୍ତ)

୧୩ । ଅଳଙ୍କାର ମଞ୍ଜରୀ

୧୪ । ପ୍ରବନ୍ଧ ପୁସ୍ତକ (ଅଧାପକ ଜୟକୃଷ୍ଣ ମିଶ୍ରଙ୍କ ସାହଚର୍ଯ୍ୟରେ)

୧୫ । କୌତୁକ ପାଠ (ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ସହାଚର୍ଯ୍ୟରେ

ପାଠ୍ୟ ପୁସ୍ତକ ବିଷୟକ :

୧ । ସାହିତ୍ୟ ମୁକୁର (ପ୍ରଥମ ଭାଗ)

୨ । ସାହିତ୍ୟ ମୁକୁର (ଦ୍ୱିତୀୟ ଭାଗ)

୩ । ପାଠ କଳିକା (ପ୍ରଥମ ଭାଗ / ଅନ୍ୟ ଲେଖକଙ୍କ ସହାୟତାରେ)

Digitized by srujanika@gmail.com

୪ । ପାଠ କଳିକା (ଦ୍ୱିତୀୟ ଭାଗ / ଅନ୍ୟ ଲେଖକଙ୍କ ସହାୟତାରେ)

୫ । ପାଠ କୁସୁମ (ଅନ୍ୟମାନଙ୍କ ସହାୟତାରେ)

୬ । ନୂତନ ସାହିତ୍ୟ ସଂଗ୍ରହ (ଅଷ୍ଟମ ଶ୍ରେଣୀ ପାଇଁ ମଞ୍ଜୁରୀ ପ୍ରାପ୍ତ / ଅନ୍ୟ ଲେଖକଙ୍କ ସହାୟତାରେ)

୭ । Tales of Utkal (ମଞ୍ଜୁରୀ ପ୍ରାପ୍ତ ନୁହେଁ)

୮ । ନବ ଇତିହାସ (ପ୍ରଥମ ଭାଗ)

୯ । ନବ ଇତିହାସ (ଦ୍ୱିତୀୟ ଭାଗ)

୧୦ । ନବ ଭୂଗୋଳ (ପ୍ରଥମ ଭାଗ)

୧୧ । ନବ ଭୂଗୋଳ (ଦ୍ୱିତୀୟ ଭାଗ)

ଅନୁବାଦ :

୧ । ପୃଥିବୀ ପାଇଁ ଜଳ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୨ । ଶାନ୍ତି ପଥରେ ବୀର ସୈନିକ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୩ । ଜର୍ଜ ଏବଂ ଏଷ୍ଟିଙ୍ଗ ହାଉସ୍ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୪ । ମାର୍କିନ ରାଷ୍ଟ୍ରରେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୫ । ଭିଏତନାମ ଯୁଦ୍ଧ କାହିଁକି ? (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

୬ । ଭିଏତ୍ କିଙ୍ଗ (U.S.A. Information Service ଆନୁକୂଲ୍ୟରେ ପ୍ରକାଶିତ)

Digitized by srujanika@gmail.com

୭ । ଶିବାନୀ ପଲ୍ଲୀର କଳା ଚିତାବାଘ

୮ । ବୃକ୍ଷ ଜଗତ (N.B.T. India, New Delhi ଆନୁକୂଲ୍ୟରେ ପ୍ରକାଶିତ)

୯ । ଆଲିବାବା (N.B.T. India, New Delhi ଆନୁକୂଲ୍ୟରେ ପ୍ରକାଶିତ)

୧୦ । ଦିବ୍ୟଚକ୍ଷୁ (N.B.T. India, New Delhi ଆନୁକୂଲ୍ୟରେ ପ୍ରକାଶିତ)

୧୧ । ଭାରତର ଅର୍ଥନୈତିକ ଇତିହାସ (Indian Council of Historical Research ଆନୁକୂଲ୍ୟରେ ପ୍ରକାଶିତ)

୧୨ । ରବିନ୍ ହୁଡ୍

୧୩ । ବିଚିତ୍ର କାହାଣୀ

୧୪ । ଲିଓ ଟଲଷ୍ଟୟଙ୍କ ଗଳ୍ପମାଳା

୧୫ । ଅଲିଭର ଟୁଇଷ୍ଟ (ଚାର୍ଲେସ ଡିକେନ୍ସ) -୧୯୭୨

୧୬ । ଗଲିଭରର ଭ୍ରମଣ କାହାଣୀ (ଏଚ୍.ଜି. ୱେଲସଙ୍କ Gauliver's Travel)

୧୭ । ମୃଚ୍ଛକଟିକ ଓ ମୁଦ୍ରା ରାକ୍ଷସ (ନୂତନ ସଂସ୍କରଣ) - ୧୯୮୦

୧୮ । ଅଶୀ ଦିନରେ ପୃଥିବୀ ପରିଭ୍ରମଣ (ଜୁଲସ ଭର୍ଣ୍ଣେଙ୍କର Around the World in Eighty Days.)

୧୯ । ବିଚିତ୍ର ତାବିଜ (ସାର ୱାଲଟର ସ୍କଟଙ୍କର (The Talisman) - ୧୯୭୦

୨୦ । ସେକ୍ସପିଅର କାହାଣୀ (ପ୍ରଥମ ଭାଗ) - ୧୯୭୦

୨୧ । ସେକ୍ସପିଅର କାହାଣୀ (ଦ୍ୱିତୀୟ ଭାଗ) - ୧୯୭୦

୨୨ । ସେକ୍ସପିଅର କାହାଣୀ - ତୃତୀୟ ଭାଗ

୨୩ । ଗ୍ରୀସ୍ ଦେଶର ଉପକଥା

୨୪ । ସମୁଦ୍ର ଗର୍ଭରେ କୋଡ଼ିଏ ହଜାର ଲିଗ୍ ଭ୍ରମଣ (ଜୁଲସ ଭର୍ଣ୍ଣେଙ୍କର Twenty Thousand League under the sea.)

Digitized by srujanika@gmail.com

୨୫ । ଟମ ସଏର (ମାର୍କ ଟ୍ୱେନଙ୍କର Tom Sawyer)

୨୬ । ଟଲଷ୍ଟୟ କାହାଣୀ (ପ୍ରଥମ ଭାଗ) - ୧୯୭୧

୨୭ । ଟଲଷ୍ଟୟ କାହାଣୀ (ଦ୍ୱିତୀୟ ଭାଗ)

୨୮ । ଟଲଷ୍ଟୟ କାହାଣୀ (ତୃତୀୟ ଭାଗ)

୨୯ । ରିପ୍ ଭ୍ୟାନ ଉଇଙ୍କି - (ୱାସିଂଟନ୍ ଇରିଭିଙ୍ଗଙ୍କର Rip Van Winkle) – ୧୯୭୨

୩୦ । ଗ୍ରୀସ୍ ଦେଶର ପୁରାଣ କାହାଣୀ - ୧୯୭୫

୩୧ । ଓଏକଫିଲ୍ଡ଼ର ଭାଇକାର - (ଏଲିଭର ଗୋଲ୍ଡ଼ ସ୍ମିଥଙ୍କର Vicar of Wakefield) ପୁନଃମୁଦ୍ରଣ - ୧୯୮୦

୩୨ । ଗୃହୀ ଓ ସନ୍ନ୍ୟାସୀ (ଚାର୍ଲସ ରିଡ଼୍‌ଙ୍କର The Claister and the Health.) - ୧୯୭୫

୩୩ । ଚେକଭ କାହାଣୀ - ୧୯୭୧

୩୪ । ଆଇ ଭାନ ହୋ - (ୱାଲଟର ସ୍କଟ)

୩୫ । ଚନ୍ଦ୍ରକାନ୍ତ ମଣି

୩୬ । ରତ୍ନଦୀପ - (ଆର୍. ଏଲ୍. ଷ୍ଟିଭେନ୍‌ସନ୍‌ଙ୍କ Treasure Island) - ୧୯୭୧

୩୭ । ଡେଭିଡ଼ କପରଫିଲ୍ଡ

୩୮ । ଟମକକାଙ୍କ କେବିନ - (ସାମୁଏଲ ହାରିଲଟ୍ ବିଚରେଷ୍ଟୋଙ୍କ Uncle Tom's Cabin) - ୧୯୭୨

୩୯ । ହୋମର କାହାଣୀ (ପୁନଃମୁଦ୍ରଣ) - ୧୯୭୭

୪୦ । ଗର୍କୀ କାହାଣୀ - ପ୍ରଥମ ଭାଗ - ୧୯୭୨

Digitized by srujanika@gmail.com

୪୧ । ଗର୍କୀ କାହାଣୀ - ଦ୍ୱିତୀୟ ଭାଗ - ୧୯୮୧

୪୨ । ମୋ ପାସାଁ କାହାଣୀ - ପ୍ରଥମ ଭାଗ - ୧୯୭୭

୪୩ । ମୋ ପାସାଁ କାହାଣୀ - ଦ୍ୱିତୀୟ ଭାଗ

୪୪ । ମୋ ପାସାଁ କାହାଣୀ - ତୃତୀୟ ଭାଗ

୪୫ । ମୋ ପାସାଁ କାହାଣୀ - ଚତୁର୍ଥ ଭାଗ

୪୬ । ଇଶପ୍ କାହାଣୀ

୪୭ । ହିତକଥା

୪୮ । ରାମାୟଣ କାହାଣୀ (ପୁନଃମୁଦ୍ରଣ) ୧୯୭୭

୪୯ । ମହାଭାରତ କାହାଣୀ - ୧୯୭୪

୫୦ । ଟାଇମ୍ ମେସିନ୍ - (ଏଚ୍.ଜି.ଓ୍ୱେଲ) - ୧୯୭୨

୫୧ । ଶ୍ରୀ (ସାର୍ ଏଚ୍. ରାଇଡ଼ର ହାଗାର୍ଡ଼ଙ୍କର She) - ୧୯୭୩

୫୨ । ଅହମିକା ଓ ଭ୍ରାନ୍ତି (ଜନ ଅଷ୍ଟିନଙ୍କର Pride and Prejudice) - ୧୯୭୩

୫୩ । ଜାତକ କାହାଣୀ - ପ୍ରଥମ ଭାଗ

୫୪ । ଜାତକ କାହାଣୀ - ଦ୍ୱିତୀୟ ଭାଗ

୫୫ । ଜାତକ କାହାଣୀ - ତୃତୀୟ ଭାଗ

୫୬ । ଜାତକ କାହାଣୀ - ଚତୁର୍ଥ ଭାଗ - ୧୯୮୩

୫୭ । ମିତ୍ରଲାଭ - ପ୍ରଥମାର୍ଦ୍ଧ

୫୮ । ମିତ୍ରଲାଭ - ଦ୍ୱିତୀୟାର୍ଦ୍ଧ

୫୯ । ସୁହୃଦ ଭେଦ

୬୦ । ମିତ୍ର ଭେଦ - ପ୍ରଥମାର୍ଦ୍ଧ - ୧୯୭୨

Digitized by srujanika@gmail.com

୬୧ । ମିତ୍ର ଭେଦ - ଦ୍ୱିତୀୟାର୍ଦ୍ଧ - ୧୯୭୨

୬୨ । ମିତ୍ର ପ୍ରାପ୍ତି

୬୩ । କାକଲୁକୀୟ

୬୪ । ଲବ୍ଧ ପ୍ରଣାଶ

୬୫ । ମାଳବିକା ଅଗ୍ନିମିତ୍ର ଓ ଉର୍ବଶୀ - ୧୯୮୦

୬୬ । ବେତାଳ ପଞ୍ଚବିଂଶତି

୬୭ । ବାଉଣ୍ଟି ଜାହାଜରେ ବିଦ୍ରୋହ (ଜନ୍ ବାରେଙ୍କର Mutiny on Bounty) ୧୯୭୭

୬୮ । ରୁଷିଆ ଦେଶର ଲୋକ କାହାଣୀ

୬୯ । ଆମ ଓଡ଼ିଶା କଥା

୭୦ । ଅଳଙ୍କାର ପ୍ରବେଶ

୭୧ । ସୋରାବ ଓ ରୁସ୍ତମ (ପଦ୍ୟାନୁବାଦ)

୭୨ । ଅପରୀକ୍ଷିତ କାରକ

୭୩ । ପଞ୍ଚତନ୍ତ୍ର (ସମ୍ପୂର୍ଣ୍ଣ ଗ୍ରନ୍ଥ) - ପ୍ରଥମ ଭାଗ (୧ମ ଖଣ୍ଡଠାରୁ ୫ମ ଖଣ୍ଡ) ଓ ଦ୍ୱିତୀୟ ଭାଗ

୭୪ । ହିତୋପଦେଶ (ସମ୍ପୂର୍ଣ୍ଣ ଗ୍ରନ୍ଥ) ପ୍ରଥମ ଖଣ୍ଡଠାରୁ ତୃତୀୟ ଖଣ୍ଡ

୭୫ । ବିଗ୍ରହ ଓ ସନ୍ଧି

୭୬ । ଶକୁନ୍ତଳା (କାଳିଦାସ)-୧୯୭୩

୭୭ । ପିଲାଙ୍କ ଛମାଣ ଆଠଗୁଣ୍ଠ

ଟ୍ରାନ୍ସଲେସନ୍ :

୧ । M.E. Translation and Composition

Digitized by srujanika@gmail.com

ସଂପାଦନା :

୧ । ରୁକ୍ମିଣୀ ବିଭା

୨ । ଚିଲିକା

୩ । ଦରବାର

୪ । ମଥୁରାମଙ୍ଗଳ

୫ । ରସକଲ୍ଲୋଳ

୬ । ବିଦଗ୍ଧ ଚିନ୍ତାମଣି

୭ । ଚନ୍ଦ୍ରଭାଗା

ଜୀବନୀ :

୧ । ଗଙ୍ଗାଧର ମେହେର

୨ । ନନ୍ଦକିଶୋର ବଳ

୩ । କବିସୂର୍ଯ୍ୟ ବଳଦେବ ରଥ

୪ । ସାଧୁସୁନ୍ଦର ଦାସ

ଆତ୍ମଜୀବନୀ :

୧ । ସୁଅ ମୁହଁର ପତର

ଅଭିଧାନ - ୩, ବ୍ୟାକରଣ -୧୧, ଅନ୍ୟାନ୍ୟ ପାଠ୍ୟ ପୁସ୍ତକ-୧୫, ପାଠ୍ୟ ପୁସ୍ତକ ବିଷୟକ-୧୧, ଅନୁବାଦ-୭୭, ଟ୍ରାସ୍‌ଲେସନ୍-୧, ସଂପାଦନା-୭, ଜୀବନୀ-୪, ଆତ୍ମଜୀବନୀ-୧ । ମୋଟ କୃତି ସଂଖ୍ୟା-୧୩୦

Digitized by srujanika@gmail.com

(୨) ଅଧ୍ୟାପକ ଶ୍ରୀଧର ଦାସଙ୍କ ଉପରେ ରଚନା କରାଯାଇଥିବା କେତେକ ମୂଲ୍ୟବାନ ପୁସ୍ତକ

୧ । ଶ୍ରୀଧର ସ୍ମରଣିକା : ସମ୍ପାଦନା : ପ୍ରଫେସର ଡକ୍ଟର ଶ୍ରୀନିବାସ ମିଶ୍ର
ପ୍ରକାଶକ : ଶ୍ରୀଧର ସ୍ମୃତି ସଂସଦ
୧୧୧, ଶହୀଦ ନଗର,
ଭୁବନେଶ୍ୱର-୭

୨ । ଶ୍ରୀଧର ସ୍ମରଣେ : ସଂପାଦନା : ଶ୍ରୀ ହେମନ୍ତ କୁମାର ପରିଡ଼ା
ପ୍ରକାଶକ : ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳସାହି, ତୁଳସୀପୁର,
କଟକ-୭୫୩୦୦୮
ପ୍ରକାଶକାଳ : ଅକ୍ଟୋବର, ୧୯୯୭

୩ । ଆଦର୍ଶ ମଣିଷ ଶ୍ରୀଧର ଦାସ : ସଂପାଦନା : ଡକ୍ଟର ବିଭୂତି ପଟ୍ଟନାୟକ
ପ୍ରକାଶକ : ପ୍ରାଚୀ ପ୍ରକାଶନ
୨୨, ସୂର୍ଯ୍ୟକିରଣ ମାର୍କେଟ
ଶହୀଦ ନଗର,
ଭୁବନେଶ୍ୱର-୭୫୧୦୦୭
ପ୍ରକାଶକାଳ : ୨୦୦୩

୪ । ଅଧ୍ୟାପକ ଶ୍ରୀଧର ଦାସ ଲେଖକ ଡକ୍ଟର ରବି ନାରାୟଣ ମହାରଣା
ପ୍ରକାଶକ ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତିଭବନ,
ଭୁବନେଶ୍ୱର-୭୫୧୦୧୪
ପ୍ରକାଶକାଳ : ୨୦୦୮
(ସୁବର୍ଣ୍ଣ ଜୟନ୍ତୀ ପୁସ୍ତକମେଳା)

Digitized by srujanika@gmail.com

(୩) ଶ୍ରୀଧର ଦାସଙ୍କ ଆତ୍ମଜୀବନୀ 'ସୁଅ ମୁହଁର ପତର'ର ବିଭିନ୍ନ ସଂସ୍କରଣ ଓ ଅନୁବାଦ

୧ । ସୁଅ ମୁହଁର ପତର
ଲେଖକ ଶ୍ରୀଧର ଦାସ
ପ୍ରକାଶକ : ଶ୍ରୀଧର ଦାସ
ପ୍ରକାଶକାଳ ୧୯୮୨

୨ । ସୁଅ ମୁହଁର ପତର
ଲେଖକ ଶ୍ରୀଧର ଦାସ
ପ୍ରକାଶକ : ଶ୍ରୀଧର ଦାସ ସ୍ମାରକୀ ପ୍ରତିଷ୍ଠାନ
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର,
ଭୁବନେଶ୍ୱର-୭୫୧୦୦୪
ପ୍ରକାଶକାଳ : ୧୯୯୮

୩ । ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରନ୍ଥ : ସୁଅ ମୁହଁର ପତର
ଲେଖକ ଶ୍ରୀଧର ଦାସ
ପ୍ରକାଶକ ସହଦେବ ପ୍ରଧାନ
ଫ୍ରେଣ୍ଡସ୍ ପବ୍ଲିଶର୍ସ,
ବିନୋଦ ବିହାରୀ,
କଟକ-୭୫୩୦୦୨
ପ୍ରକାଶକାଳ : ୨୦୦୨ (୨ୟ ସଂସ୍କରଣ)

୪ । A Leaf in the Strem
Translated by : Mary Mohanty
(An Autobiography)
Lecturer,
("ସୁଅ ମୁହଁର ପତର"ର
Puri College, Puri
ଇଂରାଜୀ ଅନୁବାଦ
Publisher
Rupantar
L.D. Institute Campus
N-6-470, IRC Village,
Nayapalli,
Bhubaneswar-751015
First Edition
2006

Digitized by srujanika@gmail.com

୫ । ସୁଅ ମୁହଁର ପତର : ଲେଖକ ଶ୍ରୀଧର ଦାସ
ପ୍ରକାଶକ ମିତା ବୁକ୍ସ
ବାଙ୍କାବଜାର,
କଟକ-୭୫୩୦୦୨
ପ୍ରକାଶକାଳ : ୨୦୧୪

(୪) ପଣ୍ଡିତ ଶ୍ରୀଧର ଦାସ ସ୍ମାରକୀ ବକ୍ତୃତାମାଳାର ପ୍ରକାଶନ

୧ । ତୁଳନାତ୍ମକ ସାହିତ୍ୟ ତତ୍ତ୍ୱ ଓ ପ୍ରୟୋଗ
ସମ୍ପାଦନା ଡକ୍ଟର ବିଜୟ କୁମାର ଶତପଥୀ
ପ୍ରକାଶକ ପଣ୍ଡିତ ଶ୍ରୀଧର ଦାସ
ମେମୋରିଆଲ ଟ୍ରଷ୍ଟ
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
ପ୍ରକାଶକାଳ ୨୦୦୪

୨ । ଅନୁବାଦ କଳା : ପରିସୀମା ଓ ପୁରୋଦୃଷ୍ଟି :
ସଂପାଦନା ଡକ୍ଟର ସଂଘମିତ୍ରା ମିଶ୍ର
ପ୍ରକାଶକ ପଣ୍ଡିତ ଶ୍ରୀଧର ଦାସ
ମେମୋରିଆଲ ଟ୍ରଷ୍ଟ
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
ପ୍ରକାଶକାଳ ୨୦୦୬

Digitized by srujanika@gmail.com

(୫) ଶ୍ରୀଧର ଦାସଙ୍କୁ ଚିଠି

(କ) ଶ୍ରୀଧର ଦାସ ପଠାଇଥିବା କେତେକ ଚିଠି :

(୧) ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ନିକଟକୁ ପଠାଯାଇଥିବା ଏକ ଚିଠି ।*

ଅଧ୍ୟାପକ ଶ୍ରୀଧର ଦାସ

କଟକ

୧.୨.୭୮

ପ୍ରିୟ କୁଞ୍ଜବାବୁ,

ସମାଜରେ ଆପଣଙ୍କର 'ଚନ୍ଦ୍ରମୋହନ' ପଢ଼ିଲି । କେତେକଥା ମନେପଡ଼ିଲା । ସେ ଆମର ହେଡ଼ମାଷ୍ଟର ଥିଲେ ପୁରୀ ଜିଲ୍ଲା ସ୍କୁଲରେ । ୧୯୧୯ ମସିହାରେ ସେ ହେଡ଼ମାଷ୍ଟର ହୋଇ ଅଳ୍ପ କେତେମାସ ମାତ୍ର ଥିଲେ । କିନ୍ତୁ ସେଇ କେତୋଟି ମାସ ଅବିସ୍ମରଣୀୟ ।

ସେ ଆସିବା ପୂର୍ବରୁ ତାଙ୍କ ବିଷୟରେ ଆମର ଅଦ୍ଭୁତ ଧାରଣା ଥିଲା । ଉତ୍କଳ ସାହିତ୍ୟରେ ତାଙ୍କର ଯୌବନ କାଳର ଏକ ଫଟୋ ବାହାରିଥିଲା । ଶୁଣିଥିଲୁ, ତାଙ୍କ ଭଳି ରାଗି କଠୋର ଲୋକ ପୃଥିବୀରେ ନ ଥିବେ । ଟ୍ରେନିଂ ସ୍କୁଲର ଛାତ୍ରମାନଙ୍କୁ କେଉଁଠି ଜୋରିମାନାରେ ବ୍ୟତିବ୍ୟସ୍ତ କରିଦିଅନ୍ତି । ତାଙ୍କ ଜ୍ୱାଳାରେ ସ୍କୁଲରେ ସମସ୍ତେ ଥରହର । ଯାହାହେଉ, ସେ ଆସିଲେ । ଦେଖିଲୁ ଯେ ପ୍ରାୟ ପଚାଶ ବର୍ଷର ଜଣେ ବୃଦ୍ଧ । ଶୃଙ୍ଖଳା ରଖିବାରେ କଠୋରତମ ଜୀବନ୍ତ ପ୍ରତିମୂର୍ତ୍ତି । ବାସ୍ତବରେ ସେ ଗମ୍ଭୀର ସ୍ୱରରେ କାହାକୁ ଡାକିଲେ ତା'ର ହୃତ୍‌କମ୍ପ ହେବାର କଥା । ମୋତେ ବୋଡ଼ିଂର ମନିଟର ଭାବରେ ତାଙ୍କର ନିକଟ ସମ୍ପର୍କରେ ଆସିବାକୁ ହୋଇଥିଲା । ସେ ଥିଲେ ବୋଡ଼ିଂର ସୁପରିଟେଣ୍ଡେଣ୍ଟ ମଧ୍ୟ । ବୋଡ଼ିଂ ସଂଲଗ୍ନ ଘରେ ସପରିବାରେ ରହୁଥିଲେ । ସ୍କୁଲରୁ ଆସିବା ପରେ ତାଙ୍କର ଗେରୁଆ ପରିଧାନ, ଦେହ ସାଧାରଣତଃ ମୁକ୍ତ, ବେଳେବେଳେ ସେହି ଗେରୁଆ ଲୁଗାର ଗୋଟିଏ ଅଂଶ ଉପର ଭାଗରେ ପଡ଼ିଥାଏ ।

Digitized by srujanika@gmail.com

ବାଟରେ ଚାଲିଲାବେଳେ ବରାବର ଗୋଟିଏ ପ୍ରାନ୍ତରେ ଯାଉଥିବେ । ସେ ଚାଲିରେ ଗୋଟାଏ ବିଶେଷତ୍ୱ ଥିଲା ।

ଫକୀରମୋହନଙ୍କ ସମ୍ପନ୍ଧରେ ସେ କହୁଥିଲେ, ତାଙ୍କର ହୃଦୟ ରସଗୋଲା ପରି ଥିଲା । କିନ୍ତୁ ମୋର ମନେହୁଏ, ଚନ୍ଦ୍ରମୋହନବାବୁ ଥିଲେ ନାରିକେଳ । ତାଙ୍କର ବାହାର ଯେତିକି ରୁକ୍ଷ, ଅନ୍ତର ସେତିକି ସରସ ଥିଲା ।

ସେ ଯେଉଁଦିନ ସ୍କୁଲରୁ ବିଦାୟ ନେଲେ ସେଦିନ ସଭାସମିତି କିଛି ହୋଇ ନ ଥିଲା । ରାତିରେ ଆମେ ବୋର୍ଡ଼ିଂରେ ଗୋଟିଏ ବିଦାୟ ସଭା କଲୁ । ଚଉକି ଟେବୁଲ ପଡ଼ିଲା । ଚନ୍ଦ୍ରମୋହନ ବାବୁଙ୍କୁ ଡାକିଲୁ । ଗେରୁଆ ଲୁଗା ପିନ୍ଧି ଗୋଟାଏ କାନି ବେକରେ ଗୁଡ଼ାଇ ସେ ଆସି ପହଞ୍ଚିଲେ । ପଚାରିଲେ – ପିଲାଏ, କାହିଁକି ଡାକିଛ ? ଆମେ କହିଲୁ – ଆପଣ ଯାଉଛନ୍ତି । ଆମକୁ କିଛି ଉପଦେଶ ଦିଅନ୍ତୁ ।

ସେ ଚଉକିରେ ନ ବସି ତଳେ ବାଲିରେ ବସିଲେ । ଆମେ ମଧ୍ୟ ତାଙ୍କୁ ବେଢ଼ି ତଳେ ବସିଲୁ । ସେ କହିଲେ – ଆଚ୍ଛା, ମୁଁ ଗୋଟାଏ କଥା କହି ଯିବି – ତୁମମାନଙ୍କର ଚରିତ୍ର ଏପରି ହେଉ, ଯେପରିକି ଶତ୍ରୁ ସୁଦ୍ଧା ସେଥିରେ ଦୋଷ ଦେଖି ନ ପାରୁ ।

ବେଶ୍ ବିଦାୟ ସଭା ଏତିକିରେ ଶେଷ । ବୋଧହୁଏ ଏତେ ସାରବାନ୍, ଏଡ଼େ କ୍ଷୁଦ୍ର ବକ୍ତୃତା ଅନ୍ୟ କେହି ଦେଇ ନ ଥିବେ ।

ସେ ସବୁ ବିଦ୍ୟାରେ ପଣ୍ଡିତ ଥିଲେ । ରାତି ଅଧରେ ବୋଡ଼ିଂ ପିଲାମାନଙ୍କୁ ଡାକି ତାରାମାନଙ୍କୁ ଚିହ୍ନାଉଥିଲେ । ଇଂରାଜୀ, ଭୂଗୋଳ, ଇତିହାସ –ସବୁଥିରେ ତାଙ୍କର ଗଭୀର ପ୍ରବେଶ ଥିଲା । ତାଙ୍କ ପାଣ୍ଡିତ୍ୟ ପିଲାଙ୍କୁ ଗୋଟିଏ ଅସୁବିଧାରେ ପକାଉଥିଲା । ନିର୍ଦ୍ଦିଷ୍ଟ ପାଠ୍ୟପୁସ୍ତକ ସେ ଶେଷ କରିପାରୁ ନ ଥିଲେ । ଗୋଟିଏ ପିରିୟଡ଼ରେ ହୁଏତ ଗୋଟିଏ ଇଂରେଜୀ Lessonରୁ ଧାଡ଼ିଏ ଦୁଇଧାଡ଼ି ହୋଇପାରେ ନାହିଁ । କାରଣ ଦିନେ ଦିନେ ଗୋଟିଏ ଗୋଟିଏ ଶବ୍ଦ ଉପରେ ହୁଏତ ପିରିୟଡ଼ ଶେଷ । କିନ୍ତୁ ବର୍ଷ ଭିତରେ ସେ ଯଦି ପୃଷ୍ଠାଏ ଦୁଇପୃଷ୍ଠା ପଢ଼ାନ୍ତି ତେବେ ମଧ୍ୟ କ୍ଷତି ନ ଥିଲା, କାରଣ ଯିଏ ତାଙ୍କ ପଢ଼ାକୁ ନିୟମିତ ଶୁଣିଥିବ ସେ ଅକ୍ଲେଶରେ ଅନ୍ୟ ଅଂଶ ସବୁ ନିଜେ ନିଜେ ପଢ଼ି ବୁଝିପାରିବ । ସେ ଶକ୍ତି ଦେଉଥିଲେ; ସାହାଯ୍ୟ ଦେଉ ନ ଥିଲେ । ତାଙ୍କର

Digitized by srujanika@gmail.com

ବ୍ୟାକରଣ ସୋପାନ ବହିର ପ୍ରାୟ ୪୦ଟି ସଂସ୍କରଣ ହୋଇଥିଲା । ପ୍ରାଥମିକ ବିଦ୍ୟାଳୟର ପାଠ୍ୟ କଥାବଳୀର ଗଦ୍ୟାଂଶ ବୋଧହୁଏ ଇ. ମାର୍ସଡେନଙ୍କ ଲିଖିତ ଇଂରେଜୀର ଅନୁବାଦ, କିନ୍ତୁ ସେଥିରେ ଥିବା କବିତାଗୁଡ଼ିକ ଚନ୍ଦ୍ରମୋହନବାବୁଙ୍କର । ସେଥିରେ କେତୋଟିରେ ଋତୁ ବର୍ଣ୍ଣନା ଅଛି । ମଧୁବାବୁଙ୍କ ସାହିତ୍ୟ କୁସୁମରେ ମଧ ଋତୁ ବର୍ଣ୍ଣନା ଅଛି । କିନ୍ତୁ, ଦୁହିଁଙ୍କ ବର୍ଣ୍ଣନାର ପାର୍ଥକ୍ୟ ପାଠକ ଉପଲବ୍ଧି କରିପାରିବେ ।

ଚନ୍ଦ୍ରମୋହନ ଶୀତଋତୁ ବର୍ଣ୍ଣନାରେ ଲେଖିଛନ୍ତି –

"ନିଶାରେ, ଅଜସ୍ର ତୁଷାର ବର୍ଷିଲା,
ଧଳାଭସ୍ମ ବୋଳା ତପସ୍ୱୀ ମହିଳା ପରାୟେ ଯାମିନୀ ଦିଶିଲା ।"

ଶେଫାଳୀକୁ ଦେଖି କବି ଚନ୍ଦ୍ରମୋହନ କଳ୍ପନା କରିଛନ୍ତି –

"ପ୍ରବାଳବୃନ୍ତରେ ଖଚିତ ସ୍ଫଟିକ ଦଳ
ତୁଳନା ଲଭନ୍ତା ହୋଇଲେ ସୁବାସିତ କୋମଳ ।"

ସନ୍ତାନହରା ରମଣୀର ଲୋତକଧାର ତାଙ୍କ ଚକ୍ଷୁରେ ଦେଖାଯାଇଛି –

"ତା' ହୃଦ ସଙ୍ଗରେ ସେ ଶିଶୁକୁମରେ ଯେ, କୋମଳ ସୂତ୍ରେ ଭଲେ
ବାନ୍ଧିଥିଲା ବିହି ଛିଡ଼ିଯାନ୍ତେ ତାହା ଲମ୍ବିଛି ଲୋତକ ଛଳେ ।"

ବେଶି ଲେଖି ନ ଥାନ୍ତୁ ପଛକେ, ସେ ଥିଲେ ଯଥାର୍ଥ କବି ! ଖାଲି ସମୁଦ୍ର ସୁନ୍ଦର ନୁହେଁ, ତୁଷାର ବିନ୍ଦୁ ମଧ ସୁନ୍ଦର ।

ଆପଣ ତ ପୁଣି ବିଶ୍ୱଭାରତୀ ସମ୍ପର୍କରେ ଆସିଲେ । ସେଠାରେ ସୁବିଧା ଅଛି । ଚନ୍ଦ୍ରମୋହନଙ୍କର ରଚନା ସଂଗ୍ରହ କରନ୍ତୁ, ଜୀବନୀ ଲେଖନ୍ତୁ ।

ଥରେ ମୋ ମୁଣ୍ଡରେ ଗୋଟାଏ ବିଚିତ୍ର ଚିନ୍ତା ପଶିଥିଲା । ବର୍ଣ୍ଣାଡ଼ଶଙ୍କ ଖଣ୍ଡିଏ ଚିଠିର ମୂଲ୍ୟ ହଜାର ହଜାର ଟଙ୍କା ହେଉଛି । ଲେଖକମାନଙ୍କ ଦସ୍ତଖତ ପାଇଁ ମଧ ପ୍ରଚୁର ମୂଲ୍ୟ ଦେବାକୁ ପଡ଼ିଥାଏ । ଉତ୍କଳ ସାହିତ୍ୟ ସମାଜ ଆମ ସାହିତ୍ୟିକମାନଙ୍କର ହାତଲେଖା ଚିଠି, ପ୍ରବନ୍ଧ, ଦସ୍ତଖତ ଆଦି ସଂଗ୍ରହ କଲେ, କିପରି ହୁଅନ୍ତା ! ରବି ଠାକୁରଙ୍କ ପତ୍ରାବଳୀ ପ୍ରଭୃତି ପତ୍ର ସାହିତ୍ୟ ପରି ଓଡ଼ିଆରେ ପତ୍ର ସାହିତ୍ୟର ସୃଷ୍ଟି

Digitized by srujanika@gmail.com

ହୋଇପାରିବା ଅସମ୍ଭବ କି ? ଅବଶ୍ୟ ଆମର କବି ଲିପି ଅଛି । କିନ୍ତୁ ଅହଙ୍କାର ଭିତରେ ସେହି ନିୟକାଠିଟି ।

ଖଣ୍ଡେ ପୁରୁଣା ବହିରୁ ଚନ୍ଦ୍ରମୋହନଙ୍କର ଇଂରେଜୀ ଦସ୍ତଖତ ପାଇଲି । ଏଇଟି ରଖିବା ଯୋଗ୍ୟ ନୁହେଁ କି ?

ସାହିତ୍ୟିକମାନଙ୍କର ସ୍ୱହସ୍ତ ଲେଖାର ସଂଗ୍ରହ ବିଷୟରେ ଚିନ୍ତା କରିବାକୁ ଅନୁରୋଧ ।

ମୁଁ ଏବେ ବିଶେଷ ଦୁର୍ବଳ ଅନୁଭବ କରୁଛି । କୁଆଡ଼େ ଯିବା ଆସିବା କରିବାକୁ କଷ୍ଟବୋଧ କରୁଛି । ଆଶା, ଭଲ ଥିବେ ।

ଆପଣଙ୍କର
ଶ୍ରୀଧର ଦାସ

Digitized by srujanika@gmail.com

ଶ୍ରୀଧର ଦାସଙ୍କ ନିକଟକୁ ଆସିଥିବା କେତେକ ଚିଠି



Digitized by srujanika@gmail.com

ଉତ୍କଳ ବିଶ୍ୱବିଦ୍ୟାଳୟର ପତ୍ର ବିନିମୟ ପାଠ୍ୟକ୍ରମର ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଥିବା ଖଣ୍ଡିଏ ଚିଠି ।

To The Director, Correspondence Course,
Utkal University, BBS-4

Sir, Please refer to your office letter No 42053 dt 19.5.75 I am sending herewith the Lessons on the book "Samukar Swapna". Since the book is intended for non-detailed study I have not included any objective type questions. The lessons have been prepared from the examination point of view of Intermediate Candidates. I shall be thankful if you kindly go through the lessons and offer your suggestions if any.

I hope to send the lessons on the two remaining books in about weeks.

yours ff
S Dash
15/6/75

Digitized by srujanika@gmail.com

ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଠାରୁ ଆସିଥିବା ଏକ ଚିଠି ।



Digitized by srujanika@gmail.com

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କଠାରୁ ଆସିଥିବା ଚିଠି

Dt. 28.12.1934
Godavarish Mishra,
Banpur, Dist-Puri

Dear Babu Sridhar Das,

I understand that you have taken one year's leave from your post at Olasing and that it is not intended that you should come back there. I am told that you expressed a desire to connect yourself with the Banpuir School. I do not know what you have decided to do after this. But I shall be very glad if you can come here and work amongst us. We have appointed a Headmaster person who is an M.A. both of the Madras and Calcutta Universities who has been a headmaster with some eight year's experience. But I can tell you that here we make not much distinction between the Headmaster and other teachers. The object of the school is to become a fraternity institution. I believe you can work here with the designation of Assistant Headmaster.

We have a proposal that each of the graduate teachers will be administrative head of the school by rotation for one or two years. So, if you be Assistant Headmaster now will have chance to become Headmaster in a year or two. Babu Baman Charan Das, a teacher of our school, in fact the oldest teacher, who is carrying this letter to you will tell you in detail everything else. I hope, however, that unless you have

Digitized by srujanika@gmail.com

been pre-engaged you will decide to come here. I am not known to you but have ventured to address you in the matter, which I hope, you will kindly excuse.

Your truly

Sd/

Godavaris Misra

ସମାଜସେବୀ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କଠାରୁ ଆସିଥିବା ଚିଠି

Laxminarayan Sahu
Bharat Sevak Samiti Office
Buxi Bazar, Cuttack.

For Sridhar

Here is a scholar, rustic in his manner.

But deep and sound in studies withal,

I welcome him, I welcomed him many a time

Within my mind.

Like a seed thrown into the crevice of a broken

palace struggling

He has struggled all his life.

to build himself up

I liked him when he was a boy, I liked him and watched him when he was a youngman.

Today he has struggled up, yet he struggles. And knows no rest. He is happy with his children and yet he thinks of them so much.

Digitized by srujanika@gmail.com

That he knows no rest and he will know no rest.

A strong plant exposed to hardihood and bears well. I love him all the same, stop not till the goal is reached.

Laxminarayan Sahu
25.3.1955

ପଣ୍ଡିତ ବିନାୟକ ମିଶ୍ରଙ୍କଠାରୁ ଆସିଥିବା ଚିଠି

ନୟାଗଡ଼
୧୬.୧୦.୭୦

ପ୍ରିୟ ଶ୍ରୀଧର ବାବୁ,

ଟଙ୍କା ପଠାଇବା ବେଳେ ଲଜ୍ଜିତ ହୋଇଥିଲି । ବାଧ ହୋଇ ୫୦୦ ଟଙ୍କାର ଘର ୨୫୦ ଟଙ୍କାକୁ ବିକିଥିଲି । ଗ୍ରାମରେ ଘରେ ପଶି ମାରିବାକୁ ଗଲେ । ଏପରି ଅବସ୍ଥାରେ ଥିଲି । ରାନ୍ଧିବାକୁ ଲୋକ ମିଳିଲେ । ଏଠାରେ ଯାହାଙ୍କ ଘରେ ଥିଲି ପଡ଼ିବାର ଭୟ ଥିଲା । ମୁଁ ଟଙ୍କା ଦେବି ଘର ମରାମତି କରିବାକୁ କହୁଥିଲି । ପଡ଼ିବା ଠାରୁ 'ଭବିତବ୍ୟ ଯାହା ଅବଶ୍ୟ ଘଟିବ' ଇତ୍ୟାଦି କହୁଥିଲି । ପଡ଼ିବା ସଙ୍ଗେ ଡାକ୍ତରୀ ଚିକିତ୍ସାରେ ସାତ ଦିନ ମଧ୍ୟରେ ୧୫୦ ଟଙ୍କା ଖର୍ଚ୍ଚ ହୋଇଗଲା । ହୋମିଓପାଥିକ କରିବାର ଚାରିଦିନ ଖଟ ଉପରେ ଝାଡ଼ା ଫେରିବା ବନ୍ଦ ହେଲା; କିନ୍ତୁ ଯେତେ ଭଲ ହେଲେ ମଧ୍ୟ କଟକ ଯିବାର ଆଶା କମ୍ । କାରଣ ପୂର୍ବ ପରି ଚାଲିପାରିବି ନାହିଁ । ଏଣୁ ଧାରୁଆ ନୋହିବା ପାଇଁ ଆପଣଙ୍କ ଟଙ୍କା ପଠାଇ ଦେଇଛି । ରାମ ୪୦ ଟଙ୍କା ଓ ଝିଅରୀ ୨୦ ଟଙ୍କା ଦେଲା । ସାହିତ୍ୟ ଏକାଡ଼େମୀକୁ ଅମଳେନ୍ଦ୍ର ଘୋଷଙ୍କ ଦକ୍ଷିଣ ଭାରତର ପ୍ରସ୍ତର ଯୁଗ କଥା ଲେଖି (ନିତାନ୍ତ ପୀଡ଼ିତ ଥିବା ଅବସ୍ଥାରେ ଥର ଥର ହାତରେ ଲିଖିତ । ଏଥିରେ ସ୍ୱାକ୍ଷର ନ ଥିଲା ଏବଂ ଏହା ଅସମ୍ପୂର୍ଣ୍ଣ ।)

Prof Sridhar Das
Deula Sahi
Cuttack-8

Digitized by srujanika@gmail.com

ନୟାଗଡ଼
ତା ୨୮ ।୮ ।୭୦

ପ୍ରିୟ ଶ୍ରୀଧରବାବୁ,

ଆପଣଙ୍କ ପାଖକୁ ଚିଠି ଲେଖିବାକୁ ଶକ୍ତି ନାହିଁ । ଏତେବେଳେ ଅର୍ଥାଭାବ ଅନୁମାନ କରି ଯେଉଁ ଦଶଟଙ୍କା ପଠାଇଛନ୍ତି, ସେଥିପାଇଁ ମୁଁ ଲଜ୍ଜିତ । ଅର୍ଥାଭାବ ନ ଥିଲା । ପେନସନ୍ ପାଉଥିଲି; କିନ୍ତୁ ଗୋଡ଼ ଖସିଯାଇ ପଡ଼ି ବାଁ ଗୋଡ଼ହାଡ଼ ଭାଙ୍ଗି ଯାଇଥିବାରୁ ଗୃହରେ ଶଯ୍ୟାଗତ । ଡାକ୍ତର ଆସି ଛଅଦିନ ହେଲା ପ୍ଲାଷ୍ଟର ପକାଇ ଦେଇଛନ୍ତି । ଆଉ ମାସେ କଷ୍ଟ ପାଇବି ବୋଲି କହୁଥିଲେ । ଏ ବୃଦ୍ଧ ବୟସରେ ହାଡ଼ଭଙ୍ଗା ବଡ଼ ଅସାଧ । ଆଶା କରେ ଭଗବାନଙ୍କ କୃପାରୁ ସମସ୍ତେ ଭଲରେ ଥିବେ ।

ଇତି
ଆପଣଙ୍କର
ବିନାୟକ ମିଶ୍ର

To
Sridhar Das
Retired Professor
At-Deula Sahi (6008)
Close to the Police Colony
Dist - Cuttack

Digitized by srujanika@gmail.com

ପଦ୍ମଚରଣ ପଟ୍ଟନାୟକଙ୍କଠାରୁ ଆସିଥିବା ଚିଠି

ପୁରୀ

୨୪ ।୯ ।୩୧

ପ୍ରିୟ ଶ୍ରୀଧର,

ତୁମର ସ୍ନେହର ଦାନ 'ପିଲାଙ୍କ ସେକ୍‌ସପିଅର' ଗ୍ରହଣ କରି ପରମ ଆପ୍ୟାୟିତ ହେଲି । ସରଳ ସୁନ୍ଦର ସୁଖପାଠ୍ୟ ଶିଶୁବୋଧ ରଚନାବଳୀରେ ତୁମ୍ଭେ ଯେଉଁ ଦକ୍ଷତା ତୁମ୍ଭର ଛାତ୍ରାବାସରେ ଦେଖାଇଥିଲ, ଜ୍ଞାନ ଓ ଅଭିଜ୍ଞତା ବୃଦ୍ଧି ସଙ୍ଗେ ସଙ୍ଗେ ତାହାର ପରିଣତି ଦେଖି ମୁଁ କେତେଦୂର ଆନନ୍ଦିତ ହୋଇଅଛି, ତାହା ଏ କ୍ଷୁଦ୍ର ପତ୍ରରେ ବା କ'ଣ ଜଣାଇବି ? ବହୁ ଖଣ୍ଡରେ ଏହି 'ପିଲାଙ୍କ ସେକ୍‌ସପିଅର' ଗ୍ରନ୍ଥ ଶେଷ କରିପାରିଲେ ତୁମ୍ଭେ ଓଡ଼ିଶାର ବାଳକ-ବାଳିକାମାନଙ୍କ ପାଇଁ ଜ୍ଞାନ ଓ ଆନନ୍ଦର ଗୋଟିଏ ଅନନ୍ତ ଉତ୍ସ ଖୋଲି ଦେଇଯିବ । ସେଥି ସଙ୍ଗେ ସଙ୍ଗେ ଉତ୍କଳ ସାହିତ୍ୟ କ୍ଷେତ୍ରରେ ସ୍ଥାୟୀ କୀର୍ତ୍ତି ଅର୍ଜନ କରିପାରିବ । ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ତୁମ୍ଭର ରଚନାର ଭଙ୍ଗୀ ଓ ବାକ୍ୟ ବିନ୍ୟାସର କୌଶଳ ମୋତେ ଯଥେଷ୍ଟ ଆନନ୍ଦ ଦେଇଅଛି । ଏ ଦିଗରେ ତୁମ୍ଭେ ଅଧ୍ୟବସାୟ ଅକ୍ଷୁଣ୍ଣ ରଖିପାରିଲେ ଉତ୍କଳର ଶିଶୁକୁଳ କାଳେ କାଳେ ତୁମ୍ଭ ନିକଟରେ ଋଣୀ ହୋଇ ରହିବେ । ସିଦ୍ଧିଦାତା ଭଗବାନ ତୁମ୍ଭର ସହାୟ ହୁଅନ୍ତୁ । ଦୟାକରି ମୋତେ ମନେପକାଇ ବହି ଖଣ୍ଡିଏ ପଠାଇଥିବାରୁ ଶତ ଶତ ଧନ୍ୟବାଦ ଦେଉଅଛି । ଇତି ।

ତୁମର

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

Babu Sridhar Das B.A. D.Ed.
Headmaster
M.E. School Baudh garh
Po- Baudh Raj, Sambalpur

Digitized by srujanika@gmail.com

(୬) ଶ୍ରୀଧର ଦାସଙ୍କ କୃତି ବା ତାଙ୍କ ସମ୍ପର୍କରେ ସେମାନେ ଯାହା କୁହନ୍ତି

Foreword

(From the book "A leaf in the Stream)

I have always used Sarvasara Vyakarana, famous textbook on grammer written by Sridhar Das. It is a traditional grammar book par excellence, but has a refreshingly modern approach. Recently, I got an opportunity to read his autobiography 'Sua Muhanra Patara', and its English translation, 'A Leaf in the Stream'.

An autobiography is normally read for three different and unrelated reasons; it is read because of its literary value i.e. when it is written in a style and in a language that renders it quite interesting. Secondly, it is read for its historical and anthropological value, because it either records specific events of political , social, literary, cultural signficance or provides useful information on the author's contemporaries. Thirdly, it also gives an account of a person's struggl to make his way in the world.

Rarely does an autobiography combine all these three qualities. The autobiography of Sridhar Das possesses unmistakable literary value as it is written in a very simple, staightforward but lucid style and narrates many events- interesting in themselves - in an

Digitized by srujanika@gmail.com

engaging manner. Further it is also a record of the contemporary social, political and cultural history of Orissa as the author came in contact with many great men of Orissa and India - Annie Besant, Lala Lajpat Ray, Ashutosh Mukherjee, Thakkar Bapa, Utkalamani Gopabandhu, Pandit Nilakantha, Pandit Godabarish Mishra, Acharya Harihar, Godabarish Mohapatra, Gopal Chandra Praharaj, Dewan Bahadur Srikrushna Mahapatra among others. He has observed some of them from very close quaters. The book will therefore immensely help one to understand some of the social, political and cultural forces and counter-forces which shaped the psyche of some of the prominent players who dominated the social, political and cultural arena at the time and assess their contribution to national life. Moreover the tone and the general presentation of the facts and the events in the work reveal the author's commitment to truth; at least he narrates only what he considers to be truth. Therefore, even while not disagreeing with the view that an autobiography is, in fact, a 'construction' of past events by its author, its historical and anthropological value as a 'record' can never be minimized or marginalized. This is especially true in case of the non-Oriya readers for whom the English translation has been prepared. They will find it a welath of information.

The most intersting thing about this autobiography is that it records the struggle of a god-fearing, law

Digitized by srujanika@gmail.com

abiding, patriotic and basically a good but ordinary human being whos fused to part with his self-respect. He continued to cherish certain principles and valuedre even when the future became uncertain and dire poverty stared him in the face. He had taken risks, too many and too often, even when the stakes were high. But these are not rishks taken by a gambler, but ones which only a man of principle is sometimes obliged to take.

Sridhar Das describes himself as a mere leaf in the stream, floating hither and thither. But, in fact, all too often he had swum against the current. Only a man of convition and courage, a man of strong determination can do that. After each setback instead of loosening his grip, he held on to the principles and values with greater tenacity than before. As a result he has suffered, and suffered too much. He is reticent when he talks about his many sacrifices.

These days when moral values are getting eroded fast, this book will provide future generation with the stengh to dream and the courage to fight the forces of evil.

Gaganedra Nath Dash
Former Professor

Digitized by srujanika@gmail.com

Review of "A leaf in the Stream"

I know we have a fashion of saying such and such an event was the turning-point in my life. Butr we shouldn't say it. We should merely grant that its place as last link in the chain makes it the most conspicuous link; in real importance it has no advantage over any of its predecessors."

Mark Twain

Autobiographies and biographies today rank among the best sellers although in the post-structuralist era, autobiographies / biographies are out of favour in litcrit cirles, where it is believed that the author of a text is 'dead'. Popular with a large number of serious and fun-loving readers in every country, autobiographical writings reflect not only the quality of an individual mind and life but also the life of nation at a given period of time. Fakir Mohan Senapati's Atmajeevancharita (Story of My life) and Gandhi's An Autobiography or The Story of My Experiments with Truth both appeared in the year 1927. Nirad C Chaudhuri's Autobiography of an Unknown Indian, an equally landmark book, came out in 1951. All the three autobiographies reflect what the popular 19th century British writer Harzlitt called the "Spirit of the Age". They are eminent contributions to contemporary history.

Digitized by srujanika@gmail.com

Fakir Mohan Senapati (1843-1918) was the pioneer autobiographer in Oriya literature. In brief 'Author's Preface' to his autobiography he observes, as Gandhi does in his 'Introduction' to My Experiments : "For the last four or five years, a few friends and some educated young men, who are like sons to me, have been urging me to set down the story of my life. I find it hard to ignore their request." Senapati laments that Oriya language is "Particularly dificient in autobiographies." He goes on to add: "But so is my insignificant life in the impotant events that make autobiographies worthwhile."

The tone of humanity that marks the spirit of Fakir Mohan and Gandhi in their work as autobiographers is also markedly the vein in which Sridhar Das's autobiography in Oriya, titled Sua Mubanra Patara is written. A Leaf in the Stream, the book under review, is an excellent translation of the original Oriya by Mary Mohanty.

In humility its narrator / author says :

I have always looked upon myself as a leaf floating down a stream. I never knew which direction my leaf would take.... It has joined hundred of leaves on its way and it drifted away from them. Some leaves have already sunk. One day this leaf will also sink suddenly and disappear. Its existence will be blotted out. (179-81)

Digitized by srujanika@gmail.com

It is difficult to pronounce whether writing the story of one's life reflects and autobiographers 'egoism' or urge for self-submission to the judgement of the reader. Karan Singh, for instant, holds the view that "To write about oneself involves, inevitably, a curious combination of egoism and introspection, especially if it covers both inner and outer tension of life." (180)

The situation will, no doubt, vary from author to author, depending largely on their own personality traits. As and outobiograspher, Sridhar Das will belong to the tradition of Fakir Mohan an Gandhi who, unlike Nirad C Chaudhuri of Karan Singh, are free from 'egoism. A leaf in the Stream, is an open diary: a straight-forward narration of a selection of events and situations connected with the author's life without any attempt at self-dramatisation or fantasisation. In its unostentatiously plain style, commonsensical approach to life- situations and candid self-analysis exercise in self-exploration. Simultaneously, the narrative also aspires to be a celebration of plain and simple life.

What direction my floating life-leaf will take and who guides it, I do not know. Now, at the dusk of my life, I feel utterly helpless. At times I feel I am the most helpless creature on earth. I have slept in a hut and also in a pucca house made of bricks. I have endured

Digitized by srujanika@gmail.com

biting cold unable to afford warm clothing and I have warmed myself under shawls worth hundreds of rupees. I have walked hundreds of miles on foot, and rode on horses, elephants and motor cars.

I have watched silent films and talkies. On television, I have watched man landing on the moon and bringing stones from there. I have eaten plain rice and also rice eaten with ghee. I do not know if I have become a poor man or a rich man. Rich or poor are relative terms after all... I have often considered myself utterly unhappy. But I cannot say whether there are people who are not unhappeir than me. Perhaps, like light and darkness, happiness and unhappiness complement, and co-exist with each other. (180)

General and philosophical reflections such as the above, however, are minimal. The autobiography shows no sign of philosophical / spiritual self-reflexiveness of the kind that one finds in The Confessions of St. Augustine, for instance, or in the autobiographical sections of Tennyson's In Memoriam. Its strength ironically lies in its unpretentious modesty: its sensitive perception and portrayal of life in day-to- day situation, which may be filled with surprises. Its delicate handling of simple occurrences in their often-startling dimensions is reminiscent of the manner in which the eminent American writer Emerson viewed at. He said : "Nothing astonishes men so much as commonsence and plain

Digitized by srujanika@gmail.com

dealing. All great arts have been simple..."

In the art of manipulation of memory the author of 'A Leaf in the Stream' is remarkable pragmatic. "What governs one's choice of memories?" asks Agatha Christie in her posthumously published Autobiography." Life is like sitting in a cinema. Flick! Here am I, a child eating eclairs on my birthday. Filck! Two years have passed and I am sitting on my grandfather's lap, being solemnly trussed up as a chicken just arrived from Mr. Whiteley's... and in between... long empty spaces of mouths or even year's..." In a Leaf in the Stream, chosen events of the authors life have similarly been telescoped , ordered, paused, reversed and re-ordered by the use of the Cinematic technique. Intriguing snippets of memories of the author's experiences as a school teacher, his primaryvocation and delight in life in some half-a-dozen schools, and finally as a Lecturer in Cuttack's Utkal Christian College, have been dexterously colleged within the framework of the narrative to recreat the thrills of real life experience.

Take for instance, the story of the author's stint at Boudgarh as Headmaster of King Edward VIII School (which he wished to be renamed after late Joginder Dev, father of the ruler of the State at that time). The narrative is gripping from the very beginning

Digitized by srujanika@gmail.com

as the author describes his incredible journey to Boudgarh. Travelling first by train to Meramandli from there by bus to Rairakhole, then a bullock-cart ride to village Kiakata and finally sailing across the river Mahanadi to Boudgarh. Equally curious are the episodes of the author's encounters with the benevolent, well-meaning, quixotic king and the patient and prudent Dewan of the state. Initially full of admiration of the new Headmaster for his able and enthusiastic involvement in the launching of programmes of educational innovation and expansion, they later fell out with him becaues of minor misunderstandings.

A crusader in the case of the preservation and development of Oriya language and culture in the outlying Oriya -speaking areas, the author taught Oriya to school students who were being taught another language instead of their mother-tongue. His spirited effort in this direction link him to the lineage of those valiant makers of modern Orissa : Madhusudan Das, Fakirmohan Senaparti and others.

Following the example of the meticulous and through scholarship of late Arta Ballabh Mohanty, dozen of modern scholars, he produced several international classics translated by himself into Oriya. Noted among those are : Hitopadesh, Panchatantra,

Digitized by srujanika@gmail.com

Gulliver's Travels, Oliver Twist, two volumes of Tolstoy's stories and a selection of stories by Gorky and Chekov.

He also prepared sound critical editions of several Oriya classics, such as : Radhanath Ray's Chilika, Dinakrushna Das's Rasakallola, Abhimanyu Samanta Singhara's Bidagdhachintamani and Bhakta Charana Das's Mathuramangal. He was widely known in Orissa as a grammarian for his two grammar books in Oriya, out of which Sarbasara Byakaran (Essential Common Grammar) was in use for more than thirty years. Born and brouht up in life, like his father, in circumstances of abject poverty, he lived a full life. He was sought after, admired, loved, conspired against and "Cheated again and again." Yet he continued to trust people as before, and his love of the human world remained undiminished. As caring father of three sons and a daughter, he had the joy of seeing all of them become successful achivers in life. Husband of a self-abnegating woman of the house, he was a man of the world, to whome life's pitfalls and inconveniences were to be faced in a spirit of adventure, the credo of living of the well-known British author and humorist G.K. Chesterton. Public recognition and honour came to him late in life. An Orissa Sahitya Akademi award was presented to him in 1978. But more than such honour, he valued his contacts with some of the leading, historic figures of Orissa and the nation like : Madhusudan

Digitized by srujanika@gmail.com

Das, Gopbandhu Das, Asutosh Mukherjee and Lala Lajpat Rai. He adored great people, but chose to remain an humble and introspective commoner. Advancing in years, he felt a sense of fulfillment reflecting on his croweded past. But awed by the "life to come" he concludes his story in humility and in a spirit of self-submission :

I know my time is up. know what lies
beyond death, but one has to believe in the conse-
guences of one's actions... How am I to face God?...

All I can do now is to ask for God's forgiveness and mercy. (181)

G. K. Das
Indian Literature (234 issue)
Sahitya Akademi
New Delhi

Department of Linguistics
Berhampur University

ଶତାଧିକ ଗ୍ରନ୍ଥର ପ୍ରଣେତା ଅଧ୍ୟାପକ ଦାସଙ୍କ ଜୀବନବୃତ୍ତ ଆମ୍ଭମାନଙ୍କୁ ଆମର ଏଇ ଓଡ଼ିଶାକୁ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନିବିଡ଼ ଭାବରେ ଭଲପାଇବାର ପ୍ରେରଣା ଯୋଗାଇଛି । ଏଇ ପ୍ରେରଣାଟି ମଧ୍ୟରେ କାଳ କାଳ ଧରି ବଞ୍ଚି ରହିବେ ପଣ୍ଡିତ ଶ୍ରୀଧର ଦାସ ।

Digitized by srujanika@gmail.com

(୭) ସେମାନଙ୍କ ସମ୍ପର୍କରେ ଶ୍ରୀଧର ଦାସଙ୍କର ଲିଖିତ ମନୋଭାବ

ଶ୍ରୀଧର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି :

"ସେ ଆଗ ଚାଲିଗଲେ"

ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଅଛନ୍ତି :

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ,
ତସ୍ମାଦପରିହାର୍ଯ୍ୟାଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।

ମନୁଷ୍ୟର ଜନ୍ମ ହେଲେ ତା'ର ମରଣ ନିଶ୍ଚିତ ଓ ସେହିପରି ଯେ ମୃତ୍ୟୁମୁଖରେ ପଡ଼େ ତା'ର ପୁନର୍ଜନ୍ମ ହୁଏ । ଏଣୁ ଜନ୍ମ ଓ ମରଣ ଅପରିହାର୍ଯ୍ୟ । ଅତଏବ ଅବଶ୍ୟମ୍ଭାବୀ ମୃତ୍ୟୁ ନିମନ୍ତେ ଶୋକ କରିବା ଅନୁଚିତ । ଯିଏ ଜନ୍ମଲାଭ କରିଛି ସେ ଅବଶ୍ୟ ମୃତ୍ୟୁଲାଭ କରିବ । ଶ୍ରୀଧର ମହାପାତ୍ରେ ଜନ୍ମ ଲାଭ କରିଥିଲେ ୧୯୦୯ ମସିହା ସେପ୍ଟେମ୍ବର ୨ ତାରିଖରେ ଓ ମୃତ୍ୟୁବରଣ କଲେ ୧୯୮୭ ମସିହା ନଭେମ୍ବର ୨୫ ତାରିଖରେ । କିନ୍ତୁ ତାଙ୍କ ବିୟୋଗରେ ଶୋକ ପ୍ରକାଶ ନ କରି ରହି ହେଉ ନାହିଁ କାହିଁକି ?

ମୋ ଭଳି ସାଧାରଣ ଲୋକ ପକ୍ଷରେ ପ୍ରିୟଜନର ବିୟୋଗ ଯେ ଶୋକଦାୟକ ଏହା ଆଶ୍ଚର୍ଯ୍ୟ ନୁହେଁ । ପ୍ରାୟ ପଚାଶ ବର୍ଷ ପର୍ଯ୍ୟନ୍ତ ସେ ମୋର ଏକାନ୍ତ ପରିଚିତ ବନ୍ଧୁ ଓ ସମାନଧର୍ମୀ ଥିଲେ । ଆମର ଏହି ଦୀର୍ଘକାଳୀନ ବନ୍ଧୁତ୍ୱ ସମ୍ବନ୍ଧ ଚିରଦିନ ପାଇଁ ଛିନ୍ନ ହୋଇଗଲା ।

୭୯ ବର୍ଷ ପୂର୍ବେ ସେ ଯେଉଁଦିନ ବାଣପୁର ନିକଟବର୍ତ୍ତୀ କୁମାରଙ୍ଗ ନାମକ ଶାସନରେ ଏକ ଦରିଦ୍ର ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ, ସେଦିନ ହୁଏତ ତାଙ୍କ ପରିବାରର ଲୋକେ ବା ଗ୍ରାମର କେତେକ ଲୋକେ ଆନନ୍ଦ ପ୍ରକାଶ କରିଥିବେ । କିନ୍ତୁ ଯେତେବେଳେ ସେ କଟକ ସହରର ସୂତାହାଟସ୍ଥିତ ତାଙ୍କ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଗଲେ ସେତେବେଳେ ଶତ ଶତ, ସହସ୍ର ସହସ୍ର ଲୋକଙ୍କ ଚକ୍ଷୁରୁ

Digitized by srujanika@gmail.com

ଲୋତକଧାରା ବହିଲା କାହିଁକି ? ସେ ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧି ପାଇ ନ ଥିଲେ । ଏସ୍.ଏସ୍. ଏଲ୍.ସି. ଅର୍ଥାତ୍ ମାଟ୍ରିକ୍ ପାଶ୍ କରି ସେ ଜୀବନ-ସଂଗ୍ରାମରେ ଲାଗିଥିଲେ । ପଞ୍ଚାଶ ବର୍ଷରୁ ଊର୍ଦ୍ଧ୍ୱକାଳ ସେ କେବଳ ଜୀବନ ଯୁଦ୍ଧରେ ଲଢ଼ିଛନ୍ତି; ଅନେକ ପରିମାଣରେ ସେ ସେହି ଯୁଦ୍ଧରେ ବିଜୟୀ ମଧ୍ୟ ହୋଇଛନ୍ତି ।

ମୋର ତାଙ୍କ ସହିତ ପ୍ରଥମ ପରିଚୟ ଘଟିଥିଲା ୧୯୩୫ ମସିହାରେ ବାଣପୁରଠାରେ, ସେତେବେଳେ ମୁଁ ବାଣପୁର ହାଇସ୍କୁଲର ଶିକ୍ଷକ ଥାଏ । କିଛି ସମୟ ପରେ ସେ ପଚାରିଲେ, "ଆପଣଙ୍କ 'ପିଲାଙ୍କ ସେକ୍ସପିଅର' ବହି ବିକ୍ରି ସରିଲାଣି ?" ମୁଁ କହିଲି, ମୁଁ ସେ ବହି ନିଜ ବ୍ୟୟରେ ପ୍ରାୟ ଟ ୬୫-୦୦ ଖର୍ଚ୍ଚ କରି ଛପାଇଥିଲି । ବହି ସ୍କୁଲ ବିଭାଗଦ୍ୱାରା ପ୍ରାଇଜ୍ ଓ ଲାଇବ୍ରେରୀ ପାଇଁ ମଞ୍ଜୁର ହେଲା । କବି ପଦ୍ମଚରଣ ପଟ୍ଟନାୟକ ଓ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ତା'ର ଉଚ୍ଚ ପ୍ରଶଂସା କରିଥିଲେ । କିନ୍ତୁ ଯେଉଁ ପୁସ୍ତକ ବିକ୍ରେତାମାନେ ବହି ନେଇଥିଲେ ସେମାନଙ୍କଠାରୁ ସାତୋଟି ମାତ୍ର ଟଙ୍କା ପାଇଛି । ବହି ମଧ୍ୟ ଫେରି ନାହିଁ ।" ମହାପାତ୍ରେ ସେ ବିଷୟରେ ଆଉ କିଛି ନ କହି ମୋତେ କହିଲେ, "ଆମର ଷ୍ଟୁଡେଣ୍ଟସ ଷ୍ଟୋର ନିମ୍ନ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଇନର ଶ୍ରେଣୀ ପାଇଁ କେତେ ଖଣ୍ଡି ଓଡ଼ିଆ ରିଡ଼ର ପ୍ରସ୍ତୁତ କରୁଛି । ଆପଣ କେତୋଟି ପ୍ରବନ୍ଧ ଓ କବିତା ଦେଇପାରିବେ ?" ମୁଁ 'ହଁ' କହିଲି ଓ କିଛିଦିନ ପରେ ଦୁଇଟି କବିତା ଓ ଦୁଇଟି ପ୍ରବନ୍ଧ ପଠାଇଦେଲି । ସେ ସେଥିରୁ ଗୋଟିଏ କବିତା ଓ ଗୋଟିଏ ପ୍ରବନ୍ଧ ତାଙ୍କ ସଙ୍କଳନରେ ପ୍ରକାଶ କଲେ । ସେଥିମଧ୍ୟରୁ କୌଣସି ବହି ଟେକ୍ସ୍ଟ ବୁକ୍ କମିଟିର ମଞ୍ଜୁରି ପାଇଲା ନାହିଁ । ମୁଁ ଦୁଃଖିତ ହେଲି । ଦୁଇ ତିନି ମାସ ପରେ ସେ ଦିନେ ମୋତେ ଟ ୧୫-୦୦ ଦେଇ ମୋ'ଠାରୁ ରସିଦ ଚାହିଁଲେ । ସେ କହିଲେ, ବହି ମଞ୍ଜୁର ନ ହେଲେ ସୁଦ୍ଧା ଆପଣଙ୍କ ପାରିଶ୍ରମିକ ନିଅନ୍ତୁ ।" ମୁଁ ତାହା ଗ୍ରହଣ କଲି ।

ସେ ସମୟରେ ମୋର ଗୁରୁକଳ୍ପ ଚନ୍ଦ୍ରମୋହନ ମହାରଣାଙ୍କ ପ୍ରଣୀତ 'ବ୍ୟାକରଣ ସୋପାନ' ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ ନାମକ ଦୁଇଖଣ୍ଡ ପୁସ୍ତକ ଯଥାକ୍ରମେ ଅପର ପ୍ରାଇମେରୀ ଓ ମାଇନର ଶ୍ରେଣୀରେ ପଢ଼ାଯାଉଥାଏ । ସେଥିରେ ମୁଖ୍ୟତଃ ଓଡ଼ିଆ ବ୍ୟାକରଣର ସୂତ୍ର ଓ ଉଦାହରଣ ଦିଆଯାଇଥିଲା । ମହାପାତ୍ରେ ପ୍ରସ୍ତାବ ଦେଲେ,

Digitized by srujanika@gmail.com

ନୂତନ ପ୍ରଣାଳୀରେ ଅତି ସରଳ ଭାଷାରେ ଅପର ପ୍ରାଇମେରୀ ଶ୍ରେଣୀ ପାଇଁ ଖଣ୍ଡିଏ ବ୍ୟାକରଣ ବହି ଲେଖିଦିଅ । ମୁଁ ସେ ଦାୟିତ୍ୱ ଗ୍ରହଣ କଲି ଓ ପଣ୍ଡିତ ନାରାୟଣ ମହାପାତ୍ରଙ୍କ ସାହାଯ୍ୟରେ ବହିଟି ଲେଖିଦେଲି । ତତ୍ପରେ ମହାପାତ୍ରେ ପାଣ୍ଡୁଲିପିଟି ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କୁ ଦେଖାଇଲେ । ତାଙ୍କର ଅନୁକୂଳ ମତ ପାଇବାରୁ ଷ୍ଟୁଡେଣ୍ଟସ ଷ୍ଟୋର ତାହାକୁ ଛପାଇଲା । ସେ ବର୍ଷ ଆମେ ଦୁହେଁ ପ୍ରାୟ ଅଶୀ ଟଙ୍କା ଲେଖାଏଁ ରୟାଲଟି ପାଇଥିଲୁ ।

'ଲଘୁ ବ୍ୟାକରଣ'ର ଲୋକପ୍ରିୟତା ଦେଖି ସେ ଅନୁରୋଧ କଲେ, ମାଇନର ଶ୍ରେଣୀ ପାଇଁ ସେହିପରି ଖଣ୍ଡିଏ ବ୍ୟାକରଣ ଲେଖ । ପୂର୍ବପରି ଆମେ ଦୁହେଁ ମିଶି ବହି ଲେଖିଲୁ ! ପ୍ରଥମେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କୁ ପାଣ୍ଡୁଲିପି ଦେଖାଇ କେତେକ ପରିବର୍ତ୍ତନ କରାଗଲା । ସେ ବହିଟି ମଧ୍ୟ ଟେକ୍‌ଷ୍ଟ ବୁକ୍ କମିଟିର ମଞ୍ଜୁରି ଲାଭ କଲା । ଏହା ମଧ୍ୟ ଭଲ ବିକ୍ରି ହେଲା । ଆମର ରୟାଲଟି ପରିମାଣ ମଧ୍ୟ ବଢ଼ିଲା । ଏବେ ଦାବୀ ହେଲା – ହାଇସ୍କୁଲ ପାଇଁ ଖଣ୍ଡିଏ ବ୍ୟାକରଣ ଲେଖ । ଆମେ ଦୁହେଁ ଲାଗିପଡ଼ି ଲେଖିବାରେ ଲାଗିଲୁ । ଏହାକୁ ଲେଖିବାରେ ଆମେ ସେ ସମୟରେ ପ୍ରଚଳିତ ବଙ୍ଗଳା ବ୍ୟାକରଣ ପଦ୍ଧତି ଅନୁସରଣ କରିଥିଲୁ । ଫଳତଃ ବହିଟି ଅତି ବଡ଼ ହୋଇଗଲା । ଛପାରେ ପ୍ରାୟ ଛଅଶହ ପୃଷ୍ଠା ହେବ । ଏତେ ବଡ଼ ବହି ପାଠ୍ୟପୁସ୍ତକ ରୂପେ ମଞ୍ଜୁରୀ ପାଇବାର ସମ୍ଭାବନା ନ ଥିବାରୁ ମହାପାତ୍ରେ ପରାମର୍ଶ ଦେଲେ – ଏଥିରୁ କେତେକ ଅଂଶ ବାଦ୍ ଦେଇ ତିନିଶ ପୃଷ୍ଠା ମଧ୍ୟରେ ରଖିବାକୁ ହେବ । କାଟଛାଣ୍ଟ ପରେ ମହାପାତ୍ରଙ୍କ ପରାମର୍ଶ କ୍ରମେ ମୁଁ ପାଣ୍ଡୁଲିପିର ସଂଶୋଧନ ପାଇଁ ଆର୍ତ୍ତବାବୁଙ୍କ ଶରଣାପନ୍ନ ହେଲି; କିନ୍ତୁ ସେ ସମୟାଭାବରୁ ଦାୟିତ୍ୱ ନେବାକୁ ସ୍ପଷ୍ଟ ମନା କରିଦେଲେ । ତତ୍ପରେ ମୁଁ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଦ୍ୱାରସ୍ଥ ହେଲି । ସେ କହିଲେ, "ହେଉ ବାପା, ମୁଁ ସେ କାମ କରିଦେବି, ମାତ୍ର 'ଭାଷାକୋଷ' ପ୍ରକାଶ ପାଇଁ ମୁଁ ବଡ଼ ଅଭାବଗ୍ରସ୍ତ । ମୋତେ କିଛି ପାରିଶ୍ରମିକ ଦେବାକୁ ହେବ । ଅନ୍ତତଃ ଘଣ୍ଟା ପ୍ରତି ଟ ୨୫-୦୦ । ତାଙ୍କର ଏ ପ୍ରସ୍ତାବରେ ସମ୍ମତ ହେଲି ।" ସେ ଏହି କାର୍ଯ୍ୟରେ ଦଶଘଣ୍ଟା ବ୍ୟୟ କରିଥିଲେ ଓ ତଦନୁସାରେ ପାରିଶ୍ରମିକ ପାଇଥିଲେ । ଏ ବହି ଖଣ୍ଡକ ଖାଲି ଯେ ମଞ୍ଜୁର ହୋଇଥିଲା ତାହା ନୁହେଁ; ଅସାଧାରଣ ଭାବରେ ଶିକ୍ଷକ ମହଲରେ ଆଦୃତ ହୋଇଥିଲା । ଅନେକେ ଆମ ଲେଖକ ଦୁହିଁଙ୍କୁ ପରିହାସରେ କହୁଥିଲେ – Wren ଓ Martin

Digitized by srujanika@gmail.com

(ସେତେବେଳେ Wren ଓ Martinଙ୍କ ପ୍ରଣୀତ ଇଂରେଜୀ ବ୍ୟାକରଣ ସ୍କୁଲମାନଙ୍କରେ ବିଶେଷ ପ୍ରଚଳିତ ଥିଲା ।)

ଘଟଣାକ୍ରମେ ବ୍ରହ୍ମପୁରରେ ଯୌଥକମ୍ପାନୀ ରୂପେ ପ୍ରତିଷ୍ଠିତ 'ଷ୍ଟୁଡ଼େଣ୍ଟସ୍ ଷ୍ଟୋର'ର ଅଂଶୀଦାରମାନଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହେଲା । ସେତେବେଳକୁ ଶ୍ରୀ ଦାମୋଦର ରଥ ଓ ଶ୍ରୀ ଶ୍ରୀଧର ମହାପାତ୍ର ବ୍ରହ୍ମପୁରର ଦୋକାନ ପରିଚାଳନା କରୁଥିଲେ ଓ ଅନନ୍ତ ମିଶ୍ର କଟକ ଶାଖାର ପରିଚାଳକ ଥିଲେ । ଏହି ମନୋମାଳିନ୍ୟ ଫଳରେ ନିଉ ଷ୍ଟୁଡ଼େଣ୍ଟସ ଷ୍ଟୋର କଟକରେ ପ୍ରତିଷ୍ଠିତ ହେଲା । ମୂଳ ଷ୍ଟୁଡେଣ୍ଟସ୍ ଷ୍ଟୋରର ଅଂଶୀଦାରମାନେ ମୂଳଧନର ବହୁଗୁଣ ଲାଭ ପାଇ ସାରିଥିଲେ । ଜଣେ Receiver ନିଯୁକ୍ତ ହୋଇଥିଲେ ସତ, କିନ୍ତୁ ଲେଖକମାନେ ଭୀଷଣ କ୍ଷତିଗ୍ରସ୍ତ ହୋଇଥିଲେ ।

ଏଥିମଧ୍ୟରେ ୧୯୪୨ ମସିହାରେ ମୁଁ ଆକସ୍ମିକ ଭାବରେ ବାଣପୁର ତ୍ୟାଗ କରି କିଛିଦିନ ସଂହଭୂମିର ଖଣ୍ଡାମଉଦା ହାଇସ୍କୁଲରେ ହେଡ଼ମାଷ୍ଟର ଭାବେ କାର୍ଯ୍ୟ କରି ଜଗତସିଂହପୁରକୁ ହେଡ଼ମାଷ୍ଟର ହୋଇ ଆସିଲି । ସେଠାରେ ପ୍ରାୟ ପାଞ୍ଚବର୍ଷ ରହିବା ପରେ ଘଟଣାଚକ୍ରରେ ୩/୪ ମାସ କୋରୁଆ ହାଇସ୍କୁଲରେ କଟାଇ ୧୯୪୮ ମଧ୍ୟଭାଗରେ ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ରୂପେ ନିଯୁକ୍ତ ହେଲି । ଏଥିମଧ୍ୟରେ ଷ୍ଟୁଡେଣ୍ଟସ ଷ୍ଟୋରର ଅଂଶୀଦାରମାନେ କଟକରେ ନିଜ ନିଜର ସ୍ୱତନ୍ତ୍ର ପ୍ରକାଶନ ସଂସ୍ଥା ଗଢ଼ିନେଲେ । ଏହାର ଫଳସ୍ୱରୂପ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ନିଉ ଷ୍ଟୁଡେଣ୍ଟସ ଷ୍ଟୋର ଓ ଗ୍ରନ୍ଥମନ୍ଦିର ପ୍ରଭୃତିର ଜନ୍ମ ।

ମୁଁ କଟକ ଆସିବା ପରେ ମୋର ଗ୍ରନ୍ଥମନ୍ଦିର ସହ ସମ୍ପର୍କ ଘନୀଭୂତ ହୋଇଆସିଲା ଓ ସେହି ସମ୍ପର୍କ ଅଦ୍ୟାବଧି ରହିଛି । ମଝିରେ ମଝିରେ ଅନ୍ୟ କେତେକ ପ୍ରକାଶନ ସଂସ୍ଥା ମୋର କେତେକ ବହି ପ୍ରକାଶ କରି ଅଛନ୍ତି ସତ, ମାତ୍ର ମୋର ଗ୍ରନ୍ଥମନ୍ଦିର ସହ ସମ୍ପର୍କ ଏଯାବତ୍ ରହିଆସିଚି ।

ଏ ତ ଗଲା ବ୍ୟବସାୟଗତ ସମ୍ପର୍କ । କିନ୍ତୁ ମୋର ଶ୍ରୀଧର ମହାପାତ୍ରଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଆହୁରି ଗଭୀର ଥିଲା । ଅନ୍ୟମାନଙ୍କର ପୁସ୍ତକ ପ୍ରକାଶନ ପୂର୍ବରୁ ସେ ମୋତେ ଅନେକ ପାଣ୍ଡୁଲିପି ଦେଖାଇ ମୋର ମତ ଗ୍ରହଣ କରୁଥିଲେ । ମୋର

Digitized by srujanika@gmail.com

ସଙ୍କଳିତ ଓଡ଼ିଆ-ଓଡ଼ିଆ-ଇଂରାଜୀ ଅଭିଧାନ (ନବ ଅଭିଧାନ)କୁ ଆମେ ଦୁହେଁ ଆମୂଳଚୂଳ ପଢ଼ି ପରିମାର୍ଜିତ କରିଥିଲୁ । ତାଙ୍କରି ପରାମର୍ଶରେ ଗ୍ରନ୍ଥମନ୍ଦିର ବିଶ୍ୱସାହିତ୍ୟ ଗ୍ରନ୍ଥମାଳା ପ୍ରକାଶ କରିଥିଲା । ଏହି ଗ୍ରନ୍ଥମାଳାରେ ଶତାଧିକ ପୁସ୍ତକ ମୁଖ୍ୟତଃ ଇଂରାଜୀରୁ ଅନୂଦିତ ହୋଇଅଛି । ମୋର ଅନୁରୋଧ କ୍ରମେ ସଂସ୍କୃତରୁ ଅନୂଦିତ ପୁସ୍ତକ ମଧ୍ୟ ଏହି ଗ୍ରନ୍ଥମାଳାରେ ସ୍ଥାନ ପାଇଅଛି । ମୁଁ ନିଜେ ମାଳବିକାଗ୍ନିମିତ୍ର, ଶକୁନ୍ତଳା, ମୃଚ୍ଛକଟିକ, ମୁଦ୍ରାରାକ୍ଷସ, ହିତୋପଦେଶ, ପଞ୍ଚତନ୍ତ୍ର ପ୍ରଭୃତି ଗଳ୍ପ ଆକାରରେ ଲେଖିଅଛି । ଇଂରାଜୀରୁ ମଧ୍ୟ ଅନେକ ପ୍ରସିଦ୍ଧ ପୁସ୍ତକର ସଂକ୍ଷିପ୍ତ ଅନୁବାଦ କରିଛି । ଏହିପରି ମୋର ପ୍ରାୟ ଶହେ ଖଣ୍ଡି ବହି ଗ୍ରନ୍ଥମନ୍ଦିର ପ୍ରକାଶ କରିଅଛି । କେତେକ କଲେଜ ପାଠ୍ୟପୁସ୍ତକର ସଠିକ୍ ସଂସ୍କରଣ ମୁଁ ମଧ୍ୟ କରିଛି । ଏହା ଶ୍ରୀଧର ମହାପାତ୍ରଙ୍କ ପ୍ରେରଣାରୁ ।

କେବଳ ଅର୍ଥଲାଭ ତାଙ୍କ ବ୍ୟବସାୟର ଲକ୍ଷ୍ୟ ନ ଥିଲା । ଶୁଦ୍ଧ, ସୁପାଠ୍ୟ ସାହିତ୍ୟ ପ୍ରସାର ତାଙ୍କର ଅନ୍ୟତମ ଉଦ୍ଦେଶ୍ୟ ଥିଲା । ଏହି ଉଦ୍ଦେଶ୍ୟ ସାଧନ ପାଇଁ ସେ ଯେକୌଣସି ଶ୍ରମ ସ୍ୱୀକାର କରିବାକୁ କୁଣ୍ଠିତ ନ ଥିଲେ । ସ୍କୁଲମାନଙ୍କରେ ବ୍ୟବହୃତ ଇଂରାଜୀ ଆଟଲାସ ଭଳି ଓଡ଼ିଆରେ ଆଟଲାସ ସେ ପ୍ରଥମେ ଉଦ୍ୟମ କରିଥିଲେ । ଏଥିପାଇଁ ସେ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କର ସାହାଯ୍ୟ ଗ୍ରହଣ କରିଥିଲେ । ଏହି ଆଟଲାସ ପାଇଁ ବିଲାତରେ ଓରିଏଣ୍ଟ ଲଙ୍ଗମାନ୍ କମ୍ପାନୀର ସହାୟତାରେ ଛପା ହୋଇଥିଲା । ଦିଲ୍ଲୀର ନ୍ୟାସନାଲ ବୁକଟ୍ରଷ୍ଟ, ଓଡ଼ିଆ ପୁସ୍ତକଗୁଡ଼ିକର ମୁଦ୍ରଣ ଦାୟିତ୍ୱ ନେଇ ସେ କେତେକ ବର୍ଷଯାଏ ତାହା ସୂଚାରୁ ରୂପେ ଚଳାଇଥିଲେ ।

ସେ ନିଜେ ଜଣେ ସାହିତ୍ୟିକ ଥିଲେ । ରକ୍ତ ଗୋଲାପର ରକ୍ତ ସ୍ରୋତ, ଦଣ୍ଡୀଙ୍କ ଦଶକୁମାର ଚରିତ, କେତେକ ଶିଶୁ ପାଠ୍ୟପୁସ୍ତକ ସେ ଲେଖିଅଛନ୍ତି । କିନ୍ତୁ ତାଙ୍କର ଅକ୍ଷୟ କୀର୍ତ୍ତି ହେଉଛି ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ । ଏହାକୁ ଲେଖିବାରେ ସେ ନିଜର ରକ୍ତ ନିଗାଡ଼ି ଦେଇ ଯାଇଅଛନ୍ତି । ଏହି ପୁସ୍ତକର ପରିକଳ୍ପନାଠାରୁ ଏହାର ପ୍ରଥମ ଭାଗ ପ୍ରକାଶନ ପର୍ଯ୍ୟନ୍ତ ମୁଁ ତାଙ୍କ ସହିତ ସଂଶ୍ଳିଷ୍ଟ ଥିଲି । ପ୍ରାୟ ଦଶବର୍ଷ ତଳେ ଏ ପୁସ୍ତକର ପରିକଳ୍ପନା ଓ ତତ୍ପରେ ଚାଲିଲା ଉପାଦାନ ସଂଗ୍ରହ । ଏ କାମ ସହଜ ନୁହେଁ । କେବେ, କେଉଁଠାରେ, କେଉଁ ପୁସ୍ତକ ମୁଦ୍ରିତ ହୋଇଥିଲା ତାହା ସ୍ଥିର କରିବା ପାଇଁ ସେ କଠୋର ଅଧ୍ୟବସାୟ କରୁଥିଲେ । ସେ ଅନେକ ସମୟରେ ତାଙ୍କର ସଂଗ୍ରହ

Digitized by srujanika@gmail.com

ମୋତେ ପଢ଼ି ଶୁଣାଉଥିଲେ । ଶ୍ରୀରାମପୁରରୁ ପ୍ରଥମ ଓଡ଼ିଆ ପୁସ୍ତିକା (Tract) କଅଣ ପ୍ରକାଶ ପାଇଥିଲା ସେ ଲେଖିଥିଲେ । ମୁଁ କହିଲି – ଏ ବିଷୟରେ ପ୍ରଫେସର ପ୍ରଭାତ ମୁଖାର୍ଜୀ 'ପୌରୁଷ'ରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ ଦେଖନ୍ତୁ ଓ ଲଣ୍ଡନ ଲାଇବ୍ରେରୀରେ ଖଣ୍ଡିଏ ପୁସ୍ତିକା (Tract) ଥିବାର ମୁଁ ଜାଣେ । ତାହା ମଧ୍ୟ 'ପୌରୁଷ'ର ଅନ୍ୟ ଏକ ସଂଖ୍ୟାରେ ବାହାରିଅଛି । ସେ ୩/୪ ଦିନ ମଧ୍ୟରେ ଉକ୍ତ 'ପୌରୁଷ' ସଂଗ୍ରହ କରି ମୋତେ ଦେଖାଇ ନିଜ ଲେଖାକୁ ସଂଶୋଧନ କରିଥିଲେ । ଏଥିରୁ ତାଙ୍କର ଗବେଷଣା କିପରି ନିର୍ଭୁଲ ହେବ ସେଥିର ସୂଚନା ମିଳିବ ।

ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ ଦୁଇଟି ଭାଗରେ ଏକସଙ୍ଗେ ପ୍ରକାଶ କରିବା ତାଙ୍କର ପ୍ରଥମ କଳ୍ପନା ଥିଲା । କିନ୍ତୁ ମୋର ବାରମ୍ବାର ଅନୁରୋଧରେ ସେ ଗୋଟିଏ ଭାଗର ଛାପା ଆରମ୍ଭ କରିଦେଲେ । ସେ ଏଥିପାଇଁ ଅନବରତ ପରିଶ୍ରମ କରୁଥିଲେ । ବାମ ପାଖକୁ ଢଳି କରି ଲେଖୁଥିବାରୁ ତାଙ୍କର ବେକ ବାମପାଖକୁ ବଙ୍କେଇ ଯାଇଥିଲା । ଡାକ୍ତରଙ୍କ ପରାମର୍ଶରେ ସେ ଉକ୍ତ ବାମପାଖରେ ଗୋଟିଏ କାଠର ଫର୍ମା ଲଗାଇଥିଲେ । ତେଣୁ ତାଙ୍କୁ ବାଧ୍ୟ ହୋଇ ମୁଣ୍ଡ ସିଧା ରଖିବାକୁ ହେଉଥିଲା । ମୁଁ ଏଥିପାଇଁ ଥରେ ଦୁଃଖ ପ୍ରକାଶ କରିବାରୁ ସେ କହିଥିଲେ – ଆମର ପୂର୍ବପୁରୁଷମାନେ ତାଳପତ୍ର ପୋଥି ଲେଖିଥିଲେ । ପୋଥି ଶେଷରେ ଲେଖୁଥିଲେ – ଭଗ୍ନପୃଷ୍ଠ କଟି ଗ୍ରୀବା x x x କଷ୍ଟେନ ଲିଖିତଂ ଗ୍ରନ୍ଥଂ, ପୁତ୍ରବତ୍ ପ୍ରତିପାଳୟେତ୍ ।

ମୁଁ ଟିକିଏ କଷ୍ଟ ସ୍ୱୀକାର କଲେ କ୍ଷତି କଅଣ ?

ପୁସ୍ତକର ଦ୍ୱିତୀୟ ଭାଗ ପାଇଁ ସେଗୁଡ଼ିଏ ଉପାଦାନ ସଂଗ୍ରହ କରି ଯାଇଅଛନ୍ତି । ସେଗୁଡ଼ିକର ସଜାଇକରଣ, ସଂଶୋଧନ ଇତ୍ୟାଦି କରାଗଲେ ଏହା ପ୍ରକାଶିତ ହୋଇପାରନ୍ତା ।

ସେ ଓଡ଼ିଆ ସାହିତ୍ୟକୁ ଯେତେ ନିଜେ ଗୁଦ୍ଧିମନ୍ତ କରି ନାହାନ୍ତି, ସାହିତ୍ୟିକ ସୃଷ୍ଟି କରି ସେ ଓଡ଼ିଆ ସାହିତ୍ୟକୁ ଯଥେଷ୍ଟ ଦେଇ ଯାଇଅଛନ୍ତି । ସୌଭାଗ୍ୟର କଥା ସେ ପୁତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟ ଶିକ୍ଷା ଦେଇ ମଧ୍ୟ ସେମାନଙ୍କୁ ଚାକିରୀରେ ନ ପୂରାଇ ସେହି ପୁସ୍ତକ ପ୍ରକାଶନ ଓ ପ୍ରସାରଣ କାର୍ଯ୍ୟରେ ଲଗାଇ ଯାଇଅଛନ୍ତି ।

Digitized by srujanika@gmail.com

୧୯୮୬ ମସିହା ପ୍ରଥମ ଭାଗରେ ମୁଁ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇପଡ଼ିଲି । ତାହା ପୂର୍ବରୁ ମୁଁ ଦୃଷ୍ଟିଶକ୍ତି ହରାଇଥିଲି । ଅପରେସନ୍ ପରେ ଗୋଟିଏ ଆଖିରେ ସାମାନ୍ୟ ଦେଖିପାରୁଅଛି; ଲେଖାପଢ଼ା ଅସମ୍ଭବ ହୋଇପଡ଼ିଛି ।

ସେହି ବର୍ଷ ଶ୍ରୀଧର ମହାପାତ୍ରଙ୍କର ପକ୍ଷାଘାତ ରୋଗ ହେଲା । ସେ ଚଳତ୍‌ଶକ୍ତିହୀନ ହୋଇପଡ଼ିଲେ; କିନ୍ତୁ ସେତେବେଳେ ତାଙ୍କର ରୋଗମୁକ୍ତ ହେବାର ପ୍ରବଳ ଆଶା ଥିଲା । ସେ ୨୯ ।୯ ।୮୬ ତାରିଖରେ ମୋ ପାଖକୁ ଲେଖିଥିଲେ :

"ଶ୍ରୀଶଃ ପାତୁ ।

ପ୍ରିୟ ଶ୍ରୀଧରବାବୁ,

ମୋର ସ୍ୱାସ୍ଥ୍ୟ କଥା ଆପଣଙ୍କୁ ଜଣାଇଥିଲି । ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିଲେ ମଧ୍ୟ ଉନ୍ନତି କରୁଅଛି । ମୁଁ ପାହାଚ ଓହ୍ଲାଇବା ପାଇଁ ଡାକ୍ତର ପରାମର୍ଶ ଦେଇନାହାନ୍ତି, ତାହା ବୋଧହୁଏ ୮/୧୦ ଦିନ ପରେ ମିଳିପାରେ । ସେତେବେଳେ ଆପଣଙ୍କୁ ସାକ୍ଷାତ କରିବି । ଶ୍ରୀ ନୀଳାଚଳନାଥଙ୍କୁ ପ୍ରାର୍ଥନା କରୁଛି, ଆପଣଙ୍କ ମାନସିକ ତଥା ଶାରୀରିକ ଅବସ୍ଥାରେ ଉନ୍ନତି ଘଟିଥିବ । ଇତି

ଆପଣଙ୍କର
ଶ୍ରୀଧର ମହାପାତ୍ର"

ଏହି ଚିଠିରୁ ତାଙ୍କର ଶୀଘ୍ର ଆରୋଗ୍ୟ ଲାଭ କରିବାର ଆଶା ସ୍ପଷ୍ଟ ପ୍ରକାଶ ପାଏ ।

"ଶ୍ରୀଶଃ ପାତୁ ।

ପ୍ରିୟ ଶ୍ରୀଧରବାବୁ,

ଆଶା କରେ ଆପଣଙ୍କର ସ୍ୱାସ୍ଥ୍ୟର ଉନ୍ନତି ଘଟିଥିବ । ୧୭ ।୧୦ ।୮୬ଠାରୁ ମୁଁ ସମ୍ପୂର୍ଣ୍ଣ ଶଯ୍ୟାଗତ । ଆଶ୍ଚର୍ଯ୍ୟର କଥା ମୋ ଦେହରେ ରୋଗ ପାଇଁ କୌଣସି କାରଣ ନ ଥାଇ ଭଗବାନ ମତେ ଶଯ୍ୟାଶାୟୀ କରି ରଖିଛନ୍ତି । ତେଣୁ ଆପଣଙ୍କର ପତ୍ରଟିଏ ପାଇବା ପରେ ମୁଁ ଯାଇ ନ ପାରି ଥରେ ମୋର ଚାକରକୁ ଓ ପରେ ଜୟରାମକୁ

Digitized by srujanika@gmail.com

ଆପଣଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧେ ବୁଝିବା ପାଇଁ ପଠାଇଥିଲି । ଏ ମଧ୍ୟରେ ଆପଣଙ୍କ ପୁତ୍ର ଆୟୁଷ୍ମାନ ରଘୁନାଥ ଥରେ ଫୋନ୍ କରି ମୋର ସ୍ୱାସ୍ଥ୍ୟ କଥା ପଚାରିଥିଲେ । ଜୟରାମଠାରୁ ମୋ ବିଷୟ ଜାଣିଥିବେ । ମୋର ଅବସ୍ଥା ପ୍ରାୟ ପୂର୍ବବତ୍ ରହିଛି । ବହିର ପ୍ରଥମ ଭାଗ ପ୍ରକାଶ କରିବା ପରେ ଦ୍ୱିତୀୟ ଭାଗ କାର୍ଯ୍ୟ ଆଉ କରିପାରୁ ନାହିଁ । ଭଗବାନଙ୍କର ଇଚ୍ଛା ସମ୍ଭବ ହେଲେ ଆପଣଙ୍କ ସଙ୍ଗେ ସାକ୍ଷାତ କରିପାରେ । ଉତ୍ତର ଦେବେ । ଇତି ।

ଆପଣଙ୍କର

ଶ୍ରୀଧର ମହାପାତ୍ର"

ଏ ପତ୍ରଟିରେ ମଧ୍ୟ ତାଙ୍କର ଆଶୀର୍ବାଦ (optimism)ର ସୂଚନା ମିଳେ ।

ଏ ଦୁଇଖଣ୍ଡି ଯାକ ପତ୍ର ସେ ଅନ୍ୟଦ୍ୱାରା ଲେଖାଇଥିଲେ; କିନ୍ତୁ ନିଜେ ସ୍ୱାକ୍ଷର କରିଥିଲେ ।

୧୯୮୭ ମସିହାରେ ମୁଁ ମୋଟରରେ ତାଙ୍କ ଘର ପର୍ଯ୍ୟନ୍ତ ଯାଇଥିଲି । କିନ୍ତୁ ସେ ଉପର ମହଲାରେ ଶଯ୍ୟାଗତ ଥିଲେ । ମୋତେ ପାହାଚରେ ଉଠିବା ପାଇଁ ଡାକ୍ତରଙ୍କ ନିଷେଧ ଆଦେଶ, ତାଙ୍କ ପକ୍ଷରେ ତଳକୁ ଓହ୍ଲାଇବାର ଅକ୍ଷମତା । ତେଣୁ ଆମ ମଧ୍ୟରେ ସାକ୍ଷାତ ହୋଇପାରିଲା ନାହିଁ । କେବଳ ଫୋନ୍‌ରେ Inter Communication ସାହାଯ୍ୟରେ ମିନିଟିଏ ପର୍ଯ୍ୟନ୍ତ କଥାଭାଷା ହେଲୁ ।

ଏହାପରେ ସେ ଯେଉଁ ଦୀର୍ଘପତ୍ର ଦେଇଥିଲେ ସେଥିରେ ତାଙ୍କ ନୈରାଶ୍ୟଭାବ ପ୍ରକଟିତ ହୋଇଥିଲା । ସେଥିରେ ତାଙ୍କର ଜୀବନ-ଦର୍ଶନ, ଆଦର୍ଶ, ସଫଳତା, ବିଫଳତା ପ୍ରଭୃତି ଉଲ୍ଲେଖ କରିଥିଲେ । ଶେଷ ଚିଠିଟିରେ କେବଳ ଲେଖଥିଲେ – ଭଗବାନଙ୍କର ଇଚ୍ଛା ପୂରଣ ହେବ । ଏହା ମୋର ଶେଷ ଚିଠି । ଦୁଃଖର କଥା ଏ ଚିଠି ଦୁଇଖଣ୍ଡି କେଉଁଠାରେ ଅଛି, ପାଉ ନାହିଁ ।

ମୁଁ ଆଗେ ହୃଦ୍‌ରୋଗର ଶିକାର ହେଲି । ପ୍ରଥମ ଆକ୍ରମଣ (ମାର୍ଚ୍ଚ ୧୯୮୬) ବେଳେ ମୁଁ ମୃତ୍ୟୁ ଯନ୍ତ୍ରଣାର ଆସ୍ୱାଦନ ପାଇଛି । ପରେ ମୋର ପ୍ରତିବେଶି ବନ୍ଧୁ କବିରାଜ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଅଧମିନିଟ୍ ମଧ୍ୟରେ ପ୍ରାଣବାୟୁ ବାହାରିଯିବା ଦୃଶ୍ୟ ଦେଖିଛି,

Digitized by srujanika@gmail.com

ଅଥଚ ତାଙ୍କର ମଧ୍ୟମ ପୁତ୍ର ଡାକ୍ତର କବିପ୍ରସାଦ ମିଶ୍ର ହୃଦ୍‌ରୋଗ ବିଶେଷଜ୍ଞ ଭାବରେ କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ୍ୟ ସୁପରିଚିତ । ସେ ପିତାଙ୍କର ପରୀକ୍ଷା କରି ଔଷଧର ବ୍ୟବସ୍ଥା କରିଥିଲେ । ତେଣୁ ମନେହୁଏ ବିଧାତାଙ୍କର ଇଚ୍ଛା ବଳିୟସୀ । ମୁଁ ଯେ କୌଣସି ମୁହୂର୍ତ୍ତରେ ଶେଷ ନିଶ୍ୱାସ ତ୍ୟାଗ କରିବାକୁ ଅପେକ୍ଷା କରିଛି; ଅଥଚ ଶ୍ରୀଧର ମହାପାତ୍ରେ ମୋ ଆଗରୁ ଚାଲିଗଲେ ।

ଶ୍ରୀଧର ଦାସ

୧ ।୧୨ ।୮୭

ସ୍ମୃତିବର୍ତ୍ତିକା / ସମ୍ପାଦନା - ଅଭିରାମ ମହାପାତ୍ର

ପ୍ରକାଶକ - ମନୋଜ କୁମାର ମହାପାତ୍ର

ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ

(ତା ୨୫ ।୧୧ ।୧୯୯୦)

Digitized by srujanika@gmail.com

(୮) ପତ୍ରପତ୍ରିକାରେ ପ୍ରକାଶିତ ଶ୍ରୀଧର ଦାସଙ୍କ କେତେକ ଦୁର୍ଲ୍ଲଭ କୃତି

(କ) ପ୍ରବନ୍ଧ

ବଉଦର ଭାଷା

ଶ୍ରୀ ଶ୍ରୀଧର ଦାଶ ବି.ଏ.,ଡ଼ି.ଇଡ଼ି

ବଉଦ ଓଡ଼ିଶାର କରଦ ରାଜ୍ୟମାନଙ୍କ ମଧ୍ୟରୁ ଗୋଟିଏ । ଏହାର ଅଧିବାସୀ ଅଧିକାଂଶ ଓଡ଼ିଆ । କେତେକ ଅନାର୍ଯ୍ୟ ଆଦିମ ଅଧିବାସୀ ମଧ ଅଛନ୍ତି । ମୋଗଲବନ୍ଦୀ ଅଞ୍ଚଳର କୌଣସି ଲୋକ ଏଠାକୁ ଆସିବା ମାତ୍ରେ ଅନୁଭବ କରିପାରିବ ଯେ ମୋଗଲବନ୍ଦୀର ଓଡ଼ିଆ ଭାଷା ସହିତ ଏଠା ଭାଷାର ଅନେକ ପାର୍ଥକ୍ୟ ରହିଅଛି । ଅବଶ୍ୟ ପୁରୀର ଭାଷା ସହିତ କଟକ ଭାଷାର ଓ କଟକର ଭାଷା ସହିତ ବାଲେଶ୍ୱର ଭାଷାର ପାର୍ଥକ୍ୟ ଅଛି; କିନ୍ତୁ ବଉଦର ଭାଷା ସହିତ ପୁରୀ, କଟକ ବା ବାଲେଶ୍ୱରର ଭାଷାକୁ ତୁଳନା କଲେ ବହୁତ ତାରତମ୍ୟ ଦେଖାଯାଏ । ଉଚ୍ଚାରଣ ଭେଦରେ ଗୋଟିଏ ଶବ୍ଦ ଭିନ୍ନ ଭିନ୍ନ ଜାତି ଲୋକଙ୍କ ମୁଖରେ ଭିନ୍ନ ଭିନ୍ନ ଶୁଣାଯାଇଥାଏ । ଅନେକ ଶବ୍ଦ ଓଡ଼ିଆ ଓ ବଙ୍ଗଳା ଭାଷାରେ ଅପରିବର୍ତ୍ତିତ ଭାବରେ ବ୍ୟବହାର କରାଯାଇଥାଏ; କିନ୍ତୁ ଉଚ୍ଚାରଣ ଭେଦରେ ସେମାନେ ବିଭିନ୍ନ ଶବ୍ଦ ପରି ବୋଧ ହୋଇଥାନ୍ତି । ଉଦାହରଣ ସ୍ୱରୂପ 'ଧନ' ଶବ୍ଦ ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷାରେ ବ୍ୟବହୃତ ହୋଇଥାଏ; କିନ୍ତୁ ବଙ୍ଗଳାରେ ଏହା 'ଧନ' ବୋଲି ଲେଖାଗଲେ ହେଁ 'ଧ-ଅ-ନ' ବୋଲି ଉଚ୍ଚାରିତ ହୋଇଥାଏ । ସେହିପରି ମୋଗଲବନ୍ଦୀରେ ବ୍ୟବହୃତ ହେଉଥିବା ଅନେକ ଶବ୍ଦ ଏଠାରେ ଟିକିଏ ବିଭିନ୍ନ ଭାବରେ ଉଚ୍ଚାରିତ ହୋଇଥାଏ । ତେଣୁ ସେଗୁଡ଼ିକ ମୋଗଲବନ୍ଦୀର ଲୋକଙ୍କୁ ଅପରିଚିତ ଶବ୍ଦ ପରି ବୋଧ ହୋଇଥାଏ ।

ଲୋକେ କଥାରେ କହିଥାନ୍ତି 'ବୋ ସୋନପୁର, ଲୋ ଓଡ଼ିଶା'; ଅତି ପରପଞ୍ଚ ବଉଦ ଭାଷା' । ମୋଗଲବନ୍ଦୀର କେତେକ ସ୍ଥାନର ଲୋକେ ବିଶେଷତଃ ସ୍ତ୍ରୀମାନେ 'ଲୋ' ବ୍ୟବହାର କରିଥାନ୍ତି । ସୋନପୁର ଅଞ୍ଚଳର ଲୋକେ ଅନେକ 'ବୋ', ବ୍ୟବହାର

Digitized by srujanika@gmail.com

କରନ୍ତି । କିନ୍ତୁ ବଉଦର ଲୋକେ ଅନେକତ୍ର 'ବୋ' ବ୍ୟବହାର ସଙ୍ଗେ ସଙ୍ଗେ ଆହୁରି ଅନେକ ବିକୃତ ଓଡ଼ିଆ ଶବ୍ଦ ବ୍ୟବହାର କରନ୍ତି । ତେଣୁ ବୋଧହୁଏ ଏହି ପ୍ରବଚନର ସୃଷ୍ଟି । ମୋଗଲବନ୍ଦୀର ଲୋକ ବଉଦର ଭାଷାକୁ 'ପରପଞ୍ଚ' ମନେ କରିବା ସ୍ୱାଭାବିକ; କିନ୍ତୁ ସମ୍ଭବତଃ ବଉଦର ଲୋକେ ମଧ୍ୟ ମୋଗଲବନ୍ଦୀର ଭାଷାକୁ ଅତି ପରପଞ୍ଚ ମନେ କରୁଥିବେ । କାରଣ, ଲୋକେ ନିଜ ନିଜର ବ୍ୟବହାର୍ଯ୍ୟ ମାତୃଭାଷାକୁ ସୁନ୍ଦର ମନେ କରିବା ଓ ଅଜ୍ଞାତ ବା ଦୁର୍ବୋଧ ଭାଷାକୁ କୁତ୍ସିତ ମନେ କରିବା ସ୍ୱାଭାବିକ । ବଉଦର ଭାଷା ମୋଗଲବନ୍ଦୀ ଲୋକଙ୍କୁ ଶ୍ରୁତିକଟୁ ବୋଧହୁଏ । ଅବଶ୍ୟ ଶିକ୍ଷା ଓ ମୋଗଲବନ୍ଦୀରୁ ଆସିଥିବା ଓଡ଼ିଆଙ୍କ ପ୍ରଭାବଦ୍ୱାରା ବଉଦର ସହରବାସୀଙ୍କର ଭାଷା କେତୋକାଂଶରେ ମୋଗଲବନ୍ଦୀର ଓଡ଼ିଆ ପରି ହୋଇ ଯାଇଅଛି; କିନ୍ତୁ ମଫସଲରେ ନୀଚ ଶ୍ରେଣୀର ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ଯେ ଭାଷା ବ୍ୟବହୃତ ହୁଏ, ତାହା ଅନେକ ସମୟରେ ମୋଗଲବନ୍ଦୀ ଲୋକଙ୍କ ପକ୍ଷରେ ଦୁର୍ବୋଧ ଓ ସମୟ ସମୟରେ ଏକେବାରେ ଅବୋଧ ।

ଏଠାରେ ଏପରି କେତେଗୁଡ଼ିଏ ଶବ୍ଦ ବ୍ୟବହୃତ ହୁଏ, ଯାହାକି ମୋଗଲବନ୍ଦୀରେ ଆଦୌ ଶୁଣାଯାଏ ନାହିଁ । ଯଥା, ମାଖନ (ବୋଇତିକଖାରୁ), କୁଲିହା (ବିଲୁଆ), ଚାଣ୍ଡି (ପିମ୍ପୁଡ଼ି), ଚାବିବା (କାମୁଡ଼ିବା) ନୁନି (ଝିଅ), ଘିଚିବା (ଟାଣିବା) ଇତ୍ୟାଦି ।

ଏଠାରେ ବ୍ୟବହୃତ ବାକ୍ୟରେ ଟିକିଏ ବିଶେଷତ୍ୱ ଦେଖାଯାଏ । ଲୋକସାଧାରଣ ଏପରିକି ଶିକ୍ଷିତ ଲୋକେ ମଧ୍ୟ ନିଷେଧାର୍ଥକ ବାକ୍ୟରେ ପ୍ରଧାନ କ୍ରିୟାର ପରେ 'ନାହିଁ' ଶବ୍ଦ ବ୍ୟବହାର ନ କରି ପୂର୍ବରେ ବ୍ୟବହାର କରନ୍ତି । ଯଥା ସେ ଭାତ ନାହିଁ ଖାଇ । ମୁଁ ଘରକରନେ (ଘରକୁ) ନାହିଁ ଯାଇ ଇତ୍ୟାଦି । ହିନ୍ଦୀ ଭାଷାରେ ମଧ୍ୟ ଏହିପରି ନିଷେଧାର୍ଥକ ଶବ୍ଦ କ୍ରିୟାର ପୂର୍ବରେ ବସେ । ବୋଧହୁଏ ହିନ୍ଦୀଭାଷାର ପ୍ରଭାବରେ ଏପ୍ରକାର ପରିବର୍ତ୍ତନ ଘଟିଅଛି । ସାଧାରଣତଃ ମୋଗଲବନ୍ଦୀରେ ଯେଉଁଠାରେ ଭୂ ଧାତୁର 'ନାହିଁ' କ୍ରିୟା ବ୍ୟବହୃତ ହୁଏ, ବଉଦର ଲୋକେ ସେଠାରେ 'ନାଇଁ ନ' ବ୍ୟବହାର କରନ୍ତି । ଯଥା ବାପା ଗଲେ ନାଇଁ ନ ।

ଓଡ଼ିଆ ଭାଷାରେ ବର୍ତ୍ତମାନ କାଳର ଅନେକ କ୍ରିୟାରେ 'ଛନ୍ତି' ବ୍ୟବହୃତ ହୋଇଥାଏ । ଯଥା, ଯାଇଛନ୍ତି, ଖାଉଛନ୍ତି । କିନ୍ତୁ ବଉଦର ଲୋକେ ଏହି 'ଛନ୍ତି' ସ୍ଥଳରେ ସାଧାରଣତଃ ସନ୍ ବ୍ୟବହାର କରିଥାନ୍ତି । ଯଥା, ଯାଇସନ୍, ଖାଉସନ୍ ଇତ୍ୟାଦି ।

Digitized by srujanika@gmail.com

ସ୍ଥାନୀୟ କଥିତ ଭାଷାର ଅନେକ ସ୍ଥଳରେ ଓକାର ପରିବର୍ତ୍ତେ ଉକାର ବ୍ୟବହାର ହୁଏ ।

ଗୋଡ଼ ପରିବର୍ତ୍ତରେ ଗୁଡ଼, ପୋଥି ପରିବର୍ତ୍ତରେ ପୁଥିର ବ୍ୟବହାର ବିରଳ ନୁହେଁ । ଏ ବିଷୟରେ ବାଲେଶ୍ୱରବାସୀ କେତେକ ଲୋକଙ୍କ ଭାଷା ସହିତ ଏଠା ଭାଷାର ସାମ୍ୟ ଅଛି ।

କୌଣସି କୌଣସି ଶବ୍ଦରେ ଅକ୍ଷରର ବିପର୍ଯ୍ୟୟ ଘଟିବାର ଦେଖାଯାଏ । ମୋଗଲବନ୍ଦୀରେ କୌଣସି ପଦାର୍ଥକୁ ମାଟିରେ 'ପୋତିଦେବା' କହନ୍ତି; କିନ୍ତୁ ବଉଦର ଲୋକେ 'ତୋପି ଦେବା' ବା କେହି କେହି 'ତୁପି' ଦେବା ମଧ୍ୟ କହିଥାନ୍ତି ।

କଥା କହିବା ସମୟରେ ଭିନ୍ନ ଭିନ୍ନ ସ୍ଥାନର ଲୋକେ କେତେକ ଅର୍ଥହୀନ ଶବ୍ଦ ଉଚ୍ଚାରଣ କରିଥାନ୍ତି । ସେହି ସବୁ ଶବ୍ଦର କୌଣସି ଅର୍ଥ ନ ଥିଲେ ହେଁ ସେମାନେ ବକ୍ତାକୁ ଭାବ ସଂଶ୍ଳେଷଣ କରିବାକୁ ସମୟ ଦେଇଥାନ୍ତି । ବିହାରର ପାଟନା ଅଞ୍ଚଳରେ ଅନେକ ଲୋକେ 'ଏଥି' ଶବ୍ଦ ଏହିପରି ବ୍ୟବହାର କରିଥାନ୍ତି । ପୁରୀର କେତେକ ସ୍ଥାନର ଲୋକେ 'ଆନେ' ଓ ଖୋର୍ଦ୍ଧାର ଲୋକଙ୍କ ମଧ୍ୟରେ କେତେକେ 'ଏତା' ବ୍ୟବହାର କରିଥାନ୍ତି; କିନ୍ତୁ ବଉଦର ଲୋକେ ଏପରି ସ୍ଥଳରେ 'ହନ୍ତା' ବ୍ୟବହାର କରନ୍ତି । ଏପରି କି କାହାର କାହାରି ମୁଖରୁ ଗୋଟିଏ ବାକ୍ୟରେ ତିନି ଚାରି ବାରେ 'ହନ୍ତା' ଶବ୍ଦ ଶୁଣିବାକୁ ମିଳେ ।

ଏ ଅଞ୍ଚଳର ଲୋକେ କେଣେ ବା କେଉଁଠାରେ ପରିବର୍ତ୍ତରେ ସାଧାରଣତଃ 'କେନ୍' ବ୍ୟବହାର କରିଥାନ୍ତି । ସେହିପରି ଏତେ ପରିବର୍ତ୍ତରେ 'ଏନ୍' ମଧ୍ୟ ବ୍ୟବହୃତ ହୋଇଥାଏ । କେଣିକି, ଏଣିକି ସ୍ଥଳରେ'କେନକି, ଏନ୍‌କି ଶୁଣିବାକୁ ମିଳେ ।

ଅନୁଜ୍ଞାସୂଚକ ଓ ପ୍ରଶ୍ନବାଚକ ବାକ୍ୟରେ 'ବୋ'ର ପ୍ରଚଳନ ବେଶି । କେବଳ ଯେ ବଉଦର ଲୋକେ 'ବୋ' ବ୍ୟବହାର କରିଥାନ୍ତି, ତାହା ନୁହେଁ; ଗଡ଼ଜାତର ସୋନପୁର, ଆଠମଲିକରେ ଏବଂ ଅନୁଗୁଳ ଜିଲ୍ଲାରେ ମଧ୍ୟ ଏହାର ବ୍ୟବହାର ଦେଖାଯାଏ । ବ୍ୟବହାର ଭଦ୍ର ସମାଜରେ ବିରଳ । କନ୍ଧ ଭାଷାରେ ଏହି 'ବୋ'ର ବହୁଳ ପ୍ରଚଳନ ଦେଖାଯାଏ । ବୋଧହୁଏ ଏହା କନ୍ଧ ଭାଷାରୁ ଆସି କ୍ରମେ କ୍ରମେ ଏଠାକଥିତ ଓଡ଼ିଆ ଭାଷାରେ ପ୍ରବେଶ କରିଅଛି ।

Digitized by srujanika@gmail.com

ଶବ୍ଦଗତ ପାର୍ଥକ୍ୟ ଅପେକ୍ଷା ବାକ୍ୟ ମଧ୍ୟରେ ଶବ୍ଦମାନଙ୍କର ଉଚ୍ଚାରଣଗତ ପାର୍ଥକ୍ୟ ଅନେକ ସମୟରେ ବଉଦର ଭାଷାକୁ ମୋଗଲବନ୍ଦୀର ଓଡ଼ିଆଠାରୁ ବେଶି ବିଭିନ୍ନ କରିଦିଏ । କେବଳ ଶବ୍ଦମାନଙ୍କର ଅର୍ଥ ଜାଣିଲେ ଭାଷା ବୁଝିବା ସହଜ ନୁହେଁ; କାରଣ ବାକ୍ୟରେ ଥିବା ବିଭିନ୍ନ ଶବ୍ଦ ମାନେ ଉଚ୍ଚାରଣ ସମୟରେ ମିଳିତ ହୋଇ ଅନ୍ୟ ଶବ୍ଦ ପରି ବୋଧ ହୋଇପାରନ୍ତି । ତେଣୁ କେତେକ ସ୍ଥଳରେ ବଉଦଭାଷାର ପ୍ରଚଳିତ ଶବ୍ଦ ଜ୍ଞାତ ଥିଲେ ହେଁ ବାକ୍ୟ ବୁଝିବା କଷ୍ଟକର ହୋଇଥାଏ । ଉଦାହରଣ ସ୍ୱରୂପ 'ତୁ କେନ୍ ଗାର ବୋ' (ତୁ କେଉଁ ଗାଁର ଅର୍ଥାତ୍ ତୋ ଘର କେଉଁଠାରେ) । ମୋଗଲବନ୍ଦୀର ଲୋକଙ୍କ ପକ୍ଷରେ ଏହା ଏକପ୍ରକାର ସମ୍ପୂର୍ଣ୍ଣ ଅବୋଧ ।

ଶାସନ ହିସାବରେ ବଉଦ ଦୀର୍ଘକାଳ ହିନ୍ଦୀଭାଷା ସମ୍ପର୍କରେ ଆସିଥିବାଦ୍ୱାରା ଏଠା ଓଡ଼ିଆଭାଷା ହିନ୍ଦୀଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଅଛି । ଆଦିମ ଅଧିବାସୀମାନେ ସେମାନଙ୍କର ନିଜ ନିଜ ଭାଷା ବ୍ୟବହାର କରନ୍ତି । କୋଷ୍ଟା, ମୋଚି ପ୍ରଭୃତି ଜାତିମାନେ ଘରେ ଲରିଆ ଭାଷା ବ୍ୟବହାର କରନ୍ତି । କନ୍ଧମାନେ ସେମାନଙ୍କର ନିଜ ଭାଷାରେ କଥାବାର୍ତ୍ତା ହୋଇଥାନ୍ତି । ଏହି ଆଦିମ ଜାତିଙ୍କର ଭାଷା ଓଡ଼ିଆଠାରୁ ସମ୍ପୂର୍ଣ୍ଣ ପୃଥକ୍ । କିନ୍ତୁ ଏମାନେ ସ୍ଥାନୀୟ ଓଡ଼ିଆ ଭାଷା ଉପରେ ପ୍ରଭୂତ ପ୍ରଭାବ ବିସ୍ତାର କରି ତାହାର ଆକୃତି ପ୍ରକୃତି ପରିବର୍ତ୍ତନ କରି ଦେଇଅଛନ୍ତି । ସ୍ଥଳ ବିଶେଷରେ ତେଲୁଗୁ ସମ୍ମିଶ୍ରଣର ସୂଚନା ମଧ୍ୟ ମିଳେ ।

ଉପରେ ଏଠା ଓଡ଼ିଆ ଭାଷାର ଯେ ବିଶେଷତ୍ୱ ଦେଖାଇ ଦିଆଯାଇଅଛି, ତାହାର ବ୍ୟବହାର କୌଣସି ଓଡ଼ିଆ ପୁସ୍ତକରେ ଦେଖାଯାଏ ନାହିଁ । କିନ୍ତୁ ଓଡ଼ିଆ ଭାଷା ଯେ ବିଭିନ୍ନ ସ୍ଥାନରେ ପ୍ରତିବେଶିନୀ ଭାଷାମାନଙ୍କଦ୍ୱାରା ପ୍ରଭାବିତ ହୋଇ କ୍ରମଶଃ କିପରି ଅଦ୍ଭୁତ ଆକାର ଧାରଣ କରିଅଛି ଓ କରୁଅଛି, ତାହା ଦେଖାଇବା ହିଁ ଏ ପ୍ରବନ୍ଧର ଉଦ୍ଦେଶ୍ୟ । କେଉଁ କେଉଁ ଭାଷାର ପ୍ରଭାବରେ, କେବେ ଓ କିପରି ଏଠା ଓଡ଼ିଆ ଭାଷା ଏପରି ପରିବର୍ତ୍ତିତ ହୋଇଅଛି, ତାହା ଭାଷାତତ୍ତ୍ୱବିଦ୍‌ମାନଙ୍କର ଗବେଷଣାର ବିଷୟ ।

ସହକାର, ୧୧ଶ ଭାଗ, ୧୧ ସଂଖ୍ୟା

Digitized by srujanika@gmail.com

ଭାରତର ସନ୍ଧାନ

ପଣ୍ଡିତ ଜବାହାରଲାଲ ନେହେରୁ

ସୈନ୍ଧବ ଉପତ୍ୟକା ସଭ୍ୟତା

ଅନୁବାଦ - ଶ୍ରୀଧର ଦାସ

ସିନ୍ଧୁ ପ୍ରଦେଶର ମହେଞ୍ଜୋଦାରୋ ଓ ପଶ୍ଚିମ ପଞ୍ଜାବର ହରପ୍ପାରୁ ଯେଉଁ ସୈନ୍ଧବ ଉପତ୍ୟକା ସଭ୍ୟତାର ନିଦର୍ଶନ ଆବିଷ୍କୃତ ହୋଇଅଛି ତାହା ଅତୀତ ଭାରତର ପ୍ରାଚୀନତମ ନିଦର୍ଶନ । ଏହି ସ୍ଥାନ ଦ୍ୱୟର ଖନନ ଫଳରେ ଭାରତର ପ୍ରାଚୀନ ଇତିହାସ ସମ୍ବନ୍ଧରେ ଧାରଣା ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଇଅଛି । ଦୁଃଖର ବିଷୟ ଏହି ଯେ ଏହି ସ୍ଥାନମାନଙ୍କରେ ଖନନ କାର୍ଯ୍ୟ ଆରମ୍ଭ ହେବାର ଅଳ୍ପ କେତେକ ବର୍ଷ ପରେ ବନ୍ଦ କରି ଦିଆଗଲା ଓ ଗତ ତେରବର୍ଷ ମଧ୍ୟରେ ଉଲ୍ଲେଖଯୋଗ୍ୟ କୌଣସି କାର୍ଯ୍ୟ ହୋଇ ନାହିଁ କହିଲେ ଚଳେ । ଏହି ଶତାବ୍ଦୀର ତୃତୀୟ ଦଶକରେ ଯେଉଁ ଅର୍ଥାଭାବ ଦେଖାଗଲା ତାହାରି ଫଳରେ ଏହି ଖନନ କାର୍ଯ୍ୟ ବନ୍ଦ କରାଗଲା ବୋଲି କୁହାଯାଉଥିଲେ ହେଁ ରାଜକୀୟ ଆଡ଼ମ୍ବର ପ୍ରଦର୍ଶନ ପାଇଁ ସରକାରଙ୍କ ଅର୍ଥଭାବ ଦେଖାଯାଉ ନ ଥିଲା । ପୃଥିବୀବ୍ୟାପୀ ଦ୍ୱିତୀୟ ମହାଯୁଦ୍ଧ ଫଳରେ ଜୀବନ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଗଲା, ଏପରିକି ଯେଉଁ ଦ୍ରବ୍ୟଗୁଡ଼ିକ ପୃଥିବୀ ଗର୍ଭରୁ ଉଦ୍ଧାର କରାଯାଇଥିଲା, ସେଗୁଡ଼ିକର ସଂରକ୍ଷଣ ଦିଗରେ ଯଥୋଚିତ ଦୃଷ୍ଟି ଦିଆଗଲା ନାହିଁ । ଥରେ ୧୯୩୧ ମସିହାରେ ଓ ଆଉ ଥରେ ୧୯୩୬ ମସିହାରେ ମୁଁ ମହେଞ୍ଜୋଦାରୋ ଦେଖିବାକୁ ଯାଇଅଛି । ଦ୍ୱିତୀୟ ଥର ମୁଁ ଦେଖିବାକୁ ପାଇଛି ଯେ, ଭୂଗର୍ଭରୁ ଖୋଦିତ ଅନେକ ଗୃହ, ବୃଷ୍ଟି ଓ ରୌଦ୍ରଦ୍ୱାରା ନଷ୍ଟ ହେବାକୁ ବସିଲାଣି । ଧୂଳି ମାଟି ତଳେ ପାଞ୍ଚହଜାର ବର୍ଷରୁ ଅଧିକକାଳ ସୁରକ୍ଷିତ ହୋଇ ରହିବା ପରେ ସେଗୁଡ଼ିକ ପ୍ରକୃତିର ଧ୍ୱଂସକାରୀ ପ୍ରଭାବରେ ବିନଷ୍ଟ ହୋଇଯାଉ ଅଛନ୍ତି ଅଥଚ ପ୍ରାଚୀନ ଯୁଗର ଏହି ଅମୂଲ୍ୟ କୀର୍ତ୍ତିଗୁଡ଼ିକ ରକ୍ଷା କରିବା ପାଇଁ କିଛି ମାତ୍ର ଚେଷ୍ଟା କରାଯାଉ ନାହିଁ । ପ୍ରତ୍ନତତ୍ତ୍ୱ ବିଭାଗର କର୍ମଚାରୀଙ୍କ ଆପତ୍ତି ଯେ ଖୋଦିତ କୀର୍ତ୍ତିଗୁଡ଼ିକୁ ପୂର୍ବତନ ଅବସ୍ଥାରେ ରକ୍ଷା କରିବା ପାଇଁ ତାଙ୍କଠାରେ କୌଣସି ପାଣ୍ଠି ନାହିଁ କିମ୍ବା ସେ କୌଣସି ସାହାଯ୍ୟ ପାଇ ପାରୁ ନାହାନ୍ତି । ଗତ ଆଠବର୍ଷରେ ଯେ କଅଣ କରାଯାଇଅଛି ମୁଁ ଜାଣେ ନାହିଁ,

Digitized by srujanika@gmail.com

ମାତ୍ର ମୋର ମନେହୁଏ, ପ୍ରକୃତିର ଧ୍ୱଂସକ୍ରିୟା ଚାଲିଅଛି ଏବଂ ହୁଏତ ଆଉ କେତେ ବର୍ଷ ପରେ ମହେଞ୍ଜୋଦାରୋର ବିଶିଷ୍ଟ ଦୃଶ୍ୟ ସବୁ ବିଲୀନ ହୋଇଯିବ ।

ଏହି ଅବହେଳା ଅକ୍ଷମଣୀୟ । ଥରେ ନଷ୍ଟ ହୋଇଗଲେ ଏ ସବୁ ଆଉ ପୂରଣ କରାଯାଇ ନ ପାରେ । ତା'ହେଲେ କେବଳ କେତେକ ପ୍ରତିକୃତି ଓ ଲିଖିତ ବିବରଣ ଛଡ଼ା ଏହାର ଆଉ କିଛି ସଙ୍କେତ ରହିବ ନାହିଁ ।

ମହେଞ୍ଜୋଦାରୋ ଓ ହରପ୍ପା ପରସ୍ପରଠାରୁ ବହୁ ଦୂରରେ ଅବସ୍ଥିତ । ଏହି ଦୁଇ ସ୍ଥାନରେ ପ୍ରାଚୀନ ଯୁଗର ଦୁଇଟି ନଗର ଆବିଷ୍କୃତ ହେବା ସମ୍ପୂର୍ଣ୍ଣ ଦୈବୀ ଘଟଣା । ଏହି ଦୁଇ ସ୍ଥାନ ମଧ୍ୟରେ ଯେ ଅନେକ ପ୍ରାଚୀନନଗର ଓ ପ୍ରାଚୀନ ମାନବଙ୍କର କୃତି ଭୂଗର୍ଭରେ ନିହିତ ଅଛି, ଏଥିରେ ସନ୍ଦେହ ନାହିଁ । କହିବାକୁ ଗଲେ ଏହି ପ୍ରାଚୀନ ଯୁଗର ସଭ୍ୟତା ଭାରତର ଅଧିକାଂଶ ସ୍ଥାନରେ ପ୍ରଭାବ ବିସ୍ତାର କରିଥିଲା । ଉତ୍ତର ଭାରତରେ ଏହି ସଭ୍ୟତାର ପ୍ରଭାବ ଥିବା ସୁନିଶ୍ଚିତ ରୂପେ କୁହାଯାଇପାରେ । ହୁଏତ ପୁଣି କେବେ ପୃଥିବୀ ଗର୍ଭରୁ ପ୍ରାଚୀନ ଭାରତକୁ ଉଦ୍ଧାର କରିବାର ଚେଷ୍ଟା ହେବ ଏବଂ ନୂତନ ନୂତନ ଆବିଷ୍କାର ଲୋକଲୋଚନକୁ ଆସିବ । ପଶ୍ଚିମରେ କାଥିଆବାଡ଼ ଏବଂ ପଞ୍ଜାବର ଅମ୍ବାଲା ଜିଲ୍ଲା ମଧ୍ୟରେ ଏହି ପ୍ରାଚୀନ ସଭ୍ୟତାର ନିଦର୍ଶନ ଥିବାର ଜଣାପଡ଼ି ଅଛି ଏବଂ ଏହି ସଭ୍ୟତା ଗାଙ୍ଗେୟ ଉପତ୍ୟକାରେ ବ୍ୟାପିଥିଲା ବୋଲି ବିଶ୍ୱାସ କରିବାର ଯଥେଷ୍ଟ କାରଣ ଅଛି । ତେଣୁ ଏ ସଭ୍ୟତାକୁ କେବଳ ସୈନ୍ଧବ ଉପତ୍ୟକା ସଭ୍ୟତା କହିଲେ ଯଥେଷ୍ଟ ହେବ ନାହିଁ । ମହେଞ୍ଜୋଦାରୋରୁ ଆବିଷ୍କୃତ ଶିଳାଲିପିଗୁଡ଼ିକର ପାଠୋଦ୍ଧାର ଆଜି ସୁଦ୍ଧା ହୋଇପାରି ନାହିଁ ।

ବର୍ତ୍ତମାନ ପର୍ଯ୍ୟନ୍ତ ଏ ସମ୍ବନ୍ଧରେ ଯାହା ଜଣାଯାଇଛି ତାହା ଅତ୍ୟନ୍ତ ମୂଲ୍ୟବାନ । ସୈନ୍ଧବ ଉପତ୍ୟକା ସଭ୍ୟତା ଅତ୍ୟନ୍ତ ଉନ୍ନତ ଥିଲା । କୌଣସି ସଭ୍ୟତା ଏହି ସ୍ତରରେ ପହଞ୍ଚିବା ପାଇଁ ନିଶ୍ଚୟ ସହସ୍ର ସହସ୍ର ବର୍ଷ ଲାଗିଥିବ । ବିସ୍ମୟର କଥା ଏହି ଯେ ଏହି ସଭ୍ୟତା ପ୍ରଧାନତଃ ଧର୍ମନିରପେକ୍ଷ ଥିଲା । ଏଥିରେ ଯେ ଧର୍ମର ସ୍ଥାନ ନ ଥିଲା ତାହା ନୁହେଁ, ମାତ୍ର ଧର୍ମର ପ୍ରାଧାନ୍ୟ ନ ଥିଲା । ଏହି ସଭ୍ୟତା ପରବର୍ତ୍ତୀ ଯୁଗର ଭାରତୀୟ ସଂସ୍କୃତିର ଅଗ୍ରଦୂତ ଥିଲା ବୋଲି ନିଃସନ୍ଦେହ ରୂପେ କୁହାଯାଇପାରେ ।

Digitized by srujanika@gmail.com

ଜନ୍ ମାର୍ଶାଲ ସାହେବ ଲେଖିଛନ୍ତି, "ଗୋଟିଏ କଥା ନିଃସନ୍ଦେହ ରୂପେ ଜଣାଯାଏ ଯେ ମହେଞ୍ଜୋଦାରୋ ଓ ହରପ୍ପାକୁ ଯେଉଁ ସଭ୍ୟତାର ନିଦର୍ଶନ ମିଳେ ତାହା ନିର୍ଜୀବ ଓ ଗତିହୀନ ନ ଥିଲା । ବରଂ ଏହି ସଭ୍ୟତା ସହସ୍ର ସହସ୍ର ବର୍ଷର ମାନବିକ ଅଧ୍ୟବସାୟ ଫଳରେ ଭାରତରେ ପ୍ରତିଷ୍ଠିତ ହୋଇଥିଲା । ତେଣୁ ଯେଉଁ ପାରସ୍ୟ, ମେସୋପଟାମିଆ ଏବଂ ଇଜିପ୍ଟ ପ୍ରଭୃତି ଦେଶରେ ସଭ୍ୟତାର ଧାରା ଉତ୍ପତ୍ତି ଓ ଉନ୍ନତି ଲାଭ କରିଥିଲା ସେହି ଦେଶମାନଙ୍କ ସଙ୍ଗେ ଭାରତକୁ ଗଣନା କରିବାକୁ ହେବ । ସମଗ୍ର ଭାରତ ନ ହେଲେ ମଧ୍ୟ ଅନ୍ତତଃ ପଞ୍ଜାବ ଓ ସିନ୍ଧୁ ପ୍ରଦେଶରେ ଗୋଟିଏ ସ୍ୱତନ୍ତ୍ର ଓ ଉନ୍ନତ ସଭ୍ୟତାର ବିକାଶ ଘଟିଥିଲା । ଏହା ସମସାମୟିକ ମେସୋପଟାମିଆ ଓ ଇଜିପ୍ଟର ସଭ୍ୟତାଠାରୁ ପୃଥକ୍ ଥିଲେ ହେଁ କେତେକ ବିଷୟରେ ତାହାଠାରୁ ଉନ୍ନତତର ଥିଲା ।"

ସୈନ୍ଧବ ଉପତ୍ୟକାର ଲୋକେ ତତ୍କାଳୀନ ସୁମେରୀୟ ସଭ୍ୟତା ସହିତ ଅନେକ ବିଷୟରେ ସଂସର୍ଗ ରଖିଥିଲେ । ଏପରିକି ଆକଦରେ ଭାରତୀୟ ବଣିକମାନଙ୍କର ଗୋଟିଏ ଉପନିବେଶ ଥିବାର ସୂଚନା ମିଳେ । ଭାରତୀୟ ସହରମାନଙ୍କରେ ନିର୍ମିତ ଦ୍ରବ୍ୟମାନ ଇଉଫ୍ରେଟିସ୍ ଓ ଟାଇଗ୍ରିସ୍ ତୀରସ୍ଥ ନଗରମାନଙ୍କରେ ବିକ୍ରିତ ହେଉଥିଲା ଏବଂ ସେହିପରି କେତେକ ସୁମେରୀୟ ଶିଳ୍ପ, ମେସୋପଟାମିଆର ପ୍ରସାଧନ ସାମଗ୍ରୀ ଓ ଦୀର୍ଘ ଗୋଲାକାର ମୋହର ଭାରତରେ ଅନୁକରଣ କରାଯାଉଥିଲା । କେବଳ ଯେ କଞ୍ଚାମାଲ ଓ ବିଳାସ ଦ୍ରବ୍ୟର ବାଣିଜ୍ୟ ଚାଲୁଥିଲା ତାହା ନୁହେଁ; ଆରବ ସାଗର ନିକଟରେ ଥିବା ସ୍ଥାନମାନଙ୍କରୁ ମହେଞ୍ଜୋଦାରୋକୁ ନିୟମିତ ଭାବରେ ମତ୍ସ୍ୟ ପ୍ରେରିତ ହେଉଥିଲା ।

ଏହି ସୁଦୂର ଅତୀତ ଯୁଗରେ ମଧ୍ୟ ଭାରତରେ କାର୍ପାସ ବସ୍ତ୍ର ବ୍ୟବହୃତ ହେଉଥିଲା । ମାର୍ଶାଲ ସାହେବ ସୈନ୍ଧବ ଉପତ୍ୟକା ସଭ୍ୟତାକୁ ସମସାମୟିକ ଇଜିପ୍ଟ ଓ ମେସୋପଟାମିଆଁର ସଭ୍ୟତା ସଙ୍ଗେ ତୁଳନାରେ କହିଅଛନ୍ତି ଯେ, "ସେତେବେଳେ କେବଳ ଭାରତରେ ହିଁ ବସ୍ତ୍ର ଉତ୍ପାଦନ ପାଇଁ କାର୍ପାସ ବ୍ୟବହୃତ ହେଉଥିଲା । ଏହାର ଦୁଇ ତିନ ହଜାର ବର୍ଷ ପରେ ପାଶ୍ଚାତ୍ୟ ଦେଶର ଲୋକେ ବସ୍ତ୍ର ଉଦ୍ଦେଶ୍ୟରେ କାର୍ପାସର ବ୍ୟବହାର ଜାଣିଲେ । ମହେଞ୍ଜୋଦାରୋର ଅଧିବାସୀମାନେ ଯେଉଁ ପ୍ରଶସ୍ତ

Digitized by srujanika@gmail.com

ଆବାସଗୃହ ଓ ସୁନ୍ଦର ସ୍ନାନାଗାର ବ୍ୟବହାର କରିଥିଲେ ତାହା ସଙ୍ଗେ ତୁଳନା କରିବା ପାଇଁ ପ୍ରାଗୈତିହାସିକ ଇଜିପ୍ଟ, ମେସୋପଟାମିଆ ବା ପଶ୍ଚିମ ଏସିଆର ଅନ୍ୟତ୍ର କିଛି ନାହିଁ । ସେହି ଦେଶମାନଙ୍କରେ ଦେବତାଙ୍କ ପାଇଁ ପ୍ରକାଣ୍ଡ ମନ୍ଦିର, ରାଜାମାନଙ୍କ ପାଇଁ ବିଶାଳ ପ୍ରାସାଦ ଓ ସମାଧି ମନ୍ଦିର ନିର୍ମାଣରେ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟିତ ହେଉଥିଲେ ହେଁ ସାଧାରଣ ଲୋକେ ମୃତ୍ତିକା ନିର୍ମିତ କ୍ଷୁଦ୍ର କୁଟୀରରେ ସନ୍ତୁଷ୍ଟ ରହିବାକୁ ବାଧ ହେଉଥିଲେ । ମାତ୍ର ସୈନ୍ଧବ ଉପତ୍ୟକାରେ ଏହାର ସମ୍ପୂର୍ଣ୍ଣ ବିପରୀତ ଚିତ୍ର ଦେଖିବାକୁ ମିଳେ । ଏଠାରେ ଅତ୍ୟୁତ୍କୃଷ୍ଟ ଗୃହଗୁଡ଼ିକ ଲୋକମାନଙ୍କର ବ୍ୟବହାରରେ ଲାଗୁଥିଲା । ମହେଞ୍ଜୋଦାରୋରୁ ଆବିଷ୍କୃତ ହୋଇଥିବା ସାଧାରଣ ଓ ବ୍ୟକ୍ତିବିଶେଷଙ୍କ ପାଇଁ ନିର୍ଦ୍ଦିଷ୍ଟ ସ୍ନାନାଗାର ଓ ଉନ୍ନତ ଧରଣର ଜଳନିଷ୍କାସନ ପ୍ରଣାଳୀ ପ୍ରାଚୀନତମ ଓ ଅନ୍ୟ କୌଣସିଠାରେ ଏହାର ନିଦର୍ଶନ ପରିଦୃଷ୍ଟ ହୋଇ ନାହିଁ । ସ୍ନାନାଗାର, ଭୃତ୍ୟମାନଙ୍କର ବାସଗୃହ, ଚାରିପାଖେ ଉନ୍ମୁକ୍ତ ସ୍ଥାନ ପ୍ରଭୃତି ସହ ପୋଡ଼ା ଇଟାରେ ନିର୍ମିତ ଦ୍ୱିତଳ ପ୍ରସାଦ ଏଠାରେ ଦେଖାଯାଏ । ଏହା ବ୍ୟକ୍ତିଗତ ବ୍ୟବହାରରେ ଲାଗୁଥିଲା ।

ମାର୍ଶାଲ ସାହେବ ନିଜେ ଖନନ କାର୍ଯ୍ୟରେ ନିଯୁକ୍ତ ଥିଲେ ଏବଂ ସୈନ୍ଧବ ଉପତ୍ୟକାର ସଭ୍ୟତା ବିଷୟରେ ତାଙ୍କର ମତ ସ୍ୱୀକାର୍ଯ୍ୟ । ସେ ଲେଖିଅଛନ୍ତି, ଏଠାର କାରୁକାର୍ଯ୍ୟ ଓ ଧର୍ମ ବିଷୟରେ ମଧ୍ୟ ସ୍ୱାତନ୍ତ୍ର୍ୟ ଥିଲା । ଏ ସ୍ଥାନରୁ ଆବିଷ୍କୃତ ମୃତ୍ତିକା ନିର୍ମିତ ମେଷ, ଶ୍ୱାନ ଓ ଅନ୍ୟାନ୍ୟ ଜୀବ, ମୋହର ନିମନ୍ତେ ଖୋଦିତ ମୂର୍ତ୍ତି ବିଶେଷତଃ କ୍ଷୁଦ୍ରଶୃଙ୍ଗ ଓ କକୁଦ ବିଶିଷ୍ଟ ବୃଷଭର ତତ୍‌କାଳୀନ ଅନ୍ୟ କୌଣସି କାରୁକାର୍ଯ୍ୟ ସହିତ ସାମ୍ୟ ନାହିଁ । ଖୋଦିତ ଶିଳ୍ପ ଦିଗରେ କୌଣସିଠାରେ ଏହାଠାରୁ ଉନ୍ନତତର କିଛି ମିଳି ନାହିଁ । ହରପ୍ପାରୁ ଯେଉଁ ଦୁଇଟି କ୍ଷୁଦ୍ର ମାନବ ମୂର୍ତ୍ତି ମିଳିଅଛି ତାହା ସଙ୍ଗେ ତୁଳନା କରିବା ପାଇଁ ଗ୍ରୀକ୍ କଳାଯୁଗର ଅଭ୍ୟୁଦୟ ପର୍ଯ୍ୟନ୍ତ ଆଉ କିଛି ନାହିଁ । ଅବଶ୍ୟ ଧର୍ମ ଦିଗରେ ସୈନ୍ଧବ ଉପତ୍ୟକାର ଅଧିବାସୀମାନଙ୍କର ଅନ୍ୟ ଦେଶର ଅଧିବାସୀଙ୍କ ସହିତ ଅନେକ ସାମ୍ୟ ଥିଲା । ପ୍ରତ୍ୟେକ ପ୍ରାଗୈତିହାସିକ ଓ ଐତିହାସିକ ଯୁଗର ଧର୍ମ ସମ୍ବନ୍ଧରେ ମଧ୍ୟ ଏହା ସତ୍ୟ ଅଟେ । ମାତ୍ର ସ୍ଥୂଳତଃ ଦେଖିବାକୁ ଗଲେ, ସେମାନଙ୍କର ଧର୍ମରେ ଭାରତର ଏପରି ଏକ ବୈଶିଷ୍ଟ୍ୟ ଥିଲା ଯେ, ଆଧୁନିକ ହିନ୍ଦୁଧର୍ମଠାରୁ ତାହାର ପାର୍ଥକ୍ୟ ନିର୍ଣ୍ଣୟ କରାଯାଇ ନ ପାରେ ।"

Digitized by srujanika@gmail.com

ଏଥିରୁ ଜଣାଯିବ ଯେ ପ୍ରାଚୀନ ସୈନ୍ଧବ ଉପତ୍ୟକା ସଭ୍ୟତା ସମସାମୟିକ ପାରସ୍ୟ, ମେସୋପଟାମିଆଁ ଓ ଇଜିପ୍ଟର ସଭ୍ୟତା ସହିତ ସମ୍ପୃକ୍ତ ଥିଲା ଏବଂ କେତେକ ବିଷୟରେ ତାହାଠାରୁ ଉନ୍ନତତର ଥିଲା । ଏହା ଏକପ୍ରକାର ନାଗରିକ ସଭ୍ୟତା ଥିଲା ଏବଂ ଏଥିରେ ବଣିକ ଶ୍ରେଣୀ ପ୍ରଧାନ ସ୍ଥାନ ଅଧିକାର କରିଥିଲେ । ଏଠାରେ ବଜାରର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଘର ଓ ଛୋଟ ଦୋକାନଗୁଡ଼ିକ ଆଧୁନିକ ଭାରତୀୟ ବଜାର କଥା ସ୍ମରଣ କରାଇ ଦିଏ । ପ୍ରଫେସର ଚାଇଲଡ୍‌ ଲେଖିଅଛନ୍ତି, ସୈନ୍ଧବ ଉପତ୍ୟକାର ସହରମାନଙ୍କରେ ବାସ କରୁଥିବା କାରିଗରମାନେ ବାଣିଜ୍ୟୋପଯୋଗୀ ଦ୍ରବ୍ୟମାନ ଉତ୍ପାଦନ କରୁଥିଲେ । ମାତ୍ର କି ପ୍ରକାର ମୁଦ୍ରା ପ୍ରଚଳିତ ଥିଲା ଏବଂ ଉତ୍ପନ୍ନ ଦ୍ରବ୍ୟର ଆଦାନ ପ୍ରଦାନ ନିମନ୍ତେ କି ପ୍ରକାର ମୂଲ୍ୟ ନିର୍ଦ୍ଧାରିତ ଥିଲା, ତାହା ନିର୍ଦ୍ଦିଷ୍ଟ ରୂପେ ଜଣାଯାଏ ନାହିଁ । ପ୍ରଶସ୍ତ ବ୍ୟକ୍ତିଗତ ଗୃହ ସହିତ ଯେଉଁ ଭଣ୍ଡାର ଘର ସବୁ ସଂଲଗ୍ନ ଅଛି, ସେଗୁଡ଼ିକ ବଣିକମାନଙ୍କର ଥିଲା ବୋଲି ସ୍ୱଚ୍ଛନ୍ଦରେ ଅନୁମାନ କରାଯାଇପାରେ । ଏ ପ୍ରକାର ଗୃହର ସଂଖ୍ୟା ଓ ଆକାରରୁ ଜଣାଯାଏ ଯେ ବଣିକ ଶ୍ରେଣୀ କ୍ଷମତାପନ୍ନ ଓ ବିଭବଶାଳୀ ଥିଲେ । ଭଗ୍ନସ୍ତୂପ ମଧ୍ୟରୁ ବହୁଳ ପରିମାଣରେ ସ୍ୱର୍ଣ୍ଣ ରୌପ୍ୟ ଓ ମୂଲ୍ୟବାନ ପ୍ରସ୍ତର ନିର୍ମିତ ଅଳଙ୍କାର, ମୃତ୍ତିକା ନିର୍ମିତ ପାତ୍ର, ତାମ୍ରପାତ୍ର ଓ ଧାତୁ ନିର୍ମିତ ଅସ୍ତ୍ରଶସ୍ତ୍ର ସଂଗୃହୀତ ହୋଇଅଛି । ସୁଚିନ୍ତିତ ପ୍ରଣାଳୀରେ ନିର୍ମିତ ଗଳି ଓ ନିୟମିତ ଭାବରେ ଜଳ ନିଷ୍କାସନର ସୁନ୍ଦର ବ୍ୟବସ୍ଥାରୁ ଅନୁମାନ କରାଯାଏ ଯେ ସେ ସମୟରେ ମ୍ୟୁନିସିପାଲିଟି ଶାସନର ବ୍ୟବସ୍ଥା ଥିଲା । ଏହି ଶାସନ ଦୃଢ଼ ଥିବାରୁ ବନ୍ୟା ହେତୁ ବାରମ୍ବାର ନିର୍ମାଣ କାର୍ଯ୍ୟ ଚାଲୁଥିଲେ ହେଁ ସହର ନିର୍ମାଣ ସମ୍ବନ୍ଧୀୟ ନିୟମର ବ୍ୟତିକ୍ରମ ହେଉ ନ ଥିଲା ଓ ନିର୍ଦ୍ଦିଷ୍ଟ ବଜାର ଓ ଗଳିଗୁଡ଼ିକ ସୁରକ୍ଷିତ ଥିଲା ।

ଏହି ସୈନ୍ଧବ ଉପତ୍ୟକା ସଭ୍ୟତା ଓ ଆଧୁନିକ ଭାରତୀୟ ସଭ୍ୟତା ମଧ୍ୟରେ ଯେଉଁ ସମୟ ବ୍ୟବଧାନ ଅଛି, ସେଥିମଧ୍ୟରୁ କେତେକ ଯୁଗ ବିଷୟରେ ଆମ୍ଭେମାନେ କିଛି ହିଁ ଜାଣୁ ନାହିଁ । ଗୋଟିଏ ଯୁଗ ସହିତ ଅନ୍ୟ ଯୁଗର ସମ୍ବନ୍ଧ ଅନେକତ୍ର ସୁସ୍ପଷ୍ଟ ନୁହେଁ । ମାତ୍ର ଏହି ସମୟ ମଧ୍ୟରେ ଅନେକ ପରିବର୍ତ୍ତନ ଘଟିଥିବା ସୁନିଶ୍ଚିତ । ଏହି ପରିବର୍ତ୍ତନ ମଧ୍ୟରେ ଗୋଟିଏ ନିରବଚ୍ଛିନ୍ନତା ବିଦ୍ୟମାନ ଏବଂ ଆଧୁନିକ ଭାରତ ସହିତ ପ୍ରାୟ ଛଅ ସାତହଜାର ବର୍ଷ ପୂର୍ବବର୍ତ୍ତୀ ସୈନ୍ଧବ ଉପତ୍ୟକା ସଭ୍ୟତାର ଉପରିକାଳୀନ ଭାରତର ସମ୍ବନ୍ଧ ରହିଅଛି । ମହେଞ୍ଜୋଦାରୋ ଓ ହରପ୍ପାର

Digitized by srujanika@gmail.com

ଧ୍ୱଂସାବଶେଷ ଦେଖିଲେ କିପରି ପ୍ରାଚୀନ ପ୍ରଥା, ଶିଳ୍ପ, ବେଶଭୂଷା ପ୍ରଭୃତି ଚଳି ଆସୁଅଛି ତାହା ଉପଲବ୍ଧ କରି ବିସ୍ମିତ ହେବାକୁ ପଡ଼େ । ଏହିସବୁ ପ୍ରଥା, ଶିଳ୍ପ ଓ ବେଶଭୂଷା ପଶ୍ଚିମ ଏସିଆକୁ ମଧ୍ୟ ପ୍ରଭାବିତ କରିଥିଲା ।

ଭାରତ ଇତିହାସର ଏହି ପ୍ରାଚୀନ ଯୁଗର କଥା ବିଚାର କଲେ ଦେଖାଯାଏ ଯେ, ସେତେବେଳେ ଭାରତବର୍ଷ ଶୈଶବାବସ୍ଥାରେ ନ ଥିଲା । ଅନେକ ଦିଗରେ ତାହାର ଉନ୍ନତି ଘଟିଥିଲା । ସେତେବେଳକୁ ଭାରତବର୍ଷ କେବଳ ଅସ୍ପଷ୍ଟ ଅସମ୍ଭବ ଜଗତର ସ୍ୱପ୍ନ ଦେଖୁ ନ ଥିଲା ବା ବାସ୍ତବ ଜୀବନକୁ ଭୁଲିଯାଇ ନ ଥିଲା । ନାନାବିଧ କାରୁକାର୍ଯ୍ୟ ଓ ଜୀବନକୁ ସୁଖମୟ କରିବାର ଉପାଦାନ ନିର୍ମାଣ କରିବାରେ ଭାରତ ବହୁଦୂର ଅଗ୍ରସର ହୋଇ ସାରିଥିଲା । ସେତେବେଳେ ସେ ଯେ କେବଳ ସୌନ୍ଦର୍ଯ୍ୟ ପାଇଁ ପଦାର୍ଥ ସୃଷ୍ଟି କରିଥିଲା ତା' ନୁହେଁ, ଜୀବନ ଧାରଣର ଉପଯୋଗୀ ବିବିଧ ଦ୍ରବ୍ୟ ଏବଂ ଆଧୁନିକ ସଭ୍ୟତାର ନିଦର୍ଶନ ରୂପୀ ସ୍ନାନାଗାର ଏବଂ ଜଳ ନିଷ୍କାସନ ପ୍ରଣାଳୀ ମଧ୍ୟ ସେ କରିପାରି ଥିଲା ।

Digitized by srujanika@gmail.com

(୯) ମହାପ୍ରୟାଣ ପୂର୍ବରୁ ପଣ୍ଡିତ ଶ୍ରୀଧର ଦାସଙ୍କ ଆତ୍ମଚିନ୍ତନ

(୧୯୮୮ ମସିହା ଅପ୍ରେଲ ମାସ ୨୪ ତାରିଖରେ ଶ୍ରୀଧର ଦାସ ମୃତ୍ୟୁ ଲାଭ କରିଥିଲେ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେ ଟେପ୍‌ରେକର୍ଡ଼ ମାଧ୍ୟମରେ ତାଙ୍କର କିଛି ଆତ୍ମଚିନ୍ତନରୁ ବ୍ୟକ୍ତ କରିଥିଲେ । ଦୁଇଟି ପର୍ଯ୍ୟାୟରେ ସ୍ୱତଃପ୍ରବୃତ୍ତ ଭାବରେ ଉପସ୍ଥାପିତ କରାଯାଇଥିବା ଏହି ବକ୍ତବ୍ୟରେ ରହିଛି ମଣିଷ ଜୀବନ ସମ୍ବନ୍ଧରେ ଗଭୀର ଚିନ୍ତା ଓ ବିଚାର । ଏହାକୁ ତାଙ୍କ ଆତ୍ମଜୀବନୀର ପରିପୂରକ ଭାବେ ଗ୍ରହଣ କରାଯାଇପାରେ ।

ଏହାର ପାଠୋଦ୍ଧାର କରିଛନ୍ତି ଶ୍ରୀଧର ଦାସଙ୍କ ଜୀବନୀ ଲେଖକ ତଥା ଏହି ଗ୍ରନ୍ଥର ସମ୍ପାଦକ ଡ. ରବି ନାରାୟଣ ମହାରଣା ।

ଏକ

ଆଜି ୧୯୮୭ ମସିହା ମାର୍ଚ୍ଚ ମାସ ୫ ତାରିଖ, ଗୁରୁବାର । ଆଜି ମୁଁ ମୋର ଦୀର୍ଘ ୮୭ ବର୍ଷ ଜୀବନକାଳର ସ୍ମୃତିଚାରଣ କରିବାକୁ ଯାଇ, ଯାହା କିଛି ମନେପଡୁଛି ତାହା ଏଠାରେ ସ୍ମୃତ୍ୟାବଦ୍ଧ କରୁଛି । ମୋର ଏହି ଦୀର୍ଘ ୮୭ ବର୍ଷର ଅନୁଭୂତିରୁ ଯାହା ମୁଁ ଶିକ୍ଷା କରିଛି, ତାହା ଏହିଠାରେ କହିବାକୁ ଇଚ୍ଛା କରୁଛି । ଯେତେବେଳେ ମନୁଷ୍ୟର ଶରୀରରେ ଏବଂ ମନରେ ବଳ ଥାଏ, ସେତେବେଳେ ସେ ପୁରୁଷାକାର ଉପରେ ବିଶେଷ ଭାବରେ ନିର୍ଭର କରେ । ସେତେବେଳେ ସେ ଧରାକୁ ସରା ମନେ କରିବାକୁ କୁଣ୍ଠିତ ହୁଏ ନାହିଁ । କିନ୍ତୁ ଯେତେବେଳେ ଜରା ଗ୍ରାସ କରେ, ବୟସ ବୃଦ୍ଧି ପାଏ, ଶରୀର ଏବଂ ମନର ବଳ କମିଯାଏ, ସେତେବେଳେ ସେ ବାଧ୍ୟ ହୋଇ ଗୋଟିଏ କୌଣସି ଦୈବୀ ଶକ୍ତି ଉପରେ ବିଶ୍ୱାସ କରିବାକୁ ବାଧ୍ୟ ହୁଏ ।

ପୁରାଣରେ ବର୍ଣ୍ଣିତ ଅଛି ଯେ, କର୍ଣ୍ଣ ଥରେ କହିଥିଲେ, "ଦୈବାୟତ କୁଳେଜ ଜନ୍ମ, ମମାୟତ ଚ ପୌରୁଷମ ।" ଏହି ଯେ ପୁରୁଷାକାର, ତାହା ଉପରେ ମନୁଷ୍ୟ ଯୌବନରେ ନିର୍ଭର କରିପାରେ । କିନ୍ତୁ ଏକ ସମୟ ଆସେ, ଯେତେବେଳେ ସେ ବାଧ୍ୟ ହୋଇ ଦୈବୀ ଶକ୍ତି ଉପରେ ନିର୍ଭର କରେ । ବର୍ତ୍ତମାନ ମୋର ସେହି ଅବସ୍ଥା ଆସି ଉପସ୍ଥିତ । ତେଣୁ ମୁଁ ଦେଖୁଛି ଯେ ମୋର ଜୀବନ କାଳ ଶେଷ ହେବା ଉପରେ ଏବଂ ଯେ କୌଣସି ମୁହୂର୍ତ୍ତରେ ମୋତେ ମୃତ୍ୟୁ ଗ୍ରାସ କରିପାରେ । ତେଣୁ ବର୍ତ୍ତମାନ

Digitized by srujanika@gmail.com

ମୁଁ ବାଧ୍ୟ ହୋଇ ବା ଇଚ୍ଛା କରି ଜୀବନ ଏବଂ ମୃତ୍ୟୁ ବିଷୟରେ କିଛି ଚିନ୍ତା କରିବାକୁ ଯାଉଛି ।

ଜୀବନ କ'ଣ ? ମୃତ୍ୟୁ କ'ଣ ? – ଏ ବିଷୟରେ କାହାକୁ କିଛି କହିବା ଆବଶ୍ୟକ ନାହିଁ । ପ୍ରତ୍ୟେକ ଲୋକ ଜନ୍ମ ଏବଂ ମୃତ୍ୟୁର ଅଧୀନ । ଯେତେବେଳେ ଶିଶୁଟିଏ ଜନ୍ମ ହୁଏ, ସେତେବେଳେ ତାହାଠାରେ ଯେଉଁ ଜୀବନୀଶକ୍ତି ଆସେ, ସେ କିପରି ମାତୃଗର୍ଭରୁ ପୃଥିବୀକୁ ଆସେ ? – ଏ ବିଷୟରେ ବୈଜ୍ଞାନିକମାନଙ୍କର ମଧ୍ୟ ଏ ପର୍ଯ୍ୟନ୍ତ ସନ୍ଦେହ ରହିଅଛି । ଅବଶ୍ୟ ଭ୍ରୂଣ ଅବସ୍ଥାରେ ଜୀବନସତ୍ତା ଥାଏ, କିନ୍ତୁ ସେହି ଯେଉଁ ମାତୃ ନାଡ଼ି ସହିତ ସମ୍ପର୍କ ସେଇଟା ଛିନ୍ନ ହେଲା ପରେ କିପରି ସେ ଜୀବନୀଶକ୍ତି ଆସେ ଏବଂ ସେହି ସ୍ୱତନ୍ତ୍ର ସତ୍ତା ଉପସ୍ଥିତ ହୁଏ, ସେ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନାହିଁ । ସେହିପରି ମନୁଷ୍ୟ ମୃତ୍ୟୁ ପରେ ସେ କୁଆଡ଼େ ଯାଏ ବା ତାହାର କି ଅବସ୍ଥା ପ୍ରାପ୍ତି ହୁଏ – ସେ ବିଷରେ କେହି ଏ ପର୍ଯ୍ୟନ୍ତ କୌଣସି ସମାଧାନ କରିପାରି ନାହାନ୍ତି ।

ଅଧିକାଂଶ ଧର୍ମରେ ଗୋଟିଏ ପରଜନ୍ମର ବିଶ୍ୱାସ ରହିଛି । ପ୍ରକୃତରେ ପରଜନ୍ମ ଅଛି କି ନା – ଏ ବିଷୟରେ ଘୋର ସନ୍ଦେହ ଅଛି । କାରଣ କୌଣସି ଲୋକ ମୃତ୍ୟୁ ପରେ ପୁଣି ଫେରିଆସି ତା'ର ଅଭିଜ୍ଞତା ପ୍ରକାଶ କରି ନାହିଁ କି କରିବାର ସମ୍ଭାବନା ନାହିଁ । ତେଣୁ ଆମମାନଙ୍କୁ କେବଳ ଏଇ ପ୍ରାଚୀନ ପରମ୍ପରା ଅନୁସାରେ ଯାହା ଶୁଣି ଆସିଥାଉ, ସେହି କଥାକୁ ବିଶ୍ୱାସ କରିବାକୁ ହୁଏ । ଊଣାଧିକେ ପ୍ରତ୍ୟେକ ଧର୍ମରେ ପରଜନ୍ମର ବିଶ୍ୱାସ ଅଛି । ହିନ୍ଦୁମାନେ କୁହନ୍ତି ମନୁଷ୍ୟ ମୃତ୍ୟୁ ପରେ ତା'ର ଆତ୍ମା ଭୂତ, ପ୍ରେତ ଇତ୍ୟାଦି ଆକାରରେ ବହୁକାଳ ଧରି ଅନ୍ୟ ଶରୀର ଗ୍ରହଣ କରେ । ସେହିପରି ଗ୍ରୀକ୍‌ମାନେ ବିଶ୍ୱାସ କରୁଥିଲେ ଯେ ମନୁଷ୍ୟ ମରିଯିବା ପରେ ତା'ର ଆତ୍ମା ଅନ୍ୟ ଶରୀରରେ, ଏପରିକି ବୃକ୍ଷ, ଲତା ପ୍ରଭୃତିଙ୍କ ଶରୀରରେ ମଧ୍ୟ ପ୍ରବେଶ କରେ । ଯେତେବେଳେ ପ୍ରସିଦ୍ଧ ଦାର୍ଶନିକଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା, ସେହି ସକ୍ରେଟିସ୍ କହିଥିଲେ, "I am going to die, you are going to live, But whether x is better or y is better, no body knows." । ଏହା ଯେ ନିରାଟ ସତ୍ୟ; ଏଥିରେ ଭୁଲ ନାହିଁ । ମନୁଷ୍ୟର ଇହଜନ୍ମ ଭଲ କି ପରଜନ୍ମ ଭଲ – ତାହା କେହି ଏ ପର୍ଯ୍ୟନ୍ତ ସ୍ଥିର କରି ନାହାନ୍ତି ।

Digitized by srujanika@gmail.com

ହିନ୍ଦୁମାନଙ୍କ ପରି ମୁସଲମାନ ଧର୍ମରେ ମଧ୍ୟ ଦୁଇଟି କଥା : ସ୍ୱର୍ଗ ଏବଂ ନର୍କ, ଏ ବିଶ୍ୱାସ ରହିଛି । ଖ୍ରୀଷ୍ଟିଆନ୍‌ମାନଙ୍କ ମତରେ ସେହିପରି ଦୁଇଟି ଏବଂ ତା'ଛଡ଼ା ଆଉ ଗୋଟିଏ ଅର୍ଥାତ୍ ହେଭେନ, ହେଲ ଆଉ ତା'ର ଏକ ମଧ୍ୟବର୍ତ୍ତୀ ଅବସ୍ଥା – ଏହିପରି ତିନୋଟି ଅବସ୍ଥାର ଉଲ୍ଲେଖ ରହିଛି । ଅର୍ଥାତ୍ ସେମାନଙ୍କ ମତରେ ଆତ୍ମାବା ମନୁଷ୍ୟ ଯେତେବେଳେ ମରିଯାଏ, ସେ ସ୍ୱକର୍ମ କରି ସ୍ୱର୍ଗକୁ ଯାଏ କି ନର୍କକୁ ଯାଏ, ଅଥବା କିଛିଦିନ ପାଇଁ ଗୋଟିଏ ମଧ୍ୟବର୍ତ୍ତୀ ସ୍ଥାନରେ ରହି ତା'ର ସ୍ୱକର୍ମଦ୍ୱାରା ସ୍ୱର୍ଗକୁ ଯିବ କି ନର୍କକୁ ଯିବ; ଏ ଯେଉଁ ବିଚାର ପ୍ରାୟ ପ୍ରତ୍ୟେକ ଧର୍ମରେ ଅଛି । ସେଥିରୁ ଗୋଟାଏ କଥା ବିଚାର କରାଯାଉଛି ଯେ, ମନୁଷ୍ୟର ଆତ୍ମା ବୋଲି ଗୋଟିଏ କିଛି ଅଛି ।

ଆତ୍ମାଟା କ'ଣ ? ସେ ବିଷୟରେ କେହି କିଛି ଧାରଣା ଦେଇ ନାହାନ୍ତି । ଆମମାନଙ୍କର ହିନ୍ଦୁଶାସ୍ତ୍ରରେ ଆତ୍ମାର ବହୁଳ ଚର୍ଚ୍ଚା ହୋଇଅଛଛି । ଗୋଟିଏ କଥା ଦେଖନ୍ତୁ ଗୀତା; ଯାହାକୁ କି ଅନେକ କୁହନ୍ତି, ହିନ୍ଦୁମାନଙ୍କ ଧର୍ମର ପ୍ରଧାନ ସାରତତ୍ତ୍ୱ ତାହାଠାରେ ଲିପିବଦ୍ଧ ହୋଇଛି । ସେହି ଗୀତାରେ ଆତ୍ମା ବିଷୟରେ ଅନେକ କଥା କୁହାଯାଇଛି । ଗୀତାରେ ଉଲ୍ଲେଖ ଅଛି, "ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ / ନ ଚୈନଂ କ୍ଲେଦୟନ୍ତି ଆପୋ ନ ଶୋଷୟତି ମାରୁତଃ ।" ଏହି ଯେ ଗୀତାର ଆତ୍ମା ବିଷୟରେ ବ୍ୟାଖ୍ୟା, ସେଥିରୁ ଜଣାଯାଏ, ଆତ୍ମା ଅମର, ଅଚ୍ଛେଦ୍ୟ, ଅଦାହ୍ୟ... ଇତ୍ୟାଦି ।

କିନ୍ତୁ ଆଧୁନିକ ଯୁଗରେ ଆମ୍ଭେମାନେ କୌଣସି କଥାକୁ ବିନା ପରୀକ୍ଷାରେ ନିରୀକ୍ଷାରେ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୁହଁ । ମୁଁ ଥରେ ଗୋଟିଏ ପତ୍ରିକାରେ ପଢ଼ିଥିଲି ଜଣେ ଡାକ୍ତର; ସେ ପରୀକ୍ଷା କରିବାକୁ ଚାହିଁଥିଲେ ଯେ ମନୁଷ୍ୟର ଯଦି କିଛି ଆତ୍ମା ବା ଜୀବନୀଶକ୍ତି ବା ପ୍ରାଣବାୟୁ ଥାଏ, ତାହା ଶରୀରରୁ ଚାଲିଯିବା ପରେ ଶରୀରର କିଛି ପରିବର୍ତ୍ତନ ହୁଏ କି ନା ? ଏହା ସେ ବୈଜ୍ଞାନିକ ପ୍ରଣାଳୀରେ ପରୀକ୍ଷା କରିଥିଲେ । ସେ କେତେକ ମନୁଷ୍ୟ ବ୍ୟକ୍ତିଙ୍କଠାରେ ଏହି ପରୀକ୍ଷା ଚଳାଇଥିଲେ । ସେ ଗୋଟିଏ ସ୍ୱଉଭାବିତ ଯନ୍ତ୍ର ସାହାଯ୍ୟରେ ମନୁଷ୍ୟ ଲୋକର ଓଜନ ପ୍ରତ୍ୟେକ ଦୁଇ ତିନି ମିନିଟ୍ ଛଡ଼ାରେ ନେଇ ଲିପିବଦ୍ଧ କଲେ । ଦେଖାଗଲା ଜୀବନ ଛାଡ଼ିବା ପୂର୍ବରୁ

Digitized by srujanika@gmail.com

ସେହି ଓଜନ ଆସ୍ତେ ଆସ୍ତେ କମିଗଲା ଏବଂ ଠିକ୍ ଯେତେବେଳେ ତା'ର ମୃତ୍ୟୁ ଘଟିଲା, ସେ ସମୟରେ ପ୍ରାୟ ଦେଢ଼ ଆଉନ୍ସ ବା ଦୁଇ ଆଉନ୍ସ ଓଜନ ହଠାତ୍ କମିଗଲା । ତେଣୁ ସେ ଧରିନେଲେ ଯେ ମନୁଷ୍ୟର ଯେଉଁ ଆତ୍ମା ବା ପ୍ରାଣବାୟୁ ବା ଯାହା କିଛି ତାକୁ କୁହନ୍ତୁ; ସେ ଚାଲିଗଲେ ମନୁଷ୍ୟର ଆତ୍ମା ଯାହା ହେଉ ନା କାହିଁକି, ତା' ଓଜନ ଏତିକି କମିଯାଏ । ତେଣୁ ସେ କହିଲେ, ଆତ୍ମାର ଓଜନ ଏତିକି । ଇଏ ଯାହା ହେଉ; ଆମେ ଆତ୍ମାରେ ବିଶ୍ୱାସ କରିବା କି ନାହିଁ – ଏ ହେଲା ଏକ ବିରାଟ ପ୍ରଶ୍ନ, ଯାହାକି ଆଜି ପର୍ଯ୍ୟନ୍ତ ସମାହିତ ହୋଇ ପାରିନାହିଁ ।

ବର୍ତ୍ତମାନ ଆଉ ଗୋଟିଏ କଥା, ସେହି ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିବା । ଆମେରିକାରେ ଏକ ରକମ ପ୍ରଣାଳୀ ବାହାରିଛି । ଯାହାଦ୍ୱାରା ମୁମୂର୍ଷୁ ଲୋକଙ୍କୁ ଫ୍ରିଜିଙ୍ଗ ପ୍ରୋସେସ୍‌ରେ ସେହି ଅବସ୍ଥାରେ ବହୁ ବର୍ଷ ପର୍ଯ୍ୟନ୍ତ ରଖା ଯାଇପାରେ ଏବଂ ଅନେକ ଦିନ ପରେ ମଧ୍ୟ ତା'ର ସେହି ଜୀବନୀଶକ୍ତିକୁ ମଧ୍ୟ ପୁନର୍ଉଦ୍ଧାର କରାଯାଇପାରେ । ଏପରିକି ସେଇଥିପାଇଁ ବହୁ ବ୍ୟୟ କରିବାକୁ ପଡ଼େ ଏବଂ ସେଥିପାଇଁ ମଧ୍ୟ ଲୋକେ ପ୍ରସ୍ତୁତ ହୋଇ ଏପରି ପରୀକ୍ଷା କରୁଛନ୍ତି । କିନ୍ତୁ ସେଠି ମଧ୍ୟ ବିରାଟ ପ୍ରଶ୍ନ ଉଠୁଛି । ଧରି ନିଆଯାଉ ଜଣେ ଲୋକକୁ ମୁମୂର୍ଷୁ ଅବସ୍ଥାରେ ଫ୍ରିଜ କରାଗଲା । ପଚାଶ ବର୍ଷ ପରେ ତାକୁ ପୁନର୍ଜୀବିତ କରାଗଲା । ସେତେବେଳକୁ ତା'ର ଶରୀରର କୌଣସି ବୃଦ୍ଧି ଘଟି ନ ଥିବ କିମ୍ବା ମାନସିକ ବୃଦ୍ଧି ଘଟି ନ ଥିବ । ଅର୍ଥାତ୍ ସେ ପଚାଶ ବର୍ଷ ପରେ ମଧ୍ୟ ସେହି ଅବସ୍ଥାରେ ଥିବ । ତେଣୁ ଏ ଅବସ୍ଥାରେ ତା'ର ବୟସ କେତେ କହିବା ? ଯଦିଓ ପ୍ରକୃତ କଥାରେ ତା'ର ଜୀବନରେ ସେ ହୁଏତ ନବେ ବର୍ଷ କଟାଇଛି । କିନ୍ତୁ ଏତେବେଳକୁ ତା'ର ବୟସ ଚାଳିଶ ବର୍ଷ ହୋଇପାରେ । କାରଣ ତାକୁ ହୁଏତ ଚାଳିଶ ବର୍ଷ ବେଳେ ଫ୍ରିଜ୍ କରା ହୋଇଥିଲା । ଏସବୁ ସମସ୍ୟା ସମାଧାନର ଉପାୟ ବାହାରିନି । ଯାହାହେଉ ଆମେ ଆତ୍ମାରେ ବିଶ୍ୱାସ କରି ଆସିଛୁ ଏବଂ କରିବୁ । ଏଇଟା ଧ୍ରୁବ ।

ଆଉ ଗୋଟିଏ କଥା; ମନୁଷ୍ୟ ସଂସାରରେ ଜନ୍ମିଲେ ସୁଖ-ଦୁଃଖ ଭୋଗ କରିବା ଅନୁସାରେ ସେ ଜୀବନରେ କାହିଁକି ଜଣେ ସୁଖ ଭୋଗ କରିବ, କାହିଁକି ଜଣେ ଦୁଃଖ ଭୋଗ କରିବ ? କିମ୍ବା କାହିଁକି ଜଣେ ବର୍ତ୍ତମାନ ସୁଖ ଭୋଗ କରିବ ଓ ପାଞ୍ଚ ବର୍ଷ ପରେ ଦୁଃଖ ଭୋଗ କରିବ; ଏହାର କାରଣ କିଛି କେହି କେବେ କହିପାରି

Digitized by srujanika@gmail.com

ନାହାନ୍ତି । ଏଇ ସୁଖ ଦୁଃଖ ଭୋଗର କାରଣ ସହିତ ଆମର ଜନ୍ମ-ଜନ୍ମାନ୍ତରର ସମ୍ପର୍କ ରହିଛି । ହିନ୍ଦୁମାନେ ଯେପରି ବିଶ୍ୱାସ କରନ୍ତି ପୂର୍ବଜନ୍ମର ଫଳ ଇହଜନ୍ମରେ ଭୋଗ କରିବାକୁ ହେବ ଓ ଇହ ଜନ୍ମର କର୍ମଫଳ ପରଜନ୍ମରେ ଭୋଗ କରିବାକୁ ହେବ । ଠିକ୍ ବୌଦ୍ଧଧର୍ମରେ ମଧ - ସେହି କଥା ରହିଛି ଏବଂ ବୁଦ୍ଧଦେବଙ୍କର ଯେଉଁ ସବୁ ପୁନର୍ଜନ୍ମର କାହାଣୀ ରହିଛି, ସେଗୁଡ଼ିକ ଜାତକ ଗଳ୍ପ ଆକାରରେ ଲିପିବଦ୍ଧ ହୋଇ ରହିଛି । ସେଥିରୁ ଜଣାଯାଏ ଯେ ବୁଦ୍ଧଦେବ ଏକ ଜନ୍ମରେ ନିର୍ବାଣ ଲାଭ କରିଥିଲେ ତାହା ନୁହେଁ; ସେ ଶତ ଶତ - ସହସ୍ର ସହସ୍ର ଜନ୍ମଲାଭ କରି ଶେଷରେ ନିର୍ବାଣ ପ୍ରାପ୍ତି ହୋଇଥିଲେ । କେତେବେଳେ ସେ ଚଢ଼ି ହୋଇଛନ୍ତି, କେତେବେଳେ ମାଙ୍କଡ଼ ହୋଇଛନ୍ତି, କେତେବେଳେ ରାଜପୁତ ହୋଇଛନ୍ତି, କେତେବେଳେ ବ୍ରାହ୍ମଣ ହୋଇଛନ୍ତି, କେତେବେଳେ ଛେଳି ହୋଇଛନ୍ତି । ଏହିପରି ସେ ବିଭିନ୍ନ ଜନ୍ମରେ ରୂପ ଗ୍ରହଣ କରିଥିଲେ । ସେହିପରି ଆମେ ମଧ ହିନ୍ଦୁଧର୍ମରେ ବିଶ୍ୱାସ କରିଛୁ । ଆମେ ଯେଉଁ ପୂର୍ବଜନ୍ମରେ ଯେ କାର୍ଯ୍ୟ କରିଥିଲୁ, ତାକୁ ଏ ଜନ୍ମରେ ଭୋଗ କରୁଛୁ । ସେହିପରି ଏ ଜନ୍ମରେ ଯାହା କରିବୁ, ତା'ର କର୍ମଫଳକୁ ପରଜନ୍ମରେ ଭୋଗିବୁ । ଏ ସତ୍ୟ ହେଉ ବା ମିଥ୍ୟା ହେଉ – ସେ ଯାହା ହେଉ, ଏଥି ଜଣାଯାଏ ଯେ ଜୀବନର ପରମ ଲକ୍ଷ୍ୟ ହେଉଛି ମୁକ୍ତି ଲାଭ । ଏହାକୁ ହିନ୍ଦୁମାନେ ମୋକ୍ଷ କୁହନ୍ତି, ବୌଦ୍ଧ କୁହନ୍ତି ନିର୍ବାଣ, ଜୈନମାନେ କୁହନ୍ତି କୈବଲ୍ୟ ପ୍ରାପ୍ତି । ସେ ଦୃଷ୍ଟିରୁ ଦେଖିବାକୁ ଗଲେ ମନୁଷ୍ୟ ସତ୍‌କାର୍ଯ୍ୟ କଲେ ଭଲ ଫଳ ପାଇବ । ମନ୍ଦ କାର୍ଯ୍ୟ କଲେ କଷ୍ଟ ଭୋଗ କରିବ ।

ଦୁଇ

ଆଜି ୨୪ ତାରିଖ ଏପ୍ରିଲ ମାସ ୧୯୮୭ ମସିହା, ଶୁକ୍ରବାର । ଗଲାଥର ମୁଁ 'ମନୁଷ୍ୟର ପୁନର୍ଜନ୍ମ ଅଛି କି ନା' - ଏ ବିଷୟରେ ଟିକିଏ ଆଭାସ ଦେଇଥିଲି । ଆମ ଭାରତବର୍ଷର ବିଶେଷତ୍ୱ ହେଉଛି, ଯେ ସକଳ ପ୍ରକାର ଚିନ୍ତାଧାରାକୁ ପ୍ରଶ୍ରୟ ଦେଇ ଆସିଛି । ଆମ ଦେଶରେ ଆତ୍ମା-ପରମାତ୍ମା, ଈଶ୍ୱର-ନିରୀଶ୍ୱର ସବୁ ପ୍ରକାରର ଅଛନ୍ତି । ଏପରିକି ନିରୀଶ୍ୱରବାଦୀ ମଧ ଆମ ଦେଶରେ ଦେଖା ଦେଇଛନ୍ତି । ଗ୍ରୀସ୍‌ରେଯ ଏପିକ୍ୟୁଲସ ବୋଲି ଜଣେ ଦାର୍ଶନିକ ଥିଲେ । ସିଏ କହୁଥିଲେ, "Each greek has the merit." ଆମ ଦେଶରେ ସେହିପରି ଜଣେ ଦାର୍ଶନିକ ବାହାରିଥିଲେ ଚାର୍ବାକ ।

Digitized by srujanika@gmail.com

ସେ କହୁଥିଲେ, "ଯାବତ୍ ଜୀବେତ୍ ସୁଖଂ ଜୀବେତ୍, ଋଣଂ କୃତ୍ୱା ଘୃତଂ ପିବେତ୍ । ଭସ୍ମୀଭୂତସ୍ୟ ଶରୀରସ୍ୟ ପୁନରାଗମନମ୍ କୁତଃ ।" ତେବେ ଏହିଥିରୁ ଜଣାଯାଉଛି ଯେ ଆମ ଦେଶରେ ଚିନ୍ତାର ସ୍ୱାଧୀନତାଟାକୁ ସବୁ କାଳରେ ପ୍ରଶ୍ରୟ ଦିଆଯାଇଛି । ସେ ଯାହା ହେଉ, ଆମେ ପୁନର୍ଜନ୍ମ, ଆତ୍ମା – ସବୁଥିରେ ବିଶ୍ୱାସ କରିବା ଆବଶ୍ୟକ ଅଛି କି ନା ? ଯଦିଓ ଏଥିରେ କିଛି ଭୁଲ ଥାଇପାରେ, ତଥାପି ଆମକୁ ସ୍ୱୀକାର କରିବାକୁ ହେବ ଯେ ମନୁଷ୍ୟ ଜାତିର ନୈତିକ ଉନ୍ନତି ନିମନ୍ତେ ଏ ପ୍ରକାର ମତବାଦ ଶ୍ରେୟସ୍କର ।

ଆମ ଦେଶର ପ୍ରାଚୀନ ଐତିହ୍ୟ ଅନ୍ୟ ଦିଗରେ ଯେତେ ଉନ୍ନତ ନୁହେଁ, ଚିନ୍ତା ରାଜ୍ୟରେ ସେହିପରି ଉନ୍ନତ । ପ୍ରସିଦ୍ଧ ସଂସ୍କୃତ ପଣ୍ଡିତ ମାକ୍ସମୁଲାର କହିଥିଲେ "ଭାରତ ପୃଥିବୀକି ବରଂ କୌଣସି ଯୁଦ୍ଧର କିମ୍ବା କୌଣସି ବିରାଟ ଇତିହାସ ସୃଷ୍ଟି କଲା ଭଳି ବ୍ୟାପାର ଦେଇ ନାହିଁ; କିନ୍ତୁ ଭାରତ ଯେତେ ଚିନ୍ତା ଦେଇଛି, ଅନ୍ୟ କୌଣସି ଦେଶ ତାହା ଦେଇପାରି ନାହିଁ ।" ମାକ୍ସମୁଲାରଙ୍କ ଏହି ଉକ୍ତି ଅତି ସତ୍ୟ । ତାଙ୍କ ମତରେ ଆମ ଭାରତରେ ବଡ଼ ବଡ଼ ଯୁଦ୍ଧ ବୋଇଲେ, ରାମାୟଣର ରାମ-ରାବଣ ଯୁଦ୍ଧ ଆଉ ମହାଭାରତର କୌରବ-ପାଣ୍ଡବମାନଙ୍କର ଯୁଦ୍ଧ । ଦେଖିବାକୁ ଗଲେ ଏ ଦୁଇଟି ଯାକ ଅତି ସାମାନ୍ୟ । ଗୋଟିଏ ହେଉଛି ସାମାନ୍ୟ ପାରିବାରିକ ଯୁଦ୍ଧ । ଆଉ ଗୋଟିଏ ହେଉଛି ଅନାର୍ଯ୍ୟମାନଙ୍କର, ଆର୍ଯ୍ୟମାନଙ୍କର ଅନାର୍ଯ୍ୟମାନଙ୍କ ଉପରେ ପ୍ରଭାବ ବିସ୍ତାର । ଏହାକୁ ସେ କିଛି ଅତି ଗୁରୁତର ବିଷୟ ବୋଲି ମନେ କରନ୍ତି । କିନ୍ତୁ ଚିନ୍ତା ରାଜ୍ୟରେ ଭାରତୀୟମାନେ ଯେଉଁ ବିଜୟ ଲାଭ କରିଛନ୍ତି, ତା'ର ଭୂୟୋସୀ ପ୍ରଶଂସା କରିଛନ୍ତି । ଯାହାହେଉ ଆମେ ଏହି ଆତ୍ମା କଥା କହୁଛୁ । ଆମର ଗୀତାରେ କୁହାଯାଇଛି, "ବାସାଂସି ଜୀର୍ଣ୍ଣାନି ଯଥାବିହାୟ ନବାନି ଗୃହଣାତ୍ ନରୋଽପରାଣି / ତଥା ଶରୀରାଣି ବିହାୟ ଜୀର୍ଣ୍ଣାନି ଅନ୍ୟାନି ସଂଯାତି ନବାନି ଦେହୀ ।" ଆମ ଶରୀର ହେଉଛି ଗୋଟିଏ ପୁରୁଣା ଲୁଗା ପରି । ଆମେ ଲୁଗାଟା ଚିରିଗଲେ, ପୁରୁଣା ହୋଇଗଲେ ତାକୁ ଯେପରି ଫିଙ୍ଗି ଦେଉ, ନୂଆ ଲୁଗା ପିନ୍ଧୁ, ସେହିପରି ଦେହୀ ଅର୍ଥାତ୍ ଆତ୍ମା ପ୍ରାଚୀନ ଶରୀରକୁ ତ୍ୟାଗ କରି ନୂତନ ଶରୀରରେ ପ୍ରବେଶ କରେ । ଆମ ଗୀତାକୁ ଅନେକ କୁହନ୍ତି, ଏ ହେଉଛି ହିନ୍ଦୁମାନଙ୍କର ପ୍ରଧାନ ଧର୍ମଶାସ୍ତ୍ର । କିନ୍ତୁ ଗୋଟାଏ କଥା ବିଚାର କଲେ ଦେଖିବାକୁ ହେବ ଯେ ଏ ହିନ୍ଦୁମାନଙ୍କର ଧର୍ମଶାସ୍ତ୍ର ମୋଟେ ନୁହେଁ । ସମଗ୍ର ଗୀତାର ଆମୂଳ ଚୂଳ ଦେଖିଗଲେ ମଧ୍ୟ କୌଣସି ଗୋଟିଏ

Digitized by srujanika@gmail.com

ସ୍ଥାନରେ ହିନ୍ଦୁ ଶବ୍ଦର ବ୍ୟବହାର ନାହିଁ । ଅବଶ୍ୟ ଆର୍ଯ୍ୟ ଓ ଅନାର୍ଯ୍ୟ – ଏହି ଦୁଇଟି ଶବ୍ଦର ବ୍ୟବହାର ଅଛି । ବୋଧହୁଏ ଗ୍ରୀକ୍‌ମାନଙ୍କର ଭାରତ ଆଗମନ ପରେ ହିନ୍ଦୁ ଶବ୍ଦର ଉତ୍ପତ୍ତି । ସେମାନେ ସିନ୍ଧୁ ନଦୀ ପାର ହୋଇଥିଲେ ଏବଂ ସିନ୍ଧୁ ନଦୀକୁ ସେମାନେ ହିନ୍ଦୁ ବୋଲି ଉଚ୍ଚାରଣ କରୁଥିଲେ । ସେହିଥିରୁ ହିନ୍ଦୁ ଶବ୍ଦର ସୃଷ୍ଟି । ସେ ଯାହା ହେଉ । ହିନ୍ଦୁ ଶବ୍ଦର ସୃଷ୍ଟି ଯାହା ହେଉନା କାହିଁକି, ଗୀତାର ରଚନା ବେଳକୁ ହିନ୍ଦୁ ବୋଲି କୌଣସି ଧର୍ମ ନ ଥିଲା । ସେତେବେଳେ ଦୁଇ ଶ୍ରେଣୀର ଲୋକ ଥିଲେ । ଗୋଟିଏ ହେଉଛି ଆର୍ଯ୍ୟ, ଗୋଟିଏ ଅନାର୍ଯ୍ୟ । ପୁଣି ହିନ୍ଦୁମାନଙ୍କର ଧର୍ମରେ ବର୍ତ୍ତମାନର ଯେଉଁ ଜାତିପ୍ରଥା ଅଛି; ପୁଣି ସେ ହେଉଛି ଜନ୍ମଗତ ଜାତିପ୍ରଥା । ଏ ଯେମିତି ପ୍ରଭାବ ବିସ୍ତାର କରିଛି, ସେ ସମୟରେ ସେପରି ନ ଥିଲା । ଅବଶ୍ୟ ଗୀତାରେ ଚାରୋଟି ଜାତିର କଥା ଉଲ୍ଲେଖ ଅଛି । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର । କିନ୍ତୁ ସେହିଥିରେ ଗୀତାରେ ଭଗବାନ କହିଛନ୍ତି, "ଚତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ, ଗୁଣ କର୍ମ ବିଭାଗଶଃ" । ଏହି ଯେଉଁ ଜାତି, ଚାରୋଟି ଜାତି ବୋଲି ସେ କହୁଛନ୍ତି, ଚାରୋଟି ବର୍ଣ୍ଣ; ସେ ବର୍ଣ୍ଣ ପୁଣି ଜନ୍ମଗତ ନ ଥିଲା । ସେ ଥିଲା କର୍ମାଗତ ବା ଗୁଣ ଅନୁସାରେ । ଆମେ ଏହାର ପ୍ରମାଣ ମଧ୍ୟ ପ୍ରାଚୀନ ଗ୍ରନ୍ଥମାନଙ୍କରେ ଯଥେଷ୍ଟ ପାଉ ।

ବିଶ୍ୱାମିତ୍ର କ୍ଷତ୍ରିୟ କୁଳରେ ଜନ୍ମ ହୋଇଥିଲେ । କିନ୍ତୁ ପରେ ସେ ବ୍ରାହ୍ମଣଙ୍କ ଭିତରେ ଶ୍ରେଷ୍ଠ ହୋଇ ବ୍ରହ୍ମର୍ଷି ପର୍ଯ୍ୟନ୍ତ ଯାଇଥିଲେ । ସେହିପରି ଅନ୍ୟ କେତେକ ବ୍ରାହ୍ମଣ ହୋଇଛନ୍ତି, ନିଜର ଗୁଣ ଓ କର୍ମଦ୍ୱାରା । ଏହି ଯେ ଗୁଣ, କର୍ମଦ୍ୱାରା ମନୁଷ୍ୟର ଉନ୍ନତି ବା ଅବନ୍ନତି ହେଉଛି; ଏଇଟା ଆମର ସେ ସମୟରେ ପ୍ରଚଳିତ ଥିଲା । କିନ୍ତୁ କାଳକ୍ରମେ ସେ ଲୋପ ପାଇ ଯାଇଛି । ତେଣୁ ଗୀତାର ଯେଉଁ ଉପଦେଶ ତାହା କୌଣସି ଗୋଟିଏ ଜାତି ପ୍ରତି ଉଦ୍ଦିଷ୍ଟ ନୁହେଁ । ତାହା ହେଉଛି ସମଗ୍ର ମାନବ ଜାତି ପାଇଁ । ଏଇଠି ଆମେ ଗୋଟିଏ କଥା ମନେ ରଖିବା । ତାହା ହେଉଛି ଗୀତାର ଯେ ପ୍ରଥମ ଅଧ୍ୟାୟ, "ଅର୍ଜ୍ଜୁନ ବିଷାଦ ଯୋଗ"; ସେ କେବଳ ଗୋଟିଏ ହେଉଛି ଖାପ ଖାଇବା ପାଇଁ ଉପାୟ । ପ୍ରକୃତରେ ଉପଦେଶ ରହିଛି ଅର୍ଜ୍ଜୁନଙ୍କୁ । ଶ୍ରୀକୃଷ୍ଣ ଜୀବନ ସମ୍ବନ୍ଧରେ ଉପଦେଶ ଦେଇଛନ୍ତି । ସେହି ଉପଦେଶକୁ ମହାଭାରତରେ କେବଳ ଖଞ୍ଜିବା ପାଇଁ ଏ ଉପାୟ କରାଯାଇଛି । ସେହି ଦୃଷ୍ଟିରୁ ଦେଖିବାକୁ ଗଲେ ଆମେ ନିଶ୍ଚୟ ସ୍ୱୀକାର କରିବା ଯେ ଏ ଯେଉଁ ଉପଦେଶ ସେ କୌଣସି ହିନ୍ଦୁ ଧର୍ମ ପ୍ରତି ବା

Digitized by srujanika@gmail.com

ଅନ୍ୟ କୌଣସି ଧର୍ମ ପ୍ରତି ନୁହେଁ । ଏହା ହେଉଛି ସମଗ୍ର ମାନବ ଜାତି ପାଇଁ । ପ୍ରକୃତରେ ସେଥିରେ ଯେଉଁ ସବୁ ଉପଦେଶ ଶ୍ରୀକୃଷ୍ଣଙ୍କ ମୁଖରେ ଦିଆଯାଇଛି, ସେଗୁଡ଼ିକ କୌଣସି ବ୍ୟକ୍ତି ବିଶେଷ ବା କୌଣସି ବିଶିଷ୍ଟ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ନୁହେଁ । ଆଉ ଅର୍ଜୁନ କମ ଶିଷ୍ୟ ନୁହନ୍ତି; ଆଉ ଗୁରୁ ମଧ ଭଗବାନ ଶ୍ରୀକୃଷ୍ଣ – ସେ ମଧ ସେହିପରି ଗୁରୁ । ଏହିପରି ଯେପରି ଗୁରୁ, ସେହିପରି ଶିଷ୍ୟ । ଏହି ଦୁହିଁଙ୍କର କଥୋପକଥନକୁ ତାହାରି ଭିତରେ ପୂରାଇ ମାନବ ଜାତିକୁ ଶିକ୍ଷା ଦେବାକୁ ଚେଷ୍ଟା କରାଯାଇଛି । ଏହି ଅବସ୍ଥାରେ ଆମେ ଭାବିବା ଯେ ଅର୍ଜୁନଙ୍କୁ ସେ କ'ଣ କହିଲେ ଏବଂ ସେଥିରେ ସେ ପ୍ରଥମେ କାହିଁକି ନାହିଁ କଲେ ? ଅର୍ଜୁନ ନିଜ ଭାଇ, ବନ୍ଧୁ, କୁଟୁମ୍ବଙ୍କୁ ଯୁଦ୍ଧ ଭୂମିରେ ଶତ୍ରୁ ଭାବରେ ଦେଖିକରି ଧନୁଶର ଫିଙ୍ଗି ଦେଇ; ଗାଣ୍ଡିବୀକୁ ଫିଙ୍ଗିଦେଇକି କହିଲେ, "ମୁଁ, ଯେଉଁ ସକାସେ ଲୋକେ ଯୁଦ୍ଧ କରନ୍ତି, ସେହିମାନଙ୍କୁ ମାରିକି ମୁଁ ରାଜ୍ୟ ଭୋଗ କରିବାକୁ ଇଚ୍ଛା କରିବି ? ଏହା ହୋଇପାରେନା ।" ସେଇଠୁ ଭଗବାନ ଶ୍ରୀକୃଷ୍ଣ ବୁଝାଇବାକୁ ଯାଇଛନ୍ତି । କିଏ କାହାକୁ ମାରୁଛି ? ସେଥିପାଇଁ ସେ ସାଂଖ୍ୟଯୋଗ, କର୍ମଯୋଗ ଇତ୍ୟାଦି ନାନା ଯୋଗର ଅବତାରଣା କରିଛନ୍ତି । ସେଥିରେ ମଧ ଅର୍ଜୁନ ସନ୍ତୁଷ୍ଟ ହୋଇପାରି ନାହାନ୍ତି । ସେ କହିଛନ୍ତି, ତୁମେ କେତେବେଳେ ସାଂଖ୍ୟଯୋଗ ବା ଈଶ୍ୱର ଜ୍ଞାନ ବା ତତ୍ତ୍ୱ – ଏହାର ପ୍ରଶଂସା କରୁଛ, କେତେବେଳେ କର୍ମଯୋଗର ପ୍ରଶଂସା କରୁଛ, କେତେବେଳେ ଧ୍ୟାନ ଯୋଗ ଇତ୍ୟାଦିର ପ୍ରଶଂସା କରୁଛ । ମୁଁ ଏଥିରୁ କିଛି ବୁଝିପାରୁ ନାହିଁ । କ'ଣ ଗୋଟାଏ ମୋତେ ବୁଝାଇ ଦିଅ, ଯାହାକୁ ମୁଁ ମୋର କର୍ତ୍ତବ୍ୟ ବୋଲି ଜାଣିବି । ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ କହୁଛନ୍ତି, "ମୁଁ ଯାହା କହିଲି, ସେଗୁଡ଼ିକ ସବୁ ସତ୍ୟ । କିନ୍ତୁ ସବୁଯାକ ଯେ ତୁମେ ଏକାଧାରରେ ପାଳନ କରିବ, ମୁଁ ତାହା କହୁ ନାହିଁ । ତୁମେ ତୁମର ନିଜ ବୁଦ୍ଧି ଖର୍ଚ୍ଚ କରିକି ତାହା କର । କ'ଣ ନା – ତୁମର ଧର୍ମକୁ ଆଚରଣ କର । ଏହି ଗୋଟିଏ ଶବ୍ଦ ସେ କହିଲେ । ଶେଷରେ ସେ କହିଥିଲେ, "ଶ୍ରେୟାନ ସ୍ୱଧର୍ମୋବିଗୁଣଃ ପରଦର୍ମାତ୍ ସ୍ୱନୁଷ୍ଠିତାତ୍ / ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।" ଏହି ଯେ ଧର୍ମ ଶବ୍ଦଟି ବ୍ୟବହାର କରିଛନ୍ତି, ତାହା କଦାପି ହିନ୍ଦୁ ଧର୍ମ କି ଇସଲାମ ଧର୍ମ ବା ଖ୍ରୀଷ୍ଟଧର୍ମ ଇତ୍ୟାଦି କି ଲକ୍ଷ୍ୟ କରାଯାଇ ନାହିଁ । ଧର୍ମ କହିଲେ ଏହାକୁ କର୍ତ୍ତବ୍ୟ ବୋଲି ଲକ୍ଷ୍ୟ ରଖିଛନ୍ତି । ଏହାକୁ ଆପଣ ଲକ୍ଷ୍ୟ କରିଥିବେ, ପରବର୍ତ୍ତୀ କାଳରେ ଗୀତାର ଟୀକାକାରମାନେ ଏହି ଧର୍ମ ଶବ୍ଦକୁ ଭିନ୍ନ

Digitized by srujanika@gmail.com

ଭିନ୍ନ ପ୍ରକାରରେ ବ୍ୟାଖ୍ୟା କରି ତାହାର ଇଣ୍ଟରପ୍ରିଟେସନ ଦେଇ ତାକୁ ନିଜ ମତର ଅନୁଗାମୀ କରାଇବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ପୃଥିବୀର ବଡ଼ ବଡ଼ ଦାର୍ଶନିକ ଏବଂ ଜ୍ଞାନୀ ଲୋକେ ଧର୍ମକୁ ଏଠି କହିଛନ୍ତି କ'ଣ ନା, ଏହା ତୁମର ଜନ୍ମଗତ କର୍ତ୍ତବ୍ୟ ।

ଆନି ବେସାନ୍ତ ତାଙ୍କର ଅନୁବାଦରେ କହିଛନ୍ତି, "Better death in the discharge of one's own duty; the duty of another is dangerous." ଏହିପରି ଯେଉଁ କର୍ତ୍ତବ୍ୟକୁ ଧର୍ମ ବୋଲି କୁହାଯାଇଛି, ସେ ଧର୍ମର ସ୍ୱରୂପ କିପରି ? ବା କର୍ତ୍ତବ୍ୟ କ'ଣ ? ଆମେ ଜୀବନ କାଳ ମଧ୍ୟରେ ଅନେକ କ୍ଷେତ୍ରରେ କର୍ତ୍ତବ୍ୟ ବିରୋଧର ସମ୍ମୁଖୀନ ହୋଇଥାଉ । ଯାହାକୁ ଗୋଟିଏ ଦୃଷ୍ଟିରୁ କର୍ତ୍ତବ୍ୟ ବୋଲି କହିବା । ଅନ୍ୟ ଦୃଷ୍ଟିରେ ତାହା ଅକର୍ତ୍ତବ୍ୟ ହୋଇପାରେ । ଏହିପରି ଦେଖିବାକୁ ଗଲେ ଆମେ କର୍ତ୍ତବ୍ୟ ଶବ୍ଦର ବ୍ୟାଖ୍ୟାଟାକୁ ପୁଣି ବା ଦର୍ମ ଶବ୍ଦର ବ୍ୟାଖ୍ୟାଟାକୁ ବୁଝିବା ଦରକାର । ଧର୍ମ କ'ଣ ? ବା କର୍ତ୍ତବ୍ୟ କ'ଣ ? ଧର୍ମକୁ ଯଦି ଆମେ କର୍ତ୍ତବ୍ୟ ବୋଲି କହିବା, ତା'ହେଲେ ସେ ଧର୍ମଟା କର୍ତ୍ତବ୍ୟ କି ? ଏହାର ଉଦାହରଣ ଆମେ ପୁରାତନ ଗ୍ରନ୍ଥମାନଙ୍କରେ ଦେଖିବାକୁ ପାଇବା । ଏ ସମ୍ପର୍କରେ କାଳିଦାସଙ୍କ ରଘୁବଂଶର ଗୋଟିଏ କଥା ମନେପଡୁଛି । ଦିଲ୍ଲୀପ ଅପୁତ୍ରିକ ଥିଲେ । ସେଥିପାଇଁ ସେ କିପରି ସନ୍ତାନ ପାଇ ପାରିବେ, କାହିଁକି ପାଇ ପାରୁ ନାହାନ୍ତି; ସେ ବିଷୟରେ ତାଙ୍କ ଗୁରୁ ବଶିଷ୍ଠଙ୍କୁ ପ୍ରଶ୍ନ କଲେ । ବଶିଷ୍ଠ ଧ୍ୟାନଦ୍ୱାରା ଜାଣିପାରିଲେ ଯେ ଥରେ ଦିଲ୍ଲୀପ ସ୍ୱର୍ଗର ଇନ୍ଦ୍ରସଭାରୁ ଫେରୁଥିବା ବେଳେ ଦେବଗାଭୀ ଶୋଇ ପଡ଼ିଥିଲେ । ତାଙ୍କୁ ସେ ଉପଯୁକ୍ତ ସମ୍ମାନ ନ ଦେଇ ଚାଲିଆସିବା ହେତୁରୁ ସେ ଅପୁତ୍ରିକ ହୋଇଛନ୍ତି । ସେ କହିଛନ୍ତି ଯେ, "ପୂଜ୍ୟପୂଜାୟା ବ୍ୟତିକ୍ରମୋତିକ୍ରମଣଂ ଶ୍ରେୟଃ ପ୍ରତିବନ୍ଧାତି ।" ତେଣୁ ପୂଜ୍ୟ ଲୋକଙ୍କୁ ଯଦି ସମ୍ମାନ ନ ଦିଆଯାଏ, ତେବେ ମଙ୍ଗଳ ହୁଏ ନାହିଁ । ତେଣୁ ତାହାର ପ୍ରତିକାର ସ୍ୱରୂପ ସେ ଆସିଛନ୍ତି ନନ୍ଦିନୀଙ୍କ ସେବା କରିବା ପାଇଁ । ନନ୍ଦିନୀ ହେଉଛନ୍ତି ଦେବଗାଭୀଙ୍କ କନ୍ୟା । ସେ ଥିଲେ ବଶିଷ୍ଠଙ୍କ ଆଶ୍ରମରେ । ସେଠାରେ ରାଜା ଦିଲ୍ଲୀପ ପ୍ରତିଦିନ ନନ୍ଦିନୀଙ୍କୁ ବନ ମଧ୍ୟକୁ ନେଇ କୋମଳ କୋମଳ ଭୋଜନ ଚରିବାକୁ ସୁଯୋଗ ଦିଅନ୍ତି । ରାଣୀ ସୁଦେଷ୍ଣା ମଧ୍ୟ ତାଙ୍କର ସେବା କରିବାରେ ତ୍ରୁଟି କରନ୍ତି ନାହିଁ । ତାଙ୍କ ମଳ, ମୂତ୍ର ପରିଷ୍କାର କରିବା, ତାଙ୍କ ଦେହରୁ ପୋକ ଝାଡ଼ିବା ଇତ୍ୟାଦି ସବୁ କାର୍ଯ୍ୟ କରନ୍ତି । ଏହିଠାରେ କର୍ତ୍ତବ୍ୟ କ'ଣ, ତାହା ଶିକ୍ଷା ଦିଆ ହୋଇଛି ।

Digitized by srujanika@gmail.com

ଦିନେ ରାଜା ନନ୍ଦିନୀଙ୍କୁ ହିମାଳୟର ପାଦଦେଶରେ ଥିବା ବନରେ ଚରିବାକୁ ଛାଡ଼ି ଦେଇଛନ୍ତି । ଏହି ସମୟରେ ହଠାତ୍ ଗୋଟିଏ ସିଂହ ଆସି ନନ୍ଦିନୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୋଇଛି । ସେ ତତ୍‌କ୍ଷଣାତ୍ ଧନୁଶର ପ୍ରୟୋଗ କରି ସିଂହକୁ ମାରିବାକୁ ଉଦ୍ୟତ ହୋଇଛନ୍ତି । କିନ୍ତୁ ତାଙ୍କର ହତ ଚଳିଲା ନାହିଁ । ହାତରୁ ଧନୁଶର ଖସିପଡ଼ିଲା । ସେତେବେଳେ ସେ ସିଂହ ହସି ହସି କହିଲା, "ମର୍ଯନୁଷ୍ୟବାଚା...ନିଜଗାଦ ସିଂହଃ" ତୁମେ ମତେ ଭାବିଛ କ'ଣ ମାରିବ ? ମୁଁ ସ୍ୱୟଂ ପାର୍ବତୀଙ୍କ ବାହାନ । ମତେ ଭଗବାନ ଆଣି ଏଠି ରଖିଛନ୍ତି । ମୁଁ ଜଙ୍ଗଲକୁ ଜଗିଚି । ମୋର କର୍ତ୍ତବ୍ୟ ହେଉଛି ଏ ଜଙ୍ଗଲକୁ ଜଗିବି । ଆଉ ଏଠିକି ଯେଉଁ ଜୀବ ଆସିବ, ତାକୁ ଖାଇବି । ସେତେବେଳେ ସେ କହିଲେ, "ଦେଖ ! ମୁଁ ଯେତେବେଳେ ମୋର ଶକ୍ତିଦ୍ୱାରା ତୁମକୁ ପରାସ୍ତ କରିବାକୁ ଚାହିଁ ଦେଖୁଛି ମୋର ଶକ୍ତି ନାହିଁ, ସେତେବେଳେ ଅନ୍ୟ ଗୋଟିଏ ଉପାୟ ଦେଖୁଛି । ତାହା ହେଉଛି, ତୁମେ ମତେ ଖାଇ ନନ୍ଦିନୀକୁ ଛାଡ଼ି ଦିଅ । ସେତେବେଳେ ସିଂହ ହସି ହସି କହିଲା, "ମୁଁ ଦେଖୁଛି, ରାଜା ଦିଲ୍ଲୀପ ! ତୁମର ବୁଦ୍ଧି କମ୍ । କାରଣ ତୁମେ ହେଉଛ ବିରାଟ ଦେଶର ରାଜା ।" "ଏକାତପତ୍ରଂ ଜଗତଃ ପ୍ରଭୁତ୍ୱଂ ନବଂ ବୟଃ କାନ୍ତମିଦଂ ବପୁଷ୍ଟ / ଅଳ୍ପସ୍ୟ ହେତୋର୍ବହୁ ହାତୁ ମିଚ୍ଛନ ବିଚାରମୂଢ଼ଃ ପ୍ରତିଭାସି ମେ ତ୍ୱମଂ" । କେତେ ସୁନ୍ଦର ଯୁକ୍ତିଯୁକ୍ତ କଥା କହୁଛ । ଏତେ ବଡ଼ ରାଜ୍ୟର ରାଜା ହୋଇଛ । କିନ୍ତୁ ମୁଁ ଦେଖୁଛି ତୁମର ବୁଦ୍ଧି ଅଳ୍ପ । ତୁମେ ନିତାନ୍ତ ନିର୍ବୋଧ । କାହିଁକି ତୁମେ ସାମାନ୍ୟ ଲାଭ ପାଇଁ ବିରାଟ ତ୍ୟାଗ କରିବାକୁ ଯାଉଛ ? ସେତେବେଳେ ତାହାର ଉତ୍ତରରେ ଦିଲ୍ଲୀପ କହିଥିଲେ, "ମୁଁ ସେ କଥା ଜାଣେନା, ମୁଁ ନିଜକୁ ତୁମ ନିକଟରେ ଅର୍ପଣ କରିଦେଲେ ଜଗତର କ'ଣ କ୍ଷତି ହେବ ? ମୋର ରାଜ୍ୟର କ'ଣ କ୍ଷତି ହେବ ? ସେ କଥା ମୁଁ ଚିନ୍ତା କରୁନି । ମୁଁ ମୋର କର୍ତ୍ତବ୍ୟ ପାଳନ କରୁଛି । କିପରି ? "କ୍ଷତାତ୍ କିଲ ତ୍ରାୟତ ଇତ୍ୟୁଦଗ୍ରଃ / କ୍ଷତ୍ରସ୍ୟ ଶବ୍ଦୋ ଭୁବନେଷୁରୂଢ଼ଃ" । ମୁଁ ହେଉଛି କ୍ଷତ୍ରିୟ । କ୍ଷତ୍ରିୟର କର୍ତ୍ତବ୍ୟ ହେଉଛି ଆର୍ତ୍ତକୁ ତ୍ରାଣ କରିବା । ମୁଁ ସେହି କର୍ମ କରିବାକୁ ଯାଉଛି । ତାହାଦ୍ୱାରା ମୁଁ ମରିଗଲେ କ'ଣ ହେବ ବା କେତେଜଣ କ୍ଷତିରେ ପଡ଼ିବେ ବା କେତେଜଣ ଲାଭରେ ପଡ଼ିବେ, ସେ କଥା ମୁଁ ଚିନ୍ତା କରୁନି ।" ଏହା ହେଲା କର୍ତ୍ତବ୍ୟ ଜ୍ଞାନ । ଏହି ପ୍ରକାର କର୍ତ୍ତବ୍ୟକୁ ଗୀତାରେ ଲକ୍ଷ୍ୟ କରି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, "ତୁମେ ତୁମର ଧର୍ମ ପାଳନ କର ।" "ସ୍ୱଧର୍ମେ ନିଧନଂ ଶ୍ରେୟ ।" ନିଜର କର୍ତ୍ତବ୍ୟ ପାଳନ କରୁ କରୁ ମରିଗଲେ ମଧ୍ୟ ତାହା ମଙ୍ଗଳକର ।

Digitized by srujanika@gmail.com

ମହାତ୍ମାଗାନ୍ଧୀ ମଧ୍ୟ ଗୀତାକୁ କର୍ମଯୋଗ ବୋଲି କହିଛନ୍ତି । ଏହି ଯେ କର୍ମଯୋଗ ବା କର୍ତ୍ତବ୍ୟ ପାଳନ – ସେଇଟା କିପରି ସେ ବିଷୟରେ ଗାନ୍ଧୀଙ୍କର ମତଟା ଅତି ମନୋହର । ଯେତେବେଳେ ସେ ବିଲାତ ଯାଇଥିଲେ, ରାଉଣ୍ଡ ଟେବୁଲ କନଫରେନ୍‌ସରେ ଯୋଗ ଦେବାକୁ ସେତେବେଳେ ସେ ବର୍ମିଙ୍ଗହାମ ଷ୍ଟ୍ରିଟରେ ଗୋଟିଏ ବକ୍ତୃତା ଦେଇଥିଲେ । କେତେକ ତାଙ୍କୁ ପଚାରିଥିଲେ, "ଈଶ୍ୱରଙ୍କ ବିଷୟରେ ତୁମର ମତ କ'ଣ ?" ତେଣୁ ସେ କେବଳ ସେଠାରେ ସେହି ଈଶ୍ୱରଙ୍କ ବିଷୟରେ କହିଛନ୍ତି । ସେଠି ସେ ରାଜନୀତି କଥା, ଭାରତରେ ଇଂରେଜ-ଭାରତୀୟଙ୍କ ସମ୍ପର୍କ କଥା ବା କିପରି ଭାରତ ସ୍ୱାଧୀନତା ପାଇବ; ସେ ବିଷୟରେ ସେ କିଛି କହି ନାହାନ୍ତି । ସେଠି ସେ କେତୋଟି ବାକ୍ୟ କହିଛନ୍ତି, ଯାହାକି ଅତି ଚମତ୍କାର । ସେ କହିଛନ୍ତି ଯେ, "ସଂସାରରେ ଆମେ ଦେଖୁ, ପୃଥିବୀ ଗୋଟିଏ ନିୟମରେ ପରିଚାଳିତ । ଏ ନିୟମକୁ ଯିଏ ପରିଚାଳନା କରୁଛି ସେ ନିଶ୍ଚୟ କୌଣସି ଗୋଟାଏ ଶକ୍ତି । ସେହି ଯେଉଁ ପରିଚାଳକ ଶକ୍ତି, ସେ ହିଁ ହେଉଛନ୍ତି ଈଶ୍ୱର । ତାଙ୍କୁ ଆମେ ଦେଖୁନୁ । ତାଙ୍କୁ ଆମେ କୌଣସି ଇନ୍ଦ୍ରିୟଦ୍ୱାରା ଉପଲବ୍ଧ କରିନୁ କିମ୍ବା କରିବାର କିଛି ସମ୍ଭାବନା ନାହିଁ । ତଥାପି ମୁଁ କହିବି ଗୋଟାଏ ବିରାଟ ଶକ୍ତି ଅଛି, ଯାହାକି ସଂସାରକୁ ଚଳାଉଛି । ସେହି ଶକ୍ତି ବଳରେ ବର୍ତ୍ତମାନ ସଂସାର ପରିଚାଳିତ । ସେହି ଶକ୍ତି ହେଉଛନ୍ତି ମୋ ପକ୍ଷରେ ଈଶ୍ୱର । ସେ କହିଛନ୍ତି, "In the midst of darkness, there is light. In the midst of controversy, there is a truth." ଏହିପରି ଭାବରେ ସେ କହିଛନ୍ତି, "ଆମେ ସଂସାରରେ ପାପ ଦେଖୁଛୁ । ପାପ ଥିଲେ ସୁଦ୍ଧା ପୁଣ୍ୟ ଅଛି । ପୁଣ୍ୟ ନ ଥିଲେ ସଂସାର ଚଳିପାରେନା ।" ଦୁଃଖର କଥା, ସେ ରେକର୍ଡ଼ଟି ବୋଧହୁଏ କଲମ୍ବିଆ କମ୍ପାନୀ ପ୍ରକାଶ କରିଥିଲା । ସେ ରେକର୍ଡ଼ଟି ମୁଁ ଆଉ ଶୁଣିବାକୁ ପାଉ ନାହିଁ । ତାହାରି ଭିତରେ ମହାତ୍ମା ଗାନ୍ଧୀ କହିଥିଲେ ଯେ, "Man has no self organ by which he can prove the existance of God, where there is no such posibility. It is better to believe for faith transcendent reason." ମନୁଷ୍ୟର ବିଶ୍ୱାସରେ ଯୁକ୍ତି ତର୍କ ଆଦିର ସ୍ଥାନ ଅତି ନିମ୍ନରେ । ଯେଉଁ କଥା ପଦକ ବଡ଼ ସ୍ଥୁଳ ଭାବରେ ସେ କହିଛନ୍ତି, ସେଠାରେ ମଧ୍ୟ ତାଙ୍କର ମତ ହେଉଛି କର୍ମଯୋଗ । ତୁମେ ଯାହା କର୍ତ୍ତବ୍ୟ ବୋଲି ମନେ କରୁଛ ତାହାକୁ ପାଳନ କର ।

Digitized by srujanika@gmail.com

ଆଉ ଗୀତାର ଏତେ କଥା ପରେ ସବା ଶେଷକୁ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ଅର୍ଜ୍ଜୁନଙ୍କୁ ବୁଝାଇ ପାରି ନାହାନ୍ତି; ସେତେବେଳେ ସେ କହିଛନ୍ତି, "ତୁମେ ଭୁଲ ବୁଝୁଛ । ତୁମେ କହୁଛ ତୁମେ ମାରିବ, ତୁମକୁ କିଏ ମାରିବ – ଏସବୁ ଭୁଲ ଧାରଣା ।.କାରଣ ତୁମେ କିଛି କରୁନ ।´ସେ ସବୁ ମୁଁ କରୁଛି । ତମଦ୍ୱାରା କରାଉଛି । ତେଣୁ ତୁମେ ନିଜର ମମତ୍ୱବୋଧ ବା ମମତ୍ୱ ଅଭିମାନ, ସେଇଟାକୁ ଛାଡ଼ିନ ବୋଲି ଏପରି ଭାବୁଛ । ସେଇଠି ଅର୍ଜୁନ ଭାବୁଛନ୍ତି, ଏ କ'ଣ କହୁଛନ୍ତି ? ସବାଶେଷକୁ ଅର୍ଜ୍ଜୁନ ମଧ ଏଡ଼େ ସେ କଠୋର ଶିଷ୍ୟ! ଯେପରି କଠୋର ଗୁରୁ; ସେପରି କଠୋର ଶିଷ୍ୟ । ତାଙ୍କୁ ସେ କୌଣସି ମତେ ବୁଝାଇ ନ ପାରି ଶେଷରେ ସେ କହିଲେ, "ତୁମେ ଭାବୁଛ, ମୁଁ ମାରିବି । ମୋର ପୁଅ, ଭାଇ, ବନ୍ଧୁ, ଏମାନଙ୍କୁ ମାରିବି କିପରି ? ଏପରି ଗୁଡ଼ାଏ ଧାରଣା କରୁଛ । ତୁମେ କିଛି କରୁନ । ସବୁ ମୁଁ କରାଉଛି । ତୁମେ କେବଳ 'ନିମିତ୍ତ ମାତ୍ରଂ ଭବ ଶବ୍ୟସାଚୀମ୍', ତୁମେ ନିମିତ୍ତ ମାତ୍ର । ତାଙ୍କୁ ପୁଣି ବିଶ୍ୱାସ ଜନ୍ମାଇବା ପାଇଁ ଭଗବାନଙ୍କୁ ବିଶ୍ୱ ରୂପ ଦର୍ଶାଇବାକୁ ପଡ଼ିଥିଲା । ଏଇ ହେଲା ଗୀତାର ସାରତତ୍ତ୍ୱ । ଅର୍ଥାତ୍ ମମତାକୁ ତ୍ୟାଗ କରି ନିଜର କର୍ତ୍ତବ୍ୟକୁ ପାଳନ କରିବାକୁ ହେବ । 'ମୁଁ କରୁଛି' ଏପରିକି ଭାବ ନ ରଖିଲେ ହେଲା । ଏ ସମ୍ପର୍କରେ ଗୋଟିଏ ଉପନିଷଦର ଗଳ୍ପ ମନେପଡ଼େ । ଯେତେବେଳେ ଦେବତାମାନେ ଅସୁରମାନଙ୍କ ଉପରେ ବିଜୟ ଲାଭ କଲେ, ସେତେବେଳେ ଦେବତାମାନଙ୍କ ଭିତରେ ବାଦାନୁବାଦ ଚାଲିଲା । "କାହା ବଳରେ ଆମେ ଜୟ ଲାଭ କଲୁ ?" ସେତେବେଳେ ପବନ କହିଲେ, "ମୁଁ ବଡ଼", ବରୁଣ କହିଲେ, "ମୁଁ ବଡ଼" ତ ଅଗ୍ନି କହିଲେ, "ମୁଁ ବଡ଼" । ଏହିପରି ଚାଲିଲା । ଏହି ସମୟରେ ଯକ୍ଷ ମୂର୍ତ୍ତି ଦେଖାଦେଲା । ଅଗ୍ନି ଯାଇକି ତାଙ୍କୁ ପଚାରିଲେ, "ତୁମେ କିଏ ସେ ?" ସେ କହିଲେ, "ତୁମେ ଏଠିକି ଆସିଛ । ତୁମେ କିଏ କହିଲ ?"

– ମୁଁ? ମୁଁ ହେଉଛି ଅଗ୍ନି । ମୁଁ ଚାହିଁଲେ ମୁହୂର୍ତ୍ତକେ ସବୁ ପୋଡ଼ି ଭସ୍ମ କରିଦେବି ।" ସେ କହିଲେ, – "ଏଇ ଯେଉଁ କୁଟା ପଡ଼ିଛି, ତାକୁ ପୋଡ଼ି ଭସ୍ମ କଲ ।" ଅଗ୍ନି ତାଙ୍କର ସବୁ ଶକ୍ତି ପ୍ରୟୋଗ କଲେ । କିନ୍ତୁ ସେ କୁଟା ଖଣ୍ଡକ ପୋଡ଼ି ପାରିଲେ ନାହିଁ । ସେ ଅପମାନିତ ହୋଇ ପଳାଇ ଆସିଲେ । ତା'ପରେ ବରୁଣ ଗଲେ । ବରୁଣ ଯାଇ ପହଞ୍ଚି ନିଜର ପ୍ରଭୁତ୍ୱ ବିସ୍ତାର କଲା ବେଳକୁ ସେ ପଚାରିଲେ, "ତୁମେ କ'ଣ କରିପାର ?"

Digitized by srujanika@gmail.com

– "ମୁଁ ମୁହୂର୍ତ୍ତକେ ସମଗ୍ର ପୃଥିବୀକୁ ଭସାଇ ଦେଇ ପାରିବି ।"

ସେ କହିଲେ, – "ଆଚ୍ଛା ! ଏଇ କୁଟା ଖଣ୍ଡକ ଭସାଇ ଦେଲ ।" ସେ କୁଟା ଖଣ୍ଡକ ଭସାଇ ପାରିଲେ ନାହିଁ । ସେହିପରି ବାୟୁ ମଧ ଗଲେ । ସେ କୁଟା ଘଖଣ୍ଡକ ଅଧ ଅଙ୍ଗୁଳି ମଧ ଘୁଞ୍ଚାଇ ପାରିଲେ ନାହିଁ । ଶେଷରେ ଇନ୍ଦ୍ର ଯାଇ ପହଞ୍ଚିଲେ । ସେ ଦେଖିଲେ ସେଠି ଅଛନ୍ତି ଶକ୍ତି । ଶକ୍ତି ରୂପିଣୀ, ଦେବୀ । ସେ ବୁଝାଇ କହିଲେ, "ତୁମେ ଭଲ କହୁଛ । ତୁମେ ମନେ କରୁଛ ମୁଁ ଯୁଦ୍ଧ କରି ଅସୁରମାନଙ୍କୁ ପରାସ୍ତ କରିଛି । ସେ କହୁଛନ୍ତି, ମୁଁ ଅସୁରମାନଙ୍କୁ ପରାସ୍ତ କରିଛି । ତୁମେ କେହି କିଛି କରିନ । ମୁଁ ଶକ୍ତି ରୂପରେ ତୁମଠାରେ ରହି ସବୁ କରାଇଛି । ସେହିପରି ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ସବାଶେଷରେ ଦେଖାଇଲେ, "ତୁମେ ଦେଖ । ମୋଠାରେ ସମଗ୍ର ବିଶ୍ୱ ଅଛି । ଏଇ ଯେଉଁ "ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ଲୋମକୂପେ ବିରାଜଇ"; ସେ ଯେଉଁ ଲୋମକୂପରେ ବ୍ରହ୍ମାଣ୍ଡ ରହିଛି, ତାହାକୁ ଅର୍ଜୁନଙ୍କୁ ପ୍ରତ୍ୟକ୍ଷ ଦେଖାଇ ଦେବାରୁ ତାଙ୍କର ବିଶ୍ୱାସ ଆସିଛି । ତାହା ନ ହେଲେ ସେ ଅର୍ଜୁନଙ୍କୁ ବୁଝାଇ ପାରି ନ ଥାନ୍ତେ ବା ଅର୍ଜୁନଙ୍କ ବିଶ୍ୱାସ ଆସି ନ ଥାନ୍ତା ।

ଏହି ଯେଉଁ ଆମ ଧର୍ମର ଗୋଟାଏଏ ରୂପ, ସେଇଟା କମ୍ କଥା ନୁହେଁ । ଆଉ କୌଣସି ପ୍ରକାରର ଅନ୍ଧାନୁକରଣ ଯେ ସେ ଅମୁକ କରୁଛି, ମୁଁ କରିବି– ଏ ପ୍ରକାର ଉପଦେଶ ଗୀତାରେ ନାହିଁ । ଗୀତାରେ ସବୁଠାରେ କୁହାଯାଇଛି ବିବେକ ଉପରେ ନିର୍ଭର କରି ନିଜର କର୍ତ୍ତବ୍ୟ ସ୍ଥିର କର । ଆଉ ସେହି କର୍ତ୍ତବ୍ୟ ପାଳନ କରିବାକୁ ଯାଇ ନିଜ ପ୍ରାଣ ଦିଅ । ଏହା ହେଲା ଆମର ସ୍ୱଧର୍ମର ଉପଦେଶ ।

ଏହି ପ୍ରକାରରେ ଯେଉଁ କର୍ତ୍ତବ୍ୟ, ସେହି କର୍ତ୍ତବ୍ୟ ଦୃଷ୍ଟିରୁ ନିଜେ ନିଜକୁ ଦେଖିବା ଦରକାର । ମୁଁ ପୃଥବୀକୁ ଆସିଛି । ମୋର କର୍ତ୍ତବ୍ୟ ଯାହା, ତାହା ମୁଁ କେତେ ଦୂର ପାଳନ କରିଛି; ସେଇଟା ହିଁ ହେଉଛି ବଡ଼ କଥା । ଯଦି ମୁଁ: ନିଜର କର୍ତ୍ତବ୍ୟରେ ହେଲା କରିଛି, ତାହାହେଲେ ମୁଁ ଈଶ୍ୱରଙ୍କ ନିକଟରେ ଦ୍ରୋହୀ । ଈଶ୍ୱର ମତେ ଯେଉଁ ଶକ୍ତି ଦେଇ ବା ଯେଉଁ ଉଦ୍ଦେଶ୍ୟରେ ମତେ ଏହି ପୃଥିବୀକୁ ପଠାଇଥିଲେ, ତାହା ମୁଁ କରିପାରିଲି ନାହିଁ । ତେଣୁ ମୁଁ ଏଠି ଦୋଷୀ ବୋଲି ନିଜକୁ ସ୍ୱୀକାର କରିବାକୁ ବାଧ ହେଲି ।

■■■

Digitized by srujanika@gmail.com

ଶାନ୍ତି ପାଠ

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଶାନ୍ତି ବଚନ

ହେ ପରଂବ୍ରହ୍ମ ନାରାୟଣ । ଏ ବିଶ୍ୱେ ତୁହି ପୂର୍ଣ୍ଣ ଜାଣ ॥
କାର୍ଯ୍ୟବ୍ରହ୍ମ ହିଂ ପୂର୍ଣ୍ଣ ପୁଣ । ପୂର୍ଣ୍ଣରୁ ପୂର୍ଣ୍ଣର ଜନମ ।
ପ୍ରଳୟ କାଳେ ପରବ୍ରହ୍ମ । କାର୍ଯ୍ୟ ବ୍ରହ୍ମର ପୂର୍ଣ୍ଣ ନାଶ ॥
ଗ୍ରହଣ କରି ରହେ ପୂର୍ଣ୍ଣ । ମୋହର ପରବ୍ରହ୍ମ ଲୀନ ॥
ଆଧିଭୌତିକ ଆଧ୍ୟାତ୍ମିକ । ଆଉରି ଯେ ଆଧିଦୈବିକ ।
ଏ ଯେତେ ତ୍ରିତାପ ଜାଣି । ଲଭନ୍ତୁ ସେ ସକଳେ ଶାନ୍ତି ॥

କଟକ

ଭାଷା ପ୍ରକାଶନ

Digitized by srujanika@gmail.com